

◀◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 44 ♦ISSUE-127 ♦SUNDAY ♦1 NOVEMBER 2026 ♦PAGE-12 ♦₹ 7.00 | BHUBANESWAR | ♦ବର୍ଷ-୪୪ ♦ସଂଖ୍ୟା-୧୨୭ ♦ରବିବାର ♦୧ ନଭେମ୍ବର ୨୦୨୬ ♦ପୃଷ୍ଠା-୧୨+୪(ସିନ୍ଦୂରା) ♦ଟ.୭.୦୦





ଚରମ ଅବହେଳା

ବିପର୍ଯ୍ୟୟ ପାଇଁ ଦାୟୀ କିଏ ?

ଓଡ଼ିଶାର ଦଶବ୍ଦି ସୁନାମକୁ ଧୋଇନେଲା ଛୋଟିଆ ବାତ୍ୟା 'ଅର୍ଣ୍ଣବ'

ପାଣିପାଗ ବିଭାଗ ବାତ୍ୟା ଅର୍ଣ୍ଣବର ଭୂସ୍ପର୍ଶ ସ୍ଥାନ, ସମୟ ସହ ଓଡ଼ିଶାରେ ପ୍ରବଳ ବର୍ଷା ଆକଳନ କରିଥିଲା । ୬ ଜିଲ୍ଲା ପାଇଁ ରେଡ୍ ଆଲର୍ଟ, ୧୬ ଜିଲ୍ଲା ପାଇଁ ଅରେଞ୍ଜ ଆଲର୍ଟ ଜାରି କରିଥିଲା । ସରକାର ଓ ପ୍ରଶାସନ ଘନଘନ ବୈଠକ କରିଥିଲେ । ଏଥିପାଇଁ ପୁରା ପ୍ରସ୍ତୁତ ଥିବା, 'ଶୂନ୍ୟ ମୃତାହତ' ଲକ୍ଷ୍ୟ ନେଇ କାମ କରୁଥିବା ବି କହିଥିଲେ; ମାତ୍ର ବର୍ଷା ଓ ପରବର୍ତ୍ତୀ ସମୟରେ ବନ୍ୟା ଗଞ୍ଜାମ, ଗଜପତି, କନ୍ଧମାଳ ଜିଲ୍ଲାରେ ଯେଉଁ ଧ୍ୱଂସଲୀଳା ସୃଷ୍ଟି କଲା, ତାହା ଅବର୍ଣ୍ଣନୀୟ । ଋଷିକୂଲ୍ୟା ନଦୀ ଓ ଏହାର ଅବବାହିକାରେ ଡ୍ୟାମଗୁଡ଼ିକର ପରିଚାଳନାରେ ତ୍ରୁଟି, ବିନା ସାଇରନ୍ ଓ ଆଗୁଆ ସୂଚନାରେ ଜଳ ନିଶ୍ୱାସନ ସୃଷ୍ଟି କରିଛି ଭୟଙ୍କର ପରିସ୍ଥିତି । ବନ୍ୟାରେ କେତେ ମୃତାହତ ହୋଇଛନ୍ତି, ତାହାର ସୂଚନା ଏବେ କାହାରି ପାଖରେ ନାହିଁ । ଅନେକ ପଶୁଧନ ନଷ୍ଟ ହୋଇଛନ୍ତି, ଲୋକେ ନିଜର ଜୀବନଯାକର ଅର୍ଜିତ ସମ୍ପତ୍ତି ହରାଇଛନ୍ତି, ସେମାନଙ୍କ ବର୍ଷସାରାର ଫସଲ ବି ନଷ୍ଟ ହୋଇ ଯାଇଛି । ଜଳସମ୍ପଦ ବିଭାଗର ଦାୟିତ୍ୱହୀନତା, ପ୍ରଶାସନର ଉଦାସିନତା, ସରକାରଙ୍କ ଉପରଠଉରିଆ ପରିଚାଳନା ବ୍ୟବସ୍ଥା ତିନି ଜିଲ୍ଲାର ଲକ୍ଷଲକ୍ଷ ଲୋକଙ୍କ ଜୀବନଜୀବିକାକୁ ଉଜାଡ଼ି ଦେଇଛି ।

- ବିନା ସାଇରନରେ ଅଧ ରାତିରେ ଖୋଲିଲା ଡ୍ୟାମ୍
- ଲକ୍ଷଲକ୍ଷ ଲୋକ ହରାଇଲେ ଜୀବନର ସଞ୍ଚିତ ସମ୍ପତ୍ତି
- ଧୋଇଗଲା ରାସ୍ତା, ପୋଲ, ଘରଦ୍ୱାର, ଦୋକାନ
- ହଜାର ହଜାର ହେକ୍ଟର ଜମିର ଫସଲ ସମ୍ପୂର୍ଣ୍ଣ ନଷ୍ଟ
- ୧୯୯୦ ବନ୍ୟାକୁ ବଳିଗଲା ଚଳିତ ବର୍ଷର ଦୁଃଖ

■ ଭୁବନେଶ୍ୱର, ୩୧।୧୦ (ସମିସ): ବାତ୍ୟା 'ଅର୍ଣ୍ଣବ'ର ପ୍ରଭାବରେ ପ୍ରବଳ ବର୍ଷା ଓ ପରବର୍ତ୍ତୀ ବନ୍ୟା ଦକ୍ଷିଣ ଓଡ଼ିଶାରେ ସୃଷ୍ଟି କରିଥିବା ପ୍ରଚଣ୍ଡ ବିପର୍ଯ୍ୟୟ ପ୍ରଶାସନିକ ଅବହେଳାକୁ ସ୍ପଷ୍ଟ ଇଙ୍ଗିତ କରିଛି । ଗଞ୍ଜାମ, ଗଜପତି ଓ କନ୍ଧମାଳର ବିପର୍ଯ୍ୟସ୍ତ ସ୍ଥିତିକୁ ଦେଖିଲେ ଏହା ଜଳଜଳ ଦିଶୁଛି । ବିଶେଷକରି ଗୋଟିଏ ବାତ୍ୟା ଓ ତଜ୍ଜନିତ ବନ୍ୟା ଜଳସମ୍ପଦ ବିଭାଗର ଡ୍ୟାମ୍ ପରିଚାଳନା, ସରକାରଙ୍କ ଆଗୁଆ ପ୍ରସ୍ତୁତି, ପ୍ରଶାସନର ବନ୍ୟା ପରିଚାଳନା ବ୍ୟବସ୍ଥାକୁ କାଠଗଡ଼ାରେ ଠିଆ କରିଦେଇଛି । ବର୍ଷାର ସମ୍ଭାବନା ସମ୍ପର୍କରେ ଆଗୁଆ ସୂଚନା ଥିବ ସତ୍ତ୍ୱେ ବିପର୍ଯ୍ୟୟର ମୁକାବିଲାରେ ଏତେ ବଡ଼ ବିଫଳତା କାହିଁକି ଦେଖାଦେଲା, ତାହାର ଉତ୍ତର କାହାରି ପାଖରେ ନାହିଁ ।

ମାଲକାନଗିରିରେ ପ୍ରବଳ ବର୍ଷାର ଆଶଙ୍କାକୁ ନେଇ ସମଗ୍ର ପ୍ରଶାସନିକ କଳ ସେହି ଜିଲ୍ଲା ଉପରେ ନଜର ରଖିଥିବାବେଳେ ଗଞ୍ଜାମ, ଗଜପତି ଓ କନ୍ଧମାଳରେ ସମ୍ଭାବ୍ୟ ସ୍ଥିତିକୁ ଗୁରୁତ୍ୱ ଦିଆଗଲା ନାହିଁ । ଏପରିକି ଗଞ୍ଜାମ ଓ ଗଜପତି ପାଇଁ ପାଣିପାଗ ବିଭାଗର ରେଡ୍ ଆଲର୍ଟ ଅନୁସାରେ ଜଳସମ୍ପଦ ବିଭାଗ ଓ ଜିଲ୍ଲା ପ୍ରଶାସନ ଆବଶ୍ୟକ ପ୍ରତିଷେଧକ ବ୍ୟବସ୍ଥା କରିଥିଲେ କି ନାହିଁ, ତାହା ସନ୍ଦେହ ସୃଷ୍ଟି କରିଛି । ଜଳସମ୍ପଦ ବିଭାଗର ତଳଠାରୁ ଉପର ଅଧିକାରୀଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ପାଖରେ ବର୍ଷା ସମ୍ଭାବନା ଓ ଜଳପ୍ରବାହ ସମ୍ପର୍କିତ ସୂଚନା ଥିବା ସତ୍ତ୍ୱେ ଶେଷ ମୁହୂର୍ତ୍ତଯାଏ କାହିଁକି ଅପେକ୍ଷା କରାଗଲା ବୋଲି ପ୍ରଶ୍ନ ଉଠିଛି ।

ସବୁଠାରୁ ସାଂଘାତିକ ଅଭିଯୋଗ ଉଠିଛି ଋଷିକୂଲ୍ୟା ଅବବାହିକାର ଜଳଭଣ୍ଡାରଗୁଡ଼ିକର ପରିଚାଳନାକୁ ନେଇ । ଘୋଡ଼ାହାଡ଼, ବାଘଲଟି, ବାହୁଡ଼ା, ଦହ, ସୋରଡ଼ା ଓ ଭଞ୍ଜନଗର ଅଞ୍ଚଳର ଜଳଭଣ୍ଡାରଗୁଡ଼ିକର ଜଳସ୍ତର ଓ ▶ପୃଷ୍ଠା-୭

ବାତ୍ୟାରେ ୪ ମୃତ, ୧୨ ନିଖୋଜ: ଏସ୍ଆରସି

■ ଭୁବନେଶ୍ୱର, ୩୧।୧୦ (ସମିସ): ପ୍ରାକୃତିକ ବିପର୍ଯ୍ୟୟରେ ଶୂନ୍ୟ ମୃତ୍ୟୁ ଲକ୍ଷ୍ୟ ହାସଲ କରିବା ପାଇଁ ସରକାର ପୂର୍ବରୁ ଘୋଷଣା କରିଥିବାବେଳେ ବାତ୍ୟା ଅର୍ଣ୍ଣବ ଦକ୍ଷିଣ ଓଡ଼ିଶାରେ ବ୍ୟାପକ ବିପର୍ଯ୍ୟୟ ସୃଷ୍ଟି କରିଛି । ଏଥିରେ ବର୍ତ୍ତମାନ ସୁଦ୍ଧା ୪ ଜଣ ଲୋକଙ୍କ ମୃତ୍ୟୁ ହୋଇଥିବାବେଳେ ୧୨ ଜଣ ନିଖୋଜ ରହିଛନ୍ତି । ତେବେ ଏହି ମୃତ୍ୟୁ ସଂଖ୍ୟା ବଢ଼ିପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି । ସ୍ୱତନ୍ତ୍ର ରିଲିଫ କମିସନର ପ୍ରଭାକର ପାଟିଲ ଆଜି ସ୍ୱୀକାର କରିଛନ୍ତି ଯେ ଅର୍ଣ୍ଣବ ଯୋଗୁଁ ବ୍ୟାପକ କ୍ଷୟକ୍ଷତି ହୋଇଛି । ୪ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ▶ପୃଷ୍ଠା-୭

ପୂରା ଗାଁକୁ ମାଡ଼ିବସିଲା ପାହାଡ଼

ଗିଡ଼ିପାବାଲ୍ଲୀରେ ଜଣେ ମୃତ, ୧୨ ନିଖୋଜ





■ ଭଞ୍ଜନଗର ୩୧।୧୦ (ସମିସ): କନ୍ଧମାଳ ଜିଲ୍ଲା ସୀମାନ୍ତରେ ଥିବା ଗଞ୍ଜାମ ଜିଲ୍ଲା ଭଞ୍ଜନଗର ବ୍ଲକ ବାଇବାଲି ପଞ୍ଚାୟତର ଗିଡ଼ିପାବାଲି ଗାଁ ଭୂସ୍ଖଳନରେ ସମ୍ପୂର୍ଣ୍ଣ ଭାବେ ଧ୍ୱସ୍ତ ହୋଇଛି । ସେଠାରେ ରହୁଥିବା ୯ଟି ପରିବାରର ୨୬ଜଣଙ୍କ ମଧ୍ୟରୁ ୧୧ଜଣ ସୁରକ୍ଷିତ ଥିବା ବେଳେ ଶନିବାର ରବି ମଲ୍ଲିକ ନାମକ ଜଣେ ବ୍ୟକ୍ତିଙ୍କର ମୃତଦେହକୁ ଉଦ୍ଧାରକାରୀ ଦଳ ମାଟି ତଳୁ ବାହାର କରିଛନ୍ତି । ୧୨ଜଣ ବର୍ତ୍ତମାନ ସୁଦ୍ଧା ନିଖୋଜ ଅଛନ୍ତି । ଶନିବାର ସନ୍ଧ୍ୟା ହୋଇଯିବାକୁ ଉଦ୍ଧାର କାର୍ଯ୍ୟ ବନ୍ଦ ରହିଛି ।

ସୂଚନାନୁସାରେ, ବୁଧବାର ରାତି ପ୍ରାୟ ୩ଟା ସମୟରେ ସମସ୍ତେ ନିଜ ନିଜ ଘରେ ଶୋଇଥିଲେ । ହଠାତ୍ ଏକ ବିରାଟ ଶବ୍ଦ ଶୁଣାଗଲା । କିଛି ବୁଝିବା ପୂର୍ବରୁ ପାହାଡ଼ ଉପରୁ ମାଟି, ପଥର, ଗଛ ଓ ପାଣିର ବିଶାଳ ସ୍ରୋତ ଗ୍ରାମ ଭିତରକୁ ମାଡ଼ି ଆସି ଘରଗୁଡ଼ିକୁ ପୋତି ଦେଇଥିଲା । ଏହି ବିଭୀଷିକା ମଧ୍ୟରେ ୧୧ ଜଣ ଅଳ୍ପକେ ଜୀବନ ବଞ୍ଚାଇବାରେ ସଫଳ ହୋଇଥିଲେ । ଭୂସ୍ଖଳନ ପରେ ଘରଦ୍ୱାର ଓ ସମସ୍ତ ସମ୍ପତ୍ତି ହରାଇଥିବା ଏହି ଲୋକମାନେ ବୁଧବାର ରାତିରୁ ଭୋକ ଓ ଶୋଷରେ ପାହାଡ଼ ପର୍ବତ ମଧ୍ୟରେ ଆଶ୍ରୟ ନେଇଥିଲେ । ଦୀର୍ଘ ସମୟର ସଂଘର୍ଷ ପରେ ଗୁରୁବାର ଅପରାହ୍ନ ପ୍ରାୟ ୨ଟା ସମୟରେ କତିଙ୍ଗିଆ ପଞ୍ଚାୟତର କିଲାପାଙ୍ଗା ପ୍ରାଥମିକ ବିଦ୍ୟାଳୟରେ ଖୋଲାଯାଇଥିବା ଅସ୍ଥାୟୀ ଆଶ୍ରୟସ୍ଥଳରେ ପହଞ୍ଚି ଆଶ୍ରୟ ନେଇଥିଲେ ।

ବର୍ତ୍ତମାନ ସୁଦ୍ଧା ଗ୍ରାମର ସନମନ ପ୍ରଧାନ, ବଳଦେବ ପ୍ରଧାନ, ବିଜୟ ପ୍ରଧାନ, ପ୍ରତାପ ପ୍ରଧାନ, ଜୟନ୍ତୀ ପ୍ରଧାନ, ପଦ୍ମା ପ୍ରଧାନ, ଦୁର୍ଗାସିନୀ ପ୍ରଧାନ, ବିଜୟଲକ୍ଷ୍ମୀ ପ୍ରଧାନ, ରାଜଲକ୍ଷ୍ମୀ ପ୍ରଧାନ, ଚିଙ୍ଗୁ ପ୍ରଧାନ, ତାରାବତୀ ପ୍ରଧାନ ଓ ସୁମିତ୍ରା ପ୍ରଧାନଙ୍କର ବର୍ତ୍ତମାନ ସୁଦ୍ଧା କୌଣସି ପତ୍ତା ମିଳିନାହିଁ । ଗଞ୍ଜାମ ▶ପୃଷ୍ଠା-୭

ନିଖୋଜଙ୍କୁ ଖୋଜିବ ନାଭାଲ ହେଲିକପ୍ଟର

ନିଖୋଜ ଲୋକଙ୍କୁ ଖୋଜିବାକୁ ଲାଇଭ୍ ଡିଟେକ୍ସନ ୟୁନିଟର ସହାୟତା ନେଇଛନ୍ତି ରାଜ୍ୟ ସରକାର । ଲାଇଭ୍ ଡିଟେକ୍ସନ୍ ୟୁନିଟ୍ ସିଗମିକ୍ ସହ ଉଡ଼ିବ ନାଭାଲ ହେଲିକପ୍ଟର । ସମ୍ପୂର୍ଣ୍ଣ ଅଞ୍ଚଳକୁ ସ୍କାନ୍ କରାଯିବ । ଭୂକମ୍ପ, ଭୂସ୍ଖଳନ, କୋଠା ଭୁଶୁଡ଼ିବା ସମୟରେ ଜୀବନ ସନ୍ଧାନ ପାଇଁ ଏହା ବ୍ୟବାହର ହୋଇଥାଏ । ମାଟି, ପଥର କିମ୍ବା ଭଗ୍ନାବଶେଷ ତଳେ ଚାପି ହୋଇଥିବା ଜୀବିତ ବ୍ୟକ୍ତିଙ୍କୁ ଖୋଜିବାରେ ଏହା ସହାୟକ ହୋଇଥାଏ । ମାନବ ଶରୀରର ସୂକ୍ଷ୍ମ ସ୍ପନ୍ଦନ, ହୃଦସ୍ପନ୍ଦନ, ଶ୍ୱାସକ୍ରିୟା ଏବଂ ଶରୀରର ତାପମାତ୍ରାକୁ ଏହି ଜ୍ଞାନକୌଶଳ ଚିହ୍ନଟ କରେ ।

ଜୀବନହାନିକୁ ନେଇ ନବୀନ ଉଦ୍‌ବିଗ୍ନ

ଲୋକଙ୍କୁ ସୁରକ୍ଷିତ ଉଦ୍ଧାର ପାଇଁ ତ୍ୱରିତ୍ ପଦକ୍ଷେପ ନିଅନ୍ତୁ ସରକାର



■ ଭୁବନେଶ୍ୱର, ୩୧।୧୦ (ସମିସ): କନ୍ଧମାଳ ଜିଲ୍ଲା ରାଇକିଆ ବ୍ଲକ ଅନ୍ତର୍ଗତ ଡାଙ୍ଗେସି ଗ୍ରାମରେ ଭୂସ୍ଖଳନରେ ଏକାଧିକ ଲୋକଙ୍କ ମୃତ୍ୟୁ ଘଟିଥିବା ବେଳେ ଏବେ ବି ଅନେକ ଲୋକେ ନିଖୋଜ ଅଛନ୍ତି । ଏପରି ଅଭାବନୀୟ ଘଟଣାକୁ ନେଇ ଉଦବେଗ ତଥା ଦୁଃଖ ପ୍ରକାଶ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । ସାମାଜିକ ଗଣମାଧ୍ୟମ ଏକ୍ସରେ ନବୀନ କହିଛନ୍ତି ଯେ ବାତ୍ୟା 'ଅର୍ଣ୍ଣବ'ର ପ୍ରଭାବରେ ଓଡ଼ିଶାର କନ୍ଧମାଳ ଜିଲ୍ଲାରେ ଭୂସ୍ଖଳନ ଘଟି ▶ପୃଷ୍ଠା-୭

ମିଳିଲାନି ସହାୟତା

ବ୍ଲକ ଘେରିଲେ ବିପନ୍ନ

■ ଶେରଗଡ଼, ୩୧।୧୦ (ସମିସ): ନନ୍ଦିନୀ ନଦୀରେ ବନ୍ୟା ଜଳ ପ୍ରବାହିତ ଯୋଗୁଁ ଶେରଗଡ ବ୍ଲକର ବିଭିନ୍ନ ପଞ୍ଚାୟତରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ଫଳରେ ବ୍ଲକର ହଜାର ହଜାର ଜନସାଧାରଣ କ୍ଷୟକ୍ଷତିର ସମ୍ମୁଖୀନ ହୋଇଛନ୍ତି । ଯଦିଓ ବନ୍ୟା ଜଳ କମିଛି ହେଲେ ବହୁ ସଂଖ୍ୟାରେ ବନ୍ୟା ବିପନ୍ନ ବର୍ତ୍ତମାନ ସୁଦ୍ଧା ନିଜ ଘରକୁ ଫେରି ନାହାନ୍ତି । ଏହି ପରିସ୍ଥିତିରେ ବାତ୍ୟା ଆଶ୍ରୟସ୍ଥଳୀରେ ରହିଥିବା ସମସ୍ତ ବିପନ୍ନ



ରନ୍ଧା ଖାଦ୍ୟ, ଶୁଖିଲା ଖାଦ୍ୟ, ଶିଶୁଙ୍କ ଖାଦ୍ୟ, କିମ୍ବା ଆବଶ୍ୟକ ▶ପୃଷ୍ଠା-୭

ଜନଆକ୍ରୋଶର ବିସ୍ଫୋରଣ

ବିଭିନ୍ନ ସ୍ଥାନରେ ନେତା, ମନ୍ତ୍ରୀ ଓ ଅଫିସରଙ୍କୁ ତୀବ୍ର ବିରୋଧ

- ଖଲ୍ଲିକୋଟ ବିଧାୟକଙ୍କୁ ଆକ୍ରମଣ, ଆସ୍କା ବିଧାୟକଙ୍କୁ ବିରୋଧ
- ଶେରଗଡ଼ ବଜାରରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ଘେରିଲେ ଲୋକେ
- ସାନଖେମୁଣ୍ଡିରେ ବିଡିଓଙ୍କ ଗାଡ଼ି ଆଗରେ ଶୋଇଲେ ଗ୍ରାମବାସୀ
- ହିଞ୍ଜିଳି, ଖଲ୍ଲିକୋଟ, ଶେରଗଡ଼ ଓ ସୋରଡ଼ାରେ ଅସନ୍ତୋଷର ନିଆଁ



■ବ୍ରହ୍ମପୁର/ଶେରଗଡ଼/ପୁରୁଷୋତ୍ତମପୁର, ୩୧।୧୦ (ସମିସ): ବାତ୍ୟା ଚାଲିଗଲା, ହେଲେ ଗଞ୍ଜାମରୁ ହଟିନି ଦୁର୍ଦ୍ଦଶା । ବାତ୍ୟା ପରବର୍ତ୍ତୀ ପ୍ରବଳ ବର୍ଷା ଓ ବନ୍ୟା ଜିଲ୍ଲାର ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି । କେଉଁଠି ଘରେ ବନ୍ୟାଜଳ ପଶିଛି ତ ଆଉ କେଉଁଠି ଏକର ଏକର ଚାଷଜମି ଜଳମଗ୍ନ । ବିଦ୍ୟୁତ୍ ଯୋଗାଣ ଠପ୍, ପାନୀୟ ଜଳ ସଙ୍କଟ ଉତ୍କଟ ଏବଂ ଯୋଗାଯୋଗ ବ୍ୟବସ୍ଥା ବିପର୍ଯ୍ୟସ୍ତ । ଏଭଳି ସମୟରେ ଲୋକଙ୍କ ନିକଟରେ ତ୍ୱରିତ ସହାୟତା ପହଞ୍ଚାଇବାରେ ପ୍ରଶାସନର ବିଳମ୍ବ ଏବେ ଅସନ୍ତୋଷକୁ ଆକ୍ରୋଶରେ ପରିଣତ କରିଛି । ଫଳରେ ଗଞ୍ଜାମରେ ସରକାରୀ ବ୍ୟବସ୍ଥା ଓ ଜନପ୍ରତିନିଧିଙ୍କ ବିରୋଧରେ ଜନତାଙ୍କ ଅସନ୍ତୋଷ ରାଜରାସ୍ତାକୁ ଓହ୍ଲାଇଛି । ଗତକାଲି ହିଞ୍ଜିଳିରେ ଖଣି ମନ୍ତ୍ରୀଙ୍କୁ ଲୋକଙ୍କ ବିରୋଧର ସାମ୍ନା କରିବାକୁ ପଡ଼ିଥିବାବେଳେ ଶନିବାର ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ ଓ ପଶୁସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ମଧ୍ୟ ଲୋକଙ୍କ ତୀବ୍ର ଅସନ୍ତୋଷର ଶିକାର ହୋଇଛନ୍ତି । ଶେରଗଡ଼ରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ଘେରିଛନ୍ତି ଉତ୍ତ୍ୟକ୍ତ ଲୋକେ । ସାନଖେମୁଣ୍ଡିରେ ବିଡିଓଙ୍କ ▶ପୃଷ୍ଠା-୭

ସକାଳ
THE SAKALA

ବର୍ଷକରେ ତିନି ଫରେଷ୍ଟରଙ୍କ ବଦଳି, ଜଣେ ନିଲମ୍ବିତ

ପ୍ରକୃତି ନିବାସ ଓ ବିଦ୍ୟୁତ୍ କାର୍ଯ୍ୟରେ ଦୁର୍ନୀତି ଅଭିଯୋଗ

ଘଟଗାଁ, ୩୧।୧୦(ସମିସ)





ଘଟଗାଁ ରେଞ୍ଜରେ କାର୍ଯ୍ୟ କରୁଥିବା ଫରେଷ୍ଟରମାନଙ୍କୁ ବର୍ଷକ ମଧ୍ୟରେ ବଦଳି ଓ ଜଣକୁ ନିଲମ୍ବନ ଘଟଣା ଏବେ ଜୋରଦାର ଚର୍ଚ୍ଚା ହେଉଛି। ବିଶେଷ କରି ଗତ ଦୁଇ ଦିନ ତଳେ ଘଟଗାଁ ଫରେଷ୍ଟର ଶରତ ପଟ୍ଟନାୟକ ଓ ଅଙ୍କିତା ସିଂହ ହଠାତ ବଦଳିକୁ ନେଇ ଘଟଗାଁ ଅଞ୍ଚଳରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଫରେଷ୍ଟର ଶରତ ପଟ୍ଟନାୟକଙ୍କୁ କେନ୍ଦୁଝର ସଦର ମହକୁମା ଓ ଅଙ୍କିତା ସିଂଙ୍କୁ ବିଲେଇପଦା ବଦଳି ହୋଇଛି। ଏବେ ଅଦିନିଆ ବଦଳିକୁ ସାଧାରଣରେ ବେଶ୍ ଭ୍ରୂକୁଞ୍ଚନ ସୃଷ୍ଟି ହୋଇଛି। ଜଣେ ଠିକାଦାର ଜଣେ ନେତାଙ୍କ ଇଙ୍ଗିତରେ ଏହି ବଦଳି ହୋଇଛି ବୋଲି ଅଭିଯୋଗ ଚର୍ଚ୍ଚାରେ ରହିଛି। ଏହାର ସତ୍ୟତା ନେଇ ଉଚ୍ଚ କର୍ତ୍ତୃପକ୍ଷ ତଦନ୍ତ କରିବାକୁ ଦାବି ହେଉଛି।

ଅପରପକ୍ଷରେ, ବନ ବିଭାଗ ଦ୍ୱାରା ଆରମ୍ଭ କରାଯାଇଥିବା ସଫାରୀର ସଫଳତା ପରେ ପରବର୍ତ୍ତୀ ଯୋଜନା ଅଟେଇ ସରକ୍ଷିତ ଜଙ୍ଗଲ ମଧ୍ୟରେ ବୈତରଣୀ ନଦୀକୂଳରେ ଥିବା ପକୃତିର ମନୋରମ ପରିବେଶ ଜୈବ ଜଙ୍ଗଲ ମଧ୍ୟରେ ଦରଗଡଶିଳା ସ୍ଥାନରେ ପର୍ଯ୍ୟଟକଙ୍କୁ ଆକୃଷ୍ଟ ପାଇଁ ପ୍ରକୃତି ନିବାସ, ନେଚର କ୍ୟାମ୍ପ ଓ ନିର୍ମାଣ କାର୍ଯ୍ୟ ହାତକୁ ନିଆଯାଇଥିଲା। ପର୍ଯ୍ୟଟକମାନେ ଶୀତ ଦିନେ ଏଠାକୁ ଆସି ବଣଭୋଜି କରିବା ସହ ପରିବେଶକୁ ଉପଭୋଗ କରିଥାନ୍ତି। ରାତିରେ ରହି ଏହାର ଭରପୁର ଫାଇଦା ନେବା ପାଇଁ ବନ ବିଭାଗର ଆଉ ଏକ ବଡ ପଦକ୍ଷେପ ସତ; ମାତ୍ର ଏହାର କାର୍ଯ୍ୟ ଶୈଳୀରେ ବହୁ ଅନିୟମତା ଯୋଗୁଁ ଗତ ଜୁଲାଇରେ ବର୍ଷା ବଢ଼ି ପାଣିରେ ଚାରିଟି ନେଚର କ୍ୟାମ୍ପ ଧୋଇଯାଇ ଲକ୍ଷ ଲକ୍ଷ ଟଙ୍କା ପାଣିରେ ପଡିବା ସାର ହେଲା। ଏସବୁ ଘଟଣା ପଛରେ ବହୁ ଅନିୟମିତତା ଦେଖାଦେଇଛି।

ବୈତରଣୀ ପାୱାର ପ୍ରୋଜେକ୍ଟର ଜଳଭଣ୍ଡାର ସୀମା ମଧ୍ୟରେ (ବ୍ୟାଚ ମେଣ୍ଟ) ଏହି ନେଚର କ୍ୟାମ୍ପ କରାଯାଇଥିଲା। ଯାହାକି ନଦୀ ବଢିବା ପରେ ଭାସିଗଲା; ଆହୁରି ମଧ୍ୟ ଜଣାଯାଇଛି ଯେ ବିନା କଂକ୍ରିଟରେ ପିଣ୍ଡି କରାଯାଇଛି। ତେବେ ଏହି ନେଚର କ୍ୟାମ୍ପର ଅନ୍ୟ ସବୁ କାର୍ଯ୍ୟ ଉପରେ ଅନିୟମିତତା ଘଟଣା ପଦାକୁ ଆସିବା ସହ ଏହା ନିମ୍ନମାନର ବୋଲି ଜଣାପଡିବା ଯୋଗୁଁ ଅର୍ଥର ଦୁରୁପଯୋଗ ହୋଇଥିବା ସ୍ପଷ୍ଟ ହେଉଛି। ଯାହାର ପରିଣାମ ସ୍ୱରୂପ ଦୁଇ ଫରେଷ୍ଟରଙ୍କୁ ତୁରନ୍ତ ବଦଳି କରାଯାଇଛି। ଅନୁସନ୍ଧାନରୁ ଜଣାପଡିଛି ଯେ ଦରଗଡ଼ସିଳା ଇଲେକ୍ଟ୍ରିକ କାର୍ଯ୍ୟ କରିବା ପାଇଁ ଜଣେ ନବନିଯୁକ୍ତ ଫରେଷ୍ଟର ଅଙ୍କିତା ସିଂହଙ୍କୁ ଦାୟିତ୍ୱ ଦିଆଯାଇଥିଲା। ତାଙ୍କର କୌଣସି ଅଭିଜ୍ଞତା ନ ଥିବା ବେଳେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ମାପଚୁପ ପାଇଁ ବିଭାଗୀୟ ତରଫରୁ ଏକ ତାଲିମ ଦିଆଯାଏ ଯାହାକି ଅଙ୍କିତା ସିଂହ ନେଇ ନଥିବା ଜଣାଯାଇଛି। ଘଟଗାଁର ଜଣେ ଅଭିଜ୍ଞ ତଥା ବରିଷ୍ଠ ଫରେଷ୍ଟର ଏଠାରେ ଅବସ୍ଥାନ କରୁଥିଲେ ହେଁ ତାଙ୍କୁ ଏହି ଦାୟିତ୍ୱ ଦିଆ ଯାଇ ନଥିଲା। ତେବେ ବନ୍ୟାଜଳରେ ନେଚର କ୍ୟାମ୍ପ ଭାସିଯିବା ସହ କେତେକ ଉନ୍ନୟନ କାର୍ଯ୍ୟ ତଥା ରାସ୍ତା, ପୋଖରୀ କିଛି ଅଂଶ ଧୋଇଯାଇଥିଲା। ଏହି ସବୁ ଦରଗଡଶିଳା ବନ ସୁରକ୍ଷା ସମିତି ଜରିଆରେ ଉଦ୍ଧାର କରାଯାଇଛି ବୋଲି ବନ ବିଭାଗ ତରଫରୁ ଜଣାଯାଇଛି। ମାତ୍ର ବାସ୍ତବରେ ଏହା ଠିକାଦାର ଦ୍ୱାରା କରାଯାଇଥିଲା। ଠିକାଦାର ଅତ୍ୟନ୍ତ ବେପୁରିଆ ଓ ନିମ୍ନମାନର କାର୍ଯ୍ୟ କରିଥିବା ଅଭିଯୋଗ ହେଉଛି। ବନ ବିଭାଗ ତରଫରୁ ଗତ ଏକ ମାସ ହେଲା ଏହି ଅସମ୍ପୂର୍ଣ୍ଣ କାର୍ଯ୍ୟ ପୂର୍ଣ୍ଣ କରିବାକୁ ଡିଏଫଓ ସମ୍ପୃକ୍ତ ଅଞ୍ଚଳକୁ ଯାଇ ତୁରନ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଠିକ ସମୟରେ ଠିକାଦାର ତାର ବିଲ ପାଇବାରେ ଅଛି, ବିଲ ନ ଦେଲେ କାମ କରିପାରିବେ ନାହିଁ ବୋଲି କହିଥିଲେ। ରୋଷେଇ ଘର ଡାଇନିଂ ହଲ ତିଆରି କରିବା ପାଇଁ ୨୦ ଲକ୍ଷ ଟଙ୍କା ଥିବା ବେଳେ, ୧୬ଟି ପିଲର ସହ ମାତ୍ର ୨/୩ ଫୁଟ ଯୋଡ଼ାଇ କରି ଠିକାଦାର ୧୨ ଲକ୍ଷ ଟଙ୍କା ନେଇଯାଇଥିବା ଅଭିଯୋଗ ହେଉଛି। ସେହିପରି କ୍ୟାମ୍ପର ବାଉଣ୍ଡାରୀ ୱାଲ ତଥା ପାଚେରି କାର୍ଯ୍ୟ ନିମ୍ନମାନ ହୋଇଛି। ବନ୍ୟାରେ ଉକ୍ତ ପାଚେରି ତଳ ପାଖକୁ ୧୫୦ ଫୁଟ ଭାସିଯିବା ପରେ ଏହାର ଫାଉଣ୍ଡେସନରେ ଖାଲି ମେଟାଲିଂ ୬ ଇଞ୍ଚ ଆଦୌ ନ ହୋଇ ସିଧାସଳଖ ଜଙ୍ଗଲରୁ ସଂଗ୍ରହ ପଥର ପକାଇ ଯୋଡ଼ାଇ କରାଯାଇଥିବା ଜଣାଯାଇଥିଲା। ଯାହାକି ଏହାର ପ୍ଲାନ ଓ ଏଷ୍ଟିମେଟ୍‌ଠାରୁ ସମ୍ପୂର୍ଣ୍ଣ ଅଲଗା। ଏସବୁ ଘଟଣାକୁ ନେଇ ଠିକାଦାର ଜାଣିବା ପରେ ଚାପ ପକାଇ ଏହି ଦୁଇ ଫରେଷ୍ଟରଙ୍କୁ ବଦଳି କରିଥିବା ଏବେ ଆଲୋଚନା ହେଉଛି। ଏନେଇ ଦରଗଡିଶିଳା ସୁରକ୍ଷା କମିଟିର ସଭାପତି ବେଣୁଧର ନାଏକଙ୍କୁ ପଚାରିବାରୁ ସେ ଏହା ଉପରେ ଜାଣି ନାହାନ୍ତି ବୋଲି କହିଛନ୍ତି। ଘଟଗାଁ ରେଞ୍ଜ ଅଫିସର ବବ୍ରୁବାହାନ ସାହୁ ଓ କେନ୍ଦୁଝର ଡିଏଫଓ ଏଚଡି ଧନରାଜ ଏ ସମ୍ପର୍କରେ ପ୍ରତିକିୟା ଦେଇ ନଥିଲେ। ତେବେ ବର୍ଷକ ମଧ୍ୟରେ ହଠାତ ଯତୀନ୍ଦ୍ର କୁମାର ସାହୁଙ୍କୁ ବଦଳି କରାଯାଇ ବିଶ୍ୱମୋହନ ମିଶ୍ରଙ୍କୁ ଦାୟିତ୍ୱ ଦିଆଯାଇଥିଲା ମାତ୍ର ତାଙ୍କୁ ୩ ମାସ ମଧ୍ୟରେ ବଦଳି ସହ ନିଲମ୍ବିତ କରାଗଲା। ତାଙ୍କ ପରେ ଶରତ ପଟ୍ଟନାୟକ ଆସିଥିଲେ। ତାଙ୍କୁ ଏବେ ବଦଳି କରାଗଲା। ଦରଗଡିଶିଳା ଇଲେକଟ୍ରିକ କାର୍ଯ୍ୟ ଅନିୟମିତତାରେ ଦୁଇ ଫରେଷ୍ଟରଙ୍କ ବଦଳି ଯୋଗୁଁ ବନ ବିଭାଗର ସ୍ୱଚ୍ଛତା ନେଇ ପ୍ରଶ୍ନ ଉଠୁଛି।

ଟ୍ରକ୍ ବାଇକ୍ ଧକ୍କା; ଗୁରୁତର ଦୁଃଖବନ୍ଧୁଙ୍କ ମୃତ୍ୟୁ

ତେଲକୋଇ, ୩୧।୧୦(ସମିସ): ତେଲକୋଇ ଥାନା ଅଧୀନ ତେଲକୋଇ ବିମଳା ପୂର୍ତ୍ତ ବିଭାଗ ରାସ୍ତାର ବାଲେଶ୍ୱର ଗ୍ରାମ ଛକ ନିକଟରେ ଘଟିଥିବା ସଡ଼କ ଦୁର୍ଘଟଣାରେ ଗୁରୁତର ଦୁଃଖବନ୍ଧୁ ପୁଡକାରଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ମୃତକ ସଂଖ୍ୟା ଦୁଇକୁ ପହଞ୍ଚିଛି। ଶୁକ୍ରବାର ଶୁଭଶ୍ରୀ ନାୟକଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ଶନିବାର ଗୁରୁତର ଦୁଃଖବନ୍ଧୁଙ୍କ ମୃତ୍ୟୁ ଘଟିଛି। ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ପ୍ରକାଶ ଥାଉକି, ଦୁଃଖବନ୍ଧୁ ଏକ ବାଇକ୍ ଯୋଗେ ସମ୍ପର୍କୀୟ ଭଉଣୀ ଶୁଭଶ୍ରୀ ଓ ଝିଅ ଶ୍ରାବଣୀଙ୍କୁ ବସାଇ ତେଲକୋଇ ଅଭିମୁଖେ ଆସୁଥିଲେ। ବାଲେଶ୍ୱର ଓ ବନବିହାରୀପୁର ମଧ୍ୟରେ ଥିବା ରମାଦେବୀ ଗ୍ରାମ୍ୟ ବିକାଶ ସଂସ୍ଥା ନିକଟରେ ଟ୍ରକ୍ ସହିତ ଦୁଃଖବନ୍ଧୁଙ୍କ ବାଇକ୍ ଧକ୍କା ହୋଇଥିଲା।

ନଭେମ୍ବର ପାଇଁ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟସୂଚୀ

କେନ୍ଦୁଝର,୩୧।୧୦(ସମିସ): ଜନସାଧାରଣଙ୍କ ସମସ୍ୟାର ସମାଧାନ ଏବଂ ପ୍ରଶାସନିକ ସେବାକୁ ଅଧିକ ତତ୍ପର କରିବା ଲକ୍ଷ୍ୟରେ କେନ୍ଦୁଝର ଜିଲ୍ଲା ପ୍ରଶାସନ ପକ୍ଷରୁ ଚଳିତ ନଭେମ୍ବର ମାସ ପାଇଁ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟସୂଚୀ ଧାର୍ଯ୍ୟ କରାଯାଇଛି। ଓଡ଼ିଶା ସରକାରଙ୍କ ଜନ ଅଭିଯୋଗ ଓ ପେନସନ ପ୍ରଶାସନ ବିଭାଗର ନିର୍ଦ୍ଦେଶକ୍ରମେ ଆୟୋଜିତ ହେବାକୁ ଥିବା ଏହି ଶିବିରରେ ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ସିଧାସଳଖ ଜନସାଧାରଣଙ୍କ ଅଭିଯୋଗ ଶୁଣିବେ। ଏହି ଶୁଣାଣି ସୋମବାରଗୁଡ଼ିକରେ ସକାଳ ୧୦ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ୨ ନଭେମ୍ବର ସୋମବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ (ଦରବାର ହଲ୍), ୯ ନଭେମ୍ବର ପଞ୍ଚାୟତସମିତି କାର୍ଯ୍ୟାଳୟ, ହାଟଡିହି, ୧୬ ନଭେମ୍ବର ପଞ୍ଚାୟତସମିତି କାର୍ଯ୍ୟାଳୟ, ବାଂଶପାଳ, ୨୩ ନଭେମ୍ବର ପଞ୍ଚାୟତସମିତି କାର୍ଯ୍ୟାଳୟ, ଚମ୍ପୁଆ, ୩୦ ନଭେମ୍ବର ପଞ୍ଚାୟତସମିତି କାର୍ଯ୍ୟାଳୟ, ଘଟଗାଁରେ ଅଭିଯୋଗ ଶୁଣାଣି ପାଇଁ ଦିନ ଧାର୍ଯ୍ୟ ହୋଇଥିବା ସୂଚନା ଦିଆଯାଇଛି। ଜନସାଧାରଣଙ୍କ ସୁବିଧା ପାଇଁ ଏହି ଶିବିରଗୁଡ଼ିକରେ ବ୍ୟାପକ ପ୍ରସ୍ତୁତି କରାଯାଇଛି। ବିଶେଷ ଭାବେ ଅସୁସ୍ଥ ଓ ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କ ପାଇଁ ବସିବା ସହ ପାନୀୟ ଜଳର ସମସ୍ତ ସୁବିଧା ଯୋଗାଇ ଦେବାକୁ ସମ୍ପୃକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀମାନଙ୍କୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ଏଥିସହିତ, ଶିବିରରେ ଗ୍ରହଣ କରାଯାଉଥିବା ଅଭିଯୋଗଗୁଡ଼ିକୁ ତୁରନ୍ତ ସମାଧାନ ସୂତ୍ରରେ ପକାଇବା ପାଇଁ ଏହାକୁ ସରକାରୀ ଜନ ଶୁଣାଣି ପୋର୍ଟାଲରେ ପଞ୍ଜୀକରଣ କରିବାକୁ ଏକ ସ୍ୱତନ୍ତ୍ର ଟିମ୍ ନିୟୋଜିତ ରହିବେ। ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ଅଞ୍ଚଳବାସୀଙ୍କୁ ନିଜ ନିଜର ଅଭିଯୋଗ ନେଇ ଏହି ଶିବିରରେ ଯୋଗ ଦେବାକୁ ଅନୁରୋଧ କରାଯାଇଛି।

ରାଜ୍ୟସ୍ତରୀୟ ଯୋଗ ପ୍ରତିଯୋଗିତାରେ ଚେମଣାର ଦୁଇ ଛାତ୍ର



ତୁରୁମୁଙ୍ଗା, ୩୧।୧୦(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଚେମଣା ଗ୍ରାମପଞ୍ଚାୟତ ନୋଡାଲ ଉଚ୍ଚ ବିଦ୍ୟାଳୟର ୯ମ ଶ୍ରେଣୀର ଦୁଇ ଛାତ୍ର ମନୋଜ କୁମାରୀ ମହାନ୍ତ ଓ ରଞ୍ଜନ ମହାନ୍ତ ଯୋଗ ପ୍ରତିଯୋଗିତା ପାଇଁ ରାଜ୍ୟ ସ୍ତରକୁ ଉତ୍ତୀର୍ଣ୍ଣ ହୋଇଛନ୍ତି। ଆସନ୍ତା ନଭେମ୍ବର ୨ ତାରିଖ ମାଲକାନଗିରି ଜିଲ୍ଲା ସେକ୍ଟର ୭ ଜଗନ୍ନାଥପାଲି ଉଚ୍ଚବିଦ୍ୟାଳୟର ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ଯୋଗ ପ୍ରତିଯୋଗିତାରେ ଉଭୟ ଅଂଶଗ୍ରହଣ କରିବେ। ଉକ୍ତ ବିଦ୍ୟାଳୟର ଶାରୀରିକ ଶିକ୍ଷୟତ୍ରୀ ତୃପ୍ତିମୟୀ ବାରିକଙ୍କ ତତ୍ତ୍ୱାବଧାନରେ ଦୁଇ ଛାତ୍ର ମାଲକାନଗିରି ଗସ୍ତ କରିଛନ୍ତି। ଛାତ୍ରଙ୍କ ଏହି ସଫଳତା ପାଇଁ ବିଦ୍ୟାଳୟର ପ୍ରଧାନଶିକ୍ଷକ ଲକ୍ଷ୍ମୀଧର ବାରିକ ଏବଂ ଶାରୀରିକ ଶିକ୍ଷୟିତ୍ରୀଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଛୁଟିଛି।

ସୁରକ୍ଷିତ ବଚପନ ଅଭିଯାନରେ ଆଇନ ସଚେତନତା



କେନ୍ଦୁଝର, ୩୧।୧୦(ସମିସ): ଜିଲ୍ଲା ଆଇନସେବା ପ୍ରାଧିକରଣ, କେନ୍ଦୁଝର ଆୟୋଜନରେ ନରଣପୁର ସରକାରୀ ଆବାସିକ ବିଦ୍ୟାଳୟ ପରିସରରେ 'ସୁରକ୍ଷିତ ବଚପନ୍ ଅଭିଯାନ' ଶୀର୍ଷକ ଆଇନ ସଚେତନତା କାର୍ଯ୍ୟକ୍ରମ ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲ୍ଲା ଜଜ୍ ଗୋପାଳଚନ୍ଦ୍ର ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପ୍ରାଧିକରଣ ସଚିବ ସସ୍ମିତା ନନ୍ଦିନୀ ତ୍ରିପାଠୀ ଯୋଗ ଦେଇଥିଲେ। ଉପଖଣ୍ଡୀୟ ବିଚାର ବିଭାଗ ବିଚାରପତି ସନ୍ତୋଷ କୁମାର ବାରିକ, ପ୍ରଥମଶ୍ରେଣୀ କନିଷ୍ଠ ବିଚାରପତି ଯଙ୍ଗମ ଈଶ୍ୱର, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରା, ଟାଉନ ଥାନା ଉପପରିଦର୍ଶିକା ପୂର୍ଣ୍ଣମୟୀ ସେଠୀ, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ କପିଳଚନ୍ଦ୍ର ଦାଶ, ଶିଶୁ ସୁରକ୍ଷା ସେଲର ଝରଣା ଦାଶ, ପାନେଲ ଅଧିବକ୍ତା ଅର୍ଚ୍ଚନା ଦାସ ଯୋଗ ଦେଇଥିଲେ। ପ୍ରାଧିକରଣ ସଦସ୍ୟ ତଥା ତଦାଶା ସଂପାଦକ ଅକ୍ଷୟ କୁମାର ଚକ୍ର ସଭା ପରିଚାଳନା କରିଥିଲେ। ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାର ପ୍ରଶ୍ନ କରାଯାଇ ତାର ସନ୍ତୋଷଜନକ ଉତ୍ତର ପାଇ ପାରିଥିଲେ। ପରବର୍ତ୍ତୀ ଦିନରେ ଏହି କାର୍ଯ୍ୟକ୍ରମ ଡିଏଭି ବିଦ୍ୟାଳୟ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଓଡିଶା ଆଦର୍ଶ ବିଦ୍ୟାଳୟ, ରବିନ୍ଦ୍ର ବିଦ୍ୟା ନିକେତନ ବିଦ୍ୟାଳୟରେ କରାଯାଇ ଛାତ୍ରଛାତ୍ରୀମାନଙ୍କୁ ସୁରକ୍ଷିତ ରହିବାର ସଚେତନତା କାର୍ଯ୍ୟକ୍ରମ ଉପର ଅବଗତ କରାଯିବାକୁ ସ୍ଥିରୀକୃତ ହୋଇଛି।

ହାତୀ-ମଣିଷ ସଂଘର୍ଷ ପ୍ରଭାବିତ ଅଞ୍ଚଳରେ ଚକ୍ଷୁ ଶିବିର



କେନ୍ଦୁଝର, ୩୧।୧୦(ସମିସ): ହାତୀ-ମଣିଷ ସଂଘର୍ଷ ପ୍ରଭାବିତ ଦୁର୍ଗମ ଗ୍ରାମାଞ୍ଚଳରେ ଜନସାଧାରଣଙ୍କୁ ସ୍ୱାସ୍ଥ୍ୟସେବା ପହଞ୍ଚାଇବା ଲକ୍ଷ୍ୟରେ ଏକ ମାଗଣା ଚକ୍ଷୁ ପରୀକ୍ଷା ଓ ମୋତିଆବିନ୍ଦୁ ଚିହ୍ନଟ ଶିବିର ଶନିବାର ଦିନ ହରିଚନ୍ଦନପୁର ବ୍ଲକ ଅନ୍ତର୍ଗତ ବକ୍ସବାରିଗାଁ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। କେନ୍ଦୁଝର ଡେଭଲପମେଣ୍ଟ ଟ୍ରଷ୍ଟ, କେନ୍ଦୁଝର ବନଖଣ୍ଡ ଏବଂ ଭୂମିକା ଚକ୍ଷୁ ଚିକିତ୍ସାଳୟ, କେନ୍ଦୁଝରର ମିଳିତ ସହଯୋଗରେ ଆୟୋଜିତ ଏହି ଶିବିରରେ ହାତୀ-ମଣିଷ ସଂଘର୍ଷ ପ୍ରଭାବିତ ଓସ୍ତପଙ୍ଗା, ଶାଳବେଡ଼ା, ବଇଜାପଡ଼ା, ମଧୁପୁର, ଧାନବେଣି ଓ ବକ୍ସବାରିଗାଁ ଆଦି ଗ୍ରାମରୁ ଆସିଥିବା ମୋଟ ୪୩ ଜଣ ଆଦିବାସୀ ଓ ବନବାସୀଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ଏଥିସହିତ ଆବଶ୍ୟକ ଅନୁଯାୟୀ ରୋଗୀମାନଙ୍କୁ ପ୍ରାଥମିକ ଚକ୍ଷୁ ଚିକିତ୍ସା ଓ ପରାମର୍ଶ ପ୍ରଦାନ କରାଯାଇଥିଲା। ଭୂମିକା ଚକ୍ଷୁ ଚିକିତ୍ସାଳୟର ଅପ୍‌ଟୋମେଟ୍ରିଷ୍ଟ ଅପର୍ଣ୍ଣା ପରିଡ଼ା, ଭିଜନ ଟେକ୍ନିସିଆନ ଲଳିତାରାଣୀ ଜେନା, ସ୍ୱାସ୍ଥ୍ୟସେବିକା ମଧୁସ୍ମିତା ବେହେରା ଓ ଲିଜା ନାୟକ ପ୍ରମୁଖ ରୋଗୀମାନଙ୍କର ଚକ୍ଷୁ ପରୀକ୍ଷା କରିଥିଲେ। ପରୀକ୍ଷା ସମୟରେ ୮ ଜଣଙ୍କ ଠାରେ ମୋତିଆବିନ୍ଦୁ ରୋଗ ଚିହ୍ନଟ ହୋଇଥିବା ବେଳେ ସେଥିମଧ୍ୟରୁ ୬ ଜଣଙ୍କୁ ମୋତିଆବିନ୍ଦୁ ଅସ୍ତ୍ରୋପଚାର ନିମନ୍ତେ ଭୂମିକା ଚକ୍ଷୁ ଚିକିତ୍ସାଳୟକୁ ପଠାଯାଇଛି। ଶିବିରକୁ କେନ୍ଦୁଝର ଡେଭଲପମେଣ୍ଟ ଟ୍ରଷ୍ଟର ସମ୍ପାଦକ ଭକ୍ତବତ୍ସଳ ମହାନ୍ତି ସଂଯୋଜନା କରିଥିବା ବେଳେ ବକ୍ସବାରିଗାଁ ପଞ୍ଚାୟତର ସରପଞ୍ଚ ହରେକୃଷ୍ଣ ଦେହୁରୀ ଶିବିରକୁ ଉଦ୍‌ଘାଟନ କରିଥିଲେ। କେନ୍ଦୁଝର ଡେଭଲପମେଣ୍ଟ ଟ୍ରଷ୍ଟର କ୍ଷେତ୍ରୀୟ କର୍ମୀ ସ୍ମୃତିରଞ୍ଜନ ମହାକୁଡ଼, ୱାର୍ଡମେମ୍ବର ଏବଂ ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟାମାନେ ଶିବିର ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ। ଏହି ଅବସରରେ କେନ୍ଦୁଝର ଡେଭଲପମେଣ୍ଟ ଟ୍ରଷ୍ଟ ପକ୍ଷରୁ ୧୦ ଜଣ ଆବଶ୍ୟକୀୟ ବ୍ୟକ୍ତିଙ୍କୁ ମାଗଣା ଚଷମା ବଣ୍ଟନ କରାଯାଇଥିଲା।

ଧରଣୀଧର ବିଶ୍ୱବିଦ୍ୟାଳୟରେ ରାଷ୍ଟ୍ରୀୟ ଏକତା ଦିବସ



କେନ୍ଦୁଝର, ୩୧।୧୦(ସମିସ): ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ଅବସରରେ ଧରଣୀଧର ବିଶ୍ୱବିଦ୍ୟାଳୟରେ ଶନିବାର ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର ଏନ୍‌ଇଏଚ୍-୫ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ କୁଳପତି ପ୍ରଫେସର ସଞ୍ଜୟ କୁମାର ପାତ୍ର ସମସ୍ତଙ୍କୁ ରାଷ୍ଟ୍ରୀୟ ଏକତା ଦିବସର ଶପଥ ପାଠ କରାଇଥିଲେ। ଏହି ଅବସରରେ କୁଳପତି ଦେଶର ଅଖଣ୍ଡତା, ଏକତା ଓ ସଂହତି ରକ୍ଷା କରିବା ସହ ଜାତୀୟ ଐକ୍ୟବୋଧକୁ ସୁଦୃଢ଼ କରିବାରେ ପ୍ରତ୍ୟେକ ନାଗରିକଙ୍କ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର କୁଳସଚିବ ସୁଶ୍ରୀ ପ୍ରତିଭା ପୃଷ୍ଟି, ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ପ୍ରଭୁପ୍ରସାଦ ଦାସ, ଛାତ୍ର ମଙ୍ଗଳ ଅଧିକାରୀ ବିଜୟ କୁମାର ବେହେରା ଏବଂ ଜନସମ୍ପର୍କ ଅଧିକାରୀ ଡକ୍ଟର ସୁମନ୍ତ ନାଏକଙ୍କ ସମେତ ବିଶ୍ୱବିଦ୍ୟାଳୟର ସମସ୍ତ ଅଧ୍ୟାପକଅଧ୍ୟାପିକା, ଛାତ୍ରଛାତ୍ରୀ ଓ କର୍ମଚାରୀ ଯୋଗ ଦେଇଥିଲେ। ସମସ୍ତଙ୍କର ସକ୍ରିୟ ସହଯୋଗ ଓ ଉପସ୍ଥିତି ଏହି ଆୟୋଜନକୁ ସଫଳ କରିଥିଲା।

ନିଶାମୁକ୍ତ ଭାରତ ଗଠନ ପାଇଁ ସମସ୍ତଙ୍କ ସହଯୋଗ ଲୋଡ଼ିଲେ ଥାନାଧିକାରୀ



ଚମ୍ପୁଆ, ୩୧।୧୦(ସମିସ): ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ଚମ୍ପୁଆ ଥାନା ପରିସରରେ ଆମ ପୁଲିସ ସମିତିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ନିଶାମୁକ୍ତ ଭାରତ ଗଠନ, ଯୁବସମାଜକୁ ନିଶା କବଳରୁ ଦୂରେଇ ରଖିବା ଏବଂ ଏକ ସୁସ୍ଥ, ସୁରକ୍ଷିତ ଓ ଶକ୍ତିଶାଳୀ ସମାଜ ଗଠନ ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ବୈଠକରେ ଚମ୍ପୁଆ ଥାନାଧିକାରୀ ସ୍ୱରୂପ ରଞ୍ଜନ ନାୟକ ନିଶାମୁକ୍ତ ସମାଜ ଗଠନ ପାଇଁ ସମସ୍ତଙ୍କ ସକ୍ରିୟ ସହଯୋଗ କାମନା କରିଥିଲେ। ନିଶାର କୁପ୍ରଭାବ ଯୁବପିଢ଼ିର ଭବିଷ୍ୟତକୁ ନଷ୍ଟ କରିବା ସହ ପରିବାର ଓ ସମାଜରେ ବିଭିନ୍ନ ସମସ୍ୟା ସୃଷ୍ଟି କରୁଛି। ତେଣୁ ନିଶା ବିରୋଧରେ ଜନସଚେତନତା ସୃଷ୍ଟି କରିବା ସହ ଏହାର ନିରାକରଣ ପାଇଁ ସମସ୍ତେ ଏକଜୁଟ ହେବା ଆବଶ୍ୟକ ବୋଲି ସେ ମତପ୍ରକାଶ କରିଥିଲେ। ଏହି ଅବସରରେ ଭାଷା, ଜାତି, ଧର୍ମ ଓ ବର୍ଣ୍ଣଗତ ଭିନ୍ନତା ସତ୍ତ୍ୱେ ଆମେ ସମସ୍ତେ ଏକ ଭାରତୀୟ ବୋଲି ଉଲ୍ଲେଖ କରି ଜାତୀୟ ଏକତା, ଭାଇଚାରା ଓ ସାମାଜିକ ସଦ୍‌ଭାବ ବଜାୟ ରଖିବାକୁ ଆହ୍ୱାନ ଦିଆଯାଇଥିଲା। ସୁସ୍ଥ ଯୁବକ, ସୁରକ୍ଷିତ ସମାଜ ଓ ଶକ୍ତିଶାଳୀ ଭାରତ ଗଠନ ପାଇଁ ସମସ୍ତେ ମିଳିତ ଭାବେ ସଂକଳ୍ପ ନେଇଥିଲେ। କାର୍ଯ୍ୟକ୍ରମରେ ସବ୍‌ଇନ୍ସପେକ୍ଟର ନିରଞ୍ଜନ ବେହେରା ସହଯୋଗ କରିଥିଲେ।

ପାଟଣା ଥାନାରେ ଆମ ପୁଲିସ ସମିତି ବୈଠକ

ତୁରୁମୁଙ୍ଗା, ୩୧।୧୦(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଥାନା ପରିସରରେ ଶନିବାର ଆମ ପୁଲିସ ସମିତି ପକ୍ଷରୁ ନିଶାମୁକ୍ତ ଭାରତ ପାଇଁ ଶପଥ ପାଠ, ରାଷ୍ଟ୍ରୀୟ ଏକତା ଦିବସ ବୈଠକ ଥାନା ଅଧିକାରୀ କିରଣ ପ୍ରସାଦ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ବୈଠକରେ ଅଞ୍ଚଳର ଆଇନଶୃଙ୍ଖଳା ପରିସ୍ଥିତି, ଅପରାଧ ନିୟନ୍ତ୍ରଣ ଓ ଜନସାଧାରଣଙ୍କ ସୁରକ୍ଷା ସମ୍ପର୍କରେ ଆଲୋଚନା ହୋଇଥିଲା। ବିଶେଷକରି ପାଟଣା ଅଞ୍ଚଳରେ ଚୋରି ଓ ଡକାୟତି ରୋକିବାକୁ ପୁଲିସ ପକ୍ଷରୁ କଡ଼ା ପଦକ୍ଷେପ ଗ୍ରହଣ ସହ ବ୍ୟବସାୟୀ ଓ ସାଧାରଣ ଲୋକଙ୍କ ସହଯୋଗ ଲୋଡ଼ାଯାଇଥିଲା। ସମସ୍ତ ବ୍ୟବସାୟିକ ପ୍ରତିଷ୍ଠାନ ଓ ଦୋକାନ ସମ୍ମୁଖରେ ସିସିଟିଭି କ୍ୟାମେରା ଲଗାଇବାକୁ ପୁଲିସ ଅଧିକାରୀମାନେ ପରାମର୍ଶ ଦେଇଥିଲେ। ସେହିପରି ବଢୁଥିବା ସାଇବର ଠକେଇରୁ ସୁରକ୍ଷିତ ରହିବା ପାଇଁ ଅଜଣା ବ୍ୟକ୍ତିଙ୍କୁ ମୋବାଇଲ ନମ୍ବର, ଓଟିପି ଓ ଏଟିଏମ୍ କାର୍ଡର ପିନ୍ ନ ଦେବା ସହ ସନ୍ଦିଗ୍ଧ ଫୋନ୍ କଲ୍ ପ୍ରତି ସତର୍କ ରହିବାକୁ ସଚେତନ କରାଯାଇଥିଲା। ଥାନାଧିକାରୀ କିରଣ ପ୍ରସାଦ ସାହୁ, ଏସ୍ଆଇ ଲକ୍ଷ୍ମଣ ମାଝୀ, ଏଏସ୍ଆଇ ଜିତେନ୍ଦ୍ର ପଟେଲଙ୍କ ସମେତ ପାଟଣା ବଜାରର ଅଜୟ ଦାଶ, ସମବାୟବିତ ଦିନବନ୍ଧୁ ମିଶ୍ର, ବ୍ୟବସାୟୀ ଯତୀନ୍ଦ୍ର ଦାଶ, ସହଦେବ ବେହେରା, ଦକ୍ଷକୁମାର ସାହୁ, ଅଜୟ ଦାସ, ପ୍ରଦୀପ ବେହେରା, ବିଷ୍ଣୁ ବେହେରା, ସାମ୍ବାଦିକ କାମିନୀକାନ୍ତ ଦ୍ୱିବେଦୀ, ଦଶରଥ ବାରିକ, ଚିରଞ୍ଜିବ ଦାଶ, ରଞ୍ଜନ ବାରିକ ଉପସ୍ଥିତ ଥିଲେ।

ଶିକ୍ଷୟିତ୍ରୀ ମନୋରମା ସାମଲଙ୍କୁ ବିଦାୟ ସମ୍ବର୍ଦ୍ଧନା

ଚମ୍ପୁଆ, ୩୧।୧୦(ସମିସ)



ଦୀର୍ଘଦିନର ଶିକ୍ଷାଦାନ, ନିଷ୍ଠାପର ସେବା ଓ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଠନରେ ଅମୂଲ୍ୟ ଅବଦାନ ପାଇଁ ସରକାରୀ ପ୍ରାଥମିକ ବିଦ୍ୟାଳୟ, ପ୍ରତାପପୋଷିର ଶିକ୍ଷୟିତ୍ରୀ ମନୋରମା ସାମଲଙ୍କୁ ଭାବବିହ୍ୱଳ ପରିବେଶରେ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। କାଳିକାପ୍ରସାଦ ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଆୟୋଜିତ ଏହି ସମ୍ବର୍ଦ୍ଧନା ସଭାରେ ଶିକ୍ଷାଦାନ କ୍ଷେତ୍ରରେ ଶ୍ରୀମତୀ ସାମଲଙ୍କ ନିଷ୍ଠା, କର୍ତ୍ତବ୍ୟପରାୟଣତା ଓ ଛାତ୍ରଛାତ୍ରୀଙ୍କ ପ୍ରତି ସ୍ନେହପୂର୍ଣ୍ଣ ଆଚରଣକୁ ସ୍ମରଣ କରାଯାଇଥିଲା। ଜଣେ ଆଦର୍ଶ ଶିକ୍ଷୟିତ୍ରୀ ଭାବେ ତାଙ୍କର ଅବଦାନ ବିଦ୍ୟାଳୟ ଓ ଶିକ୍ଷାଜଗତରେ ସଦାସ୍ମରଣୀୟ ହୋଇରହିବ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ସଭାରେ ଚମ୍ପୁଆର ଏବିଇଓ ମୁକୁନ୍ଦ ଚରଣ ସାହୁ ମୁଖ୍ୟଅତିଥି, ଅବସରପ୍ରାପ୍ତ ଶିକ୍ଷକ ଭିକାରୀ ଚରଣ ମହାନ୍ତ ମୁଖ୍ୟବକ୍ତା ଏବଂ ରାମଚନ୍ଦ୍ରପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦେବବ୍ରତ ରାଉତ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କାଳିକାପ୍ରସାଦ ସିଆରସିସି କୈଳାସଚନ୍ଦ୍ର ଜେନା ସଭାରେ ଅଧ୍ୟକ୍ଷତା କରିଥିଲେ। ଅତିଥିମାନେ ଶ୍ରୀମତୀ ସାମଲଙ୍କ ଶିକ୍ଷାଦାନ ଜୀବନର ଅନୁଭୂତି ଓ ସେବାକୁ ଉଚ୍ଚ ପ୍ରଶଂସା କରିବା ସହ ତାଙ୍କର ଆଗାମୀ ଜୀବନ ସୁଖମୟ, ସୁସ୍ଥ ଓ ଶାନ୍ତିପୂର୍ଣ୍ଣ ହେଉ ବୋଲି କାମନା କରିଥିଲେ। ସମ୍ବର୍ଦ୍ଧନା ମୁହୂର୍ତ୍ତରେ ଶିକ୍ଷୟିତ୍ରୀଙ୍କ ସ୍ମୃତି, ଶିକ୍ଷା ଓ ମାର୍ଗଦର୍ଶନକୁ ମନେ ପକାଇ ସଭା ପରିସର ଭାବପ୍ରବଣ ହୋଇଉଠିଥିଲା। ଜଣେ ଶିକ୍ଷକଙ୍କ ବିଦାୟ କେବଳ ଏକ କାର୍ଯ୍ୟଜୀବନର ଅବସାନ ନୁହେଁ, ବରଂ ତାଙ୍କ ଅବଦାନ ଓ ସ୍ମୃତିକୁ ସମ୍ମାନ ଜଣାଇବାର ଏକ ଅବିସ୍ମରଣୀୟ ଅବସର ବୋଲି ମତ ପ୍ରକାଶ ପାଇଥିଲା।

ଚନ୍ଦ୍ରଶେଖର କପ୍ ଫୁଟ୍‌ବଲ; ଆଜି ଫାଇନାଲ



ଚମ୍ପୁଆ, ୩୧।୧୦(ସମିସ): ଝିପିଝିପି ବର୍ଷାକୁ ଖାତିର ନକରି ଷଷ୍ଠ ଚନ୍ଦ୍ରଶେଖର କପ୍ ଫୁଟବଲ ପ୍ରତିଯୋଗିତାର ଦ୍ୱିତୀୟ ଦିନରେ ଚମ୍ପୁଆ ନେହରୁ ଷ୍ଟାଡିୟମରେ ଜମିଥିଲା ହଜାର ହଜାର ଦର୍ଶକଙ୍କ ଭିଡ଼। ମର୍ଣ୍ଣିଂ କ୍ଲବ ପକ୍ଷରୁ ଆୟୋଜିତ ଏହି ଫୁଟବଲ ମହାକୁମ୍ଭରେ ଦେଶ ବିଦେଶରୁ ଆସିଥିବା ଖେଳାଳିଙ୍କ ଦମ୍‌ଦାର ପ୍ରଦର୍ଶନ କ୍ରୀଡ଼ାପ୍ରେମୀଙ୍କୁ ମନ୍ତ୍ରମୁଗ୍ଧ କରିଛି। ଆସନ୍ତାକାଲି ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। ପ୍ରତିଦିନ ଫୁଟବଲ ମ୍ୟାଚ୍ ସହ ଦର୍ଶକଙ୍କ ମନୋରଞ୍ଜନ ପାଇଁ ସିନେ ତାରକାଙ୍କ ଆଗମନ ଏହି ପ୍ରତିଯୋଗିତାର ଅନ୍ୟତମ ଆକର୍ଷଣ ପାଲଟିଛି। ଦ୍ୱିତୀୟ ଦିନରେ ଓଡ଼ିଆ ସିନେ ତାରକା ପୁନମ ମିଶ୍ର ଯୋଗଦେଇ ଦର୍ଶକଙ୍କ ଉତ୍ସାହକୁ ଦ୍ୱିଗୁଣିତ କରିଥିଲେ। ଖେଳର ରୋମାଞ୍ଚକୁ ଆହୁରି ଜୀବନ୍ତ କରିଥିଲେ ଭାଷ୍ୟକାର ବୁଲବୁଲ ଆପଟ, ଭୋଳାନାଥ ମହାକୁଡ଼ ଓ କ୍ଷୀରୋଦ ମହାନ୍ତ। ଓଡ଼ିଆ, ହିନ୍ଦୀ ଓ ଇଂରାଜୀ ଭାଷାରେ ସେମାନଙ୍କ ଆକର୍ଷଣୀୟ ଧାରାବିବରଣୀ ଦର୍ଶକଙ୍କୁ ମନୋରଞ୍ଜନର ଭରପୂର ଖୋରାକ ଯୋଗାଇଥିଲା। ପ୍ରତିଯୋଗିତାରେ ରେଫରି ଭାବେ କଟକର ବିଜୟ ମଙ୍ଗରାଜ, ଝାରସୁଗୁଡ଼ାର ଜିତୁ ପାତ୍ର, ସୁନ୍ଦରଗଡ଼ର ଗଜାନନ ପାତ୍ର, ଅମିତ୍ରି ଡାଙ୍ଗ, ରାଜେଶ କିଷ୍ଣୁ ଓ ଆକାଶ ରାଉତ ଖେଳ ପରିଚାଳନା କରୁଛନ୍ତି। ଫାଇନାଲ ମ୍ୟାଚ୍‌କୁ ନେଇ ଚମ୍ପୁଆ ସମେତ ଆଖପାଖ ଅଞ୍ଚଳର କ୍ରୀଡ଼ାପ୍ରେମୀଙ୍କ ମଧ୍ୟରେ ଉତ୍କଣ୍ଠା ବଢ଼ିଥିବାବେଳେ ନେହରୁ ଷ୍ଟାଡିୟମରେ ଆସନ୍ତାକାଲି ଆହୁରି ବ୍ୟାପକ ଜନସମାଗମ ହେବା ଆଶା କରାଯାଉଛି।

ସକାଳ
THE SAKALA

ବାୟୋମେଟ୍ରିକ୍ ଉପସ୍ଥାନ ଆଧାରରେ ମିଳିବ ସ୍ୱାସ୍ଥ୍ୟକର୍ମୀଙ୍କ ଦରମା

୧୦ ଦିନ ମଧ୍ୟରେ ମେସିନ୍ ସ୍ଥାପନ ଓ ପ୍ରତ୍ୟେକ ଉପସ୍ଥାନ କେନ୍ଦ୍ରରେ ସିସିଟିଭି ଲଗାଇବାକୁ ନିର୍ଦ୍ଦେଶ

ରାୟଗଡ଼, ୩୧।୧୦(ସମିସ)

ସ୍ୱାସ୍ଥ୍ୟକେନ୍ଦ୍ରରେ କର୍ମଚାରୀଙ୍କ ଅନିୟମିତ ଉପସ୍ଥାନ ଓ କାର୍ଯ୍ୟରେ ଅବହେଳା ରୋକିବାକୁ ରାୟଗଡ଼ ଜିଲ୍ଲାରେ କଡ଼ା ନିୟମ ଲାଗୁ କରିଛନ୍ତି ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ। ଏଣିକି କର୍ମଚାରୀଙ୍କ ମାସିକ ଦରମା ବାୟୋମେଟ୍ରିକ୍ ଉପସ୍ଥାନ ଆଧାରରେ ପ୍ରସ୍ତୁତ ହେବ। ଏଥିପାଇଁ ଜିଲ୍ଲାର ସମସ୍ତ ସ୍ୱାସ୍ଥ୍ୟାନୁଷ୍ଠାନରେ ୧୦ ଦିନ ମଧ୍ୟରେ ବାୟୋମେଟ୍ରିକ୍ ମେସିନ୍ ସ୍ଥାପନ ଓ କାର୍ଯ୍ୟକ୍ଷମ କରିବା ସହ ପ୍ରତ୍ୟେକ ଉପସ୍ଥାନ କେନ୍ଦ୍ରରେ ସିସିଟିଭି ଲଗାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ଅକ୍ଟୋବର ୩୧ ତାରିଖରେ ଜାରି ଜରୁରୀ ନିର୍ଦ୍ଦେଶନାମାରେ ନିଜ ନିଜ ପ୍ରଶାସନିକ ନିୟନ୍ତ୍ରଣରେ ଥିବା ସମସ୍ତ କର୍ମଚାରୀଙ୍କ ଦରମା ବାୟୋମେଟ୍ରିକ୍ ଉପସ୍ଥାନ ଆଧାରରେ ପ୍ରସ୍ତୁତ କରିବାକୁ ସମ୍ପୃକ୍ତ ଅଧିକାରୀମାନଙ୍କୁ କୁହାଯାଇଛି। ପ୍ରତି ମାସ ଶେଷ ହେବାର ୪ରୁ ୫ ଦିନ ପୂର୍ବରୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ନିଜେ ଉପସ୍ଥାନ ତଥ୍ୟ ଯାଞ୍ଚ କରିବେ। ଏହାପରେ ଦରମା ବିଲ୍ ପ୍ରସ୍ତୁତ ହେବ। ବାୟୋମେଟ୍ରିକ୍ ଉପସ୍ଥାନ ବ୍ୟବସ୍ଥାରେ କୌଣସି ପ୍ରକାର ହସ୍ତକ୍ଷେପ କିମ୍ବା ତଥ୍ୟରେ ପରିବର୍ତ୍ତନ କରାଗଲେ ଏହାକୁ ଗୁରୁତ୍ୱର ସହ ନିଆଯିବ ଏବଂ ସମ୍ପୃକ୍ତ ଅଧିକାରୀଙ୍କ ଦାୟିତ୍ୱ ସ୍ଥିର କରାଯିବ। ଯେଉଁ ସ୍ୱାସ୍ଥ୍ୟାନୁଷ୍ଠାନରେ ବାୟୋମେଟ୍ରିକ୍ ମେସିନ୍ ସ୍ଥାପନ ହୋଇନାହିଁ, ସେଠାରେ ନିର୍ଦ୍ଦେଶନାମା ଜାରି ହେବାର ୧୦ ଦିନ ମଧ୍ୟରେ ମେସିନ୍ ସ୍ଥାପନ ସହ କାର୍ଯ୍ୟକ୍ଷମ କରିବାକୁ କୁହାଯାଇଛି। ଏଥିପାଇଁ ରୋଗୀ କଲ୍ୟାଣ ସମିତି, ଗ୍ରାମ କଲ୍ୟାଣ ସମିତି ପାଣ୍ଠି କିମ୍ବା ଅନ୍ୟ ଅନୁମୋଦିତ ପାଣ୍ଠି ବ୍ୟବହାର କରାଯାଇପାରିବ। ପ୍ରତ୍ୟେକ ବାୟୋମେଟ୍ରିକ୍ ଉପସ୍ଥାନ କେନ୍ଦ୍ରରେ ସିସିଟିଭି ଲଗାଇବା ମଧ୍ୟ ବାଧ୍ୟତାମୂଳକ କରାଯାଇଛି। ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ଉପସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ କାର୍ଯ୍ୟରତ ଡାକ୍ତର, ସାମୁଦାୟିକ ସ୍ୱାସ୍ଥ୍ୟ ଅଧିକାରୀ, ମହିଳା ଓ ପୁରୁଷ ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ ତଥା ମହିଳା ଓ ପୁରୁଷ ବହୁମୁଖୀ ସ୍ୱାସ୍ଥ୍ୟ ପରିଦର୍ଶକମାନେ ନିୟମିତ ଓ ଠିକ୍ ସମୟରେ ନିଜ କାର୍ଯ୍ୟସ୍ଥଳରେ ଉପସ୍ଥିତ ରହିବା ସହ ଅପରାହ୍ଣ ୫ଟା ପର୍ଯ୍ୟନ୍ତ ଦାୟିତ୍ୱ ସମ୍ପାଦନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଡାକ୍ତରମାନେ ଓ ଅନ୍ୟ କ୍ଷେତ୍ରସ୍ତରୀୟ କର୍ମଚାରୀମାନେ ଅପରାହ୍ଣ ୫ଟା ପର୍ଯ୍ୟନ୍ତ ନିଜ ଦାୟିତ୍ୱ ନିର୍ବାହ କରୁନଥିବା ନଜରକୁ ଆସିଥିବାରୁ ସମସ୍ତ ଚିକିତ୍ସାଧିକାରୀ ନିଜ ଅଧୀନସ୍ଥ ସ୍ୱାସ୍ଥ୍ୟାନୁଷ୍ଠାନରେ ନିୟମିତ ଓ ସମୟାନୁବର୍ତ୍ତୀ ଉପସ୍ଥାନ ସୁନିଶ୍ଚିତ କରିବେ। ବ୍ଲକ କାର୍ଯ୍ୟକ୍ରମ ପରିଚାଳକ ଓ ବ୍ଲକ ତଥ୍ୟ ପରିଚାଳକ ନିୟମିତ କ୍ଷେତ୍ର ପରିଦର୍ଶନ କରିବେ। ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ ସମସ୍ତ ବ୍ଲକ କାର୍ଯ୍ୟକ୍ରମ ପରିଚାଳକଙ୍କ ସହ ସମନ୍ୱୟ ରକ୍ଷା କରି ବାୟୋମେଟ୍ରିକ୍ ମେସିନ୍ ସ୍ଥାପନ ଓ କ୍ଷେତ୍ରସ୍ତରୀୟ କାର୍ଯ୍ୟକଳାପର ତଥ୍ୟ ସଂଗ୍ରହ କରିବେ। ମାତୃ ମୃତ୍ୟୁ ଓ ଶିଶୁ ମୃତ୍ୟୁ ସମୀକ୍ଷା ରିପୋର୍ଟ ସମେତ ଅନ୍ୟାନ୍ୟ ରିପୋର୍ଟ ପ୍ରସ୍ତୁତି ଓ ଦାଖଲରେ ମଧ୍ୟ ନିୟମିତତା ରଖିବାକୁ କୁହାଯାଇଛି। ଏହାବ୍ୟତୀତ ସମସ୍ତ ବିଭାଗୀୟ ଅଧିକାରୀ, ଗୁଣପୁର ଉପଖଣ୍ଡ ଚିକିତ୍ସାଳୟ ଅଧୀକ୍ଷକ ଓ ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଚିକିତ୍ସାଧିକାରୀ ନିୟମିତ କ୍ଷେତ୍ର ପରିଦର୍ଶନ କରିବେ। ବିଶେଷକରି ଗ୍ରାମସ୍ତରୀୟ ସ୍ୱାସ୍ଥ୍ୟ, ପୁଷ୍ଟି ଓ ଟିକାକରଣ ଦିବସ ସମୟରେ ପରିଦର୍ଶନ କରି ତୃଣମୂଳସ୍ତରରେ ସ୍ୱାସ୍ଥ୍ୟସେବାର ମାନ ଯାଞ୍ଚ କରିବାକୁ ନିର୍ଦ୍ଦେଶ ରହିଛି। ପରିଦର୍ଶନ ସମୟରେ ଅନୁପସ୍ଥିତ ଥିବା କର୍ମଚାରୀଙ୍କୁ ବିନା ଅନୁମତିରେ ଅନୁପସ୍ଥିତ ଭାବେ ଚିହ୍ନଟ କରି ପରିଦର୍ଶନ ଟିପ୍ପଣୀ ମାଧ୍ୟମରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଜଣାଇବାକୁ ହେବ। ଏହି ସମୟରେ ଗର୍ଭବତୀଙ୍କ ରକ୍ତଚାପ ମାପ, ହିମୋଗ୍ଲୋବିନ୍ ପରୀକ୍ଷା, ପ୍ରସବର ସମ୍ଭାବ୍ୟ ତାରିଖ ନିର୍ଦ୍ଧାରଣ, ଅଧିକ ବିପଦପୂର୍ଣ୍ଣ ଗର୍ଭଧାରଣ ଚିହ୍ନଟ ଓ ଅନୁଷ୍ଠାନରେ ପ୍ରସବ ବ୍ୟବସ୍ଥା ଯାଞ୍ଚ କରାଯିବ। ଅଧିକ ସହାୟତା ଆବଶ୍ୟକ କରୁଥିବା ଗର୍ଭବତୀଙ୍କୁ ଉପଯୁକ୍ତ ପରାମର୍ଶ ଦେବା ସହ ଚିକିତ୍ସାଗତ ଆବଶ୍ୟକତା ଅନୁସାରେ ନିକଟସ୍ଥ ମା' ଗୃହ, ପ୍ରସବ କେନ୍ଦ୍ର କିମ୍ବା ଉଚ୍ଚତର ସ୍ୱାସ୍ଥ୍ୟାନୁଷ୍ଠାନକୁ ପଠାଇବାକୁ କୁହାଯାଇଛି। ବିଶେଷକରି ଅଧିକ ବିପଦପୂର୍ଣ୍ଣ ଗର୍ଭବତୀଙ୍କୁ ଆବଶ୍ୟକ ଚିକିତ୍ସା ସୁବିଧା ଥିବା କେନ୍ଦ୍ରକୁ ପଠାଇ ସୁରକ୍ଷିତ ଅନୁଷ୍ଠାନିକ ପ୍ରସବ ସୁନିଶ୍ଚିତ କରିବାକୁ ଗୁରୁତ୍ୱ ଦିଆଯାଇଛି। ନିର୍ଦ୍ଦେଶନାମାରେ ଉଲ୍ଲେଖିତ ସମସ୍ତ ନିୟମକୁ ତୁରନ୍ତ ଓ କଡ଼ାକଡ଼ି ଭାବେ ପାଳନ କରିବାକୁ କୁହାଯାଇଛି।

ବିଦ୍ୟୁତ୍ ଆଘାତରେ ମା' ଓ ୮ ମାସର ଶିଶୁର ମୃତ୍ୟୁ

● ୬ ବର୍ଷର ପୁଅ ଅସହାୟ



ନନ୍ଦପୁର, ୩୧।୧୦(ସମିସ): ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ମା' ଓ ୮ ମାସର ଶିଶୁ ପୁତ୍ରର ମୃତ୍ୟୁ ଘଟିବା ଘଟଣା ନନ୍ଦପୁର ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି। ନନ୍ଦପୁର ଥାନା ଅନ୍ତର୍ଗତ କସନ୍ଦି ପଞ୍ଚାୟତର ରେଡ଼ାପୁଟ ଗ୍ରାମରେ ନିଜ ଘରେ ଏହି ଅଭାବନୀୟ ଘଟଣାଟି ଘଟିଛି। ମୃତକ ହେଲେ ତୁଳାବତୀ କାଟିଆ ଓ ତାଙ୍କର ୮ ମାସର ଶିଶୁପୁତ୍ର ବିରାଜ କାଟିଆ। ସୂଚନା ଅନୁଯାୟୀ, ତୁଳାବତୀ ନନ୍ଦପୁର ବ୍ଲକ ଅନ୍ତର୍ଗତ କସନ୍ଦୀ ପଞ୍ଚାୟତର ରେଡ଼ାପୁଟ ଗ୍ରାମରେ ସିଆର୍‌ପି ଭାବେ କାର୍ଯ୍ୟରତ ଥିଲେ। ତାଙ୍କ ସ୍ୱାମୀ ରେଲି କାଟିଆ। ପରିବାରରେ ଏକ ୬ ବର୍ଷର ପୁଅ ମଧ୍ୟ ରହିଛି। ଘରେ କେହି ନଥିବା ସମୟରେ ଝୁଲି ରହିଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ମା' ଓ ଶିଶୁଙ୍କ ମୃତ୍ୟୁ ଘଟିଥିବା ପ୍ରାଥମିକ ଭାବେ ଅନୁମାନ କରାଯାଉଛି। ନନ୍ଦପୁର ଥାନାଧିକାରୀ ତ୍ରିନାଥ ତୋଟାପାଡ଼ିଆ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ସନ୍ଧ୍ୟା ହୋଇଯାଇଥିବାରୁ ଉଭୟଙ୍କ ମୃତଦେହ ନନ୍ଦପୁର ଶବଗୃହରେ ରଖାଯାଇଛି। ଆସନ୍ତାକାଲି ଶବ ବ୍ୟବଚ୍ଛେଦ ପରେ ମୃତଦେହ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯିବ ବୋଲି ଜଣାପଡ଼ିଛି। ମା' ଓ ଶିଶୁଙ୍କ ଅକାଳ ବିୟୋଗରେ ଅଞ୍ଚଳରେ ଗଭୀର ଶୋକ ପ୍ରକାଶ ପାଇଛି।

ଇନ୍ଦିରା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିକୁ ଅସମ୍ମାନ ଅଭିଯୋଗ

କୁନ୍ଦୁରା, ୩୧।୧୦(ସମିସ): ଶନିବାର ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଶ୍ରାଦ୍ଧବାର୍ଷିକୀ ପାଳନ କରାଯାଉଥିଲା ବେଳେ କୋରାପୁଟ ଜିଲ୍ଲା କୁନ୍ଦୁରା ବ୍ଲକ ଅନ୍ତର୍ଗତ ଆସନା ପୁରୁଣା ପଞ୍ଚାୟତ କାର୍ଯ୍ୟାଳୟରେ ଥିବା ଇନ୍ଦିରା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିକୁ ଅସମ୍ମାନ ଅଭିଯୋଗ ହୋଇଛି। ଆଜି ଏହି ପ୍ରତିମୂର୍ତ୍ତିରେ ହେଲାନି ପୂଜାର୍ଚ୍ଚନା। ଯାହାକୁ ନେଇ ଦେଖାଦେଇଛି ଅସନ୍ତୋଷ। ପ୍ରତିମୂର୍ତ୍ତିରେ ଉପଯୁକ୍ତ ସମ୍ମାନ ପ୍ରଦର୍ଶନ କରାଯାଇ ନଥିବା ଅଭିଯୋଗ ହୋଇଛି। ୨୫ ବର୍ଷ ପୂର୍ବରୁ ଏହି ମୂର୍ତ୍ତି ସ୍ଥାପିତ ହୋଇଥିବା ବେଳେ ଅଳ୍ପ କିଛି ବର୍ଷ ପର୍ଯ୍ୟନ୍ତ ଇନ୍ଦିରା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ପୂଜାର୍ଚ୍ଚନା କରାଯାଉଥିଲା। ଏବେ ଏହି ପ୍ରତିମୂର୍ତ୍ତିକୁ ସମ୍ପୂର୍ଣ୍ଣ ଭୁଲିଯାଇଛନ୍ତି। ଏହି ଘଟଣାକୁ ଚର୍ଚ୍ଚା ଜୋର ଧରିଛି। ପ୍ରତିମୂର୍ତ୍ତିର ରକ୍ଷଣାବେକ୍ଷଣ ଓ ଏହାର ଉପଯୁକ୍ତ ସମ୍ମାନ ପ୍ରଦାନ ଦିଗରେ ସମ୍ପୃକ୍ତ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି।

ସେମିଳିଗୁଡ଼ା କଲେଜରେ ଭିଜିଲାନ୍ସ ସଚେତନତା

ସେମିଳିଗୁଡ଼ା, ୩୧।୧୦(ସମିସ): ସେମିଳିଗୁଡ଼ା କଲେଜ ପକ୍ଷରୁ ଭିଜିଲାନ୍ସ ସଚେତନତା ସପ୍ତାହ ଅବସରରେ ସତର୍କତା ଶପଥ ପାଠ କାର୍ଯ୍ୟକ୍ରମ ଭାରପ୍ରାପ୍ତ ଅଧ୍ୟକ୍ଷ ଦେବରାଜ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଯୁବ ରେଡ଼କ୍ରସ, ଏନଏସଏସ, ରେଞ୍ଜର, ରୋଭର ଏବଂ ଏନସିସିର ସମସ୍ତ ସ୍ୱେଚ୍ଛାସେବୀ ଏବଂ କ୍ୟାଡେଟ ତଥା ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକଅଧ୍ୟାପିକା, କର୍ମଚାରୀ ଏବଂ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

ସେମିଳିଗୁଡ଼ା ତହସିଲଦାରଙ୍କ ବଦଳି

ସେମିଳିଗୁଡ଼ା, ୩୧।୧୦(ସମିସ): ସେମିଳିଗୁଡ଼ା ତହସିଲଦାର ଦେବବ୍ରତ କରାଡିଙ୍କୁ ନୂଆପଡ଼ା ଖଡ଼ିଆଳକୁ ବଦଳି କରାଯାଇଥିବା ବେଳେ ବଲାଙ୍ଗୀର ମୁରିବାହାଲରୁ ଜଗଦୀଶ କର୍ତ୍ତାମୀଙ୍କୁ ସେମିଳିଗୁଡ଼ା ତହସିଲଦାର ରୂପେ ନିଯୁକ୍ତି ମିଳିଛି। ଏଥିରେ ଅଧିକାରୀମାନେ ନିର୍ଦ୍ଦେଶନାମା ମିଳିବାର ୭ ଦିନ ମଧ୍ୟରେ ସମ୍ପୃକ୍ତ ନିୟନ୍ତ୍ରଣକାରୀ ଅଧିକାରୀଙ୍କ ଦ୍ୱାରା କାର୍ଯ୍ୟମୁକ୍ତ ହୋଇ ନୂତନ ପଦରେ ଯୋଗ ଦେବାକୁ କୁହାଯାଇଛି।

ବାଗ୍ରାଗୁଡ଼ା ଡ୍ୟାମ୍‌ରୁ ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

ପୋଡ଼ାଗଡ଼, ୩୧।୧୦(ସମିସ): କୋରାପୁଟ-ରାୟଗଡ଼ାକୁ ସଂଯୋଗ କରୁଥିବା ୩୨୬ ନମ୍ବର ଜାତୀୟ ରାଜପଥ ନିକଟସ୍ଥ ବାଗ୍ରାଗୁଡ଼ା ଡ୍ୟାମ୍‌ରୁ ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତଦେହଟି ଡ୍ୟାମ୍‌ରେ ପଡ଼ି ରହିଥିବା ଦେଖି ସ୍ଥାନୀୟ ଗ୍ରାମବାସୀ କୋରାପୁଟ ସଦର ଥାନାକୁ ଖବର ଦେଇଥିଲେ। ପରେ କୋରାପୁଟ ସଦର ଥାନାର ସବ୍‌ଇନ୍ସପେକ୍ଟର ସୁଧାଂଶୁ ନାୟକ ଓ ଏଏସ୍‌ଆଇ ମାଧବ ବାଙ୍କିଆଙ୍କ ନେତୃତ୍ୱରେ ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲା। ପରେ ପୋଲିସ ଡ୍ୟାମ୍‌ରୁ ମୃତଦେହକୁ ଉଦ୍ଧାର କରିଥିଲା। ତେବେ ମୃତ ବ୍ୟକ୍ତିଙ୍କ ପରିଚୟ ଏଯାବତ୍ ଜଣାପଡ଼ିନାହିଁ। ମୃତ୍ୟୁର କାରଣ ମଧ୍ୟ ସ୍ପଷ୍ଟ ହୋଇନାହିଁ।

କସନ୍ଦିରେ ଉନ୍ନୟନ କାର୍ଯ୍ୟର ସମୀକ୍ଷା

ନନ୍ଦପୁର, ୩୧।୧୦(ସମିସ): କୋରାପୁଟ ସିଡିଓ ବେଣୁଧର ଶବର ନନ୍ଦପୁର ବ୍ଲକ ଅନ୍ତର୍ଗତ କସନ୍ଦି ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପରିଦର୍ଶନ କରିବା ସହ ଉନ୍ନୟନମୂଳକ କାର୍ଯ୍ୟ ସମୀକ୍ଷା ସହ ନଥିପତ୍ର ଯାଞ୍ଚ କରିଛନ୍ତି। ସିଡିଓ ଶ୍ରୀ ଶବର ପଞ୍ଚାୟତ ଅନ୍ତର୍ଗତ ବିଭିନ୍ନ ଗ୍ରାମରେ ବୁଲି ଲୋକଙ୍କ ସହ ଆଲୋଚନା କରିବା ପରେ ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। କସନ୍ଦି ସରପଞ୍ଚ ନବୀନା ମୁଦୁଲିଙ୍କ ଉପସ୍ଥିତିରେ ନନ୍ଦପୁର ବିଡ଼ିଓ ଦୁର୍ଗାପ୍ରସାଦ ଦୋରା, ଜିପିଡିଓ ଦେବେନ୍ଦ୍ର ମାଝୀ, ଜେଇ ରାଜୀବ ସିଂ, କାର୍ଯ୍ୟ ନିର୍ବାହୀ ଅଧିକାରୀ ଉଷାରାଣୀ ନାୟର, ଏଡି ଓ ସୁଶାନ୍ତ କୁମାର ପ୍ରଧାନି ପ୍ରମୁଖ ଉପସ୍ଥିତ ଥିଲେ।

ନୂତନ ପିଇଓଙ୍କୁ ଦାୟିତ୍ୱ ହସ୍ତାନ୍ତରରେ ଅବହେଳା

● ମାଥିଲି ବ୍ଲକରେ ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ, ପ୍ରାପ୍ୟ ପାଇବାରୁ ବଞ୍ଚିତ ଠିକାଦାର

ମାଥିଲି, ୩୧।୧୦ (ସମିସ): ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ)ଙ୍କ ବଦଳି ପରେ ନୂତନ ଅଧିକାରୀଙ୍କୁ ଦାୟିତ୍ୱ ହସ୍ତାନ୍ତର ହେଉ ନଥିବାରୁ ଗ୍ରାମାଞ୍ଚଳର ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଏପରିକି ବିଭିନ୍ନ କାର୍ଯ୍ୟ ସମ୍ପନ୍ନ କରିଥିବା ଛୋଟ ଠିକାଦାରମାନେ ମଧ୍ୟ ପ୍ରାପ୍ୟ ପାଇବାରେ ବିଳମ୍ବର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି। ମାଥିଲି ବ୍ଲକରେ ୨୦ଟି ପଞ୍ଚାୟତ ରହିଛି। କିଛି ମାସ ପୂର୍ବରୁ ତିନି ଜଣ ପିଇଓଙ୍କୁ ଜିଲ୍ଲାର ଅନ୍ୟ ବ୍ଲକକୁ ବଦଳି କରାଯାଇଥିବା ବେଳେ ସେମାନଙ୍କ ସ୍ଥାନରେ ନୂତନ ଅଧିକାରୀ ନିଯୁକ୍ତ ହୋଇଛନ୍ତି। କିନ୍ତୁ ପୂର୍ବତନ ଅଧିକାରୀମାନେ ପଞ୍ଚାୟତର ଆୟବ୍ୟୟ ହିସାବ ଓ ଆବଶ୍ୟକ କାଗଜପତ୍ର ହସ୍ତାନ୍ତର କରି ନଥିବାରୁ କାର୍ଯ୍ୟ ଆଗେଇ ପାରୁ ନାହିଁ। ଫଳରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ କରିଥିବା ଠିକାଦାରମାନେ ନିଜ ପ୍ରାପ୍ୟ ପାଇଁ ବିଭାଗୀୟ ଅଧିକାରୀଙ୍କ ପାଖକୁ ଡ଼େଇଁ ଡ଼େଇଁ ନିରାଶ ହେଉଛନ୍ତି। ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶରେ ହୋଇଥିବା 'ପ୍ରଗତି ପଥେ ଯୁବ ମାଲକାନଗିରି' କାର୍ଯ୍ୟ ସମ୍ପନ୍ନ ହେବାର ଦୀର୍ଘ ମାସ ବିତିଥିଲେ ମଧ୍ୟ ଏଥିରେ ନିୟୋଜିତ ଠିକାଦାରମାନେ ଅର୍ଥ ପାଇ ନଥିବା ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ, କାର୍ତ୍ତନପାଲ୍ଲୀ ପଞ୍ଚାୟତର ଉନ୍ନୟନ ପାଣ୍ଠିର ହିସାବ ଦେଇ ନଥିବା ଅଭିଯୋଗରେ ପୂର୍ବତନ ତଥା ଅବସରପ୍ରାପ୍ତ ପିଇଓଙ୍କ ବିରୋଧରେ ସରପଞ୍ଚ, ବର୍ତ୍ତମାନର ପିଇଓ ଓ ବିଡିଓ ମିଳିତ ଭାବେ ଥାନାରେ ଲିଖିତ ଅଭିଯୋଗ କରିଥିବା ସୂଚନା ମିଳିଛି। ବର୍ତ୍ତମାନ ମାଥିଲି ବିଡିଓ ଏମ୍. ପ୍ରମୋଦ କୁମାର ବେହେରାଙ୍କ ବଦଳି ପରେ ଖଇରପୁଟ ବିଡିଓ ଅର୍ପିତା ମହାନ୍ତି ଅତିରିକ୍ତ ଦାୟିତ୍ୱରେ ଅଛନ୍ତି। ଜିଲ୍ଲା ପ୍ରଶାସନ ଏହି ଘଟଣାରେ ତୁରନ୍ତ ହସ୍ତକ୍ଷେପ କରି ହିସାବ ଯାଞ୍ଚ ସହ ଦାୟିତ୍ୱ ହସ୍ତାନ୍ତର ସୁନିଶ୍ଚିତ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

ବାଙ୍କୁଲି ସ୍କୁଲ ପ୍ରଧାନଶିକ୍ଷକଙ୍କୁ ସଶସ୍ତ୍ର ଲୁଟ୍

କୋଷାଗୁମୁଡ଼ା, ୩୧।୧୦(ସମିସ): ଶନିବାର ସନ୍ଧ୍ୟାରେ କୋଡିଙ୍ଗା ଥାନା ଅନ୍ତର୍ଗତ ଭାଟିଗାଁ ନିକଟସ୍ଥ ଏକ ନିଛାଟିଆ ଜଙ୍ଗଲିଆ ରାସ୍ତାରେ ବାଙ୍କୁଲି ସ୍କୁଲ ପ୍ରଧାନଶିକ୍ଷକଙ୍କ ମୁଣ୍ଡରେ ବନ୍ଧୁକ ଓ ଛୁରି ଲଗାଇ ନଗଦ ୨୦ ହଜାର ଟଙ୍କା ସମେତ ମୋବାଇଲ ଫୋନ ଲୁଟି ନେଇଛନ୍ତି ୪ ଜଣ ମୁଖାପିନ୍ଧା ଦୁର୍ବୃତ୍ତ। କୋଷାଗୁମୁଡ଼ା ବ୍ଲକ ଅନ୍ତର୍ଗତ ବାଙ୍କୁଲି ସରକାରୀ ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ଲଚିନ ହାଲାବା ଏକ ଜରୁରୀ ସରକାରୀ କାର୍ଯ୍ୟରେ ନବରଙ୍ଗପୁର ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟକୁ ଯାଇଥିଲେ। କାର୍ଯ୍ୟ ସାରି ସନ୍ଧ୍ୟା ସମୟରେ ସେ ବାଇକ୍ ଯୋଗେ ନିଜ ଘରକୁ ଫେରୁଥିଲେ। ନବରଙ୍ଗପୁର-କୋଷାଗୁମୁଡ଼ା ମୁଖ୍ୟରାସ୍ତାର ଭାଟିଗାଁ ନିକଟସ୍ଥ ଏକ ନିଛାଟିଆ ତଥା କାଜୁ ଜଙ୍ଗଲ ରାସ୍ତାରେ ଏକ ସନ୍ଦିଗ୍ଧ ଗାଡ଼ି ବେଶ୍ କିଛି ବାଟ ତାଙ୍କର ପିଛା କରିଥିଲା। ଦୁର୍ବୃତ୍ତମାନେ ହଠାତ୍ ନିଜ ଗାଡ଼ିକୁ ପ୍ରଧାନ ଶିକ୍ଷକଙ୍କ ଆଗରେ ଅତି ବିପଜ୍ଜନକ ଭାବେ ଅଟକାଇ ରାସ୍ତା ଅବରୋଧ କରିଥିଲେ। ଗାଡ଼ିରୁ ୪ ଜଣ ମୁଖାପିନ୍ଧା ଯୁବକ ହାତରେ ମାରଣାସ୍ତ୍ର ଧରି ଡେଇଁପଡ଼ିଥିଲେ। ଚିତ୍କାର କଲେ ଗୁଳି କରି ଖପୁରୀ ଉଡ଼ାଇ ଦେବାକୁ ଧମକ ଦେଇ ତାଙ୍କ ପକେଟରେ ଥିବା ନଗଦ ୨୦ ହଜାର ଟଙ୍କା ଏବଂ ଏକ ଦାମୀ ମୋବାଇଲ ଫୋନଟିକୁ ନେଇଯାଇଥିଲେ। ଦୁର୍ବୃତ୍ତମାନେ ମୁହଁରେ କଳା କପଡ଼ା ବାନ୍ଧିଥିବାରୁ ପ୍ରଧାନ ଶିକ୍ଷକ ସେମାନଙ୍କୁ ଚିହ୍ନି ପାରିନାହାନ୍ତି। ଘଟଣା ପରେ ଭୟଭୀତ ଅବସ୍ଥାରେ ଲଚିନ ହାଲାବା କୋଡିଙ୍ଗା ଥାନାରେ ପହଞ୍ଚି ଲିଖିତ ଅଭିଯୋଗ ଦାୟର କରିଛନ୍ତି। ସ୍ଥାନୀୟ ଲୋକଙ୍କ କହିବା କଥା, ଏହି ଜଙ୍ଗଲିଆ ରାସ୍ତାଟି ଏବେ ଅପରାଧୀଙ୍କ ସୁରକ୍ଷିତ ଆଡ୍ଡାସ୍ଥଳୀ ପାଲଟିଛି। ଲଚୀନ ହଲବାଙ୍କ ଘର କୋଷାଗୁମୁଡ଼ା ବ୍ଲକ ଅନ୍ତର୍ଗତ ଏମ କେରାଗାଁ ପଞ୍ଚାୟତର ଆମଟିଗୁଡାର ନିବାସୀ। କୋଡ଼ିଙ୍ଗା ଥାନାଧିକାରୀ ଦୀପକ ଜେନା ଘଟଣାର ତଦନ୍ତ କରୁଛନ୍ତି।

ବାଇକ୍ ସହ ଗଞ୍ଜେଇ ଚୋରା ଚାଲାଣକାରୀ ଗିରଫ

ନନ୍ଦପୁର, ୩୧।୧୦(ସମିସ): ଅବୈଧ ଗଂଜେଇ ଚୋରା ଚାଲାଣ ବିରୋଧରେ ଶନିବାର ନନ୍ଦପୁର ଅବକାରୀ ବିଭାଗ ପକ୍ଷରୁ ମାଲିପେଟା ନିକଟରେ ଚଢ଼ଉ କରାଯାଇଛି। ନନ୍ଦପୁର ଅବକାରୀ ପକ୍ଷରୁ ମାଛକୁଣ୍ଡ ଥାନା ଅନ୍ତର୍ଗତ ମାଲିପେଟା ଅଞ୍ଚଳରେ ଚଢ଼ଉ କରାଯାଇ ୨୫ କେଜି ଗଂଜେଇ ସହ ଜୟପୁର ସଦର ଥାନା ଅଞ୍ଚଳର ଜଗନ୍ନାଥ ପୁର ଗ୍ରାମର ଶେଖ୍ ନାଜିରକୁ ଏକ ବାଇକ୍ (ଓଡି ୨୪କ୍ୟୁ ୮୧୩୦) ସହ ଗିରଫ କରି କୋର୍ଟ ଚାଲାଣ କରିଛି। ନନ୍ଦପୁର ଅବକାରୀ ରେଞ୍ଜ ଇନ୍ସପେକ୍ଟର ସୁଧୀର କୁମାର ସାହୁଙ୍କ ନିର୍ଦ୍ଦେଶରେ ଓଆଇସି ରାଜୁ କୁମାର ଖିଡ଼ି, ଏଏସ୍‌ଆଇ ଇପିଲି ଲକ୍ଷ୍ମଣ ରାଓଙ୍କ ସମେତ ସଦଳ ବଳ ଚଢ଼ଉରେ ସାମିଲ ହୋଇଥିଲେ। ଆଗକୁ ଏହିପରି ଚଢ଼ାଉ ଜାରି ରହିବ ବୋଲି କହିଛନ୍ତି ଅବକାରୀ ଇନ୍ସପେକ୍ଟର ରାଜୁକୁମାର ଖିଡ଼ି।

ଭତ୍ତାରୁ ବଞ୍ଚିତ ୭୦ ବର୍ଷୀୟ ବୃଦ୍ଧା



କୁନ୍ଦୁରା, ୩୧।୧୦(ସମିସ): କୁନ୍ଦୁରା ବ୍ଲକ ଆସନା ପଞ୍ଚାୟତ ଅନ୍ତର୍ଗତ ଦୁରୁଗୁଡା ଗାଁର ବୁଦେଇ ଦୁରୁଆ (୭୦) ଭତ୍ତା ପାଇଁ ଆବେଦନ କରିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ପାଇ ପାରିନାହାନ୍ତି। ତାଙ୍କ ଆଧାର କାର୍ଡରେ ୧୮ ବୟସ ଥିବା ବେଳେ ଭୋଟର କାର୍ଡରେ ସତୁରି ବର୍ଷ ଅଛି। ଏବେ ଭୋଟର କାର୍ଡ ବାଧ୍ୟତାମୂଳକ ନିୟମ ଲାଗୁ ହେବା ପରେ ମଧ୍ୟ ଭତ୍ତା ମିଳୁନି। ପାଞ୍ଚ ମାସ ପୂର୍ବରୁ ଅନଲାଇନ ଆବେଦନ କରାଯାଇଛି, ଏନେଇ ଫମ୍ପା ପ୍ରତିଶ୍ରୁତି ମିଳୁଛି। ସ୍ଥାନୀୟ ପିଇଓ ଗୌରାଙ୍ଗ ଚରଣ ମାଝୀ କହିଛନ୍ତି, ତାଙ୍କ ହାତରେ କିଛି ନାହିଁ। ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ବୃଦ୍ଧାଙ୍କୁ ତୁରନ୍ତ ଭତ୍ତା ଯୋଗାଇ ଦେବାକୁ ଦାବି ହେଉଛି। ତେବେ ପ୍ରଶ୍ନ ଉଠୁଛି, ୭୦ ବର୍ଷୀୟ ବୃଦ୍ଧାଙ୍କ ପାଖରେ କେବେ ପହଞ୍ଚିବ ସରକାରୀ ସହାୟତା?

ରାଷ୍ଟ୍ରୀୟ ଏକତା ଦିବସ ଓ ନିଶା ନିବାରଣ ସଚେତନତା ସପ୍ତାହ

ବିଷମ କଟକ, ୩୧।୧୦(ସମିସ): ରାଷ୍ଟ୍ରୀୟଏକତା ଦିବସ ଅବସରରେ ସମାଜ ଗଠନ, ସ୍ୱଚ୍ଛତା, ସଚ୍ଚୋଟତା ଓ ପ୍ରଶାସନିକ କାର୍ଯ୍ୟରେ ନୈତିକତାର ଗୁରୁତ୍ୱ ଓ ନିଶା ନିବାରଣ ସମ୍ପର୍କରେ ଜନସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ରାୟଗଡ଼ ଜିଲ୍ଲା ବିଷମ କଟକ ପୋଲିସ କାର୍ଯ୍ୟାଳୟ ପରିସରରେ ରାଷ୍ଟ୍ରୀୟ ଏକତା ଦିବସ ଓ ନିଶା ନିବାରଣ ସଚେତନତା ସପ୍ତାହ-୨୦୨୬ ପାଳିତ ହୋଇଯାଇଛି। ବିଷମ କଟକ ଥାନାରୁ ଏକ ମାରାଥନ୍ ବାହାରି ସହର ପରିକ୍ରମା କରି ପୁଣି ଥାନାରେ ପହଞ୍ଚିଥିଲା। ଏହାସହ ବିଭିନ୍ନ ସ୍କୁଲ ଓ କଲେଜ ଓ ଅପରାହ୍ଣରେ ଥାନା ସମ୍ମିଳନୀ କକ୍ଷରେ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ରାୟଗଡ଼ା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସତ୍ୟକୁମାର ନନ୍ଦ ଏହି ସଭାରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟବକ୍ତା ଭାବେ ବିଷମ କଟକ ଏସ୍‌ଡିପିଓ ସନ୍ତୋଷିନି ଓରାମ୍, ବରିଷ୍ଠ ସରକାରୀ ଓକିଲ ଦିଲ୍ଲୀପ ମହାରଣା, ଆଇନଜୀବୀ ଜି. ତିରୁମୁଲା କୁମାର ଯୋଗ ଦେଇଥିଲେ। ବିଷମ କଟକ ଥାନାଧିକାରୀ ସମପ୍ରିତା ସ୍ୱାଇଁ କାର୍ଯ୍ୟକ୍ରମଟିକୁ ପରିଚାଳନା କରିଥିବା ବେଳେ ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଯୋଗ ଦେଇଥିଲେ।


ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଓ ଜାତୀୟ ଏକତା ଦିବସ ପାଳିତ



କୋରାପୁଟ, ୩୧।୧୦(ସମିସ): ଦୁର୍ନୀତି ନିବାରଣ ସଚେତନତା ସପ୍ତାହ-୨୦୨୬ ଏବଂ ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ଅବସରରେ ପାଳିତ ଜାତୀୟ ଏକତା ଦିବସ ଉପଲକ୍ଷେ ଆଜି କୋରାପୁଟଠାରେ ଏକ ସଚେତନତା ଶୋଭାଯାତ୍ରା ଆୟୋଜିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାଏକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଏହି ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ଏହି ଶୋଭାଯାତ୍ରାରେ କୋରାପୁଟ ଜିଲ୍ଲାର ମିଶନ ଶକ୍ତି ଅଧୀନସ୍ଥ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ, ଏନ୍‌ସିସି କ୍ୟାଡେଟ୍, କ୍ରୀଡ଼ା ଛାତ୍ରାବାସର ଅନ୍ତେବାସୀ ତଥା ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ସଦଭାବନା ସଭାଗୃହଠାରେ ଉପସ୍ଥିତ ପଦାଧିକାରୀ, କର୍ମଚାରୀ, ଛାତ୍ରଛାତ୍ରୀ ଓ ଅନ୍ୟାନ୍ୟ ଅଂଶଗ୍ରହଣକାରୀଙ୍କୁ ଜାତୀୟ ଏକତା ଓ ଅଖଣ୍ଡତା ରକ୍ଷା ନିମନ୍ତେ ଶପଥ ପାଠ କରାଯାଇଥିଲା। ଏଥିସହିତ ଜିଲ୍ଲାପାଳ ମନୋଜ ସତ୍ୟୱାନ ମହାଜନଙ୍କ ଅଧ୍ୟକ୍ଷତାରେ ଦୁର୍ନୀତି ନିବାରଣ ସମ୍ପର୍କିତ ସଚେତନତା ଶପଥ ପାଠ କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହୋଇଥିଲା। ଏଥିରେ ଉପସ୍ଥିତ ସମସ୍ତ ଅଧିକାରୀ ଓ କର୍ମଚାରୀ ଦୁର୍ନୀତି ବିରୋଧରେ ସଚେତନ ରହିବା ସହିତ ପ୍ରଶାସନିକ କାର୍ଯ୍ୟରେ ସ୍ୱଚ୍ଛତା, ସାଧୁତା ଓ ସତ୍ୟନିଷ୍ଠା ବଜାୟ ରଖିବା ଏବଂ ନିଜ ଦାୟିତ୍ୱ ଓ କର୍ତ୍ତବ୍ୟକୁ ନିଷ୍ଠାର ସହ ନିର୍ବାହ କରିବା ନିମନ୍ତେ ଶପଥ ଗ୍ରହଣ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରଯାଇଥିଲା। କୋରାପୁଟ ସାଂସଦଙ୍କ ପ୍ରତିନିଧି ମନୋଜ ଆଚାର୍ଯ୍ୟ, ଜୟପୁର ଭିଜିଲାନ୍ସ ଆରକ୍ଷୀ ଅଧୀକ୍ଷକ ଏସ୍. ସୁଶ୍ରୀ, କୋରାପୁଟ ଆରକ୍ଷୀ ଅଧୀକ୍ଷକ ରୋହିତ ଶର୍ମା, ଅତିରିକ୍ତ ଜିଲ୍ଲାପାଳ ତପନ ନାଏକ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ବେଣୁଧର ସବର, କୋରାପୁଟ ପିଏ ଆଇଟିଡିଏ ସ୍ନେହପ୍ରଭା ମାଝୀ, ଜୟପୁର ପିଏ ଆଇଟିଡିଏ ତୃପ୍ତି ବାରାଇ ଏବଂ କୋରାପୁଟ ଜିଲ୍ଲା କ୍ରୀଡ଼ା ଅଧିକାରୀ ନରେଶ ଜାନୀ, ଦୁର୍ନୀତି ନିବାରଣ ବିଭାଗ ଡିଏସପି ଅଭୟ ପ୍ରଧାନ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅନନ୍ତ ପ୍ରସାଦ ମଲ୍ଲିକ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଯଶୋଦା ଗାଦବା ଏବଂ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରାଧାରାଣୀ ସରକାର ପ୍ରମୁଖ ଉପସ୍ଥିତ ଥିଲେ।

ଶିକରପାଇ ଗାଁ ଭିତରେ ପଶିଲା ଦନ୍ତା, ରାତିସାରା ଆତଙ୍କ

କଲ୍ୟାଣସିଙ୍ଗପୁର, ଶିକରପାଇ, ୩୧।୧୦(ସମିସ): ରାୟଗଡ଼ ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ଅନ୍ତର୍ଗତ ଶିକରପାଇ ସଦର ଗ୍ରାମରେ ଏକ ଦନ୍ତା ହାତୀ ପଶିଯିବା ଘଟଣାକୁ ନେଇ ଅଞ୍ଚଳରେ ଭୟ ଓ ଆତଙ୍କର ବାତାବରଣ ସୃଷ୍ଟି ହୋଇଛି। ଶନିବାର ଦିନତମାମ ହାତୀଟି ବିଭିନ୍ନ ଗ୍ରାମ ଓ ଜଙ୍ଗଲ ନିକଟରେ ଘୂରି ବୁଲିବା ପରେ ରାତି ପ୍ରାୟ ୮ଟା ସମୟରେ ଶିକରପାଇ ଗ୍ରାମ ଭିତରେ ପଶିଥିବା ଜଣାପଡ଼ିଛି। ଖବର ଲେଖା ହେବା ସୁଦ୍ଧା ହାତୀଟି ଗ୍ରାମ ମଧ୍ୟରେ ରହିଥିବାରୁ ଗ୍ରାମବାସୀ ଭୟଭୀତ ଅବସ୍ଥାରେ ରହିଛନ୍ତି। ସୂଚନା ଅନୁଯାୟୀ, ଦନ୍ତା ହାତୀଟି ଦିନବେଳେ ବୁଡ଼ାଗୁଡ଼ା ଗ୍ରାମ ପଞ୍ଚାୟତର କଦଳିଛୁଆଁ ନିକଟସ୍ଥ ଜଙ୍ଗଲରେ ବୁଲୁଥିଲା। ଏହା ଜଣାପଡ଼ିବା ପରେ ବନ ବିଭାଗ କର୍ମଚାରୀ ହାତୀଟିକୁ ଘଉଡ଼ାଇବାକୁ ଉଦ୍ୟମ କରିଥିଲେ। ଫଳରେ ହାତୀଟି କରପା ଗ୍ରାମ ପଞ୍ଚାୟତର ପୋଡ଼ଛୁଆଁ ଗ୍ରାମ ନିକଟରେ ପହଞ୍ଚିଥିଲା। ସେଠାରେ ବନ ବିଭାଗ କର୍ମଚାରୀଙ୍କ ସହ ସ୍ଥାନୀୟ ଲୋକେ ବାଜା ବଜାଇ ହାତୀଟିକୁ ପୁନର୍ବାର ଜଙ୍ଗଲ ମୁହାଁ କରିବାକୁ ଚେଷ୍ଟା କରିଥିଲେ। ମାତ୍ର ଏହି ଉଦ୍ୟମକୁ ଖାତିର ନକରି ଦନ୍ତାଟି ଗାଁ ନିକଟରେ ଅଟକି ରହିଥିଲା। ଅନ୍ଧାର ହେବା ପରେ ବନ ବିଭାଗ କର୍ମଚାରୀମାନେ ଖାଇବା ପାଇଁ ଯାଇଥିବା ସମୟରେ ହାତୀଟି ପୁଣି ପଛକୁ ଫେରିଥିଲା। ରାତି ପ୍ରାୟ ୮ଟା ସମୟରେ ବୁଡ଼ାଗୁଡ଼ା ପଞ୍ଚାୟତର ଢେପଗୁଡ଼ା ଗ୍ରାମ ନିକଟସ୍ଥ ସୁଣ୍ଡି ମଶାଣି ଅଞ୍ଚଳରେ ପହଞ୍ଚିଥିଲା। ଏହି ସମୟରେ ନିଆଁ ଓ ଆଲୋକ ଦେଖି ହାତୀଟି ଦିଗ ବଦଳାଇ ଶିକରପାଇ ଗାଁ ଭିତରକୁ ପଶିଯାଇଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ, ଶିକରପାଇ ଗ୍ରାମରେ ହାତୀଟି ଫସିଯିବା କିମ୍ବା ଅଧିକ ଉତ୍ତେଜିତ ହେବା ଆଶଙ୍କାରେ ବିଦ୍ୟୁତ ସଂଯୋଗ କାଟି ଦିଆଯାଇଥିବା ଜଣାପଡ଼ିଛି। ହାତୀକୁ ଘଉଡ଼ାଇବା ପାଇଁ ବନ ବିଭାଗ ଓ ବିଦ୍ୟୁତ ବିଭାଗ ପକ୍ଷରୁ ଟର୍ଚ୍ଚ ଲାଇଟ୍ ଓ ଆଲୋକ ବ୍ୟବସ୍ଥା ସହ ବାଜା ବଜାଇ ଉଦ୍ୟମ ଜାରି ରହିଛି। ତେବେ ବାରମ୍ବାର ଘଉଡ଼ାଇବା ସତ୍ତ୍ୱେ ହାତୀଟି ଜଙ୍ଗଲକୁ ନଫେରି ଶିକରପାଇ ଗ୍ରାମ ମଧ୍ୟରେ ରହିଥିବାରୁ ଲୋକଙ୍କ ମଧ୍ୟରେ ଅଧିକ ଭୟ ସୃଷ୍ଟି ହୋଇଛି।



ଟେଣ୍ଡର ନିୟମକୁ ବାଇପାସ୍ ଅଭିଯୋଗ

୧୦ ଲକ୍ଷରୁ ଟଙ୍କାଏ କମ୍ ଅଟକଳକୁ ନେଇ ଉଠିଲା ପ୍ରଶ୍ନ

ତେନ୍ତୁଲିଖୁଣ୍ଟି, ୩୧।୧୦ (ସମିସ)

ନବରଙ୍ଗପୁର ଜିଲ୍ଲା ତେନ୍ତୁଲିଖୁଣ୍ଟି ବ୍ଲକରେ ଉନ୍ନୟନମୂଳକ କାର୍ଯ୍ୟର ଟେଣ୍ଡର ପ୍ରକ୍ରିୟାକୁ ନେଇ ଏବେ ନାନା ପ୍ରଶ୍ନ ଉଠିଛି। ସରକାରୀ ନିୟମକୁ ଏଡ଼ାଇ ନିର୍ଦ୍ଦିଷ୍ଟ କିଛି ଲୋକଙ୍କୁ କାର୍ଯ୍ୟ ହସ୍ତାନ୍ତର କରିବା ପାଇଁ ଅଟକଳ ମୂଲ୍ୟରେ କୌଶଳପୂର୍ଣ୍ଣ ଭାବେ ପରିବର୍ତ୍ତନ କରାଯାଉଥିବା ନେଇ ଅଭିଯୋଗ ହେଉଛି। ଏହାକୁ ନେଇ ବ୍ଲକ ପ୍ରଶାସନର କାର୍ଯ୍ୟଶୈଳୀ ଉପରେ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି। ଅଭିଯୋଗ ଅନୁଯାୟୀ, ୧୦ ଲକ୍ଷ ଟଙ୍କା କିମ୍ବା ତଦୁର୍ଦ୍ଧ୍ୱ ମୂଲ୍ୟର କାର୍ଯ୍ୟ ପାଇଁ ଟେଣ୍ଡର ପ୍ରକ୍ରିୟା ଅନୁସରଣ କରିବାର ନିୟମ ରହିଛି। ତେବେ ତେନ୍ତୁଲିଖୁଣ୍ଟି ବ୍ଲକରେ ଏକାଧିକ ଉନ୍ନୟନମୂଳକ କାର୍ଯ୍ୟର ଅଟକଳ ମୂଲ୍ୟ ୧୦ ଲକ୍ଷ ଟଙ୍କାରୁ ମାତ୍ର ଏକ ଟଙ୍କା କମ୍ ଅର୍ଥାତ୍ ୯ ଲକ୍ଷ ୯୯ ହଜାର ୯୯୯ ଟଙ୍କା ରଖାଯାଉଥିବା ଦେଖାଯାଉଛି। ବାରମ୍ବାର ଏଭଳି ଅଟକଳ ପ୍ରସ୍ତୁତ ହେବା ପଛରେ କାରଣ କଣ। ଏହା କେବଳ ସଂଯୋଗ ନା ଟେଣ୍ଡର ପ୍ରକ୍ରିୟାକୁ ଏଡ଼ାଇବାର ଏକ ଉଦ୍ଦେଶ୍ୟମୂଳକ ପ୍ରୟାସ ଏଭଳି ପ୍ରଶ୍ନ ଏବେ ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି। ଏହିପରି କେତେଗୁଡ଼ିଏ କାର୍ଯ୍ୟର ଅଟକଳ ମୂଲ୍ୟକୁ ୧୦ ଲକ୍ଷ ଟଙ୍କାରୁ କମ୍ ରଖାଯାଇଛି ଏବଂ ଏହାଦ୍ୱାରା କାହାକୁ ଫାଇଦା ମିଳୁଛି, ତାହାର ତଦନ୍ତ ଆବଶ୍ୟକ ବୋଲି ଦାବି ହେଉଛି। ଏହାଦ୍ୱାରା ସରକାରୀ ରାଜସ୍ୱର କ୍ଷତି ହେଉଛି କି ନାହିଁ, ତାହା ମଧ୍ୟ ଯାଞ୍ଚ ହେବା ଉଚିତ ବୋଲି ମତ ପ୍ରକାଶ ପାଇଛି। ପରଜା ବାରଙ୍ଗପଦର ପଞ୍ଚାୟତ ଅନ୍ତର୍ଗତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଦୁଇଟି କୋଠା ନିର୍ମାଣ କାର୍ଯ୍ୟକୁ ନେଇ ଅଭିଯୋଗ ଉଠିଛି। ପ୍ରାୟ ୨୦ ଲକ୍ଷ ଟଙ୍କାର ଏହି କାର୍ଯ୍ୟକୁ ଦୁଇ ଭାଗରେ ବିଭକ୍ତ କରି ପ୍ରତ୍ୟେକ କାର୍ଯ୍ୟର ଅଟକଳ ମୂଲ୍ୟ ୧୦ ଲକ୍ଷ ଟଙ୍କାରୁ ମାତ୍ର ଏକ ଟଙ୍କା କମ୍ ରଖାଯାଇଥିବା ଅଭିଯୋଗ ହୋଇଛି। ପରବର୍ତ୍ତୀ ସମୟରେ ଏହି କାର୍ଯ୍ୟକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ ଉପୁଜିଥିଲା। ଫଳରେ ଦୀର୍ଘ ଅଢେଇ ବର୍ଷ ବିତିଯାଇଥିଲେ ମଧ୍ୟ କାର୍ଯ୍ୟ ଆରମ୍ଭ ହୋଇପାରିନାହିଁ। ବିବାଦର ସମାଧାନ କରିବାରେ ପ୍ରଶାସନ ବିଫଳ ହୋଇଥିବା ବେଳେ ସେହି ଆଧାରରେ ଅନ୍ୟାନ୍ୟ କାର୍ଯ୍ୟ ବଣ୍ଟନ ଜାରି ରହିଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ କୃପାସିନ୍ଧୁ ନାୟକଙ୍କୁ ପଚାରିବାରୁ, ବିଭିନ୍ନ ଯୋଜନା ଓ ସ୍କିମ୍ ଅନୁଯାୟୀ କାର୍ଯ୍ୟର ଅଟକଳ ମୂଲ୍ୟ ନିର୍ଦ୍ଧାରଣ ହୋଇଥାଏ, ଏଥିରେ କୌଣସି ନିର୍ଦ୍ଦିଷ୍ଟ କାରଣ ନାହିଁ ବୋଲି ସେ କହିଛନ୍ତି। ତେବେ ବାରମ୍ବାର ୯ ଲକ୍ଷ ୯୯ ହଜାର ୯୯୯ ଟଙ୍କାର ଅଟକଳ ପ୍ରସ୍ତୁତ ହେବା ଏବଂ ୨୦ ଲକ୍ଷ ଟଙ୍କାର ବିଦ୍ୟାଳୟ କାର୍ଯ୍ୟକୁ ଦୁଇ ଭାଗରେ ବଣ୍ଟନ କରାଯିବା ପଛର ପ୍ରକୃତ କାରଣ କଣ ସ୍ପଷ୍ଟ ହେବା ଆବଶ୍ୟକ ବୋଲି ଦାବି ହେଉଛି।

ରାଉରକେଲାବାସୀଙ୍କୁ ସରକାରଙ୍କ ଦୀପାବଳି ଭେଟି

ଖୋଲିବ ଏକାଧିକ ଦେଶୀ ମଦଭାଟି

ରାଉରକେଲା,୩୧।୧୦(ସମିସ):

ଡବଲ ଇଞ୍ଜିନ ସରକାର ସ୍ମାର୍ଟସିଟି ରାଉରକେଲାବାସୀଙ୍କୁ ଦେଇଛି ଦୀପାବଳି ଭେଟି। ଡବଲ ଇଞ୍ଜିନ ସରକାର ଅମଳରେ ସ୍ମାର୍ଟ ସିଟି ରାଉରକେଲା ଏକ ପ୍ରକାର ଦିଗହରା ହୋଇ ପଡିଥିବା ବେଳେ ଏବେ ଦୀପାବଳି ଭେଟି ଭାବେ ମିଳିଛି ଦେଶୀ ମଦଭାଟି। ଯାହା ସ୍ମାର୍ଟସିଟି ରାଉରକେଲାର ଯୁବପିଢ଼ିଙ୍କୁ ନିଶାସକ୍ତ କରିବ। ସହରର ବିଭିନ୍ନ ଅଞ୍ଚଳରେ ଖୋଲିବ ଦେଶୀ ମଦ ଭାଟି। ଏହି ଦେଶୀ ମଦଭାଟି ଖୋଲିବା ନେଇ ସୁନ୍ଦରଗଡ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଟେଣ୍ଡର ଆହ୍ୱାନ କରାଯାଇଛି। ଓଡ଼ିଶା ଅବକାରୀ ଆଇନ, ୨୦୦୮ର ଧାରା ୨୦ ଏବଂ ଓଡ଼ିଶା ଅବକାରୀ ନିୟମାବଳୀ, ୨୦୧୭ର ନିୟମ-୩୪ ଅନୁଯାୟୀ, ରାଉରକେଲା ଅବକାରୀ ଜିଲ୍ଲାରେ ଲଟେରୀ ମାଧ୍ୟମରେ ଏହି ଦେଶୀ ମଦ ଭାଟି ଖୋଲାଯିବ। ଇଚ୍ଛୁକ ଆବେଦନକାରୀଙ୍କ ଠାରୁ ଅନଲାଇନ୍ ମାଧ୍ୟମରେ ଆବେଦନପତ୍ର ଆହ୍ୱାନ କରାଯାଇଛି।

ଅନଲାଇନ୍ ଆବେଦନର ଶେଷ ତାରିଖ ଆସନ୍ତା ନଭେମ୍ବର ୫ ତାରିଖ ଅପରାହ୍ନ ୫ ଘଟିକା ପର୍ଯ୍ୟନ୍ତ ରଖାଯାଇଛି। ଆସନ୍ତା ନଭେମ୍ବର ୧୨ ତାରିଖ ପୂର୍ବାହ୍ନ ୧୧ ଘଟିକାରେ ରାଉରକେଲା ମହାନଗର ନିଗମର କାଉନସିଲ ହଲରେ ଏହି ଲଟେରୀ ଅନୁଷ୍ଠିତ ହେବ ବୋଲି ଜଣାପଡିଛି। ଆବେଦନ ଫି' ୨ ଲକ୍ଷ ୨୫ ହଜାର ଟଙ୍କା ରଖାଯାଇଛି ଯାହାକି ଅଣ ଫେରସ୍ତଯୋଗ୍ୟ ତଥା ଏହା ଅନଲାଇନ୍ ମାଧ୍ୟମରେ ଦାଖଲ କରିବାକୁ ହେବ ବୋଲି କୁହାଯାଇଛି।

ଆବେଦନକାରୀ ନିର୍ଦ୍ଧାରିତ ପୋର୍ଟାଲ୍ ଜରିଆରେ କେବଳ 'ଫର୍ମ-ବି' ମାଧ୍ୟମରେ ଅନଲାଇନ୍ ଆବେଦନ କରିପାରିବେ। ଜଣେ ବ୍ୟକ୍ତି ଗୋଟିଏ ନିର୍ଦ୍ଦିଷ୍ଟ ଦୋକାନ ପାଇଁ କେବଳ ଗୋଟିଏ ହିଁ ଆବେଦନ କରିପାରିବେ ତଥା ଆବେଦନକାରୀଙ୍କ ବୟସ ଅତିକମରେ ୨୧ ବର୍ଷ ହୋଇଥିବା ଆବଶ୍ୟକ। କୌଣସି ଅଣ-ଜାମିନଯୋଗ୍ୟ ଅପରାଧରେ ଦଣ୍ଡିତ ବ୍ୟକ୍ତି, ଅବକାରୀ ବକେୟାଦାର କିମ୍ବା ବିଗତ ୫ ବର୍ଷ ମଧ୍ୟରେ ଅବକାରୀ ଆଇନ ଉଲ୍ଲଂଘନ କରିଥିବା ବ୍ୟକ୍ତି/ତାଙ୍କ ପରିବାରବର୍ଗ ଆବେଦନ କରିପାରିବେ ନାହିଁ ବୋଲି କୁହାଯାଇଛି। ଏହାସହ ବିଦେଶୀ ମଦ କିମ୍ବା ଦେଶୀ ମଦର ପ୍ରସ୍ତୁତି/ବିକ୍ରୟ ଲାଇସେନ୍ସ ଥିବା ବ୍ୟକ୍ତି ଏହି ଆଉଟ୍-ଷ୍ଟିଲ୍ ଦୋକାନ ପାଇଁ ଆବେଦନ କରିପାରିବେ ନାହିଁ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ ରହିଛି।

ରାଉରକେଲା ମହାନଗର ନିଗମ ଅନ୍ତର୍ଗତ ୧, ୨, ୩, ୪, ୭ରୁ ୨୨ ଏବଂ ୩୨ ନମ୍ବର ୱାର୍ଡରେ ମଦ ଭାଟି ଖୋଲିବା ପାଇଁ ନିଷ୍ପତ୍ତି ନିଆଯାଇଛି। ସେହିପରି ସେକ୍ଟର-୨, ୩, ୪, ୫, ୬, ୭, ୮, ୯, ୧୩, ୧୪, ୧୫, ୧୬, ୧୭ ଓ ୧୮ ନମ୍ବର ସେକ୍ଟର ସମେତ ଦକ୍ଷିଣ ରାଉରକେଲା ଅନ୍ତର୍ଗତ ଲୋକନାଥ ମାର୍କେଟ, ତରକେରା ଗ୍ରାମ, ତୁମକେଲା ଗ୍ରାମ, ଗର୍ଜନ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଦଣ୍ଡିଆପାଲ୍ଲୀ ଗାଁରେ ଦେଶୀ ମଦ ଭାଟି ଖୋଲାଯିବା ପାଇଁ ଟେଣ୍ଡର ଆହ୍ୱାନ କରାଯାଇଛି।

ତେବେ ଏଠାରେ ପ୍ରଶ୍ନ ଉଠେ ଯେ, ରାଉରକେଲାବାସୀଙ୍କ ଦୀର୍ଘ ଦିନର କୌଣସି ଗୋଟିଏ ଦାବି ପୂରଣ କରିବାରେ ଡବଲ ଇଞ୍ଜିନ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଥିଲା ବେଳେ ସହରରେ ଦେଶୀ ମଦ ଭାଟି ଖୋଲି ରାଜ୍ୟ ସରକାର ପ୍ରକୃତରେ ରାଉରକେଲାବାସୀଙ୍କୁ କ'ଣ କହିବାକୁ ଚାହୁଁଛନ୍ତି ବୋଲି ସାଧାରଣରେ ପ୍ରଶ୍ନ ଉଠିଛି।

ମନ୍ଥନ ପକ୍ଷରୁ 'ବାଲ୍ମୀକି ରାମାୟଣର ମହତ୍ତ୍ୱ ଏବଂ ଦେଶଗଠନରେ ଏହାର ପ୍ରଭାବ' ଆଲୋଚନାଚକ୍ର



ରାଉରକେଲା, ୩୧।୧୦(ସମିସ): ପାନପୋଷ ସ୍ଥିତ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ସହଯୋଗରେ ଅଧ୍ୟାପକଙ୍କ ମଞ୍ଚ "ମନ୍ଥନ" ପକ୍ଷରୁ 'ବାଲ୍ମୀକି ରାମାୟଣର ମହତ୍ତ୍ୱ ଏବଂ ଦେଶ ଗଠନରେ ଏହାର ପ୍ରଭାବ' ଶୀର୍ଷକ ଆଲୋଚନା ଅନୁଷ୍ଠିତ ହୋଇଯାଇଛି। ମନ୍ଥନର ସଭାପତି ତଥା ବରିଷ୍ଠ ଶିକ୍ଷାବିତ୍ ଶ୍ରୀନାଥ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଅତିଥି ଭାବେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ସେଠୀ ଏବଂ ବିଷୟ ବିଶେଷଜ୍ଞଭାବେ ମହାବିଦ୍ୟାଳୟର ହିନ୍ଦୀ ବିଭାଗ ମୁଖ୍ୟ ନମିତା ସ୍ୱାଇଁ ଏବଂ ସଂସ୍କୃତ ବିଭାଗର ଅଧ୍ୟାପକ ଡ. ଶ୍ରୀକୃଷ୍ଣ ମଣ୍ଡଳ ଯୋଗ ଦେଇଥିଲେ। ସ୍ନାତକୋତ୍ତର ଛାତ୍ର ସୌମ୍ୟରଞ୍ଜନ ମହାନ୍ତିଙ୍କ ସଂଯୋଜନାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଓଡ଼ିଆ ବିଭାଗ ମୁଖ୍ୟ ଡ. ସୁଷମା ମୋଦୀ ଯୋଗଦେଇ ପ୍ରାକ୍ କଥନ ମାଧ୍ୟମରେ ରାମାୟଣ ମହାକାବ୍ୟ ବ୍ୟକ୍ତି ଜୀବନରେ ମୂଲ୍ୟବୋଧକୁ ସାଧିତ କରୁଥିବା ଏକ ମାଧ୍ୟମ ବୋଲି କହିଥିଲେ। ଶେଷରେ ଓଡ଼ିଆ ବିଭାଗର ଅଧ୍ୟାପିକା ରଜନୀ କିସାନ ଧନ୍ୟବାଦ ପ୍ରସ୍ତାବ ଦେଇଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ବର୍ଗର ଅଧ୍ୟାପକ ଓ ଅଧ୍ୟାପିକାଙ୍କ ସମେତ ଛାତ୍ରଛାତ୍ରୀମାନେ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ମନ୍ଥନ ମଞ୍ଚର ସାଧାରଣ ସମ୍ପାଦକ ବିଶ୍ୱନାଥ ପରିଜା ଏବଂ ଅନ୍ୟମାନେ ସହଯୋଗ କରିଥିଲେ।

ଲାଞ୍ଚ ମାମଲା

ଟିପିଡବ୍ଲ୍ୟୁଓଡିଏଲ୍‌ର ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ ୪ ବର୍ଷ ଜେଲ୍

ଚାକିରିରୁ ବରଖାସ୍ତ ପାଇଁ ପଦକ୍ଷେପ ନେବ ଭିଜିଲାନ୍ସ

ରାଉରକେଲା, ୩୧।୧୦(ସମିସ): ଟିପିଡବ୍ଲ୍ୟୁଓଡିଏଲ୍ ରାଉରକେଲା ସର୍କଲ ଅଧୀନ ଏମ୍‌ଆର୍‌ଟି ବିଦ୍ୟୁତ୍ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ଚିତ୍ତରଞ୍ଜନ ବେହୁରାଙ୍କୁ ଏକ ଲାଞ୍ଚ କାରବାର ମାମଲାରେ ଭିଜିଲାନ୍ସ ଅଦାଲତ ଦୋଷୀ ସାବ୍ୟସ୍ତ କରି ଦଣ୍ଡାଦେଶ ଶୁଣାଇଛନ୍ତି।

ସୁବର୍ଣ୍ଣପୁର ଜିଲ୍ଲା ବିନିକା ବିଦ୍ୟୁତ୍ ସେକ୍ସନର ତତ୍କାଳୀନ କନିଷ୍ଠ ଯନ୍ତ୍ରୀ (ଜେଇ) ତଥା ସମ୍ପ୍ରତି ଟିପିଡବ୍ଲ୍ୟୁଓଡିଏଲ୍ ରାଉରକେଲା ସର୍କଲର ସହକାରୀ ନିର୍ବାହୀ ଯନ୍ତ୍ରୀ ଭାବେ କାର୍ଯ୍ୟରତ ଶ୍ରୀ ବେହୁରା "ଜଳନିଧି ଯୋଜନା' ଅଧୀନରେ ଜଣେ ହିତାଧିକାରୀଙ୍କ ଚାଷ ଜମିରେ ଲାଗିଥିବା ମୋଟର ପମ୍ପର ସାମୟିକ ବିଲ୍ ପରିବର୍ତ୍ତେ ନିୟମିତ ବିଦ୍ୟୁତ୍ ବିଲ୍ ଯୋଗାଇ ଦେବା ପାଇଁ ୮ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଧରାପଡ଼ିଥିଲେ। ଏହି ଘଟଣାରେ ଓଡ଼ିଶା ଭିଜିଲାନ୍ସ ତାଙ୍କ ବିରୋଧରେ ଦୁର୍ନୀତି ନିବାରଣ ଆଇନ ଅନୁଯାୟୀ ଚାର୍ଜସିଟ୍ ଦାଖଲ କରିଥିଲା।

ଆଜି ବଲାଙ୍ଗୀର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ମାମଲାର ବିଚାର କରି ଅଭିଯୁକ୍ତ ଚିତ୍ତରଞ୍ଜନ ବେହୁରାଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୪ ବର୍ଷର ସଶ୍ରମ କାରାଦଣ୍ଡ ଏବଂ ଜରିମାନା ଆଦେଶ ପ୍ରଦାନ କରିଛନ୍ତି। ରାୟ ପ୍ରକାଶ ପରେ ଚିତ୍ତରଞ୍ଜନ ବେହୁରାଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି।

ତାଙ୍କୁ ଚାକିରିରୁ ସ୍ଥାୟୀ ଭାବେ ବରଖାସ୍ତ କରିବା ନିମନ୍ତେ ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ସକ୍ଷମ କର୍ତ୍ତୃପକ୍ଷଙ୍କ ନିକଟରେ ଆବଶ୍ୟକ ଆଇନଗତ ପ୍ରକ୍ରିୟା ଆରମ୍ଭ କରାଯିବ ବୋଲି ସୂଚନା ମିଳିଛି।

ରାଉରକେଲା ପୁଲିସ ପକ୍ଷରୁ 'ରନ୍ ଫର୍ ୟୁନିଟି'



ରାଉରକେଲା, ୩୧।୧୦ (ସମିସ): ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ଅବସରରେ ଶନିବାର ରାଉରକେଲା ପୁଲିସ ପକ୍ଷରୁ ଜାତୀୟ ଏକତା ଓ ଅଖଣ୍ଡତାର ବାର୍ତ୍ତା ପ୍ରସାର ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଶନିବାର ସକାଳେ "ରନ୍ ଫର୍ ୟୁନିଟି' (ଏକତା ପଦଯାତ୍ରା) ଅନୁଷ୍ଠିତ ହୋଇଥିଲା। ପଶ୍ଚିମାଞ୍ଚଳ ପୁଲିସ ଡିଆଇଜି ବ୍ରିଜେଶ ରାୟ ଏବଂ ରାଉରକେଲା ଏସ୍‌ପି ନୀତେଶ ୱାଧୱାନୀ ଯୁଗ୍ମ ଭାବେ ପତାକା ହଲାଇ ଏହି ଦୌଡ଼ର ଶୁଭାରମ୍ଭ କରିଥିଲେ।

ରଘୁନାଥପାଲୀ ବିଧାୟକ ଦୁର୍ଗା ଚରଣ ତନ୍ତୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ପୁଲିସ ଓ ପ୍ରଶାସନିକ ଅଧିକାରୀ, ବିଭିନ୍ନ ବିଦ୍ୟାଳୟ ତଥା ମହାବିଦ୍ୟାଳୟର ଛାତ୍ରଛାତ୍ରୀ, କ୍ରୀଡ଼ାବିତ୍ ଏବଂ ବହୁ ସଂଖ୍ୟାରେ ସାଧାରଣ ନାଗରିକ ଏହି ଏକତା ଦୌଡ଼ରେ ସାମିଲ ହୋଇଥିଲେ।

ଏହି ଦୌଡ଼ ରାଉରକେଲା ଏସ୍‌ପିଙ୍କ କାର୍ଯ୍ୟାଳୟ ପରିସରରୁ ଆରମ୍ଭ ହୋଇ ରିଜର୍ଭ ପୁଲିସ ଲାଇନ୍ସ ଠାରେ ଉଦ୍‌ଯାପିତ ହୋଇଥିଲା। କେ. ବଲାଙ୍ଗ ଥାନା ପକ୍ଷରୁ ମଧ୍ୟ ଜାତୀୟ ଏକତା ଦିବସ ପାଳନ ଅବସରରେ "ରନ୍ ଫର୍ ୟୁନିଟି' ଆୟୋଜିତ ହୋଇଥିଲା।

ସେଲର ନିଟ୍ ଲାଭରେ ୩୧୯୫% ବୃଦ୍ଧି



ରାଉରକେଲା,୩୧।୧୦(ସମିସ): ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍ (ସେଲ୍)ର ୨୦୨୬-୨୭ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସିକ ପ୍ରଦର୍ଶନରେ ପରିଚାଳନାଗତ ପ୍ରୟାସ ସାର୍ଥକ ଆର୍ଥିକ ଫଳାଫଳରେ ପରିଣତ ହୋଇଛି। ଗତ ବର୍ଷର ଏହି ସମାନ ଅବଧି ତୁଳନାରେ କର ପରବର୍ତ୍ତୀ ଲାଭ ପ୍ରାୟ ୩୧୯୫% ବୃଦ୍ଧି ପାଇଛି। ସେଲ୍‌ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଡ. ଏ.କେ. ପଣ୍ଡା କହିଛନ୍ତି, ଦ୍ୱିତୀୟ ତ୍ରୈମାସିକରେ ପରିଚାଳନା, ଉତ୍ପାଦନ ଓ ବିକ୍ରୟ ମଧ୍ୟରେ ସମନ୍ୱୟ, ଲୁହାପଥର ଉତ୍ପାଦନ ଓ ବିକ୍ରୟ ଉପରେ ଧ୍ୟାନ ଏବଂ ଉଚ୍ଚ ମୂଲ୍ୟଯୁକ୍ତ ଉତ୍ପାଦ ଉପରେ ଗୁରୁତ୍ୱ ଦେବା ଏହା ପ୍ରମାଣ କରିଛି ଯେ, ପ୍ରତ୍ୟେକ ୟୁନିଟ୍ ସ୍ପଷ୍ଟ ଉଦ୍ଦେଶ୍ୟ ଓ ଦିଗନିର୍ଦ୍ଦେଶ ସହ କାର୍ଯ୍ୟ କଲେ ତାହାର ଫଳସ୍ୱରୂପ ଉଲ୍ଲେଖନୀୟ ଏବଂ ସୁଦୃଢ଼ ଆର୍ଥିକ ଫଳାଫଳ ମିଳିପାରେ।

ଇନ୍ଧନ ବ୍ୟବହାର ହାରରେ ଉନ୍ନତିର ସହାୟତାରେ କମ୍ପାନୀ ହଟ୍ ମେଟାଲ୍, କ୍ରୁଡ୍ ଷ୍ଟିଲ୍, ବିକ୍ରୟଯୋଗ୍ୟ ଷ୍ଟିଲ୍ ଏବଂ ଫିନିସ୍ଡ ଷ୍ଟିଲ୍ ଉତ୍ପାଦନରେ ଏଯାବତ୍‌ର ସର୍ବୋତ୍ତମ ଦ୍ୱିତୀୟ ତ୍ରୈମାସିକ ଉତ୍ପାଦନ ରେକର୍ଡ କରିଛି। ଏହି ପରିଚାଳନାଗତ ଦୃଢ଼ତାକୁ ଉତ୍ପାଦ ମିଶ୍ରଣରେ ଏକ ନିର୍ଣ୍ଣାୟକ ପରିବର୍ତ୍ତନ ଆହୁରି ସୁଦୃଢ଼ କରିଛି। ପ୍ରଥମ ତ୍ରୈମାସିକ ତୁଳନାରେ ଉଚ୍ଚ ମୂଲ୍ୟଯୁକ୍ତ ଉତ୍ପାଦର ପରିମାଣ ୩୬% ବୃଦ୍ଧି ପାଇଛି। ଡ. ପଣ୍ଡା ଉଲ୍ଲେଖ କରିଛନ୍ତି ଯେ, ଗ୍ରେଡ୍ ଓ ପ୍ରୋଫାଇଲ୍ ଅନୁଯାୟୀ ବଜାର ଚାହିଦା ସହ ଆମ ଉତ୍ପାଦନକୁ ସମନ୍ୱିତ କରିବା ଦ୍ୱାରା ସେଲ୍ ଏକ ବ୍ୟାପକ ଓ ବିବିଧ ଗ୍ରାହକ ଭିତ୍ତିକୁ ସେବା ଯୋଗାଇ ପାରୁଛି। ଏହା ଭିତ୍ତିଭୂମି, ଇଞ୍ଜିନିୟରିଂ, ପ୍ରତିରକ୍ଷା ଏବଂ ରେଳବାଇ ଭଳି ରଣନୈତିକ କ୍ଷେତ୍ରରେ ଆମ ଉପସ୍ଥିତିକୁ ଆହୁରି ସୁଦୃଢ଼ କରୁଛି। ଦ୍ୱିତୀୟ ତ୍ରୈମାସିକର ଫଳାଫଳ ଏହା ନିଶ୍ଚିତ କରୁଛି ଯେ, ସେଲ୍‌ର ଶକ୍ତି ଏହାର ସମନ୍ୱିତ ଆଭିମୁଖ୍ୟରେ ନିହିତ, ଯେଉଁଠାରେ ପରିଚାଳନାଗତ ଉତ୍କର୍ଷ, ନବସୃଜନ ଏବଂ ଆର୍ଥିକ ଦୂରଦୃଷ୍ଟି ଏକାସାଙ୍ଗରେ କାର୍ଯ୍ୟ କରୁଛି।

୨ ଦିନିଆ ଯୁବ ମହୋତ୍ସବ ଉଦ୍‌ଯାପିତ



ରାଉରକେଲା,୩୧।୧୦(ସମିସ): ଜିଲ୍ଲା କ୍ରୀଡ଼ା ବିଭାଗ ପକ୍ଷରୁ ସୁନ୍ଦରଗଡ଼ ସଂସ୍କୃତି ଭବନଠାରେ ଆୟୋଜିତ ଦୁଇଦିନିଆ ଯୁବ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ହଜାରରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ନିଜ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ।

ମହୋତ୍ସବର ପ୍ରଥମ ଦିନରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ସନ୍ତୋଷ କୁମାର ଅମାତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସାରଙ୍ଗଧର ବରିହା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

ସେହିପରି ମହୋତ୍ସବର ଅନ୍ତିମ ଦିବସରେ ଅତିରିକ୍ତ ଜିଲ୍ଲାପାଳ ସୁରଜ କୁମାର ପଟ୍ଟନାୟକ ମୁଖ୍ୟ ଅତିଥି ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସହ ନିର୍ଦ୍ଦେଶକ ଅନୀଲ କେରକେଟା ଓ ଝାରସୁଗୁଡ଼ା ଏଲ୍.ଏନ୍. କଲେଜର ପୂର୍ବତନ ଅଧ୍ୟକ୍ଷ ଚିରବ୍ରତ ଦତ୍ତ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

କାର୍ଯ୍ୟକ୍ରମଟି ଜିଲ୍ଲା କ୍ରୀଡ଼ା ଅଧିକାରୀ ସୁଶୀଲ କୁମାର ମିଶ୍ର ଏବଂ ପୂର୍ବତନ ଜିଲ୍ଲା କ୍ରୀଡ଼ା ଅଧିକାରୀ ତେଜ କୁମାର ଖେସଙ୍କ ତତ୍ତ୍ୱାବଧାନରେ ସଫଳତାର ସହ ଆୟୋଜିତ ହୋଇଥିଲା। ମହୋତ୍ସବର ପ୍ରଥମ ଦିନରେ କବିତା ଦାସ ମଞ୍ଚ ପରିଚାଳନା କରିଥିବା ବେଳେ ଦ୍ୱିତୀୟ ଦିନରେ ସୁଦର୍ଶନ ତାଜନ ମଞ୍ଚ ପରିଚାଳନା କରିଥିଲେ। ଏଠାରେ ଯୁବ ପ୍ରତିଭାମାନଙ୍କୁ ନିଜର କଳା ଓ ଦକ୍ଷତା ପ୍ରଦର୍ଶନ ପାଇଁ ଏକ ସୁନ୍ଦର ମଞ୍ଚ ମିଳିଥିଲା।


ଭିଜିଲାନ୍ସ ସଚେତନତା ସପ୍ତାହରେ ପଦଯାତ୍ରା



ରାଉରକେଲା,୩୧।୧୦(ସମିସ): ରାଉରକେଲାରେ "ଦୁର୍ନୀତି ନିବାରଣ ସଚେତନତା ସପ୍ତାହ' ପାଳିତ ହୋଇଯାଇଛି। ଏନେଇ ରାଉରକେଲା ଭିଜିଲାନ୍ସ ବିଭାଗ ପକ୍ଷରୁ ଏକ ବିଶାଳ ସଚେତନତା ରାଲି ଆୟୋଜିତ ହୋଇଥିଲା। ଭିଜିଲାନ୍ସ ଏସ୍‌ପି ହରେକୃଷ୍ଣ ମାଝୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ନେତୃତ୍ୱରେ ଏହି ପଦଯାତ୍ରା ରାଉରକେଲା ମହାନଗର ନିଗମ (ଆର୍‌ଏମ୍‌ସି) କାର୍ଯ୍ୟାଳୟ ପରିସରରୁ ଆରମ୍ଭ ହୋଇଥିଲା। ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ହାତରେ ସଚେତନତାମୂଳକ ବାର୍ତ୍ତା ଧରି ନିଷ୍ଠା ପ୍ରତିବଦ୍ଧତା ପ୍ରଦର୍ଶନ କରିବା ସହ ଦୁର୍ନୀତି ବିରୋଧରେ ଏକଜୁଟ ହେବାକୁ ନାଗରିକମାନଙ୍କୁ ଆହ୍ୱାନ ଦେଇଥିଲେ। ଏହି ଶୋଭାଯାତ୍ରାରେ ବିଭିନ୍ନ ସ୍କୁଲ କଲେଜର ଛାତ୍ରଛାତ୍ରୀ ହାତରେ ଦୁର୍ନୀତି ନିବାରଣ ସଂକ୍ରାନ୍ତରେ ବିଭିନ୍ନ ସଚେତନତା ବାର୍ତ୍ତା ବହନ କରୁଥିବା ପ୍ଲା-କାର୍ଡ ଧରି ଦୁର୍ନୀତି ବିରୁଦ୍ଧରେ ସଚେତନ କରିଥିଲେ। ଏହି ଅବସରରେ ଅତିରିକ୍ତ ଏସପି ସୋମନାଥ ଜେନା, ଡିଏସପି ଯୋଗେଶ ପଟେଲ, ଡିଏସପି ରଶ୍ମିତା ଲାକ୍ରା, ଡିଏସପି ଆଲୋକ ରଂଜନ ଦାସ, ଡିଏସପି ସେରୋଫିନା ଖେସଙ୍କ ସମେତ ଦୁର୍ନୀତି ନିବାରଣ ବିଭାଗର ଅନ୍ୟାନ୍ୟ କର୍ମଚାରୀ ସାମିଲ ହୋଇଥିଲେ।

ବଣାଇଗଡ଼ ମହାବିଦ୍ୟାଳୟରେ ଏକତା ଦିବସ

ବଣାଇଁ,୩୧।୧୦(ସମିସ): ବଣାଇଗଡ ମହାବିଦ୍ୟାଳୟ ପରିସରରେ ଶନିବାର ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ଡ଼. ଜେନାମଣି ସାହୁ ଶପଥ ଗ୍ରହଣ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ରାଷ୍ଟ୍ରୀୟ ଏକତାର ଶପଥ ପାଠ କରାଇଥିଲେ। ଉପସ୍ଥିତ ଅଧ୍ୟାପକ, କର୍ମଚାରୀ ଓ ଛାତ୍ରଛାତ୍ରୀମାନେ ଦେଶର ଏକତା, ଅଖଣ୍ଡତା ଓ ସୁରକ୍ଷା ବଜାୟ ରଖିବା ପାଇଁ ସାମୂହିକ ଭାବେ ଶପଥ ଗ୍ରହଣ କରିଥିଲେ। ମହାବିଦ୍ୟାଳୟର ଅଧ୍ୟାପିକା ଓ



ଅଧ୍ୟାପିକାଙ୍କ ମଧ୍ୟରେ ଡ଼. ପି. ଏସ୍. ମହାନ୍ତ, ଡ଼. ଏସ୍. ନନ୍ଦ, ଏଚ୍. ବାଆ, ଏସ୍. ବିଲୁଙ୍ଗ, ଏମ୍. ବାଆ, ଏସ୍. କେ. ପଟେଲ, ବି. ବେହେରା, ଜେ. ବେହେରା ଏବଂ ପି. ପି. ପ୍ରଧାନ ଏବଂ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

ଆର୍‌ଏସ୍‌ପି ପକ୍ଷରୁ ଶପଥ ଗ୍ରହଣ ସମାରୋହ ଓ "ଏକତା ଦୌଡ଼'



ରାଉରକେଲା,୩୧।୧୦(ସମିସ): ରାଉରକେଲା ଇସ୍ପାତ କାରଖାନା (ଆରଏସପି) ପକ୍ଷରୁ ଏକତା ଦିବସ ପାଳିତ ହୋଇଯାଇଛି। ଏନେଇ ବିଭିନ୍ନ ୟୁନିଟ୍‌ରେ ଶପଥ ଗ୍ରହଣ ସମାରୋହ ଆୟୋଜିତ ହୋଇଥିଲା, ଯେଉଁଥିରେ ବରିଷ୍ଠ ଅଧିକାରୀଙ୍କ ସମେତ କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଆରଏସପି ପକ୍ଷରୁ ଆୟୋଜିତ "ଏକତା ଦୌଡ଼'ରେ ହକି କ୍ୟାଡେଟ୍‌ମାନଙ୍କ ସମେତ ପ୍ରାୟ ୨୦୦ ଜଣ କ୍ରୀଡ଼ାବିତ୍ ଅଂଶଗ୍ରହଣ କରିଥିଲେ। ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜନ୍ମଜୟନ୍ତୀ ଅବସରରେ ଇସ୍ପାତ ଷ୍ଟାଡିୟମ୍‌ରେ ଏହି ଦୌଡ଼ ଆୟୋଜିତ ହୋଇଥିଲା। ସିଜିଏମ (ଟି ଇ ଓ ହର୍ଟିକଲଚର) ସି. ଏମ୍. ଚୁଘ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏକତା ଦୌଡ଼ର ଶୁଭାରମ୍ଭ କରିଥିଲେ। ଜି ଏମ (ପ୍ରୋଟୋକଲ୍ ସର୍ଭିସେସ୍) ଜେ. ପି. ମିଶ୍ର, ଜି ଏମ (ହର୍ଟିକଲଚର) ଓ ଇନ୍‌ଚାର୍ଜ ଜେଡ୍ ଡି ପି ଡଃ ଅଭିଜିତ ବିଶ୍ୱାସ, ପ୍ଲାଣ୍ଟ ଓ ଟାଉନ୍‌ର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଏବଂ ଇସ୍ପାତ ନଗରୀର ବହୁ ସଂଖ୍ୟକ ଅଧିବାସୀ ଏହି ଅବସରରେ ଉପସ୍ଥିତ ଥିଲେ। ଶ୍ରୀ ଚୁଘ ଉପସ୍ଥିତ ସମସ୍ତ ଅଂଶଗ୍ରହଣକାରୀଙ୍କୁ ଏକତାର ଶପଥ ମଧ୍ୟ ପାଠ କରାଇଥିଲେ। ସହକାରୀ ପ୍ରବନ୍ଧକ (ପ୍ରୋଟୋକଲ୍ ସର୍ଭିସେସ୍) ବୁଧୁ ସିଂ ଏହି କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।

ରାଉରକେଲାରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ

ସଚ୍ଚୋଟତା ଓ ନୈତିକ ଆଚରଣ ଦ୍ୱାରା ଦୁର୍ନୀତିମୁକ୍ତ ସମାଜ ସମ୍ଭବ

ରାଉରକେଲା,୩୧।୧୦(ସମିସ):



ଆଇନ ପ୍ରଣୟନ ଦ୍ୱାରା ନୁହେଁ ବରଂ ବ୍ୟକ୍ତିର ମାନସିକତା, ସଚ୍ଚୋଟତା ଓ ନୈତିକ ଆଚରଣ ଦ୍ୱାରା ହିଁ ଦୁର୍ନୀତି ମୁକ୍ତ ସମାଜ ଗଠନ ସମ୍ଭବ ବୋଲି ସୁନ୍ଦରଗଡ ଜିଲ୍ଲା ପ୍ରଶାସନ ଓ ଦୁର୍ନୀତି ନିବାରଣ ବିଭାଗ ରାଉରକେଲାର ମିଳିତ ସହଯୋଗରେ ଆୟୋଜିତ ଦୁର୍ନୀତି ନିବାରଣ ସପ୍ତାହ ପାଳନ ଅବସରରେ ବିଶିଷ୍ଟ ବ୍ୟକ୍ତିମାନେ ମତବ୍ୟକ୍ତ କରିଛନ୍ତି। ଆଜି ଉଦିତନଗର ସ୍ଥିତ ସ୍ଥାନୀୟ ଆଇଟିଡିଏ ସମ୍ମିଳନୀ କକ୍ଷରେ ରାଉରକେଲା ଭିଜିଲାନ୍ସ ବିଭାଗ ଏସପି ହରେକୃଷ୍ଣ ମାଝୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପଶ୍ଚିମାଞ୍ଚଳ ପୁଲିସ ଡିଆଇଜି ବ୍ରିଜେଶ ରାଏ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି କହିଥିଲେ ଯେ, ଚଳିତ ବର୍ଷ ଏହି ଦୁର୍ନୀତି ନିବାରଣ ସପ୍ତାହ ପାଳନର ଶୀର୍ଷକ ହେଉଛି 'ସାଧୁତାରୁ ସମୃଦ୍ଧି'। ଦୁର୍ନୀତି ମୁକ୍ତ ସମାଜ ଗଠନ ନିମନ୍ତେ ଯୁବ ପିଢ଼ିମାନଙ୍କ ଦାୟିତ୍ୱ ଓ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କାରଣ ଏକ ଦୁର୍ନୀତି ମୁକ୍ତ ସମାଜ ହିଁ ସମୃଦ୍ଧିଶାଳୀ ଦେଶ ଗଠନରେ ସହାୟକ ହୋଇଥାଏ।

ଜିଲ୍ଲାପାଳ ଶୁଭଙ୍କର ମହାପାତ୍ର କହିଥିଲେ ଯେ, ଦୁର୍ନୀତି ମୁକ୍ତ ସମାଜ କେବଳ ଆଇନ ଦ୍ୱାରା ନୁହେଁ ବରଂ ପ୍ରତ୍ୟେକ ବ୍ୟକ୍ତିର ସଚ୍ଚୋଟତା ଓ ନୈତିକ ଆଚରଣ ଦ୍ୱାରା ଗଠିତ ହୋଇଥାଏ।

ମୁଖ୍ୟବକ୍ତା ଭାବରେ ଯୋଗଦାନ କରି ଇସ୍ପାତ ମହାବିଦ୍ୟାଳୟ ଅଧ୍ୟାପକ ଆଲୋକ କୁମାର ନାୟକ ସାଧୁତାର ସହିତ ସମସ୍ତେ ନିଜ କାର୍ଯ୍ୟ ସମ୍ପାଦନ କରିବାକୁ କହିଥିଲେ।

ଆରକ୍ଷୀ ଅଧୀକ୍ଷକ ଦୁର୍ନୀତି ନିବାରଣ ବିଭାଗ ରାଉରକେଲା ହରେକୃଷ୍ଣ ମାଝୀ ଅଭିଭାଷଣରେ ରାଉରକେଲା ଭିଜିଲାନ୍ସ ଡିଭିଜନର ବିଗତ ୨ ବର୍ଷର କାର୍ଯ୍ୟ ଦକ୍ଷତାର ବିବରଣୀ ପ୍ରଦାନ କରି କହିଲେ ଯେ, ଗତ ୨୦୨୪ ଜୁନ ୧୨ରୁ ୨୦୨୬ ଜୁନ ୧୨ ମଧ୍ୟରେ ୩୬ ଅପରାଧିକ ମାମଲା ରୁଜୁ ହେବା ସହିତ ୩୫ ଜଣ ସରକାରୀ ଅଧିକାରୀଙ୍କୁ ଗିରଫ କରାଯାଇଛି। ସେଥିରୁ ୫ ଜଣ ପ୍ରଥମ ଶ୍ରେଣୀ ଓ ୬ ଜଣ ଦ୍ୱିତୀୟ ଶ୍ରେଣୀ ଅଧିକାରୀ ଅଛନ୍ତି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ୮ଟି ମାମଲା ରୁଜୁ କରାଯାଇଛି। ଯେଉଁଥିରେ ନଗଦ ୪୬ ଲକ୍ଷ ଟଙ୍କା ଜବତ ହୋଇଛି। ଦୁର୍ନୀତି ଗ୍ରସ୍ତ ଅଧିକାରୀଙ୍କ ବିରୁଦ୍ଧରେ କୋର୍ଟରେ ୧୨୬ଟି ଅଭିଯୋଗ ପତ୍ର ଦାଖଲ ହୋଇଛି। ସୁନ୍ଦରଗଡ ସ୍ୱତନ୍ତ୍ର ଭିଜିଲାନ୍ସ ଜଜଙ୍କ ଅଦାଲତରେ ୬୨ ଟି ମାମଲାର ନିଷ୍ପତ୍ତି ହୋଇଛି। ଏହି ସମୟ ସୀମା ମଧ୍ୟରେ ୩୨ଟି ମାମଲାର ଦଣ୍ଡ ବିଧାନ ହୋଇଛି ଏବଂ ୪୧ ଜଣ ବ୍ୟକ୍ତି ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଦୋଷୀ ସାବ୍ୟସ୍ତ ପରେ ୬ ଜଣ ସରକାରୀ କର୍ମଚାରୀଙ୍କୁ ଚାକିରିରୁ ବରଖାସ୍ତ ସହିତ ୧୫ ଜଣଙ୍କ ପେନସନ ବନ୍ଦ କରାଯାଇଛି ବୋଲି ସେ ସୂଚନା ଦେଇଥିଲେ। ଦୁର୍ନୀତି ନିବାରଣ ସପ୍ତାହ ପାଳନ ଅବସରରେ କଲେଜ ଛାତ୍ରଛାତ୍ରୀ ମାନଙ୍କ ପାଇଁ ଆୟୋଜିତ ବିତର୍କ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

ଏହି କାର୍ଯ୍ୟକ୍ରମରେ ଅତିରକ୍ତ ଜିଲ୍ଲାପାଳ ଦୀନା ଦସ୍ତଗୀର, ରାଉରକେଲା ଏସପି ନୀତେଶ ୱାଧ୍ୱାନୀ, ଡିଏଫଓ ରାଉରକେଲା ରବିକାନ୍ତ ମୀନାଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

ଏହି ଅବସରରେ ମୁଖ୍ୟ ଅତିଥି ରାଷ୍ଟ୍ରିୟ ଏକତା ଦିବସ ଓ ଦୁର୍ନୀତି ନିବାରଣ ସପ୍ତାହ ଉପଲକ୍ଷେ ଶପଥ ପାଠ କରାଇଥିଲେ। ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଦୁର୍ନୀତି ନିବାରଣ ବିଭାଗ ସୋମନାଥ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ରାଉରକେଲା ସୀମା ଫାତିମା ଏକ୍କା ମଞ୍ଚ ପରିଚାଳନା କରଥିଲେ।

ପୁଣି ଦନ୍ତା ବଢ଼ାଇଲା ଚିନ୍ତା



କଲ୍ୟାଣସିଂହପୁର, ୩୧।୧୦(ସମିସ): ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବନା ଅଞ୍ଚଳରେ କିଛି ଦିନ ନିରବ ପରେ ଦନ୍ତା ଚିନ୍ତା ବଢ଼ାଇଛି । ଗତ ରାତ୍ର କାଶୀପୁରଠାରୁ ପୁଣି ଲେଉଟି ଆସି ଶିକାର ପାଇ ସେକ୍ସନର ବୁଡଗୁଡ଼ା ପଞ୍ଚାୟତର, କଦଳୀ ଟୁଆଁରୁ ପୋଡ଼ଛୁଆଁ ପାହାଡ଼ରେ ଆସି ଧାନ ମାଣ୍ଡିଆ, କପା, କାନ୍ଦୁଲ ଭଳି ଅନେକ ଫସଲକୁ ଦୋଳି ଚୋକଟି ନଷ୍ଟ କରିଦେଇଥିବାରୁ ଅଞ୍ଚଳବାସୀ କ୍ଷତିରେ ପଡ଼ିଛନ୍ତି । କିଛିଦିନ ପୂର୍ବରୁ ଅଞ୍ଚଳରେ ୪୨ଟି ହାତୀପଲ ଆସି ଫସଲ ନଷ୍ଟ କରିଥିଲେ । ପୁଣି ଦନ୍ତା ଏକ ଟିକିଆ ହାତୀ ଆସି ଅଞ୍ଚଳରେ ତାଣ୍ଡବ ରଚୁଥିବାରୁ ଚିନ୍ତାରେ ପଡ଼ି ଯାଇଛନ୍ତି । ସେହିଭଳି ବନ ବିଭାଗ ମଧ୍ୟ ହାତୀ ପାଇଁ ଦିନରାତି ଏକକରି ଗତିପଥକୁ ଅନୁସରଣ କରୁଥିବା ଦେଖିବାକୁ ମିଳିଛି ।

୨୬ ଦିନିଆ ହର୍ବାଲ୍ ଘରୋଇ ଉତ୍ପାଦ ପ୍ରସ୍ତୁତି ତାଲିମ୍; ୫୦ ମହିଳା ସାମିଲ

ଟିକିରି, ୩୧।୧୦(ସମିସ): ଗ୍ରାମାଞ୍ଚଳର ମହିଳାମାନଙ୍କୁ ଆତ୍ମନିର୍ଭର କରିବା ଏବଂ ସେମାନଙ୍କ ପାଇଁ ରୋଜଗାରର ନୂଆ ସୁଯୋଗ ସୃଷ୍ଟି କରିବା ଲକ୍ଷ୍ୟରେ ଇଡିଆଇଆଇ ପକ୍ଷରୁ ଆସେଞ୍ଚରର ସହଯୋଗରେ ୨୬ ଦିନିଆ ନିଃଶୁଳ୍କ ହର୍ବାଲ୍ ଘରୋଇ ଉତ୍ପାଦ ପ୍ରସ୍ତୁତି ତାଲିମ ଆୟୋଜନ କରାଯାଇଛି । କାର୍ଯ୍ୟକ୍ରମରେ ପ୍ରାୟ ୫୦ ଜଣ ମହିଳା ଅଂଶଗ୍ରହଣ କରିଛନ୍ତି ।



ଏହି ତାଲିମରେ ହର୍ବାଲ୍ ସାବୁନ, ହ୍ୟାଣ୍ଡୱାଶ୍, ଫିନାଇଲ୍, ହର୍ବାଲ୍ ସାମ୍ପୁ, ଯନ୍ତ୍ରଣା ଉପଶମ ତେଲ, ଡିସ୍ ୱାଶ୍ ଏବଂ ପିତାମ୍ବରୀ ଆଦି ଉତ୍ପାଦ ପ୍ରସ୍ତୁତି ପ୍ରଣାଳୀ ଶିଖାଯାଉଛି । କେବଳ ତତ୍ତ୍ୱଗତ ଜ୍ଞାନ ନୁହେଁ, ମହିଳାମାନଙ୍କୁ ନିଜେ ଉତ୍ପାଦ ପ୍ରସ୍ତୁତ କରିବାର ବ୍ୟବହାରିକ ଅଭ୍ୟାସ ମଧ୍ୟ କରାଯାଉଛି । ପ୍ରଶିକ୍ଷକ ନିହାର ରଞ୍ଜନ ଓଝା ମହିଳାମାନଙ୍କୁ ସମସ୍ତ ଉତ୍ପାଦ ପ୍ରସ୍ତୁତିର ବିଭିନ୍ନ ପ୍ରକ୍ରିୟା ବିଷୟରେ ସହଜ ଭାବରେ ଶିକ୍ଷା ଦେଉଛନ୍ତି । ଏହି ୨୬ ଦିନିଆ ତାଲିମ କାର୍ଯ୍ୟକ୍ରମକୁ ପପୁନ ପ୍ରଧାନ ପରିଚାଳନା କରୁଛନ୍ତି । ଡିଆଇଆଇ ଏବଂ ଆସେଞ୍ଚର୍‌ର ଏହି ପ୍ରୟାସ ଗ୍ରାମାଞ୍ଚଳର ମହିଳାମାନଙ୍କୁ ନୂତନ ଦକ୍ଷତା ଶିଖିବା ଓ ନିଜସ୍ୱ ରୋଜଗାରର ମାଧ୍ୟମ ସୃଷ୍ଟି କରିବାରେ ସହାୟକ ହେବ । ଏଭଳି ତାଲିମ ମାଧ୍ୟମରେ ମହିଳାମାନେ ନିଜ ଗ୍ରାମରେ ରହି ଉଦ୍‌ଯୋଗ ଆରମ୍ଭ କରିବା ସହ ଅନ୍ୟ ମହିଳାମାନଙ୍କ ପାଇଁ ମଧ୍ୟ ରୋଜଗାରର ସୁଯୋଗ ସୃଷ୍ଟି କରିପାରିବେ ବୋଲି ଆଶା କରାଯାଉଛି ।

ଶ୍ରବଣବାଧିତ ବିଦ୍ୟାଳୟର ୱାର୍ଡେନ୍ ସଞ୍ଜୟ ମିଶ୍ରଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ସୁନାବେଡ଼ା, ୩୧।୧୦(ସମିସ): ସୁନାବେଡ଼ାସ୍ଥିତ ଶ୍ରବଣ ବାଧିତ ବିଦ୍ୟାଳୟର ୱାର୍ଡେନ୍ ସଞ୍ଜୟ କୁମାର ମିଶ୍ର ଶନିବାର ଚାକିରି ଜୀବନରୁ ଅବସର ଗ୍ରହଣ କରିଛନ୍ତି । ଏହି ଅବସରରେ ବିଦ୍ୟାଳୟ ପରିସରରେ ତାଙ୍କୁ ଭାବପୂର୍ଣ୍ଣ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା । ସେ ୧୭ ଜୁନ୍ ୧୯୯୦ରେ ଏହି ବିଦ୍ୟାଳୟରେ ଯୋଗଦାନ କରିଥିଲେ । ଏହି ଅବସରରେ ବିଦ୍ୟାଳୟର ପ୍ରଧାନଶିକ୍ଷକ କେଳୁଚରଣ ମହାନ୍ତି, ଏମ୍‌ସିଡି ପ୍ରବୀର ବିଶ୍ୱାଳ, କଳା ଶିକ୍ଷୟିତ୍ରୀ ନିବେଦିତା ରାଉତ, ସହଶିକ୍ଷୟିତ୍ରୀ ମହାଶ୍ୱେତା



ସାହୁ, ସହଶିକ୍ଷକ ସୁଶାନ୍ତ ପ୍ରଧାନ, କମ୍ପ୍ୟୁଟର ଶିକ୍ଷକ ଆଦିତ୍ୟ ପଣ୍ଡା, ହଷ୍ଟେଲ ଆଟେଣ୍ଡାଣ୍ଟ ଚିନ୍ତାମଣି ପ୍ରଧାନ, କୁନ୍ତଳା ବଳିୟାରସିଂହ ଓ ଶାନ୍ତି ଶ୍ରୀହରିଆ, ରୋଷେୟା ସଦାଶିବ, ରୋଷେଇ ସହାୟିକା ସଙ୍ଗୀତା ସାହୁ ଓ ବାସନ୍ତୀ ଖୋସଲା ଉପସ୍ଥିତ ଥିଲେ । ଏଥିସହ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ସାଧନା ରାୟ, ଭିଣେଇ ଧ୍ରୁବଚରଣ ମିଶ୍ର, ଭଉଣୀ ସୌଦାମିନୀ ମିଶ୍ର, ଭାଣିଜୀ ଚିନ୍ମୟୀ ମିଶ୍ର, ଜ୍ୱାଇଁ ପ୍ରମୋଦ ପାଢ଼ୀ, ଝିଅ ଅମ୍ରିତା ସାହୁ, ନାତୁଣୀମାନେ, ବନ୍ଧୁ ସୁରି ଏବଂ ତାଙ୍କ ଧର୍ମପତ୍ନୀ ତଥା ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ସୁସନ୍ଧ୍ୟା ଆଚାର୍ଯ୍ୟ ଶୁଭେଚ୍ଛା ଜଣାଇଥିଲେ । ସଞ୍ଜୟ ମିଶ୍ରଙ୍କ ଅବସର ପରବର୍ତ୍ତୀ ଜୀବନ ସୁଖମୟ, ଶାନ୍ତିମୟ ଓ ସୁସ୍ଥତାରେ ପରିପୂର୍ଣ୍ଣ ହେଉ ବୋଲି ଉପସ୍ଥିତ ସମସ୍ତେ କାମନା କରିଥିଲେ ।

ନାଇରାରେ ରାଧାକାନ୍ତ ସଂକୀର୍ତନମଣ୍ଡଳୀ ଗଠିତ

ପଦ୍ମପୁର, ୩୧।୧୦(ସମିସ): ସନାତନ ଧର୍ମର ସୁରକ୍ଷା ଓ ପ୍ରଚାର ପ୍ରସାର ପାଇଁ ବାଳ ଓ ଯୁବକମାନେ ମିଳିତ ଭାବେ ଏକ ନୂତନ ସଂକୀର୍ତନମଣ୍ଡଳୀ ଗଠନ କରିଛନ୍ତି । ରାୟଗଡ଼ ଜିଲ୍ଲା ପଦ୍ମପୁର ବ୍ଲକର ଆଧ୍ୟାତ୍ମିକ ବାର୍ତ୍ତା ପାଇଁ ବେଶ୍ ପରିଚିତ ନାଇରା ଗ୍ରାମରେ ନୂତନ ଭାବେ ଶ୍ରୀ



ଶ୍ରୀ ଶ୍ରୀ ରାଧାକାନ୍ତ ସଂକୀର୍ତନ ମଣ୍ଡଳୀ ଗଠନ ହୋଇଯାଇଛି । ପୁରୁଣା ରାଧାକାନ୍ତ ମନ୍ଦିର ପରିଚାଳକ ବିଶ୍ୱନାଥ ପାଣିଗ୍ରାହୀ ଓ ନୂତନ ମଠର ପରିଚାଳକ ସୂର୍ଯ୍ୟନାରାୟଣ ସାହୁଙ୍କ ଉଦ୍ୟମକ୍ରମେ ନବଗଠିତ ସଂକୀର୍ତନମଣ୍ଡଳୀର ଶୁକ୍ରବାର ସନ୍ଧ୍ୟା ପ୍ରାୟ ୫ଟାର ଶୁଭ ମୁହୂର୍ତ୍ତରେ ନୂତନ ଗାୟକ ପପୁନ ପଣ୍ଡା ଓ ବାୟକ ନେତୃତ୍ୱ ନେଉଥିବା ସାଗର ପଣ୍ଡାଙ୍କ ଭାବ କଳାରୁ ଦେବ ସ୍ୱର୍ଶ ସଂକୀର୍ତ୍ତନ ଉତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ଗୁରୁଶ୍ରୀ ଦିବ୍ୟରଞ୍ଜନ ନିସଙ୍କ ଯୋଗ ଦେଇଥିଲେ । ସମଗ୍ର ଜିଲ୍ଲା ତଥା ଆଖପାଖ ଅଞ୍ଚଳର ଶତାଧିକ ଭକ୍ତ ଓ ସଂକୀର୍ତନପ୍ରିୟ ଯୁବକ ପ୍ରଭୁ ରାଧାକାନ୍ତଙ୍କ କୃପା ଲାଭ କରିଥିଲେ । ପଣ୍ଡିତ ସୁବାସଚନ୍ଦ୍ର ରଥ, ପ୍ରକାଶ ରଥ, ଜଗନ୍ନାଥ ମହାପାତ୍ର, ବାଲ୍ୟ ପାଣିଗ୍ରାହୀ ସରପଞ୍ଚ ତୁଳସା ଶବର, ତ୍ରିନାଥ ମହାନ୍ତି, ନିର ପଣ୍ଡା, ବାବୁଲା ମହାନ୍ତି, କାହ୍ନୁଚରଣ ପାଣିଗ୍ରାହୀ, ଲଡୁକିଶୋରେ ପଣ୍ଡା, ଶିବୁନୁ ସାହୁ, ଗିରିଧାରୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ରାତ୍ରିରେ ଶତାଧିକ ଭକ୍ତଙ୍କ ପାଇଁ ପ୍ରସାଦ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

ମା'କୁ କୋଳଶୂନ୍ୟ, ପରିବାରକୁ ପୁରୁଷଶୂନ୍ୟ କରିବା ଲକ୍ଷ୍ୟରେ ଏ ସରକାର: ପ୍ରଦୀପ ମାଝୀ

ନବରଙ୍ଗପୁର, ୩୧।୧୦(ସମିସ)



ଜିଲ୍ଲାରେ ମଦମୁକ୍ତ ଅଞ୍ଚଳ ଗଠନ ପାଇଁ ଜନଆନ୍ଦୋଳନ ତେଜୁଥିବା ବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ ନୂତନ ମଦ ଭାଟି ଖୋଲିବା ନେଇ ଟେଣ୍ଡର ଆହ୍ୱାନ କରାଯାଉଛି । ଏନେଇ ଏବେ ଜିଲ୍ଲାରେ ରାଜନୀତି ସରଗରମ ହୋଇଉଠିଛି । ରାଜ୍ୟ ବିଜେପି ସରକାରଙ୍କ ଏହି ନିଷ୍ପତ୍ତିକୁ ତୀବ୍ର ନିନ୍ଦା କରିବା ସହ ସରକାରଙ୍କ ବିରୋଧରେ ସିଧାସଳଖ ଯୁଦ୍ଧଂଦେହୀ ଡାକରା ଦେଇଛି ନବରଙ୍ଗପୁର ଜିଲ୍ଲା ବିଜେଡି ।

ଜିଲ୍ଲା ବିଜେଡି ସଭାପତି ତଥା ଡାବୁଗାଁ ବିଧାୟକ ମନୋହର ରନ୍ଧାରୀଙ୍କ ଅଧ୍ୟକ୍ଷତାରେ ଏକ ଜରୁରୀ ସାମ୍ବାଦିକ ସମ୍ମିଳନୀରେ ବିଧାୟକ ଶ୍ରୀ ରନ୍ଧାରୀ ଏବଂ ପୂର୍ବତନ ସାଂସଦ ତଥା ବରିଷ୍ଠ ବିଜେଡି ନେତା ପ୍ରଦୀପ ମାଝୀ ରାଜ୍ୟ ସରକାରଙ୍କ କାର୍ଯ୍ୟକଳାପ ଉପରେ ବର୍ଷିଛନ୍ତି । ବିଧାୟକ ମନୋହର ରନ୍ଧାରୀ କହିଛନ୍ତି ଯେ ଗତ ଅକ୍ଟୋବର ୧୫ ତାରିଖରେ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ଜିଲ୍ଲାର ହଜାର ହଜାର ହଜାର ମା', ଭଉଣୀ ଓ ଗ୍ରାମବାସୀ ଏକତ୍ରିତ ହୋଇ ସମ୍ପୂର୍ଣ୍ଣ ମଦ ବନ୍ଦ କରିବା ସହ ପୂର୍ବ ଲାଇସେନ୍ସ ରଦ୍ଦ ପାଇଁ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ନିବେଦନ କରିଥିଲେ । ସେ ନିଜେ ମଧ୍ୟ ବ୍ୟକ୍ତିଗତ ଭାବେ ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖି ଜିଲ୍ଲାକୁ ମଦମୁକ୍ତ କରିବାକୁ ଦାବି କରିଥିଲେ ଏବଂ ମୁଖ୍ୟମନ୍ତ୍ରୀ ଏହା ଉପରେ ବିଚାର କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ଜିଲ୍ଲାବାସୀଙ୍କ ନିବେଦନକୁ ଅଣଦେଖା କରି ଏବଂ ମହିଳାମାନଙ୍କ ଭାବାବେଗକୁ କୁଠାରଘାତ କରି ରାଜ୍ୟ ସରକାର ଜିଲ୍ଲାର ୬ଟି ବ୍ଲକର ୩୨ଟି ପଞ୍ଚାୟତରେ ନୂଆ ଦେଶୀ ମଦ ଭାଟି ଖୋଲିବାକୁ ଟେଣ୍ଡର ଆହ୍ୱାନ କରିଛନ୍ତି । ଗତ ଅକ୍ଟୋବର ୧୫ ତାରିଖରେ ଜିଲ୍ଲାର ୧୦ ହଜାରରୁ ଉର୍ଦ୍ଧ୍ୱ ମାଁମାନେ ହାତରେ ଫୁଲତୋଡ଼ା ଦେଇ ଜିଲ୍ଲାର ଜଣେ ନୂତନ ମହିଳା ଜିଲ୍ଲାପାଳଙ୍କୁ ସ୍ୱାଗତ କରିବା ସହିତ ଜିଲ୍ଲାରେ ମଦ ବନ୍ଦ ପାଇଁ ନିବେଦନ କରିଥିଲେ ଏବଂ ସମସ୍ତ ମାଁ ନିଜ ନିଜ ମନରେ ଆଶା ବାନ୍ଧିଥିଲେ ଯେ ଜିଲ୍ଲାରେ ଜଣେ ମହିଳା ଜିଲ୍ଲାପାଳ ଆସିଲେ ଏଥର ଜିଲ୍ଲାର ସମସ୍ତ ମା ମାନଙ୍କ କଥା ସହିତ ଜଣେ ମାଁର ଉଜୁଡ଼ି ଯାଉଥିବା ପରିବାର କଥା ବୁଝିବ ବୋଲି । ବର୍ତ୍ତମାନ ଦେଖିଲା ବେଳକୁ ୧୫ ତାରିଖରେ ମାଁ ମାନେ ଜିଲ୍ଲାପାଳଙ୍କୁ ହାତ ଯୋଡ଼ି ଗୁହାରି କରିଛନ୍ତି ମଦ ବନ୍ଦ ପାଇଁ ୨୩ ତାରିଖରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ନୂତନ ମଦ ଦୋକାନ ଖୋଲିବା ନେଇ ବିଜ୍ଞପ୍ତି ପ୍ରକାଶ କରାଯାଇଛି । ଏହାଠୁ ବଡ ଦୁର୍ଭାଗ୍ୟ ଏବଂ ମାଁ ମାନଙ୍କ ଅସମ୍ମାନର ବିଷୟ ଆଉ କିଛି ନାହିଁ ବୋଲି କହିଛନ୍ତି ବିଜେଡି ରାଜ୍ୟ ବରିଷ୍ଠ ସମ୍ପାଦକ ତଥା ପୂର୍ବତନ ସାଂସଦ ପ୍ରଦୀପ କୁମାର ମାଝୀ । ଜଣେ ମାଁର କୋଳ ଶୂନ୍ୟ ଏବଂ ପ୍ରତ୍ୟେକ ଘରେ ଘରେ ପୁରୁଷ ଶୂନ୍ୟ କରିବା ଲକ୍ଷ୍ୟରେ ଏ ସରକାର ଏବଂ ଆମ ଜିଲ୍ଲାର ମନ୍ତ୍ରୀ ଏବଂ ଶାସକ ଦଳର ବିଧାୟକ ବୋଲି କହିଛନ୍ତି ପ୍ରଦୀପ ମାଝୀ । ଜିଲ୍ଲାରେ ମଦ ଦୋକାନ ଖୋଲିବା ପାଇଁ କେତେ ଟଙ୍କା ଖାଇଛନ୍ତି ଆମ ଜିଲ୍ଲାର ମନ୍ତ୍ରୀ ବୋଲି ଆଜିର ସାମ୍ବାଦିକ ସମ୍ମିଳନୀରେ ପ୍ରଶ୍ନ କରିଛନ୍ତି ପ୍ରଦୀପ ମାଝୀ ।

ଗରିବଙ୍କୁ ଭତ୍ତା ଦେବାକୁ ଟଙ୍କା ନାହିଁ, ଏ ସରକାର ଏତିକି ନିଅଣ୍ଟ ହେଉଛି ଯେ ପୁଣି ନୂତନ ମଦ ଦୋକାନ ଖୋଲି ସେଥିରୁ ଟଙ୍କା କିଭଳି ଆଦାୟ କରିବାକୁ ତତ୍ପର ବୋଲି ଜିଲ୍ଲା ବିଜେଡି ସଭାପତି ମନୋହର ରନ୍ଧାରୀ ଅଭିଯୋଗ କରିଛନ୍ତି । ଏଥିସହିତ ଆମ ମାଟି ମାଁ ଯେଉଁ ଥିରେ ନିଜେ ଆମ ଜିଲ୍ଲାର ମନ୍ତ୍ରୀ ରହୁଛନ୍ତି, ଏହି ମାଟି ପାଣି ପବନ ଖାଇ ବଞ୍ଚିଛନ୍ତି ତାକୁ ଲୁଟ୍ କରିବାରେ ମଧ୍ୟ ପଛାଉନାହାନ୍ତି ଏ ସରକାର ଏବଂ ଆମ

- ନୂତନ ମଦଭାଟି ଟେଣ୍ଡର ଆହ୍ୱାନକୁ ଜିଲ୍ଲା ବିଜେଡିର ବିରୋଧ
- ମଦ ଦୋକାନ ବନ୍ଦ ପାଇଁ ୧୫ରେ ଜିଲ୍ଲାର ମାଁଙ୍କ ହାତ ଯୋଡ଼ି ଗୁହାରି
- ଭତ୍ତା ଦେବାକୁ ନାହିଁ; ମଦ ଦୋକାନ ଖୋଲିବାକୁ ତତ୍ପର ଏ ସରକାର
- ଆମ ମାଟି ମାଁକୁ ଲୁଟ୍ କରିବାରେ ମଧ୍ୟ ପଛଉନାହାନ୍ତି ଆମ ମନ୍ତ୍ରୀ: ମନୋହର ରନ୍ଧାରୀ

ଅଞ୍ଚଳର ମନ୍ତ୍ରୀ ବୋଲି କହିଛନ୍ତି ଜିଲ୍ଲା ବିଜେଡି ସଭାପତି ମନୋହର ରନ୍ଧାରୀ ।

ଯଦି ସରକାର ତୁରନ୍ତ ଏହି ଟେଣ୍ଡର ପ୍ରକ୍ରିୟା ରଦ୍ଦ ନକରନ୍ତି, ତେବେ ଆଗାମୀ ଦିନରେ ବିଜେଡି ରାଜରାସ୍ତାକୁ ଓହ୍ଲାଇ ଜିଲ୍ଲାବ୍ୟାପୀ ଏକ ବିରାଟ ଜନଆନ୍ଦୋଳନ ଗଢ଼ି ତୋଳିବ ବୋଲି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ବିଜେଡି ପକ୍ଷରୁ ଚେତାବନୀ ଦିଆଯାଇଛି । ଜିଲ୍ଲା ପରିଷଦ ସଦସ୍ୟ ଅରୁଣ ମିଶ୍ର, କାଉନସିଲର ନଗେନ୍ଦ୍ର ପ୍ରସାଦ ପଟ୍ଟନାୟକ, ଜିଲ୍ଲା ମହିଳା ସୋଭାନେତ୍ରି ତଥା ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷା ମଞ୍ଜୁଳା ମାଝୀ, ନଗର ବିଜେଡ଼ି ସଭାପତି ପ୍ରମୋଦ ରଥ, ଅଭିବ୍ୟକ୍ତ କୋରାପୁଟ ଜିଲ୍ଲା ପୂର୍ବତନ ଯୁବ ବିଜେଡି ସଭାପତି ତାପସ ତ୍ରିପାଠୀ, ପୂର୍ବତନ କାଉନସିଲର ଭିମ ହରିଜନ, ପୂର୍ବତନ କାଉନସିଲର ଉତ୍ତମ ତ୍ରିପାଠୀ, ବିଜେଡି ନେତା ମିଟୁ ପାତ୍ର, ରବି ପଟ୍ଟନାୟକ, କୁନା ପାଢ଼ୀ, ଗୋଲକ ମାଝୀ, ସୁମିତ ପୂଜାରୀ, ନେତ୍ରାନନ୍ଦ କଳାର, ଲାଲୁ ତ୍ରିପାଠୀ, ସୁମିତ ପାଳ, ସଞ୍ଜୟ ନାୟକ, ବୁଲୁ ପଟ୍ଟନାୟକ, ପ୍ରଫୁଲ୍ଲ ପଣ୍ଡା, ନନ୍ଦ ନାୟକ, ଚନ୍ଦ୍ର ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ ।

ଗ୍ରାଫାଇଟ୍ ଅନୁସନ୍ଧାନ ବନ୍ଦ କରାଇଲେ ତହସିଲଦାର

ବିଷମ କଟକ, ୩୧।୧୦(ସମିସ): ରାୟଗଡ଼ ଜିଲ୍ଲା ବିଷମ କଟକ ବ୍ଲକ ଅନ୍ତର୍ଗତ ସହାଡା ପଞ୍ଚାୟତ ସଦର ନିକଟ ପାହାଡ଼ରେ କେଉଁ ଗୋଟିଏ ସଂସ୍ଥା ପାହାଡ ଶିଖରରୁ ବଡ ବଡ ବୋରରେ ଗାତ କରି ଗ୍ରାଫାଇଟ୍ ପଥର ସଂଗ୍ରହ କରି ଗ୍ରାଫାଇଟ୍ ଅନ୍ୱେଷଣ କରୁଛି । ପାହାଡ଼ ଉପରେ ରାସ୍ତା ନିର୍ମାଣ କରିବା ନିମନ୍ତେ ପାହାଡକୁ ଜେସିବି ସାହାର୍ଯ୍ୟରେ ଖୋଲିବା ସହ ବଡ ବଡ ମୂଲ୍ୟବାନ ଗଛକୁ ଭାଙ୍ଗି ନଷ୍ଟ ମଧ୍ୟ କରୁଛି । ସଂସ୍ଥାର ଏ କାର୍ଯ୍ୟକୁ ନେଇ ସାହାଡ ଗ୍ରାମାବାସୀ କ୍ରମାଗତ ଭାବେ ବିରୋଧ କରିଆସୁଥିଲେ ସୁଦ୍ଧା ସଂସ୍ଥା କାହାରି କଥା ଶୁଣୁ ନଥିଲା କିମ୍ବା କୌଣସି ପ୍ରମାଣ ଗ୍ରାମବାସୀଙ୍କୁ ଦେଖାଉ ନଥିଲା । ଶେଷରେ ଲୋକେ ଉତ୍ତ୍ୟକ୍ତ ହୋଇ ବିଷମ କଟକ ତହସିଲଦାରଙ୍କ ନିକଟରେ ଅବଗତ କରିଥିଲେ । ଖବର ପାଇ ବିଷମ କଟକ ତହସିଲଦାର କେ.ଭେଙ୍କଟେଶ୍ୱର ରେଡି ସାହାଡା ସ୍ଥ କାର୍ଯ୍ୟସ୍ଥଳରେ ପହଞ୍ଚି ସମସ୍ତ ବିଷୟ ପଚାରି ବୁଝିଥିଲେ । ପଥର ନମୁନା ସଂଗ୍ରହ ସମ୍ବନ୍ଧରେ କେନ୍ଦ୍ର ସରକାରଙ୍କଠାରୁ ପାଇଥିବା ସିକୃତି କାଗଜପତ୍ର ଯାଞ୍ଚ କରିଥିଲେ । ସାଇଟ୍ ଇନ୍‌ଚାର୍ଜଙ୍କ ପକ୍ଷରୁ ସମ୍ପୃକ୍ତ ବିଭାଗ ଓ ଅଧିକାରୀଙ୍କୁ ଗ୍ରାଫାଇଟ୍ ଅନ୍ୱେଷଣ କାର୍ଯ୍ୟ ସମ୍ପର୍କରେ ଜଣାଇଥିବା କୁହାଯାଇଥିଲା । କିନ୍ତୁ ଯେଉଁମାନଙ୍କୁ ଜଣାଇଥିବା କୁହାଯାଉଛି,



ସେମାନେ ଏ କାର୍ଯ୍ୟ ସମ୍ପର୍କରେ ଅବଗତ ନଥିବା ତହସିଲଦାର ପ୍ରକାଶ କରିଛନ୍ତି । ସ୍ଥାନୀୟ ଲୋକଙ୍କ ଅଭିଯୋଗ ପରେ ତହସିଲଦାର ହସ୍ତଗତ ହୋଇଥିବା ଚିଠିର ସତ୍ୟତା ଯାଞ୍ଚ କରାଯିବା ସହ ଉକ୍ତ କାର୍ଯ୍ୟକୁ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦେଇଥିବା ପ୍ରକାଶ କରିଛନ୍ତି ।

ଆସୁଛି ଆଲୋକର ପର୍ବ ଦୀପାବଳି, କାଳୀପୂଜା

ଉମରକୋଟ, ୩୧।୧୦(ସମିସ): ଅଧିକାରୀଗୁଡ଼ାଠାରେ ଚଳିତ ବର୍ଷ ପ୍ରଥମ ଥର ପାଇଁ କାଳୀପୂଜା ଅନୁଷ୍ଠିତ ହେଉଛି । ଏଠାରେ ମଧ୍ୟ ୩୫ ଫୁଟ୍‌ର ବିଶାଳ ମା' କାଳୀଙ୍କ ମୂର୍ତ୍ତି ନିର୍ମାଣ କରାଯାଉଛି । ଆସନ୍ତା ନଭେମ୍ବର ୮ରୁ ୧୮ ତାରିଖ ପର୍ଯ୍ୟନ୍ତ ଏଠାରେ ପୂଜା ଜାରି ରହିବ । ମାଲକାନଗିରି ଜିଲ୍ଲା ଏମ୍.ଭି.-୮ ଗାଁର କାରିଗର ସନାତନ ପାଲଙ୍କ ନେତୃତ୍ୱରେ ୬ ଜଣ କାରିଗର ମୂର୍ତ୍ତି ନିର୍ମାଣ କାର୍ଯ୍ୟରେ ଲାଗିପଡ଼ିଛନ୍ତି । ପୂଜାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ମୀନାବଜାର ସହିତ ବିଭିନ୍ନ ପ୍ରକାର ଖାଦ୍ୟ, ଖେଳଣା ଓ ଅନ୍ୟାନ୍ୟ ସାମଗ୍ରୀର ଦୋକାନ ଖୋଲାଯିବ ବୋଲି ପୂଜା କମିଟି ପକ୍ଷରୁ ସୂଚନା ମିଳିଛି । ଚଳିତ ବର୍ଷ ଉଭୟ ମଣ୍ଡପରେ ଅବିଭକ୍ତ କୋରାପୁଟ ଜିଲ୍ଲା ସମେତ ପଡ଼ୋଶୀ ଛତିଶଗଡ଼ରୁ ମଧ୍ୟ ଶତାଧିକ ଶ୍ରଦ୍ଧାଳୁ ଓ ଦର୍ଶକଙ୍କ ପ୍ରବଳ ଭିଡ଼ ଜମିବ ବୋଲି ଉଭୟ ପୂଜା କମିଟି ପକ୍ଷରୁ ଦୃଢ଼ ଆଶା ପୋଷାକ କରାଯାଉଛି । ଏହି ପବିତ୍ର ପର୍ବ ପାଇଁ ଏବେଠାରୁ ଚଳଚଞ୍ଚଳ ହୋଇଉଠିଛି ଉମରକୋଟ ସହର । ସହରର କାଳୀବାଡ଼ି ପଡ଼ିଆ ଏବଂ ଅଧିକାରୀଗୁଡ଼ା ଠାରେ ମା' କାଳୀଙ୍କ ପୂଜା ପାଇଁ ଜୋରଦାର ପ୍ରସ୍ତୁତି ଚାଲିଛି । ଉଭୟ ସ୍ଥାନରେ ୩୫ ଫୁଟ୍ ଉଚ୍ଚତାର ବିଶାଳ ମା' କାଳୀଙ୍କ ମୃଣ୍ମୟ ମୂର୍ତ୍ତି ନିର୍ମାଣ କରାଯାଉଥିବା ଦେଖିବାକୁ ମିଳିଛି ।ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ପୌରାଞ୍ଚଳର ୫୨ ନମ୍ବର କାଳୀବାଡ଼ି ପଡ଼ିଆରେ ମା' କାଳୀଙ୍କ ପୂଜା ଆୟୋଜନ କରାଯାଉଛି । ମଣ୍ଡପରେ ମଞ୍ଚା ବନ୍ଧାଯାଇ ବିଶାଳ ମାଁ କାଳୀଙ୍କ ମୂର୍ତ୍ତି ନିର୍ମାଣ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି । ମାଲକାନଗିରି ଜିଲ୍ଲା ଏମ୍.ଭି.-୫୧ ଗାଁର କାରିଗର ଜୟଦେବ ତରଫଦାରଙ୍କ ନେତୃତ୍ୱରେ ୯ ଜଣିଆ କାରିଗର ଦଳ ଏହି ମୂର୍ତ୍ତି ନିର୍ମାଣରେ ନିୟୋଜିତ ଅଛନ୍ତି । କାରିଗର ଜୟଦେବଙ୍କ ସୂଚନା ଅନୁଯାୟୀ, ମୂର୍ତ୍ତି ନିର୍ମାଣ ପାଇଁ ପ୍ରାୟ ୧୫ ଦିନ ଏବଂ ରଙ୍ଗ କାର୍ଯ୍ୟ ପାଇଁ ଆଉ ଦୁଇ ଦିନ ସମୟ ଲାଗୁଛି । ପୂଜାକୁ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବା ପାଇଁ ଏକ ସ୍ୱତନ୍ତ୍ର କମିଟି ଗଠନ କରାଯାଇଛି । ସମସ୍ତଙ୍କ ସହଯୋଗରେ ଏହି ପୂଜାକୁ ଧୁମଧାମରେ ପାଳନ କରିବାକୁ ଯୋଜନା ରହିଛି । ଏଠାରେ ୧୦ ଦିନ ଧରି ମା' କାଳୀ ପୂଜା ପାଇବେ । ଦର୍ଶକଙ୍କ ମନୋରଞ୍ଜନ ନିମନ୍ତେ ମୀନାବଜାର, ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ଅସ୍ଥାୟୀ ଦୋକାନବଜାରର ବ୍ୟବସ୍ଥା କରାଯାଉଛି ।

୨୨ କେଜି ଗଞ୍ଜେଇ ସହ ସ୍କୁଟି ଜବତ; ଆନ୍ଧ୍ର ଯୁବକ ଗିରଫ

ନନ୍ଦପୁର, ୩୧।୧୦(ସମିସ): ନିଶାଦ୍ରବ୍ୟ ଚୋରା ଚାଲାଣ ବିରୋଧରେ ପୁଲିସର ଅଭିଯାନ ଜାରି ରହିଥିବାବେଳେ ୨୨ କେଜି ଗଞ୍ଜେଇ ସହ ଆନ୍ଧ୍ରପ୍ରଦେଶର ଜଣେ ଯୁବକଙ୍କୁ ଗିରଫ କରିଛି ପାଡୁଆ ପୁଲିସ । ଗିରଫ ଯୁବକ ଜଣକ ହେଲେ ଆନ୍ଧ୍ରପ୍ରଦେଶର କୃଷ୍ଣା ଜିଲ୍ଲା ପେନାମାଲୁରୁ ଥାନା ଅନ୍ତର୍ଗତ ପୋରାଙ୍କି ଗ୍ରାମର ଏନ୍. ସୁଧୀର (୨୭) । ପୁଲିସ ସୂଚନା ଅନୁଯାୟୀ, ଅଭିଯୁକ୍ତଙ୍କ ନିକଟରୁ ୨୨ କେଜି ଗଞ୍ଜେଇ ସହ ଏପି ୪୦ ଏମ୍‌ଏଫ୍ ୬୧୦୩ ନମ୍ବର୍ ସମ୍ବଳିତ ଏକ ନୀଳ ରଙ୍ଗର ଟିଭିଏସ୍ ଜୁପିଟର ସ୍କୁଟି ଜବତ କରାଯାଇଛି । ଏନେଇ ପାଡୁଆ ଥାନାରେ ମାମଲା ରୁଜୁ ହୋଇଛି । ଅଭିଯୁକ୍ତଙ୍କୁ ଗିରଫ ପରେ ଶନିବାର ଅଦାଲତକୁ ଚାଲାଣ କରାଯାଇଛି । ମାମଲାର ଅଧିକ ତଦନ୍ତ ଜାରି ରହିଥିବା ସୂଚନା ଦେଇଛନ୍ତି ପାଡୁଆ ଥାନାଧିକାରୀ ଟୁନା ପିଡିକା ।

ବିକ୍ରମଦେବ ବିଶ୍ୱବିଦ୍ୟାଳୟରେ ଦୁର୍ନୀତି ନିବାରଣ ସଚେତନତା

ଜୟପୁର, ୩୧।୧୦(ସମିସ): କୋରାପୁଟ ଜିଲ୍ଲା ଜୟପୁର ବିକ୍ରମଦେବ ବିଶ୍ୱବିଦ୍ୟାଳୟରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଅବସରରେ ଏକ ଶପଥ ଗ୍ରହଣ କାର୍ଯ୍ୟକ୍ରମ ସହ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଶୋଭାଯାତ୍ରା ବିଶ୍ୱବିଦ୍ୟାଳୟ ପରିସରରରୁ ବାହାରି ମୁଖ୍ୟରାସ୍ତା ଦେଇ ରାଜା ନହର ଛକ ପର୍ଯ୍ୟନ୍ତ ଯାଇ ପୁଣି ସେଠାରୁ ଫେରିଥିଲା । ପରେ ବିଶ୍ୱବିଦ୍ୟାଳୟର ଏଲ-୨ ସମ୍ମିଳନୀ କକ୍ଷରେ ଏକ ଏକ ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ଜୟପୁର ଭିଜିଲାନ୍ସ ବିଭାଗର ଅତିରିକ୍ତ ଏସ୍‌ପି ଅନନ୍ତ ପ୍ରସାଦ ମଲ୍ଲିକ ଏବଂ ମୁଖ୍ୟବକ୍ତା ଭାବେ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟର ସରକାରୀ ଓକିଲ ଶଶିଧର ପଟ୍ଟନାୟକ ଯୋଗ ଦେଇଥିଲେ । ବିଶ୍ୱବିଦ୍ୟାଳୟର କୁଳସଚିବ ମହେଶ୍ୱରଚନ୍ଦ୍ର ନାୟକ ଅତିଥିଙ୍କୁ ସ୍ୱାଗତ ଜଣାଇଥିଲେ । ପିଜି କାଉନସିଲର ଅଧ୍ୟକ୍ଷ ଡ. ପ୍ରଶାନ୍ତ ପାତ୍ର ଦୁର୍ନୀତିମୁକ୍ତ ଶିକ୍ଷାନୁଷ୍ଠାନ ଗଠନରେ ଶିକ୍ଷକ, ଛାତ୍ରଛାତ୍ରୀ ଓ କର୍ମଚାରୀଙ୍କ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ । କୁଳପତି ପ୍ରଫେସର ହୃଷୀକେଶ ସେନାପତି ଏକ ସୁସ୍ଥ, ନୈତିକ ଓ ଦୁର୍ନୀତିମୁକ୍ତ ସମାଜ ଗଠନ ପାଇଁ ସମସ୍ତଙ୍କ ସାମୂହିକ ପ୍ରୟାସର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ । ଛାତ୍ରଛାତ୍ରୀମାନେ ନିଜ ଜୀବନରେ ସତ୍ୟନିଷ୍ଠା, ନୈତିକତା ଓ ଦାୟିତ୍ୱବୋଧକୁ ଆପଣାଇ ଦେଶର ଉନ୍ନତିରେ ସହଯୋଗ କରିବାକୁ ସେ ଆହ୍ୱାନ ଦେଇଥିଲେ । କାର୍ଯ୍ୟକ୍ରମର ଶେଷ ପର୍ଯ୍ୟାୟରେ ଏନସିସି କ୍ୟାପ୍ଟେନ ଡ. ଲକ୍ଷ୍ମଣ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଦୁର୍ନୀତି ବିରୋଧରେ ସାମୂହିକ ସଚେତନତା ବୃଦ୍ଧି କରିବା ସହ ସତ୍ୟନିଷ୍ଠା, ସ୍ୱଚ୍ଛତା ଓ ନୈତିକ ମୂଲ୍ୟବୋଧ ଆଧାରିତ ସମାଜ ଗଠନ ପାଇଁ ଏକ ଉତ୍ସାହଜନକ ପଦକ୍ଷେପ ଭାବେ ପରିଗଣିତ ହୋଇଥିଲା ।

'ଏକତା ପଦଯାତ୍ରା' ସହ ଜାତୀୟ ଏକତା ଓ ସଦ୍‌ଭାବନାର ଶପଥ ଗ୍ରହଣ

ମାଲକାନଗିରି, ୩୧।୧୦(ସମିସ)



ଜାତୀୟ ଏକତା, ଭାଇଚାରା ଓ ସାମାଜିକ ସଦ୍‌ଭାବନାର ବାର୍ତ୍ତାନେଇ ମାଲକାନଗିରି ଜିଲ୍ଲା ସଦର ମହକୁମାରେ ଆଜି ଏକ ଭବ୍ୟ 'ଏକତା ପଦଯାତ୍ରା' ଆୟୋଜିତ ହୋଇଯାଇଛି । ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୧ତମ ଜୟନ୍ତୀ (ରାଷ୍ଟ୍ରୀୟ ଏକତା ଦିବସ) ଅବସରରେ ଆୟୋଜିତ ଏହି ପଦଯାତ୍ରା ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ପ୍ରାଙ୍ଗଣରୁ ବାହାରି ଜିଲ୍ଲା କ୍ରୀଡ଼ା କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା । ଏହି କାର୍ଯ୍ୟକ୍ରମରେ ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ, ମାଲକାନଗିରି ବିଧାୟକ ନରସିଂହ ମାଡ଼କାମି, ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜେଶିର୍କେ, ଆରକ୍ଷୀ ଅଧୀକ୍ଷକ ବିନୋଦ ପାଟିଲ ଏଚ୍, ବନଖଣ୍ଡ ଅଧିକାରୀ ସାଇ କିରଣ, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ସୋମନାଥ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ, ଜିଲ୍ଲା କ୍ରୀଡ଼ା ଅଧିକାରୀ ମୁନା ତୁରୁକ୍, ଜିଲ୍ଲା ଯୁବ ଅଧିକାରୀ ଏବଂ ଜିଲ୍ଲାର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ପଦଯାତ୍ରାରେ ସାମିଲ ହୋଇଥିଲେ । ପଦଯାତ୍ରା ପ୍ରାରମ୍ଭରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ପ୍ରତିଛବିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ଏହାପରେ ସାଂସଦ ଶ୍ରୀ ମାଝୀଙ୍କ ନେତୃତ୍ୱରେ ଉପସ୍ଥିତ ସମସ୍ତ କର୍ମକର୍ତ୍ତା ଓ ସାଧାରଣ ଜନତା ଜାତୀୟ ଏକତା ଓ ଅଖଣ୍ଡତା ରକ୍ଷା ପାଇଁ 'ଏକତା ସଂକଳ୍ପ' ପାଠ କରିଥିଲେ । ଏହି ପଦଯାତ୍ରାରେ ମାଲକାନଗିରି ଜିଲ୍ଲା ଆରକ୍ଷୀ କର୍ମଚାରୀ, ରାଷ୍ଟ୍ରୀୟ ସମର ଶିକ୍ଷାର୍ଥୀ ବାହିନୀର କ୍ୟାଡେଟ୍, ବିଭିନ୍ନ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଏବଂ ସ୍ଥାନୀୟ ଜନସାଧାରଣ ବହୁ ସଂଖ୍ୟାରେ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ ।

● ଗୁଣୁପୁର ପୁଲିସର ମିନି ମାରାଥନ୍

ଗୁଣୁପୁର: ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜନ୍ମଜୟନ୍ତୀ ତଥା ଜାତୀୟ ଏକତା ଦିବସ ଅବସରରେ ଗୁଣୁପୁରପୁଲିସ ପକ୍ଷରୁ ଏକ ମିନି ମାରାଥନ ଆୟୋଜିତ ହୋଇଯାଇଛି । ସରକାରଙ୍କ ନିଷ୍ପତ୍ତି କ୍ରମେ ଗୁଣୁପୁର ଏସ୍‌ଡିପିଓ ବାବୁଲି ନାୟକଙ୍କ ଉପସ୍ଥିତିରେ ଗୁଣୁପୁର ଥାନାଧିକାରୀ କମଳକାନ୍ତ ବସନ୍ତ କୁମାର କହଁରଙ୍କ ନେତୃତ୍ୱରେ ଏହି ମାରାଥନ ଅନୁଷ୍ଠିତ ହୋଇଥିଲା । ଗୁଣୁପୁର ବାଇପାସ୍ ରାସ୍ତାଠାରୁ ଆରମ୍ଭ ହୋଇଥିବା ଏହି ମାରାଥନ ଗୁଣୁପୁର ଥାନା ପର୍ଯ୍ୟନ୍ତ ପହଞ୍ଚିଥିଲା । ଏଥିରେ ସ୍ଥାନୀୟ ମହାବିଦ୍ୟାଳୟର ବହୁ ଛାତ୍ରଛାତ୍ରୀଙ୍କ ସମେତ ସ୍ଥାନୀୟ ଯୁବପିଢି ଉତ୍ସାହର ସହ ସାମିଲ ହୋଇଥିଲେ । ଏହାସହ ଥାନା ମଧ୍ୟରେ ପୋଲିସ୍ କର୍ମଚାରୀଙ୍କ ଏକତାର ବାର୍ତ୍ତା ନେଇ ଶପଥ ଗ୍ରହଣ କାର୍ଯ୍ୟକ୍ରମ ହେବା ସହ ସହିଦ୍ ଲକ୍ଷ୍ମଣ ନାୟକ ମେମୋରିଆଲ୍ ଉଚ୍ଚବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ନେଇ ଲୌହ ମାନବଙ୍କ ଉପରେ ଏକ ରଚନା ପ୍ରତିଯୋଗିତା ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ।

● କାଳିମେଲା ହାଇସ୍କୁଲ

କାଳିମେଲା: କାଳିମେଲା ହାଇସ୍କୁଲରେ ଶନିବାର କାଳିମେଲା ଥାନା ପକ୍ଷରୁ ଜାତୀୟ ଏକତା ଦିବସ ପାଳନ କରାଯାଇଛି । ଥାନାଧିକାରୀ ପ୍ରଭୁଦତ୍ତ ବିଶ୍ୱାଳଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ସହ ଆମ ପୁଲିସ ସମିତି ବୈଠକ ମଧ୍ୟ ଅନୁଷ୍ଠିତ ହୋଇଥିଲା । ସାଧାରଣ ଜନତା, ସରପଞ୍ଚ, ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଏବଂ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ । ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାରୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଜାତୀୟ ଏକତା, ସାମାଜିକ ସଚେତନତା ଓ ସୃଜନଶୀଳତାର ବାର୍ତ୍ତା ପ୍ରସାର କରାଯାଇଥିଲା ।

ଜିଲ୍ଲାସ୍ତରୀୟ ଦୁର୍ନୀତି ନିବାରଣ ସପ୍ତାହ; ସଚେତନତା ଶୋଭାଯାତ୍ରା ଓ ଶପଥ ଗ୍ରହଣ

ମାଲକାନଗିରି, ୩୧।୧୦(ସମିସ): ଜିଲ୍ଲା ପ୍ରଶାସନ ଓ ଦୁର୍ନୀତି ନିବାରଣ ଶାଖା, ମାଲକାନଗିରିର ମିଳିତ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ଦୁର୍ନୀତି ନିବାରଣ ସପ୍ତାହ ପାଳନ ଅବସରରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରାଙ୍ଗଣରୁ ଜିଲ୍ଲାପାଳ ପୂର୍ବାହ୍ନରେ ପତାକା ଦେଖାଇ ଏକ ସଚେତନତା ଶୋଭାଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ବାହାରି ଜିଲ୍ଲା ପରିଷଦ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜେଶିର୍କେ, ଆରକ୍ଷୀ ଅଧୀକ୍ଷକ ବିନୋଦ ପାଟିଲ ଏଚ୍, ବନଖଣ୍ଡ ଅଧିକାରୀ ସାଇକିରଣ ଡିଏନ୍, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦାଶରଥି ସରାବୁ ଏବଂ ଉପଜିଲ୍ଲାପାଳ ଦୁର୍ଯ୍ୟଧନ ଭୋଇ ଯୋଗ ଦେଇଥିଲେ । ଜିଲ୍ଲା ପରିଷଦ କାର୍ଯ୍ୟାଳୟରେ ଅନୁଷ୍ଠିତ ସଭାରେ ଉପସ୍ଥିତ ସମସ୍ତ କର୍ମକର୍ତ୍ତା ଓ ସାଧାରଣ ଜନତା ଦୁର୍ନୀତିମୁକ୍ତ ସମାଜ ଗଠନ ଏବଂ ଦୁର୍ନୀତି ନିବାରଣ ପାଇଁ ସାମୂହିକ ଶପଥ ପାଠ କରିଥିଲେ । ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମିଶନ ଶକ୍ତିର ମା'ମାନେ, ମହାବିଦ୍ୟାଳୟ ଓ ବିଦ୍ୟାଳୟର ଛାତ୍ରଛାତ୍ରୀ,



ଜିଲ୍ଲାସ୍ତରୀୟ ଅଧିକାରୀ ଏବଂ ଦୁର୍ନୀତି ନିବାରଣ ବିଭାଗର କର୍ମଚାରୀ ବହୁ ସଂଖ୍ୟାରେ ଅଂଶଗ୍ରହଣ କରିଥିଲେ । ଏହି ସମସ୍ତ କାର୍ଯ୍ୟକ୍ରମ ଆୟୋଜନ ଓ ପରିଚାଳନାରେ ଜିଲ୍ଲା ପରିଷଦ ଅର୍ଥ ପରିଚାଳକ ମାନସ ମିଶ୍ର, ବାଲାଜୀ ପଟ୍ଟନାୟକ ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗ କର୍ମଚାରୀ ରଞ୍ଜନ ମହାନ୍ତି ମୁଖ୍ୟ ସହଯୋଗ କରିଥିଲେ ।

'ଗଣତନ୍ତ୍ର ବଞ୍ଚାଅ' ନେଇ ବୁଦ୍ଧିଜୀବୀ ସମ୍ମିଳନୀ

ମାଲକାନଗିରି, ୩୧।୧୦(ସମିସ): ମାଲକାନଗିରି ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଶନିବାର 'ଗଣତନ୍ତ୍ର ବଞ୍ଚାଅ' ଶୀର୍ଷକ ଏକ ବୁଦ୍ଧିଜୀବୀ ସମ୍ମିଳନୀ ଅନୁଷ୍ଠିତ ହୋଇଛି । ଏଥିରେ ରାଜମହେନ୍ଦ୍ରୀ ସାଂସଦ ଡି. ପୁରନ୍ଦେଶ୍ୱରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗଣତନ୍ତ୍ରର ସୁରକ୍ଷା, ଦେଶର ସାମ୍ପ୍ରତିକ ରାଜନୈତିକ ପରିସ୍ଥିତି ଓ ଦେଶର ଆଭ୍ୟନ୍ତରୀଣ ସୁରକ୍ଷା ସମ୍ପର୍କରେ ମତ ରଖିଥିଲେ । ସାଂସଦ ବଳଭଦ୍ର ମାଝୀ, ବିଧାୟକ ନରସିଂହ ମାଡକାମୀ ଓ ସାବିତ୍ରୀ ପଡ଼ିଆମୀ ପ୍ରମୁଖ ମଞ୍ଚାସୀନ ଥିଲେ । ସମ୍ମିଳନୀରେ ଦେଶର ରାଜନୈତିକ ସ୍ଥିତି ସମ୍ପର୍କରେ ବୁଦ୍ଧିଜୀବୀମାନେ ବିଭିନ୍ନ ପ୍ରଶ୍ନ ଉଠାଇଥିଲେ । ମଞ୍ଚାସୀନ ଅତିଥିମାନେ ସେସବୁ ପ୍ରଶ୍ନର ଉତ୍ତର ରଖିବା ସହ ଗଣତନ୍ତ୍ରକୁ ସୁଦୃଢ଼ କରିବାରେ ନାଗରିକଙ୍କ ଭୂମିକା ଉପରେ ଆଲୋଚନା କରିଥିଲେ । ଏଥିସହ ବିରୋଧୀ ଦଳଗୁଡ଼ିକ ପକ୍ଷରୁ ନିର୍ବାଚନ ଆୟୋଗ ଓ ସରକାର ବିରୋଧରେ ଭ୍ରମାତ୍ମକ ସୂଚନା ପ୍ରଚାର କରାଯାଉଥିବା ନେଇ ମଧ୍ୟ ବକ୍ତାମାନେ ମତ ରଖିଥିଲେ । ଏହି ଅବସରରେ ବହୁ ସଂଖ୍ୟାରେ ବୁଦ୍ଧିଜୀବୀ, ଶିକ୍ଷାବିତ୍, ଅବସରପ୍ରାପ୍ତ ସରକାରୀ କର୍ମଚାରୀ, ବ୍ୟବସାୟୀଙ୍କ ସମେତ ବରିଷ୍ଠ ନେତା ଓ ଦଳୀୟ କର୍ମୀ ଉପସ୍ଥିତ ରହି ସମ୍ମିଳନୀରେ ଭାଗ ନେଇଥିଲେ ।

ଫକୀରମୋହନ ମେଡ଼ିକାଲ କଲେଜ ଓ ହସ୍ପିଟାଲ

ଶବ ବ୍ୟବଚ୍ଛେଦ ଗୃହରେ ତାଲା; ଆତ୍ମୀୟସ୍ୱଜନ ହନ୍ତସନ୍ତ

ବାଲେଶ୍ୱର, ୩୧।୧୦(ସମିସ):



ବାଲେଶ୍ୱର ଜିଲ୍ଲା ରେମୁଣାସ୍ଥିତ ଫକୀରମୋହନ ମେଡ଼ିକାଲ କଲେଜ ଓ ହସ୍ପିଟାଲ ପରିସରରେ ଶବ ବ୍ୟବଚ୍ଛେଦ ଗୃହ ଥାଇ ମଧ୍ୟ ଆଜିଯାଏ ଏଠାରେ ଗୋଟିଏ ବି ଶବ ବ୍ୟବଚ୍ଛେଦ ହୋଇନାହିଁ। ଶବ ବ୍ୟବଚ୍ଛେଦ ଗୃହରେ ତାଲା ଝୁଲୁଛି, ଆଉ ମୃତକଙ୍କ ପରିବାର ଦୁର୍ଦ୍ଦଶାର ଶିକାର ହେଉଛନ୍ତି। ରୋଗୀଙ୍କ ଚିକିତ୍ସା ପାଇଁ ବିଶାଳ ହସ୍ପିଟାଲ ନିର୍ମାଣ ହୋଇଛି, କିନ୍ତୁ ମୃତ୍ୟୁ ପରେ ମୃତଦେହର ସମ୍ମାନଜନକ ପରିଚାଳନା ପାଇଁ ଆବଶ୍ୟକ ବ୍ୟବସ୍ଥା ନାହିଁ। ଏହା କେବଳ ଅବହେଳା ନୁହେଁ, ବରଂ ସାଧାରଣ ଲୋକଙ୍କ ମୌଳିକ ଅଧିକାର ଓ ମାନବିକତା ପ୍ରତି ଉପହାସ ବୋଲି ଅଭିଯୋଗ ହେଉଛି। ୨୦୧୮ ମସିହାରେ ବାଲେଶ୍ୱରବାସୀଙ୍କ ଦୀର୍ଘଦିନର ଦାବି ପରେ ଫକୀରମୋହନ ମେଡ଼ିକାଲ କଲେଜ ଓ ହସ୍ପିଟାଲ ପ୍ରତିଷ୍ଠା ହୋଇଥିଲା। ଏହାକୁ ନେଇ ଜିଲ୍ଲାବାସୀଙ୍କ ମଧ୍ୟରେ ଉନ୍ନତ ସ୍ୱାସ୍ଥ୍ୟସେବାର ଆଶା ସଞ୍ଚାର ହୋଇଥିଲା। ପରବର୍ତ୍ତୀ ସମୟରେ ୨ ମାର୍ଚ୍ଚ ୨୦୨୪ରେ ୬୫୦ ଶଯ୍ୟା ବିଶିଷ୍ଟ ନୂତନ ମେଡ଼ିକାଲ ହସ୍ପିଟାଲ ବିଲ୍ଡିଂର ଲୋକାର୍ପଣ ହୋଇଥିଲା। ବିଶାଳ ଅଟ୍ଟାଳିକା, ଶଯ୍ୟାବୃଦ୍ଧି ଓ ଉନ୍ନତ ଚିକିତ୍ସା ବ୍ୟବସ୍ଥାର ପ୍ରଚାର ମଧ୍ୟରେ ଜିଲ୍ଲାବାସୀ ଅଧିକ ସୁବିଧା ପାଇବେ ବୋଲି ଆଶା କରିଥିଲେ। ମାତ୍ର ବିଡ଼ମ୍ବନା ହେଉଛି, ମେଡ଼ିକାଲ କଲେଜ ପ୍ରତିଷ୍ଠାକୁ ପ୍ରାୟ ଆଠ ବର୍ଷ ଏବଂ ନୂତନ ହସ୍ପିଟାଲ ବିଲ୍ଡିଂ ଲୋକାର୍ପଣକୁ ଦୁଇ ବର୍ଷରୁ ଅଧିକ ସମୟ ବିତିବାକୁ ବସିଥିଲେ ମଧ୍ୟ ଶବ ବ୍ୟବଚ୍ଛେଦ ଗୃହ କାର୍ଯ୍ୟକ୍ଷମ ହୋଇପାରିଲା ନାହିଁ। ଏତେ ବଡ଼ ହସ୍ପିଟାଲରେ ଶବ ବ୍ୟବଚ୍ଛେଦ ପାଇଁ ମୌଳିକ ବ୍ୟବସ୍ଥା କରିବାରେ କର୍ତ୍ତୃପକ୍ଷ ବିଫଳ ହୋଇଥିବାର ଅଭିଯୋଗ ହୋଇଛି। ଏହି ଅବ୍ୟବସ୍ଥାର ସାଧାରଣ ଲୋକ ସବୁଠାରୁ ବଡ଼ ଶିକାର ହେଉଛନ୍ତି। ରେମୁଣା ମେଡ଼ିକାଲରେ କୌଣସି ରୋଗୀଙ୍କ ମୃତ୍ୟୁ ଘଟିଲେ କିମ୍ବା ଶବ ବ୍ୟବଚ୍ଛେଦ ଆବଶ୍ୟକ ପଡ଼ିଲେ ମୃତଦେହକୁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେବାକୁ ପଡ଼ୁଛି। ଏଥିପାଇଁ ସମୟ ସମୟରେ ଘରୋଇ ଆମ୍ବୁଲାନ୍ସ ଉପରେ ନିର୍ଭର କରିବାକୁ ହେଉଛି। ରେମୁଣାରୁ ବାଲେଶ୍ୱରକୁ ମୃତଦେହ ପରିବହନ ପାଇଁ ଆମ୍ବୁଲାନ୍ସ ଭଡ଼ା ବାବଦକୁ ଅଧିକ ଟଙ୍କା ଦେବାକୁ ପଡ଼ୁଛି। ଆତ୍ମୀୟଙ୍କ ମୃତ୍ୟୁର ଦୁଃଖରେ ପରିବାର ଲୋକେ ଭାଙ୍ଗି ପଡ଼ିଥିବା ସମୟରେ ଶବ ବ୍ୟବଚ୍ଛେଦ ପାଇଁ ଏଭଳି ଅତିରିକ୍ତ ଖର୍ଚ୍ଚ ସେମାନଙ୍କ ପାଇଁ ଆଉ ଏକ ଆର୍ଥିକ ଯନ୍ତ୍ରଣା ସାଜୁଛି। ସରକାରୀ ହସ୍ପିଟାଲରେ ଶବ ବ୍ୟବଚ୍ଛେଦ ବ୍ୟବସ୍ଥା ଥାଇ ମଧ୍ୟ ତାହା କାମରେ ନଲାଗିବାରୁ ଘରୋଇ ଆମ୍ବୁଲାନ୍ସ ଉପରେ ନିର୍ଭରଶୀଳତା ମଧ୍ୟ ବଢ଼ିଛି। ଏହି ପରିସ୍ଥିତିରେ ମୃତକଙ୍କ ପରିବାର ଆର୍ଥିକ ଶୋଷଣର ଶିକାର ହେଉଥିବାର ଅଭିଯୋଗ ମଧ୍ୟ ହୋଇଛି। କେବଳ ଆମ୍ବୁଲାନ୍ସ ଭଡ଼ା ନୁହେଁ, ମୃତଦେହକୁ ନେଇ ଅପେକ୍ଷା କରିବାର ଯନ୍ତ୍ରଣା ମଧ୍ୟ ପରିବାରକୁ ଭୋଗିବାକୁ ପଡ଼ୁଛି। ମେଡ଼ିକାଲରେ ଶବ ପାଖରେ ରାତି ତମାମ ଆ।।ୀୟସ୍ୱଜନ ଜଗି ରହୁଥିବା ଦୃଶ୍ୟ ସ୍ୱାସ୍ଥ୍ୟ ବ୍ୟବସ୍ଥାର ମାନବିକତାକୁ ନେଇ ପ୍ରଶ୍ନ ଉଠାଉଛି। ଶବ ସଂରକ୍ଷଣ, ଶବ ବ୍ୟବଚ୍ଛେଦ ଓ ଆଇନଗତ ପ୍ରକ୍ରିୟା ପାଇଁ ଆବଶ୍ୟକ ସୁବିଧା ନଥିବାରୁ ମୃତକଙ୍କ ପରିବାରକୁ ଏଭଳି ହଇରାଣ ହେବାକୁ ପଡ଼ୁଛି। ଶବ ବ୍ୟବଚ୍ଛେଦ ଗୃହ ନିର୍ମାଣ ପରେ ତାହାକୁ କାର୍ଯ୍ୟକ୍ଷମ କରିବା ପାଇଁ କେଉଁ ପଦକ୍ଷେପ ନିଆଯାଇଛି, ଆବଶ୍ୟକ ଡାକ୍ତର, ଫରେନସିକ୍ ବିଶେଷଜ୍ଞ, ଟେକ୍ନିସିଆନ୍ ଓ ଅନ୍ୟ କର୍ମଚାରୀ ନିଯୁକ୍ତି କାହିଁକି ହୋଇନାହିଁ, ଶବ ସଂରକ୍ଷଣ ପାଇଁ ଶୀତଳୀକରଣ ବ୍ୟବସ୍ଥା ଓ ଆବଶ୍ୟକ ଯନ୍ତ୍ରପାତି ଉପଲବ୍ଧ ନାହିଁକି? ଏହାର ଦାୟିତ୍ୱ କାହାର? ମେଡ଼ିକାଲ କଲେଜ ଅଧକ୍ଷ, ହସ୍ପିଟାଲ ଅଧୀକ୍ଷକ ନା ସ୍ୱାସ୍ଥ୍ୟ ବିଭାଗ? ଏତେ ବର୍ଷ ଧରି ଏହି ସମସ୍ୟା ଉପରେ କାହିଁକି କାହାର ନଜର ପଡ଼ିଲା ନାହିଁ? ନା ଏହାକୁ ଜାଣିଶୁଣି ଅଣଦେଖା କରାଯାଉଛି? ଏଭଳି ଅନେକ ପ୍ରଶ୍ନର ଉତ୍ତର ଏବେ ବାଲେଶ୍ୱରବାସୀ ଅପେକ୍ଷା କରିଛନ୍ତି। ତୁରନ୍ତ ଶବ ବ୍ୟବଚ୍ଛେଦ ଗୃହ କାର୍ଯ୍ୟକ୍ଷମ କରିବା, ଆବଶ୍ୟକ ଡାକ୍ତର ଓ କର୍ମଚାରୀ ନିଯୁକ୍ତି, ମୃତଦେହ ସଂରକ୍ଷଣ ବ୍ୟବସ୍ଥା ସୁନିଶ୍ଚିତ କରିବା ଏବଂ ସରକାରୀ ଶବ ପରିବହନ ବ୍ୟବସ୍ଥା ଉପଲବ୍ଧ କରାଇବାକୁ ଦାବି ହେଉଛି। ନଚେତ୍ ୬୫୦ ଶଯ୍ୟାର ବିଶାଳ ହସ୍ପିଟାଲ ମଧ୍ୟରେ ଶବ ବ୍ୟବଚ୍ଛେଦ ଗୃହରେ ଝୁଲୁଥିବା ତାଲା ହିଁ ସ୍ୱାସ୍ଥ୍ୟ ବିଭାଗର ବିକାଶର ପ୍ରକୃତ ଚିତ୍ର ଭାବେ ରହିଯିବ।

ପାରା ଜୁଡୋ ପାଇଁ ରାଣୀପାଟଣା ଦୃଷ୍ଟିବାଧିତ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ପାରାଦୀପ ଯାତ୍ରା



ବାଲେଶ୍ୱର,୩୧/୧୦(ସମିସ): ଭାରତୀୟ ଦୃଷ୍ଟିବାଧିତ ଓ ପାରାଜୁଡୋ ସଂଗଠନ ଦ୍ୱାରା ଆୟୋଜିତ ତୃତୀୟ ଓଡ଼ିଶା ରାଜ୍ୟ ଦୃଷ୍ଟିବାଧିତ ପାରାଜୁଡୋ ଚାମ୍ପିଅନସିପ୍ ୨୦୨୬-୨୭ ଅକ୍ଟୋବର ୩୧ରୁ ନଭେମ୍ବର ୨ ପର୍ଯ୍ୟନ୍ତ ପାରାଦୀପସ୍ଥିତ ବହୁମୁଖୀ ଅନ୍ତଃ କ୍ରୀଡ଼ାଙ୍ଗନରେ ଅନୁଷ୍ଠିତ ହେଉଛି। ଏହି ଚାମ୍ପିଅନସିପରେ ଯୋଗଦେବା ପାଇଁ ରାଣୀପାଟଣା ସ୍ଥିତ ଦୃଷ୍ଟିବାଧିତ ବିଦ୍ୟାଳୟର ୧୭ ଜଣ ଛାତ୍ରଛାତ୍ରୀ ଆଜି ରେଳ ଯୋଗେ ପାରାଦୀପ ଅଭିମୁଖେ ଯାତ୍ରା କରିଛନ୍ତି। ଯାତ୍ରା କରିଥିବା ଛାତ୍ରଛାତ୍ରୀମାନେ ହେଲେ ବାପୁନି ଜେନା, ସିତୁ ଦାସ, ବଂଶୀଧର ଦାସ, ଶିବ ଗଂଗେଇ, ଗରିବ ତାଣ୍ଡି, ବୁଦାନ ସୋରେନ, ହେମନ୍ତ ମହନ୍ତ, ଅବିନାଶ ଦାସ, ସତ୍ୟ ମହାକୁଡ଼, ଇତିକ୍ରିଷ୍ଟା ଭଞ୍ଜ, ସୁମିତ୍ରା ସିଂ, ମାହେଶ୍ୱରୀ ପ୍ରଧାନ, ମନୀଷା ଟୁଡ଼ୁ, ସୁନିତା ସୋରେନ, ଡୁମୁଣି ମୁର୍ମୁ, ମେଘନା ସିଂ ଓ ମିକି ସିଂ। ତାଙ୍କ ସହ କ୍ରୀଡ଼ା ଶିକ୍ଷକ ପ୍ୟାରୀମୋହନ ଭୂୟାଁ ମଧ୍ୟ ଯାଇଛନ୍ତି। ଛାତ୍ରଛାତ୍ରୀଙ୍କ ସଫଳତା ପାଇଁ ଅନୁଷ୍ଠାନର ନିର୍ଦ୍ଦେଶକ ଦିବାକର ସ ଶୁଭକାମନା ଜଣାଇଛନ୍ତି।

ଦୁବଲାଗଡ଼ି ସ୍କୁଲରେ ଜାତୀୟ ଏକତା ଦିବସ



ବାଲେଶ୍ୱର, ୩୧।୧୦(ସମିସ): ସଦର ବ୍ଲକ ଅନ୍ତର୍ଗତ ଦୁବଲାଗଡ଼ି ୟୁନିୟନ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ କଷାଫଳ ମେରାଇନ ପୁଲିସ ପକ୍ଷରୁ ଜାତୀୟ ଏକତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୀବନୀ, ଦେଶ ପ୍ରତି ତାଙ୍କର ଅବଦାନ ଏବଂ ଜାତୀୟ ଏକତାର ମହତ୍ତ୍ୱ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ସଚେତନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ନାଥ ସଭାପତିତ୍ୱ କରିଥିବା ବେଳେ ବିଶିଷ୍ଟ ଚିତ୍ରଶିଳ୍ପୀ କେଶୁ ଦାସ ମୁଖ୍ୟ ଅତିଥି ଏବଂ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶଶିକାନ୍ତ ସାହୁ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ମତ୍ସ୍ୟଜୀବୀ ଓ ମତ୍ସ୍ୟ ବ୍ୟବସାୟୀ ସଂଘର ସଭାପତି ବିକାଶ ଚନ୍ଦ୍ର ଦାସ, ସମ୍ପାଦକ ଗୋରାଚାନ୍ଦ ଜେନା, ଦୁବଲାଗଡ଼ି ସରପଞ୍ଚ ପ୍ରବୀର କୁମାର ସାହୁ, ସହ ମାସ୍ ଅଧିକାରୀ କୁଞ୍ଜ ବିହାରୀ ଦାସ ପ୍ରମୁଖ ଯୋଗ ଦେଇ ଏକତାର ଆଭିମୁଖ୍ୟ ବକ୍ତବ୍ୟ ରଖିଥିବା ବେଳେ କଷାଫଳ ମେରାଇନ ଥାନା ଆଇଆଇସି ରଶ୍ମୀରେଖା ମହାଳିକ କାର୍ଯ୍ୟକ୍ରମର ସୂଚନା ସରଳ ଭାବରେ ପ୍ରଦାନ କରିଥିଲେ। ଶିକ୍ଷାବିତ୍ ବିଜୟାନନ୍ଦ ସ୍ୱାଇଁ ଏବଂ ସମାଜସେବୀ ଗୋବିନ୍ଦ ପ୍ରସାଦ ଦାସ ଯୋଗ ଦେଇଥିଲେ। କଷାଫଳ ମେରାଇନ ଥାନାର ଏଏସଆଇ ପ୍ରଦ୍ୟୁମ୍ନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

ସଡ଼କ ଦୁର୍ଘଟଣାରେ ଜଣେ ମୃତ

ରାଜଘାଟ, ୩୧।୧୦ (ସମିସ): ସଡ଼କ ଦୁର୍ଘଟଣାରେ ଗୁରୁତର ହୋଇ ଚିକିତ୍ସାଧୀନ ଅବସ୍ଥାରେ ଜଣେ ମୃତ। ମୃତ ଜଣକ ହେଲେ ବସ୍ତା ବ୍ଲକ ସିଂଲା ଥାନା ମସଡ଼ା ଗ୍ରାମର ଦୁଃଖୀରାମ ମୁର୍ମୁଙ୍କ ପୁଅ ଗୋପୀ ମୁର୍ମୁ (୪୮)। ପରିବାର ବର୍ଗଙ୍କ ଅଭିଯୋଗ ଅନୁଯାୟୀ ଗତ ୨୭ ତାରିଖ ମଙ୍ଗଳବାର ସନ୍ଧ୍ୟାରେ ମାଣିକପୁରା ଛକ ନିକଟରେ ଏକ ବାଇକ୍ ତାଙ୍କୁ ଧକ୍କା ଦେଇଥିଲା। ପରିବାରବର୍ଗ ଓ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ପ୍ରାଥମିକ ଚିକିତ୍ସା କରାଇଥିଲେ। ଅବସ୍ଥା ଗୁରୁତର ହେବାରୁ ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ ଫକୀର ମୋହନ ମେଡିକାଲରେ ଚିକିତ୍ସା ହୋଇ କଟକ ଏସ.ସି.ବି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଆଜି ଭୋର୍ ସମୟରେ ତାଙ୍କର ମୃତ୍ୟୁ ହୋଇଛି। ସେ ଜଣେ ଗରିବ ଦିନ ମଜୁରିଆ ଅଟନ୍ତି, ତାଙ୍କ ପରିବାରକୁ ସରକାରୀ ନିୟମ ମୁତାବକ ସମସ୍ତ ସରକାରୀ ସୁବିଧା ସୁଯୋଗ ଯୋଗାଇ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

ଚୋରା କାଠ ବୋଝେଇ ଗାଡ଼ି ଜବତ

ଜଳେଶ୍ୱର, ୩୧।୧୦(ସମିସ): ବାଲେଶ୍ୱର ବନ୍ୟପ୍ରାଣୀ ବନଖଣ୍ଡ ଅଧୀନ ଜଳେଶ୍ୱର ବନ୍ୟପ୍ରାଣୀ ରେଞ୍ଜ ପକ୍ଷରୁ ବେଆଇନ କାଠ ଚାଲାଣ ଚୋରା ଚଲାଣ ସମୟରେ ଚଢ଼ଉ କରାଯାଇଛି। ଜଳେଶ୍ୱର ଥାନା ଅନ୍ତର୍ଗତ ଗ୍ୟାରେଜ୍ ବଜାର ନିକଟରେ ଏହି ଚଢ଼ଉ କରାଯାଇ ଗୋଟିଏ ପିକ୍ଅପ୍ ଗାଡ଼ିକୁ ଜବତ କରାଯାଇଛି। ଗାଡ଼ିଟିରେ ଆମ୍ବ, ଶିରିଷ ଓ ଶିମିଳି ପ୍ରଜାତିର କାଠ ଗଣ୍ଡି ବେଆଇନ ଭାବେ ପରିବହନ କରାଯାଉଥିଲା। ବିଶେଷ ସୂତ୍ରରୁ ଖବରପାଇ ବନ ବିଭାଗ କାଠ ଭର୍ତ୍ତି ଗାଡି ଜବତ ଲାଗିଛି। ଜବତ କାଠର ଆନୁମାନିକ ମୂଲ୍ୟ ୩୦ ହଜାର ଟଙ୍କା ହେବ । ଏହି ଘଟଣାରେ ଗାଡ଼ିର ଚାଳକଙ୍କୁ ଅଟକ ରଖାଯାଇଛି। ବାଲେଶ୍ୱର ବନ୍ୟପ୍ରାଣୀ ବନଖଣ୍ଡର ଡିଭିଜନାଲ ଫରେଷ୍ଟ ଅଫିସରଙ୍କ ନିର୍ଦ୍ଦେଶ ଏବଂ ଜଳେଶ୍ୱର ବନ୍ୟପ୍ରାଣୀ ରେଞ୍ଜ ଅଧିକାରୀ ଶିଶିର କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ଏହି ଚଢ଼ଉ କରାଯାଇଥିଲା। ଏଥିରେ ଫରେଷ୍ଟର ସରସ୍ୱତୀ ମୁର୍ମୁ, ଫରେଷ୍ଟର ନରେଶ ସିଂହଙ୍କ ସମେତ ଜଳେଶ୍ୱର ବନ୍ୟପ୍ରାଣୀ ରେଞ୍ଜର ଅନ୍ୟାନ୍ୟ ସ୍କ୍ୱାଡ୍ ସଦସ୍ୟ ସାମିଲ ଥିଲେ।

ଗାନ୍ଧୀ ସେବାଶ୍ରମ ଓ ଈଶ୍ୱରଲାଲ ଶିଶୁ ଭବନର ନୂତନ ପରିଚାଳନା କମିଟି ଗଠିତ

ଜଳେଶ୍ୱର/ଜଳେଶ୍ୱର ବ୍ଲକ,୩୧।୧୦(ସମିସ): ଜଳେଶ୍ୱର ବ୍ଲକ୍ ଅନ୍ତର୍ଗତ ଶାନ୍ତିଆସ୍ଥିତ ଗାନ୍ଧୀ ସେବାଶ୍ରମ ଓ ଈଶ୍ୱରଲାଲ ଶିଶୁ ଭବନର ନୂତନ ପରିଚାଳନା କମିଟି ଗଠନ ହୋଇଛି। କମିଟିରେ ମୋଟ ୨୧ ଜଣ ସଭ୍ୟଙ୍କୁ ସାମିଲ କରାଯାଇଛି। ନୂତନ କମିଟିର ସଭାପତି ଭାବେ ସମାଜସେବୀ ସୀତାଂଶୁ ରଞ୍ଜନ ସେନାପତି ଏବଂ ସମ୍ପାଦକ ଭାବେ ଶିକ୍ଷାବିତ୍ ସୁନୀଲ କୁମାର ନାୟକ ମନୋନୀତ ହୋଇଛନ୍ତି। କମିଟିରେ ପୂର୍ବତନ ଅଧ୍ୟକ୍ଷ ଶ୍ୟାମପ୍ରସାଦ ଦାସ, ପୂର୍ବତନ ଅଧ୍ୟକ୍ଷ ଡ. ଲଳିତ ରଞ୍ଜନ ସେନାପତି, ବିଜେପି ନେତା ବ୍ରଜମୋହନ ପ୍ରଧାନ, ସମାଜସେବୀ ଦିଲ୍ଲୀପ କୁମାର ଗିରି, ଅବସରପ୍ରାପ୍ତ ଅଧ୍ୟକ୍ଷ ସରୋଜ ରଞ୍ଜନ ସେନାପତି, ଅବସରପ୍ରାପ୍ତ ଅଧ୍ୟକ୍ଷ ସୁଧୀର କୁମାର କର, ଅବସରପ୍ରାପ୍ତ ବିଇଓ ଗଙ୍ଗାନାରାୟଣ ପ୍ରଧାନ, ଶ୍ରୀଜଗନ୍ନାଥ ମହାବିଦ୍ୟାଳୟର ଅଧ୍ୟକ୍ଷ ସରୋଜ କୁମାର ମହାନ୍ତି, ଶିକ୍ଷାବିତ୍ ପ୍ରାଣକୃଷ୍ଣ ଗିରି, ପ୍ରଧାନ ଶିକ୍ଷକ ଲକ୍ଷ୍ମୀନାରାୟଣ ଶତପଥୀ, ଇଂ ଶ୍ରୀମନ୍ତ କୁମାର ଘୋଷ, ସମାଜସେବୀ ଅଶୋକ କୁମାର ଜେନା, ବରିଷ୍ଠ ସାମ୍ବାଦିକ ସୁକୁମାର ରଣା, ବରିଷ୍ଠ ସାମ୍ବାଦିକ ଅଶ୍ୱନୀ ନାଥ, ପ୍ରବୀର ପ୍ରଧାନ, ପ୍ରଫୁଲ୍ଲ କୁମାର ଦାସ, ନିତ୍ୟାନନ୍ଦ ଦାସ, ଅଶୋକ କୁମାର ଜେନା, ରୁଦ୍ରନାରାୟଣ ପଣ୍ଡା, ମଳୟ ସୁନ୍ଦର କରଙ୍କ ସମେତ ଅନ୍ୟ ସଭ୍ୟମାନେ ସ୍ଥାନ ପାଇଛନ୍ତି। ନୂତନ ପରିଚାଳନା କମିଟିର ଏକ ବୈଠକରେ ନୂତନ ସଭାପତି ସୀତାଂଶୁ ସେନାପତି ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଥିଲା। ସୁପରିଣ୍ଟେଣ୍ଡେଣ୍ଟ ଦେବକୃଷ୍ଣ ଦେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

ଇନ୍ଦିରା ଗାନ୍ଧୀଙ୍କ ବଳିଦାନ ଦିବସ ପାଳିତ



ନୀଳଗିରି, ୩୧।୧୦ (ସମିସ): ନୀଳଗିରି କଂଗ୍ରେସ ଭବନ ପରିସରରେ ଲୌହ ମାନବୀ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତା ଇନ୍ଦିରା ଗାନ୍ଧୀଙ୍କ ୪୩ ତମ ବଳିଦାନ ଦିବସ ପାଳିତ ହୋଇଯାଇଛି। ଏଥି ନିମନ୍ତେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ଇନ୍ଦିରା ଗାନ୍ଧୀ ସ୍ମୃତି କମିଟିର ଅଧ୍ୟକ୍ଷ ଯଶୋଦା ନନ୍ଦନ ସିଂହ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବାଲେଶ୍ୱର ଜିଲ୍ଲା ମହିଳା କଂଗ୍ରେସ ସଭାପତି ଉର୍ମିଳା ମାଝୀ, ବ୍ଲକ କଂଗ୍ରେସ ସଭାପତି ତପନ କୁମାର ରାଉତ, ସମ୍ମାନୀତ ଅତିଥି ରୂପେ ରାଜ୍ୟ କଂଗ୍ରେସ ମହିଳା ସାଧାରଣ ସମ୍ପାଦିକା ବାସନ୍ତୀ ସାମଲ, ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ ବରିଷ୍ଠ ବୟୋଜ୍ୟେଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ଔପଦା ବ୍ଲକ ସଭାପତି ରାମଚନ୍ଦ୍ର ବେହେରା, ନଗର ସଭାପତି ଉପେନ୍ଦ୍ର ବେହେରା, ବରିଷ୍ଠ କଂଗ୍ରେସ ନେତା ସନାତନ ଜେନା, ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ଯୋଗେଶ୍ୱର ବେହେରା, ଜିଲ୍ଲା କଂଗ୍ରେସ ସମ୍ପାଦକ ରାହାସ ବିହାରୀ ମହାପାତ୍ର, ପୂର୍ବତନ ଛାତ୍ର କଂଗ୍ରେସ ସଭାପତି ଅଶ୍ୱିନୀ ପାତ୍ର, ଇନ୍ଦିରାଗାନ୍ଧୀ ସ୍ମୃତି କମିଟିର ଉପସଭାପତି ଉମେଶ ଧଳ, ଜିଲ୍ଲା କମିଟି ସାଧାରଣ ସମ୍ପାଦକ ପ୍ରଦୀପ ବେହେରା, ପ୍ରମୁଖ ମଂଚାସୀନ ହୋଇ ସ୍ୱର୍ଗତା ଇନ୍ଦିରା ଗାନ୍ଧୀଙ୍କ ତ୍ୟାଗପୂତ ଜୀବନ ଓ କାର୍ଯ୍ୟଦକ୍ଷତା ଉପରେ ବହୁମୂଲ୍ୟ ବକ୍ତବ୍ୟ ରଖିଥିଲେ। ପ୍ରାରମ୍ଭରେ ବରିଷ୍ଠ ନେତା ରାମଚନ୍ଦ୍ର ବେହେରା ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ମାଛୁଆ ଗ୍ରାମ ପଞ୍ଚାୟତ ସଭାପତି କୃଷ୍ଣ ଚନ୍ଦ୍ର ନାୟକ, କିଷାନ କଂଗ୍ରେସ ସଭାପତି ଚକ୍ରଧର ଦାସ, ପିତାମ୍ବର ମିଶ୍ର, ବ୍ଲକ ଉପସଭାପତି ସୁରେନ୍ଦ୍ର ଦାସ, ବେଗୁନିଆ ଜି ପି ନେତା ଭାଗିରଥି ବେହେରା, ଆଦର୍ଶ ଗୌରବ ଦାସ, ରଣଜିତ ପ୍ରଧାନ, ଜୟଦୀପ ସ, ଦିବ୍ୟଜ୍ୟୋତି ଆଚାର୍ଯ୍ୟ, ନାରୀ ନେତ୍ରୀ ସୁଜାତା ସିଂ, ପିତାମ୍ବର ସିଂ ଉପସ୍ଥିତ ଥିଲେ।

୬ଟି ୱାର୍ଡରେ ରିଲିଫ୍‌ରୁ ବଞ୍ଚିତ ପରିବାରଙ୍କୁ ସହାୟତା ଦାବି

ଜଳେଶ୍ୱର, ୩୧।୧୦ (ସମିସ): ଜଳେଶ୍ୱର ପୌରପାଳିକାର ୧୭ଟି ୱାର୍ଡରୁ ୬ୱାର୍ଡରେ ବିପର୍ଯ୍ୟୟ ଜନିତ କ୍ଷୟକ୍ଷତିର ସମ୍ମୁଖୀନ ହୋଇଥିବା ଅନେକ ପରିବାର ରିଲିଫ୍ ସହାୟତାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି। ଏହି ପରିବାରଗୁଡ଼ିକୁ ପୁନର୍ବାର ରିଲିଫ୍ ସହାୟତା ପ୍ରଦାନ କରିବାକୁ ଦାବି ଉଠିଛି। ଏ ନେଇ ବାଲେଶ୍ୱର ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିବା ଜଣାପଡ଼ିଛି। ଦାବିପତ୍ରରେ ଜଳେଶ୍ୱର ପୌରପାଳିକାର ୬ ୱାର୍ଡରେ କ୍ଷତିଗ୍ରସ୍ତ ହୋଇଥିବା ସତ୍ତ୍ୱେ ରିଲିଫ୍ ପାଇବାରୁ ବଞ୍ଚିତ ପରିବାରଗୁଡ଼ିକୁ ଚିହ୍ନଟ କରି ତୁରନ୍ତ ସହାୟତା ପ୍ରଦାନ କରିବାକୁ ଦାବି କରାଯାଇଛି। ଏଥିସହ କ୍ଷତିଗ୍ରସ୍ତ ପରିବାରଗୁଡ଼ିକର ସ୍ଥିତି ଯାଞ୍ଚ କରିବା ସହ ଯୋଗ୍ୟ ହିତାଧିକାରୀଙ୍କୁ ରିଲିଫ୍ ଚାଉଳ ଓ ଅନ୍ୟାନ୍ୟ ସରକାରୀ ସହାୟତା ପ୍ରଦାନ କରିବାକୁ ଦାବି ହୋଇଛି। ପ୍ରଶାସନ ଏହି ଅଭିଯୋଗକୁ ଗୁରୁତ୍ୱର ସହ ବିଚାର କରି ଆବଶ୍ୟକ ପଦକ୍ଷେପ ନେବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। ଉକ୍ତ ସମୟରେ



ଯୁବ ମୋର୍ଚ୍ଚା ସଭାପତି ଫାଲ୍ଗୁନି ପାଣିଗ୍ରାହୀ, କାଉନସିଲର ପ୍ରତିନିଧି ଆଦିତ୍ୟ ନାରାୟଣ ପାତ୍ର, ଯୁବନେତା ରାଜେଶ ଖଟୁଆ, ଅଞ୍ଜନ ଦାସ, ବିଶ୍ୱଭୂଷଣ ଦାସ, କ୍ଷିତସ ବ୍ରହ୍ମ, ତାପସ ରଞ୍ଜନ ପାଣିଗ୍ରାହୀ, ବାରେନ୍ଦ୍ର ପରିଡା, ରଞ୍ଜନ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

ଅବସର ଓ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା



ରାଜବରହମପୁର, ୩୧।୧୦ (ସମିସ): ପିଏମଶ୍ରୀ ଦୀନବନ୍ଧୁ ଉଚ୍ଚ ବିଦ୍ୟାଳୟ ବେରହମପୁରରେ ଅବସର ଓ ବିଦାୟ କାଳୀନ ସଭା ଅନୁଷ୍ଠିତ ହୋଇଥିଲା। ସଭା ପରିଚାଳନା କରିଥିଲେ ବିଦ୍ୟାଳୟର ପ୍ରଧାନଶିକ୍ଷକ ରମାକାନ୍ତ ପଣ୍ଡା । ଏହି ବିଦ୍ୟାଳୟ ଶିକ୍ଷକ ଦିଲୀପ କୁମାର ସେଠୀ ଓ ଶିକ୍ଷୟତ୍ରୀ ସବିତା ରାଣୀ ବେହେରା ଅନ୍ୟତ୍ର ବଦଳି ଯାଇଛନ୍ତି। ଚପରାସି ରବୀନ୍ଦ୍ର ସେଠୀଙ୍କ ଅବସରକାଳୀନ ସମସ୍ତ କାଗଜପତ୍ର ତାଙ୍କୁ ପ୍ରଦାନ କରାଯାଇଥିଲା। ଏପରି ପୂର୍ବ ପ୍ରସ୍ତୁତି କାର୍ଯ୍ୟକୁ ଏସଏମସିର ସଭାପତି ରାଜୀବ ଲୋଚନ ଚୌଧୁରୀ ପ୍ରଧାନଶିକ୍ଷକଙ୍କୁ ପ୍ରଶଂସା କରିଥିଲେ।

ମହାବୀର ଆବାସିକ ଯୁକ୍ତ ଦୁଇ କଲେଜରେ ଜାତୀୟ ଏକତା ଦିବସ



ରେମୁଣା, ୩୧।୧୦(ସମିସ): ମହାବୀର ଆବାସିକ ଯୁକ୍ତ ଦୁଇ କଲେଜ ପରିସରରେ ଜାତୀୟ ଏକତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ଡ଼. ଭାଗବତ ଦାସ ସଭାପତିତ୍ୱ କରିଥିବାବେଳେ କଲେଜର ଅଧ୍ୟକ୍ଷ ଅଭିଜିତ ରାଉତ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ବିଶିଷ୍ଟ ବ୍ୟାକରଣବିତ୍ ନିରଞ୍ଜନ ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇ ଜାତୀୟ ଏକତା ଦିବସର ମହତ୍ତ୍ୱ, ଦେଶର ଅଖଣ୍ଡତା ଓ ସାମାଜିକ ସଂହତି ଉପରେ ନିଜର ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଅତିଥି ଭାବେ କାହ୍ନା ରଣା, ସଞ୍ଜୟ ପ୍ରଧାନ ଓ ମୋନାଲିସା ଦାସ ଯୋଗଦେଇଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ରାଧାଗୋବିନ୍ଦ ମାହାର୍ଣ୍ଣ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ରାଧାରଞ୍ଜନ ଦାସ ମଞ୍ଚ ଆହ୍ୱାନ ଓ ସଭା ପରିଚାଳନା କରିଥିଲେ। ଉତ୍ସବର ପରିଚାଳନାରେ ସ୍ୱରାଜ, ସୁରେଶ, ସନ୍ତୋଷ ସାମଲ ଓ ଦେବସ୍ମିତା ସହଯୋଗ କରିଥିଲେ। ରାଜକିଶୋର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

ନବବିବାହିତଙ୍କ ଆତ୍ମହତ୍ୟା

ଖଇରା, ୩୧।୧୦ (ସମିସ): ଖଇରା ଥାନା ଅଧୀନ ଡାଲଙ୍ଗ ଗ୍ରାମର ଦୟାନିଧି ସାହୁଙ୍କ ପୁଅ ଯଶୋବନ୍ତ (୨୬) ଘର ସଂଲଗ୍ନ ଦୋକାନ ଘର ପଛପଟେ ବାଉଁଶରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ଯଶୋବନ୍ତଙ୍କ ବିବାହ ପାଖାପାଖି ୮ ମାସ ତଳେ ହୋଇଥିଲା। ଯଶୋବନ୍ତ ଗ୍ରୋସେରୀ ଦୋକାନ ସହିତ ଗାଡି ଭଡା ଧନ୍ଦା କରି ପରିବାର ପୋଷଣ କରୁଥିଲେ। ଅଭାବ ପଡିବାରୁ ସେ ପତ୍ନୀଙ୍କ ଏକ ସୁନାଚେନ ବନ୍ଧା ରଖି କିଛି ଅର୍ଥ ଉଧାରରେ ଆଣିଥିଲେ। ଏକଥା କାହାରି ଆଗରେ ନ କହିବାକୁ ପତ୍ନୀଙ୍କୁ ଅନୁରୋଧ କରିଥିଲା। ହେଲେ ଏକଥା ସ୍ତ୍ରୀ ଶ୍ୱଶୁରଙ୍କ ଆଗରେ କହିଦେବାରୁ ଦୟାନିଧି ନିଜ ପୁଅ ଉପରେ ବିରକ୍ତ ହୋଇଥିଲା। ଅଭାବ ସମ୍ପର୍କରେ ତାଙ୍କୁ କହିପାରିଥାନ୍ତେ ବୋଲି ବିରକ୍ତିଭରା କଣ୍ଠରେ ବାପା କହିଥିଲେ। ଏତିକି ମାତ୍ର କଥାରେ ଆତ୍ମଗ୍ଲାନୀ ଅନୁଭବ କରି ଶୁକ୍ରବାର ରାତିରୁ ଘରୁ ବାହାରକୁ ଚାଲିଯାଇଥିଲେ। ସକାଳେ ଗ୍ରୋସରୀ ଦୋକାନ ପଛପଟୁ ମୃତଦେହ ଉଦ୍ଧାର କରାଯାଇଥିଲା। ଉକ୍ତ ଘଟଣା ସମଗ୍ର ଡାଲଙ୍ଗ ଗ୍ରାମବାସୀଙ୍କୁ ଶୋକାବିଭୂତ କରିଛି।

- ପେଟ୍ରୋଲ ପମ୍ପରେ ବିସ୍ଫୋରଣ ଘଟଣା

ପ୍ରଶାସନିକ ଅଧିକାରୀଙ୍କ ତଦନ୍ତ



ନୀଳଗିରି, ୩୧।୧୦ (ସମିସ): ଗତ ୨୮ ତାରିଖରେ ନୀଳଗିରି ବାଲି ଗୋହିରାସ୍ଥିତ ସତ୍ୟସାଇ ପେଟ୍ରୋଲ ପମ୍ପରେ ଟାଙ୍କି ଫାଟି କର୍ମଚାରୀଙ୍କ ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ଘଟଣାକୁ ଗୁରୁତ୍ୱ ଦେଇ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ତୁରନ୍ତ ପେଟ୍ରୋଲ ପମ୍ପକୁ ସିଲ୍ କରିବା ପାଇଁ ନିର୍ଦ୍ଦେଶ ଦେବା ପରେ ସ୍ଥାନୀୟ ପ୍ରଶାସନ ସିଲ୍ କରିଥିଲେ। ଶନିବାର ଦିନ ପୁଣି ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ନୀଳଗିରି ତହସିଲଦାର ଦାୟିତ୍ୱରେ ଥିବା ଅତିରିକ୍ତ ତହସିଲଦାର ଶୁଭଶ୍ରୀ ଜେନା, ନୀଳଗିରି ଫାୟାର ଅଫିସର ହରିଶ୍ ନାଥ, ନୀଳଗିରି ଆଇ.ଆଇ.ସି ଗୋବର୍ଦ୍ଧନ ନାୟକ, ସି.ଏସ୍.ଓ. ଓ ବିଦ୍ୟୁତ ବିଭାଗର ଏସ.ଡି.ଓ. ଲକ୍ଷ୍ମୀକାନ୍ତ ଷଡ଼ଙ୍ଗୀ ପ୍ରମୁଖ ପେଟ୍ରୋଲ ପମ୍ପରେ ପହଞ୍ଚି ତଦନ୍ତ କରିଛନ୍ତି। ପ୍ରାଥମିକ ତଦନ୍ତରେ ପେଟ୍ରୋଲ ପମ୍ପର ନିରାପତ୍ତା ବ୍ୟବସ୍ଥା ଥିଲା କି ନାହିଁ, କ'ଣ କ୍ଷୟକ୍ଷତି ହୋଇଛି ଉପରେ ଦତନ୍ତ କରିଥିବାର ତହସିଲଦାର ଦାୟିତ୍ୱରେ ଥିବା ଶୁଭଶ୍ରୀ ଜେନା ପ୍ରକାଶ କରିବା ସହ ବିଦ୍ୟୁତ୍ ବିଭାଗ ମଧ୍ୟ ସଠିକ୍ ଭାବରେ ବିଦ୍ୟୁତ୍ ସଂଯୋଗୀକରଣ ଉପରେ ତଦନ୍ତ କରିଥିଲେ। ଏସବୁ ତଦନ୍ତ ରିପୋର୍ଟ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯିବ ବୋଲି ପ୍ରକାଶ କରିଛନ୍ତି।

ଡ୍ରେନ୍ ନିର୍ମାଣ ନ ହୋଇ ଟଙ୍କା ଉଠାଣ ଅଭିଯୋଗ

ଲଙ୍ଗଳେଶ୍ୱର, ୩୧।୧୦(ସମିସ):



ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଦେଉଳା ପଞ୍ଚାୟତରେ ଡ୍ରେନ କାର୍ଯ୍ୟ ନ କରି ୬୧ ହଜାର ଟଙ୍କା ଉଠାଇଥିବା ଅଭିଯୋଗ ହୋଇଛି । ସରକାରୀ ଅର୍ଥରେ ଗ୍ରାମାଞ୍ଚଳର ବିକାଶ ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହେଉଥିବାବେଳେ ଦେଉଳା ଗ୍ରାମ ପଞ୍ଚାୟତରେ ଡ୍ରେନ୍ ନିର୍ମାଣ କାର୍ଯ୍ୟକୁ ନେଇ ଏକ ଅଭିଯୋଗ ସାମ୍ନାକୁ ଆସିଛି। ଡ୍ରେନ୍ ନିର୍ମାଣ ନକରି ବିଲ୍ ଉଠାଯାଇଥିବା ଅଭିଯୋଗ ହୋଇଥିବା ବେଳେ, ଏହାକୁ ନେଇ ସ୍ଥାନୀୟ ଗ୍ରାମବାସୀଙ୍କ ମଧ୍ୟରେ ଚିନ୍ତା ପ୍ରକାଶ ପାଇଛି। ମିଳିଥିବା ରେକର୍ଡ ଅନୁଯାୟୀ, ଜଉ ରାସ୍ତାଠାରୁ ନିଆଁଇ ରାଉଳଙ୍କ ଘର ପର୍ଯ୍ୟନ୍ତ ଡ୍ରେନ୍ ନିର୍ମାଣ କାର୍ଯ୍ୟ ପାଇଁ ପଞ୍ଚାୟତ ସରପଞ୍ଚ ସରୋଜ କୁମାର ପିଲା ଏବଂ ଲାସା କିସ୍କୁଙ୍କ ସ୍ୱାକ୍ଷର ମୂଳେ ୬୧ ହଜାର ୮୪୩ ଟଙ୍କା ପୈଠ ହୋଇଥିବା ଦର୍ଶାଯାଇଛି। ସମ୍ପୃକ୍ତ ସ୍ଥାନ ରାସ୍ତା କଡ଼ରେ ଖୋଲା ମାଟି ଅଞ୍ଚଳ ଦେଖାଯାଉଥିବା ବେଳେ ଅଭିଯୋଗ ଅନୁଯାୟୀ ସେଠାରେ ଡ୍ରେନ୍ ନିର୍ମାଣ ହୋଇନାହିଁ। ତେବେ ରେକର୍ଡରେ ଦର୍ଶାଯାଇଥିବା କାର୍ଯ୍ୟ ଓ ବାସ୍ତବ ସ୍ଥିତି ମଧ୍ୟରେ ଥିବା ତଥାକଥିତ ପାର୍ଥକ୍ୟକୁ ନେଇ ସ୍ଥାନୀୟ ଲୋକଙ୍କ ଭିତରେ ଏବେ ପ୍ରଶ୍ନ ଉଠିଛି। ଏହି ଘଟଣାକୁ ନେଇ ଗ୍ରାମବାସୀ ପ୍ରଦୀପ ଜେନା, ପ୍ରତାପ ଧଳଙ୍କ ସମେତ ଅନ୍ୟ ଗ୍ରାମବାସୀ ଚିନ୍ତା ପ୍ରକାଶ କରିଛନ୍ତି। ସରକାରୀ ଅର୍ଥରେ ହେଉଥିବା କାର୍ଯ୍ୟରେ ସ୍ୱଚ୍ଛତା ରହିବା ସହ ଟଙ୍କାର ସଠିକ୍ ବିନିଯୋଗ ହେବା ଆବଶ୍ୟକ ବୋଲି ସେମାନେ ମତ ଦେଇଛନ୍ତି।

ନେବର ହୁଡ୍ ୟୁଥ୍ ପାର୍ଲିଆମେଣ୍ଟ କାର୍ଯ୍ୟକ୍ରମ

ରେମୁଣା, ୩୧।୧୦ (ସମିସ): ରେମୁଣା ବ୍ଲକ୍ ଅନ୍ତର୍ଗତ କଲ୍ୟାଣପୁର ପଞ୍ଚାୟତ କାର୍ଯ୍ୟାଳୟଠାରେ ମାତା ଭାରତୀ ଫାଉଣ୍ଡେସନ ଓ ମାଇ ଭାରତ ବାଲେଶ୍ୱରର ମିଳିତ ଆନୁକୂଲ୍ୟରେ ନେବରହୁଡ୍ ୟୁଥ୍ ପାର୍ଲିଆମେଣ୍ଟ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ରେମୁଣାର ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମାର୍ଗଦର୍ଶନ କରିଥିଲେ। ଏଥିରେ ଅନ୍ୟତମ ଅତିଥି ଭାବେ ଶିକ୍ଷକ ମଳୟ କୁମାର ପଣ୍ଡା, ଯୋଗ ଶିକ୍ଷକ ହରିଚନ୍ଦନ ଦାସ, ଯୁବନେତା ନାରାୟଣ ମହାନ୍ତ, ମାଇ ଭାରତର ଆକାଉଣ୍ଟସ୍ ଅଫିସର ଅମିରନ୍ ରାଉତ ଏବଂ ସମାଜସେବୀ ବିବେକ ବିକାଶ ରାଉତ ଯୋଗଦେଇ ଯୁବପିଢ଼ିଙ୍କ ସାମାଜିକ ଦାୟିତ୍ୱ, ନେତୃତ୍ୱ ଦକ୍ଷତା ଓ ରାଷ୍ଟ୍ର ନିର୍ମାଣରେ ସେମାନଙ୍କ ଭୂମିକା ସମ୍ପର୍କରେ ନିଜ ନିଜର ମତାମତ ରଖିଥିଲେ। କାର୍ଯ୍ୟକ୍ରମରେ ମାତା ଭାରତୀ ଫାଉଣ୍ଡେସନର ସମ୍ପାଦକ ପ୍ରଭାତ ମହାର୍ଣ୍ଣା, ରତିକାନ୍ତ ଜେନା, ସୁକାନ୍ତ ଦାସ, ରତିକାନ୍ତ ବାରିକ, ସୁଦୀପ ଜେନା, ଈଶ୍ୱର ଜେନା, ସରୋଜ ମହାନ୍ତି ଓ ବିଜୟ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

ପଳସା ସମବାୟ ସମିତିର ପୂର୍ବତନ ସଭାପତିଙ୍କ ସ୍ମୃତିସଭା

ଖଇରା,୩୧।୧୦ (ସମିସ): ଖଇରା ବ୍ଲକ ଅଧୀନ ପଳସା ସେବା ସମିତିର ପୂର୍ବତନ ସଭାପତି ସ୍ୱର୍ଗତ ଗୋବିନ୍ଦ ବଲ୍ଲଭ ଜେନାଙ୍କ ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ ଏକ ସ୍ମୃତିଚାରଣ ସଭା ଶନିବାର ଦିନ ଅର୍ଜୁନପୁର ଗ୍ରାମରେ ଆଇନଜୀବୀ ଚତୁର୍ଭୁଜ ଜେନାଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତିତ୍ୱ କରିଥିଲେ। ପ୍ରଥମେ ତାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ପରେ ୧ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପ୍ରାଥମିକ ଶିକ୍ଷକ ସଂଘର ପୂର୍ବତନ ସଭାପତି କମଳଲୋଚନ ଜେନା, ନିହାରରଞ୍ଜନ ଜେନା, ବିଏଲଓ ରବିନାରାୟଣ ମହାରଣା, ସୁଣ୍ଡିରା ପଞ୍ଚାୟତ ସମିତିସଭ୍ୟ ନଳିନୀ କୁମାର ସାହୁ, ଅନିରୁଦ୍ଧ ଜେନା, ଗଣମାଧ୍ୟମ ପ୍ରତିନିଧି ଅନାମ ଚରଣ ପଣ୍ଡା, କୈଳାସ ଚନ୍ଦ୍ର ଦାସ, ଉତ୍କଳବନ୍ଧୁ ପଣ୍ଡା, ବଳରାମ ଲେଙ୍କା, ସଞ୍ଜୟ ବେହେରା, ତୁଷାରକାନ୍ତ ବାରିକ, ଅନାଦି ଚରଣ ନାୟକ, ରବିନ୍ଦ୍ର ବିଶ୍ୱାଳ, ବସନ୍ତ କୁମାର ବେଜ, ରଘୁନାଥ ପାତ୍ର ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ଜେନାଙ୍କ ବହୁମୁଖୀ ପ୍ରତିଭା ଉପରେ ଆଲୋକପାତ କରିଥିଲେ।

ସୋମନାଥପୁର ଶିଳ୍ପାଞ୍ଚଳ; ଦୁର୍ଗନ୍ଧରେ ଅତିଷ୍ଠ ଅଞ୍ଚଳବାସୀ

ବାଲେଶ୍ୱର/ରେମୁଣା, ୩୧।୧୦ (ସମିସ):



ବାଲେଶ୍ୱର ଜିଲ୍ଲାର ସୋମନାଥପୁର ଶିଳ୍ପାଞ୍ଚଳରୁ ସାମ୍ନାକୁ ଆସିଥିବା ଏଭଳି ଗୁରୁତର ଅଭିଯୋଗ ଏବେ ଶିଳ୍ପ ପରିଚାଳନା ଓ ପରିବେଶ ସୁରକ୍ଷା ବ୍ୟବସ୍ଥାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଠାରେ ଅବସ୍ଥିତ ବାଲେଶ୍ୱର ରାଇସ୍ ମିଲର୍ସ କନସୋର୍ଟିୟମ୍ ପ୍ରାଇଭେଟ୍ ଲିମିଟେଡ୍ ନାମକ ଚାଉଳ କୁଣ୍ଡା ପ୍ରକ୍ରିୟାକରଣ କାରଖାନାକୁ ନେଇ ପରିବେଶ ପ୍ରଦୂଷଣର ଅଭିଯୋଗ ଜୋର ଧରିଛି। କାରଖାନା ନିକଟବର୍ତ୍ତୀ ଜମିରେ ଦୂଷିତ ଜଳ ଜମି ରହିବା, ଜଳାଶୟରେ ଅସ୍ୱାଭାବିକ ଫେଣ ଓ ଆବରଣ ସୃଷ୍ଟି ହେବା ସହ ଚିମ୍ନିରୁ କଳା ଧୂଆଁ ନିର୍ଗତ ହେଉଥିବା ଅଭିଯୋଗ ପରିସ୍ଥିତିକୁ ଆହୁରି ସଙ୍ଗୀନ କରିଛି। ଏହା ଶିଳ୍ପ ବର୍ଜ୍ୟଜଳ ପରିଚାଳନା ଓ ବାୟୁ ପ୍ରଦୂଷଣ ନିୟନ୍ତ୍ରଣ ବ୍ୟବସ୍ଥାର ବାସ୍ତବ ସ୍ଥିତିକୁ ନେଇ ସନ୍ଦେହ ସୃଷ୍ଟି କରିଛି।
କାରଖାନା ପରିସରରେ ଲାଗିଥିବା ସୂଚନା ଫଳକ ଅନୁଯାୟୀ, ଏହା ଏକ କମନ୍ ଫ୍ୟାସିଲିଟି ସେଣ୍ଟର ଭାବେ ପରିଚିତ ଏବଂ ଏଠାରେ ଦୈନିକ ୨୦୦ ମେଟ୍ରିକ୍ ଟନ୍ ଚାଉଳ କୁଣ୍ଡା ପ୍ରକ୍ରିୟାକରଣ କରିବାର କ୍ଷମତା ରହିଛି। ଚାଉଳ ମିଲରୁ ସଂଗୃହୀତ କୁଣ୍ଡାକୁ ଉପଯୋଗ କରି ତେଲ ଉତ୍ପାଦନ କରିବା ଏହି ପ୍ରକଳ୍ପର ମୁଖ୍ୟ ଉଦ୍ଦେଶ୍ୟ। ଭାରତ ସରକାରଙ୍କ ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରଣାଳୟର କ୍ଲଷ୍ଟର ବିକାଶ କାର୍ଯ୍ୟକ୍ରମ ଅଧୀନରେ ୨୦୨୦ ମସିହାରେ ଏହି ପ୍ରକଳ୍ପକୁ ଅନୁମୋଦନ ମିଳିଥିବା ସୂଚନା ରହିଛି। ଶିଳ୍ପ ଉତ୍ପାଦନ ବୃଦ୍ଧି, କୃଷିଭିତ୍ତିକ ଉପଉତ୍ପାଦର ସଦୁପଯୋଗ ଓ ନିଯୁକ୍ତି ସୃଷ୍ଟି ଭଳି ଲକ୍ଷ୍ୟ ନେଇ ପ୍ରକଳ୍ପଟି ପ୍ରତିଷ୍ଠା ହୋଇଥିଲେ ମଧ୍ୟ ଏହାର ପରିଚାଳନାରେ ପରିବେଶ ସୁରକ୍ଷା ନିୟମ କେତେଦୂର ପାଳନ ହେଉଛି, ତାହା ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ଦୈନିକ ଏତେ ପରିମାଣର କୁଣ୍ଡା ପ୍ରକ୍ରିୟାକରଣ କରୁଥିବା ଏକ ଶିଳ୍ପ ପ୍ରକଳ୍ପରେ ବର୍ଜ୍ୟଜଳ ପରିଚାଳନା, ଧୂଆଁ ନିୟନ୍ତ୍ରଣ ଓ ପରିବେଶଗତ ଅନୁମତିର ସର୍ତ୍ତାବଳୀ ପାଳନ ଅତ୍ୟନ୍ତ ଜରୁରୀ ହୋଇଥିବାବେଳେ ଏ କ୍ଷେତ୍ରରେ ଅବହେଳା କରାଯାଉଥିବାନେଇ ଅଭିଯୋଗ ହୋଇଛି। କାରଖାନା ନିକଟରେ ଜମି ରହିଥିବା ଜଳର ଉତ୍ସ ଓ ଗୁଣବତ୍ତାକୁ ନେଇ ଏପର୍ଯ୍ୟନ୍ତ ପ୍ରଦୂଷଣ ବିଭାଗ ପକ୍ଷରୁ ସ୍ପଷ୍ଟତା ମିଳିପାରିନାହିଁ। ଯଦି ଏହା ଶିଳ୍ପ ବର୍ଜ୍ୟଜଳ, ତାହାର ବିଶୋଧନ ଓ ନିଷ୍କାସନ ବ୍ୟବସ୍ଥାରେ ତ୍ରୁଟି ରହିଛି କି ନାହିଁ, ତାହା ବିଧିବଦ୍ଧ ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହେଉଛି। ଏଭଳି ବର୍ଜ୍ୟଜଳ ଦୀର୍ଘଦିନ ଧରି ଖୋଲା ଜମିରେ ଜମି ରହିଲେ ମାଟିର ଗୁଣବତ୍ତା ଓ ଭୂତଳ ଜଳ ଉପରେ ପ୍ରଭାବ ପଡ଼ିବାର ଆଶଙ୍କା ରହିଛି। ଅନ୍ୟପକ୍ଷରେ ଚିମ୍ନିରୁ ନିର୍ଗତ କଳା ଧୂଆଁର ଉତ୍ସ, ଏଥିରେ ରହିଥିବା ପ୍ରଦୂଷକର ମାତ୍ରା ଓ ବାୟୁ ପ୍ରଦୂଷଣ ମାନଦଣ୍ଡର ପାଳନ ସମ୍ପର୍କରେ ମଧ୍ୟ ଯାଞ୍ଚ କରାଯିବାକୁ ଦାବି ଜୋର ଧରିଛି। ସ୍ଥାନୀୟ ଅଞ୍ଚଳରେ ଦୁର୍ଗନ୍ଧ ବ୍ୟାପିବା, ଚର୍ମରୋଗ ଦେଖାଦେବା ଏବଂ ଗୋରୁଗାଈ ସମେତ ଅନ୍ୟ ଜୀବଜନ୍ତୁଙ୍କ ସୁରକ୍ଷାକୁ ନେଇ ଆଶଙ୍କା ପ୍ରକାଶ ପାଇଛି। ଏଭଳି ସ୍ଥିତିରେ ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ କାର୍ଯ୍ୟାଳୟ ଓ ଜିଲ୍ଲା ପ୍ରଶାସନର ଭୂମିକାକୁ ନେଇ ପ୍ରଶ୍ନ ଉଠିଛି। ଦୀର୍ଘଦିନ ଧରି ସ୍ଥାନୀୟ ଲୋକେ ଏହି ଦୁର୍ଗନ୍ଧରେ ଅତିଷ୍ଠ ହେଉଥିବା ବେଳେ ପ୍ରଦୂଷଣ ନିୟନ୍ତ୍ରଣ ବୋଡର୍ ଜଳକା ସାଜିଥିବା ଅଭିଯୋଗ ହୋଇଛି। ଅଭିଯୋଗ ଉପରେ କେବଳ କାଗଜପତ୍ର ଯାଞ୍ଚ କିମ୍ବା ନୋଟିସ୍ ଜାରି କରିବାରେ ସୀମିତ ନରହି ତୁରନ୍ତ ଅଚାନକ କାରଖାନା ପରିଦର୍ଶନ କରିବା, ଜଳ, ମାଟି ଓ ବାୟୁର ନମୁନା ସଂଗ୍ରହ କରି ସ୍ୱୀକୃତିପ୍ରାପ୍ତ ପରୀକ୍ଷାଗାରରେ ଯାଞ୍ଚ କରିବା ସହ କାରଖାନାର ବର୍ଜ୍ୟଜଳ ବିଶୋଧନ ବ୍ୟବସ୍ଥା, ଚିମ୍ନିର ନିର୍ଗମନ ନିୟନ୍ତ୍ରଣ ଯନ୍ତ୍ରପାତି ଓ ପରିବେଶଗତ ଅନୁମତିର ସର୍ତ୍ତାବଳୀ ପାଳନ ଯାଞ୍ଚ କରାଯିବାକୁ ଦାବି ହେଉଛି। ଶିଳ୍ପ ପ୍ରତିଷ୍ଠା ଓ ଉତ୍ପାଦନ ବୃଦ୍ଧିକୁ ବିକାଶର ମାପକାଠି ଭାବେ ଗ୍ରହଣ କରାଯାଉଛି ସତ। ହେଲେ, ଜନସାଧାରଣଙ୍କ ସ୍ୱାସ୍ଥ୍ୟ ଓ ପରିବେଶର ସୁରକ୍ଷାକୁ ବଳି ଦେଇ ଏଭଳି ପ୍ରଦୂଷଣ ବୃଦ୍ଧି ପାଉଥିଲେ ଜନସାଧାରଣଙ୍କ ସୁରକ୍ଷା ପାଇଁ ବିଧିବଦ୍ଧ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି। ଏ ନେଇ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋଡର୍‌ର ବାଲେଶ୍ୱର ଆଞ୍ଚଳିକ ଅଧିକାରୀ ମନମୋହନ ମୁର୍ମୁଙ୍କୁ ଯୋଗାଯୋଗ କରିବାରୁ ଏନେଇ ସେ କୌଣସି ଅଭିଯୋଗ ପାଇନଥିବା କହିବା ସହ ଅଭିଯୋଗ ଆସିଲେ ବିଧିବଦ୍ଧ ଯାଞ୍ଚ କରାଯିବ। ଯାଞ୍ଚରେ ଯଦି ଏହି ଶିଳ୍ପସଂସ୍ଥା ଲୋକଙ୍କ ସୁରକ୍ଷାକୁ ଜଳାଞ୍ଜଳି ଦେଇ ନିୟମ ଉଲଂଘନ କରି ପ୍ରଦୂଷଣ କରାଉଥାଏ ତେବେ, ଏହି ଶିଳ୍ପ ସଂସ୍ଥା ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଛନ୍ତି।

ଇନ୍ଦିରା ଗାନ୍ଧୀଙ୍କ ତିରୋଧାନ ଦିବସ

ଜଳେଶ୍ୱର, ୩୧।୧୦ (ସମିସ) : ଜଳେଶ୍ୱର କଂଗ୍ରେସ ପକ୍ଷରୁ ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଭାରତର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ତିରୋଧାନ ଦିବସ ସ୍ଥାନୀୟ ହନୁମାନ ମନ୍ଦିର ପ୍ରାଙ୍ଗଣରେ ପାଳିତ ହୋଇଯାଇଛି। ଏହି ଅବସରରେ ଜଳେଶ୍ୱର ବ୍ଲକ କଂଗ୍ରେସ ସଭାପତି ହେମନ୍ତ ଗିରିଙ୍କ ସମେତ ଜଗଦୀଶ ନନ୍ଦୀ, ସୁଦାମ ଚରଣ ପାତ୍ର, ଗତିକୃଷ୍ଣ ଦଳାଇ, ବିଜୟ କୁମାର ନନ୍ଦୀ ଏବଂ ଅନ୍ୟ କଂଗ୍ରେସ କର୍ମୀମାନେ ଉପସ୍ଥିତ ଥିଲେ। ସମସ୍ତେ ଇନ୍ଦିରା ଗାନ୍ଧୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

ବରିଷ୍ଠ କଂଗ୍ରେସ ନେତା ମନୋରଞ୍ଜନ ମହାନ୍ତିଙ୍କ ବିୟୋଗ

ବାଲେଶ୍ୱର,୩୧।୧୦(ସମିସ): ଜିଲ୍ଲାର ବରିଷ୍ଠ କଂଗ୍ରେସ ନେତା ତଥା ସଦର ବ୍ଲକ ଅନ୍ତର୍ଗତ ଓଲନ୍ଦା ସାରଗାଁ ସେବା ସମବାୟ ସମିତିର ପୂର୍ବତନ ସଭାପତି ମନୋରଞ୍ଜନ ମହାନ୍ତିଙ୍କ ଦେହାନ୍ତ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୭୮ ବର୍ଷ ହୋଇଥିଲା। ସ୍ୱର୍ଗତ ମହାନ୍ତିଙ୍କ ବିୟୋଗରେ କଂଗ୍ରେସର ବହୁ ବରିଷ୍ଠ ନେତୃବୃନ୍ଦଙ୍କ ସମେତ ବହୁ ବ୍ୟକ୍ତି ଶୋକ ପ୍ରକାଶ କରିବା ସହ ବାଲେଶ୍ୱର ସହରର ଆର୍ତ୍ତକବିରାଜ ରୋଡ଼ସ୍ଥିତ ବାସଭବନରେ ପହଞ୍ଚି ତାଙ୍କ ପାର୍ଥିବ ଶରୀରରେ ପୁଷ୍ପାର୍ଘ୍ୟ ପ୍ରଦାନ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି ଶୋକସନ୍ତପ୍ତ ପରିବାରକୁ ସାନ୍ତ୍ୱନା ପ୍ରଦାନ କରିଥିଲେ । ପରେ ସ୍ୱର୍ଗତଃ ମହାନ୍ତିଙ୍କ ପାର୍ଥିବ ଶରୀରକୁ ତାଙ୍କ ଜନ୍ମସ୍ଥାନ ପୁତାଗାଁକୁ ନିଆଯାଇଥିଲା ସେଠାରେ ଗ୍ରାମ ପରିଭ୍ରମଣ ପରେ ନୁଣିଆଯୋଡି ସ୍ଥିତ ମୁକ୍ତିଦ୍ୱାରରେ ଶବଦାହ କରାଯାଇଥିଲା। ତିନିପୁଅ ବିଜୟ ମହାନ୍ତି, ସଞ୍ଜୟ ମହାନ୍ତି, ରାଜୀବ ମହାନ୍ତି ମୁଖାଗ୍ନି ଦେଇଥିଲେ।

ବୁଢ଼ାବଳଙ୍ଗ ନଦୀପଠାରୁ ମୃତଦେହ ଉଦ୍ଧାର

ବାଲେଶ୍ୱର,୩୧।୧୦(ସମିସ): ବାଲେଶ୍ୱର ଜିଲ୍ଲା ଚାନ୍ଦିପୁର ଥାନା ଅନ୍ତର୍ଗତ ଚାରିଗୋଛିଆ ନଖପୋଲ ନିକଟ ବୁଢ଼ାବଳଙ୍ଗ ନଦୀପଠାରୁ ଜଣେ ଅଜଣା ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ଆଜି ପୂର୍ବାହ୍ନରେ ନଦୀପାଣିରେ ଏକ ମୃତଦେହ ଭାସୁଥିବା ସ୍ଥାନୀୟ ଲୋକେ ଦେଖିବା ପରେ ଚାନ୍ଦିପୁର ଥାନା ପୁଲିସକୁ ସୂଚନା ଦେଇଥିଲେ। ଖବର ପାଇ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଅଗ୍ନିଶମ ବାହିନୀର ସହାୟତାରେ ମୃତଦେହକୁ ନଦୀରୁ ଉଦ୍ଧାର କରିଥିଲା। ପରେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ମୃତଦେହଟି ପଚିସଢ଼ି ଯାଇଥିବାରୁ ଯୁବକଙ୍କ ପରିଚୟ ଜାଣିବା ସମ୍ଭବ ହୋଇପାରିନାହିଁ। ମୃତକଙ୍କ ବୟସ ପ୍ରାୟ ୩୫ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଓ ତଦନ୍ତ ପରେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ଜଣାପଡ଼ିଛି।

ରକ୍ତଦାନ ଶିବିର, ୬୦ ୟୁନିଟ୍ ସଂଗ୍ରହ

ବାଲେଶ୍ୱର, ୩୧।୧୦ (ସମିସ): ଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଲୌହମାନବୀ ଇନ୍ଦିରା ଗାନ୍ଧୀଙ୍କ ଆତ୍ମବଳିଦାନ ଦିବସକୁ ସାରା ଦେଶରେ ବଳିଦାନ ଦିବସ ଭାବେ ପାଳନ କରାଯାଇଛି। ଏହି ଅବସରରେ ବାଲେଶ୍ୱର ଜିଲ୍ଲା କଂଗ୍ରେସ ସେବାଦଳ ପକ୍ଷରୁ ଜିଲ୍ଲା ସଭାପତି ବିଦ୍ୟାଧର ମହାନ୍ତିଙ୍କ ନେତୃତ୍ୱରେ ଜିଲ୍ଲା ରକ୍ତଭଣ୍ଡାର ପରିସରରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଏହି ଶିବିରକୁ ବରିଷ୍ଠ କଂଗ୍ରେସ ନେତା ତଥା କାଉନସିଲର ପଦ୍ମଲୋଚନ ଲେଙ୍କା ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ କଂଗ୍ରେସ ନେତ୍ରୀ ଅର୍ଚ୍ଚନା ନନ୍ଦୀ, ସଦର କଂଗ୍ରେସ ନେତା ତଥା ଜିଲ୍ଲା ଉପସଭାପତି ସରୋଜ କୁମାର ଲେଙ୍କା, ଜିଲ୍ଲା ସମ୍ପାଦକ ଶ୍ରୀକାନ୍ତ ବୁଗୁଡ଼ାଇ,



ରାଜ୍ୟ ମହିଳା କଂଗ୍ରେସ ସମ୍ପାଦିକା ଜ୍ୟୋତ୍ସ୍ନା ସେନାପତି, ଟାଉନ କଂଗ୍ରେସ ସଭାପତି ଅନୁପ ସ୍ୱାଇଁ ଏବଂ ଜିଲ୍ଲା ରକ୍ତଭଣ୍ଡାର ଅଧିକାରୀ ଡାକ୍ତର ବସନ୍ତ କୁମାର ଉପାଧ୍ୟାୟ ପ୍ରମୁଖ ଉପସ୍ଥିତ ଥିଲେ। ଶିବିର ପରିଚାଳନାରେ ଟାଉନ ସେବାଦଳ ସଭାପତି ଆରଫାନଉଦ୍ଦିନ, ରେମୁଣା ବ୍ଲକ ସେବାଦଳ ସଭାପତି ରାଜକିଶୋର ମନ୍ତ୍ରୀ, ସନ୍ତୋଷ ଦାସ ଓ ଶେଖ କାଲାମ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ। ଶିବିରରେ ମୋଟ ୬୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା।

ରାଷ୍ଟ୍ରୀୟ ଏକତା ଦିବସ ପାଳିତ



ବାଲେଶ୍ୱର, ୩୧।୧୦(ସମିସ): ଦେଶର ଏକତା, ଅଖଣ୍ଡତା ଓ ସାର୍ବଭୌମତ୍ୱର ସୁରକ୍ଷା ସହ ଜାତୀୟ ସଂହତିର ବାର୍ତ୍ତା ପ୍ରସାର ଉଦ୍ଦେଶ୍ୟରେ ବାଲେଶ୍ୱରରେ ପାଳିତ ହୋଇଛି ରାଷ୍ଟ୍ରୀୟ ଏକତା ଦିବସ। ଭାରତର ଲୌହମାନବ ତଥା ଦେଶର ପ୍ରଥମ ଉପପ୍ରଧାନମନ୍ତ୍ରୀ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ଅବସରରେ ଜିଲ୍ଲା ପ୍ରଶାସନ ଓ କ୍ରୀଡ଼ା ଏବଂ ଯୁବସେବା ବିଭାଗର ମିଳିତ ଆନୁକୂଲ୍ୟରେ ଏକ ବିଶାଳ "ଏକତା ପଦଯାତ୍ରା' ଆୟୋଜିତ ହୋଇଥିଲା। ଶନିବାର ସକାଳ ୭ଟାରେ ନୂତନ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଏହି ପଦଯାତ୍ରା ଆରମ୍ଭ ହୋଇଥିଲା। ବାଲେଶ୍ୱରର ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ଖୁଣ୍ଟିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସବୁଜ ପତାକା ଦେଖାଇ ପଦଯାତ୍ରାର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରବୋଧ କୁମାର ମଲ୍ଲିକ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ପଦଯାତ୍ରାଟି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ବାହାରି ଏଡିଏମ୍ ଛକ, ଷ୍ଟେସନ ଛକ, ଫକୀର ମୋହନ ଗୋଲେଇ ଓ ଫାଣ୍ଡି ଛକ ଦେଇ ପୁନର୍ବାର ଆରମ୍ଭ ସ୍ଥଳକୁ ଫେରିଥିଲା। ଏହି ପଦଯାତ୍ରାରେ ସହରର ବିଭିନ୍ନ ବର୍ଗର ଜନସାଧାରଣ, ଯୁବକ ଓ ଛାତ୍ରଛାତ୍ରୀ ସ୍ୱତଃସ୍ଫୂର୍ତ୍ତ ଭାବେ ସାମିଲ ହୋଇ ଜାତୀୟ ଏକତାର ସଂକଳ୍ପକୁ ଦୋହରାଇଥିଲେ। ଜିଲ୍ଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମଗ୍ର କାର୍ଯ୍ୟକ୍ରମ ସୁଚାରୁରୂପେ ସମ୍ପନ୍ନ ହୋଇଥିଲା।

ଦେଶୀ ମଦ ଜବତ, ୩ ମହିଳା ଗିରଫ

ରାଜଘାଟ, ୩୧।୧୦ (ସମିସ): ବସ୍ତା ଅଞ୍ଚଳରେ ବେଆଇନ ମଦ କାରବାର ଉପରେ ଲଗାମ କସିବାକୁ ଆହ୍ୱାନରେ ଅବକାରୀ ବିଭାଗ। ଆଜି ସକାଳେ ବସ୍ତା ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ଅଞ୍ଚଳରେ ଚଢ଼ାଉ କରାଯାଇ ୭୮ ଲିଟର ଦେଶୀ ମଦ ଜବତ କରାଯାଇଛି। ଏହି ଘଟଣାରେ ୩ ଜଣ ମହିଳା ସନ୍ତୋଷପୁର ପଞ୍ଚାୟତ ବେଣାପୁରା ଗ୍ରାମର ବିଟି ମାରାଣ୍ଡି(୫୧), ପାଉଁଶକୁଲି ପଞ୍ଚାୟତ ଗମ୍ଭାରିୟା ଗ୍ରାମର ମୁନି ମାରାଣ୍ଡି(୬୦), ଦରଡା ଗ୍ରାମର ତୁଳସୀ ଗୋଛାୟତକୁ ଗିରଫ କରି ତିନୋଟି ପୃଥକ ମାମଲା ରୁଜୁକରି ଅଧିକ ତଦନ୍ତ କରୁଛି।

ବାଲେଶ୍ୱର ଯୁବ ସାମ୍ବାଦିକ ସଂଘ ଗଠିତ



ବାଲେଶ୍ୱର, ୩୧।୧୦(ସମିସ) : ସାମ୍ବାଦିକଙ୍କ ଏକତାକୁ ଅଧିକ ସୁଦୃଢ଼ କରିବା, ସାମ୍ବାଦିକତା କ୍ଷେତ୍ରରେ କାର୍ଯ୍ୟରତ ଯୁବ ସାମ୍ବାଦିକଙ୍କ ସ୍ୱାଭିମାନ, ସୁରକ୍ଷା ଓ ନ୍ୟାଯ୍ୟ ଅଧିକାରର ସୁରକ୍ଷା ଲକ୍ଷ୍ୟ ନେଇ ବାଲେଶ୍ୱରରେ ଗଠିତ ହୋଇଛି ନୂତନ ସଂଗଠନ "ବାଲେଶ୍ୱର ଯୁବ ସାମ୍ବାଦିକ ସଂଘ'। ସଂଘ ଗଠନ ପରେ ବିଭିନ୍ନ ପଦପଦବୀ ପାଇଁ କର୍ମକର୍ତ୍ତାଙ୍କ ନାମ ଘୋଷଣା କରାଯାଇଛି। ସଂଘର ସଭାପତି ଭାବେ ରଞ୍ଜିତ ଦାସ ମନୋନୀତ ହୋଇଥିବାବେଳେ କାର୍ଯ୍ୟକାରୀ ସଭାପତି ଭାବେ ସଞ୍ଜୟ ମହାଳିକ ଦାୟିତ୍ୱ ଗ୍ରହଣ କରିଛନ୍ତି। ଉପସଭାପତି ଭାବେ ବିଦ୍ୟାଧର ମହାନ୍ତି ଓ ପ୍ରଦୀପ ବେରା ମନୋନୀତ ହୋଇଛନ୍ତି। ସେହିପରି ସମ୍ପାଦକ ଭାବେ ହ୍ରିତିକ ନାୟକ, ସହସମ୍ପାଦକ ଭାବେ ଚନ୍ଦନ ପାଣିଗ୍ରାହୀ ଓ ମହେଶ ମଲିକ ଦାୟିତ୍ୱ ପାଇଛନ୍ତି। ସାଂଗଠନିକ ସମ୍ପାଦକ ଭାବେ ଭାଗବତ ଦାସ ଏବଂ ସହସାଂଗଠନିକ ସମ୍ପାଦକ ଭାବେ ହରିଶଙ୍କର ଜେନା ଓ ଧର୍ମେନ୍ଦ୍ର ମହାକୁଡ ମନୋନୀତ ହୋଇଛନ୍ତି। କୋଷାଧ୍ୟକ୍ଷ ଭାବେ କଞ୍ଚମଣୀ ସ୍ୱାଇଁ, ମିଡିଆ ସଂଯୋଜକ ଭାବେ ବୁଦ୍ଧେଶ୍ୱର ମଲ୍ଲିକ ଓ ସଞ୍ଜିତ୍ ଘୋଷ ଏବଂ କାର୍ଯ୍ୟକାରୀ ସଦସ୍ୟ ଭାବେ ସରୋଜ କୁମାର ଜେନା ମନୋନୀତ ହୋଇଛନ୍ତି।

ଭୋଟର ତାଲିକାରୁ ବାଦ୍ ଅଭିଯୋଗ



ସିମୁଳିଆ, ୩୦।୧୦ (ସମିସ): ସିମୁଳିଆ ବ୍ଲକ ବରୀ ପଞ୍ଚାୟତରେ ଭୋଟର ତାଲିକାରୁ ନାମ କଟିଯିବା ଅଭିଯୋଗରେ ସିମୁଳିଆ ଥାନାରେ ଏତଲା ଦେଲେ ବରି ପଞ୍ଚାୟତର ଶତାଧିକ ଭୋଟର । ବରୀ ପଞ୍ଚାୟତର ତିନୋଟି ବୁଥ କୁସୁନଖାର୍ଜି, ବରି ଓ ମାଗୁରଗଡିଆ,୨୯୨, ୨୯୩ଏବଂ ୨୯୫ ନମ୍ବର ବୁଥରେ ଚୂଡ଼ାନ୍ତ ଭୋଟର ତାଲିକାରୁ ପ୍ରାୟ ୪୦୦ ଜଣ ଭୋଟରଙ୍କ ନାମ ବାଦ ଦିଆଯାଇଥିବା ନେଇ ବଡ଼ଧରଣର ଅଭିଯୋଗ ହୋଇଛି। ଏହି ଘଟଣାକୁ ନେଇ ସ୍ଥାନୀୟଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିବା ବେଳେ ଶତାଧିକ ଗ୍ରାମବାସୀ ସିମୁଳିଆ ଥାନାରେ ପହଞ୍ଚି ସମ୍ପୃକ୍ତ ତିନି ଜଣ ବିଏଲଓଙ୍କ ବିରୋଧରେ ଲିଖିତ ଅଭିଯୋଗ କରିବା ସହ ଜିଲ୍ଲା ନିର୍ବାଚନ ଅଧିକାରୀ, ଆରକ୍ଷୀ ଅଧୀକ୍ଷକ ଓ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ମଧ୍ୟ ଅଭିଯୋଗ ହୋଇଛି । ଏଭଳି ତ୍ରୁଟିପୂର୍ଣ୍ଣ କାର୍ଯ୍ୟ ନେଇ ସିମୁଳିଆ ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ପୂର୍ବତନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ କଡ଼ା ନିନ୍ଦା କରିଛନ୍ତି। କୌଣସି ସଠିକ୍ ଯାଞ୍ଚ କିମ୍ବା ପୂର୍ବ ସୂଚନା ନ ଦେଇ ଶହ ଶହ ଭୋଟରଙ୍କ ଅଧିକାର କ୍ଷୁଣ୍ଣ କରାଯାଇଛି। ତେଣୁ ଏହି ଘଟଣାର ନିରପେକ୍ଷ ତଦନ୍ତ କରାଯାଇ ଦୋଷୀ ବ୍ୟକ୍ତିଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ଜୋରଦାର କରାଯିବ ବୋଲି ଚେତାବନୀ ମଧ୍ୟ ଦିଆଯାଇଛି। ଏହି ଅଭିଯୋଗ ଅବସରରେ ଜିଲ୍ଲା ପରିଷଦ ସଭ୍ୟ ଉମାକାନ୍ତ ମହାରଣା, ବରି ପଞ୍ଚାୟତ ସରପଞ୍ଚ ବିମଳ ଲେଙ୍କା ଓ ବଙ୍ଗାଳପୁର ପଞ୍ଚାୟତ ସରପଞ୍ଚ ଅମର କୁମାର ପତି ପ୍ରମୁଖ ଉପସ୍ଥିତ ଥିଲେ।

ସାମାଜିକ ସୁରକ୍ଷା ବିଭାଗର କର୍ମଚାରୀଙ୍କ ବଦଳି ବାତିଲ ଦାବି

କାଳିପଦା, ୩୧।୧୦ (ସମିସ): ବାଲିଆପାଳ ବ୍ଲକରେ ଏକ ସଂଗରେ କାର୍ଯ୍ୟରତ ସାମାଜିକ ସୁରକ୍ଷା ଅଧିକାରୀ ଓ ପ୍ରୋଗ୍ରାମ ସହାୟକଙ୍କ ବଦଳିକୁ ବାତିଲ କରିବା ପାଇଁ ଶୁକ୍ରବାର ସୂଚନା ଅଧିକାର ଆଇନ ଅଭିଯାନ ବାଲିଆପାଳ ଶାଖା ପକ୍ଷରୁ ବାଲିଆପାଳ ବିଡ଼ିଓ ରାଧା ରଞ୍ଜନ ଦାସଙ୍କ ଜରିଆରେ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ପ୍ରାୟତ ୩ ମାସ ପୂର୍ବରୁ ବାଲିଆପଳ ବ୍ଲକରେ କାର୍ଯ୍ୟରେ ଯୋଗ ଦେଇଥିବା ସ୍ଥାୟୀ ସାମାଜିକ ସୁରକ୍ଷା ଅଧିକାରୀ ଚନ୍ଦ୍ରକାନ୍ତ ଭଲୋକଙ୍କ ସହିତ ବର୍ତ୍ତମାନର କାର୍ଯ୍ୟରତ ପ୍ରୋଗ୍ରାମ ସହାୟକଙ୍କୁ ଏକତ୍ର ଜଳେଶ୍ୱର ବ୍ଲକକୁ ବଦଳି କରାଯିବା ଏବଂ ବାଲିଆପାଳ ବ୍ଲକରେ ଦୀର୍ଘ ବର୍ଷ ଧରି କାର୍ଯ୍ୟ କରିଥିବା ତଥା ପ୍ରାୟତଃ ୩ମାସ ତଳେ ଜଳେଶ୍ୱର ବ୍ଲକରେ ସାମାଜିକ ସୁରକ୍ଷା ବିଭାଗର କାର୍ଯ୍ୟରେ ଯୋଗ ଦେଇଥିବା ବାଲିଆପାଳ ବ୍ଲକ ଅନ୍ତର୍ଗତ ବାଲିଆପାଳ ପଞ୍ଚାୟତର ପାର୍ଥ ସାରଥୀ ସାହୁଙ୍କୁ ବାଲିଆପାଳରେ ଅସ୍ଥାୟୀ ଭାବରେ ନିଯୁକ୍ତିକୁ ବିରୋଧ କରାଯାଇଛି। ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ସାହୁଙ୍କ ବିରୋଧରେ ପୂର୍ବରୁ ବହୁ ଅଭିଯୋଗ ରହିଥିବା ଓ ତାର ତଦନ୍ତ ଆଜି ସୁଦ୍ଧା ହୋଇ ନ ଥିବା ଦାବି ପତ୍ରରେ ଉଲ୍ଲେଖ କରାଯାଇଛି। ତେବେ କାହା ସ୍ୱାର୍ଥରେ ଶ୍ରୀ ସାହୁ ପୁଣି କାହିଁକି ବାଲିଆପାଳ ବ୍ଲକକୁ ଆସିବାକୁ ଇଚ୍ଛା କରୁଛନ୍ତି ବୋଲି ମଧ୍ୟ ଉଲ୍ଲେଖ କରିଛନ୍ତି। ବାଲିଆପାଳ ବ୍ଲକରେ ଦୀର୍ଘ ଦିନ ଧରି ୫୭ ଜଣ କର୍ମଚାରୀ ଅଭାବରେ ବ୍ଲକ କାର୍ଯ୍ୟ ଚାଲିଥିବା ବେଳେ ପୁଣି ସ୍ଥାୟୀ ପରିବର୍ତ୍ତେ ଅସ୍ଥାୟୀ ଅଧିକାରୀ ବାଲିଆପାଳ ବ୍ଲକରେ ନିଯୁକ୍ତି କାହା ସ୍ୱାର୍ଥରେ ବୋଲି ପ୍ରଶ୍ନ କରିବା ସହିତ ବଦଳି ବାତିଲ କରିବା ପାଇଁ ସୂଚନା ଅଧିକାର ଆଇନ ଅଭିଯାନ ବାଲିଆପାଳ ଶାଖାର ଆବାହକ ଅନୁଜ କୁମାର ମହା ପାତ୍ର, କୁଶଧ୍ୱଜ ଜେନା, ଗୋପୀନାଥ ଗଙ୍ଗାଇ, ଆଶିଷ କୁମାର ବୋଷ, ବିଜୟ ମାହାନା, ଶରତ କୁମାର ପାତ୍ର, ଅରୁଣ କୁମାର ମଣ୍ଡଳ, ହରେକୃଷ୍ଣ ଦାସ ଓ ଦେବେନ୍ଦ୍ର ଦାସ ପ୍ରମୁଖ ଦାବି କରିଛନ୍ତି।

ପିଏମଶ୍ରୀ ଜିଲ୍ଲାସ୍କୁଲରେ ଜାତୀୟ ଏକତା ଦିବସ


ବାଲେଶ୍ୱର, ୩୧।୧୦(ସମିସ): ପିଏମଶ୍ରୀ ବାଲେଶ୍ୱର ଜିଲ୍ଲା ସ୍କୁଲ ପରିସରରେ ଆଜି ଜାତୀୟ ଏକତା ଦିବସ (ରାଷ୍ଟ୍ରୀୟ ଏକତା ଦିବସ) ଉତ୍ସାହ ଓ ଉଦ୍ଦୀପନାର ସହ ପାଳିତ ହୋଇଯାଇଛି। ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଆଦିକାନ୍ତ ରାଉତ ଏବଂ ଏନ୍‌ସିସିର ଆସୋସିଏଟ୍ ଏନ୍‌ସିସି ଅଫିସର ପ୍ରଶାନ୍ତ ମଲ୍ଲିକଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ମୋଟ ୮୬ ଜଣ ଏନ୍‌ସିସି କ୍ୟାଡେଟ୍ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜାତୀୟ ଏକତା ଓ ଅଖଣ୍ଡତା ରକ୍ଷା ପାଇଁ ଶପଥ ପାଠ, ସଚେତନତା ରାଲି ଏବଂ ପୋଷ୍ଟର ପ୍ରସ୍ତୁତି ଆଦି ଆୟୋଜନ କରାଯାଇଥିଲା।

ଜଳେଶ୍ୱର ବ୍ଲକର ନୂତନ ସାମାଜିକ ସୁରକ୍ଷା ଅଧିକାରୀ ହେଲେ ଚନ୍ଦ୍ରକାନ୍ତ ଭାଲୁକ



ଜଳେଶ୍ୱର, ୩୧।୧୦(ସମିସ): ଜଳେଶ୍ୱର ବ୍ଲକର ନୂତନ ସାମାଜିକ ସୁରକ୍ଷା ଅଧିକାରୀ ଭାବେ ଚନ୍ଦ୍ରକାନ୍ତ ଭାଲୁକ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ ବାଲିଆପାଳ ବ୍ଲକରେ ପ୍ରାୟ ତିନି ମାସ ଧରି କାର୍ଯ୍ୟ କରୁଥିଲେ। ୩୧୪୪ ନମ୍ବର ପତ୍ର ମୂଳେ ଜଳେଶ୍ୱର ବ୍ଲକରେ କାର୍ଯ୍ୟରତ ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ବାଲେଶ୍ୱରକୁ ବଦଳି କରାଯାଇଥିବାବେଳେ ତାଙ୍କ ସ୍ଥାନରେ ଚନ୍ଦ୍ରକାନ୍ତ ଭାଲୁକଙ୍କୁ ଜଳେଶ୍ୱର ବ୍ଲକର ଦାୟିତ୍ୱ ଦିଆଯାଇଛି। ଏହି ନିର୍ଦ୍ଦେଶ ପରେ ସେ ଜଳେଶ୍ୱର ବ୍ଲକରେ ଯୋଗଦେଇ ନିଜ କାର୍ଯ୍ୟ ଆରମ୍ଭ କରିଛନ୍ତି। ସାମାଜିକ ସୁରକ୍ଷା ଯୋଜନା ଅଧୀନରେ ଯୋଗ୍ୟ ହିତାଧିକାରୀଙ୍କୁ ସରକାରୀ ସୁବିଧା ଓ ସହାୟତା ଯୋଗାଇଦେବା ତାଙ୍କ ବିଭାଗର ଏକ ପ୍ରମୁଖ ଦାୟିତ୍ୱ ହୋଇଥିବାରୁ, ନୂତନ ଅଧିକାରୀଙ୍କ ଯୋଗଦାନ ପରେ ବ୍ଲକରେ ବିଭାଗୀୟ କାର୍ଯ୍ୟକ୍ରମ ଆଗକୁ ବଢ଼ିବ ବୋଲି ଆଶା କରାଯାଉଛି।

ଓଡ଼ିଶା ବିପର୍ଯ୍ୟୟ ପ୍ରସ୍ତୁତି ଦିବସ



ବାଲେଶ୍ୱର,୩୧।୧୦(ସମିସ): ସଦର ବ୍ଲକ୍ ରସାଳପୁରସ୍ଥିତ ଡା. ଯଦୁନାଥ କଲେଜରେ ୧୯୯୯ ମସିହା ଅକ୍ଟୋବର ୨୯ ଓ ୩୦ ତାରିଖର ପ୍ରଳୟଙ୍କରୀ ମହାବାତ୍ୟାର ସ୍ମୃତିଚାରଣ ଉଦ୍ଦେଶ୍ୟରେ "ଓଡ଼ିଶା ବିପର୍ଯ୍ୟୟ ପ୍ରସ୍ତୁତି ଦିବସ' ପାଳିତ ହୋଇଯାଇଛି। କଲେଜ ଅଧ୍ୟକ୍ଷା ତୃପ୍ତିଲତା ଦାଶଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ଓ ଜୀବନ ସୁରକ୍ଷା ସମ୍ପର୍କରେ ସଚେତନତା ବାର୍ତ୍ତା ଦିଆଯାଇଥିଲା। ମୁଖ୍ୟ ଅତିଥି କାବ୍ୟଶିଳ୍ପୀ ସର୍ବେଶ୍ୱର ଦାଶ ୧୯୯୯ ମହାବାତ୍ୟାର ଭୟାବହତା ଓ ସେହି ସମୟରେ ଆଞ୍ଚଳିକ ସ୍ୱେଚ୍ଛାସେବୀଙ୍କ ସହଯୋଗରେ ଗ୍ରହଣ କରିଥିବା ଜୀବନ ରକ୍ଷାକାରୀ ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ। ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍ସ ଆଣ୍ଡ ଗାଇଡ୍ସର ରୋଭର ଲିଡର ସଞ୍ଜୟ କୁମାର ସାହୁ ଦିବସର ଆଭିମୁଖ୍ୟ ଉପସ୍ଥାପନ କରିଥିବା ବେଳେ ପ୍ରଶାସନିକ ଅଧିକାରୀ ସଂଗୀତା ନନ୍ଦ ପ୍ରାକୃତିକ ବିପର୍ଯ୍ୟୟରୁ ରକ୍ଷା ପାଇବା ପାଇଁ ସଚେତନତା ବାର୍ତ୍ତା ଦେଇଥିଲେ। ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ରସାନନ୍ଦ ବାଗ୍ ମହାବାତ୍ୟା ପରେ ଜୀବନ ସୁରକ୍ଷା ଦିଗରେ ଗ୍ରହଣ କରାଯାଇଥିବା ସରକାରୀ ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ। ଶେଷରେ ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍ସ ଏଣ୍ଡ ଗାଇଡ୍ସର ରେଞ୍ଜର ଲିଡର ସୁଷମା ରାଣୀ ସିଂ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ କଲେଜର ବିଭିନ୍ନ ବିଭାଗର ଅଧ୍ୟାପକ, ଅଧ୍ୟାପିକା, ଶିକ୍ଷକ, ଅଣଶିକ୍ଷକ କର୍ମଚାରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

ଏଫ୍‌ଏମ୍ କଲେଜ ବିକାଶ ଦାବିରେ ଅଧ୍ୟକ୍ଷଙ୍କୁ ଭେଟିଲା ଛାତ୍ର ବିଜେଡି

ବାଲେଶ୍ୱର,୩୧।୧୦(ସମିସ):



ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ମୌଳିକ ସମସ୍ୟା ଘେରରେ। ସମ୍ପୂର୍ଣ୍ଣ ହୋଇପାରୁନି ବିଜ୍ଞାନ ଭବନ, ଘାସବଣରେ ଭରି ରହିଛି ମିନି ଷ୍ଟାଡିୟମ, ବହୁ ବିଭାଗର ଛାତରୁ ଗଳୁଛି ପାଣି। ଫଳରେ ଛାତ୍ରଛାତ୍ରୀ ଉପକୃତ ହୋଇପାରୁନାହାନ୍ତି। ଏହି ସବୁ ସମସ୍ୟାର ଆଶୁ ସମାଧାନ ଦାବିରେ ଅଣ୍ଟା ଭିଡିଛି ଛାତ୍ର ବିଜେଡି। କଲେଜର ବିଭିନ୍ନ ସମସ୍ୟା ନେଇ ୯ ଦଫା ଦାବି ପୂରଣ ପାଇଁ ଛାତ୍ର ବିଜେଡି କର୍ମକର୍ତ୍ତାମାନେ ଆଜି ଅଧ୍ୟକ୍ଷ ପ୍ରଫେସର ରଞ୍ଜନ କୁମାର ରାୟଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ବିଶେଷ କରି କଲେଜର ଭିତ୍ତିଭୂମି ବିକାଶ ଓ ଶୈକ୍ଷିକ ବାତାବରଣ ଫେରାଇ ଆଣିବା ନିମନ୍ତେ ଅନୁରୋଧ କରିଛନ୍ତି। ସୂଚନାଯୋଗ୍ୟ, ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ବିଭିନ୍ନ ସମସ୍ୟା ଭରି ରହିଛି। ବିଶେଷ କରି ନବନିର୍ମିତ ବିଜ୍ଞାନ ଭବନକୁ ସମ୍ପୂର୍ଣ୍ଣ କରିବା ପାଇଁ ଛାତ୍ର ବିଜେଡି ପକ୍ଷରୁ ଦାବି କରାଯାଇଛି। ଆର୍ଥିକ ଅନୁଦାନ ଅଭାବରୁ ଏହାର କାମ ଶେଷ ହୋଇପାରୁନି। ଫଳରେ ବିଦ୍ୟାର୍ଥୀଙ୍କୁ ଶ୍ରେଣୀ ଗୃହର ସମସ୍ୟା ସହ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ସେହିପରି ବଣବୁଦାରେ ପୂର୍ଣ୍ଣ ହୋଇଥିବା କଲେଜର ମିନି ଷ୍ଟାଡିୟମର ସଫେଇ ସହ ଏହାକୁ ଖେଳ ଉପଯୋଗୀ କରିବା, ବିଭିନ୍ନ ହଷ୍ଟେଲରେ ରହିଥିବା ପାନୀୟ ଜଳ ଓ ଶୌଚାଳୟ ସମସ୍ୟାର ସମାଧାନ, କଲେଜର ୩ଟି ବ୍ଲକରେ ପାନୀୟ ଜଳର ସୁବନ୍ଦୋବସ୍ତ, ଗାର୍ଲସ କମନ ରୁମ୍‌ରେ ସମସ୍ତ ସୁବ୍ୟବସ୍ଥା, ବନ୍ଦ ପଡ଼ିଥିବା କଲେଜ ମଲ୍ଟି ଜିମର ପୁନଃପରିଚାଳନା, ବନ୍ଦ ରହୁଥିବା ବଏଜ କମନ ରୁମକୁ ଖୋଲିବା ତଥା ଇଣ୍ଡୋର କ୍ରୀଡ଼ାର ଆରମ୍ଭ ନେଇ ଦାବି କରିଛନ୍ତି। ଅନୁରୂପ ବର୍ଷା ହେଲେ ପାଣି ଗଳୁଥିବା ଉର୍ଦ୍ଦୁ, ସାନ୍ତାଳୀ ଏବଂ ଅଧ୍ୟକ୍ଷ ବ୍ଲକର ମରାମତି ଏବଂ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ପଦ ପୂରଣ ସହ କଲେଜରେ ଏକ ସ୍ୱଚ୍ଛ ସମ୍ପୂର୍ଣ୍ଣ ଶୈକ୍ଷିକ ବାତାବରଣ ଫେରାଇ ଆଣିବା ପାଇଁ ଛାତ୍ର ବିଜେଡି ଦାବି କରିଛି। ଜିଲ୍ଲା ଛାତ୍ର ସଭାପତି ହରେକୃଷ୍ଣ ପ୍ରଧାନଙ୍କ ପରାମର୍ଶ କ୍ରମେ ଏହା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା ବେଳେ କଲେଜର ଛାତ୍ର ବିଜେଡି କର୍ମକର୍ତ୍ତାଙ୍କ ମଧ୍ୟରେ ଶୁଭମ୍ ଦାସ, ଆୟୁଷ ପ୍ରଧାନ, ସେକ ଅଲ୍ଲୀ, କନିଷ କୁମାର ପ୍ରଧାନ, ହିମାଂଶୁ ଜେନା, ରଶ୍ମିତା ଦାସ, ସ୍ମୃତିପ୍ରଭା ପଣ୍ଡା, ରତିକାନ୍ତ ନାୟକ, ଗଗନ ସ୍ୱାଇଁ, ଆର୍ଯ୍ୟାରୂପା ମଣ୍ଡଳ, ପ୍ରିୟଙ୍କା ଘଡ଼େଇ, ଗୋପାଳ ନାୟକ, ଭବାନୀ ଶଙ୍କର ମଣ୍ଡଳ, ଶିବଶଙ୍କର ବେହେରା, ଦିପୁନ ଭଟକା, ଦୀପସା ତ୍ରିପାଠୀ ଏବଂ ଛାତ୍ରନେତା ରାକେଶ କୁମାର ବାରିକ ପ୍ରମୁଖ ଉପସ୍ଥିତ ରହି ଅଧ୍ୟକ୍ଷଙ୍କୁ ଦାବି ଜଣାଇବା ସହ ଆଶୁ ସମାଧାନ ନେଇ ଅନୁରୋଧ କରିଛନ୍ତି।

ଜାତୀୟ ଏକତା ଦିବସ ଅବସରରେ ଏକତା ଦୌଡ଼















ଅନୁଗୋଳ,୩୧।୧୦(ସମିସ):

ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜନ୍ମଦିନକୁ ଜାତୀୟ ଏକତା ଦିବସ ଭାବେ ପାଳନ କରାଯାଉଛି। ଏହି ଅବସରରେ ଅନୁଗୋଳ ଟାଉନ୍ ଥାନାରେ ଅନୁଗୋଳ ପୁଲିସ ଦ୍ୱାରା ଆୟୋଜିତ ରନ ଫର୍ ୟୁନିଟି (ଏକତା ଦୌଡ଼)ରେ ଶହ ଶହ ଲୋକ ଅଂଶଗ୍ରହଣ କରିଥିଲେ। ପୁଲିସ, ବନ ବିଭାଗ, ଅବକାରୀ ବିଭାଗ, ପିଟିସି ଅନୁଗୋଳ, ଏନସିସି କ୍ୟାଡେଟ, ଛାତ୍ର ଏବଂ ସ୍ୱେଚ୍ଛାସେବୀ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ। ଉତ୍ତର-କେନ୍ଦ୍ରାଞ୍ଚଳ ପୁଲିସ ଡିଆଇଜି ଆଶିଷ କୁମାର ସିଂ, ଅନୁଗୋଳ ଏସ୍‌ପି ରାହୁଲ ଜୈନ ଏକତା ଦୌଡ଼ ଶୁଭାରମ୍ଭ କରିଥିଲେ। ଜାତୀୟ ଏକତା, ଅଖଣ୍ଡତା, ଭାଇଚାରା ଏବଂ ସଂହତିକୁ ସୁଦୃଢ଼ କରିବା ଦିଗରେ ଏହା ଏକ ସାମୂହିକ ପଦକ୍ଷେପ ବୋଲି ଡିଆଇଜି ସିଂହ ମତବ୍ୟକ୍ତ କରିଥିଲେ। ଶେଷରେ ଥାନା ପରିସରରେ ସମସ୍ତଙ୍କୁ ରାଷ୍ଟ୍ରୀୟ ଏକତାର ଶପଥପାଠ କରାଇଥିଲେ।

ବଅଁରପାଳ: ରାଷ୍ଟ୍ରୀୟ ଏକତା ଦିବସରେ ଶନିବାର ସକାଳ ସାଢ଼େ ୭ଟାରେ ବଅଁରପାଳ ଜଗନ୍ନାଥ ମନ୍ଦିର ନିକଟରୁ ଏକତା ଦୌଡ଼ ଅନୁଷ୍ଠିତ ହୋଇଥିଲା। ବଅଁରପାଳ ଥାନା ଅଧିକାରୀ ଅୟସକାନ୍ତ ଜେନାଙ୍କ ତତ୍ତ୍ୱାବଧାନରେ ବାହାରିଥିବା ଏହି ଗଣଦୌଡ଼ ବଅଁରପାଳ ଥାନା ପରିସରରେ ଶେଷ ହୋଇଥିଲା। କାର୍ଯ୍ୟକ୍ରମରେ ବଅଁରପାଳ ବିଡିଓ ଲୋଚନ ଦାସଙ୍କ ସମେତ ସ୍ଥାନୀୟ ଜନସାଧାରଣ, ପୁଲିସ ଅଧିକାରୀ ଓ କର୍ମଚାରୀ ସାମିଲ ହୋଇଥିଲେ। ଗଣଦୌଡ଼ ଶେଷ ହେବା ପରେ ଥାନା ପରିସରରେ ଏସ୍‌ଆଇ ମନୋଜ ମିଶ୍ର ଉପସ୍ଥିତ ସମସ୍ତଙ୍କୁ ରାଷ୍ଟ୍ରୀୟ ଏକତାର ଶପଥପାଠ କରାଇଥିଲେ। ଦିବ୍ୟଦର୍ଶନ ଶିଶୁ ମନ୍ଦିର ଛାତ୍ରଛାତ୍ରୀମାନେ ବିଭିନ୍ନ ମହାପୁରୁଷଙ୍କ ବେଶରେ ବିଦ୍ୟାଳୟରୁ ବାହାରି ଥାନା ପର୍ଯ୍ୟନ୍ତ ଗଣଦୌଡ଼ରେ ସାମିଲ ହୋଇଥିଲେ। ଦେଶର ଏକତା ଓ ଅଖଣ୍ଡତା ପ୍ରତି ସର୍ଦ୍ଦାର ପଟେଲଙ୍କ ଅବଦାନକୁ ସ୍ମରଣ କରାଯାଇଥିଲା।

କିଶୋରନଗର: ଠାକୁରଗଡ଼ ଥାନା ପକ୍ଷରୁ ଆଠମଲ୍ଲିକ ବ୍ଲକ ଖୋଳପଦା ମହାବିଦ୍ୟାଳୟ ପରିସରରେ ରାଷ୍ଟ୍ରୀୟ ଏକତା ଦିବସ ପାଳନ କରାଯାଇଛି। ଠାକୁରଗଡ଼ ଥାନା ଅଧିକାରୀ ଶ୍ୟାମଲାଲ ଓରାମଙ୍କ ସମେତ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଏଥିରେ ଯୋଗଦେଇ ଦେଶର ଏକତା, ଅଖଣ୍ଡତା ଓ ସାମ୍ପ୍ରଦାୟିକ ସଦ୍ଭାବନା ବଜାୟ ରଖିବା ନିମନ୍ତେ ସଂକଳ୍ପ ନେଇଥିଲେ। ସେହିପରି ଠାକୁରଗଡ଼ ଥାନା ପରିସରରେ ମଧ୍ୟ ଏହି ଦିବସ ପାଳିତ ହୋଇଛି। ଏଠାରେ ଗୁଜରାଟରୁ ଜାତୀୟସ୍ତରୀୟ ଏକତା ଦିବସ କାର୍ଯ୍ୟକ୍ରମର ସିଧାପ୍ରସାରଣ ପ୍ରଦର୍ଶନ କରାଯାଇଥିଲା। କାର୍ଯ୍ୟକ୍ରମରେ ଏସ୍‌ଆଇ ମନୋଜ କୁମାର ବେହେରାଙ୍କ ସମେତ ଥାନାର ସମସ୍ତ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

ତାଳଚେର: ତାଳଚେର ଟାଉନଥାନା ପକ୍ଷରୁ ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ସକାଳେ ଜଗନ୍ନାଥ ମନ୍ଦିରରୁ ବିଭିନ୍ନ କଳାକାର ଓ ଛାତ୍ରଛାତ୍ରୀଙ୍କୁ ନେଇ ଏକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ତାଳଚେର ଥାନା ଅଧିକାରୀ ବିଭୁଦତ୍ତ ରାଉତରାୟ ସର୍ଦ୍ଦାର ପଟେଲଙ୍କ ନୀତି, ଆଦର୍ଶରେ ଅନୁପ୍ରାଣିତ ହୋଇ ଦେଶର ସାର୍ବଭୌମତ୍ୱ ବଜାରୟ ରଖିବାକୁ ଆହ୍ୱାନ ଦେଇଥିଲେ। ଅପରାହ୍ଣରେ ଥାନା ପରିସରରେ ଗଣମାଧ୍ୟମ ପ୍ରତିନିଧି, ବୁଦ୍ଧିଜୀବୀ ଓ ନେତୃବୃନ୍ଦଙ୍କୁ ନେଇ ଏକ ବୈଠକ ହାଇଥିଲା।

କିଶୋରନଗର: କିଶୋରନଗର ସ୍ନାତକ ମହାବିଦ୍ୟାଳୟରେ ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଛି। ଅଧ୍ୟକ୍ଷ ଅକ୍ଷୟ କୁମାର ଦାଶଙ୍କ ସଭାପତିତ୍ୱରେ ସାଧାରଣ ସଭା ହୋଇଥିଲା। ସ୍ଥାନୀୟ ଥାନାଧିକାରୀ ହରିକୃଷ୍ଣ ପ୍ରଧାନ, ଅଧ୍ୟାପିକା ବୀଣାପାଣି ସାହୁ, ଅଧ୍ୟାପକ ତରଣୀସେନ ସାହୁଙ୍କ ସମେତ ଅନ୍ୟ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀଙ୍କ ଓ ପୁଲିସ କର୍ମଚାରୀ ଏଥିରେ ଯୋଗଦେଇଥିଲେ। ଜାତି, ଧର୍ମ, ଭାଷା, ବର୍ଣ୍ଣର ଊର୍ଦ୍ଧ୍ୱରେ ରହି ଜାତୀୟ ସଂହତି ଓ ଭାଇଚାରାର ଭାବନାକୁ ସୁଦୃଢ଼ କରିବା ପାଇଁ ଅଧ୍ୟକ୍ଷ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଥିଲେ। ଥାନାଧିକାରୀ ଜାତୀୟ ଏକତା, ଅଖଣ୍ଡତା ଓ ଦେଶର ସାର୍ବଭୌମତ୍ୱ ରକ୍ଷା କ୍ଷେତ୍ରରେ ସର୍ଦ୍ଦାର ପଟେଲଙ୍କ ଅବଦାନ ଉପରେ ଆଲୋକପାତ କରିଥିଲେ। ଅଧ୍ୟାପକ ତରଣୀସେନ ସାହୁଙ୍କ ତତ୍ତ୍ୱାବଧାନରେ ବକ୍ତୃତା ଓ ସଙ୍ଗୀତ ପ୍ରତିଯୋଗିତା ହୋଇଥିଲା। ଅଧ୍ୟାପିକା ବୀଣାପାଣି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ କିଶୋରନଗର ପୁଲିସ ପକ୍ଷରୁ ପ୍ରାତଃ ସମୟରେ ଥାନା ସମ୍ମୁଖରୁ ସ୍ଥାନୀୟ ବରପଡ଼ିଆ ପର୍ଯ୍ୟନ୍ତ ଏକତା ଦୌଡ଼ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ଥାନା ପରିସରରେ ଆଇଆଇସି ପ୍ରଧାନଙ୍କ ସଭାପତିତ୍ୱରେ ସଙ୍ଗୀତ ଓ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ ବ୍ଲକ ଉପାଧ୍ୟକ୍ଷ ଲବ ପ୍ରଧାନ, ଡା. ଲିପିକା ଯୋଗଦେଇ ରାଷ୍ଟ୍ରୀୟ ଏକତା ଦିବସ ପାଳନର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ।

ଛେଣ୍ଡିପଦା: ବାଗଡ଼ିଆ ଥାନା ପରିସରରେ ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ନିଶାମୁକ୍ତ ଓଡ଼ିଶା, ସର୍ଦ୍ଦାର ପଟେଲଙ୍କ ଜୟନ୍ତୀ ଓ ଆମ ପୁଲିସ ସମିତି ବୈଠକ ଅନୁଷ୍ଠିତ ହୋଇଛି। ଥାନା ଅଧିକାରୀ ଦେବବ୍ରତ ନାୟକଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ସାମ୍ପ୍ରତିକ ସ୍ଥିତିରେ ଯୁବପିଢ଼ି ବିଭିନ୍ନ ନିଶା ସେବନ କରିବା ଦ୍ୱାରା ଅନେକ ଅପରାଧିକ ମାମଲାରେ ଜଡ଼ିତ ହେଉଛନ୍ତି। ସମସ୍ତ ନିଶାଦ୍ରବ୍ୟଠାରୁ ଦୂରେଇ ରହିବା ପାଇଁ ଥାନା ଅଧିକାରୀ ଆହ୍ୱାନ ଦେଇଥିଲେ। ପରେ ଆମ ପୁଲିସ ସମିତି ବୈଠକରେ ନୂତନ ଆଇନର କାର୍ଯ୍ୟକାରିତା, ବାଲ୍ୟବିବାହ ନିରୋଧ, ସାଇବର ଠକେଇ, ଅଞ୍ଚଳରେ ଶାନ୍ତିଶୃଙ୍ଖଳା ରକ୍ଷା, ଟ୍ରାଫିକ ନିୟମ ମାନିବା, ନିଶାଶକ୍ତ ଅବସ୍ଥାରେ ଗାଡ଼ି ନ ଚଳାଇବା, ଜମିଜମା ସମ୍ବନ୍ଧୀୟ କାର୍ଯ୍ୟକଳାପ କିପରି ସୁଚାରୁରୂପେ ସମ୍ପାଦିତ ହୋଇପାରିବ ସେ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ପ୍ରକୃତିବନ୍ଧୁ ତଥା ସାମ୍ବାଦିକ ହଟକିଶୋର ଷଡ଼ଙ୍ଗୀ, ବୁଦ୍ଧଦେବ ବେହେରା, ୧୪ନଂ ମଣ୍ଡଳ ବିଜେପି ସଭାପତି ତ୍ରିଲୋଚନ ବେହେରା, ବାଗଡ଼ିଆ ସରପଞ୍ଚ ପୁଷ୍ପଲତା ବେହେରା, ବିଜୟ କୁମାର ଗଡ଼ନାୟକ, ହିମାଂଶୁ ଶେଖର ସ୍ୱାଇଁ, ଏସ୍‌ଆଇ ଆଶୁତୋଷ ସାମଲ ପ୍ରମୁଖ ଯୋଗଦେଇ ଲୋକଙ୍କୁ ସଚେତନ କରିଥିଲେ। ଏଏସଆଇ ତ୍ରିଲୋଚନ ଜେନା, ନିର୍ମଳ ବେହେରା, ହାବିଲଦାର ଏସ୍‌କେଜେ ମହମ୍ମଦ, ସରୋଜ ନାୟକ ପ୍ରମୁଖ ସହଯୋଗ କରିଥିଲେ।

ଅନୁଗୋଳ: ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକତା ପଦଯାତ୍ରା ଓ ଶପଥପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପୂର୍ବାହ୍ଣରେ ଜିଲ୍ଲା କାର୍ଯ୍ୟାଳୟରେ ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର ଓ ମାୟାଧର ବେହେରାଙ୍କ ଉପସ୍ଥିତିରେ ରାଷ୍ଟ୍ରୀୟ ଏକତା ଶପଥପାଠ ଅନୁଷ୍ଠିତ ହୋଇଛି। ଦେଶର ଏକତା, ଅଖଣ୍ଡତା ଏବଂ ସୁରକ୍ଷାକୁ ବଜାୟ ରଖିବାସହ ନିଜକୁ ଦେଶ ପ୍ରତି ସମର୍ପିତ କରିବା ଏବଂ ଦେଶର ଏକତା ଅକ୍ଷୁଣ୍ଣ ରଖିବା ସହ ଆଭ୍ୟନ୍ତରୀଣ ସୁରକ୍ଷା ସୁନିଶ୍ଚିତ କରିବା ନେଇ ଏହି ଶପଥପାଠ ହୋଇଥୁଲା। କାର୍ଯ୍ୟକ୍ରମରେ ଜିଲ୍ଲା କାର୍ଯ୍ୟାଳୟର ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହି ଶପଥପାଠ କରିଥିଲେ। ସେହିପରି ସକାଳ ୮ ଟାରେ ଅନୁଗୋଳ ଷ୍ଟାଡିୟମଠାରୁ ଏକତା ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ସୁଦୀପ ଗଡ଼ନାୟକ, ଅତିରିକ୍ତ ଜିଲ୍ଲାପାଳ ମାୟାଧର ବେହେରା ପତାକା ଦେଖାଇ ପଦଯାତ୍ରାର ଶୁଭାରମ୍ଭ କରିଥିଲେ। ଏଥିରେ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, କ୍ରୀଡ଼ାବିତ୍ ଓ ବୁଦ୍ଧିଜୀବୀ ଯୋଗଦେଇଥିଲେ। ଜିଲ୍ଲା କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ସିଠ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

କଣିହାଁ: ଏନଟିପିସି ଟାଉନ ଥାନା ପକ୍ଷରୁ ଆଇଆଇସି ସଂଯୁକ୍ତା ଖିଲାରଙ୍କ ନେତୃତ୍ୱରେ ରାଷ୍ଟ୍ରୀୟ ଏକତା ଦିବସ ପାଳନ ସହ ନିଶା ବିରୋଧୀ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ନିଶାଦ୍ରବ୍ୟ ସେବନ ଦ୍ୱାରା ପାରିବାରିକ ସମ୍ପର୍କରେ ଫାଟ ସୃଷ୍ଟି ହେବା ସହ ସାମାଜିକ ଜୀବନ ଉପରେ ଏହାର କୁପ୍ରଭାବ ପଡ଼ୁଥିବା ସମ୍ପର୍କରେ ସଚେତନ କରାଯାଇଥିଲା। ନିଶାମୁକ୍ତ ଜୀବନ ହିଁ ଉଜ୍ଜ୍ୱଳ ଭବିଷ୍ୟତର ପଥ ବୋଲି ବାର୍ତ୍ତା ଦିଆଯାଇଥିଲା। ଏଥିସହ ଏକତା ହିଁ ଶକ୍ତି ଓ ବିଜୟର ମୂଳମନ୍ତ୍ର ବୋଲି ଉଲ୍ଲେଖ ଥିବା ପ୍ଲାକାର୍ଡ ମାଧ୍ୟମରେ ଜାତୀୟ ଏକତା, ସଂହତି ଓ ଭାଇଚାରାର ସନ୍ଦେଶ ପ୍ରସାର କରାଯାଇଥିଲା। ଛାତ୍ରଛାତ୍ରୀଙ୍କୁ ନିଶା ସେବନର ଭୟାବହ ପରିଣାମ, ପାରିବାରିକ ମୂଲ୍ୟବୋଧ ଏବଂ ସାମାଜିକ ଦାୟିତ୍ୱବୋଧ ସମ୍ପର୍କରେ ସଚେତନ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଜାତୀୟ ଏକତା ଓ ଅଖଣ୍ଡତା ରକ୍ଷାରେ ସର୍ଦ୍ଦାର ପଟେଲଙ୍କ ଅବଦନକୁ ସ୍ମରଣ କରି ଏକତା, ଶୃଙ୍ଖଳା ଓ ନିଶାମୁକ୍ତ ସମାଜ ଗଠନ ପାଇଁ ସମସ୍ତେ ସଂକଳ୍ପବଦ୍ଧ ହେବାକୁ ଆହ୍ୱାନ ଦିଆଯାଇଥିଲା।

୫୦ କେଜି ଗଞ୍ଜେଇ ଜବତ

ଅନୁଗୋଳ,୩୧।୧୦(ସମିସ): ଆଠମଲ୍ଲିକ ଅବକାରୀ ବିଭାଗ ମହାନଦୀ ସେତୁ ନିକଟରେ ଚଢ଼ଉ କରି ୫୦ କେଜି ଗଞ୍ଜେଇ ଜବତ କରିଛି। ଗଞ୍ଜେଇ ଚାଲାଣରେ ବ୍ୟବହୃତ ଏକ କାର୍ ମଧ୍ୟ ଜବତ କରାଯାଇଛି।



ଜବତ ଗଞ୍ଜେଇ ଓ କାରର ଆନୁମାନିକ ମୂଲ୍ୟ ପ୍ରାୟ ୧୭ ଲକ୍ଷ ଟଙ୍କା ହେବ ବୋଲି ଜଣାପଡ଼ିଛି। ତେବେ ଅବକାରୀ ଅଧିକାରୀଙ୍କୁ ଦେଖି ଅଭିଯୁକ୍ତମାନେ ଫେରାର ହୋଇଯାଇଛନ୍ତି। ଅବକାରୀ ବିଭାଗ ଏ ନେଇ ଅକ ମାମଲା ରୁଜୁ କରିଛି। ଚଢ଼ଉରେ ଅବକାରୀ ନିରୀକ୍ଷକ ହରିହର ସିଂହ, ଉପନିରୀକ୍ଷକ ସୂରଜ ଟିଗାଙ୍କ ସମେତ ଅନ୍ୟ କର୍ମଚାରୀ ସାମିଲ ଥିଲେ। ଫେରାର୍ ଅଭିଯୁକ୍ତଙ୍କୁ ଧରିବା ପାଇଁ ବିଭାଗ ପକ୍ଷରୁ ଉଦ୍ୟମ ଜାରି ରହିଛି।

ଜାତୀୟ ପ୍ରେସ ଦିବସ ପାଳନ ପ୍ରସ୍ତୁତି ବୈଠକ



ତାଳଚେର ସହର,୩୧।୧୦(ସମିସ): ଜାତୀୟ ପ୍ରେସ ଦିବସ ପାଳନ ପାଇଁ ତାଳଚେର ୱାର୍କିଂ ଜର୍ଣ୍ଣାଲିଷ୍ଟ ଆସୋସିଏସନ୍ ପକ୍ଷରୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର ସଭାଗୃହରେ ବେଳେ ସଂଘ ସଭାପତି ମଦନ ମୋହନ ସାହୁଙ୍କ ସଭାପତିତ୍ୱରେ ବୈଠକ ହୋଇଥିଲା। ଚଳିତବର୍ଷ ରକ୍ତଦାନ ଶିବିର, ସ୍ୱାସ୍ଥ୍ୟ ଶିବିର, ରଙ୍ଗୋଲି ପ୍ରତିଯୋଗିତା, ଚାରାରୋପଣ ଆଦି କାର୍ଯ୍ୟକ୍ରମ କରାଯିବା ନେଇ ଆଲୋଚନା ହୋଇଥିଲା। ଶିକ୍ଷା, ସ୍ୱାସ୍ଥ୍ୟ, ସାମାଜିକ କ୍ଷେତ୍ରରେ କାର୍ଯ୍ୟ କରୁଥିବା ୧୦ ଜଣ ବିଶେଷ ବ୍ୟକ୍ତିତ୍ୱଙ୍କୁ ନଭେମ୍ବର ୧୬ ତାରିଖ ମଞ୍ଚରେ ସମ୍ମାନିତ କରାଯିବ। ଏଥିସହ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବାକୁ ସ୍ଥିର ହୋଇଛି। କାର୍ଯ୍ୟକ୍ରମରେ ସାଧାରଣ ସମ୍ପାଦକ ସୌଭାଗ୍ୟ ଚନ୍ଦ୍ର ନାୟକ, ଉପସଭାପତି ଅଜୟ ନାୟକ, ଉପଦେଷ୍ଟା ଧୀରମୋହନ ରାୟ, ସହସମ୍ପାଦକ ଦୁର୍ଗାପ୍ରସାଦ ସ୍ୱାଇଁ, କୋଷାଧ୍ୟକ୍ଷ ସୌମିତ୍ର ସେନାପତି, ସଦସ୍ୟ ମଣ୍ଟୁ ମହାନ୍ତି, ରୁଦ୍ରମୋହନ ଗଡ଼ନାୟକ, ଶିଶିର କୁମାର ସାମଲ, ରାଉତରାୟ ନାଏକ, ଦିଲୀପ ନାଏକ, ସୟଦ ଜୁଲଫିକର ହୁସେନ, ବାପୁଜୀ ସାମଲ, ନରୋତ୍ତମ ସାହୁ, ବାସୁଦେବ ପ୍ରଧାନ, ଦେବାଶିଷ ପରିଡ଼ା, ନିରଞ୍ଜନ ସାମଲ, ରବୀନ୍ଦ୍ର ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

ବିଶ୍ୱ ମିତବ୍ୟୟିତା ଦିବସ ପାଳିତ / ନିୟମିତ ସଞ୍ଚୟ, ସାଇବର ସୁରକ୍ଷା ଉପରେ ସଚେତନତା

ଅନୁଗୋଳ,୩୧।୧୦(ସମିସ): ଆର୍ଥିକ ଶୃଙ୍ଖଳା, ନିୟମିତ ସଞ୍ଚୟ ଏବଂ ଭବିଷ୍ୟତର ଆର୍ଥିକ ସୁରକ୍ଷା ସମ୍ପର୍କରେ ଲୋକଙ୍କୁ



ସଚେତନ କରିବା ଉଦ୍ଦେଶ୍ୟରେ ଶୁକ୍ରବାର ଅନୁଗୋଳ ପଞ୍ଚାୟତ ସମିତି ସଭାଗୃହରେ ବିଶ୍ୱ ମିତବ୍ୟୟିତା ଦିବସ ପାଳିତ ହୋଇଛି। ଏଥିରେ ଅନୁଗୋଳ ବିଡିଓ ଡ. ବିଶ୍ୱ ଭୂଷଣ ଯୋଗଦେଇ ପ୍ରତ୍ୟେକ ବ୍ୟକ୍ତି ନିଜ ଉପାର୍ଜିତ ଧନର କିଛି ଅଂଶ ନିୟମିତ ଭାବେ ସଞ୍ଚୟ କରିବା ନିମନ୍ତେ ପରାମର୍ଶ ଦେଇଥିଲେ। ଜଟିଳ ପରିସ୍ଥିତି ସମୟରେ ଏହି ସଞ୍ଚିତ ଜମାରାଶି ଉପଯୋଗୀ ହୋଇଥାଏ ବୋଲି ସେ କହିଥିଲେ। ସରକାରୀ ସ୍ୱଳ୍ପ ସଞ୍ଚୟ ଯୋଜନା ଯଥା- ସୁକନ୍ୟା ସମୃଦ୍ଧି ଯୋଜନା, ପବ୍ଲିକ ପ୍ରୋଭିଡେଣ୍ଟ ଫଣ୍ଡ, ଜାତୀୟ ସଞ୍ଚୟ ପ୍ରମାଣପତ୍ର, ବରିଷ୍ଠ ନାଗରିକ ସଞ୍ଚୟ ଯୋଜନା, ମାସିକ ଆୟ ଯୋଜନା, ରିକରିଂ ଡିପୋଜିଟ୍ ଦ୍ୱାରା ନିଜ ପରିବାରର ଆର୍ଥିକ ସ୍ଥିତି ସୁଦୃଢ଼ କରିବାକୁ ବୈଠକରେ ଆଲୋଚନା ହୋଇଥିଲା। ଆଜିର ଡିଜିଟାଲ ଯୁଗରେ ସାଇବର ଠକେଇ, ନକଲି ଆପ୍, ଅଜଣା ଲିଙ୍କ୍, ଅନଲାଇନ୍ ଗେମିଂ, ଲଟେରୀ, କ୍ରେଡିଟ୍ କାର୍ଡ ଠକେଇ ଓ ନକଲି ନିବେଶ ପ୍ରଲୋଭନ ଭଳି ସାଇବର ଠକେଇ ଉପରେ ମଧ୍ୟ ବିସ୍ତୃତ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ଜଗନ୍ନାଥ ସେନାପତି, ତାଳଚେର ସ୍ୱଳ୍ପ ସଞ୍ଚୟ ଅଧିକାରୀ ରାମଚନ୍ଦ୍ର ବିଶ୍ୱାଳ, ସାଇବର ପୁଲିସ ଅଧିକାରୀ ବିବେକାନନ୍ଦ ମହାନ୍ତ, ଆଇଟି ଏକ୍ସପର୍ଟ୍ ସନ୍ଧ୍ୟାରାଣୀ ସାମଲ, ଡାକଘର ବ୍ୟବସାୟ ଅଧିକାରୀ ସୁଜିତ୍ କୁମାର ଦେହୁରୀଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀ, ବରିଷ୍ଠ ନାଗରିକ ଓ ବହୁ ସଂଖ୍ୟାରେ ଜନସାଧାରଣ ଉପସ୍ଥିତ ଥିଲେ।

ଟ୍ରେନ୍ ଧକ୍କାରେ ଠିକାକର୍ମଚାରୀଙ୍କ ମୃତ୍ୟୁ

ତାଳଚେର,୩୧।୧୦(ସମିସ): ଟ୍ରେନ୍ ଧକ୍କାରେ ତାଳଚେର କୋଲିୟରୀ ଥାନା ଅନ୍ତର୍ଗତ ଅନନ୍ତ କୋଇଲା ଖଣିରେ ଏକ ଘରୋଇ କମ୍ପାନୀରେ କାର୍ଯ୍ୟ କରୁଥିବା ଠିକା କର୍ମଚାରୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ଗେଙ୍ଗୁଟିଆ ଗ୍ରାମର ପଦ୍ମଲୋଚନ ସାହୁ। ପଦ୍ମଲୋଚନ ଶୌଚ ହେବାକୁ ରେଲୱେ ସାଇଡିଂ ଆଡ଼କୁ ଯାଉଥିବା ବେଳେ ଏକ ଟ୍ରେନ ତାଙ୍କୁ ଧକ୍କା ଦେଇଥିଲା। ପୁଲିସ୍ ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି।

● ୧୪୯ନଂ ଜାତୀୟ ରାଜପଥରେ ଦୁର୍ଘଟଣା
ଅଜଣା ଗାଡ଼ି ଧକ୍କାରେ ଜଣେ ମୃତ, ୨ ଗୁରୁତର

ପାଲଲହଡ଼ା,୩୧।୧୦(ସମିସ): ୧୪୯ନଂ ଜାତୀୟ ରାଜପଥର ପାଲଲହଡ଼ା ଥାନା ବାଲିପଶି ଗ୍ରାମ ନିକଟରେ ଶନିବାର ସନ୍ଧ୍ୟାରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟି ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଦୁଇଜଣ ଗୁରୁତର ଆହତ ହୋଇଛନ୍ତି। ଅଜଣା ଗାଡ଼ି ଧକ୍କାରେ ବାରକୋଟ ବ୍ଲକ୍ ମଦଳିଆ ଗ୍ରାମର ସୁରେଶ ମୁଣ୍ଡାଙ୍କ ମୃତ୍ୟୁ ହୋଇଥିବା ବେଳେ ତାଙ୍କ ସହ ବାଇକ୍‌ରେ ଯାତ୍ରା କରୁଥିବା କୁରଦା ନାୟକ ଓ ବୁଟା ନାୟକ ଗୁରୁତର ହୋଇଛନ୍ତି। ଏମାନେ ଏକ ବାଇକ୍‌ରେ ଯାଉଥିବା ବେଳେ କୌଣସି ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିବା ସନ୍ଦେହ କରାଯାଉଛି। ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ତିନିଜଣଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ପାଲଲହଡ଼ା ଉପଖଣ୍ଡ ଚିକିତ୍ସାଳୟ ପଠାଇଥିଲେ। ସେଠାରେ ଡାକ୍ତର ସୁରେଶଙ୍କୁ ମୃତ ଘୋଷଣା କରିଥିବା ବେଳେ କୁରଦା ଓ ବୁଟାଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରିଛନ୍ତି। ପୁଲିସ ଏ ନେଇ ତଦନ୍ତ ଆରମ୍ଭ କରିଛି।

ଶିଶୁ ଶ୍ରମିକ ନିରାକରଣ ସଚେତନତା ରଥ ଶୁଭାରମ୍ଭ



ଅନୁଗୋଳ,୩୧।୧୦(ସମିସ): ଜିଲ୍ଲା ଶ୍ରମ ବିଭାଗ ତରଫରୁ ଶିଶୁ ଶ୍ରମିକ ନିରାକରଣ ରଥର ଶୁଭାରମ୍ଭ ହୋଇଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଅତିରିକ୍ତ ଜିଲ୍ଲାପାଳ ଉଦୟ ମହାପାତ୍ର ଏବଂ ମାୟାଧର ବେହେରା ପତାକା ଦେଖାଇ ଏହି ରଥର ଶୁଭାରମ୍ଭ କରିଥିଲେ। ଶିଶୁ ଶ୍ରମିକମୁକ୍ତ ପଞ୍ଚାୟତ ଗଠନ ନିମନ୍ତେ ରାଜ୍ୟବ୍ୟାପୀ ଚାଲିଥିବା ୪୪ ଦିନିଆ ଅଭିଯାନର ଅଂଶ ଭାବେ ଏହି ସଚେତନତା ରଥ ଆରମ୍ଭ କରାଯାଇଛି। ଏହି ରଥ ଅନୁଗୋଳ ଶ୍ରମ ବିଭାଗ ଅନ୍ତର୍ଗତ ପ୍ରତ୍ୟେକ ପଞ୍ଚାୟତ ପରିକ୍ରମା କରିବ। ଏହା ଶିଶୁ ଶ୍ରମିକ ପ୍ରଥାର ନିବାରଣ ଓ ଉଚ୍ଛେଦ ସମ୍ପର୍କରେ ଲୋକଙ୍କୁ ସଚେତନ କରାଇବା ସହ ଶିଶୁ ଓ କିଶୋର ଶ୍ରମ (ନିଷେଧ ଓ ନିୟନ୍ତ୍ରଣ) ଆଇନ-୧୯୮୬ର ବିଭିନ୍ନ ବ୍ୟବସ୍ଥା ସମ୍ପର୍କରେ ଅବଗତ କରାଇବ। କାର୍ଯ୍ୟକ୍ରମରେ ଯୁଗ୍ମ ଶ୍ରମ ଆୟୁକ୍ତ କୁବେର ବେହେରା, ପ୍ରଭାଗୀୟ ଶ୍ରମ ଆୟୁକ୍ତ ଇତିଶ୍ରୀ ଗାଗରାଇ, ଜିଲ୍ଲା ଶ୍ରମ ଅଧିକାରୀ ପ୍ରିୟମ୍ବଦା ସ୍ୱାଇଁ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଗୌରୀଶଙ୍କର ବେହେରା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନମ ସ୍ମିତା ସାହୁଙ୍କ ସମେତ ବିଭାଗୀୟ ଅଧିକାରୀ, ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ପ୍ରତିନିଧି ଉପସ୍ଥିତ ଥିଲେ।

● ପିଏମ୍ କିଷାନ କିସ୍ତି ବିତରଣ ସମାରୋହ
୧,୨୮,୩୩୪ ଚାଷୀଙ୍କୁ ମିଳିଲା ସହାୟତା



ଅନୁଗୋଳ,୩୧।୧୦(ସମିସ): ଜିଲ୍ଲା କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଏବଂ କୃଷି ବିଜ୍ଞାନ କେନ୍ଦ୍ର ମିଳିତ ଆନୁକୂଲ୍ୟରେ ''ପ୍ରଧାନମନ୍ତ୍ରୀ କିଷାନ ସମ୍ମାନନିଧି' ଯୋଜନାର ୨୪ତମ କିସ୍ତି ପ୍ରଦାନ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଛି। ଗୁଜରାଟର ବନସକଣ୍ଠାଠାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସହାୟତା ରାଶି ପ୍ରଦାନ କରିଥିବା ବେଳେ ଅନୁଗୋଳ କୃଷି ବିଜ୍ଞାନ କେନ୍ଦ୍ର ସଭାଗୃହରେ କାର୍ଯ୍ୟକ୍ରମର ସିଧାପ୍ରସାରଣ କରାଯାଇଥିଲା। ସମାବେଶରେ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ଜିଲ୍ଲା ପରିଷଦ ଅଧ୍ୟକ୍ଷା ବବିତା ପ୍ରଧାନ, ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ସୁଦୀପ ଗଡ଼ନାୟକ, ଛେଣ୍ଡିପଦା ବିଧାୟକଙ୍କ ପ୍ରତିନିଧି ଚୌଧୁରୀ ପ୍ରଧାନ, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଦିବ୍ୟସ୍ୱରୂପ ପଣ୍ଡା, କୃଷି ବିଜ୍ଞାନ କେନ୍ଦ୍ରର ପ୍ରମୁଖ ବୈଜ୍ଞାନିକ ଡ. ଦେବାଶିଷ ମିଶ୍ରଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀ, ଚାଷୀ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲାର ସମୁଦାୟ ୧ ଲକ୍ଷ ୨୮ ହଜାର ୩୩୪ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ୨୫ କୋଟି ୬୬ ଲକ୍ଷ ୬୮ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଛି। ଯେଉଁ ଚାଷୀମାନଙ୍କ ଇ-କେୱାଇସି କିମ୍ବା ବ୍ୟାଙ୍କ-ଆଧାର ସଂଯୋଗୀକରଣ ବାକି ରହିଛି, ସେମାନେ କୃଷି ବିଭାଗ ସହାୟତାରେ ଏହାକୁ ତୁରନ୍ତ ସମ୍ପୂର୍ଣ୍ଣ କରିବାକୁ ଅଧିକାରୀମାନେ ପରାମର୍ଶ ଦେଇଛନ୍ତି।

ଯୌତୁକ ପ୍ରଥା ନିରାକରଣ ପାଇଁ ପ୍ରଶିକ୍ଷଣ ଶିବିର

ଆଇନର କଡ଼ା କାର୍ଯ୍ୟକାରିତା ସହ ବିଭାଗୀୟ ସମନ୍ୱୟ ଉପରେ ଗୁରୁତ୍ୱ

ଅନୁଗୋଳ,୩୧।୧୦(ସମିସ):



ସମାଜରୁ ଯୌତୁକ ଭଳି କୁପ୍ରଥାର ମୂଳୋତ୍ପାଟନ ଏବଂ ମହିଳାଙ୍କ ସୁରକ୍ଷା ଓ ଅଧିକାର ସୁନିଶ୍ଚିତ କରିବା ଲକ୍ଷ୍ୟରେ ଶୁକ୍ରବାର ଜିଲ୍ଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ 'ଯୌତୁକ ନିଷେଧ ଅଧିନିୟମ-୧୯୬୧' ସମ୍ପର୍କିତ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି। ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୌତୁକ ନିଷେଧ ଆଇନର ଦୃଢ଼ କାର୍ଯ୍ୟକାରିତା ଏବଂ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଶିବିରରେ ଡିଏସ୍‌ପି ଲଳିତା ଲାକ୍ରା ରିସୋର୍ସ ପର୍ସନ ଭାବେ ଯୋଗଦେଇ ଯୌତୁକର ଆଇନଗତ ଦିଗ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦର ଅତିରିକ୍ତ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ଗୌରବମୟ ପ୍ରଧାନ, ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ପୂର୍ଣ୍ଣିମା ଉଦଗାତା, ଜିଲ୍ଲା ପଞ୍ଚାୟତ ଅଧିକାରୀ ଚିନ୍ମୟୀ ସାମନ୍ତରାୟ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ପୁଷ୍ପାଞ୍ଜଳି ଶତପଥୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନମ୍ ସ୍ମିତା ସାହୁଙ୍କ ସମେତ ଜିଲ୍ଲା ଓ ଉପଖଣ୍ଡସ୍ତରୀୟ ଅଧିକାରୀ, ଜନପ୍ରତିନିଧି, ୱାନ୍ ଷ୍ଟପ୍ ସେଣ୍ଟର, ଶକ୍ତି ସଦନ ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ମହିଳା ଶିକ୍ଷିତ, ସଶକ୍ତ ଏବଂ ଆର୍ଥିକ ଦୃଷ୍ଟିରୁ ସ୍ୱାଧୀନ ହେଲେ ଯୌତୁକ ପ୍ରଥାର ନିରାକରଣ ସମ୍ଭବ ବୋଲି ମତ ପ୍ରକାଶ ପାଇଥିଲା।

ଲୌହମାନବଙ୍କ ଜୟନ୍ତୀରେ ଦୌଡ଼ିଲା ଯାଜପୁର





ଯାଜପୁର,୩୧।୧୦(ସମିସ):

ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ତଥା ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ଆଜି ଯାଜପୁର ଜିଲ୍ଲାର ବିଭିନ୍ନ ସ୍ଥାନରେ "ଏକତା ପଦଯାତ୍ରା-୨୦୨୬" ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମଠାରେ ଆୟୋଜିତ ଏହି ପଦଯାତ୍ରାକୁ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ଉପଖଣ୍ଡ ଆରକ୍ଷୀ ଅଧିକାରୀ ପ୍ରଶାନ୍ତ କୁମାର ମାଝୀ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଫକୀର ମୋହନ ଟୁଡୁ ଓ ଯାଜପୁର ଟାଉନ ଥାନାର ଆଇଆଇସି ଶିବ ଚରଣ ବେହେରାଙ୍କ ସମେତ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ, ଯୁବକଯୁବତୀ ଓ ବିଭିନ୍ନ ଅନୁଷ୍ଠାନର ସଦସ୍ୟମାନେ ଯୋଗଦେଇଥିଲେ। ବିଜୁ ପଟ୍ଟନାୟକ ଇନଡୋର ଷ୍ଟାଡିୟମଠାରୁ ଆରମ୍ଭ ହୋଇଥିବା ଏହି ପଦଯାତ୍ରା ଯାଜପୁର ଟାଉନ ଥାନା ପର୍ଯ୍ୟନ୍ତ ଯାଇଥିଲା। ବିଭିନ୍ନ ବିଦ୍ୟାଳୟର ବହୁ ସଂଖ୍ୟକ ଛାତ୍ରଛାତ୍ରୀ, ସ୍କାଉଟ୍ ଓ ଗାଇଡ୍‌ସ୍ ଏହି ପଦଯାତ୍ରାରେ ଉତ୍ସାହର ସହ ଅଂଶଗ୍ରହଣ କରି ରାଷ୍ଟ୍ରୀୟ ଏକତା, ଅଖଣ୍ଡତା ଓ ଭାଇଚାରାର ବାର୍ତ୍ତା ପ୍ରଚାର କରିଥିଲେ। ଏଥିସହ ନିଶାମୁକ୍ତ ଭାରତ ଅଭିଯାନର ବାର୍ତ୍ତା ପ୍ରସାର କରିବା ସହ ସମାଜକୁ ନିଶାମୁକ୍ତ କରିବା ଦିଗରେ ମଧ ସଚେତନତା ସୃଷ୍ଟି କରାଯାଇଥିଲା। ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଅବଦାନକୁ ସ୍ମରଣ କରିବା ସହ ଦେଶର ଏକତା, ସଂହତି ଓ ସାମାଜିକ ସଦ୍‌ଭାବନାକୁ ସୁଦୃଢ଼ କରିବା ଏହି ପଦଯାତ୍ରାର ମୁଖ୍ୟ ଉଦ୍ଦେଶ୍ୟ ଥିଲା।

ମଙ୍ଗଳପୁର: ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୟନ୍ତୀ ଅବସରରେ ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ମଙ୍ଗଳପୁର ପୁଲିସ ପକ୍ଷରୁ ଏକ ଗଣଦୌଡ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ ମଙ୍ଗଳପୁର ଥାନା ଅଧିକାରୀ ଭୁବନ ମୋହନ ସେଠୀଙ୍କ ତତ୍ତ୍ୱାବଧାନରେ ଏହି ଗଣଦୌଡ ଆରମ୍ଭ ହୋଇ କନିକାପଡା-ମଙ୍ଗଳପୁର ବସଷ୍ଟାଣ୍ଡ ପର୍ଯ୍ୟନ୍ତ ଯାଇଥିଲା। ଏଥିରେ ଏହି ଗଣଦୌଡରେ ମଙ୍ଗଳପୁର ଥାନାର ସମସ୍ତ ପୁଲିସ କର୍ମଚାରୀ, ଏକ୍ସ ମିଲଟାରୀ କର୍ମଚାରୀ, ବୁଦ୍ଧିଜୀବୀ, ଶିକ୍ଷାବିତ, ସାମ୍ବାଦିକ ମାନଙ୍କ ସମେତ ଛାତ୍ର ଯୁବକ ବହୁ ସଂଖ୍ୟରେ ସାମିଲ ହୋଇଥିଲେ। ଏସଆଇ ଅନିତା ପ୍ରଧାନ, ଏଏସଆଇ ସଂଯୁକ୍ତା ପଣ୍ଡା, ଏଏସଆଇ ଜଟାଧାରୀ ଦାସ, କର୍ମଚାରୀ ପ୍ଲାବନ ମହାପାତ୍ର, ଦୀପ୍ତି ରଞ୍ଜନ ସାହୁ, ବସନ୍ତ ମଲ୍ଲିକ, ଚିତ୍ତରଞ୍ଜନ ଜେନା, ଅକ୍ଷୟ ରାଉତ, ଦଶରଥପୁର ବ୍ଲକ ଉତ୍କଳ ସାମ୍ବାଦିକ ସଂଘର ସଭାପତି ଜୟପ୍ରକାଶ ନାୟକ, ବରିଷ୍ଠ ସାମ୍ବାଦିକ ମହେଶ୍ୱର ଯେନା, ରାକେଶ କୁମାର ସାହୁ, ମନୋରଞ୍ଜନ ମଲ୍ଲିକ, ସୀତାଂଶୁ ଶେଖର ଯେନା, ସୁଶାନ୍ତ ବେହୁରିଆ, ବିଶ୍ୱଜିତ ଦାସ, ଜ୍ୟୋତି ପ୍ରକାଶ ମିଶ୍ର ପ୍ରମୁଖ ଗଣ ଦୌଡରେ ସାମିଲ ହୋଇଥିବା ଦେଖିବା ପାଇଁ ମିଳିଥିଲା।

ବିଞ୍ଝାରପୁର: ବିଞ୍ଝାରପୁର ପୁଲିସ ପକ୍ଷରୁ 'ରନ୍ ଫର୍ ୟୁନିଟି' ମିନି ମାରାଥନ୍ ଆୟୋଜିତ ହୋଇଯାଇଛି। ଥାନା ଅଧିକାରିଣୀ ପାର୍ବତୀ ମଲ୍ଲିକଙ୍କ ନେତୃତ୍ୱରେ ଆୟୋଜିତ ଏହି ଗଣଦୌଡ଼ରେ ବହୁ ଯୁବକ, ସ୍ଥାନୀୟ ଲୋକ ଓ ପୁଲିସ କର୍ମଚାରୀ ସାମିଲ ହୋଇଥିଲେ। ଏଥିରେ ଏସ୍‌ଆଇ ରବୀନ୍ଦ୍ର ପ୍ରଧାନ, ସସ୍ମିତା ମଙ୍ଗରାଜ, ସୁଶୀଲ ପୂର୍ତ୍ତି ଓ ଦୀପକ ରାଉତଙ୍କ ସମେତ ଅନ୍ୟ ପୁଲିସ କର୍ମଚାରୀ ଯୋଗଦେଇଥିଲେ। ମାରାଥନ୍‌ରେ ପ୍ରଥମ ତିନିଟି ସ୍ଥାନ ଅଧିକାର କରିଥିବା ସନ୍ତୋଷ କୁମାର ବେହେରା, ରାକେଶ କୁମାର ବାରିକ ଓ ଜ୍ୟୋତିରଞ୍ଜନ ବେହେରାଙ୍କୁ ଥାନା ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

ବରୀ: ବରୀ ବ୍ଲକ୍ ଅନ୍ତର୍ଗତ ଅଭିମନ୍ୟୁ ବାଲିଆସ୍ଥିତ ଅଭିମନ୍ୟୁ ସାମନ୍ତସିଂହାର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଆଜି ଜାତୀୟ ଏକତା ଦିବସ ଉପଲକ୍ଷେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ଶୁଭ୍ରାଂଶୁ ଶେଖର ଷଡ଼ଙ୍ଗୀଙ୍କ ଦ୍ୱାରା କାର୍ଯ୍ୟକ୍ରମଟି ଉଦ୍‌ଘାଟନ ହୋଇଥିଲା। ଅଧ୍ୟାପକ ଗୁଣନିଧି ଜେନା, ପ୍ରେମାନନ୍ଦ ରାଉତ୍, ନିମାଇଁ ଚରଣ ଲେଙ୍କା, ବିକାଶ ଚନ୍ଦ୍ର ସାହୁ, ପ୍ରଦୀପ କୁମାର ମୁଦୁଲୀ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ନିଜର ସୁଚିନ୍ତିତ ବକ୍ତବ୍ୟ ରଖିଥିଲେ। ଅନୁଷ୍ଠାନର କର୍ମଚାରୀ ସୁରେଶ ଚନ୍ଦ୍ର ରଥ, ସୁକାନ୍ତ ଜେନା, ପଦ୍ମନ କୁମାର ଜେନା ଓ ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀଗଣ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ତତ୍ତ୍ୱମସି ନାୟକଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମଟି ସଞ୍ଚାଳିତ ହୋଇଥିଲା

ଯଖପୁରା: ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ଯଖପୁରା ଥାନା ପକ୍ଷରୁ ମାଣତିରା ମହାବିଦ୍ୟାଳୟରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରବନ୍ଧ ଓ ବିତର୍କ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଅନୁଷ୍ଠିତ ଗଣଦୌଡ଼ରେ ସ୍ଥାନୀୟ ଯୁବକମାନେ ଅଂଶଗ୍ରହଣ କରି ଯଖପୁରା ଥାନାରୁ ରାବଣା ଛକ ପର୍ଯ୍ୟନ୍ତ ଦୌଡିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ଯାଖପୁରା ଥାନାଧିକାରିଣୀ ପ୍ରମୋଦିନୀ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଥାନାର ଅନ୍ୟ କର୍ମଚାରୀବୃନ୍ଦ, ମହାବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକା ଏବଂ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

ବାଲିଚନ୍ଦ୍ରପୁର: ବାଲିଚନ୍ଦ୍ରପୁର ପୁଲିସ ପ୍ରଶାସନ ପକ୍ଷରୁ ଏକତା ଦିବସ ପାଳନ ଅବସରରେ ଗଣଦୌଡ଼ ଅନୁଷ୍ଠିତ ହୋଇଯାଇଛି। ଥାନାଧିକାରୀ ଦୀଲ୍ଲିପ କୁମାର ମହାନ୍ତିଙ୍କ ନେତୃତ୍ୱରେ ସ୍ଥାନୀୟ ସାହାସପୁର ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ଅଧ୍ୟାପକ/ଅଧ୍ୟାପିକା, ପୁଲିସ କର୍ମଚାରୀ ଗଣଦୌଡ଼ରେ କଲେଜ ପରିସରରୁ ବାହାରି ବଜାର ପରିକ୍ରମା କରିଥିଲେ। ଏହି କାର୍ଯ୍ୟକ୍ରମରେ ସାହାସପୁର ମହାବିଦ୍ୟାଳୟ ଅଧ୍ୟକ୍ଷ ସତ୍ୟବ୍ରତ ପୃଷ୍ଟି, ଅଧ୍ୟାପକ ସଂଗ୍ରାମ କିଶୋର ପରିଡ଼ା, ଏସ.ଆଇ ପ୍ରଦୀପ କୁମାର ସେଠୀ, ଭଗମତ ହାଁସଦା, ହାବିଲଦାର ରାଜ କିଶୋର ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

ବ୍ୟାସନଗର: ଯାଜପୁର ରୋଡ଼ ଆଦର୍ଶ ଥାନା ଓ ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟର ଏନ୍‌ସିସି ବିଭାଗର ମିଳିତ ଆନୁକୂଲ୍ୟରେ ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ଏକତା ପାଇଁ ଦୌଡ଼ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ କଳିଙ୍ଗ ନଗରର ଅତିରିକ୍ତ ଜିଲ୍ଲାପାଳ ସପନ କୁମାର ନନ୍ଦ ପତାକା ହଲାଇ ଉଦ୍‌ଘାଟନ କରିଥିଲେ। ଚୋରଦା କାଳୀମେଳଣ ପଡ଼ିଆରୁ ଏକତାର ପ୍ରତୀକ ଏକତା ଦୌଡ ଆରମ୍ଭ ହୋଇ ଆଦର୍ଶ ଥାନା ପରିସରରେ ସମାପ୍ତ ହୋଇଥିଲା। ଏସଡିପିଓ ଶରତ ଚନ୍ଦ୍ର ପାତ୍ର ଏଥିରେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଥାନା ଅଧିକାରୀ ଆଶିଷ କୁମାର ସାହୁ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ କ୍ୟାପଟେନ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଲେଫ୍ଟନାଣ୍ଟ ଶଶିକାନ୍ତ ଲେଙ୍କା, ସିଟିଓ ଦିପାଳୀ ପ୍ରିୟଦର୍ଶିନୀ, ଅଧ୍ୟାପକ ଗୋଲକ ବିହାରୀ ମହାକୁଡ଼, ଦାନଗଦି ଫାଣ୍ଡି ଅଧିକାରୀ ଅମୂଲ୍ୟ ମିଶ୍ର, ସବ୍‌ଇନ୍ସପେକ୍ଟର ମାନସ ସାହୁ, ତପନ ବେହେରା, କେଶବ ସାହୁ, ଏଏସଆଇ ଜଗନ୍ନାଥ ଜେନା, ଜଗନ୍ନାଥ ଆଚାର୍ଯ୍ୟ, ଗୃହଲକ୍ଷ୍ମୀ ପଟ୍ଟନାୟକଙ୍କ ସମେତ ଥାନାର ସମସ୍ତ କର୍ମଚାରୀ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

ବ୍ରହ୍ମବରଦା: ବ୍ରହ୍ମବରଦା ଥାନା ପକ୍ଷରୁ ଏକତା ଦିବସ ପାଳିତ ହୋଇଯାଇଛି। ବ୍ରହ୍ମବରଦା ଚଣ୍ଡୀ ମନ୍ଦିର ଠାରୁ ତାରିଣୀ ଛକ ଦେଇ ଥାନା ପର୍ଯ୍ୟନ୍ତ ଅନୁଷ୍ଠିତ ଗଣଦୌଡ଼ରେ ବ୍ରହ୍ମବରଦା ଥାନା ଅଧିକାରୀ ସଞ୍ଜୟ କୁମାର ପରିଡାଙ୍କ ସହ ସହକାରୀ ଅଧିକାରୀ ଲକ୍ଷ୍ମୀଧର ରାଜ, ବଳରାମ ସାହୁ ଓ ଅନ୍ୟ ପୁଲିସ କର୍ମଚାରୀ, ବ୍ରହ୍ମବରଦା ସରପଞ୍ଚଙ୍କ ପ୍ରତିନିଧି ରାକେଶ ଦେଓ, ବିଜେପି ସ୍ୱଚ୍ଛ ଭାରତ ସଂଯୋଜକ ପ୍ରଫୁଲ୍ଲ ଗିରି, ସଞ୍ଜୟ ବେହେରା, ଅନୀଲ ରାଉତ, କାବୁଲି ବିଶ୍ୱାଳ, ଅମୂଲ୍ୟ ରାଉତ, ଅଧ୍ୟାପକ ବାବୁଲା ରଣା, ସୌଭାଗ୍ୟ ସାହୁଙ୍କ ସମେତ ଅଞ୍ଚଳର ବହୁ ବୁଦ୍ଧିଜୀବୀ, ସାମାଜିକ କର୍ମୀ ଓ ମହାବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀ ଯୋଗଦାନ କରିଥିଲେ।

ସୁକିନ୍ଦା: ସୁକିନ୍ଦାରେ ଏକ ଗଣଦୌଡ଼ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି ଅବସରରେ ସୁକିନ୍ଦାସ୍ଥିତ ଥାର୍ଡ ଆଇଆର୍ ବାଟାଲିୟନର କମାଣ୍ଡାଣ୍ଟ ୟାକୁବ ଖାନଙ୍କ ନିର୍ଦ୍ଦେଶକ୍ରମେ ବାଟାଲିୟନର ସମସ୍ତ ଯବାନ ସୁକିନ୍ଦା ବଡ଼ଦାଣ୍ଡଠାରୁ ଆଦର୍ଶ ବିଦ୍ୟାଳୟ ପର୍ଯ୍ୟନ୍ତ ଗଣଦୌଡ଼ରେ ସାମିଲ ହୋଇ ଜାତୀୟ ଏକତା ଓ ଅଖଣ୍ଡତାର ବାର୍ତ୍ତା ପ୍ରଦାନ କରିଥିଲେ। ସେହିପରି ସୁକିନ୍ଦା ଥାନା ଅଧିକାରୀ ରମାକାନ୍ତ ମୁଦୁଲିଙ୍କ ନେତୃତ୍ୱରେ ଥାନାର ସମସ୍ତ କର୍ମଚାରୀ, ଅଞ୍ଚଳର ବରିଷ୍ଠ ନାଗରିକ, ବିଶିଷ୍ଟ ବ୍ୟକ୍ତିବିଶେଷ ଓ ଯୁବ ସଂଗଠକମାନେ ଏକତ୍ରିତ ହୋଇ ସୁକିନ୍ଦା ଥାନାଠାରୁ ଆଦର୍ଶ ବିଦ୍ୟାଳୟ ପର୍ଯ୍ୟନ୍ତ ଏକ ଗଣଦୌଡ଼ରେ ସାମିଲ ହୋଇଥିଲେ।

ଧର୍ମଶାଳା: ଏକତା ଦିବସ ଅପସରରେ ଧର୍ମଶାଳା ପୁଲିସ ଓ ଧର୍ମଶାଳା ଡିଫେନ୍ସ ଏକାଡେମୀ ତରଫରୁ ଜାରକା ବିଟ ହାଉସ ନିକଟରୁ ଧର୍ମଶାଳା ଥାନା ପର୍ଯ୍ୟନ୍ତ ଏକ ଗଣଦୌଡର ଆୟୋଜନ କରାଯାଇଥିଲା। ଏହି ଗଣ ଦୌଡ଼ରେ ଧର୍ମଶାଳା ଥାନା ଅଧିକାରିଣୀ ଚିନ୍ମୟୀ ସାହୁଙ୍କ ସମେତ ଧର୍ମଶାଳା ଡିଫେନ୍ସ ଏକାଡେମୀର ସମସ୍ତ କର୍ମଚାରୀ ଓ ଥାନାର ସମସ୍ତ କର୍ମଚାରୀମାନେ ଯୋଗଦେଇଥିଲେ।

ଦଶରଥପୁର: ଦଶରଥପୁର ଥାନା ପକ୍ଷରୁ ଏକ ଗଣଦୌଡର ଆୟୋଜନ କରାଯାଇଥିଲା। ଦଶରଥପୁର ପିଏମ୍‌ଶ୍ରୀ ସରକାରୀ ହାଇସ୍କୁଲ ନିକଟରୁ ଆରମ୍ଭ ହୋଇଥିବା ଏହି ଗଣଦୌଡକୁ ଦଶରଥପୁର ଥାନାଧିକାରୀ ସୁବ୍ରତ କୁମାର ସାହୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ପ୍ରଧାନ ଶିକ୍ଷକ ରଜନୀକାନ୍ତ ମଲ୍ଲିକ, ଶିକ୍ଷକ ସୁବ୍ରତ ସାହୁ, ହରିହର ନାୟକ, ଶିକ୍ଷାବିତ ନାରାୟଣ ଚନ୍ଦ୍ର ସାହୁ, ପୂର୍ବତନ ସରପଞ୍ଚ ଲକ୍ଷ୍ମଣ ମଲ୍ଲିକ, ସମାଜସେବୀ ଧର୍ମାନନ୍ଦ ଧୀର, ସତ୍ୟ ରଞ୍ଜନ ଓଝା, ପଞ୍ଚାନନ ବେହେରା, ଭାବଗ୍ରାହୀ ପୁହାଣ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ଥାନା ପରିସରରୁ ଆରମ୍ଭ ହୋଇଥିବା ଗଣଦୌଡ଼ ଝୁମ୍ପୁରୀ ବଜାର ଅତିକ୍ରମ କରି କଁୟାଗୋଲା-କୁଆଖିଆ ୨୦ନଂ ଜାତୀୟ ରାଜପଥ ଅନ୍ତର୍ଗତ କଟିକଟା ପଞ୍ଚାୟତ ପଞ୍ଚରାସାହି ଛକରେ ପହଞ୍ଚିଥିଲା। ଦଶରଥପୁର ଥାନା ପକ୍ଷରୁ ଏଏସଆଇ ପ୍ରଭାତ କୁମାର ଲେଙ୍କା,ଅଶୋକ କୁମାର ବେହେରା, କର୍ମଚାରୀ ଜୟନ୍ତ କୁମାର ଦାସ, ବିକ୍ରମ ସେଠୀ, ରଶ୍ମିତା ତରାଇ ଗଣଦୌଡ଼ ପରିଚାଳନା କରିଥିବା ବେଳେ ଅଂଶଗ୍ରହଣ କରିଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ଓ ଥାନାର ଗୃହରକ୍ଷୀଙ୍କୁ ସାନ୍ତ୍ୱନାମୂଳକ ଭାବେ ପୁରସ୍କୃତ କରାଯାଇଥିଲା।

ଦୁର୍ନୀତି ନିବାରଣ ଓ ଏକତା ଶପଥପାଠ



ଯାଜପୁର,୩୧।୧୦(ସମିସ): ଜିଲ୍ଲା ପ୍ରଶାସନ ଓ ଭିଜିଲାନ୍ସ ବିଭାଗର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଡିଆରଡିଏ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଅନୁଷ୍ଠିତ ହୋଇଯାଇଛି। ଏହି ସଚେତନତା ସପ୍ତାହ ୨୬ରୁ ୧ ତାରିଖ ପର୍ଯ୍ୟନ୍ତ ପାଳିତ ହେଉଛି। ଏହି ଅବସରରେ ଗତକାଲି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଏକ ବିଶାଳ ସଚେତନତା ରାଲି ବାହାରି କୁସୁମା ଦେଇ ଆମ୍ବେଦକର ସଂସ୍କୃତି ଭବନ ପର୍ଯ୍ୟନ୍ତ ଯାଇଥିଲା। ଏହି ରାଲିରେ ମିଶନ ଶକ୍ତିର ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଏବଂ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଆଜିର ସଭାରେ ଜିଲ୍ଲାପାଳ ଅମ୍ବର କୁମାର କର, ସଦର ଏସ୍‌ଡିପିଓ ପ୍ରଶାନ୍ତ କୁମାର ମାଝୀ, ଭିଜିଲାନ୍ସ ଡିଏସ୍‌ପି ସୁଶୀଲ କୁମାର ଏକ୍କା, ଭିଜିଲାନ୍ସ ଡିଏସପି ସୁଲୋଚନା ନାଏକ ଏବଂ ଅତିରିକ୍ତ ସିଡିଓ ଲମ୍ବୋଦର ଖୁଣ୍ଟିଆ ପ୍ରମୁଖ ଅତିଥି ଭାବେ ଯୋଗଦାନ କରିଥିଲେ। ରାଷ୍ଟ୍ରୀୟ ଏକତା ଦିବସ ଏବଂ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୧ତମ ଜୟନ୍ତୀ ଅବସରରେ ଭାରତର ଏକତା, ଅଖଣ୍ଡତା ଓ ସୁରକ୍ଷାକୁ ବଜାୟ ରଖିବା ପାଇଁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଏହି ଅବସରରେ ଜିଲ୍ଲାପାଳଙ୍କ ନେତୃତ୍ୱରେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଦେଶର ଏକତା ବଜାୟ ରଖିବା ପାଇଁ "ଏକତା ଶପଥ" ପାଠ କରିଥିଲେ। ଏହାସହିତ ଦୁର୍ନୀତିମୁକ୍ତ ଓ ସ୍ୱଚ୍ଛ ଶାସନ ଗଠନ ପାଇଁ ଜିଲ୍ଲାପାଳଙ୍କ ଦ୍ୱାରା "ଦୁର୍ନୀତି ନିବାରଣ ଶପଥ" ମଧ ପାଠ କରାଯାଇଥିଲା। ଏହି ସଭାରେ ମଞ୍ଚାସୀନ ଅତିଥିବୃନ୍ଦଙ୍କ ଦ୍ୱାରା ସମସ୍ତ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ଓ ସମ୍ମାନପତ୍ର ପ୍ରଦାନ କରାଯାଇଥିଲା। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ପ୍ରାରମ୍ଭିକ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଉପଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଭିନାଶ ସାଗର ମଞ୍ଚ ପରିଚାଳନା କରିଥିଲେ।

ଜିଲ୍ଲା ଆଇନ ସେବା ପ୍ରାଧିକରଣର ଏକତା ଦିବସ

ଯାଜପୁର,୩୧।୧୦(ସମିସ): ଜିଲ୍ଲା ଆଇନ ସେବା ପ୍ରାଧିକରଣ ଯାଜପୁର ଆନୁକୂଲ୍ୟରେ ଜିଲ୍ଲା ଓ ଦୌରାଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ଅମୃତ ରଞ୍ଜନ ନନ୍ଦଙ୍କ ନିର୍ଦ୍ଦେଶ ଓ ଅଧ୍ୟକ୍ଷତାରେ ସିଭିଲ୍ କୋର୍ଟ, ଯାଜପୁର ପରିସରସ୍ଥ ଭିଡିଓ କନଫରେନ୍ସିଂ ହଲ୍‌ରେ ଏକତା ଦିବସ ପାଳନ କରାଯାଇଛି। ଏହି ଅବସରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ଅମୃତ ରଞ୍ଜନ ନନ୍ଦଙ୍କ ଅଧ୍ୟକ୍ଷତାରେ ଭିଡିଓ ଏକ ଶପଥ ପାଠ କରାଯାଇଥିଲା। ଏହି ଶପଥ ପାଠ ସମାରୋହରେ ଅଦାଲତର ସମସ୍ତ ବିଚାରପତି ଯଥା ଜିଲ୍ଲାର ସ୍ୱତନ୍ତ୍ର ପୋକ୍ସୋ କୋର୍ଟର ବିଚାରପତି ଅଭିଳାଷ ସେନାପତି, ଅତିରିକ୍ତ ଜିଲ୍ଲା ଜଜ୍ ବିଶ୍ୱେଶ୍ୱର ବିଶ୍ୱପ୍ରକାଶ ରାୟ, ମୁଖ୍ୟ ବିଭାଗୀୟ ମାଜିଷ୍ଟ୍ରେଟ ସର୍ବେଶ୍ୱର ଦାସ, ରେଜିଷ୍ଟ୍ରାର ପଲ୍ଲବୀରାଣୀ ସାହୁ, ଅତିରିକ୍ତ ବରିଷ୍ଠ ଦେୱାନୀ ବିଚାରପତି ନେହା ଅଗ୍ରୱାଲ, ବରିଷ୍ଠ ଦେୱାନୀ ବିଚାରପତି (ଏଲ୍‌ଆର୍. ଏବଂ ଏଲ୍‌ଟିଭି) ଲୋପାମୁଦ୍ରା ବେହେରା, ଏସ୍‌ଡିଜେଏମ୍ ସୁମିତ୍ରା ବିଶ୍ୱାଳ, ଦେୱାନୀ ବିଚାରପତି ସୁନୀତା ବିଶ୍ୱାଳ, ଜେଏମ୍‌ଏଫ୍‌ସି. ବୀଣାପାଣି ତାଣ୍ଡି, ଜେଏମ୍‌ଏଫ୍‌ସି (ଏଲ୍‌ଆର୍ ଏବଂ ଏଲ୍‌ଟିଭି) ଅଂଶୁମାନ ରଥ ଅଂଶଗ୍ରହଣ କରିଥିଲେ। ପ୍ରାଧିକରଣର ଅଧ୍ୟକ୍ଷ ଅଦାଲତର ସମସ୍ତ କର୍ମଚାରୀମାନଙ୍କୁ ସତ୍ୟନିଷ୍ଠା ଓ ଅଖଣ୍ଡତାର ଶପଥ ପାଠ କରାଇଥିଲେ। ଏହି ସମାରୋହକୁ ପ୍ରାଧିକରଣର ସଚିବ ଲିପା ମହାନ୍ତି ପରିଚାଳନା କରିଥିଲେ।

ମଦ ପିଇ ଗାଡ଼ି ଚଳାଇ ଜଣେ ଅଟକ



କୁଆଖିଆ,୩୧।୧୦(ସମିସ): ମଦ ପିଇ ଗାଡ଼ି ଚଳାଇବା ଅଭିଯୋଗରେ ପୁଲିସ୍ ଜଣଙ୍କୁ ଗିରଫ କରିଛି। ଆଜି ଅପରାହ୍ନ ୩ଟା ସମୟରେ ୨୦ ନଂ. ଜାତୀୟ ରାଜପଥ ମୁଗୁପାଳ ପଞ୍ଚାୟତ ଗୋବିନ୍ଦପୁର ନିକଟରେ ଜଣେ ଯୁବକ ମଦ ପିଇ ଏକ ଥାର୍ ଗାଡି ଯୋଗେ ଯାଜପୁର ପଟୁ ଫେରୁଥିବା ବେଳେ ରାସ୍ତା ନିକଟରେ ଥିବା ଏକ ସେଲୁନକୁ ଧକ୍କା ଦେଇଥିଲା। ସେଲୁନରେ ଥିବା ମାଲିକ ଅଳ୍ପକେ ବିପଦରୁ ରକ୍ଷା ପାଇ ଯାଇଥିଲା ବେଳେ ଘଟଣା ସମ୍ପର୍କରେ ଖବର ପାଇ କୁଆଖିଆ ପୁଲିସ ସେଠାରେ ପହଞ୍ଚି ଅଭିଯୁକ୍ତକୁ ଥାନାକୁ ଆଣି ପଚରାଉଚରାରୁ କରିଥିଲେ। ଅଭିଯୁକ୍ତ ଜଣକ କଟକ ଜିଲ୍ଲା ବାରଙ୍ଗ ଅଞ୍ଚଳ ଦାରୁଠେଙ୍ଗର ବୋଲି ଜଣାପଡିଛି। ତେବେ ପୁଲିସ ଅଭିଯୁକ୍ତ ବିରୋଧରେ କେସ ନଂ ୪୪୪/୨୬ ରୁଜୁ କରି ଅଟକ ରଖିଥିବା ଜଣାପଡିଛି।

ବନଦୁର୍ଗା ଗ୍ୟାସ୍‌ରୁ ଟାଙ୍କି ଚୋରି ଅଭିଯୋଗ

କୁଆଖିଆ,୩୧।୧୦(ସମିସ): ରସୁଲପୁର ବ୍ଲକର ବନଦୁର୍ଗା ଭାରତ ଗ୍ୟାସ୍‌ରୁ ଗତକାଲି ଦୁର୍ବୃତ୍ତମାନେ ୧୫ଟି ଟାଙ୍କି ଚୋରି କରି ନେଇଥିବା କୁଆଖିଆ ଥାନାରେ ଅଭିଯୋଗ ହୋଇଛି। ସୂଚନା ଅନୁଯାଇ ଗତକାଲି ରାତି ୧୧.୪୦ ସମୟରେ କିଛି ଦୁର୍ବୃତ୍ତ ଗୋଦାମ ପଛପଟେ ଲାଗିଥିବା ସିସିଟିଭି ତାରକୁ କାଟି ଟାଙ୍କି ଚୋରି ହୋଇଥିବା ବନଦୁର୍ଗା ଗ୍ୟାସ୍‌ର ମାଲିକ ସୁରେନ୍ଦ୍ର ସାହୁ ଜାଣିବାକୁ ପାଇଥିଲେ। ମାଲିକ ଗୋଦାମ ଷ୍ଟକ ଏବଂ କମ୍ପୁଟର ଷ୍ଟକକୁ ମିଳାଇବା ପରେ ୧୫ଟି ଟାଙ୍କି ଚୋରି ଯାଇଥିବା ଅବଗତ ହୋଇଥିଲେ। ଏ ନେଇ ମାଲିକକୁଆଖିଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଉକ୍ତ ଗୋଦାମରୁ ପୂର୍ବରୁ ଗତମାସ ୧୯ ତାରିଖରେ ମଧ ୮ ଗୋଟି ଟାଙ୍କି ଚୋରି ନେଇ ଗତ ୨୩ ତାରିଖରେ ଥାନାରେ ଅଭିଯୋଗ ହୋଇଥିଲା।

ବ୍ରହ୍ମବରଦାରେ ମା' ଲକ୍ଷ୍ମୀଙ୍କ ଭସାଣ ଉତ୍ସବ

ବ୍ରହ୍ମବରଦା,୩୧।୧୦(ସମିସ): ରସୁଲପୁର ବ୍ଲକ ବ୍ରହ୍ମବରଦା ପଞ୍ଚାୟତ ଅନ୍ତର୍ଗତ ଜିଅସାହି ଗ୍ରାମର ପ୍ରସିଦ୍ଧ ଲକ୍ଷ୍ମୀ ପୂଜାର ଆଜି ସନ୍ଧ୍ୟାରେ ପରିସମାପ୍ତି ଘଟିଛି। ପୂଜା ଶେଷ ହେବା ପରେ ମା' ଲକ୍ଷ୍ମୀ ମେଲାଣି ନେଇଛନ୍ତି। ଏହି ଅବସରରେ ଗ୍ରାମବାସୀଙ୍କ ପକ୍ଷରୁ ମା'ଙ୍କର ଏକ ଭବ୍ୟ ଭସାଣି ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଭସାଣି ଶୋଭାଯାତ୍ରାଟି ଜିଅସାହି ଗ୍ରାମରୁ ବାହାରି ଗ୍ରାମଦେବତୀ ମା' ସିଦ୍ଧ ଚଣ୍ଡୀ, ମୁଖ୍ୟ ବଜାର ତାରିଣୀ ଛକ, ଦୁର୍ଗା ମଣ୍ଡପ ପରିକ୍ରମା କରି ଶେଷରେ ବ୍ରାହ୍ମଣୀ ନଦୀ ପଠାକୁ ଯାଇଥିଲା। ସେଠାରେ ବୈଦିକ ବ୍ରାହ୍ମଣଙ୍କ ଦ୍ୱାରା ପୂଜାର୍ଚ୍ଚନା ପରେ ବ୍ରାହ୍ମଣୀ ନଦୀରେ ମା'ଙ୍କୁ ବିଧିବଦ୍ଧ ଭାବେ ବିସର୍ଜନ କରାଯାଇଥିଲା। ଏହି ଭସାଣି ଉତ୍ସବରେ ଗ୍ରାମର ବରିଷ୍ଠ ମୁରବି, ପୂଜା କମିଟିର ସମସ୍ତ କର୍ମକର୍ତ୍ତା, ଯୁବକ ଓ ଶତାଧିକ ଗ୍ରାମବାସୀ ସହଯୋଗ କରିଥିଲେ।



● ବ୍ରାଉନସୁଗର ଚଢ଼ଉ

ପୁଲିସ ଉପରେ ଆକ୍ରମଣ, ଜଣେ ଗିରଫ

କୁଆଖିଆ,୩୧।୧୦(ସମିସ): ରସୁଲପୁର ବ୍ଲକ ଯାବରା କଣ୍ଡିଆକଣ ବ୍ରିଜ ନିକଟରେ ଏକ ପାନ ଦୋକାନରେ ବ୍ରାଉନସୁଗର ବିକ୍ରି ହେଉଥିବା ଖବର ପାଇ କୁଆଖିଆ ପୋଲିସ ଚଢ଼ାଉ କରିବା ବେଳେ ପୁଲିସ ଉପରେ ଆକ୍ରମଣ ହୋଇଛି।

କୁଆଖିଆ ଥାନା ଅଧିକାରୀ ସୁଶାନ୍ତ କୁମାର ସେଠୀଙ୍କ ସୂଚନା ଅନୁଯାୟୀ, ଯାବରା ବ୍ରିଜ ପାଖରେ ଥିବା ଏକ ପାନ କେବିନରେ ବ୍ରାଉନ ସୁଗାର ବିକ୍ରି ହେଉଥିବା ଖବର ପାଇ ପୋଲିସ ଚଢ଼ାଉ କରିଥିଲା। ଚଢ଼ଉ ସମୟରେ ଦୋକାନୀ ଏବଂ ସେଠାରେ ଥିବା କିଛି ଲୋକ ପୁଲିସ ଉପରେ ଆକ୍ରମଣ କରିଥିଲେ। ଏହି ସୁଯୋଗରେ ପାନ ଦୋକାନୀ ବ୍ରାଉନସୁଗରକୁ ପୋଖରୀରେ ଫିଙ୍ଗି ଦେଇ କେବିନ ଚାବି ଦେଇ ଖସି ପଳାଇବାରେ ସଫଳ ହୋଇଥିଲା। ପୁଲିସ ଆକ୍ରମଣ କରିଥିବା ଜଣଙ୍କୁ ଗିରଫ କରିଛି। ଏ ନେଇ କୁଆଖିଆ ଥାନାରେ କେସ ନମ୍ବର ୪୪୫/୨୬ ରେ ମାମଲା ରୁଜୁ ହୋଇଛି। ପୁଲିସ କେବିନକୁ ଜବତ କରି ଜଗି ରହିଛି ଏବଂ ଫେରାର ଦୋକାନୀକୁ ଧରିବା ପାଇଁ ତଦନ୍ତ ଜାରି ରହିଛି।

ଚୋରି ଅଟୋ ଜବତ; ଜଣେ ଗିରଫ

ଧର୍ମଶାଳା,୩୧।୧୦(ସମିସ): ଧର୍ମଶାଳା ଥାନା ବାରବାଟି ଅଞ୍ଚଳରୁ ରାତିରେ ଘର ପାଖରେ ଥୁଆ ହୋଇଥିବା ଓଡି-୨୯ ଏଚ-୩୪୭୧ ନମ୍ବର ବିଶିଷ୍ଟ ଏକ ଡାଲା ଅଟୋକୁ ରାତିରେ କେହି ଦୁର୍ବୃତ୍ତ ଚୋରି କରି ନେଇଯାଇଥିଲା। ଏସମ୍ପର୍କରେ ଅଟୋମାଲିକ ସକାଳେ ଜାଣିବା ପରେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ନପାଇବାରୁ ଧର୍ମଶାଳା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ଧର୍ମଶାଳ ପୁଲିସ ୪୩୦/୨୬ରେ ଏକ ମମଲ ରୁଜୁ କରି ତଦନ୍ତ ଚଳାଇବା ସହ ବିଭିନ୍ନ ସ୍ଥାନରେ ଚଢ଼ଉ କରି ଅନୁଗୁଳର ଛେଣ୍ଡିପଦାରୁ ଚୋରି ହୋଇଥିବା ଅଟୋ ଗାଡିକୁ ଜବତ କରିବା ସହ ଚୋରିର ମୁଖ୍ୟ ଅଭିଯୁକ୍ତ କୁଆଖିଆ ଥାନା ଜଗନ୍ନାଥପୁର ଗ୍ରାମର ମଙ୍ଗୁଲି ଆଲିଆସ ସୁଜିତ କୁମାର ରାଉତକୁ ଗିରଫ କରିଥିଲା। ଆଜି ଅଭିଯୁକ୍ତ ମଙ୍ଗୁଲିକୁ ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଚିନ୍ମୟୀ ସାହୁ ସୂଚନା ଦେଇଛନ୍ତି।

ପାଗଳ କୁକୁର କାମୁଡ଼ାରେ ୨ ବାଛୁରି ଆହତ

କବାଟବନ୍ଧ,୩୧।୧୦(ସମିସ): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଞ୍ଚଳରେ ଏବେ ପାଗଳ କୁକୁରଙ୍କ ଆତଙ୍କ ବୃଦ୍ଧି ପାଇଛି। ଶନିବାର ଅପରାହ୍ନରେ ଏକ ପାଗଳ କୁକୁର ଦୁଇଟି ବାଛୁରିକୁ ଗୋଡେଇ ଗୋଡେଇ କାମୁଡ଼ିଥିବା ଜଣାପଡ଼ିଛି। ଗତ ମାସ ୨୩ ତାରିଖରେ ଏହି ଥାନା ଅଧିନ ବିଭିନ୍ନ ଗାଁରେ ପ୍ରାୟ ୮ ଜଣଙ୍କୁ ଏକ ପାଗଳ କୁକୁର କାମୁଡ଼ି ଆହତ କରିଥିଲା। ସମସ୍ତ ଆହତ ବିଭିନ୍ନ ମେଡ଼ିକାଲରେ ଚିକିତ୍ସିତ ହୋଇ ସୁସ୍ଥ ହୋଇଥିବା ବେଳେ ପୁନର୍ବାର ପାଗଳ କୁକୁରର ଏଭଳି ଆକ୍ରମଣରେ ସ୍ଥାନୀୟ ଲୋକମାନେ ଭୟରେ ରହିଛନ୍ତି। ଗାଁରେ ଖେଳୁଥିବା ଛୋଟ ଛୋଟ ପିଲା ମାନଙ୍କ ପ୍ରତି ଏହା ବହୁତ ବିପଦ ଆଣିପାରେ। ଶନିବାର ଏହି ଥାନା ଅନ୍ତର୍ଗତ ତାଳଜଙ୍ଗ ପଞ୍ଚାୟତ ଅଧିନ ବଳରାମପୁର ଉପରଗଡ଼ ଗ୍ରାମରେ କୁକୁର ର ଆକ୍ରାନ୍ତକୁ ନେଇ ଲୋକ ମାନେ ଛାନିଆ ହୋଇଛନ୍ତି। ଉଭୟ ମଣିଷ ଏବଂ ଗୃହ ପାଳିତ ପଶୁ ସମସ୍ତେ ଅସୁରକ୍ଷିତ ହୋଇଥିବା ଜଣାପଡିଛି। ଗ୍ରାମର ଚନ୍ଦ୍ରକାନ୍ତ ଧୀର ଏବଂ ସୁଜିତ ଧୀରଙ୍କର ଦୁଇଟି ବାଛୁରି ଛୁଆଙ୍କୁ କୁକୁର କାମୁଡି ଆକ୍ରାନ୍ତ କରିଥିଲା। ଉଭୟ ବାଛୁରିଙ୍କର ବେକ ଏବଂ ମୁହଁକୁ କାମୁଡି କ୍ଷତାକ୍ତ କରିବା ପରେ ଗ୍ରାମବାସୀ କୁକୁରକୁ ଘଉଡ଼ାଇ ଥିଲେ। ପାଗଳ କୁକୁରକୁ ଧରିବା ପାଇଁ ପ୍ରଶାସନ ନିକଟରେ ଅଞ୍ଚଳବାସୀ ଦାବି କରିଛନ୍ତି।

ପ୍ରତିଶ୍ରୁତି ପାଳନ କଲାନି ପ୍ରଶାସନ, ପ୍ରତିବାଦରେ ଧାରଣା

କୁଆଖିଆ,୩୧।୧୦(ସମିସ): ରସୁଲପୁର ବ୍ଲକ କାର୍ଯ୍ୟାଳୟକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାର ଅବସ୍ଥା ଶୋଚନୀୟ। ଏହାର ପ୍ରତିବାଦ ସହ ରାସ୍ତା ନିର୍ମାଣ ଦାବିରେ ଧାରଣା। ୧୬ନଂ ଜାତୀୟ ରାଜପଥରୁ ରସୁଲପୁର ବ୍ଲକକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ଏବେ ଜରାଜୀର୍ଣ୍ଣ ଅବସ୍ଥାରେ। ରାସ୍ତା ଖାଲ ଖମାରେ ଭର୍ତ୍ତି ହୋଇଥିବାରୁ ଯାତାୟତ ବାଧାପ୍ରାପ୍ତ ସହ ବୃଦ୍ଧି ପାଉଛି ଦୁର୍ଘଟଣା। ଏହି ରାସ୍ତା ନିର୍ମାଣ ପାଇଁ ସ୍ଥାନୀୟ ସଚେତନ ନାଗରିକ ମଞ୍ଚ ପକ୍ଷରୁ ଗତ ଫେବୃଆରୀ ମାସରେ ୨୮ ଦିନ ଧରି ବ୍ଲକ ସମ୍ମୁଖରେ ଧାରଣା ଦିଆଯାଇଥିଲା। ସେତେବେଳେ ଶୀଘ୍ର ରାସ୍ତା କାମ କରିବାର ପ୍ରତିଶ୍ରୁତି ଦେଇଥିଲେ ଜିଲ୍ଲାପାଳ। କିନ୍ତୁ ଏହା ମଧ୍ୟରେ ୮ମାସ ବିତିଯାଇଥିଲେ ସୁଦ୍ଧା କୌଣସି ପଦକ୍ଷେପ ନିଆଗଲାନାହିଁ। ପ୍ରତିବାଦରେ ଆଜି ସ୍ଥାନୀୟ ସଚେତନ ନାଗରିକ ମଞ୍ଚର ଆବାହକ ତଥା ସମାଜସେବୀ ବିଶ୍ୱଜିତ ମହାନ୍ତି ରାସ୍ତା ଉପରେ ଧାରଣାରେ ବସିଛନ୍ତି। ତେବେ କିଛି ବର୍ଷ ପୂର୍ବେ ଏହି ରାସ୍ତା ପାଶ୍ୱର୍ସ୍ଥ ଘରୋଇ ଜମିର ମାପ ଚୁପ ହେବାରୁ ମୂଳ ରାସ୍ତାଟି ବ୍ୟକ୍ତିଗତ ଜମିରେ ରହିଥିବା ଜଣାପଡିଥିଲା। ସେବେଠାରୁ ଉକ୍ତ ରାସ୍ତାର ମରାମତି ହୋଇ ପାରୁନାହିଁ। ଫଳରେ ରାଜନେତା, ସରକାରୀ ଅଧିକାରୀ, ପଞ୍ଚାୟତ ପ୍ରତିନିଧିଙ୍କ ସମେତ ସାଧାରଣ ଲୋକେ ଏହି ଖାଲଖମା ରାସ୍ତାରେ ବ୍ଲକ କାର୍ଯ୍ୟାଳୟକୁ ଯାଆସ କରୁଛନ୍ତି। କିନ୍ତୁ ଏହା ଉପରେ କାହାର ନଜର ପଡୁନାହିଁ। ଏହାର ପ୍ରତିବାଦ କରି ସ୍ୱର ଉଠାଇଛି ସ୍ଥାନୀୟ ସଚେତନ ନାଗରିକ ମଞ୍ଚ। ଦାବି ପୂରଣ ନହେଲେ ଆଗାମୀ ଦିନରେ ବ୍ଲକ ଫାଟକରେ ତାଲା ପକାଇବାକୁ ଚେତାବନୀ ଦେଇଛି ମଞ୍ଚ। ଅନ୍ୟପକ୍ଷରେ ରାସ୍ତା ସମସ୍ୟାର ସମାଧାନ ଦିଗରେ ଉଦ୍ୟମ କରାଯାଉଥିବା ରସୁଲପୁର ବିଡ଼ିଓ କହିଛନ୍ତି।



ବଳିଦାନ ଦିବସରେ ଅବ୍ୟବସ୍ଥା

ପୌର କାର୍ଯ୍ୟାଳୟରେ ତାଲା ପକାଇଲା କଂଗ୍ରେସ

ବ୍ୟାସନଗର,୩୧।୧୦(ସମିସ):

ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ବଳିଦାନ ଦିବସରେ ଅବ୍ୟବସ୍ଥାକୁ ନେଇ ପ୍ରତିବାଦ କରିଛି କଂଗ୍ରେସ। ଫଳରେ ପୌର କାର୍ଯ୍ୟାଳୟରେ ତାଲା ପକାଇ ଧାରଣା ଦିଆଯାଇଛି। ଆଜି ଲୌହମାନବୀଙ୍କ ବଳିଦାନ ଦିବସରେ ପ୍ରତିମୂର୍ତ୍ତୀ ନିକଟରେ ସଫେଇ ତଥା ପୁଷ୍ପମାଲ୍ୟ ଅର୍ପଣ କରିବା ପାଇଁ ସିଡିର ବ୍ୟବସ୍ଥା କରାଯାଇନଥିଲା। ଫଳରେ ଶ୍ରଦ୍ଧାଞ୍ଜଳି ଜଣାଇବାକୁ ଆସିଥିବା ବ୍ୟାସନଗର କଂଗ୍ରେସ କମିଟି ସମେତ କୋରେଇ ନିର୍ବାଚନମଣ୍ଡଳୀ କଂଗ୍ରେସ ନେତା, କର୍ମକର୍ତ୍ତାମାନେ ଦୃଢ଼ ପ୍ରତିବାଦ କରିଥିଲେ। କଂଗ୍ରେସ କର୍ମକର୍ତ୍ତାମାନେ ଘଟଣା ସମ୍ପର୍କରେ ଭାରପ୍ରାପ୍ତ ନିର୍ବାହୀ ଅଧିକାରୀ ରଞ୍ଜିତ କୁମାର ମଲ୍ଲିକଙ୍କୁ ପଚାରିବାରୁ ଆଜିର କାର୍ଯ୍ୟକ୍ରମ ସମ୍ପର୍କରେ ଜାଣିନଥିବା କହିଥିଲେ। ଫଳରେ ଏହାକୁ ନେଇ କଂଗ୍ରେସ ନେତା ଓ କର୍ମକର୍ତ୍ତାମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। କଂଗ୍ରେସ କର୍ମକର୍ତ୍ତା ସମୂହ ଇନ୍ଦିରାଗାନ୍ଧୀ ପ୍ରତିମୂର୍ତ୍ତୀ ନିକଟରୁ ପଦଯାତ୍ରା କରି ପୌର କାର୍ଯ୍ୟାଳୟ ନିକଟରେ ପହଞ୍ଚି ଉଭୟ ପାଖରେ ଥିବା ଫାଟକରେ ତାଲା ପକାଇଦେଇଥିଲେ। ପୌର ସଂସ୍ଥା ପକ୍ଷରୁ ସଫେଇ ସହିତ ପୁଷ୍ପମାଲ୍ୟ ଅର୍ପଣ କରିବା ପାଇଁ ସିଡିର ବ୍ୟବସ୍ଥା କରିବା ପରେ ରାଜ୍ୟ କଂଗ୍ରେସ ଉପସଭାନେତ୍ରୀ ବନ୍ଦିତା ପରିଡା, ବ୍ୟାସନଗର ସଭାପତି ତପନ କୁମାର ନାୟକ, କାଉନ୍‌ସିଲର ଅରୁନ୍ଧତୀ ପରିଡା, ରବୀନ୍ଦ୍ର କୁମାର ରାଉତ, ପୂର୍ବତନ ସଭାପତି ଦିଲ୍ଲୀପ କୁମାର ମଲ୍ଲିକ, ହୃଦାନନ୍ଦ ସାମଲ, ପୂର୍ବତନ କାଉନସିଲର ଅନୁପ କୁମାର ନାୟକ, ରାଜ କିଶୋର ପ୍ରଧାନ, ଦୁଃଶାସନ ଦାସ, ପଦ୍ମନାଭ ସ୍ୱାଇଁ, ଆଇଏନ୍‌ଟିୟୁସି ଜିଲ୍ଲା ସାଧାରଣ ସମ୍ପାଦକ ପରମାନନ୍ଦ ସେଠୀ, ନାରାୟଣ ନାୟକ, ନିରଞ୍ଜନ ପରିଡା, ରାଜ କିଶୋର ସ୍ୱାଇଁ, ସୁରେନ୍ଦ୍ର ନାୟକ, ପଦ୍ମନାଭ ନାୟକ, ନିଗର ରଞ୍ଜନ ପହି, ସନ୍ତୋଷ ମହାନ୍ତି, ବଳରାମ ପହି, ରବିନ୍ଦ୍ର ପାତ୍ର, ଗୋଲଖ ଜେନା, ଅମୂଲ୍ୟ ମଲ୍ଲିକ, ବିଶ୍ୱଜିତ ମହାନ୍ତି, କୋରେଇ ବ୍ଲକ ପୂର୍ବତନ ସଭାପତି ହରେକୃଷ୍ଣ ସାହୁ, ରମାକାନ୍ତ ବେହେରା, ପରୀକ୍ଷିତ ମଲ୍ଲିକ, ନିରଞ୍ଜନ ନାୟକ, ଆଲୋକ ସାହୁ, ସତ୍ୟ ପ୍ରକାଶ କୁଅଁର, ଜ୍ଞାନେନ୍ଦ୍ର ଘଡାଇ, ଜଗନ ସେଠି, ମନୋଜ ଜେନା, ବାଦଲ ନାୟକ, ସନ୍ତୋଷ ସାହୁ ପ୍ରମୁଖ ଇନ୍ଦିରାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।









୧୬ କୋଟିର ଜମି ଠକେଇ; ୨ ଗିରଫ

ଭୁବନେଶ୍ୱର, ୩୧।୧୦(ସମିସ)

ଜାଲ ଦସ୍ତାବିଜ୍ ଏବଂ ନକଲି ମାଲିକ ଛିଡା କରି ୧୬ କୋଟିର ୧୩ଟି ପ୍ଲଟ୍‌କୁ ବିକ୍ରି କରିବା ଅଭିଯୋଗରେ ବଡ଼ଗଡ଼ ଥାନା ପୁଲିସ ୨ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ସାମନ୍ତରାପୁରର ପ୍ରସନ୍ନ କୁମାର ସେନାପତି ଏବଂ ନାଉଗାଁ, ଜଳେଶ୍ୱରପଟଣା ଦୀପାଂଶୁ ଶେଖର ମହାନ୍ତି।

ପୁଲିସ ସୂଚନା ମୁତାବକ, ଅଭିଯୋଗକାରୀ ଶୁଭେନ୍ଦୁ ମହାପାତ୍ର ଜଣେ ଠିକାଦାର ଏବଂ ବିପିଏନ୍ ଇନ୍‌ଫ୍ରାଷ୍ଟ୍ରକ୍‌ଚର ପ୍ରାଇଭେଟ୍ ଲିମିଟେଡ୍ ନାମକ ଏକ ବିଲଡ଼ର ସଂସ୍ଥାର ମାଲିକ। ଏହି କମ୍ପାନୀ ଓଡ଼ିଶାର ବିଭିନ୍ନ ସ୍ଥାନରେ ସରକାରୀ ଓ ବେସରକାରୀ ନିର୍ମାଣ କାର୍ଯ୍ୟ କରିଥାଏ। ୨୦୧୭ ମସିହାରେ ସେ ରଘୁନାଥପୁର ଜାଲି ଅଞ୍ଚଳରେ ୧୩ ଜଣ ଭିନ୍ନଭିନ୍ନ ବ୍ୟକ୍ତିଙ୍କଠାରୁ ୧୩ଟି ପ୍ଲଟ କିଣିଥିଲେ। ଏହି ପ୍ଲଟ୍‌ଗୁଡ଼ିକ ମଧ୍ୟରୁ ଗୋଟିଏ ପ୍ଲଟ ପ୍ରସନ୍ନ ସେନାପତିଙ୍କ ପତ୍ନୀ ଗୀତାଞ୍ଜଳି ସେନାପତିଙ୍କର ଥିଲା। ଯାହାକୁ ସେ କିଣିଥିଲେ। ପରବର୍ତ୍ତି ସମୟରେ ଏହି ୧୩ଟି ପ୍ଲଟ ବିକାଶ ପାଇଁ ସେ ଇମାମୀ ପ୍ରାଇଭେଟ୍ ଲିମିଟେଡ୍ ସହ ଏକ ପଞ୍ଜୀକୃତ ଚୁକ୍ତିନାମା କରିଥିଲେ। ମାତ୍ର ଇମାମୀ ପକ୍ଷରୁ ଜମିର ବିକାଶ କାର୍ଯ୍ୟରେ ବିଳମ୍ବ ହୋଇଥିଲା। ଏହି ସୁଯୋଗର ଫାଇଦା ଉଠାଇ ପ୍ରସନ୍ନ ସେନାପତି ଷଡ଼ଯନ୍ତ୍ର କରି ବିପିଏନ୍ ଇନ୍‌ଫ୍ରାଷ୍ଟ୍ରକ୍‌ଚର ପ୍ରାଇଭେଟ୍ ଲିମିଟେଡ୍‌ର ଏକ ଜାଲ ରିଜୋଲ୍ୟୁସନ ନିଜ ସପକ୍ଷରେ ପ୍ରସ୍ତୁତ କରିଥିବା ଅଭିଯୋଗ ହୋଇଛି। ଉକ୍ତ ରିଜୋଲ୍ୟୁସନ ଆଧାରରେ ସେ ସିଭିଲ ଜଜ (ସିନିୟର ଡିଭିଜନ)ଙ୍କ ଅଦାଲତରେ ସିଭିଲ ସୁଟ ଦାଖଲ କରିଥିଲେ। ଏଥିରେ ଶୁଭେନ୍ଦୁଙ୍କ ଦସ୍ତଖତ ଜାଲ କରାଯାଇଥିବା ଅଭିଯୋଗ ହୋଇଛି। ଏହାପରେ ଏକତରଫା ଡିଗ୍ରୀ ହାସଲ କରି ବିପିଏନ୍ ଇନ୍‌ଫ୍ରାଷ୍ଟ୍ରକ୍‌ଚର ପ୍ରାଇଭେଟ ଲିମିଟେଡ ଓ ଇମାମୀ ପ୍ରାଇଭେଟ ଲିମିଟେଡ ମଧ୍ୟରେ ହୋଇଥିବା ପଞ୍ଜୀକୃତ ଚୁକ୍ତିନାମାକୁ ବାତିଲ କରାଇଥିଲେ। ପରେ ପ୍ରସନ୍ନ ସେନାପତି ଉକ୍ତ ୧୩ଟି ପ୍ଲଟ୍‌କୁ ନିଜ ପତ୍ନୀ ଗୀତାଞ୍ଜଳି ସେନାପତି ଏବଂ ଦୀପାଂଶୁ ଶେଖର ମହାନ୍ତିଙ୍କ ପତ୍ନୀ ଅତସୀ ମହାନ୍ତିଙ୍କ ନାମରେ ବିକ୍ରି କରିଥିବା ଅଭିଯୋଗ ହୋଇଛି। ଏହି ଜମି କାରବାର ସମୟରେ ଦୀପାଂଶୁ ଶେଖର ମହାନ୍ତିଙ୍କୁ ଅଭିଯୋଗକାରୀ ଶୁଭେନ୍ଦୁ ମହାପାତ୍ରଙ୍କ ପରିଚୟ ଦେଇ ଜାଲିଆତି କରାଯାଇଥିବା ତଦନ୍ତରୁ ଜଣାପଡ଼ିଛି। ଏଥିପାଇଁ ଦୀପାଂଶୁ ଶେଖର ମହାନ୍ତିଙ୍କ ଚୁଟି କାଟି ତାଙ୍କୁ ଶୁଭେନ୍ଦୁ ମହାପାତ୍ରଙ୍କ ଭଳି ଦେଖାଯିବା ପାଇଁ ପ୍ରସ୍ତୁତ କରାଯାଇଥିବା ମଧ୍ୟ ଅଭିଯୋଗ ହୋଇଛି। ଏଥିସହ ଅଭିଯୋଗକାରୀ ଶୁଭେନ୍ଦୁ ମହାପାତ୍ରଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଭଲ ନଥିବା ଦର୍ଶାଇ ଚନ୍ଦ୍ରଶେଖରପୁର ସବ-ରେଜିଷ୍ଟ୍ରାର୍ କାର୍ଯ୍ୟାଳୟର କର୍ମଚାରୀମାନଙ୍କୁ ଭିଆଇଏମ୍-୩୯ ସ୍ଥିତ ଘରକୁ ଡକାଇ ଘରେ ପଞ୍ଜୀକରଣ ସମ୍ବନ୍ଧୀୟ କାର୍ଯ୍ୟ କରାଯାଇଥିଲା। ଏହା ବ୍ୟତୀତ ଘରଭଡ଼ା ଚୁକ୍ତିନାମା କରିବା ସମୟରେ ଘର ମାଲିକ ବିନୟ ଭୂଷଣ ସରକାରଙ୍କ ଦସ୍ତଖତ ଜାଲ୍ କରାଯାଇଥିବା ଅଭିଯୋଗ ରହିଛି। ତଦନ୍ତରୁ ଜଣାପଡ଼ିଛି ଯେ, ପ୍ରସନ୍ନ କୁମାର ସେନାପତିଙ୍କ ପ୍ରରୋଚନା ଓ ସକ୍ରିୟ ସମ୍ପୃକ୍ତିରେ ଉପରୋକ୍ତ ଜମି ଜାଲିଆତି, ଠକେଇ, ଅନ୍ୟର ପରିଚୟ ଧାରଣ, ଦସ୍ତଖତ ଜାଲ୍ କରିବା ଏବଂ ଜାଲ୍ ଦସ୍ତାବିଜ୍ ପ୍ରସ୍ତୁତି ଭଳି କାର୍ଯ୍ୟ କରାଯାଇଥିଲା। ଏହାପରେ ଅତସୀ ମହାନ୍ତି ଓ ଗୀତାଞ୍ଜଳି ସେନାପତି ଉକ୍ତ ୪ ନମ୍ବର ପ୍ଲଟ୍‌କୁ ନୟାପଲ୍ଲୀ ଅଞ୍ଚଳର ଅଭିଳାଷ ଅଭିନନ୍ଦନ ମଣିଆଙ୍କୁ ବିକ୍ରି କରିଥିବା ମଧ୍ୟ ଜଣାପଡ଼ିଛି। ଏହି ମାମଲାରେ ଦୁଇ ଅଭିଯୁକ୍ତ ଦୀପାଂଶୁ ଶେଖର ମହାନ୍ତି ଓ ପ୍ରସନ୍ନ କୁମାର ସେନାପତିଙ୍କୁ ଗିରଫ କରିଛି।

ରାଜଧାନୀରେ ଥାର୍ ଆତଙ୍କ

ମଦ ଦୋକାନ ସେଲ୍ସମ୍ୟାନଙ୍କୁ ଅପହରଣ

- ସାରାରାତି ୬ ଘଣ୍ଟା ବୁଲାଇଲେ
- ଦାଦାବଟି ଟଙ୍କାରେ ପେଟ୍ରୋଲ ପକାଇଲେ
- ପରିସ୍ରା ବାହାନାରେ ଖସି ଆସିଲେ ଅପହୃତ
- ବନ୍ଧୁକ ମୁନରେ ମୁଣ୍ଡଜାମିନ୍ ରଖି ୫ ଲକ୍ଷ ଟଙ୍କା ଦାବି
- କେବିଏନ୍ ଗ୍ୟାଙ୍ଗର ୨ ଗିରଫ; ୮ ଫେରାର

ଭୁବନେଶ୍ୱର, ୩୧।୧୦ (ସମିସ): ରାଜଧାନୀରେ ପୁଣି ଆତଙ୍କ ଖେଳାଇଛି ଥାର୍। ଏଥର ଦୁର୍ଘଟଣା ନୁହେଁ, ବରଂ ଅପହରଣ କରି ନେଇଛନ୍ତି। ଖାଲି ଅପହରଣ କରି ନାହାନ୍ତି, ନିର୍ଦ୍ଧୁମ ମାଡ଼ ମାରିବା ସହ ମୁଣ୍ଡ ଜାମିନ୍ ରଖି ୫ ଲକ୍ଷ ଟଙ୍କା ଦାବି କରିଛନ୍ତି। ଶେଷରେ ପରିସ୍ରା ବାହାନାରେ ଖସି ଆସିଛନ୍ତି ଅପହୃତ। ଅପହୃତ ଯୁବକ ହେଉଛନ୍ତି ପ୍ରକାଶ ଗଣ୍ଡା। ଅଭିଯୋଗ ପାଇବା ପରେ କେବିଏନ୍ ଗ୍ୟାଙ୍ଗର ଦୁଇ ଜଣଙ୍କୁ ଗିରଫ କରିଛି ମୈତ୍ରୀ ବିହାର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ଡୁମୁଡୁମା ଫେଜ୍ ୫ର ଅମ୍ଳାନ ମହାନ୍ତି (୨୫) ଓ ବରମୁଣ୍ଡାର ରବିନାରାୟଣ ମହାନ୍ତି (୨୩)।

ପୁଲିସ ସୂଚନାନୁସାରେ, ସାଲିଆ ସାହିରେ ରହୁଥିବା ପ୍ରକାଶ ଗଣ୍ଡା ମଧୁସୂଦନ ନଗରରେ ଥିବା ଏକ ମଦ ଦୋକାନରେ ସେଲ୍ସ ମ୍ୟାନ୍ ଭାବେ କାମ କରୁଥିବା ବେଳେ ଅମ୍ଳାନ ସହ ତାଙ୍କର ପରିଚୟ ରହିଥିଲା। ଅମ୍ଳାନ ଶୁକ୍ରବାର ସନ୍ଧ୍ୟାରେ ପ୍ରକାଶଙ୍କୁ ଫୋନ୍ କରି ମଦ କିଣି ଆଣି ରଖିବାକୁ କହିଥିଲା। ଭୋର୍ ପ୍ରାୟ ୩ଟା ସମୟରେ ଅମ୍ଳାନ, ରବିନାରାୟଣ, ଅମନ ଚମ୍ପତି, ସାହିଲ୍, କୁଶଳ ମହନ୍ତ, ମନୀଷ ମହାନ୍ତି ଓ ସହଯୋଗୀ ସ୍ୱର୍ପିଓ ଓ ଥାର୍ ଗାଡ଼ିରେ ସାଲିଆ ସାହି ପାଖରେ ପହଞ୍ଚି ପ୍ରକାଶଙ୍କୁ ଡାକିଥିଲେ। ପ୍ରକାଶ ମଦ ଧରି ଆସି ପହଞ୍ଚିବା ପରେ ଅମ୍ଳାନ, ରବିନାରାୟଣ ଓ ସାଙ୍ଗମାନେ ତାଙ୍କୁ ଗାଡ଼ିରେ ଅପହରଣ କରି ନେଇଥିଲେ। ଗାଡ଼ି ଭିତରେ ମାଡ଼ ମାରିବା ସହ ମୁଣ୍ଡରେ ବନ୍ଧୁକ ଲଗାଇ ୫ ଲକ୍ଷ ଟଙ୍କା ମଗାଇବାକୁ କହିଥିଲେ। ଟଙ୍କା ନ ମଗାଇଲେ ଜୀବନରେ ମାରିଦେବେ ବୋଲି ଧମକ ଦେଇଥିଲେ। ପ୍ରକାଶ ନିରୁପାୟ ହୋଇ ପତ୍ନୀଙ୍କ ଠାରୁ ଆରମ୍ଭ କରି ସାଙ୍ଗମାନଙ୍କୁ ଫୋନ୍ କରିଥିଲେ। କିନ୍ତୁ କେହି ମଧ୍ୟ ଏତେ ପରିମାଣର ଟଙ୍କା ଯୋଗାଡ଼ କରି ପାରିନଥିଲେ। ଏପଟେ ଟଙ୍କା ନ ମିଳିବାରୁ ଅଭିଯୁକ୍ତମାନେ ପ୍ରକାଶଙ୍କୁ ଭୟଙ୍କର ମାଡ଼ ମାରିବା ସହ ସାଲିଆ ସାହିରୁ ମେ ଫେୟାର ରାସ୍ତା ଦେଇ ଷ୍ଟୁଡିଓ ଛକ ଆଡ଼କୁ ଯାଇଥିଲେ। ପୁଣି ଗାଡ଼ି ବୁଲାଇ ସିଆରପି ଛକ ଦେଇ ବରମୁଣ୍ଡା ପଡ଼ିଆକୁ ଆଣିଥିଲେ। ସେଠାରେ ପ୍ରକାଶଙ୍କ ସାଙ୍ଗ ଦୟାନିଧି ୨୫୦୦ ଟଙ୍କା ପଠାଇଥିଲେ। ସେହି ଟଙ୍କାରେ ଅଭିଯୁକ୍ତମାନେ ଗାଡ଼ିରେ ତେଲ ପକାଇଥିଲେ। ପତ୍ନୀଙ୍କ ଠାରୁ ଖବରପାଇ ଦୋକାନ ମାଲିକ ଓ ସଂପର୍କୀୟମାନେ ପ୍ରକାଶଙ୍କୁ ଖୋଜିବାରେ ଲାଗିଥିଲେ। ସେପଟେ କିନ୍ତୁ ଅଭିଯୁକ୍ତମାନେ ଟଙ୍କା ପାଇଁ ପ୍ରକାଶଙ୍କୁ ଲଗାତାର ମାଡ଼ ମାରି ଚାଲିଥିଲେ। ୫ ଲକ୍ଷରୁ ୨ ଲକ୍ଷ ଓ ପରେ ୫୦ ହଜାର ଟଙ୍କା ଦେବାକୁ କହିଥିଲେ। ଏହାରି ଭିତରେ ସକାଳ ପ୍ରାୟ ୯ଟା ହୋଇ ଯାଇଥିଲା। ଅଭିଯୁକ୍ତ ରାଜଧାନୀ ସାରା ବୁଲିବୁଲି ପାତ୍ରପଡ଼ା ଛକରେ ପହଞ୍ଚି ଥିଲେ। ସେତିକିବେଳେ ପ୍ରକାଶ ପରିସ୍ରା ବାହାନାରେ ଓହ୍ଲାଇ ଦୌଡ଼ି ପଳାଇ ଯାଇଥିଲେ। ଏହାପରେ ସମ୍ପର୍କୀୟମାନେ ପହଞ୍ଚି ଗୁରୁତର ପ୍ରକାଶଙ୍କୁ ଚିକିତ୍ସା କରାଇଥିଲେ। ପ୍ରକାଶଙ୍କ ଅଭିଯୋଗ କ୍ରମେ ମୈତ୍ରୀ ବିହାର ଥାନା ପୁଲିସ ମାମଲା ରୁଜୁ କରିଥିଲା। ଶନିବାର ଅମ୍ଳାନ ଓ ରବିନାରାୟଣଙ୍କୁ ଗିରଫ କରିବା ସହ ଥାର୍ କାର୍ ଓ ୨ଟି ମୋବାଇଲ ଫୋନ୍ ଜବତ କରିଛି।

ଜଗନ୍ନାଥାୟନରେ ନାଟକ 'ମୃଦଙ୍ଗେ ମହାବ୍ରହ୍ମ'



ଭୁବନେଶ୍ୱର,୩୧।୧୦(ସମିସ): ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତଥା ରାଜ୍ୟ ସଙ୍ଗୀତ ନାଟକ ଏକାଡେମୀର ମିଳିତ ସହଯୋଗରେ ଆୟୋଜିତ ମାସିକ ଜଗନ୍ନାଥାୟନ କାର୍ଯ୍ୟକ୍ରମ ରବୀନ୍ଦ୍ର ମଣ୍ଡପରେ ମଞ୍ଚସ୍ଥ ହୋଇଛି। ଏହି ଅବସରରେ ନାଟକ 'ମୃଦଙ୍ଗେ ମହାବ୍ରହ୍ମ' ମଞ୍ଚସ୍ଥ ହୋଇଥିଲା। ନାଟକର ବିଷୟବସ୍ତୁ, ଆମ ଜଗନ୍ନାଥ ସଂସ୍କୃତି ଉପରେ ଆଧାରିତ, ବ୍ରହ୍ମ ଉଦ୍ଧାର, ପରିବର୍ତ୍ତନର ଘଟଣାବଳୀକୁ ନେଇ ରଚିତ। ଏହାର ରଚନା, ପରିକଳ୍ପନା ଓ ନିର୍ଦ୍ଦେଶନା ଦେଇଥିଲେ ଦେବାନନ୍ଦ ନାୟକ ସୋନୀ। ଭୁବନେଶ୍ୱରରେ ନାଟ୍ୟାନୁଷ୍ଠାନ ଏକ୍ସପ୍ରେସନ୍ସର କଳାକାର ମାନେ ଅତି ନିଖୁଣ ଏବଂ ମର୍ମସ୍ପର୍ଶୀ ଭାବରେ କାହାଣୀକୁ ବଖାଣିଥିଲେ। କିର୍ତ୍ତନିଆ ବୈଷ୍ଣବ ବିସର ମହାନ୍ତି କିପରି କଳାପାହାଡ଼ ଆକ୍ରମଣ କାଳରେ ଜଗନ୍ନାଥଙ୍କ ଦଗ୍ଧ ଶରୀରରୁ ବ୍ରହ୍ମ ଉଦ୍ଧାର କରି ଖୋରଧାର ରାଜାଙ୍କୁ ସମର୍ପଣ କରିଥିଲେ ଏବଂ ପୁନଃବିଗ୍ରହଙ୍କୁ ପ୍ରତିଷ୍ଠା କରାଯାଇଥିଲା ତାହା ଦେଖିବାକୁ ମିଳିଥିଲା। ସତ୍ୟପ୍ରକାଶଙ୍କ ଆବହ ସଙ୍ଗୀତ ବେଶ୍ ପ୍ରାଣସ୍ପର୍ଶୀ ହୋଇଥିବା ବେଳେ ଆଲୋକ ସମ୍ପାତ, ପୋଷାକ, ରୂପସଜ୍ଜା ଏବଂ ମଞ୍ଚ ସଜ୍ଜା ବେଶ୍ ବିଷୟବସ୍ତୁ ଉପଯୋଗୀ ଥିଲା। ଅତିଥି ଭାବେ ଯୋଗ ଦେଇଥିଲେ ନାଟ୍ୟ ନିର୍ଦ୍ଦେଶକ ମନୋଜ ପଟ୍ଟନାୟକ।

ବ୍ୟାଙ୍କ ଅଫ୍ ବରୋଦା ପକ୍ଷରୁ ୱାକାଥନ୍



ଭୁବନେଶ୍ୱର,୩୧।୧୦(ସମିସ): ବ୍ୟାଙ୍କ ଅଫ୍ ବରୋଦା ଭୁବନେଶ୍ୱର ଜୋନ୍ ପକ୍ଷରୁ 'ସତର୍କତା ସଚେତନତା ସପ୍ତାହ ୨୦୨୬' ଅବସରରେ ଏକ ୱାକାଥନ୍ ଆୟୋଜିତ ହୋଇଛି। ଅକ୍ଟୋବର ୨୬ରୁ ନଭେମ୍ବର ୧ ତାରିଖ ପର୍ଯ୍ୟନ୍ତ 'ସମୃଦ୍ଧି ପାଇଁ ସଚ୍ଚୋଟତା' ବିଷୟବସ୍ତୁକୁ ନେଇ ପାଳନ କରାଯାଉଥିବା ଏହି ସପ୍ତାହ, ଅଗଷ୍ଟ ୧୭ରୁ ନଭେମ୍ବର ୧୬ ପର୍ଯ୍ୟନ୍ତ ଚାଲିଥିବା ବ୍ୟାପକ ସତର୍କତା ସଚେତନତା ଅଭିଯାନର ଅଂଶବିଶେଷ। ଏହି ୱାକାଥନ୍‌ରେ ବ୍ୟାଙ୍କର ଭୁବନେଶ୍ୱର ଜୋନ୍‌ର ମହାପ୍ରବନ୍ଧକ ତଥା ଜୋନାଲ୍ ମୁଖ୍ୟ ଶରତ କୁମାର ପାଣିଗ୍ରାହୀ, ଡିଜିଏମ୍-ବିଡି ଦେବୀ ପ୍ରସାଦ ମହାନ୍ତି, ଡିଜିଏମ୍-ଜିଆଇଏଡି ଜଗଜୀବନ ମହାପାତ୍ରଙ୍କ ସମେତ ବରିଷ୍ଠ ଜୋନାଲ୍ ଓ ଆଞ୍ଚଳିକ ଅଧିକାରୀ, ସହରର ବିଭିନ୍ନ ଶାଖା ଏବଂ କାର୍ଯ୍ୟାଳୟର କର୍ମଚାରୀମାନେ ଯୋଗ ଦେଇଥିଲେ।

କିମ୍ସରେ ହ୍ୱାଇଟ୍ କୋଟ୍ ସମାରୋହ

ଭୁବନେଶ୍ୱର,୩୧।୧୦(ସମିସ): କଳିଙ୍ଗ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସେସ୍(କିମ୍ସ)ରେ ୨୦୨୬ ଏମ୍‌ବିବିଏସ୍ ଓ ବିଡିଏସ୍ ନବାଗତ ଛାତ୍ରଛାତ୍ରୀଙ୍କ ପାଇଁ ହ୍ୱାଇଟ୍ କୋଟ୍ ସମାରୋହ ଅନୁଷ୍ଠିତ ହୋଇଯାଇଛି। ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରି କିଟ୍, କିସ୍ ଓ କିମ୍ସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସେମାନଙ୍କୁ ଉପଲବ୍ଧ ସୁଯୋଗର ସର୍ବୋତ୍ତମ ଉପଯୋଗ କରିବା ସହ ନିଜର ସମଗ୍ର ବୃତ୍ତିଗତ ଜୀବନରେ ନିରନ୍ତର ଜ୍ଞାନ ଆହରଣ ପ୍ରତି ସମର୍ପିତ ରହିବାକୁ ପରାମର୍ଶ ଦେଇଥିଲେ। ନିଜ ପିଲାମାନଙ୍କ ଡାକ୍ତରୀ ଶିକ୍ଷା ପାଇଁ କିମ୍ସ ଉପରେ ଆସ୍ଥା ପ୍ରକଟ କରିଥିବାରୁ ପିଲାଙ୍କ ଅଭିଭାବକମାନଙ୍କୁ ଶ୍ରୀ ସାମନ୍ତ କୃତଜ୍ଞତା ଜଣାଇ କହିଲେ, ଏହା ଜ୍ଞାନର ଯୁଗ। ତେଣୁ ପିଲାମାନେ ଜ୍ଞାନର ସର୍ବାଧିକ ଉପଯୋଗ କରନ୍ତୁ। ବର୍ତ୍ତମାନ ସିଭିଲ୍ ସର୍ଭିସ୍ ପରୀକ୍ଷା (ୟୁପିଏସ୍‌ସି)ରେ ଅନେକ ସଫଳ ପ୍ରାର୍ଥୀ ଡାକ୍ତରୀ ପୃଷ୍ଠଭୂମିରୁ ଆସୁଥିବା ଉଦାହରଣ ଦେଇ ସେ ଛାତ୍ରଛାତ୍ରୀମାନଙ୍କୁ ପାରମ୍ପରିକ ଡାକ୍ତରୀ ବୃତ୍ତିର ସୀମା ବାହାରେ ମଧ୍ୟ ବିଭିନ୍ନ ସୁଯୋଗ ଅନ୍ୱେଷଣ କରିବାକୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମରେ କିଟ୍ ବିଶ୍ୱବିଦ୍ୟାଳୟ ଉପକୁଳାଧିପତି ଡା. ସୁବ୍ରତ ଆଚାର୍ଯ୍ୟ, କିମ୍ସ ମେଡିକାଲ କଲେଜ ଅଧ୍ୟକ୍ଷ ପ୍ରଫେସର ଡା. ଆର. ସି. ଦାସ, କିଟ୍ ସ୍କୁଲ୍ ଅଫ୍ ମେଡିସିନ୍‌ର ଉପକୁଳପତି ଡା. ସି.ବି.କେ. ମହାନ୍ତି ପ୍ରମୁଖ ଯୋଗଦେଇ, ଧଳା କୋଟ୍‌କୁ କେବଳ ଏକ ପୋଷାକ ଭାବେ ନୁହେଁ, ବରଂ ନମ୍ରତା ଓ ସମାଜ ପ୍ରତି ଦାୟିତ୍ୱବୋଧର ପ୍ରତୀକ ଭାବେ ଗ୍ରହଣ କରିବାକୁ ଛାତ୍ରଛାତ୍ରୀମାନଙ୍କୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ହ୍ୱାଇଟ୍ କୋଟ୍ ସମାରୋହ ମାଧ୍ୟମରେ କିମ୍ସର ୨୦୨୬ ଏମ୍‌ବିବିଏସ୍ ଓ ବିଡିଏସ୍ ବ୍ୟାଚ୍‌ର ଡାକ୍ତରୀ ଶିକ୍ଷା ଯାତ୍ରାର ଔପଚାରିକ ଶୁଭାରମ୍ଭ ହୋଇଥିଲା।

ଆଗକୁ ଦୀପାବଳି; ବଢୁଛି ଗୋବର ଦୀପର ଚାହିଦା

ଭୁବନେଶ୍ୱର,୩୧।୧୦(ସମିସ)

କୈଳାସ ପର୍ବତରେ ଭଗବାନ ଶିବ ବାସ କରୁଥିବା ସମୟରେ ସେମାନଙ୍କ ସହ ନନ୍ଦୀ ବଂଶ ମଧ୍ୟ ବାସ କରୁଥିଲେ। ସେହି ସମୟରେ ମା ସୀତା ଗୋମାତାଙ୍କ ଗୋବରକୁ ପ୍ରସାଧନ ସାମଗ୍ରୀ ଭାବେ ବ୍ୟବହାର କରୁଥିବା କଥା ଶିବ ପୁରାଣରୁ ଶୁଣିବାକୁ ମିଳିଥାଏ। ହେଲେ ସହରବାସୀଙ୍କ ମଧ୍ୟରେ ଗୋମାତାଙ୍କ ପ୍ରତି ଆଦର ବଢ଼ାଇବା ଓ ଗୋବରରୁ ପ୍ରସ୍ତୁତ ସାମଗ୍ରୀର ଉପକାରିତା ବିଷୟରେ ଅବଗତ କରିବା ଉଦ୍ଦେଶ୍ୟରେ ରାଜଧାନୀର ବିଭିନ୍ନ ସ୍ଥାନରେ ବିକ୍ରି କରାଯାଉଛି ଗୋବରରୁ ପ୍ରସ୍ତୁତ ଦୀପ। ଆଗକୁ ଦୀପାବଳି ଆସୁଥିବାରୁ ଆଲୋକରେ ପର୍ବରେ ଗୋବର ଦୀପରେ ଘର ସଜାଇ ଘରେ ପଜିଟିଭ୍ ଭାଇବସ ବା ସକରାତ୍ମକ ପରିବେଶ ସୃଷ୍ଟି କରିବାକୁ ସଚେତନ କରାଯାଉଛି। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ଡମଣା କୋ-ଅପରେଟିଭ୍ ହାଉସିଂ ସୋସାଇଟି ସମ୍ମୁଖରେ। ସହର ଉପକଣ୍ଠ ସମେତ ବିଭିନ୍ନ ସ୍ଥାନରୁ ଗୋବର ସଂଗ୍ରହ କରି ସେଥିରେ ଦୀପ ପ୍ରସ୍ତୁତ କରୁ ବିକ୍ରି କରାଯାଉଛି।

ଆଗକୁ ଦୀପାବଳି ଆସୁଥିବା ବେଳେ ନିଜ ଘରକୁ ଆଲୋକିତ କରିବାକୁ ସମସ୍ତେ ଦୀପ କିଣିଥାନ୍ତି। ସାଧାରଣତଃ ଦୀପାବଳି ପୂର୍ବରୁ ବିଭିନ୍ନ ସ୍ଥାନରେ ଦୀପ ବିକ୍ରି ମଧ୍ୟ ଆରମ୍ଭ ହୋଇଥାଏ। ସେହିକ୍ରମରେ ଘରେ ଘରେ ସକାରାତ୍ମକ ପ୍ରଭାବ ସୃଷ୍ଟି କରିବା ସହ ଗୋମାତାଙ୍କ ପ୍ରତି ସମ୍ମାନ ଓ ଭକ୍ତି ରହିବା ଏବଂ ଗୋବରର ବ୍ୟବହାର ସମ୍ପର୍କରେ ସଚେତନ କରାଇବା ଲକ୍ଷ୍ୟରେ ଗୋସେବକମାନେ ଏଭଳି ପ୍ରୟାସ କରିଛନ୍ତି। ଗୋବରରେ ଲକ୍ଷ୍ମୀ ରହୁଥିବା ସହ ବିଭିନ୍ନ ନକାରାତ୍ମକ ଶକ୍ତିକୁ ଦୂରରେ ରଖୁଥିବା ବିଶ୍ୱାସ ରହିଛି। ତେଣୁ ଗୋବରରୁ ପ୍ରସ୍ତୁତ ଦୀପ ଜାଳିଲେ ଲକ୍ଷ୍ମୀଙ୍କ ପ୍ରାପ୍ତି ହେବା ସହ ଘର ଭିତରେ ସକାରାତ୍ମକ ପରିବେଶ ସୃଷ୍ଟି ହେଉଥିବାରୁ ପୂର୍ବଜମାନେ ଗୋବର ଓ ମାଟିରେ ଘର ଲେପୁଥିଲେ ବୋଲି ଶୁଣିବାକୁ ମିଳେ। ଏହି ବିଶ୍ୱାସରେ ରାଜଧାନୀର ଗୋସେବକାମାନେ ଏଭଳି ନିଆରା ଉଦ୍ୟମ ଆରମ୍ଭ କରିଛନ୍ତି। ବିକ୍ରେତା ଆକାଶ ଜେନା, ପ୍ରମିଳା ମଲ୍ଲିକ ଏବଂ ତାଙ୍କର ସହାୟକ ଗୋଷ୍ଠୀଙ୍କ ଦ୍ୱାରା ପ୍ରତ୍ୟେକ ଗୋଶାଳା ଏବଂ ଗ୍ରାମରୁ ଗୋବର ସଂଗ୍ରହ କରାଯାଇ ଦୀପ ପ୍ରସ୍ତୁତ କରାଯାଉଛି। ବର୍ତ୍ତମାନ ସୁଦ୍ଧା ୮ରୁ ୧୦ହଜାର ଦୀପ ତିଆରି କରାଯାଇଥିବା ବେଳେ ଏହାର ମୂଲ୍ୟ ୫ଟଙ୍କା ରୁ ୭ଟଙ୍କା ରହିଛି। ସହରର ବିଭିନ୍ନ ଆପର୍ଟମେଣ୍ଟ ଆଗରେ ଷ୍ଟଲ ମାଧ୍ୟମରେ ଏହି ଦୀପ ବିକ୍ରି କରାଯାଉଛି। ଏହାଦ୍ୱାରା ମହିଳାମାନେ ସ୍ୱାବଲମ୍ବୀ ହେବା ସହ ଗୋପାଳକ ଲାଭବାନ ହେଉଛନ୍ତି। ସବୁଠାରୁ ବଡ଼କଥା ହେଉଛି ଗୋବରର ଉପକାରିତା ବିଷୟରେ ସଚେତନ ସୃଷ୍ଟି ହେଉଥିବା ଗୋ ସେବକ କ୍ରୀଷ୍ଣା କହିଛନ୍ତି।

ବାର୍ଷିକ ଟେରାକୋଟା ପ୍ରଦର୍ଶନୀ 'ମୃତ୍ତିକା' ଉଦ୍‌ଘାଟିତ

ଭୁବନେଶ୍ୱର,୩୧।୧୦(ସମିସ): ଟେରାକୋଟା ଏବଂ କୁମ୍ଭାର ଶିଳ୍ପ ଓଡ଼ିଶାର ପ୍ରାଚୀନ ସଂସ୍କୃତି ଏବଂ ଗରିମାମୟ ଐତିହ୍ୟର ପ୍ରତୀକ ବୋଲି ବାର୍ଷିକ ଟେରାକୋଟା ପ୍ରଦର୍ଶନୀ 'ମୃତ୍ତିକା'-୨୦୨୬' ଉଦ୍‌ଘାଟିତ ହୋଇଯାଇଛି। ଶନିବାର ସ୍ଥାନୀୟ ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆରେ ଆୟୋଜିତ ଏହି ପ୍ରଦର୍ଶନୀକୁ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ, ବିଭାଗୀୟ କମିଶନର ଗୁହା ପୁନମ ତାପସ କୁମାର ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ହସ୍ତଶିଳ୍ପ ନିର୍ଦ୍ଦେଶିକା, ଉପନିର୍ଦ୍ଦେଶକଙ୍କ ସମେତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ପ୍ରଦର୍ଶନୀରେ ୨ରୁ ଉଦ୍ଧ୍ୱର୍ ଷ୍ଟଲ୍ ଖୋଲିଥିବା ବେଳେ ଓଡ଼ିଶାର ସମସ୍ତ ଜିଲ୍ଲାରୁ ପ୍ରାୟ ୩୦୦ ଜଣ ଟେରାକୋଟା ଏବଂ କୁମ୍ଭାର ହସ୍ତଶିଳ୍ପୀ ଅଂଶଗ୍ରହଣ କରିଛନ୍ତି। ପ୍ରତି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ସେହିପରି ଏଠାରେ ଶିଳ୍ପୀଙ୍କ ଦ୍ୱାରା ଲାଇଭ ଡେମୋନଷ୍ଟ୍ରେସନ୍ ମଧ୍ୟ ଦେଖିବାକୁ ପ୍ରଭଳ ଗହଳି ଜିମିଥିଲା। ପ୍ରତ୍ୟେକ ଦିନ ଦିବା ୧୧ ଟାରୁ ରାତି ୧୦ଟା ଯାଏ ଖୋଲା ରହିବ।



ବିବାହ ଆଳରେ ପ୍ରତାରଣା; ପ୍ରେମିକ ଗିରଫ

ଭୁବନେଶ୍ୱର, ୩୧।୧୦ (ସମିସ): ବିବାହ କରିବାକୁ ପ୍ରତିଶ୍ରୁତି ଦେଇ ପ୍ରତାରଣା କରିଥିବା ଅଭିଯୋଗରେ ପ୍ରେମିକକୁ ଗିରଫ କରିଛି ମହିଳା ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ୪୨ ମୌଜା ଝିଙ୍କିରିଆ ସାହିରେ ରହୁଥିବା ରାଇରଙ୍ଗପୁରର ବାରିସା ସୋରେନ୍ (୨୬)।

ପୁଲିସ ସୂଚନାନୁସାରେ, ମୈତ୍ରୀବିହାର ଥାନା ଅଞ୍ଚଳରେ ରହୁଥିବା ଯୁବତୀ ଓ ବାରିସା ମଧ୍ୟରେ ୫ ବର୍ଷ ହେବ ପ୍ରେମ ସମ୍ପର୍କ ଥିଲା। ବାରିସା ନିୟମିତ ଭାବେ ଯୁବତୀଙ୍କ ଘରକୁ ଯା-ଆସ କରୁଥିଲେ ଓ ବିବାହ କରିବାକୁ ପ୍ରତିଶ୍ରୁତି ଦେଇଥିଲା। ଏହାକୁ ବିଶ୍ୱାସ କରି ପୀଡ଼ିତାଙ୍କ ପରିବାର ମଧ୍ୟ ଏହି ସମ୍ପର୍କକୁ ସମ୍ମତି ଦେଇଥିଲେ। ବାରିସା ବିବାହର ପ୍ରତିଶ୍ରୁତି ଦେଇ ଯୁବତୀଙ୍କ ସହ ଶାରିରୀକ ସମ୍ପର୍କ ରଖିଥିଲା ଓ ପରବର୍ତ୍ତୀ ସମୟରେ ତାଙ୍କ ଠାରୁ ଦୂରେଇ ଯାଇଥିଲେ। ଗତ ଜୁନ୍ ମାସରେ ସ୍ଥାନୀୟ ମାଝୀ କମିଟିରେ ଘଟଣା ସମ୍ପର୍କରେ ଆଲୋଚନା ପରେ ବାରିସା ବିବାହ କରିବାକୁ କହି ପୀଡ଼ିତାଙ୍କୁ ସାଙ୍ଗରେ ନେଇଯାଇଥିଲେ। କିନ୍ତୁ ବିବାହ ନକରି ତାଙ୍କ ସହ କେବଳ ଶାରୀରିକ ସମ୍ପର୍କ ରଖି ପୁଣି ତାଙ୍କୁ ଘରେ ନେଇ ଛାଡ଼ି ଦେଇଥିଲା। ଆଉ ପୀଡ଼ିତାଙ୍କୁ ନେବାକୁ ଆସିନଥିଲା କି ବିବାହ କରିନଥିଲା। ପୀଡ଼ିତା ଫୋନ୍‌ରେ ଯୋଗାଯୋଗ କଲେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଘଟଣା ସମ୍ପର୍କରେ କାହାକୁ ଜଣାଇଲେ ହତ୍ୟା କରିବାକୁ ଧମକ ଦେଇଥିବା ଧମକ ଦେଇଥିଲା। ଏନେଇ ପୀଡ଼ିତା ମହିଳା ଥାନାରେ ଏତଲା ଦେବାପରେ ପୁଲିସ ବାରିସାକୁ ଗିରଫ କରି କୋର୍ଟ ଚାଲାଣ କରିଛି।

ପୂଜା ମଣ୍ଡପରେ ଅସଦାଚରଣ; ଜଣେ ଗିରଫ

ଭୁବନେଶ୍ୱର, ୩୧।୧୦ (ସମିସ): ପୂଜା ମଣ୍ଡପରେ ଅସଦାଚରଣ କରିଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ନୂଆପଲ୍ଲୀ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ସ୍ଥାନୀୟ ଗଡ଼ ସାହିର ଅଜୟ ଖୁଣ୍ଟିଆ (୩୮)।

ପୁଲିସ ସୂଚନାନୁସାରେ, ନୂଆପଲ୍ଲୀ ଅଞ୍ଚଳରେ ରହୁଥିବା ଜଣେ ଯୁବତୀ ତାଙ୍କ ପରିବାର ସଦସ୍ୟ ଓ ପଡୋଶୀଙ୍କ ସହ ନିକଟସ୍ଥ ଲକ୍ଷ୍ମୀପୂଜା ପ୍ରସାଦ ସେବନ କାର୍ଯ୍ୟକ୍ରମକୁ ଯାଇଥିଲେ। ପ୍ରସାଦ ନେବା ପାଇଁ ଧାଡ଼ିରେ ଠିଆ ହୋଇଥିବା ସମୟରେ ଅଜୟ ତାଙ୍କ ପିଠିକୁ ଅସଦ୍ ଉଦ୍ଦେଶ୍ୟରେ ସ୍ପର୍ଶ କରିଥିଲେ। ଯୁବତୀ ଏହାର ପ୍ରତିବାଦ କରିବାରୁ ଅଜୟ ଭୁଲ୍‌ରେ ହୋଇଯାଇଛି ବୋଲି କହିଥିଲେ। କିଛି ସମୟ ପରେ ସେ ପୁଣି ଅସଦ୍ ଉଦ୍ଦେଶ୍ୟରେ ସ୍ପର୍ଶ କରିବା ସହ ଅଶ୍ଳୀଳ ଇଙ୍ଗିତ ଓ ଅଶାଳୀନ ବ୍ୟବହାର ପ୍ରଦର୍ଶନ କରିଥିଲା। ଯୁବତୀ ପ୍ରତିବାଦ କରି ନିକଟରେ ଥିବା ତାଙ୍କ ବାପାଙ୍କୁ ଡାକିବା ସମୟରେ ଅଭିଯୁକ୍ତ ତାଙ୍କ ଶରୀରକୁ ଅସଦ୍ ଉଦ୍ଦେଶ୍ୟରେ ସ୍ପର୍ଶ କରିବା ସହ ତାଙ୍କୁ ଅସଦାଚରଣ କରିବାକୁ ଉଦ୍ୟମ କରିଥିଲା। ଏଥିସହ କେହି ତା'ର କିଛି କରିପାରିବେ ନାହିଁ ବୋଲି ଧମକ ଦେଇଥିଲା। ବାପା ଘଟଣାସ୍ଥଳରେ ପହଞ୍ଚି ଅଜୟକୁ ବିରୋଧ କରିଥିଲେ। ଲୋକମାନେ ଏକାଠି ହେବା ଦେଖି ଅଜୟ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଯୁବତୀ ଜଣକ ଏନେଇ ନୂଆପଲ୍ଲୀ ଥାନାରେ ଏତଲା ଦେବାପରେ ପୁଲିସ ମାମଲା ରୁଜୁ କରିଥିଲା। ଆଜି ଅଜୟକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଜୟ ପ୍ରସାଦ ସେବନ ସମୟରେ ଭିଡ଼ର ସୁଯୋଗ ନେଇ ଅନ୍ୟ କେତେକ ଝିଅଙ୍କ ସହ ମଧ୍ୟ ସମାନ ଧରଣର ଅସଦାଚରଣ କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।

ସ୍ୱାଗତ ବାର୍‌ରେ ଭଙ୍ଗାରୁଜା, ଆକ୍ରମଣ; ୩ ଗିରଫ

ଭୁବନେଶ୍ୱର, ୩୧।୧୦ (ସମିସ): ସ୍ୱାଗତ ବାରରେ ଭଙ୍ଗାରୁଜା ଓ ସେଲ୍ସ ମ୍ୟାନଙ୍କୁ ଆକ୍ରମଣ କରିଥିବା ଅଭିଯୋଗରେ ୩ ଜଣଙ୍କୁ ଗିରଫ କରିଛି ଲକ୍ଷ୍ମୀସାଗର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ଲକ୍ଷ୍ମୀସାଗର ତଳ ସାହିର ରଞ୍ଜିଆ ଭୋଇ ଓରଫ୍ ରଞ୍ଜି (୪୦), ଗୋପାଳ ପରିଡ଼ା (୨୪) ଓ ସୁମନ ସାହୁ (୨୧)।

ପୁଲିସ କହିବା ଅନୁସାରେ, ଶାନ୍ତନୁ କୁମାର ବେହେରା ଲକ୍ଷ୍ମୀସାଗର ସ୍ଥିତ ସ୍ୱାଗତ ବାରରେ ସେଲ୍ସମ୍ୟାନ୍ ଭାବେ କାମ କରନ୍ତି। ଗତ ୨୩ ତାରିଖ ରାତି ପ୍ରାୟ ୧୧ଟା ୩୦ରେ ରଞ୍ଜିଆ, ଗୋପାଳ, ସୁମନ ସାହୁ ଓ ସହଯୋଗୀମାନେ ଖଣ୍ଡା ଓ ଭୁଜାଲି ଧରି ବାର୍ ଭିତରେ ପଶିଥିଲେ। ସେମାନେ ବଳପୂର୍ବକ ମଦ ଓ ଟଙ୍କା ଦାବି କରିଥିଲେ। ଶାନ୍ତନୁ ଏଥିରେ ଅରାଜି ହେବାରୁ ଅଭିଯୁକ୍ତମାନେ ଏକ ମଦ ବୋତଲରେ ତାଙ୍କ ମୁହଁକୁ ଆକ୍ରମଣ କରିଥିଲେ। ଯାହାଫଳରେ ସେ ଗୁରୁତର ଆହତ ହୋଇଥିଲେ। ଏହାପରେ ଅଭିଯୁକ୍ତ ହାତରେ ଖଣ୍ଡା ଓ ଭୁଜାଲି ଧରି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ବାର୍ ଚଳାଇବାକୁ ହେଲେ ପ୍ରତି ମାସରେ ଏକ ନିର୍ଦ୍ଦିଷ୍ଟ ପରିମାଣର ଦାଦାବଟି ଦେବାକୁ ପଡ଼ିବ ବୋଲି ଧମକାଇଥିଲେ। ନଚେତ୍ ବାର୍ ଚଳାଇ ଦିଆଯିବ ନାହିଁ ବୋଲି ଧମକ ଦେଇଥିଲେ। ଖଣ୍ଡା ଦେଖାଇ ତାଙ୍କୁ ଜୀବନରୁ ମାରିଦେବାକୁ ଉଦ୍ୟମ କରିଥିଲେ ଓ ବାର୍ ବାହାରେ ମଧ୍ୟ ଖଣ୍ଡା ବୁଲାଇ ଲୋକଙ୍କୁ ଭୟଭୀତ କରାଇଥିଲେ। ଏଥିସହ ବାର୍ ଭିତରେ ଥିବା ବିଭିନ୍ନ ସାମଗ୍ରୀ ଫିଙ୍ଗାଫୋପଡ଼ା କରିବା ସହ ମୁଖ୍ୟ ଗେଟ୍‌କୁ ଭାଙ୍ଗି କ୍ଷତି ପହଞ୍ଚାଇଥିଲେ। ପୁଲିସ ପାଟ୍ରୋଲିଂ ଗାଡ଼ି ଆସୁଥିବା ଦେଖି ଅଭିଯୁକ୍ତମାନେ ସେଠାରୁ ଚମ୍ପଟ ମାରିଥିଲେ। ଏହି ସମସ୍ତ ଘଟଣା ସେଠାରେ ଲାଗିଥିବା ସିସିଟିଭି କ୍ୟାମେରାରେ କଏଦ ହୋଇଥିଲା। ଏନେଇ ଶାନ୍ତନୁ ଲକ୍ଷ୍ମୀସାଗର ଥାନାରେ ଏତଲା ଦେବାପରେ ପୁଲିସ ମାମଲା ରୁଜୁ କରିଥିଲା। ଘଟଣାସ୍ଥଳରୁ ସିସିଟିଭି ଫୁଟେଜ୍ ଜବତ କରିଥିଲା। ଆଜି ରଞ୍ଜିଆ, ଗୋପାଳ ଓ ସୁମନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

୬୫ ବର୍ଷୀୟା ବୃଦ୍ଧାଙ୍କ ମୃତଦେହ ଉଦ୍ଧାର



ଯାଁ ଳା / ଭୁବନେଶ୍ୱର, ୩୧/୧୦(ସମିସ): ଇନଫୋସିଟି ଥାନା ପ୍ରଶାନ୍ତି ବିହାର ଅଞ୍ଚଳରେ ଜଣେ ୬୫ ବର୍ଷୀୟା ବୃଦ୍ଧାଙ୍କ ଝୁଲନ୍ତା ମୃତଦେହ ତାଙ୍କ ଶୋଇବା ଘରୁ ମିଳିଛି। ମୃତ ବୃଦ୍ଧାଙ୍କ ନାମ କୁମୁଦି ଦେବୀ ବୋଲି ଜଣାପଡ଼ିଛି। କୁମୁଦି ଦେବୀ ନିଜ ଶୋଇବା ଘରେ ଲୁଗାକୁ ବେକରେ ବାନ୍ଧି ଝୁଲି ପଡ଼ିଥିବା ଅବସ୍ଥାରେ ପରିବାର ଲୋକ ଦେଖିବାକୁ ପାଇଥିଲେ। ଏହାପରେ ପରିବାର ପକ୍ଷରୁ ତୁରନ୍ତ ଇନଫୋସିଟି ଥାନା ପୁଲିସକୁ ଖବର ଦିଆଯାଇଥିଲା। ପୁଲିସ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲକୁ ପଠାଇଛି। ତେବେ ବୃଦ୍ଧାଙ୍କ ମୃତ୍ୟୁ ପଛର କାରଣ ସ୍ପଷ୍ଟ ହୋଇନାହିଁ। ଏନେଇ ଇନଫୋସିଟି ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।



ଭୁବନେଶ୍ୱର ସିଟି

ଭିଜିଲାନ୍ସ ସଚେତନତା ନିମନ୍ତେ ୱାକାଥନ୍

ଭୁବନେଶ୍ୱର, ୩୧।୧୦(ସମିସ)



'ଭିଜିଲାନ୍ସ ସଚେତନତା ସପ୍ତାହ ୨୦୨୬' ପାଳନ ଅବସରରେ ଏମ୍ସ ଭୁବନେଶ୍ୱର ପକ୍ଷରୁ ଏକ 'ୱାକାଥନ୍' (ପଦଯାତ୍ରା) ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଡାକ୍ତର, ଅଧ୍ୟାପକ, ଅଧ୍ୟାପିକା, ଅଧିକାରୀ, କର୍ମଚାରୀ ତଥା ମେଡିକାଲ, ନର୍ସିଂ ଏବଂ ପାରାମେଡିକାଲ୍ ଛାତ୍ରଛାତ୍ରୀମାନେ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଏକ 'ସତ୍‌ଚୋଟତା ଶପଥ' ପାଠ କାର୍ଯ୍ୟକ୍ରମରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ଉପସ୍ଥିତ ସମସ୍ତଙ୍କୁ ଶପଥ ପାଠ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ଡିନ୍ (ଏକାଡେମିକ୍) ଡ. ଦିଲ୍ଲୀପ କୁମାର ପରିଡ଼ା, ମେଡିକାଲ୍ ସୁପରିଣ୍ଟେଣ୍ଡେଣ୍ଟ ଡ. ପ୍ରଭାସ ରଞ୍ଜନ ତ୍ରିପାଠୀ, ମୁଖ୍ୟ ଭିଜିଲାନ୍ସ ଅଧିକାରୀ ଡ. ମନୋଜ କୁମାର ମହାନ୍ତି ଏବଂ ଡିଡିଏ ଲେଫ୍ଟନାଣ୍ଟ କର୍ଣ୍ଣେଲ ଅଭିଜିତ୍ ସରକାର ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଭିଜିଲାନ୍ସ ସଚେତନତା ବିଷୟବସ୍ତୁକୁ ନେଇ କୁଇଜ୍ ଏବଂ ପୋଷ୍ଟର ଡିଜାଇନ୍ ପ୍ରତିଯୋଗିତା ମଧ୍ୟ ଆୟୋଜିତ ହୋଇଥିଲା। ଏଥିରେ ଓଡ଼ିଶା ସରକାରଙ୍କ ଅବସରପ୍ରାପ୍ତ ବରିଷ୍ଠ ଆଇପିଏସ୍ ଅଧିକାରୀ ଏମ୍. ଅକ୍ଷୟ ଯୋଗଦେଇଥିଲେ। ସତର୍କତା ସଚେତନତା ସପ୍ତାହ ୨୦୨୬ ପାଳନ ଆରମ୍ଭରେ, ଏମ୍ସ ଭୁବନେଶ୍ୱର ମାନ୍ୟବର କେନ୍ଦ୍ର ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରୀ ଜେ. ପି. ନଡ୍ଡାଙ୍କ ଦ୍ୱାରା ପରିଚାଳିତ ସଚ୍ଚୋଟତା ପ୍ରତିଜ୍ଞା ସମାରୋହରେ ଅଂଶଗ୍ରହଣ କରିଥିଲେ।


ଇଣ୍ଡିଆନ୍ ଓଭରସିଜ ବ୍ୟାଙ୍କ ପକ୍ଷରୁ ସତର୍କତା ସଚେତନତା ସପ୍ତାହ



ଭୁବନେଶ୍ୱର,୩୧।୧୦(ସମିସ): ଇଣ୍ଡିଆନ୍ ଓଭରସିଜ ବ୍ୟାଙ୍କ କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ସତର୍କତା ସଚେତନତା ସପ୍ତାହ ଆୟୋଜିତ ହୋଇଛି। ଏହି ଅବସରରେ ଏକ ୱାକାଥନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ସିଆରଏମ ରାହୁଲ ଦୁବେ ଓ ଏଜିଏମ୍ ଅରବିନ୍ଦ କୁମାର ଝା ଯୋଗ ଦେଇଥିଲେ। କ୍ଷେତ୍ରୀୟ କାର୍ଯ୍ୟାଳୟ ଓ ସ୍ଥାନୀୟ ଶାଖା କର୍ମଚାରୀମାନେ ସକ୍ରିୟ ଅଂଶଗ୍ରହଣ କରିଥିଲେ।

ନବଗୁଞ୍ଜର ସଂସ୍କୃତି ମଞ୍ଚ ଆନୁକୂଲ୍ୟରେ ବ୍ୟାଖ୍ୟାନ କାର୍ଯ୍ୟକ୍ରମ

ଭୁବନେଶ୍ୱର,୩୧।୧୦(ସମିସ): ନବଗୁଞ୍ଜର ସଂସ୍କୃତି ମଞ୍ଚ ଆନୁକୂଲ୍ୟରେ ବୁଦ୍ଧ ମନ୍ଦିର ସଭାଗୃହରେ ଏକ ବିଶେଷ ବ୍ୟାଖ୍ୟାନର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ "ପବିତ୍ର ଜଗନ୍ନାଥ ସଡ଼କର ସ୍ଥିତି ଓ ମହତ୍ତ୍ୱ' ବିଷୟରେ ଏକ ତଥ୍ୟ ପୂର୍ଣ୍ଣ ଓ ଭାବଗର୍ଭକ ବ୍ୟାଖ୍ୟାନ ଉପସ୍ଥାପନା କରିଥିଲେ ବିଶିଷ୍ଟ ଐତିହ୍ୟ ବିଶେଷଜ୍ଞ ଅନୀଲ ଧୀର। ସୁବିଦିତ ସଂସ୍କୃତି ବିଶେଷଜ୍ଞ ଶାନ୍ତନୁ କୁମାର ରଥ କାର୍ଯ୍ୟକ୍ରମଟିର ସଂଯୋଜନା କରିଥିଲେ।



ପ୍ରାରମ୍ଭରେ ପ୍ରାଚୀନ କାଳରେ ଜଗନ୍ନାଥ ସଡ଼କର ଉଦ୍ୟମସ୍ଥଳରୁ ନେଇ ପୁରୀ ଶ୍ରୀଜଗନ୍ନାଥ ଧାମ ପର୍ଯ୍ୟନ୍ତ ଗୋଟିଏ ସମର୍ପିତ ଦଳ ସହିତ ଅନୀଲ ଧୀରଙ୍କର ପଦଯାତ୍ରା କାଳରେ ଦୃଶ୍ୟମାନ ହୋଇଥାନ୍ତା ବିଭିନ୍ନ ପ୍ରାଚୀନ ଐତିହ୍ୟ ସମ୍ପର୍କରେ ଗୋଟିଏ ବୃତ୍ତଚିତ୍ର ପ୍ରଦର୍ଶିତ ହୋଇଥିଲା। ଏହାପରେ ଅନୁଷ୍ଠାନର ଆବାହକ ଉମାକାନ୍ତ ମିଶ୍ର ଅତିଥିମାନଙ୍କୁ ସ୍ୱାଗତ କରିଥିଲେ ଏବଂ ଶାନ୍ତନୁ କୁମାର ରଥ ବ୍ୟାଖ୍ୟାନକର୍ତ୍ତା ଅନୀଲ ଧୀରଙ୍କର ପରିଚୟ ପ୍ରଦାନ କରିଥିଲେ। ଏହା ଉପରାନ୍ତେ ନିଜର ବିସ୍ତୃତ ବ୍ୟାଖ୍ୟାନର ଅନୀଲ କୁମାର ଧୀର ପବିତ୍ର ଜଗନ୍ନାଥ ସଡ଼କର ତତ୍କାଳୀନ ଓ ବର୍ତ୍ତମାନର ସ୍ଥିତି ସମ୍ପର୍କରେ ଏକ ତଥ୍ୟ ପୂର୍ଣ୍ଣ ବିଶ୍ଳେଷଣ କରିଥିଲେ। ଶେଷରେ ବ୍ୟାଖ୍ୟାନକର୍ତ୍ତା ଅନୀଲ ଧୀର ସଭାରେ ଉପସ୍ଥିତ ଶ୍ରୋତାମାନଙ୍କର ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ରାଜଧାନୀର ଅନେକ ସଂସ୍କୃତିପ୍ରେମୀ ଓ ବୁଦ୍ଧିଜୀବୀ ବ୍ୟକ୍ତିଗଣ ଉପସ୍ଥିତ ଥିଲେ।

ସାହିତ୍ୟ ମାସିକୀରେ 'ଅଥଚ ତୃଷ୍ଣା' ଲୋକାର୍ପିତ



ଭୁବନେଶ୍ୱର, ୩୧।୧୦(ସମିସ): ସମୟର ସଠିକ ପ୍ରତିଫଳନ କବିତାରେ ଥାଏ। ମଣିଷ ଜୀବନର କବିତାର ଉନ୍ନତି ଘଟୁଛି ବୋଲି ପ୍ରସିଦ୍ଧ କବି ମମତା ଦାଶ ମତ ଦେଇଛନ୍ତି। ଶନିବାର ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟ ଆନୁକୂଲ୍ୟରେ ଗୀତଗୋବିନ୍ଦ ସଦନ ସଭା ପ୍ରକୋଷ୍ଠରେ ଅନୁଷ୍ଠିତ "ସାହିତ୍ୟ ମାସିକୀ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯୋଗ ଦେଇ ଶ୍ରୀମତୀ ଦାଶ କବିତାରେ କବିଟିଏ ଥାଏ ବୋଲି କହିଥିଲେ। ଅତିଥିମାନେ କବି ମିହିର କାନ୍ତି ଦାଶଙ୍କ କବିତା ବହି "ଅଥଚ ତୃଷ୍ଣା' ପୁସ୍ତକକୁ ଲୋକାର୍ପିତ କରିଥିଲେ। ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ରକ୍ଷକ ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ କବି ଶ୍ରୀ ଦାଶ ଅଭିବ୍ୟକ୍ତି ରଖିଥିଲେ। ଅନୁଷ୍ଠାନର ସଭାପତି ସୂର୍ଯ୍ୟ ମିଶ୍ରଙ୍କ ପରିଚାଳନାରେ ଅନୁଷ୍ଠିତ ସଭାର ଦ୍ୱିତୀୟ ପ୍ରର୍ଯ୍ୟାୟରେ ଉପସଭାପତି ମିନତି ଦାଶ ଓ ଜୟଶ୍ରୀ ପଟ୍ଟନାୟକଙ୍କ ମିଳିତ ସଂଯୋଜନାରେ ଗୋଲଖି ରାଉତ, ଚିତ୍ତରଞ୍ଜନ ବର୍ମା, ସନ୍ତୋପ ଜେନା, ମଧୁମିତା ମିଶ୍ର ପ୍ରମୁଖ ଚାଳିଶରୁ ଅଧିକ କବି ସ୍ୱରଚିତ ଲେଖା ପାଠ କରିଥିଲେ। ଅନୁଷ୍ଠାନର ଅନ୍ୟତମ ଉପସଭାପତି ବିଭୁତି ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

ସତ୍ୟବିହାର ସାହିତ୍ୟ ସଂସଦର ସପ୍ତଦଶ ଆଧ୍ୟାତ୍ମିକ ଆଲୋଚନାଚକ୍ର



ଭୁବନେଶ୍ୱର, ୩୧।୧୦(ସମିସ): ସତ୍ୟବିହାର ସାହିତ୍ୟ ସଂସଦ ଆନୁକୂଲ୍ୟରେ ସପ୍ତଦଶ ଆଧ୍ୟାତ୍ମିକ ଆଲୋଚନାଚକ୍ର ସତ୍ୟବିହାର ସ୍ଥିତ ବରିଷ୍ଠ ନାଗରିକ କ୍ଲବ ସଭା ଗୃହରେ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡ. ଅଭୟ ନାୟକଙ୍କ ପୌରହିତ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ଭାଗବତବିତ୍, ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାରକ ତଥା ବାଗ୍ମୀ ପଣ୍ଡିତ ଅନନ୍ତ ଗୋପାଳ ପଣ୍ଡା ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥିଭାବେ ଗାଳ୍ପିକ ରବି ସ୍ୱାଇଁ, ଡ ମିହିର ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ। ଏହି ସଭାରେ ସଂସଦର ଉପ ସଭାପତି ସାହିତ୍ୟକ ଡ. ସୁରେନ୍ଦ୍ର ନାଥ ତ୍ରିପାଠୀ ସ୍ୱାଗତ ଭାଷଣ ଦେଇଥିଲେ। ଡ. ସୁଶୀଲ ପଟ୍ଟନାୟକ ଭଜନ ପରିବେଷଣ କରିଥିଲେ। ବରିଷ୍ଠ ନାଗରିକ କ୍ଲବର ସଦସ୍ୟ ଲକ୍ଷ୍ମୀଧର ସାହୁ ସଂସଦର ଆଭିମୁଖ୍ୟ ବର୍ଣ୍ଣନା କରିଥିଲେ। ସଂପାଦକ କବି କାହ୍ନୁଚରଣ ପାଣିଗ୍ରାହୀ। କାର୍ଯ୍ୟକ୍ରମକୁ ସଂଚାଳନ କରିଥିଲେ। ସଂପାଦକ ଲକ୍ଷ୍ମୀଧର ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

ଏକତା ଦିବସ ଅବସରରେ କ୍ରୁଟ୍ କାର୍ଯ୍ୟାଳୟରେ ଶପଥ ପାଠ

ଭୁବନେଶ୍ୱର, ୩୧।୧୦(ସମିସ): ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ଅବସରରେ କ୍ରୁଟ୍ କାର୍ଯ୍ୟାଳୟରେ ଜାତୀୟ ଏକତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ କ୍ରୁଟର ମହା ପ୍ରବନ୍ଧକ ସହଦେହ ସମାଧିଆ ଏବଂ ଅନ୍ୟ ଅଧିକାରୀ ତଥା କର୍ମଚାରୀଙ୍କ ଉପସ୍ଥିତିରେ ରାଷ୍ଟ୍ରୀୟ ଏକତା ଦିବସ ଶପଥ ପାଠ କରାଯାଇଥିଲା। ଏହି ଶପଥ ମାଧ୍ୟମରେ ଦେଶର ଏକତା, ଅଖଣ୍ଡତା ଓ ସୁରକ୍ଷା ବଜାୟ ରଖିବା ସହ ଦେଶବାସୀଙ୍କ ମଧ୍ୟରେ ଏକତା ଓ ଭାଇଚାରାର ବାର୍ତ୍ତା ପ୍ରସାର କରିବା ପାଇଁ ସମସ୍ତେ ସଂକଳ୍ପବଦ୍ଧ ହୋଇଥିଲେ। ଦେଶର ଏକତା ଓ ଅଖଣ୍ଡତା ପ୍ରତିଷ୍ଠା ଦିଗରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଅବଦାନକୁ ଏହି ଅବସରରେ ସ୍ମରଣ କରାଯାଇଥିଲା।

ୟୁନିଟ୍-୮ ଡିଏଭିରେ ବିଜ୍ଞାନ ସମ୍ମିଳନୀ 'ଟେକ୍ ଟୋପିଆ ୨.୦'



ଭୁବନେଶ୍ୱର, ୩୧।୧୦(ସମିସ): ବିଜ୍ଞାନ ପ୍ରତି ରୁଚି ଅଭିବୃଦ୍ଧି, ନବସୃଜନକୁ ପ୍ରୋତ୍ସାହନ, ଅଭିଜ୍ଞ ବୈଜ୍ଞାନିକମାନଙ୍କଠାରୁ ନୂତନ ଜ୍ଞାନକୌଶଳ ଗ୍ରହଣ ଉଦ୍ଦେଶ୍ୟରେ ୟୁନିଟ୍-୮ ସ୍ଥିତ ଡିଏଭି ପବ୍ଲିକ୍ ସ୍କୁଲରେ ବିଜ୍ଞାନ ସମ୍ମିଳନୀ 'ଟେକ୍ ଟୋପିଆ ୨.୦' ଅନୁଷ୍ଠିତ ହୋଇଛି। ପଦ୍ମଶ୍ରୀ ପ୍ରଫେସର ଆଦିତ୍ୟ ପ୍ରସାଦ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମ୍ପ୍ରତି ବିଶ୍ୱ ଏକ ସଙ୍କଟ ଓ ସଂଘର୍ଷମୟ ପରିସ୍ଥିତି ଦେଇ ଗତି କରୁଥିବାରୁ ଏକତା, ସହଯୋଗ ଓ ସହନଶୀଳତାର ହାତ ବଢ଼ାଇ ଏକ ସୁଖୀ, ସମୃଦ୍ଧ ଓ ସୌହାର୍ଦ୍ଦପୂର୍ଣ୍ଣ ସମାଜ ଗଠନରେ ସକ୍ରିୟ ଭୂମିକା ନିର୍ବାହ କରିବାକୁ ଛାତ୍ରଛାତ୍ରୀମାନଙ୍କୁ ପ୍ରେରିତ କରିଛନ୍ତି। ଭାରତୀୟ ଜନ ସଂଚାର ସଂସ୍ଥାନ ଢେଙ୍କାନାଳର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ମୃଣାଳ .ଟାର୍ଜୀ ବିଜ୍ଞାନ ସଂ.ର କଳା ଉପରେ ଗୁରୁତ୍ୱାରୋପ କରିଥିଲେ। ଡ. ଅଶୋକ ରଥ ମହାକାଶ ବିଜ୍ଞାନ ଓ ବୈଷୟିକ ଜ୍ଞାନକୌଶଳରେ ଭାରତର ସଫଳତା ଉପରେ ଆଲୋକପାତ କରିଥିବାବେଳେ ଡ. ହର୍ଷିତ ଶୁକ୍ଳା ମହାକାଶର ରହସ୍ୟ ଅନୁସନ୍ଧାନ ପାଇଁ ଛାତ୍ରଛାତ୍ରୀଙ୍କ ଜିଜ୍ଞାସା ଭାବକୁ ଉଦ୍ରେକ କରିଥିଲେ। ପଦ୍ମା ମହାନ୍ତି ଓ ତନ୍ମୟ ସାହୁ ଜିମ କୋର୍ବେଟ ଚଳଚ୍ଚିତ୍ର ପ୍ରଦର୍ଶନ କରିଥିବାବେଳେ ଆଞ୍ଚଳିକ ବିଜ୍ଞାନ କେନ୍ଦ୍ରର ପୂର୍ବତନ ଅଧିକାରୀ ହିମାଂଶୁ ଶେଖର ଶତପଥି, ଶିକ୍ଷା ଅଧିକାରୀ ନିକୁଞ୍ଜ ବିହାରୀ ସାହୁ ପ୍ରମୁଖ ଛାତ୍ରଛାତ୍ରୀଙ୍କ ମାର୍ଗଦର୍ଶନ କରିଥିଲେ। ବିଦ୍ୟାଳୟର ବିଜ୍ଞାନ ବିଭାଗ ପକ୍ଷରୁ ଏହି ସଚେତନତାଧର୍ମୀ ସମ୍ମିଳନୀ ଯୁବପିଢ଼ିଙ୍କ ମନରେ ବୈଜ୍ଞାନିକ ମନୋଭାବ, ଅନୁସନ୍ଧିତ୍ସୁ ଓ ନୂତନ ଆବିଷ୍କାର ପ୍ରତି ଆଗ୍ରହୀ କରିବାକୁ ପ୍ରେରଣା ଯୋଗାଇବ ବୋଲି ବିଦ୍ୟାଳୟର ଅଧକ୍ଷା ଈପ୍ସିତା ଦାସ ମତବ୍ୟକ୍ତ କରିଥିଲେ।

ଲାୟନ୍ସ କ୍ଲବ ବ୍ୟାଙ୍କର୍ସ ପକ୍ଷରୁ ଦିବ୍ୟାଙ୍ଗ ପିଲାଙ୍କ ପାଇଁ କାର୍ଯ୍ୟକ୍ରମ



ଭୁବନେଶ୍ୱର, ୩୦।୧୦(ସମିସ): ଲାୟନ୍ସ କ୍ଲବ ଅଫ୍ ଭୁବନେଶ୍ୱର ବ୍ୟାଙ୍କର୍ସ ପକ୍ଷରୁ ସହିଦନଗରସ୍ଥିତ ଇନଷ୍ଟିଚ୍ୟୁଟ୍ ଫର୍ ହେଲପିଂ ଡିସେବଲ୍‌ଡଠାରେ ଦିବ୍ୟାଙ୍ଗ ପିଲାଙ୍କ ପାଇଁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପିଲାମାନଙ୍କ ମଧ୍ୟରେ ଗୀତ, ନୃତ୍ୟ ଓ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିବାବେଳେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପରେ କ୍ଲବ ପକ୍ଷରୁ ପିଲାଙ୍କ ଶିକ୍ଷାରେ ଉପଯୋଗୀ ବିଭିନ୍ନ ଶିକ୍ଷା ଉପକରଣ ପ୍ରତିଷ୍ଠାନକୁ ପ୍ରଦାନ କରାଯାଇଥିଲା। କ୍ଲବ ସଭାପତି ରଘୁନାଥ ପୃଷ୍ଟିଙ୍କ ନେତୃତ୍ୱରେ ସମ୍ପାଦକ ମନମୋହନ ମିଶ୍ର, ଯୁଗ୍ମ ସମ୍ପାଦକ ପ୍ରକାଶ ଦାସ, କୋଷାଧକ୍ଷ କୀର୍ତ୍ତିବର୍ଦ୍ଧନ ଭୂୟାଁ ଓ ଗାୟତ୍ରୀ ମିଶ୍ରଙ୍କ ପ୍ରୟାସରେ କାର୍ଯ୍ୟକ୍ରମଟି ଆୟୋଜିତ ହୋଇଥିଲା। ଏଥିରେ ପ୍ରତିଷ୍ଠାନର ସମ୍ପାଦକ ଭାଗିରଥି ପଣ୍ଡା, ଅଧକ୍ଷା ଆରତୀ ରାଣୀ ଦାଶ, କ୍ଲବର ଉପସଭାପତି ନୃସିଂହ ପ୍ରସାଦ ମହାପାତ୍ରଙ୍କ ସମେତ ସଦସ୍ୟ ଅଭୟ କୁମାର ମହାପାତ୍ର, ମୁକ୍ତିକାନ୍ତ ଶତପଥୀ, ବିଚିତ୍ର କୁମାର ମିଶ୍ର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

ଇଞ୍ଜିନିୟରିଂ ଷ୍ଟୁଡେଣ୍ଟସ୍ ଆସୋସିଏସନର ମଶାଲ ଶୋଭାଯାତ୍ରା

ଭୁବନେଶ୍ୱର,୩୧।୧୦(ସମିସ): ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୧ତମ ଜନ୍ମଜୟନ୍ତୀ ତଥା ଜାତୀୟ ଏକତା ଦିବସ ଅବସରରେ ଓଡ଼ିଶା ଇଞ୍ଜିନିୟରିଂ ଷ୍ଟୁଡେଣ୍ଟସ୍ ଆସୋସିଏସନ ପକ୍ଷରୁ ରାମ ମନ୍ଦିରଠାରେ ଏକ ବିଶାଳ ମଶାଲ ଶୋଭାଯାତ୍ରା ଆୟୋଜିତ ହୋଇଛି। ଏହି ଅବସରରେ ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ, ଜଗନ୍ନାଥ ପ୍ରଧାନ ଏବଂ ୱାର୍ଡ ନଂ-୪୫ର କର୍ପୋରେଟର ଅମରେଶ ଜେନା ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ଇଞ୍ଜିନିୟରିଂ ଷ୍ଟୁଡେଣ୍ଟସ୍ ଆସୋସିଏସନର ଆବାହକ ସୁମନ କୁମାର ସାହୁ, ଆବାହକ ରାଜେଶ ପାଣି, ସହ-ଆବାହକ ଗୋପାଳ କୃଷ୍ଣ ସାହୁ ଏବଂ ଓଡ଼ିଶା ଇଞ୍ଜିନିୟରିଂ ଷ୍ଟୁଡେଣ୍ଟସ୍ ଆସୋସିଏସନର ସଭାପତି ଆର୍ଯ୍ୟନ ଦାଶ ପ୍ରମୁଖ ଉପସ୍ଥିତ ରହି ଏହି ବିଶାଳ ମଶାଲ ଶୋଭାଯାତ୍ରାର ନେତୃତ୍ୱ ନେଇଥିଲେ। ଏହା ସହ ଦେଶର ଲୌହ ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜନ୍ମ ଜୟନ୍ତୀ ଅବସରରେ ତାଙ୍କୁ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ପାଇଁ ଏ ବିଶାଳ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି ବୋଲି ସଙ୍ଘର ଆବାହକ ସୁମନ ସାହୁ ନିଜ ପ୍ରତିକ୍ରିୟାରେ କହିଥିଲେ।

ବିଜେଇଏମ୍-୨ରେ 'ସୃଜନ ସଙ୍ଗମ' ବାର୍ଷିକ ପ୍ରଦର୍ଶନୀ



ଭୁବନେଶ୍ୱର,୩୧।୧୦(ସମିସ): ସ୍ଥାନୀୟ ସତ୍ୟଭାମାପୁରସ୍ଥିତ ବିଜେଇଏମ୍ ସ୍କୁଲ୍-୨ରେ ବାର୍ଷିକ ପ୍ରଦର୍ଶନୀ 'ସୃଜନ ସଙ୍ଗମ' ଆୟୋଜିତ ହୋଇଯାଇଛି। ଚଳିତ ବର୍ଷ 'ପରମ୍ପରାରୁ ଆଧୁନିକ ପ୍ରଯୁକ୍ତିବିଦ୍ୟା' ବିଷୟବସ୍ତୁକୁ ଆଧାର କରି ଆୟୋଜିତ ଏହି ପ୍ରଦର୍ଶନୀରେ ଛାତ୍ରଛାତ୍ରୀଙ୍କ ୨୮୦ଟି ପ୍ରକଳ୍ପ ସ୍ଥାନ ପାଇଥିଲା। ମୁଖ୍ୟ ଅତିଥି ଭାବେ ରାଜ୍ୟ ସରକାରଙ୍କ ଗ୍ରାମୀଣ ଜଳଯୋଗାଣ ଓ ପରିମଳ ବିଭାଗର ପରାମର୍ଶଦାତା ଇଞ୍ଜିନିୟର ଶାନ୍ତି ସ୍ୱରୂପ ରଥ ଯୋଗଦେଇଥିଲେ। ବିଦ୍ୟାଳୟ ସଭାପତି ରଘୁନାଥ ମିଶ୍ର ଉପସ୍ଥିତ ଥିଲେ। ଉତ୍କୃଷ୍ଟ ପ୍ରକଳ୍ପ ପାଇଁ ଅଂଶଗ୍ରହଣକାରୀଙ୍କୁ ପ୍ରମାଣପତ୍ର ମଧ୍ୟ ପ୍ରଦାନ କରାଯାଇଥିଲା। ବିଦ୍ୟାଳୟ ଅଧକ୍ଷ ବରଦା ପ୍ରସାଦ ପାଇକରାୟଙ୍କ ନେତୃତ୍ୱ ଓ ମାର୍ଗଦର୍ଶନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉପାଧକ୍ଷ ଡ. ମନୋରଞ୍ଜନ ବେଜ୍, ଶିକ୍ଷକ-ଶିକ୍ଷୟିତ୍ରୀ ଓ କର୍ମଚାରୀ ଆୟୋଜନରେ ସହଯୋଗ କରିଥିଲେ।

ଏକାମ୍ର କ୍ଷେତ୍ରର ବିକାଶକୁ ଗୁରୁତ୍ୱ

ଭୁବନେଶ୍ୱର, ୩୧।୧୦(ସମିସ): ଏକାମ୍ର କ୍ଷେତ୍ରର ସାମଗ୍ରିକ ବିକାଶ, ପିପିଲି ଚାନ୍ଦୁଆ ହବ ନିର୍ମାଣ ଏବଂ ପୁରୀ ଅର୍ଣ୍ଣପୂର୍ଣ୍ଣା ଥିଏଟରର ପୁନରୁଦ୍ଧାର ନେଇ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧକ୍ଷତାରେ ଲୋକସେବା ଭବନଠାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଶ୍ରୀଲିଙ୍ଗରାଜ ମନ୍ଦିର ଓ ଏହାର ଆଖପାଖ ଅଞ୍ଚଳର ଭିତ୍ତିଭୂମି ବିକାଶ ସହ ଏକାମ୍ର ପାର୍କ, ପର୍ଯ୍ୟଟକ ସମ୍ମିଳନୀ କେନ୍ଦ୍ର, ଶୌଚାଳୟ, ଭଜନ ମଣ୍ଡପ ଓ ଅନନ୍ତ ବାସୁଦେବ ପ୍ଲାଜାର ବିକାଶ ସମ୍ପର୍କରେ ସମୀକ୍ଷା ହୋଇଥିଲା। ଏଥିସହ ବିନ୍ଦୁସାଗରକୁ ପ୍ରଶସ୍ତ ପଦଚଲା ରାସ୍ତା ନିର୍ମାଣ ନେଇ ମଧ୍ୟ ଆଲୋଚନା କରାଯାଇଥିଲା। ବୈଠକରେ ଏକାମ୍ର ବିଧାୟକ ବାବୁ ସିଂ, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ଓବିସିସି ପରିଚାଳନା ନିର୍ଦ୍ଦେଶକ ଅନୁପମ ସାହା, ବିଏମ୍‌ସି କମିଶନର ଚଞ୍ଚଳ ରଣା, ଓବିସିସି ସିଜିଏମ୍ ଶ୍ରୀଧର ରାଉତଙ୍କ ସମେତ ଏଏସ୍‌ଆଇ କର୍ତ୍ତୃପକ୍ଷ ଓ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ରହିଥିଲେ।

ପୂର୍ବତନ ପ୍ରଧାନ ବିଚାରପତିଙ୍କ କିଟ୍ ଓ କିସ୍ ପରିଦର୍ଶନ



ଭୁବନେଶ୍ୱର,୩୧।୧୦(ସମିସ): ସୁପ୍ରିମକୋର୍ଟର ପୂର୍ବତନ ପ୍ରଧାନ ବିଚାରପତି ଜଷ୍ଟିସ୍ ଉଦୟ ଉମେଶ ଲଳିତ ଆଜି କିଟ୍ ଓ କିସ୍ ପରିଦର୍ଶନ କରିଛନ୍ତି। ଏହି ଗସ୍ତ ଅବସରରେ ଜଷ୍ଟିସ୍ ଲଳିତ କିଟ୍ ଲ' ସ୍କୁଲର ଅଧ୍ୟାପକ ଅଧ୍ୟାପିକା ଓ ଛାତ୍ରଛାତ୍ରୀଙ୍କୁ ଏକ ସ୍ୱତନ୍ତ୍ର ବକ୍ତୃତା ପ୍ରଦାନ କରିଥିଲେ। ଏହି ଅବସରରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଜଷ୍ଟିସ୍‌ଙ୍କୁ ସ୍ୱାଗତ କରିବା ସହ କୃତଜ୍ଞତା ଜଣାଇଥିଲେ।

ଯୁଗ ପ୍ରବର୍ତ୍ତକର ନୂତନ ସଂଖ୍ୟା ଉନ୍ମୋଚିତ

ଭୁବନେଶ୍ୱର,୩୧।୧୦(ସମିସ): ତ୍ରୈମାସିକ ସାହିତ୍ୟ ପତ୍ରିକା ଯୁଗ ପ୍ରବର୍ତ୍ତକର ନୂତନ ସଂଖ୍ୟା ଧଉଳି ଚାରୁକଳା ମହାବିଦ୍ୟାଳୟଠାରେ ଉନ୍ମୋଚିତ ହୋଇଛି। ଏହି ସଂଖ୍ୟାରେ ଧଉଳି ଚାରୁକଳା ମହାବିଦ୍ୟାଳୟର ପ୍ରତିଷ୍ଠାରୁ ଏପର୍ଯ୍ୟନ୍ତ କିପରି ଏକ ଉନ୍ନତ କଳାସାଧନାର ଅନୁଷ୍ଠାନ ଭାବେ ଗଢି ତୋଳାଯାଇଛି ତାର ଇତିହାସ ସମ୍ପର୍କରେ ଏକ ସ୍ୱତନ୍ତ୍ର ଉପସ୍ଥାପନା ରହିଛି। ଏହି ପତ୍ରିକା ୨୦୧୭ ମସିହାରୁ ପ୍ରକାଶନ ଆରମ୍ଭ କରି ୧୦ ବର୍ଷ ଧରି ତାର ପ୍ରକାଶନ ଜାରି ରଖିଛି। ଗଣ ସାଂସ୍କୃତିକ ମଞ୍ଚ, ଭୁବନେଶ୍ୱର ପକ୍ଷରୁ ପ୍ରକାଶିତ ଏହି ପତ୍ରିକା କଳା ଓ ସାହିତ୍ୟ ଉଭୟ ବିଷୟବସ୍ତୁ ନେଇ ତାର ଚର୍ଚ୍ଚା ଜାରୀ ରଖିଛି। ଆସନ୍ତା ୨୦ ଡିସେମ୍ବର ଦିନ ଏହି ପତ୍ରିକାରେ ବାର୍ଷିକ ଉତ୍ସବ ଜୟଦେବ ଭବନଠାରେ ଅନୁଷ୍ଠିତ ହେବାକୁ ଯାଉଛି। ଧଉଳି ଚାରୁକଳା ମହାବିଦ୍ୟାଳୟର ଅଧକ୍ଷଙ୍କ ଦ୍ୱାରା ଏହି ସଂଖ୍ୟା ଉନ୍ମୋଚିତ ହୋଇଛି।

ଯାଁଳା କପ୍ କ୍ରିକେଟ୍: ଯାଁଳା, ବିଁ କୁଡ଼ିଆ ବିଜୟୀ

ଯାଁଳା,୩୧।୧୦(ସମିସ): ସ୍ଥାନୀୟ ରାଧା ମାଧବ କ୍ଲବ ଆନୁକୁଲ୍ୟରେ ନବମ ପଞ୍ଚାୟତ ଲେଭୁଲ୍ କର୍କ ବଲ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ପ୍ରଥମ ମ୍ୟାଚ ଗୁଡୁମ ଏବଂ ଯାଁଳା ଟିମ୍ ମଧ୍ୟରେ ହୋଇଥିଲା। ପ୍ରଥମେ ଗୁଡୁମ ଦଳ ନିର୍ଦ୍ଧାରିତ ୧୫ ଓଭର୍ ଖେଳ ଶେଷସୁଧା ୧୨୯ ରନ୍ ବିନିମୟରେ ୮ଉଇକେଟ୍ ହାସଲ କରିଥିଲା। ଜବାବରେ ଯାଁଳା ଦଳ ୧୧ଓଭର୍ ୪ ଉଇକେଟ୍ ବିନିମୟରେ ମ୍ୟାଚ ଟିକୁ ଅତି ରୋମାଞ୍ଚକ ଭାବରେ ବିଜୟୀ ଲାଭ କରିଥିଲା। ସେହିପରି ଦ୍ୱିତୀୟ ମ୍ୟାଚ ସାରୁଅ ଏବଂ ବିଁ କୁଡିଆ ମଧ୍ୟରେ ଖେଳ ହୋଇଥିଲା, ପ୍ରଥମେ ସାରୁଅ ଟିମ୍ ନିର୍ଦ୍ଧାରିତ ୧୫ ଓଭର ରେ ୮ ଉଇକେଟ ବିନିମୟରେ ୧୫୩ରନ୍ ସଂଗ୍ରହ କରିଥିଲା। ଜବାବରେ ବିଁ କୁଡିଆ ୧୩ ଓଭର ୨ଟି ବଲ୍ ବିନିମୟରେ ୫ ଉଇକେଟ୍ ହାତେଇ ମ୍ୟାଚଟିକୁ ବିଜୟୀ ଲାଭ କରିଥିଲେ। ଆଜି ପ୍ରଥମ ମ୍ୟାଚରେ ମ୍ୟାନ ଅଫ୍ ଦି ମ୍ୟାଚ ଶିତିକଣ୍ଠ ପଟ୍ଟନାୟକ ହୋଇଥିବା ବେଳେ, ଦ୍ୱିତୀୟ ମ୍ୟାଚର ମ୍ୟାନ ଅଫ୍ ଦି ମ୍ୟାଚ ଅମିୟ ମହାନ୍ତି ହୋଇଛନ୍ତି। ଆଜି ମ୍ୟାଚର ଅତିଥି ଭାବେ ବିକ୍ରମ ମହାପାତ୍ର ଏବଂ ଶ୍ରୀ ସୋମ୍ ଯୋଗ ଦେଇ ଖେଳାଳିଙ୍କୁ ଉତ୍ସାହିତ କରିବା ସହିତ ଉଦବୋଧନ ଦେଇଥିଲେ।

ବିଜେଡି ପକ୍ଷରୁ ଇନ୍ଦିରାଙ୍କ ପୁଣ୍ୟ ତିଥି ଓ ପଟେଲଙ୍କ ଜୟନ୍ତୀ



ଭୁବନେଶ୍ୱର, ୩୧।୧୦(ସମିସ): ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ପକ୍ଷରୁ ଶନିବାର ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିସ୍ଥଳ ତାଙ୍କର ପୁଣ୍ୟ ତିଥି ଓ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ତୈଳ ଚିତ୍ର ନିକଟରେ ତାଙ୍କର ଜୟନ୍ତୀ ପାଳିତ ହୋଇଯାଇଛି। ସ୍ୱର୍ଗତା ଗାନ୍ଧୀ ଓ ସର୍ଦ୍ଦାର ବଲ୍ଲଭଭାଇଙ୍କ ଜୀବନାଦର୍ଶ ଉପରେ ଉପସ୍ଥିତ ଅତିଥି ମାନେ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି ସଞ୍ଚାଳନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗାୟକ ଯୁବଭାସ୍କର ଜ୍ଞାନପ୍ରିୟ କାନୁନଗୋ, ଅମିତ୍ ପାତାଳ ସିଂ, ଦେବପ୍ରସାଦ ବେଉରା, ବିଜୟ କୁମାର ସାହୁ, ଚୈତନ୍ୟ ତ୍ରିପାଠୀ, ପ୍ରାଧ୍ୟାପକ ରଙ୍ଗାଧର ସାହୁ, ସମାଜସେବୀ ମନୋରଞ୍ଜନ ମହାନ୍ତି, ପ୍ରାଧ୍ୟାପକ ରମେଶ ଚନ୍ଦ୍ର ପାତାଳ ସିଂ ପ୍ରମୁଖ ଯୋଗଦାନ କରି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। (ରଞ୍ଜନା)

ତ୍ରିନାଥ ସାଂସ୍କୃତିକ ପରିଷଦ ଦ୍ୱାରା ଡ. ତିରୁପତି ପାଣିଗ୍ରାହୀ ସମ୍ବର୍ଦ୍ଧିତ

ଭୁବନେଶ୍ୱର, ୩୧।୧୦(ସମିସ): ସୁନ୍ଦରପଦା ତଳସାହିରେ ତ୍ରିନାଥ ସାଂସ୍କୃତିକ ପରିଷଦ ପକ୍ଷରୁ ଆୟୋଜିତ ମାଆ ଗଜଲକ୍ଷ୍ମୀ ପୂଜା ମଣ୍ଡପ ପରିଦର୍ଶନ କରିଛନ୍ତି ହାଇଟେକ୍ ଗ୍ରୁପର ପ୍ରତିଷ୍ଠାତା ଅଧକ୍ଷ ଡ. ତିରୁପତି ପାଣିଗ୍ରାହୀ। ପ୍ରତିବର୍ଷ ଆୟୋଜିତ ଏହି ପୂଜାମହୋତ୍ସବ ଚଳିତ ବର୍ଷ ୧୧ଦିନ ଧରି ଚାଲିବ। ଶ୍ରଦ୍ଧାଳୁମାନଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଉଛି। ପୂଜାମଣ୍ଡପରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଡ. ପାଣିଗ୍ରାହୀ ଯୁବଗୋଷ୍ଠୀଙ୍କ ଏହି ପ୍ରୟାସକୁ ଭୂୟଶୀ ପ୍ରଶଂସା କରିଥିଲେ। ଯୁବକମାନେ ଆଧ୍ୟାତ୍ମିକ ମାର୍ଗରେ ପରିଚାଳିତ ହେବା ସହ ସମାଜସେବା କଲେ ଅଞ୍ଚଳର ବିକାଶ ହୋଇପାରିବ। ଯାହାକି ଆସନ୍ତା ଦିନରେ ପ୍ରଗତିର ମାର୍ଗ ପ୍ରସସ୍ତରେ ସହାୟକ ହେବ ବୋଲି ସେ କହିଥିଲେ। ସେହିପରି ଏ ଅଞ୍ଚଳର ଗରିବ ରୋଗୀମାନଙ୍କୁ ହାଇଟେକ୍ ମେଡିକାଲ୍ ସର୍ବାଧିକ ପ୍ରାଧାନ୍ୟଦେଇ ଚିକିତ୍ସା କରିବା ସହ ଅସହାୟ ରୋଗୀଙ୍କ ଚିକିତ୍ସା କଥା ସେ ନିଜେ ବୁଝିବେ ବୋଲି କହିଥିଲେ। ଅଞ୍ଚଳର ୨ଜଣ ଗରିବ ମେଧାବୀ ଛାତ୍ରଛାତ୍ରୀଙ୍କୁ ସଂପୂର୍ଣ୍ଣ ନିଶୁଳ୍କ ଇଞ୍ଜିନିୟରିଂ ଶିକ୍ଷା ପ୍ରଦାନ କରିବା ଦାୟିତ୍ୱ ସେ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ତ୍ରିନାଥ ସାଂସ୍କୃତିକ ପରିଷଦର ସଭାପତି ପ୍ରିୟବ୍ରତ ସ୍ୱାଇଁ, ଉପସଭାପତି ପ୍ରତାପ ଜେନା, ସଂପାଦକ ଭଜେନ୍ଦ୍ର ଜେନା,କୋଷାଧକ୍ଷ ଜଗନ ସାହୁ ପ୍ରମୁଖ ଉପସ୍ଥିତ ରହି ଡ. ପାଣିଗ୍ରାହୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ।



ଖତ ଖାଉଛି ଲକ୍ଷ ଲକ୍ଷ ଟଙ୍କାର କମ୍ପ୍ୟୁଟର ଓ ଉପକରଣ

ପ୍ରହସନ ପାଲଟିଛି ହାଇସ୍କୁଲ ପିଲାଙ୍କ କମ୍ପ୍ୟୁଟର ଶିକ୍ଷା

ସମସ୍ତ ବିଦ୍ୟାଳୟରେ ଭୋକେସନାଲ ଶିକ୍ଷକ ନିଯୁକ୍ତି ଦାବି

ବଡ଼ସାହି,୩୧।୧୦(ସମିସ):



ହାଇସ୍କୁଲ ସ୍ତରରେ ପିଲାଙ୍କୁ କମ୍ପ୍ୟୁଟର ଶିକ୍ଷା ଦେବା ଏକ ପ୍ରହସନ ପାଲଟିଛି। ଫଳରେ ଲକ୍ଷ ଲକ୍ଷ ଟଙ୍କାର କମ୍ପ୍ୟୁଟର ଓ ବିଭିନ୍ନ ଉପକରଣ ବିଦ୍ୟାଳୟରେ ପଡ଼ି ପଡ଼ି ଖତ ଖାଉଛି। ଏଥିପାଇଁ ନିଯୁକ୍ତି ପାଇଥିବା ତାଲିମପ୍ରାପ୍ତ ସଂଯୋଜକ ଓ ସଂଯୋଜିକା ମଧ୍ୟ ଛଟେଇ ହୋଇଥିବା ଜଣାଯାଇଛି। ଫଳରେ ହାଇସ୍କୁଲ ସ୍ତରରେ ଏହି ଶିକ୍ଷା ଅନ୍ଧାରକୁ ଠେଲି ହୋଇଯାଇଛି କହିଲେ ଅତ୍ୟୁକ୍ତି ହେବନାହିଁ। ବ୍ଲକ୍‌ରେ ପୂର୍ବରୁ କେବଳ ବଡ଼ସାହି ଉଚ୍ଚ ବିଦ୍ୟାଳୟରେ ଭୋକେସନାଲ ପାଠ ଓ ଟ୍ରେନିଂ ପିଲା ପାଉଥିବାବେଳେ ଏବେ ଗତ ୫ ମାସ ହେବ ଦେଉଳିଆ ଓ ବୈଦ୍ୟପୁର ଉଚ୍ଚବିଦ୍ୟାଳୟରେ ଏନଜିଓ ମାଧ୍ୟମରେ ଜଣେ ଲେଖାଏଁ ଆଇଟି ଓ ମେକାନିକାଲ ଶିକ୍ଷକଙ୍କୁ ଭୋକେସନାଲ ଟ୍ରେନିଂ ଓ ପାଠ ପଢାଇବା ପାଇଁ ନିଯୁକ୍ତି ମିଳିଥିବାର ଜଣାଯାଇଛି। ସେମାନେ ନବମ ଓ ଦଶମ ଶ୍ରେଣୀର ସଂସ୍କୃତ ଓ ହିନ୍ଦୀ ବିଷୟ ବଦଳରେ ଏହି ପାଠ ପଢିବା ପାଇଁ ଇଚ୍ଛୁକ ପିଲାଙ୍କୁ କେବଳ ଏହି ଶିକ୍ଷା ପ୍ରଦାନ କରୁଥିବା ଜଣାଯାଇଛି। ଫଳରେ ଏହାକୁ ନେଇ ସମସ୍ତ ପିଲା କମ୍ପ୍ୟୁଟର ଶିକ୍ଷାରୁ ବଞ୍ଚିତ ହେଉଛନ୍ତି। ବିଭାଗ ଏଥିପ୍ରତି ଦୃଷ୍ଟି ଦେବା ସହିତ ଡିଜିଟାଲ ଯୁଗରେ ପିଲାଙ୍କ ଦକ୍ଷତା ବୃଦ୍ଧି ପାଇଁ ଏହାର ପୁନର୍ବିଚାର କରି ସମସ୍ତ ପିଲାଙ୍କୁ କମ୍ପ୍ୟୁଟର ଶିକ୍ଷା ଦେବା ପାଇଁ ବ୍ୟବସ୍ଥା କରିବାକୁ ଦାବି ହୋଇଛି।

ଆଧୁନିକ ଯୁଗରେ ହାଇସ୍କୁଲ ସ୍ତରରେ ପିଲାଙ୍କୁ କମ୍ପ୍ୟୁଟର ଶିକ୍ଷା ଦେବା ପାଇଁ ୨୦୧୪ରେ ଶିକ୍ଷା ବିଭାଗ ସିଦ୍ଧାନ୍ତ ନେଇ ଏପ୍ରିଲ ମାସରେ 'ଓକେସିଏଲ' ନାମକ ଏକ ସଂସ୍ଥା ପରିଚାଳନାରେ 'ରାମସା' କମ୍ପ୍ୟୁଟର ଜ୍ଞାନକୌଶଳ ଥିବା ଓ ତାଲିମପ୍ରାପ୍ତ ସଂଯୋଜକ, ସଂଯୋଜିକାଙ୍କୁ ବିଦ୍ୟାଳୟରେ ନିଯୁକ୍ତି ଦେଇଥିଲା। ଏହି ଶିକ୍ଷକମାନେ ୮ମରୁ ୧୦ମ ଶ୍ରେଣୀ ପିଲାଙ୍କୁ ତିନିଦିନ କମ୍ପ୍ୟୁଟର ଶିକ୍ଷା ସହିତ ସ୍କୁଲର ସମସ୍ତ ଇ-କାର୍ଯ୍ୟକ୍ରମ ପରିଚାଳନା କରୁଥିଲେ। ଏପରିକି କମ୍ପ୍ୟୁଟର ଓ ଅନ୍ୟ ଯନ୍ତ୍ରାଂଶର ରକ୍ଷଣାବେକ୍ଷଣ ମଧ୍ୟ ସେହି ସଂସ୍ଥା କରୁଥିଲା। ବଡ଼ସାହି ବ୍ଲକର ୩୯ଟି ହାଇସ୍କୁଲରୁ କେତୋଟି ବ୍ଲକ୍ ଗ୍ରାଣ୍ଟ ସ୍କୁଲକୁ ଛାଡିଦେଲେ ପ୍ରାୟ ସମସ୍ତ ସ୍କୁଲରେ ଏହି ଶିକ୍ଷାଦାନ ଆରମ୍ଭ ହୋଇଥିଲା। ସ୍କୁଲ ପିଛା ଏଥିପାଇଁ ୨୦ ଲକ୍ଷ ଟଙ୍କା ଲେଖାଏଁ ଖର୍ଚ୍ଚ ହୋଇଥିବା ଜଣାଯାଇଛି। ଏହି ଅନୁଦାନରେ ପ୍ରତି ସ୍କୁଲରେ ୧୨ଟି କମ୍ପ୍ୟୁଟର, ପ୍ରୋଜେକ୍ଟର, ୟୁପିଏସ, ଜେନେରେଟର, ପ୍ରିଣ୍ଟର, ସ୍ମାର୍ଟ ୱାଇଟ ବୋର୍ଡ, ୱେବ କ୍ୟାମେରା, ହେଡଫୋନ, ଫାୟାର ଏଷ୍ଟିଙ୍ଗୱିସେର, ନୋଟିସ ବୋର୍ଡ ଓ କାନ୍ଥଘଣ୍ଟା ସହିତ ଆବଶ୍ୟକୀୟ ଚେୟାର, ଟେବୁଲ ଯୋଗାଇ ଦିଆଯାଇଥିଲା। ଏହି ଉପକରଣ ଏକ ସ୍ୱତନ୍ତ୍ର ଆଇସିଟି ଲ୍ୟାବରେ ରଖାଯାଇ ପିଲାଙ୍କୁ କମ୍ପ୍ୟୁଟର ଶିକ୍ଷା ପ୍ରଦାନ କରାଯାଉଥିଲା। ଡିଜିଟାଲ ଯୁଗରେ ସରକାରଙ୍କ ଏହି ନିଷ୍ପତ୍ତିକୁ ଅଭିଭାବକ ଓ ଛାତ୍ରଛାତ୍ରୀଙ୍କ ପକ୍ଷରୁ ସ୍ୱାଗତ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ମଧ୍ୟରେ ମଧ୍ୟ ଏହି ଶିକ୍ଷାକୁ ନେଇ ଉତ୍ସୁକତା ବୃଦ୍ଧି ପାଇଥିଲା। ଏପରିକି ହାଇସ୍କୁଲ ସ୍ତରରେ ପିଲାମାନେ କମ୍ପ୍ୟୁଟର ଶିକ୍ଷା ଜାଣିବା ଫଳରେ ସେମାନେ ସିବିଏସଇ ପିଲାଙ୍କ ସହିତ ସମତୁଲ୍ୟ ହୋଇପାରୁଥିଲେ। ତେବେ ଶିକ୍ଷାଦାନ କରୁଥିବା ଏହି ସଂଯୋଜକ ଓ ସଂଯୋଜିକାଙ୍କ ଚୁକ୍ତି ଅବଧି ୫ ବର୍ଷ ପୂରିବା ପରେ ସେମାନଙ୍କୁ କାର୍ଯ୍ୟରୁ ଅନ୍ତର କରାଯାଇଥିଲା। ବାରମ୍ବାର ଅଭିଯୋଗ ଓ ଦାବି ପରେ ମଧ୍ୟ ସରକାର ସେମାନଙ୍କ କଥାକୁ ବିଚାରକୁ ନେଇ ନ ଥିବାରୁ ଏହି ଶିକ୍ଷା ଅନ୍ଧାରକୁ ଠେଲି ହୋଇଯାଇଥିଲା। ସମ୍ପୃକ୍ତ ବିଦ୍ୟାଳୟରେ ଜଣେ ଲେଖାଏଁ ବିଜ୍ଞାନ ଓ ଗଣିତ ଶିକ୍ଷକଙ୍କୁ ତାଲିମ ଦିଆଯିବାକୁ ଥିବାବେଳେ ତାହା ମଧ୍ୟ ଫଳପ୍ରଦ ହୋଇ ନ ଥିବା ଜଣାଯାଇଛି। ଫଳରେ ଏହି ଶିକ୍ଷାଦାନ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହେବା ସହିତ ବାଟବଣା ହୋଇଯାଇଥିବା ଅଭିଭାବକ ଅଭିଯୋଗ କରିଆସୁଥିବା ଜଣାପଡ଼ିଛି।

ଜାତୀୟ ଏକତା ଦିବସ ପାଳିତ



ବାରିପଦା ୩୧।୧୦(ସମିସ): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ପକ୍ଷରୁ ଜାତୀୟ ଏକତା ଦିବସ ପାଳିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ମହେନ୍ଦ୍ର କୁମାର ମହାନ୍ତି ଏହି କାର୍ଯ୍ୟକ୍ରମରେ ଯୋଗଦେଇ ବିଶ୍ୱବିଦ୍ୟାଳୟର ସମସ୍ତ ଶିକ୍ଷକ, ଅଣଶିକ୍ଷକ କର୍ମଚାରୀ ଓ ଛାତ୍ରଛାତ୍ରୀଙ୍କୁ ଏହି ଦିବସ ଉପଲକ୍ଷେ ଶପଥ ପାଠ କରାଇଥିଲେ। ପ୍ରଫେସର ମହାନ୍ତି ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ପବିତ୍ର ଜନ୍ମତିଥି ଅବସରରେ ପାଳିତ ହୋଇଆସୁଥିବା ଏହି ଦିବସର ମହତ୍ତ୍ୱ ସଂପର୍କରେ ସୂଚନା ପ୍ରଦାନ କରିବା ସହ ଆମ ଦେଶର ଅଖଣ୍ଡତା ଓ ଅନ୍ତର୍ନିହିତ ଶକ୍ତିକୁ ବଜାୟରଖିବା ପାଇଁ ପ୍ରତି ଭାରତୀୟ ଏହି ଏକତାର ମନ୍ତ୍ରକୁ ଧାରଣ କଲେ ଆମ ଜାତୀୟତା ଓ ମାନବିକତାର ବନ୍ଧନ ସୁଦୃଢ ହୋଇପାରିବ ବୋଲି କହିଥିଲେ। ଏଥିରେ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ରାଜେଶ କୁମାର ସିଂହଙ୍କ ସମେତ ବିଶ୍ୱବିଦ୍ୟାଳୟର ସମସ୍ତ ଶିକ୍ଷକ, କର୍ମଚାରୀ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ସଂଯୋଜକ ଡକ୍ଟର ପ୍ରିୟରଂଜନ ଦେବତା, କାର୍ଯ୍ୟକ୍ରମ ଅଧିକାରୀ ଡକ୍ଟର ଯତୀନ୍ଦ୍ର ନାଥ ବେଶ୍ରା, ବରିଷ୍ଠ ସହାୟକ ଅଜୟ ବଳ ପ୍ରମୁଖ ସହଯୋଗ କରିଥିଲେ।

କୁଳିଅଣା: ଲୌହ ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୧ତମ ଜୟନ୍ତୀ ତଥା ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ଆଜି ସକାଳ ୭ଟା ସମୟରେ କୁଳିଅଣା ଥାନା ପକ୍ଷରୁ ଗଣଦୌଡ଼ ଅନୁଷ୍ଠିତ ହୋଇଯାଇଛି। ଆଇଆଇସି ସୁଦୀପ କୁମାର ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବାଇଗଣବାଡିଆସ୍ଥ ବିବି ମହାବିଦ୍ୟାଳୟର ୪୦ ଜଣ ଛାତ୍ରଛାତ୍ରୀ ଓ ଥାନା କର୍ମଚାରୀ ଏହି ଗଣଦୌଡରେ ସାମିଲ ଥିଲେ। କୁଳିଅଣା ଥାନାଠାରୁ ବଜାର ଓ ବଜାରଠାରୁ ଥାନା ପର୍ଯ୍ୟନ୍ତ ଗଣଦୌଡ଼ ଅନୁଷ୍ଠିତ ହୋଇଥିଲା। ଏଥିରେ ଥାନାର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।



ବାରିପଦା: ସ୍ଥାନୀୟ ତକତପୁରସ୍ଥ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଶନିବାର "ରାଷ୍ଟ୍ରୀୟ ଏକତା ଦିବସ' ପାଳିତ ହୋଇଯାଇଛି। ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶକ୍ରମେ କଲେଜ ସମ୍ମିଳନୀ କକ୍ଷରେ ପୂର୍ବାହ୍ନ ୧୧ଟାରେ ଏକ ସ୍ୱତନ୍ତ୍ର ଶପଥ ଗ୍ରହଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ନାରାୟଣ ପ୍ରସାଦ ବେହେରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ, ଅଧ୍ୟାପିକା ଓ ଅଣଶିକ୍ଷକ କର୍ମଚାରୀ ଉପସ୍ଥିତ ରହି ଦେଶର ଏକତା, ଅଖଣ୍ଡତା ଓ ସୁରକ୍ଷା ବଜାୟ ରଖିବା ନିମନ୍ତେ ଏକତା ଶପଥ ପାଠ କରିଥିଲେ। ଦେଶ ଗଠନ ଓ ଜାତୀୟ ସଂହତି ପ୍ରତିଷ୍ଠାରେ ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଅତୁଳନୀୟ ଅବଦାନକୁ ସ୍ମରଣ କରାଯିବା ସହ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସମାଜ ଓ ରାଷ୍ଟ୍ରର ଉନ୍ନତି ପାଇଁ ସଂକଳ୍ପବଦ୍ଧ ହେବାକୁ ଆହ୍ୱାନ ଦିଆଯାଇଥିଲା।



ବାରିପଦା ଡିଗ୍ରୀ ମହାବିଦ୍ୟାଳୟରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ



ବାରିପଦା, ୩୧।୧୦(ସମିସ): ସ୍ଥାନୀୟ ଭଞ୍ଜପୁରସ୍ଥ ବାରିପଦା ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କ୍ରମରେ ଗତକାଲି ମହାବିଦ୍ୟାଳୟର ଅଧ୍ୟକ୍ଷ ଡ ପ୍ରବୋଧ କୁମାର ଦେ'ଙ୍କ ତତ୍ତ୍ୱାବଧାନରେ ସମସ୍ତ କର୍ମଚାରୀ ଓ ଶତାଧିକ ଛାତ୍ରଛାତ୍ରୀ ଏକତ୍ରିତ ହୋଇ ଦୁର୍ନୀତି ବିରୋଧରେ ଶପଥପାଠ କରିଥିଲେ। ଶନିବାର ସମ୍ମିଳନୀ କକ୍ଷରେ ଆୟୋଜିତ ସଚେତନତା ସଭାରେ ବାରିପଦା ଭିଜିଲାନ୍ସ ୟୁନିଟ୍ ଇନ୍ସପେକ୍ଟର ବିକାଶ କୁମାର ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦେଇ ଦୁର୍ନୀତି ଭଳି ସାମାଜିକ ବ୍ୟାଧିରୁ ଦୂରେଇ ରହିବା ସହ ଏକ ସ୍ୱଚ୍ଛ ଓ ଦୁର୍ନୀତିମୁକ୍ତ ସମାଜ ଗଠନରେ ଯୁବପିଢ଼ିଙ୍କ ପ୍ରମୁଖ ଭୂମିକା ଉପରେ ଆଲୋକପାତ କରିଥିଲେ। ଜାତୀୟ ସେବା ଯୋଜନା ଅଧିକାରୀ ସରୋଜ କୁମାର ବେହେରା ସଭା ପରିଚାଳନା କରିଥିବାବେଳେ ଅଧ୍ୟାପିକା ଜ୍ୟୋତ୍ସ୍ନାରାଣୀ ଦତ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଓ ମହାବିଦ୍ୟାଳୟର କର୍ମଚାରୀ ଉପସ୍ଥିତ ଥିଲେ।

ରଙ୍ଗାମାଟିଆ ମହାବିଦ୍ୟାଳୟରେ ନିଶା ମୁକ୍ତ ଭାରତ ଅଭିଯାନ



ବାରିପଦା,୩୧।୧୦(ସମିସ): ଭାରତ ସରକାରଙ୍କ 'ନିଶା ମୁକ୍ତ ଭାରତ ଅଭିଯାନ' ଅଧୀନରେ ରଙ୍ଗାମାଟିଆ ମହାବିଦ୍ୟାଳୟ ପରିସରରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦେଶକୁ ନିଶାମୁକ୍ତ ଓ ଏକ ସୁସ୍ଥ ସମାଜ ଗଠନ ଲକ୍ଷ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ହରିଶ ଚନ୍ଦ୍ର ମହାନ୍ତ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏ ଅବସରରେ "ମାଇଁ ଭାରତ'ର ଜିଲ୍ଲା ମୁଖ୍ୟ ଓ ୪ ଜଣ ବିଶେଷଜ୍ଞ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି ଯୁବପିଢ଼ିଙ୍କୁ ନିଶାଦ୍ରବ୍ୟ ବ୍ୟବହାରର ମାରାତ୍ମକ ପ୍ରଭାବ ସମ୍ପର୍କରେ ସଚେତନ କରାଇଥିଲେ। ସମାଜକୁ ନିଶା କବଳରୁ ମୁକ୍ତି ଦେବା ପାଇଁ ଛାତ୍ରଛାତ୍ରୀଙ୍କ ଦ୍ୱାରା ଏକ ସଚେତନତା ରାଲି ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀ ନିଶାମୁକ୍ତ ସମାଜ ଗଠନ ପାଇଁ ସଂକଳ୍ପ ନେଇ ଶପଥ ପାଠ କରିଥିଲେ। ଛାତ୍ରଛାତ୍ରୀ ନିଶା ନିବାରଣ ଉପରେ ସେମାନଙ୍କର ମତାମତ ଓ ପରାମର୍ଶ ଲିଖିତ ଆକାରରେ ଏକ ସ୍ୱତନ୍ତ୍ର "ଡ୍ରପ୍ ବକ୍ସ'ରେ ପ୍ରଦାନ କରିଥିଲେ। ସମସ୍ତଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ସଫଳତାର ସହ ଶେଷ ହୋଇଛି।

ଜିଲ୍ଲାସ୍ତରୀୟ ସଫ୍ଟବଲ ପ୍ରତିଯୋଗିତା



କୁଳିଅଣା, ୩୧।୧୦(ସମିସ): କୁଳିଅଣା ବ୍ଲକ ଅନ୍ତର୍ଗତ ଭୁରୁଙ୍ଗାଶୋଲ ସରକାରୀ ଉଚ୍ଚବିଦ୍ୟାଳୟରେ ୧୭ ବର୍ଷରୁ କମ ବାଳକ ବିଭାଗ ସଫ୍ଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମୟୂରଭଞ୍ଜ ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ମାର୍ଗଦର୍ଶନରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଆଶିଷ ରଞ୍ଜନ ବାସୁରିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗୀରଥି ମଲ୍ଲିକ ଯୋଗଦେଇ ଅନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ବିଚାରକ ଭାବେ କୈଳାସ ଚନ୍ଦ୍ର ମହାଳିକ, ପ୍ରଦୀପ କୁମାର ଚୌଧୁରୀ, ଅଞ୍ଜନ କୁମାର ରାଉତ, ବାବୁଲାଲ ହେମ୍ବ୍ରମ, ସନ୍ତୋଷ କୁମାର ବେହୁରିଆ ଯୋଗ ଦେଇଥିଲେ। ଆସନ୍ତା ନଭେମ୍ବର ମାସ ତୃତୀୟ ସପ୍ତାହରେ ବାଲେଶ୍ୱରରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ସଫ୍ଟବଲ କ୍ରୀଡା ପ୍ରତିଯୋଗିତାରେ ମୟୂରଭଞ୍ଜ ଜିଲ୍ଲାରୁ ମନୋନୀତ ଖେଳାଳି ଅଂଶଗ୍ରହଣ କରିବେ। ସେଣ୍ଟ୍ରାଲ ଅଫିସିଆଲ ଭାବେ ଦୀପକ ରାମ ଯୋଗ ଦେଇଥିଲେ। ଖେଳ ପରିଚାଳନାରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଶଶାଙ୍କଶେଖର ମହାପାତ୍ର, ଦୀପକ କୁମାର ସେଠୀ, ଶିକ୍ଷୟିତ୍ରୀ ବାସୁମତୀ ମାରାଣ୍ଡି, ସୁଷମା ସୁପ୍ରଭା ଦଳେଇ, ମମତା ପ୍ରଧାନ, ଅଫିସ ସହାୟକ ସୁଶାନ୍ତ ମହାନ୍ତ, କର୍ମଚାରୀ ସୁଜିତ ରଞ୍ଜନ ମହାନ୍ତ, ଯଦୁମଣି ଧଳ ପ୍ରମୁଖ ସହଯୋଗ କରିଥିଲେ।

ଉଦଳା ହାଇସ୍କୁଲରେ ସୁରକ୍ଷିତ ଶୈଶବ ସଚେତନତା ଶିବିର



ଉଦଳା, ୩୧।୧୦(ସମିସ): ଉଦଳା ତାଲୁକ ଆଇନ ସେବା ସମିତି ଆନୁକୂଲ୍ୟରେ ସ୍ଥାନୀୟ ହାଇସ୍କୁଲ ସଭାଗୃହରେ "ସୁରକ୍ଷିତ ଶୈଶବ ଅଭିଯାନ' ଶୀର୍ଷକ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ କମିଟି ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲ୍ଲା ଦୌରାଜଜ୍ (ଏଡିଜେ) ପ୍ରଦୀପ କୁମାର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ୨୦୧୨ରେ ପ୍ରଣୀତ ପକ୍ସୋ ଆଇନର ଆବଶ୍ୟକତା ଓ ଏହାର କାର୍ଯ୍ୟକାରିତା ଉପରେ ଆଲୋକପାତ କରିଥିଲେ। ୧୮ ବର୍ଷରୁ କମ୍ ବୟସର ଶିଶୁ ଓ କିଶୋରକିଶୋରୀଙ୍କ ଉପରେ ହେଉଥିବା ଯୌନ ନିର୍ଯାତନାକୁ ରୋକିବା ପାଇଁ ଏହି ଆଇନର ବିଭିନ୍ନ ଦିଗ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇବା ସହ ସେମାନଙ୍କୁ ସଚେତନ ରହିବାକୁ ପରାମର୍ଶ ଦେଇଥିଲେ। ସ୍ଥାନୀୟ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ (ଜେଏମ୍ଏଫ୍ସି) ଅନୁରାଗ ଦେହୁରୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନିରାପଦ ଶୈଶବ ଗଠନ ଓ ଶିଶୁ ସୁରକ୍ଷା କ୍ଷେତ୍ରରେ ପକ୍ସୋ ଆଇନର ଗୁରୁତ୍ୱ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ପ୍ରାରମ୍ଭରେ ଲିଗାଲ ରିଟେନର ତଥା ଆଇନଜୀବୀ ଶାଶ୍ୱତ ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓକିଲ ସଂଘ ସମ୍ପାଦକ ବସନ୍ତ କୁମାର ପରିଡ଼ା, ଆଇନଜୀବୀ ମକରନ୍ଦ ପଲେଇ ଓ ହାଇସ୍କୁଲର ସହକାରୀ ଶିକ୍ଷକ ବିଭୁପ୍ରସାଦ ହାତୀ ପ୍ରମୁଖ ଉପସ୍ଥିତ ରହି ଶିଶୁ ସୁରକ୍ଷା ଆଇନର ବିଭିନ୍ନ ଦିଗ ଉପରେ ମତବ୍ୟକ୍ତ କରିଥିଲେ। ଶେଷରେ ଉପଖଣ୍ଡ ଓକିଲ ସଂଘର ଯୁଗ୍ମସମ୍ପାଦକ ରଜତ କୁମାର ମହାପାତ୍ର ଆଇନଗତ ସହାୟତା ସମ୍ପର୍କରେ ଆଲୋଚନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ମହିଳା ଆଇନଜୀବୀ ହରପ୍ରିୟା ହାଁସଦା, ବିଚାର ବିଭାଗୀୟ କର୍ମଚାରୀ ସନତ କୁମାର ସେଠୀଙ୍କ ସମେତ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ 'ତମାଖୁ ମୁକ୍ତ ବିଦ୍ୟାଳୟ' ତାଲିମ ଶିବିର



ବାରିପଦା, ୩୧।୧୦(ସମିସ): ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ତମାଖୁ ମୁକ୍ତ ଯୁବ ଅଭିଯାନ ୪.୦ ପରିପ୍ରେକ୍ଷୀରେ ଶିକ୍ଷକଙ୍କ ପାଇଁ ଏକଦିବସୀୟ "ତମାଖୁ ମୁକ୍ତ ବିଦ୍ୟାଳୟ' ତାଲିମ ଶିବିର ବାରିପଦାଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ସୁବାସ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ତମାଖୁ, ଅପମିଶ୍ରିତ ଓ ବିଷାକ୍ତ ନିଶାଦ୍ରବ୍ୟ ବ୍ୟବହାରର ଭୟାବହ ପରିଣାମ ଉପରେ ସଚେତନତା ସୃଷ୍ଟି କରାଯାଇଥିଲା। ନିଶା ସେବନ ଯୋଗୁଁ ବ୍ୟକ୍ତି ମାରାତ୍ମକ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁମୁଖରେ ପଡ଼ିବା ସହ ପରିବାର କିପରି ଅନିଶ୍ଚିତ ଭବିଷ୍ୟତ ଆଡ଼କୁ ଠେଲି ହୋଇଯାଏ, ସେ ସମ୍ପର୍କରେ ଉପସ୍ଥିତ ଶିକ୍ଷକଙ୍କୁ ଅବଗତ କରାଯାଇଥିଲା। ବିଦ୍ୟାଳୟ ସ୍ତରରେ ଛାତ୍ରଛାତ୍ରୀଙ୍କୁ ସଚେତନ କରାଇ କିପରି ପ୍ରତ୍ୟେକ ଶିକ୍ଷାନୁଷ୍ଠାନକୁ ତମାଖୁ ମୁକ୍ତ କରାଯାଇପାରିବ, ସେ ଦିଗରେ ଡ. ନାୟକ ଗୁରୁତ୍ୱାରୋପ କରିଥିଲେ। ଏ ଅବସରରେ ଉପସ୍ଥିତ ସମସ୍ତ ପ୍ରତିନିଧି ନିଜେ ତମାଖୁ ସେବନ ନ କରିବା ଓ ଅନ୍ୟମାନଙ୍କୁ ଏଥିରୁ ନିବୃତ୍ତ ରଖିବା ପାଇଁ ଶପଥ ପାଠ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟରୁ ୩୫ ଜଣ ଶିକ୍ଷକଶିକ୍ଷୟିତ୍ରୀଙ୍କ ସମେତ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରର ଜନସ୍ୱାସ୍ଥ୍ୟ ଓ ଯୋଗାଯୋଗ ଅଧିକାରୀ ତଥା ପ୍ରୋଗ୍ରାମ ମ୍ୟାନେଜର ଅଂଶଗ୍ରହଣ କରିଥିଲେ। ଏହି ତାଲିମ ଆଗାମୀ ଦୁଇଦିନ ଧରି ଚାଲିବ ବୋଲି ସୂଚନା ମିଳିଛି। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ସୁନନ୍ଦା ମିଶ୍ର, ଅଣସଂକ୍ରାମକ ରୋଗ ବିଭାଗର ଡ. ଜ୍ଞାନେନ୍ଦ୍ର କୁମାର ମହାନ୍ତି, ଜିଲ୍ଲା ଜନସ୍ୱାସ୍ଥ୍ୟ ଓ ଯୋଗାଯୋଗ ଅଧିକାରୀ ଧନୁ ମୁର୍ମୁ ଓ ଶିକ୍ଷା ବିଭାଗ ପକ୍ଷରୁ ଜ୍ଞାନରଞ୍ଜନ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ଅଣସଂକ୍ରାମକ ରୋଗ ବିଭାଗ ପକ୍ଷରୁ କାର୍ଯ୍ୟକ୍ରମଟି ସଫଳତାର ସହ ପରିଚାଳିତ ହୋଇଥିଲା।

କଂଗ୍ରେସ ସେବାଦଳ ପକ୍ଷରୁ ରକ୍ତଦାନ ଶିବିର

ବାରିପଦା, ୩୧।୧୦(ସମିସ): ମୟୂରଭଞ୍ଜ (ପୂର୍ବ) କଂଗ୍ରେସ ସେବାଦଳ ପକ୍ଷରୁ ବାରିପଦା ଷ୍ଟାଡ଼ିୟମ ସମ୍ମିଳନୀ କକ୍ଷରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ସେବାଦଳ ଅଧ୍ୟକ୍ଷ ଶୁଭେନ୍ଦୁ ମହାନ୍ତି ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପିସିସି ସାଧାରଣ ସମ୍ପାଦକ ଅରବିନ୍ଦ ଦାସ, ପ୍ରଦେଶ କଂଗ୍ରେସ ବ୍ୟବସାୟ ସେଲ୍ ଅଧ୍ୟକ୍ଷ ଯୋଗେଶ ଅଗ୍ରୱାଲ, ବାରିପଦା ବାର୍ ଆସୋସିଏସନ ସଭାପତି ଜ୍ୟୋତିପ୍ରକାଶ ରଥ, ପୂର୍ବତନ ସଭାପତି ବିଭୁ ପ୍ରସାଦ ଦାସ, କଂଗ୍ରେସ ଏସ୍‌ଟି ସେଲ୍ ରାଜ୍ୟ ଉପସଭାପତି ଚୈତନ୍ୟ ହାଁସଦା, ସେବାଦଳ ଜିଲ୍ଲା ଅଧ୍ୟକ୍ଷ ଦିଲ୍ଲୀପ ନାୟକ, ଓବିସି ସେଲ୍ ଜିଲ୍ଲା ଅଧ୍ୟକ୍ଷ ତାରାକାନ୍ତ ବେହେରା, ଏସ୍‌ସି ସେଲ୍ ଜିଲ୍ଲା ଅଧ୍ୟକ୍ଷା ସସ୍ମିତା ବେହେରା, ଏସ୍‌ସି ସେଲ୍ ରାଜ୍ୟ ସାଧାରଣ ସମ୍ପାଦକ ସଞ୍ଜୟ ସେଠୀ, ଏସ୍‌ଟି ସେଲ୍ ରାଜ୍ୟ ସାଧାରଣ ସମ୍ପାଦକ ଚୈତନ୍ୟ ମାଝୀ, ଛାତ୍ର କଂଗ୍ରେସ ସଭାପତି ମୋତି ପ୍ରକାଶ ଦାସ, ଟାଉନ ସଭାପତି ଏସକେ ଇକବାଲ, ଡିସିସି ଉପସଭାପତି ଶିବାନନ୍ଦ ଦାସ, ଦୀପକ ଦାସ, ଡିସିସି ସାଧାରଣ ସମ୍ପାଦକ ବନମାଳୀ ବାରିକ, ମହିଳା କଂଗ୍ରେସ ନେତ୍ରୀ ଇତିଶ୍ରୀ ମିଶ୍ର ଓ ଫରିଦା ତବସୁମ ପ୍ରମୁଖ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ବାରିପଦା ରକ୍ତଭଣ୍ଡାରର ଡାକ୍ତର ଓ କର୍ମଚାରୀ ରକ୍ତ ସଂଗ୍ରହ କରିଥିଲେ। ଶିବିରରୁ ମୋଟ ୧୭ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିବା ଜଣାପଡ଼ିଛି।

ଭତ୍ତା ପାଇଁ ଚାତକ ଭଳି ଚାହିଁଛନ୍ତି ହିତାଧିକାରୀ

ବିନା ଭତ୍ତାରେ ବିତିଲା ଦୁର୍ଗାପୂଜା-ଲକ୍ଷ୍ମୀପୂଜା

- ଆଗକୁ କାଳୀପୂଜା, ବନ୍ଦାଣ ପର୍ବ ଓ ପ୍ରଥମାଷ୍ଟମୀ
- ଡବଲ ଇଞ୍ଜିନ ସରକାର ଉପରେ ମୟୂରଭଞ୍ଜବାସୀ କ୍ଷୁବ୍ଧ
- ଦାନା ବାନ୍ଧୁଛି ବଡ଼ ଆନ୍ଦୋଳନ

ବାରିପଦା, ୩୧।୧୦(ସମିସ):



ଓଡ଼ିଶାର ସର୍ବବୃହତ ଆଦିବାସୀ ବହୁଳ ଜିଲ୍ଲା ମୟୂରଭଞ୍ଜରେ ସାମାଜିକ ସୁରକ୍ଷା ଭତ୍ତା ବଣ୍ଟନ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି। ମାସ ମାସ ଧରି ବ୍ୟାଙ୍କ ଖାତାକୁ ଟଙ୍କା ନ ଆସିବା ଓ ନୂତନ ଆବେଦନକାରୀଙ୍କୁ ଭତ୍ତା ନ ମିଳିବା କାରଣରୁ ଗ୍ରାମାଞ୍ଚଳର ବୃଦ୍ଧବୃଦ୍ଧା, ବିଧବା ଓ ଦିବ୍ୟାଙ୍ଗ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଫଳରେ ଜିଲ୍ଲାର ୨୬ଟି ବ୍ଲକ ତଥା ୪୦୪ଟି ପଞ୍ଚାୟତର ହିତାଧିକାରୀଙ୍କ ମଧ୍ୟରେ ଡବଲ ଇଞ୍ଜିନ ସରକାର ପ୍ରତି ତୀବ୍ର ଅସନ୍ତୋଷ କୁହୁଳିବାରେ ଲାଗିଛି। ଯାହାକି ବଡ଼ ଆନ୍ଦୋଳନର ଦାନା ବାନ୍ଧୁଛି।

ଗତ ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ବିଜେଡି ଶାସନ କାଳରେ ଜିଲ୍ଲାର ମୋଟ ୪୪,୭୫୦ ଜଣ ଯୋଗ୍ୟ ହିତାଧିକାରୀଙ୍କୁ ଯଥା ସମୟରେ ଭତ୍ତା ମିଳୁଥିଲା। କିନ୍ତୁ ରାଜ୍ୟରେ ବିଜେପି ସରକାର କ୍ଷମତାସୀନ ହେବା ପରଠାରୁ ନୂତନ ଭତ୍ତା ମଞ୍ଜୁର ପ୍ରକ୍ରିୟା ପ୍ରାୟତଃ ଠପ୍ ହୋଇପଡ଼ିଛି। ବର୍ତ୍ତମାନ ସୁଦ୍ଧା ଜିଲ୍ଲାରେ ଭତ୍ତା ପାଇବା ପାଇଁ ୪୧,୦୭୬ ଜଣ ଆବେଦନ କରି ଅପେକ୍ଷା କରି ରହିଛନ୍ତି। ସେହିପରି ୮୦ ପ୍ରତିଶତରୁ ଊର୍ଦ୍ଧ୍ୱ ଦିବ୍ୟାଙ୍ଗ ଓ ୮୦ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ବୃଦ୍ଧବୃଦ୍ଧାଙ୍କ ପାଇଁ ଘୋଷିତ ୩,୫୦୦ ଟଙ୍କାର ବର୍ଦ୍ଧିତ ଭତ୍ତା ପାଇବାକୁ ଆଉ ୨,୪୦୦ ଜଣ ଆବେଦନକାରୀ ପ୍ରତୀକ୍ଷା କରି ନିରାଶ ହୋଇଛନ୍ତି। ଅନ୍ୟପକ୍ଷରେ ବ୍ୟାଙ୍କ ଡିବିଟି (ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର) ମାଧ୍ୟମରେ ଭତ୍ତା ପାଉଥିବା ପୁରୁଣା ହିତାଧିକାରୀଙ୍କ ସମସ୍ୟା ଦିନକୁ ଦିନ ଉତ୍କଟ ରୂପ ନେଉଛି। ମାସ ମାସ ଧରି ସେମାନଙ୍କ ବ୍ୟାଙ୍କ ଖାତାକୁ ଟଙ୍କା ଆସୁନାହିଁ। ବୟସର ଅପରାହ୍ନରେ ବାଡ଼ି ଧରି ବ୍ୟାଙ୍କ ଓ ପଞ୍ଚାୟତ ଅଫିସକୁ ଦୌଡ଼ି ଦୌଡ଼ି ହିତାଧିକାରୀ ନୟାନ୍ତ ହେଉଛନ୍ତି। ଏ ସମ୍ପର୍କରେ ବିଭାଗୀୟ ଅଧିକାରୀ କିମ୍ବା ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ପଚାରିଲେ, "ୱେବସାଇଟ୍ ପ୍ରୋବ୍ଲେମ୍' ଓ ସର୍ଭର ତ୍ରୁଟିର ବାହାନା ଦେଖାଇ ଦାୟିତ୍ୱ ସାରିଦେଉଛନ୍ତି। ପ୍ରଶାସନିକ ଉଦାସୀନତା ଯୋଗୁଁ ହଜାର ହଜାର ଅସହାୟ ଲୋକ ନିଜ ପ୍ରାପ୍ୟ ପାଇବାରୁ ବଞ୍ଚିତ ହୋଇ ଚରମ ଦୁର୍ଦ୍ଦଶା ଭୋଗୁଛନ୍ତି। ଗତ ନିର୍ବାଚନରେ ମୟୂରଭଞ୍ଜବାସୀ ବିଜେପି ଉପରେ ଅତୁଟ ଭରସା ରଖି ଜିଲ୍ଲାର ସମସ୍ତ ୯ଟି ଯାକ ବିଧାନସଭା ଆସନରେ ଦଳକୁ ବିଜୟୀ କରାଇଥିଲେ। କେବଳ ସେତିକି ନୁହେଁ, ମୟୂରଭଞ୍ଜ ଲୋକସଭା ଆସନ ସହିତ ଜିଲ୍ଲା ଅନ୍ତର୍ଗତ କେନ୍ଦୁଝର ଓ ବାଲେଶ୍ୱର ସଂସଦୀୟ କ୍ଷେତ୍ରର ସାଂସଦ ପ୍ରାର୍ଥୀଙ୍କୁ ମଧ୍ୟ ବିପୁଳ ଭୋଟରେ ଜିତାଇଥିଲେ। ମାତ୍ର ସରକାର ଗଠନ ପରେ ଲୋକଙ୍କ ସମସ୍ୟା ପ୍ରତି କର୍ଣ୍ଣପାତ ନ କରିବା ସାଧାରଣରେ ଗଭୀର କ୍ଷୋଭ ସୃଷ୍ଟି କରିଛି। ସ୍ଥିତି ଏପରି ହୋଇଛି ଯେ, ୩ ବର୍ଷ ନ ପୂରୁଣୁ ଜିଲ୍ଲାବାସୀ ଅନୁତାପ କଲେଣି। ଶାସକ ଦଳ ପ୍ରତି ଜନସାଧାରଣଙ୍କର ଏହି ମୋହଭଙ୍ଗ ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନ ଫଳାଫଳ ଉପରେ ସିଧାସଳଖ ପ୍ରଭାବ ପକାଇବ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି। ଚଳିତ ପାର୍ବଣ ଋତୁରେ ଗରିବ ଅସହାୟଙ୍କ ଘରେ ହସ ଫୁଟିବା ପରିବର୍ତ୍ତେ ଅନ୍ଧାର ଛାଇ ରହିଛି। ଦୁର୍ଗାପୂଜା ଓ ଲକ୍ଷ୍ମୀପୂଜା ବିନା ଭତ୍ତାରେ ଅତି ଦୟନୀୟ ଭାବେ କଟିଥିବାବେଳେ ଆଗକୁ କାଳୀପୂଜା, ମୟୂରଭଞ୍ଜର ପ୍ରସିଦ୍ଧ ପାରମ୍ପରିକ ବନ୍ଦାଣ ପର୍ବ ଓ ପ୍ରଥମାଷ୍ଟମୀ ଆସୁଛି। ପର୍ବପର୍ବାଣିରେ ମଧ୍ୟ ଭତ୍ତା ଟଙ୍କା ନ ମିଳିବାରୁ ସେମାନଙ୍କ ମୁହଁରୁ ଖୁସି ଛଡ଼ାଇ ନେଇଛି। ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାର ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ବ୍ୟାଙ୍କ ସମସ୍ୟାର ସମାଧାନ କରିବା ସହ ଅପେକ୍ଷାରତ ସମସ୍ତ ଆବେଦନକାରୀଙ୍କୁ ଭତ୍ତା ଯୋଗାଇ ଦେବାକୁ ଜନସାଧାରଣରେ ଦାବି ହୋଇଛି।

ସକାଳ
THE SAKALA

ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଜାତୀୟ ଏକତା ଦିବସ

ଜାତୀୟ ଅଖଣ୍ଡତା ବଜାୟ ରଖିବାକୁ ଆହ୍ୱାନ

ଜିଲ୍ଲାସ୍ତରୀୟ ଏକତା ଶୋଭାଯାତ୍ରା

ସମ୍ବଲପୁର, ୩୧।୧୦ (ସମିସ) : ଲୌହ ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୧ ତମ ଜୟନ୍ତୀ ତଥା ରାଷ୍ଟ୍ରୀୟ ଏକତା ଦିବସ ଭାବେ ପାଳିତ ହୋଇଯାଇଛି। ବିବିଧତା ମଧ୍ୟରେ ଏକତାର ଭାବନାକୁ ପ୍ରୋତ୍ସାହିତ କରିବା ଓ ଜାତୀୟ ଅଖଣ୍ଡତାକୁ ବଜାୟ ରଖିବା ଏହି ଦିବସ ପାଳନର ମୂଳ ଲକ୍ଷ୍ୟ। ଏହି ପରିପ୍ରେକ୍ଷୀରେ ଆଜି



ସମ୍ବଲପୁରରେ ଜିଲ୍ଲାସ୍ତରୀୟ ଏକତା ରାଲି ଅନୁଷ୍ଠିତ ହୋଇଯାଇଛି। ଏହି ଏକତା ରାଲି ରିଜର୍ଭ ପୁଲିସ ପଡ଼ିଆଠାରୁ ନେଲସନ ମାଣ୍ଡେଲା ଛକ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା, ଯାହାକୁ ଉତ୍ତରାଞ୍ଚଳ ଡିଆଇଜି ଚରଣ ସିଂ ମୀନା, ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଆରକ୍ଷୀ ଅଧିକ୍ଷକ ମୁକେଶ ଭାମୁ, ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ରେହାନ ଖତ୍ରୀ ପତାକାଦେଖାଇ ଶୁଭାରମ୍ଭ କରିଥିଲେ। ଏହି ରାଲିରେ ବିଭାଗୀୟ ଅଧିକାରୀ, ସ୍କୁଲ କଲେଜ ଛାତ୍ରଛାତ୍ରୀଙ୍କ ସମେତ ପ୍ରାୟ ପାଞ୍ଚଶହରୁ ଉର୍ଦ୍ଧ୍ୱ ଜନସାଧାରଣ ଅଂଶଗ୍ରହଣ କରିଥିଲେ। ଜାତୀୟ ଏକତା ଦିବସ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଉତ୍ତରାଞ୍ଚଳ ଡିଆଇଜି, ଶ୍ରୀ ମୀନା କହିଲେ ଯେ, ବିବିଧତାରେ ପରିପୂର୍ଣ୍ଣ ଆମ ଦେଶର ସମସ୍ତ ରାଜ୍ୟକୁ ଏକତ୍ର କରି ଏକ ଅଖଣ୍ଡ ତଥା ଶ୍ରେଷ୍ଠ ରାଷ୍ଟ୍ରରେ ପରିଣତ କରିବାରେ ସର୍ଦ୍ଦାର ପଟେଲଙ୍କର ଅତୁଳନୀୟ ଅବଦାନ ରହିଛି। ଆଜି ସମଗ୍ର ଦେଶ ତାଙ୍କ ଅମର କୃତି ଓ ନିରନ୍ତର ପ୍ରୟାସ ପାଇଁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ତାଙ୍କ ଆଦର୍ଶକୁ ଆଗକୁ ବଢ଼ାଇବା ପାଇଁ ସଂକଳ୍ପବଦ୍ଧ ହେଉଛି ବୋଲି ସେ ପ୍ରକାଶ କରିଥିଲେ। ଆମେ ସମସ୍ତେ ଭାରତୀୟ, ଓଡ଼ିଆ କିମ୍ବା ଯେକୌଣସି ପ୍ରାନ୍ତର ହେଉନା କାହିଁକି, ଆମ ମନରେ ଏହି ରାଷ୍ଟ୍ରଭାବ ଓ ଏକତାର ଭାବନାକୁ ସର୍ବଦା ଜାଗ୍ରତ ରଖିବା ନିତାନ୍ତ ଆବଶ୍ୟକ ଏବଂ ତାହାକୁ ଉଜ୍ଜୀବିତ ରଖିବା ତଥା ଉତ୍ସବ ଭାବେ ପାଳନ କରିବା ଉଦ୍ଦେଶ୍ୟରେ ଏହି ଏକତା ଦୌଡ଼ର ଆୟୋଜନ କରାଯାଇଛି ବୋଲି ଅତିଥିମାନେ ପ୍ରକାଶ କରିଥିଲେ।

ସମ୍ବଲପୁର ରେଳମଣ୍ଡଳର ଏକତା ଦୌଡ଼

ପୂର୍ବତଟ ରେଳପଥ, ସମ୍ବଲପୁର ରେଳ ମଣ୍ଡଳ ଦ୍ୱାରା ଆଜି ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜନ୍ମବାର୍ଷିକୀକୁ ମନେ ପକାଇବା ପାଇଁ 'ରାଷ୍ଟ୍ରୀୟ ଏକତା ଦିବସ' ପାଳନ କରାଯାଇଥିଲା। ଏହି ଅବସରରେ ମଣ୍ଡଳ ରେଳ ପ୍ରବନ୍ଧକ, ସମ୍ବଲପୁର,



ସୁବାସ ଚନ୍ଦ୍ର ଚୌଧରୀ, ରେଳନଗରସ୍ଥିତ ରେଳ ଷ୍ଟାଡିୟମରେ ସମସ୍ତ ଅଧିକାରୀ ଏବଂ କର୍ମଚାରୀଙ୍କୁ ରାଷ୍ଟ୍ରୀୟ ଏକତା ଦିବସର ଶପଥ ପାଠ କରାଇଥିଲେ। ଏହି ଶପଥ ସମସ୍ତ ରେଳ କର୍ମଚାରୀଙ୍କ ରାଷ୍ଟ୍ରର ଏକତା, ଅଖଣ୍ଡତା ଏବଂ ସୁରକ୍ଷାକୁ ବଜାୟ ରଖିବା ଏବଂ ନାଗରିକଙ୍କ ମଧ୍ୟରେ ଏହି ବାର୍ତ୍ତା ପ୍ରସାର କରିବା ପ୍ରତିବଦ୍ଧତାକୁ ପୁନଃସ୍ଥାପିତ କରିଥିଲା। ଏହି ଅବସରରେ, ସମ୍ବଲପୁରର ରେଳ ନଗରରେ ଡିଆରଏମ୍ ଶ୍ରୀ ଚୌଧରୀଙ୍କ ନେତୃତ୍ୱରେ ଏକ 'ରନ୍ ଫର୍ ୟୁନିଟି' (ଏକତା ପାଇଁ ଦୌଡ଼) ମଧ୍ୟ ଆୟୋଜନ କରାଯାଇଥିଲା। ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ମନଜିତ ସିଂହ ସନସନୱାଲ, ସମସ୍ତ ଅଧିକାରୀ ଏବଂ କର୍ମଚାରୀମାନେ କାର୍ଯ୍ୟକ୍ରମରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ।

ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଶପଥପାଠ



ଭାରତର ଲୌହ ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ଉପଲକ୍ଷେ ଆଜି ସାରା ଦେଶ ସମେତ ରାଜ୍ୟର ବିଭିନ୍ନ ସରକାରୀ କାର୍ଯ୍ୟାଳୟଗୁଡ଼ିକରେ ଜାତୀୟ ଏକତା ଦିବସ ଶ୍ରଦ୍ଧାର ସହ ପାଳିତ ହୋଇଯାଇଛି। ଏହିକ୍ରମରେ ସମ୍ବଲପୁର ଜିଲ୍ଲାପାଳ କାର୍ଯ୍ୟାଳୟରେ ବିଭିନ୍ନ ବିଭାଗର ଅଧିକାରୀମାନେ ଏକତ୍ରିତ ହୋଇ ଦେଶର ଏକତା, ଅଖଣ୍ଡତା ଓ ଆଭ୍ୟନ୍ତରୀଣ ନିରାପତ୍ତାକୁ ବଜାୟ ରଖିବା ପାଇଁ ସଂକଳ୍ପ ନେବା ସହ ଜାତୀୟ ଏକତା ଶପଥ ପାଠ କରିଛନ୍ତି। ଶପଥ ଗ୍ରହଣ ଉତ୍ସବରେ ସର୍ଦ୍ଦାର ପଟେଲଙ୍କ ନେତୃତ୍ୱ ଓ ଦେଶ ଗଠନରେ ତାଙ୍କର ଅତୁଳନୀୟ ଯୋଗଦାନକୁ ସ୍ମରଣ କରାଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଜିଲ୍ଲାପାଳ କାର୍ଯ୍ୟାଳୟରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସୁଧାଂଶୁ କୁମାର ଭୋଇଙ୍କ ଅଧ୍ୟକ୍ଷତାରେ ଶପଥ ପାଠ କରାଗଲା। ଦେଶର ପ୍ରଗତି ଓ ଶାନ୍ତି ପାଇଁ ଆପୋଷ ସଦ୍‌ଭାବନା ଏବଂ ସଂହତିର ଆବଶ୍ୟକତା ଉପରେ ଶ୍ରୀ ଭୋଇ ଗୁରୁତ୍ୱାରୋପ କରିଥିଲେ।

ଡିଏଭି ବୁର୍ଲାରେ ରାଷ୍ଟ୍ରୀୟ ଏକତା ଦିବସ

ସମ୍ବଲପୁର: ଡିଏଭି ବିଦ୍ୟାଳୟ ବୁର୍ଲା ବିଦ୍ୟାଳୟ ପରିସରରେ ଆଧୁନିକ ଭାରତର ନିର୍ମାତା ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜନ୍ମଜୟନ୍ତୀ ଅବସରରେ ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଯାଇଛି। ଏହି ଉତ୍ସବରେ ବିଦ୍ୟାଳୟର ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ବେଦବାକ ମୁଖ୍ୟଅତିଥି ରୂପେ ଯୋଗଦେଇ ଦୀପ ପ୍ରଜ୍ୱଳନ କରିଥିଲେ। ମୁଖ୍ୟଅତିଥି ନିଜ ବକ୍ତବ୍ୟରେ ଜୀବନରେ ଏକତାର ଆବଶ୍ୟକତାକୁ ଆଲୋଚନା କରିବା ସହିତ ଉପସ୍ଥିତ ସମସ୍ତ ବିଦ୍ୟାର୍ଥୀ, ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ଏକତାର ଶପଥପାଠ କରାଇଥିଲେ। ବିଦ୍ୟାର୍ଥୀ ବୈଷ୍ଣବୀ ରାଉତ ଓ ଶ୍ରେଷ୍ଠା ନନ୍ଦ ଏକ କୁଇଜ ପ୍ରସ୍ତୁତ କରିଥିବାବେଳେ କୁମକୁମ ଜେନା ସର୍ଦ୍ଦାର ପଟେଲଙ୍କ ଅବଦାନକୁ ନେଇ ଏକ ବକ୍ତବ୍ୟ ପ୍ରସ୍ତୁତ କରିଥିଲେ। ଏହି ଅବସରରେ ଏକ ଗଣଦୌଡ଼ର ଆୟୋଜନ କରାଯାଇଥିଲା। ଶେଷରେ ଶିକ୍ଷକ ଅମିତ କୁମାର ଲିମା ଧନ୍ୟବାଦ ଅର୍ପଣ କରିଥିଲେ।



ଜାତୀୟ ଲନବଲ୍ ପଦକ ବିଜେତା ସମ୍ବର୍ଦ୍ଧିତ



ସମ୍ବଲପୁର, ୩୧।୧୦ (ସମିସ) : ଜାତୀୟ ଲନବଲ୍ ପ୍ରତିଯୋଗିତାରେ ପଦକ ଜିଣି ରାଜ୍ୟ ତଥା ସମ୍ବଲପୁର ପାଇଁ ଗୌରବ ଆଣିଥିବା ପଦକ ବିଜେତାଙ୍କୁ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଶୋକ କୁମାର ଭୋଇ ଏବଂ ଜିଲ୍ଲା କ୍ରୀଡ଼ା ଅଧିକାରୀ ଡଃ ସତ୍ୟନାରାୟଣ ତାଣ୍ଡି ଆଜି ସମ୍ବର୍ଦ୍ଧିତ କରିଛନ୍ତି। ଏଡିଏମ୍ ଶ୍ରୀ ଭୋଇ ଲନବଲ୍ ସକାଶେ ପଡ଼ିଆ ପ୍ରସ୍ତୁତ କରିବା ସହ ସମ୍ବଲପୁରର କିଭଳି ଅଧିକ ଛାତ୍ରଛାତ୍ରୀ ରାଜ୍ୟସ୍ତରୀୟ ତଥା ଜାତୀୟସ୍ତରରେ ପ୍ରତିନିଧିତ୍ୱ କରିପାରିବେ ଏବଂ ପଦକ ହାସଲ କରିବେ ସେନେଇ ଆଲୋଚନା କରିଥିଲେ। ସେ ପଦକ ବିଜେତାଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ କୋଚ୍ ରଶ୍ମିତା ପୁରୋହିତ ଏବଂ ବି. ଅଞ୍ଜଳି ରାଓ ଉପସ୍ଥିତ ଥିଲେ।

ଜେଏସ୍‌ଡବ୍ଲୁ ଫାଉଣ୍ଡେସନ୍ ଦ୍ୱାରା 'ମୋବାଇଲ୍ ବିଜ୍ଞାନ ପ୍ରଦର୍ଶନୀ'

ସମ୍ବଲପୁର, ୩୧।୧୦ (ସମିସ) : ସମ୍ବଲପୁରର ରେଙ୍ଗାଲି ବ୍ଲକରେ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ 'ଅନୁଭୂତିମୂଳକ ଶିକ୍ଷା'କୁ ପ୍ରୋତ୍ସାହିତ କରିବାପାଇଁ ଜେଏସ୍‌ଡବ୍ଲୁ ଫାଉଣ୍ଡେସନ୍ ଦ୍ୱାରା 'ମୋବାଇଲ୍ ବିଜ୍ଞାନ ପ୍ରଦର୍ଶନୀ' ଆରମ୍ଭ କରାଯାଇଛି। ଜେଏସ୍‌ଡବ୍ଲୁ ଜେଏଫ୍‌ଇ ଷ୍ଟିଲ୍ ଲିମିଟେଡ୍‌ର କର୍ପୋରେଟ୍ ସାମାଜିକ ଦାୟିତ୍ୱ (ସିଏସ୍‌ଆର୍) ବିଭାଗ, ଜେଏସ୍‌ଡବ୍ଲୁ ଫାଉଣ୍ଡେସନ୍, ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଅଧୀନସ୍ଥ 'ନ୍ୟାସନାଲ୍ କାଉନସିଲ୍ ଅଫ୍ ସାଇନ୍ସ ମ୍ୟୁଜିୟମ୍ସ'ର ଏକ ଅଂଶ - ଭୁବନେଶ୍ୱରସ୍ଥିତ 'ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର' (ଆର୍‌ଏସ୍‌ସି) ସହ ମିଶି ସମ୍ବଲପୁର ଜିଲ୍ଲାର ଲପଙ୍ଗାସ୍ଥିତ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଏହି 'ମୋବାଇଲ୍ ବିଜ୍ଞାନ ପ୍ରଦର୍ଶନୀ'



(ଏମ୍‌ଏସ୍‌ଇ) ର ଶୁଭାରମ୍ଭ କରିଛି। ଦଶହରା ଛୁଟି ପରେ, ୨୭ ତାରିଖରେ ଏହାର ଉଦ୍‌ଘାଟନ କରାଯାଇଥିଲା। 'ଦୈନନ୍ଦିନ ଜୀବନରେ ବିଜ୍ଞାନ' ବିଷୟବସ୍ତୁ ଉପରେ ଆଧାରିତ ଏହି ପ୍ରଦର୍ଶନୀର ମୁଖ୍ୟ ଲକ୍ଷ୍ୟ ହେଉଛି ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଜ୍ଞାନ ପ୍ରତି ଜିଜ୍ଞାସା, ବିଶ୍ଳେଷଣାତ୍ମକ ଚିନ୍ତାଧାରା ଏବଂ ଅନୁଭୂତିମୂଳକ ଶିକ୍ଷାକୁ ପ୍ରୋତ୍ସାହିତ କରିବା; ବିଶେଷକରି ଗ୍ରାମାଞ୍ଚଳର ଛାତ୍ରଛାତ୍ରୀଙ୍କ ପାଇଁ ଏହା ଅତ୍ୟନ୍ତ ଉପଯୋଗୀ ହେବ। ଏହି କାର୍ଯ୍ୟକ୍ରମରେ ଜେଏସ୍‌ଡବ୍ଲୁ ଫାଉଣ୍ଡେସନ୍‌ର ପଶ୍ଚିମ ଓଡ଼ିଶା ମୁଖ୍ୟ ବିଶାଳ ରାଜ୍ ଉପସ୍ଥିତ ଥିଲେ। ଏହି ଅବସରରେ ଲପଙ୍ଗା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ମନୋଜ କୁମାର ନାଏକ, ବିଦ୍ୟାଳୟର ପ୍ରତିନିଧି, ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଜେଏସ୍‌ଡବ୍ଲୁ ଫାଉଣ୍ଡେସନ୍‌ର ସଦସ୍ୟମାନେ ଉପସ୍ଥିତ ଥିଲେ। ଶ୍ରୀ ବିଶାଳ ଶିକ୍ଷା ଗ୍ରହଣର ଏକ ଅଭିନବ ପଦ୍ଧତି ଉପରେ ଗୁରୁତ୍ୱାରୋପ କରିଥିଲେ, ଯେଉଁଥିରେ ଏହି 'ମୋବାଇଲ୍ ବିଜ୍ଞାନ ପ୍ରଦର୍ଶନୀ ବସ୍' ଏକ ସହାୟକ ମାଧ୍ୟମ ହେବ। ସମ୍ବଲପୁର ଜିଲ୍ଲାର ରେଙ୍ଗାଲି ବ୍ଲକରେ ଯୋଜନାବଦ୍ଧ ପ୍ରସାରର ଏକ ଅଂଶଭାବରେ, ଭ୍ରାମ୍ୟମାଣ ବିଜ୍ଞାନ ପ୍ରଦର୍ଶନୀ ବସ୍ ୧୦ଟି ହବ୍ ସ୍କୁଲ ପରିଦର୍ଶନ କରିବ, ଏହି କାର୍ଯ୍ୟକ୍ରମ ୪୨ଟି ପଡ଼ୋଶୀ ସ୍ପୋକ୍ ସ୍କୁଲକୁ ବିସ୍ତାରିତ ହେବ। ଏହି ପଦକ୍ଷେପ ସମ୍ବଲପୁରର ରେଙ୍ଗାଲିର ୬, ୦୦୦ ରୁ ଅଧିକ ଛାତ୍ରଛାତ୍ରୀଙ୍କୁ ଲାଭ ପହଞ୍ଚାଇବାର ଆଶା କରାଯାଉଛି, ଯାହା ସେମାନଙ୍କୁ ପାରମ୍ପରିକ ଶ୍ରେଣୀଗୃହ ଶିକ୍ଷା ବ୍ୟତୀତ ବିଜ୍ଞାନ ସହିତ ଜଡ଼ିତ ହେବାର ସୁଯୋଗ ପ୍ରଦାନ କରିବ।

■ ଅଭିନବ ଉପାୟରେ ହାଇଡ୍ରୋଲିକ୍ ଟ୍ରଲି ତଳେ ଗଞ୍ଜେଇ ଚାଲାଣ

ଟ୍ରାକ୍ଟରରୁ ୮୩ କେଜି ଗଞ୍ଜେଇ ଜବତ, ଡ୍ରାଇଭର ଫେରାର୍

ସମ୍ବଲପୁର, ୩୧।୧୦ (ସମିସ) : ଟ୍ରାକ୍ଟରର ହାଇଡ୍ରୋଲିକ୍ ଟ୍ରଲି ତଳେ ଛୋଟ ଛୋଟ ପ୍ୟାକେଟ୍‌ରେ ଗଞ୍ଜେଇ ଚାଲାଣ କରୁଥିବାବେଳେ ପୁଲିସ ପିଛାକରି ଧରିଛି। ତେବେ, ଟ୍ରାକ୍ଟର ଛାଡ଼ି ଚାଳକ ଜଙ୍ଗଲ ଭିତରକୁ ଫେରାର ହୋଇଯାଇଥିଲା। ଚେସିସ୍ ନମ୍ବର ଓ ଇଞ୍ଜିନ ନମ୍ବର ଆଧାରରେ ପୁଲିସ ମାଲିକଙ୍କୁ ଚିହ୍ନଟ କରିବାସହ ଫେରାର ଥିବା ଡ୍ରାଇଭରକୁ ଧରିବାପାଇଁ ତଦନ୍ତ ଜାରି ରଖିଥିବା ଅତିରିକ୍ତ ଏସ୍‌ପି ଅଜୟ କୁମାର ମିଶ୍ର ସୂଚନା ଦେଇଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଏଏସ୍‌ପି ଶ୍ରୀ ମିଶ୍ରଙ୍କ ସୂଚନା ଅନୁଯାୟୀ, ମୁସାକାନି ଗ୍ରାମ ପଟୁ ବାଟଗାଁ ଆଡ଼କୁ ଏକ ନମ୍ବର ପ୍ଲେଟ୍ ବିହୀନ, ନାଲି ରଙ୍ଗର ମହିନ୍ଦ୍ରା ଟ୍ରାକ୍ଟରରେ ଜଣେ ବ୍ୟକ୍ତି ବେଆଇନ ଗଞ୍ଜେଇ ପରିବହନ କରୁଛନ୍ତି ବୋଲି ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା। ଏହି ସୂଚନା ଆଧାରରେ ଏକ ପୁଲିସ ଦଳ ଉକ୍ତ ଟ୍ରାକ୍ଟରକୁ ପିଛା କରିଥିଲେ। ପୋଲିସକୁ



ପଛରେ ଦେଖି ଟ୍ରାକ୍ଟର ଚାଳକ ଖସିଯିବା ପାଇଁ ଗାଡ଼ିର ଗତି ବଢ଼ାଇ ଦେଇଥିଲେ। ଟାଙ୍ଗିଆନିଶା ଗ୍ରାମ ନିକଟରେ ଚାଳକ ଜଣକ ଟ୍ରାକ୍ଟରକୁ ଡାହାଣ ପାର୍ଶ୍ୱରେ ଥିବା ଜଙ୍ଗଲ ରାସ୍ତା ଆଡ଼କୁ ବୁଲାଇ ଦେଇଥିଲେ ଏବଂ ଗାଡ଼ି ସେଠାରେ ଛାଡ଼ି ଜଙ୍ଗଲ ଭିତରକୁ ପଳାଇ ଯାଇଥିଲେ। ପୋଲିସ ତାଙ୍କୁ କିଛି ଦୂର ପର୍ଯ୍ୟନ୍ତ ପିଛା କରିଥିଲେ ମଧ୍ୟ ସନ୍ଦିଗ୍ଧ ବ୍ୟକ୍ତି ବା ଟ୍ରାକ୍ଟର ଚାଳକଙ୍କୁ ଧରିବାରେ ସକ୍ଷମ ହୋଇପାରିନଥିଲେ। ଟ୍ରାକ୍ଟର ନିକଟରେ ପହଞ୍ଚିବା ପରେ ସେଥିରୁ ଗଞ୍ଜେଇର ଗନ୍ଧ ଆସୁଥିଲା। ଯାଞ୍ଚ କରିବାରୁ ଜଣାପଡ଼ିଲା ଯେ, ଟ୍ରାକ୍ଟରର ଟ୍ରଲିର ହାଇଡ୍ରୋଲିକ୍ ଟ୍ରଲି ତଳେ ବେଆଇନ ଗଞ୍ଜେଇ ଲୁଚାଇ ରଖାଯାଇଥିଲା। ସାକ୍ଷୀ ଓ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଗଞ୍ଜେଇ ଭର୍ତ୍ତି ବସ୍ତାଗୁଡ଼ିକୁ ଓଜନ କରିଥିଲେ। ୮୬ଟି ଛୋଟ ଛୋଟ ପ୍ୟାକେଟ୍‌ରେ ମୋଟ୍ ୮୩ କେଜି ୯ ଗ୍ରାମ ଗଞ୍ଜେଇ ରହିଥିଲା। ଗଞ୍ଜେଇ ସହ ମହିନ୍ଦ୍ରା ଟ୍ରାକ୍ଟର ଓ ଟ୍ରଲି ମଧ୍ୟ ଜବତ କରାଯାଇଛି। ନାକଟିଦେଉଳ ଥାନା କେସ୍ ନମ୍ବର ୧୫୯ / ୩୦.୧୦.୨୦୨୬ ଏନ୍‌ଡିପିଏସ୍ ଆକ୍ଟରେ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି ବୋଲି ସେ କହିଛନ୍ତି।

ପ୍ରଫେସରଙ୍କୁ ଆକ୍ରମଣ ଘଟଣା; ଜେଲ୍‌ଗଲା ଆକ୍ରମଣକାରୀ

ସମ୍ବଲପୁର, ୩୧।୧୦ (ସମିସ) : ସମ୍ବଲପୁର ବିଶ୍ୱବିଦ୍ୟାଳୟର ବିଶ୍ୱବିଦ୍ୟାଳୟର ରସାୟନ ବିଭାଗ ମୁଖ୍ୟ ପ୍ରଫେସର ସତ୍ୟନାରାୟଣ ସାହୁଙ୍କ ଉପରେ ପୂର୍ବରୁ ସ୍ୱିପର ଭାବେ କାମ କରୁଥିବା କୃପାସିନ୍ଧୁ ବାଗ ମରଣାନ୍ତକ ଆକ୍ରମଣ କରି ଫେରାର ହୋଇଯାଇଥିଲା। ବୁର୍ଲା ପୁଲିସ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଛି। ପୁଲିସ ଏହି ମାମଲାରେ ତଦନ୍ତ ଜାରି ରଖିଛି। ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ଅଜୟ କୁମାର ମିଶ୍ରଙ୍କ ସୂଚନା ଅନୁଯାୟୀ, ଗତକାଲି ବୁର୍ଲା ଥାନା ଅନ୍ତର୍ଗତ ସମ୍ବଲପୁର ବିଶ୍ୱବିଦ୍ୟାଳୟର ରସାୟନ ବିଜ୍ଞାନ ବିଭାଗର ମୁଖ୍ୟ ପ୍ରଫେସର ସତ୍ୟନାରାୟଣ ସାହୁଙ୍କୁ ପୂର୍ବରୁ ସେହି ବିଭାଗରେ ସ୍ୱିପର କାମ କରୁଥିବା କୃପାସିନ୍ଧୁ ବାଗ ଆକ୍ରମଣ କରିଥିଲା। କାମରେ ଅବହେଳା କାରଣରୁ କୃପାସିନ୍ଧୁଙ୍କୁ ପୂର୍ବରୁ କାମରୁ ବାହାର କରାଯାଇଥିଲା ଏବଂ ସେ ବାରମ୍ବାର ଆସି ତାଙ୍କୁ ପୁଣି ଚାକିରୀରେ ରଖିବାକୁ ଅନୁରୋଧ କରିଥିଲେ। ଏହି ଅସନ୍ତୋଷକୁ କେନ୍ଦ୍ର କରି ସେ ଏକ ଛୁରୀ ଧରି ଗତକାଲି ସକାଳ ପ୍ରାୟ ସାଢ଼େ ୯ଟା ସମୟରେ ବିଭାଗୀୟ ମୁଖ୍ୟ ପ୍ରଫେସର ସତ୍ୟନାରାୟଣ ସାହୁ ନିଜ ବିଭାଗକୁ ଯାଉଥିବା ସମୟରେ ଅଚାନକ ଆକ୍ରମଣ କରିଥିଲେ। ଏହି ଛୁରୀ ମାଡ଼ରେ ସତ୍ୟନାରାୟଣ ସାହୁଙ୍କ ବାମପଟ ପେଟରେ ଗଭୀର ଆଘାତ ଲାଗିଛି ଏବଂ ତାଙ୍କୁ ତୁରନ୍ତ ବୁର୍ଲା ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ଏହି ଘଟଣାରେ ପୁଲିସ ତତ୍ପରତା ପ୍ରକାଶକରି ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ଅଭିଯୁକ୍ତ କୃପାସିନ୍ଧୁ ବାଗକୁ ରେଙ୍ଗାଲି ଅଞ୍ଚଳରୁ ଧରିବାରେ ସକ୍ଷମ ହୋଇଛି ଏବଂ ଗିରଫ ପରେ କୋର୍ଟଚାଲାଣ କରାଯାଇଛି ବୋଲି ଏଏସ୍‌ପି ଶ୍ରୀ ମିଶ୍ର ସୂଚନା ଦେଇଛନ୍ତି।

କୁକୁଡ଼ାବାହାଲିରେ ଗଜଲକ୍ଷ୍ମୀ ପୂଜା

୩୫ ହଜାର ଟଙ୍କାରେ ନିଲାମ ହେଲା ମା'ଙ୍କ ଆଜ୍ଞାଲଡୁ

ରେଢ଼ାଖୋଲ, ୩୧।୧୦(ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ଅଧୀନ କୁକୁଡ଼ାବାହାଲି ଗ୍ରାମରେ ଚାଲିଛି ମା' ଗଜଲକ୍ଷ୍ମୀଙ୍କ ପୂଜା। ମା'ଙ୍କ ଦର୍ଶନ ପାଇଁ ପ୍ରତିଦିନ ଶ୍ରଦ୍ଧାଳୁଙ୍କ ଭିଡ଼ ଜମୁଥିବା ବେଳେ ଚଳିତ ବର୍ଷ ପୂଜା କମିଟି ୪୧ ବର୍ଷରେ ପଦାର୍ପଣ କରିଛି। ଏହି ପୂଜାରେ ପୂଜକ ଭାବେ ସଞ୍ଜୟ ଦାସ ଏବଂ କର୍ତ୍ତା ଭାବେ ଗଙ୍ଗାଧର ପ୍ରଧାନ ଦାୟିତ୍ୱ ତୁଲାଇଥିଲେ। ଚଳିତବର୍ଷ ପୂଜାର ମୁଖ୍ୟ ଆକର୍ଷଣ ସାଜିଥିଲା ମା'ଙ୍କ ଆଜ୍ଞା ଲଡୁ ନିଲାମ କାର୍ଯ୍ୟକ୍ରମ। ଏହି ନିଲାମ ପ୍ରକ୍ରିୟା ୫ ହଜାର ଟଙ୍କାରୁ ଆରମ୍ଭ ହୋଇ ୩୫ ହଜାର ଟଙ୍କାରେ ପହଞ୍ଚିଥିଲା। ରେଢ଼ାଖୋଲର କୁରୁମୁଟିକିରା ଗ୍ରାମର କମଳ ବେହେରା ୩୫ ହଜାର ଟଙ୍କାରେ ମା'ଙ୍କ ଆଜ୍ଞା ଲଡୁ ନିଲାମ ଡାକି ଗ୍ରହଣ କରିଥିଲେ। ମୁଖ୍ୟ ଅତିଥି ଭାବେ ଓଡ଼ିଶା କ୍ରୀଡ଼ା ସଂଘର ସମ୍ପାଦକ ଦୁଲାଲ ପ୍ରଧାନ, କୁକୁଡ଼ାବାହାଲି ଗ୍ରାମପଞ୍ଚାୟତର ସରପଞ୍ଚ ଅନିମା ପ୍ରଧାନ ଓ ସମିତି ସଭ୍ୟା ରଞ୍ଜିତା ପ୍ରଧାନ ଯୋଗଦେଇଥିଲେ। ପୂଜା କମିଟିର ସଭାପତି ମାନସ ପ୍ରଧାନଙ୍କ ସମେତ ଟିକେଶ୍ୱର ପ୍ରଧାନ, ବିଦ୍ୟାଧର ପ୍ରଧାନ, ଲୁକୁ ପ୍ରଧାନ ଏବଂ ଗ୍ରାମର ଅନ୍ୟ ସମସ୍ତ ସଦସ୍ୟ କାର୍ଯ୍ୟକ୍ରମକୁ ସଫଳ କରିବାରେ ପୂର୍ଣ୍ଣ ସହଯୋଗ କରିଥିଲେ।

ବିନା ସୂଚନା ଫଳକରେ ସରିଲା କୁଚିଣ୍ଡା ପୂର୍ତ୍ତ ବିଭାଗ ଏସ୍‌ଡିଓଙ୍କ ନୂତନ ବାସଭବନ

କୁଚିଣ୍ଡା, ୩୧।୧୦(ସମିସ): କୁଚିଣ୍ଡା ସହରରେ ସରକାରୀ ପାଣ୍ଠି ଏବଂ ନିୟମକାନୁନକୁ ଜଳାଞ୍ଜଳି ଦିଆଯାଉଥିବା ନେଇ ପୁଣିଥରେ ଏକ ବଡ଼ଧରଣର ଅଭିଯୋଗ ସାମ୍ନାକୁ ଆସିଛି। କୁଚିଣ୍ଡା ପୂର୍ତ୍ତ ବିଭାଗ ଏସ୍‌ଡିଓଙ୍କ ନୂତନ ସରକାରୀ ବାସଭବନ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଯାଇଥିଲେ ହେଁ ସେଠାରେ କୌଣସି ପ୍ରକାରର ସୂଚନା ଫଳକ ଲଗାଯାଇ ନାହିଁ। ନିୟମ ଅନୁଯାୟୀ ଯେକୌଣସି ସରକାରୀ ପ୍ରକଳ୍ପ ବା ନିର୍ମାଣ କାର୍ଯ୍ୟ ଆରମ୍ଭଠାରୁ ଶେଷ ପର୍ଯ୍ୟନ୍ତ ସ୍ଥାନୀୟ ଅଞ୍ଚଳରେ ପ୍ରକଳ୍ପର ମୂଲ୍ୟ, ଆବଣ୍ଟିତ ପାଣ୍ଠି,



କାର୍ଯ୍ୟ ଆରମ୍ଭ ଓ ଶେଷ ତାରିଖ ଏବଂ ଠିକାଦାରଙ୍କ ନାମ ସମ୍ବଳିତ ସୂଚନା ଫଳକ ପ୍ରଦର୍ଶନ କରାଯିବା ବାଧ୍ୟତାମୂଳକ; ମାତ୍ର ଏଠାରେ ଏହି ସମସ୍ତ ନିୟମକୁ ସମ୍ପୂର୍ଣ୍ଣ ଏଡ଼ାଇ ଦିଆଯାଇଥିବା ଦେଖିବାକୁ ମିଳିଛି। ଏଣୁ ଏଥିରେ ସ୍ୱଚ୍ଛତାକୁ ନେଇ ପ୍ରଶ୍ନ ଉଠିଛି। ସରକାରୀ ଅର୍ଥରେ କରାଯାଉଥିବା ଏପରି ପ୍ରକଳ୍ପଗୁଡ଼ିକରେ ସ୍ୱଚ୍ଛତା ଏବଂ ଦାୟିତ୍ୱବୋଧ ରକ୍ଷା କରାଯିବା କଥା; କିନ୍ତୁ ବିନା ସୂଚନା ଫଳକରେ କାମ ସରିବା ଘଟଣା ସାଧାରଣରେ ବହୁ ସନ୍ଦେହ ସୃଷ୍ଟି କରିଛି। ନିର୍ମାଣ କାର୍ଯ୍ୟରେ ହୋଇଥିବା ବ୍ୟୟ ଅଟକଳ ଏବଂ ଗୁଣବତ୍ତାକୁ ଲୁଚାଇବା ପାଇଁ କର୍ତ୍ତୃପକ୍ଷ ଜାଣିଶୁଣି ଏପରି କରିଛନ୍ତି କି ବୋଲି ବୁଦ୍ଧିଜୀବୀ ମହଲରେ ପ୍ରଶ୍ନ ଉଠିଛି। ଏହି ପ୍ରସଙ୍ଗରେ କୁଚିଣ୍ଡା ସହରର ଜଣେ ସଚେତନ ନାଗରିକ କହିଛନ୍ତି, ସାଧାରଣ ଲୋକଙ୍କ କରରେ ସରକାରୀ କୋଠାବାଡ଼ି ନିର୍ମାଣ ହେଉଛି। ଏଣୁ ସ୍ୱଚ୍ଛତା ରହିବା ନିହାତି ଜରୁରୀ। ସୂଚନା ଫଳକ ନ ଲାଗିବା ଦ୍ୱାରା ପ୍ରକଳ୍ପରେ କେତେ ଟଙ୍କା ଖର୍ଚ୍ଚ ହୋଇଛି ଏବଂ କିଏ କାମ କରିଛନ୍ତି ତାହା ଜାଣିବାରୁ ସାଧାରଣ ଜନତା ବଞ୍ଚିତ ହେଉଛନ୍ତି। ଏହା ସରକାରୀ ନିୟମର ସ୍ପଷ୍ଟ ଉଲ୍ଲଙ୍ଘନ କରୁଛି। ଏହି ସମ୍ବନ୍ଧରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଟିକନ ପ୍ରଧାନଙ୍କୁ ପଚାରିବାରୁ ଆମ ବିଭାଗରେ ସୂଚନା ଫଳକ ଲଗାଇବାର ବ୍ୟବସ୍ଥା ନାହିଁ ବୋଲି ଅତି ଚତୁରତା ସହ ଉତ୍ତର ରଖିଥିଲେ।

୪ରେ ସବ୍‌ଜୁନିଅର କବାଡ଼ି ଖେଳାଳି ଚୟନ ଶିବିର

ସମ୍ବଲପୁର, ୩୧।୧୦ (ସମିସ): ସବ-ଜୁନିୟର ନ୍ୟାସନାଲ ବାଳକ ଓ ବାଳିକା କବାଡ଼ି ପ୍ରତିଯୋଗିତା, ୨୦୨୬ରେ ଭାଗ ନେବା ନିମନ୍ତେ ଓଡ଼ିଶା ରାଜ୍ୟ କବାଡ଼ି ଦଳର ଚୟନ ଶିବିରରେ ସମ୍ବଲପୁର ଜିଲ୍ଲା ତରଫରୁ ଭାଗ ନେବା ନିମନ୍ତେ ଜିଲ୍ଲାର ଖେଳାଳି ଚୟନ ଶିବିର ଆସନ୍ତା ନଭେମ୍ବର ୪ ତାରିଖ କୁଞ୍ଜେଲପଡ଼ାସ୍ଥିତ ବ୍ରଜମୋହନ ପାର୍କ କବାଡ଼ି ପ୍ରାଙ୍ଗଣରେ ଅନୁଷ୍ଠିତ ହେବ ବୋଲି ଜିଲ୍ଲା କ୍ରୀଡ଼ା ସଂଘ ସାଧାରଣ ସମ୍ପାଦକ ସୁନୀଲ କୁମାର ସାହୁ ଜଣାଇଛନ୍ତି। ଉକ୍ତ ଶିବିରରେ ଭାଗନେବା ନିମନ୍ତେ ଇଚ୍ଛୁକ ପ୍ରାର୍ଥୀ/ପ୍ରାର୍ଥୀନୀ ନିଜ ନିଜର ଡିଜିଟାଲ ଜନ୍ମ ପ୍ରମାଣପତ୍ର ଏବଂ ଆଧାର କାର୍ଡର ଅରିଜିନାଲ ତଥା ଜେରକ୍ସ ଏବଂ ଦୁଇଟି ପାସପୋର୍ଟ ଫଟୋ ସହିତ ୪ ତାରିଖ ସକାଳ ୭ଟା ସମୟରେ ସ୍ଥିରୀକୃତ ଚୟନ ପ୍ରାଙ୍ଗଣରେ ଉପସ୍ଥିତ ହେବାକୁ ଅନୁରୋଧ କରାଯାଇଛି। ଚୟନ ଶିବିରରେ ଭାଗ ନେବା ନିମନ୍ତେ ବାଳକ/ବାଳିକାଙ୍କ ବୟସ ୧୬ ବର୍ଷରୁ କମ ହୋଇଥିବା ଆବଶ୍ୟକ, ଶାରୀରିକ ଓଜନ ବାଳକରେ ୬୦ କେଜିରୁ କମ ଏବଂ ବାଳିକାରେ ୫୫ କେଜିରୁ କମ ହେବା ଆବଶ୍ୟକ। ଏହି ଶିବିର ବାବଦରେ ଅଧିକ ତଥ୍ୟ ଜାଣିବା ନିମନ୍ତେ କ୍ରୀଡ଼ାସଂଘର କ୍ରୀଡ଼ା ସମ୍ପାଦକ ରାଜେଶ ସେଠ (ମୋବାଇଲ ୯୯୩୭୪୪୦୯୮୩)ଙ୍କ ସହ ଯୋଗାଯୋଗ କରିବାକୁ ସାଧାରଣ ସମ୍ପାଦକ ଶ୍ରୀ ସାହୁ ଅନୁରୋଧ କରିଛନ୍ତି।

ବିଭିନ୍ନ ସ୍ଥାନରେ 'ଦୁର୍ନୀତି ନିବାରଣ ସଚେତନତା ସପ୍ତାହ'





ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ

ସମ୍ବଲପୁର, ୩୧।୧୦ (ସମିସ) : ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟରେ 'ଦୁର୍ନୀତି ନିବାରଣ ସଚେତନତା ସପ୍ତାହ' ଅବସରରେ କୁଳପତି ପ୍ରଫେସର ଶ୍ୟାମସୁନ୍ଦର ପଟ୍ଟନାୟକଙ୍କ ପ୍ରୋତ୍ସାହନ ଏବଂ କୁଳସଚିବ ଡ. ଚିତ୍ତରଞ୍ଜନ ସାହୁଙ୍କ ତତ୍ତ୍ୱାବଧାନରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀଙ୍କ ମଧ୍ୟରେ ଏକ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହାବ୍ୟତୀତ ବିଶ୍ୱବିଦ୍ୟାଳୟର ଶିକ୍ଷାର୍ଥୀମାନଙ୍କ ମଧ୍ୟରେ 'ଦୁର୍ନୀତି ନିବାରଣ ସଚେତନତା' ବିଷୟବସ୍ତୁକୁ ନେଇ ଏକ ପ୍ରବନ୍ଧ ପ୍ରତିଯୋଗିତା ହୋଇଥିଲା। ଏଥିରେ ୫୪୭ ଜଣ ଶିକ୍ଷାର୍ଥୀ ଅଂଶଗ୍ରହଣ କରିଥିଲେ। ବକ୍ତୃତା ପ୍ରତିଯୋଗିତାରେ ଡ. ସୁଭଦ୍ରା ମହାରଣା, ବେବୀ ନାଏକ, ଡ. ଆଶିଷ ଦାସ, ଡ. ସରୋଜିନୀ ମଲ୍ଲିକ, ରାଧାକାନ୍ତ ସୁନା, ଡ. ତୀର୍ଥଜାନି ପଣ୍ଡା, ଧନଶ୍ରୀ ମିଶ୍ର, ରାହୁଲ ଗୁପ୍ତା ପ୍ରମୁଖ ଅଂଶଗ୍ରହଣ କରିଥିଲେ। ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ଡ. ଲକ୍ଷ୍ମୀନାରାୟଣ ପାଣିଗ୍ରାହୀ, ଡ. ପ୍ରମୋଦ ପାଢ଼ୀ, ସ୍କୁଲ ସମୂହର ନିର୍ଦ୍ଦେଶକ ଡ. ଲକ୍ଷ୍ମଣ ତ୍ରିପାଠୀ ଓ ଡ. ସଚ୍ଚିଦାନନ୍ଦ ବକ୍ସି ତଥା ବିତ୍ତ ସଞ୍ଚାଳକ ପିଙ୍କି ସେଠ ଦୁର୍ନୀତି ନିବାରଣ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଓଡ଼ିଆ ବିଭାଗର ସହକାରୀ ପ୍ରଫେସର ଡ. ସିମ୍ରନ ରାଉତ ସଞ୍ଚାଳନ କରିଥିବାବେଳେ ଶେଷରେ ଇଂରାଜୀ ବିଭାଗୀୟ ମୁଖ୍ୟ ଡ. ଜିତେନ୍ଦ୍ର ଧନ୍ୟବାଦ ଅର୍ପଣ କରିଥିଲେ।

ଜିଲ୍ଲା ପ୍ରଶାସନ ଓ ଭିଜିଲାନ୍ସ ବିଭାଗ ପକ୍ଷରୁ ଶୋଭାଯାତ୍ରା

ଚଳିତ ଅକ୍ଟୋବର ୨୬ ରୁ ନଭେମ୍ବର ୧ ତାରିଖ ପର୍ଯ୍ୟନ୍ତ ସମଗ୍ର ଦେଶରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପଞ୍ଚାୟତ, ବ୍ଲକ, ଜିଲ୍ଲା ଓ ରାଜ୍ୟ ସ୍ତରରେ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ସାଧାରଣ ନାଗରିକ ମାନଙ୍କୁ ଦୁର୍ନୀତି ନିବାରଣ ନିମନ୍ତେ ସଚେତନ କରାଇବା ପାଇଁ ଜିଲ୍ଲା ପ୍ରଶାସନ ଏବଂ ଭିଜିଲାନ୍ସ ବିଭାଗର ମିଳିତ ସହଯୋଗରେ ଚନ୍ଦ୍ରଶେଖର ବେହେରା ଜିଲ୍ଲା ସ୍କୁଲରୁ ଗୋଲବଜାର ପର୍ଯ୍ୟନ୍ତ ଦୁର୍ନୀତି ନିବାରଣ ସଚେତନତା ରାଲି ଆୟୋଜନ କରାଯାଇଥିଲା। ଏହି ରାଲିକୁ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଶୋକ କୁମାର ଭୋଇ, ସମ୍ବଲପୁର ଖଣ୍ଡର ଦୁର୍ନୀତି ନିବାରଣ ବିଭାଗ ଏସପି ପ୍ରଦ୍ୟୁମ୍ନ କୁମାର ଦ୍ୱିବେଦୀ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ଆଞ୍ଚଳିକ ପ୍ରବନ୍ଧକ ସଦାଶିବ ପାର୍ଥସାରଥି ସାହୁକାରଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, ବିଦ୍ୟାଳୟର ଛାତ୍ରଛାତ୍ରୀ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଅଂଶ ଗ୍ରହଣ କରିଥିଲେ। ନାଗରିକ ମାନଙ୍କୁ ଦୁର୍ନୀତି ବିରୋଧରେ ସଚେତନ କରାଇବାକୁ ଜିଲ୍ଲା ସ୍କୁଲ, ଗୋଲବଜାର, ନେଲସନ ମାଣ୍ଡେଲା ଛକ ଓ ସମଲେଶ୍ୱରୀ ମନ୍ଦିରଠାରେ ଦାସକାଠିଆ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

ସମ୍ବଲପୁର ରେଳ ମଣ୍ଡଳର 'ୱାକାଥନ୍'

'ସତର୍କତା ସଚେତନତା ସପ୍ତାହ-୨୦୨୬' ଅବସରରେ ପୂର୍ବତଟ ରେଳପଥ, ସମ୍ବଲପୁର ରେଳ ମଣ୍ଡଳ ପକ୍ଷରୁ ଆଜି ଦୁର୍ନୀତି ବିରୁଦ୍ଧରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ଏକ 'ୱାକାଥନ୍' ଆୟୋଜନ କରାଯାଇଥିଲା। ଏହି ୱାକାଥନ୍‌ର ମୁଖ୍ୟ ଉଦ୍ଦେଶ୍ୟ ଥିଲା ବିଶ୍ୱର ପ୍ରତ୍ୟେକ କୋଣରୁ ଦୁର୍ନୀତି ଦୂର କରି ଏକ ଉନ୍ନତ ବିଶ୍ୱ ଗଠନର ମୁଖ୍ୟ ମନ୍ତ୍ର ସାଧୁତାର ବାର୍ତ୍ତା ପ୍ରସାର କରିବା। ସମ୍ବଲପୁରର ମଣ୍ଡଳ ରେଳ ପ୍ରବନ୍ଧକ, ସୁବାସ ଚନ୍ଦ୍ର ଚୌଧରୀଙ୍କ ନେତୃତ୍ୱରେ ସମ୍ବଲପୁରର ରେଳ ନଗରରେ ଏହି ୱାକାଥନ୍ ଆୟୋଜନ କରାଯାଇଥିଲା। ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ, ମନଜିତ ସିଂହ ସନସନୱାଲ, ସମସ୍ତ ଅଧିକାରୀ ଏବଂ କର୍ମଚାରୀମାନେ ଏଥିରେ ଅଂଶଗ୍ରହଣ କରିଥିଲେ।

ଅଧକ୍ଷଙ୍କ ବିରୋଧରେ ଗାଳିଗୁଲଜ ଓ ଧମକ ଅଭିଯୋଗ

ବିଜେପୁର, ୩୧।୧୦(ସମିସ): ବରଗଡ଼ ଜିଲ୍ଲା ବିଜେପୁର ସ୍ନାତକ ମହାବିଦ୍ୟାଳୟ ଛାତ୍ରୀନିବାସ ନିକଟରେ ଜଣେ ଯୁବକଙ୍କୁ ଜାତିଆଣ ଆକ୍ଷେପ ସହ ଗାଳିଗୁଲଜ କରିବା ଅଭିଯୋଗରେ ବିଜେପୁର ଥାନାରେ ମାମଲା ରୁଜୁ ହୋଇଛି।

ଅଭିଯୋଗ ଅନୁସାରେ, ଗତ ୩୦ ତାରିଖ ସନ୍ଧ୍ୟା ପ୍ରାୟ ୭ଟା ୩୦ରେ ଟି. ଗଣ୍ଡପାଲି ଗ୍ରାମର ବିକ୍ରମ ସେଠ (୩୪) ନିଜର ଦୁଇ ବନ୍ଧୁଙ୍କ ସହ ବିଜେପୁର ଡିଗ୍ରୀ କଲେଜ ସମ୍ମୁଖ ରାସ୍ତାରେ ଯାଉଥିଲେ। ଏହି ସମୟରେ କଲେଜର ମୁଖ୍ୟ ଫାଟକ ଦେଇ ଛାତ୍ରୀନିବାସ ଆଡ଼କୁ ଯାଉଥିବା ଅଧକ୍ଷ ପ୍ରଦୀପ ମିଶ୍ରଙ୍କୁ ରାତିରେ ସେଠାକୁ ଯିବାର କାରଣ ପଚାରିବାରୁ ସେ ଗାଳିଗୁଲଜ ସହିତ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ବିକ୍ରମ ଅଭିଯୋଗ କରିଛନ୍ତି। ଏନେଇ ଲିଖିତ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରିଛି। ଘଟଣାର ପ୍ରକୃତ ସତ୍ୟତା ତଦନ୍ତ ପରେ ସ୍ପଷ୍ଟ ହେବ ବୋଲି ଜଣାଯାଇଛି।

‘ଅର୍ଣ୍ଣବ’ ଉଜାଡ଼ିଲା ଧାନ ଫସଲ



ଅମ୍ବାଭୋନା, ୩୧।୧୦ (ସମିସ): ଅମଳ ସମୟରେ ‘ଅର୍ଣ୍ଣବ’ ଉଜାଡ଼ିଛି ଚାଷୀର ବର୍ଷକର ଆହାର। ଅମ୍ବାଭୋନା ବ୍ଲକର ବିଭିନ୍ନ ଅଞ୍ଚଳରେ ଧାନ ଫସଲ ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି। କେଉଁଠି ପାଚିଲା ଧାନ ଗଛ ପ୍ରବଳ ପବନରେ ଜମିରେ ଶୋଇପଡ଼ିଛି ତ ଆଉ କେଉଁଠି ବର୍ଷା ଯୋଗୁଁ ଜମିରେ ପାଣି ଜମି ରହିଛି। ଏଥିସହ ପନିପରିବା ଚାଷ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ବିଶେଷକରି ଜମିରେ ପଡ଼ିଯାଇଥିବା ପାଚିଲା ଧାନ କାଟିବା ଚାଷୀଙ୍କ ପାଇଁ ବଡ଼ ସମସ୍ୟା ପାଲଟିଛି। ଆଗାମୀ ଦିନରେ ପୁଣି ଲଘୁଚାପଜନିତ ବର୍ଷା ହେବାର ଆଶଙ୍କା ଚାଷୀଙ୍କ ଚିନ୍ତାକୁ ଆହୁରି ବଢ଼ାଇଛି। ଚାଷୀଙ୍କ କହିବା ଅନୁଯାୟୀ, ଆଉ କିଛି ଦିନ ପରେ ଅମ୍ବାଭୋନା ଅଞ୍ଚଳରେ ଧାନ ଅମଳ କାର୍ଯ୍ୟ ଜୋରସୋରରେ ଆରମ୍ଭ ହୋଇଥାନ୍ତା। ହେଲେ ଅମଳ ପୂର୍ବରୁ ବାତ୍ୟାର ପ୍ରଭାବ ସେମାନଙ୍କ ଆର୍ଥିକ ମେରୁଦଣ୍ଡକୁ ଦୋହଲାଇ ଦେଇଛି।

ଅନ୍ୟପକ୍ଷରେ, ଗତ ମାସରେ ହୀରାକୁଦ ଜଳଭଣ୍ଡାରର ପଛୁଆ ଜଳ ଯୋଗୁଁ ନଦୀକୂଳିଆ ଅଞ୍ଚଳର ଅନେକ ଚାଷଜମି ଜଳମଗ୍ନ ହୋଇଥିଲା। ଏଥିରେ କ୍ଷତିଗ୍ରସ୍ତ ଚାଷୀମାନେ ଏପର୍ଯ୍ୟନ୍ତ କ୍ଷତିପୂରଣ ପାଇନଥିବା ଅଭିଯୋଗ କରୁଥିବାବେଳେ ପୁଣି ବାତ୍ୟା ‘ଅର୍ଣ୍ଣବ’ର ପ୍ରଭାବ ସେମାନଙ୍କ ଚିନ୍ତା ବଢ଼ାଇ ଦେଇଛି। କ୍ଷତିଗ୍ରସ୍ତ ଅଞ୍ଚଳରେ କୃଷି ଓ ରାଜସ୍ୱ ବିଭାଗର ମିଳିତ ଟିମ୍ ଦ୍ୱାରା ତୁରନ୍ତ କ୍ଷୟକ୍ଷତିର ଆକଳନ କରିବାକୁ ଚାଷୀ ମହଲରୁ ଦାବି ହୋଇଛି। ଏଥିସହ ଯୋଗ୍ୟ ଚାଷୀଙ୍କୁ ଫସଲ ବୀମା ରାଶି, ଇନ୍‌ପୁଟ୍ ସବ୍‌ସିଡି ଓ ଆବଶ୍ୟକୀୟ ସରକାରୀ ସହାୟତା ଯୋଗାଇଦେବା ସହ ଆଗାମୀ ରବି ଚାଷ ପାଇଁ ବିହନ ଓ ଅନ୍ୟାନ୍ୟ ସହାୟତା ଦେବାକୁ ଦାବି ହୋଇଛି।

■ **ବରଗଡ଼ ରକ୍ତ ଭଣ୍ଡାରରେ ବ୍ୟାପକ ଅବ୍ୟବସ୍ଥା**

ରକ୍ତଦାତାଙ୍କୁ ଦୁର୍ବ୍ୟବହାର, ଥାଲାସେମିଆ ରୋଗୀଙ୍କୁ ରକ୍ତ ମିଳୁନି

ବରଗଡ଼, ୩୧।୧୦(ସମିସ)

ବରଗଡ଼ ରକ୍ତ ଭଣ୍ଡାରରେ ଦିନକୁ ଦିନ ଅବ୍ୟବସ୍ଥା ବଢ଼ୁଥିବା ନେଇ ଗୁରୁତର ଅଭିଯୋଗ ସାମ୍ନାକୁ ଆସିଛି। ରକ୍ତଦାତାଙ୍କ ପ୍ରତି କର୍ମଚାରୀଙ୍କ ଅସୌଜନ୍ୟ ବ୍ୟବହାର, ରୋଗୀଙ୍କୁ ରକ୍ତ ଯୋଗାଣରେ ବିଳମ୍ବ, ଆବଶ୍ୟକୀୟ ପରୀକ୍ଷା ସାମଗ୍ରୀର ଅଭାବ, ଡାକ୍ତରଙ୍କ ଅନୁପସ୍ଥିତି ଓ ରକ୍ତଦାନ ଶିବିର ପରିଚାଳନାରେ ଅନିୟମିତତା ଭଳି ଅନେକ ପ୍ରସଙ୍ଗ ଏବେ ଚର୍ଚ୍ଚାର ବିଷୟ ହୋଇଛି।

ଶନିବାର ଭଟଲି ବ୍ଲକ ନଲିଛୁଆଁ ଗ୍ରାମର ଜଣେ ଯୁବକ ରକ୍ତଦାନ ପାଇଁ ବରଗଡ଼ ରକ୍ତ ଭଣ୍ଡାରକୁ ଆସିଥିଲେ। ରକ୍ତଦାନ ପରେ ସେ ଜଣେ ଅଟୋ ଚାଳକ ହୋଇଥିବାରୁ ହାତରେ ଲାଗିଥିବା ବ୍ୟାଣ୍ଡେଜ୍ ଖୋଲିଯିବା ଓ ରକ୍ତ ବାହାରିବା ଆଶଙ୍କା ଥିବାରୁ ଆଉ ଏକ ବ୍ୟାଣ୍ଡେଜ୍ ମାଗିଥିଲେ। କିନ୍ତୁ କାର୍ଯ୍ୟରତ କର୍ମଚାରୀ ତାଙ୍କୁ ନଦେଇ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ରକ୍ତଦାତା ଜଣକ ସିଡିଏମଓଙ୍କ ନିକଟରେ ଅଭିଯୋଗ କରିଛନ୍ତି।

ଅନ୍ୟପକ୍ଷରେ ବରଗଡ଼ ହୀରାପାଲିର ଜଣେ ଥାଲେସିମିଆ ରୋଗୀଙ୍କ ରକ୍ତର ହିମୋଗ୍ଲୋବିନ୍ ପରିମାଣ ମାତ୍ର ୩ ଗ୍ରାମ ଥିବାବେଳେ ପ୍ରତି ୨୦ରୁ ୨୫ ଦିନରେ ତାଙ୍କୁ ଏ ନେଗେଟିଭ୍ ଭଳି ବିରଳ ରକ୍ତର ଆବଶ୍ୟକତା ପଡ଼ିଥାଏ। ପରିବାର ଲୋକେ ବହୁ କଷ୍ଟରେ ଗୁରୁବାର ଜଣେ ରକ୍ତଦାତା ଠିକ୍ କରିବା ପରେ ସେ ରକ୍ତଦାନ କରିଥିଲେ। ମାତ୍ର ରକ୍ତ ଭଣ୍ଡାର ପକ୍ଷରୁ ଆବଶ୍ୟକୀୟ ପରୀକ୍ଷା ହୋଇନଥିବା ଦର୍ଶାଇ ଶନିବାର ସୁଦ୍ଧା ରୋଗୀଙ୍କୁ ରକ୍ତ ଦିଆଯାଇନାହିଁ। ଏନେଇ

> **ଏଲିସା ଟେଷ୍ଟ କିଟ୍ ଅଭାବ ଆଳ ଦେଖାଇ ବିଳମ୍ବ**
>
> **ପୂର୍ଣ୍ଣକାଳୀନ ରକ୍ତଭଣ୍ଡାର ଅଧିକାରୀ ନିଯୁକ୍ତି ସହ ଉଚ୍ଚସ୍ତରୀୟ ତଦନ୍ତ ଦାବି**

ପରିବାର ଲୋକେ ସିଡିଏମଓଙ୍କ ନିକଟରେ ଅଭିଯୋଗ କରିବା ପରେ ଏଲିସା ଟେଷ୍ଟ କିଟ୍ ସରିଯାଇଥିବା କାରଣ ଦର୍ଶାଯାଇଛି। ଜଣେ ନିୟମିତ ରକ୍ତ ଆବଶ୍ୟକ କରୁଥିବା ରୋଗୀଙ୍କ କ୍ଷେତ୍ରରେ ଏଭଳି ବିଳମ୍ବ କେତେ ଯୁକ୍ତିଯୁକ୍ତ ଓ କିଛି ଅଘଟଣ ଘଟିଲେ କିଏ ଦାୟୀ ହେବ ତାହା ଏବେ ବଡ଼ ପ୍ରଶ୍ନ।

ବରଗଡ଼ ରକ୍ତ ଭଣ୍ଡାରର ଏଭଳି ସ୍ଥିତି ପଛରେ ଜଣେ ଦକ୍ଷ ଓ ପୂର୍ଣ୍ଣକାଳୀନ ରକ୍ତ ଭଣ୍ଡାର ଅଧିକାରୀଙ୍କ ଅଭାବ ମଧ୍ୟ ଏକ ପ୍ରମୁଖ କାରଣ। ବର୍ତ୍ତମାନ ଦାୟିତ୍ୱରେ ଥିବା ଡାକ୍ତର ଚିତ୍ତରଞ୍ଜନ ପଣ୍ଡାଙ୍କୁ ଏକାଧିକ ଦାୟିତ୍ୱରେ ନିୟୋଜିତ କରାଯାଇଥିବାରୁ ସେ ରକ୍ତ ଭଣ୍ଡାରକୁ ଆବଶ୍ୟକ ସମୟ ଦେଇପାରୁନଥିବା ଜଣାପଡ଼ିଛି।

ବରଗଡ଼ ରକ୍ତ ଭଣ୍ଡାରରୁ ବାର୍ଷିକ ୨୦ ହଜାରରୁ



ଅଧିକ ୟୁନିଟ୍ ରକ୍ତ ସଂଗ୍ରହ ହେଉଥିବା ସୂଚନା ମିଳିଛି। ଏଥିମଧ୍ୟରୁ ପ୍ରାୟ ୧୨ ହଜାର ୟୁନିଟ୍ ରକ୍ତ ରକ୍ତ ଭଣ୍ଡାରରେ ଆସୁଥିବା ରକ୍ତଦାତାଙ୍କଠାରୁ ଏବଂ ୮ ହଜାରରୁ ଅଧିକ ୟୁନିଟ୍ ବିଭିନ୍ନ ରକ୍ତଦାନ ଶିବିରରୁ ସଂଗ୍ରହ ହେଉଛି। ଏତେ ବଡ଼ ପରିମାଣର ରକ୍ତ ସଂଗ୍ରହ ସତ୍ତ୍ୱେ କେଉଁ ଗ୍ରୁପ୍‌ର କେତେ ପରିମାଣର ରକ୍ତ ମହଜୁଦ ରହିଛି, ସେ ସମ୍ପର୍କରେ ସାଧାରଣ ଲୋକଙ୍କ ଅବଗତି ପାଇଁ ନିୟମିତ ସୂଚନା ବୋର୍ଡରେ ତଥ୍ୟ ପ୍ରଦର୍ଶନ କରାଯାଉନଥିବା ଅଭିଯୋଗ ହୋଇଛି।

ରକ୍ତ ଭଣ୍ଡାରରେ କର୍ମଚାରୀଙ୍କ ଠିକ୍ ସମୟରେ ଉପସ୍ଥିତି ନେଇ ମଧ୍ୟ ଅସନ୍ତୋଷ ପ୍ରକାଶ ପାଉଛି। ବରିଷ୍ଠ ଅଧିକାରୀଙ୍କ ନିୟମିତ ପରିଦର୍ଶନ ଓ ତଦାରଖ ଅଭାବ ମଧ୍ୟ ଏହି ସ୍ଥିତିକୁ ଅଧିକ ଜଟିଳ କରୁଛି। ଏଠାରେ କାର୍ଯ୍ୟରତ ଜଣେ କର୍ମଚାରୀଙ୍କୁ ୧୦ ଅକ୍ଟୋବରରୁ ବଦଳି କରାଯାଇଥିବା ସତ୍ତ୍ୱେ ସେ କେଉଁ ଆଧାରରେ ଏବେ ବି କରୁଛନ୍ତି, ତାହାକୁ ନେଇ ପ୍ରଶ୍ନ ଉଠିଛି।

ରକ୍ତଦାନ ପରେ ଏଡ୍‌ସ, ହେପାଟାଇଟିସ୍ ଭଳି ଗୁରୁତର ସଂକ୍ରାମକ ରୋଗ ପାଇଁ ରକ୍ତର ଯାଞ୍ଚ ଅତ୍ୟନ୍ତ ସମ୍ବେଦନଶୀଳ ଓ ଦାୟିତ୍ୱପୂର୍ଣ୍ଣ କାର୍ଯ୍ୟ। ଏଭଳି ପରୀକ୍ଷା କରୁଥିବା ଜଣେ ଆଉଟ୍‌ସୋର୍ସିଂ କର୍ମଚାରୀଙ୍କ ପାଖରେ ଆବଶ୍ୟକ ତାଲିମ ଓ ଦକ୍ଷତା ରହିଛି କି ନାହିଁ, ତାହାକୁ ନେଇ ମଧ୍ୟ ଅଭିଯୋଗ ଉଠିଛି। ଏହା ରକ୍ତର ସୁରକ୍ଷା ଓ ରୋଗୀଙ୍କ ଜୀବନ ସହ ଜଡ଼ିତ ଥିବାରୁ ଏହାର ବୈଷୟିକ ଯାଞ୍ଚ ଅତ୍ୟନ୍ତ ଜରୁରୀ।

ତେଣୁ ବରଗଡ଼ ଜିଲ୍ଲାପାଳ, ସିଡିଏମଓ ତଥା ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଏହି ସମସ୍ତ ଅଭିଯୋଗକୁ ଗୁରୁତ୍ୱର ସହ ନେଇ ଏକ ନିରପେକ୍ଷ ଉଚ୍ଚସ୍ତରୀୟ ତଦନ୍ତ କରିବା ସହ ରକ୍ତ ଭଣ୍ଡାରରେ ନିୟମିତ ଯାଞ୍ଚ, କର୍ମଚାରୀଙ୍କ ଉପସ୍ଥାନ ଯାଞ୍ଚ, ତାଲିମପ୍ରାପ୍ତ କର୍ମଚାରୀଙ୍କ ନିଯୁକ୍ତି, ରକ୍ତ ମହଜୁଦ ସୂଚନା ପ୍ରଦର୍ଶନ ଏବଂ ଜଣେ ପୂର୍ଣ୍ଣକାଳୀନ ଦକ୍ଷ ରକ୍ତ ଭଣ୍ଡାର ଅଧିକାରୀଙ୍କ ନିଯୁକ୍ତି ଦିଗରେ ତୁରନ୍ତ ପଦକ୍ଷେପ ନେବା ନିହାତି ଆବଶ୍ୟକ ହୋଇପଡ଼ିଛି।

ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ‘ସୁରଭି’

ବିଜେପୁର, ୩୧।୧୦(ସମିସ): ବିଜେପୁର ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଅନ୍ତର୍ଗତ ଚାରପାଲି ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ‘ସୁରଭି’ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧକ୍ଷ ଜୟକୃଷ୍ଣ ଡନସେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀ ବଲ୍ଲଭ ମେହେରଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ଶିକ୍ଷା ଅଧିକାରୀ ସରୋଜ ଭୁଏ, ଶିକ୍ଷାପ୍ରେମୀ ଦେବେନ୍ଦ୍ର ସାହୁ, ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦିବାକର ବରିହା ଓ ପୂର୍ଣ୍ଣଚନ୍ଦ୍ର ପଧାନ, ପ୍ରଧାନ ଶିକ୍ଷକ ମନୋଜ ବେହେରା, ସ୍ଥାନୀୟ ପ୍ରଧାନ ଶିକ୍ଷକ ଭାର୍ଗବ ଚନ୍ଦ୍ର ନାଏକ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ସଂସ୍କୃତ ଶିକ୍ଷକ ଚନ୍ଦ୍ରମଣି ସାହୁ ମଞ୍ଚ ପରିଚାଳନା କରିଥିଲେ। ଛାତ୍ରଛାତ୍ରୀମାନେ ବିଭିନ୍ନ ପ୍ରତିଯେଗିତାରେ ସାମିଲ ହେଇ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ଉଦଯାପନୀ ସମାରୋହରେ ବିଇଓ ବଲ୍ଲଭ ମେହେରଙ୍କ ପୌରୋହିତ୍ୟରେ ବିଧାୟକ ସନତ କୁମାର ଗଡ଼ତୀୟା ମୁଖ୍ୟ ଅତିଥି ଭାବେ ଯେଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ।

ଜିଲ୍ଲାସ୍ତରୀୟ ଖୋ-ଖୋ ଚାମ୍ପିଅନ୍‌ସିପ ଉଦ୍‌ଘାଟିତ

ଭଟଲି, ୩୧।୧୦(ସମିସ): ବରଗଡ଼ ଜିଲ୍ଲା ଭଟଲି ବ୍ଲକ ଅନ୍ତର୍ଗତ ସରକାରୀ ହାଇସ୍କୁଲ ଭଟଲି ପରିସରରେ ଜିଲ୍ଲାସ୍ତରୀୟ ଖୋ ଖୋ ଚାମ୍ପିଅନ୍‌ସିପ୍ ଉଦଘାଟିତ ହୋଇଯାଇଛି। ବ୍ଲକ ଶିକ୍ଷା ଅଧିକାରୀ ମଛିନ୍ଦ୍ର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ବିଧାୟକ ଇରାଶିଷ ଆଚାର୍ଯ୍ୟ ଯୋଗ ଦେଇ ଆନୁଷ୍ଠାନିକ ଭାବରେ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବରେ ସ୍ଥାନୀୟ ବିଡ଼ିଓ ପ୍ରମୋଦ ଚନ୍ଦ୍ର ମେହେର, ବ୍ଲକ ଅଧକ୍ଷ ନିତ୍ୟାନନ୍ଦ ପ୍ରଧାନ, ସ୍ଥାନୀୟ ସରପଞ୍ଚ ପ୍ରତିନିଧି ପ୍ରହଲ୍ଲାଦ ପ୍ରଧାନ, ଡିପିଇଓ ଜ୍ୟୋତିଷ ଚନ୍ଦ୍ର ପ୍ରଧାନ, କାର୍ଯ୍ୟକାରୀ ସମ୍ପାଦକ ସତିହାରୀ ବାଳିକା ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଚନ୍ଦ୍ରମା ଡନସନା, ଭଟଲି ହାଇସ୍କୁଲର ପ୍ରଧାନ ଶିକ୍ଷକ ସୁବୋଧ କୁମାର ସାହୁ, କେଶାଇପାଲି ହାଇସ୍କୁଲର ପ୍ରଧାନ ଶିକ୍ଷକ ଆକ୍ଷାରାମ ଭୋଇ, ତରାକନା ହାଇସ୍କୁଲର ପ୍ରଧାନ ଶିକ୍ଷକ ମନୋଜ ସାହୁ, ବଡ଼ମାଳ ହାଇସ୍କୁଲର ପ୍ରଧାନ ଶିକ୍ଷକ ସଞ୍ଜୟ ଖମାରୀ, କନକବିରା ହାଇସ୍କୁଲର ପ୍ରଧାନ ଶିକ୍ଷକ କୃଷ୍ଣ କେଦାର ସାହୁ, ଖରସଲ ହାଇସ୍କୁଲର ପ୍ରଧାନ ଶିକ୍ଷକ ଅନ୍ତର୍ଯ୍ୟାମୀ ବୁଧିଆ, ବ୍ଲକ ସମ୍ପାଦକ ମୀନକେତନ ଭୋଇ ସକ୍ରିୟ ଅଂଶଗ୍ରହଣ କରିଥିଲେ। ବରଗଡ଼ ଜିଲ୍ଲା ବିଦ୍ୟାଳୟ ସମୂହର କ୍ରୀଡ଼ା ସଂଗଠନ ଆନୁକୂଲ୍ୟରେ ଆୟୋଜିତ ଏହି ତିନି ଦିନିଆ କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ବ୍ଲକରୁ ୧୪ ବର୍ଷରୁ ନିମ୍ନ ଛାତ୍ରଛାତ୍ରୀ ଏବଂ ୧୭ ବର୍ଷରୁ ନିମ୍ନ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିବେ। ଶିକ୍ଷୟିତ୍ରୀ ସେବା ବିନିମୟୀ ମୁକ୍ତା ବାରିକ ଓ ଶିକ୍ଷକ ଆନନ୍ଦ ସାହୁ ସଭାକାର୍ଯ୍ୟର ସଂଯୋଜନା କରିଥିଲେ।

ଜିଲ୍ଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ

ବରଗଡ଼, ୩୧।୧୦(ସମିସ): ବରଗଡ଼ ସ୍ଥିତ ବିଜୁ ପଟ୍ଟନାୟକ ଟାଉନ୍‌ହଲ୍ ଠାରେ ଜିଲ୍ଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରଥମେ ଜିଲ୍ଲା ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ ଏକ ବିଶାଳ ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା। ଏହା ବୀର ସୁରେନ୍ଦ୍ର ସାଏ ଛକରୁ ବାହାରି ବିଜୁ ପଟ୍ଟନାୟକ ଟାଉନ ହଲ ଯାଏଁ ଯାଇଥିଲା। ଶୋଭାଯାତ୍ରାରେ ଶତାଧିକ ଛାତ୍ରଛାତ୍ରୀ ଏବଂ ଏସ୍‌ଏଚ୍‌ଜିର (ସ୍ୱୟଂ ସହାୟକ ଗୋଷ୍ଠୀ) ମା'ମାନେ ବିଭିନ୍ନ ସଚେତନତା ମୂଳକ ସ୍ଲୋଗାନ୍ ଦେଇ ଯୋଗଦେଇଥିଲେ।

ଏହାପରେ ସଭାସ୍ଥଳରେ ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା ଏବଂ ସମସ୍ତ ଅତିଥିଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯିବା ସହ ବନ୍ଦେ ମାତରମ୍ ଓ ଉତ୍କଳ ସଙ୍ଗୀତ ଗାନ କରାଯାଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଭିଜିଲାନ୍ସ ଏସ୍.ପି. ପ୍ରଦ୍ୟୁମ୍ନ କୁମାର ଦ୍ୱିବେଦୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହିତ ଉପସ୍ଥିତ ସମସ୍ତ ମାନ୍ୟଗଣ୍ୟ ଅତିଥି, ଛାତ୍ରଛାତ୍ରୀ ଏବଂ ଦର୍ଶକମାନଙ୍କ ସହିତ ଦୁର୍ନୀତି ବିରୋଧରେ ଲଢ଼େଇ ପାଇଁ ଶପଥ ପାଠ କରିଥିଲେ।

ମୁଖ୍ୟବକ୍ତା ଭାବେ ଗାନ୍ଧୀ ମେମୋରିଆଲ ମହାବିଦ୍ୟାଳୟ, କଳାପାଣି, ବରଗଡ଼ର ଇଂରାଜୀ ବିଭାଗର ଅଧ୍ୟାପିକା ସୁଷମା ଦାସ, ସମ୍ମାନିତ ଅତିଥି ତଥା ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁ ଏବଂ ମୁଖ୍ୟ ଅତିଥି ତଥା ଏସ୍‌ପି ରବୀନ୍ଦ୍ର ନାଥ ଶତପଥୀ ପ୍ରମୁଖ ଯୋଗଦେଇ ନିଜର ଦୁର୍ନୀତି ବିରୋଧୀ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ବିତର୍କ ଓ କୁଇଜ୍ ପ୍ରତିଯୋଗିତାରେ ୨୪ ଜଣ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନତ ପାଢ଼ୀ ଏହି ସଭା କାର୍ଯ୍ୟ ପରିଚାଳନା କରିଥିବାବେଳେ ଭିଜିଲାନ୍ସ ଡି.ଏସ୍.ପି. ସୁଷମା ତିର୍କୀ ଧନ୍ୟବାଦ ଅର୍ପଣ କରିଥିଲେ।

ଓଲଟିଲା କେନ୍ଦୁପତ୍ର ବୋଝେଇ ଟ୍ରକ୍

ପାଇକମାଳ, ୩୧।୧୦ (ସମିସ): ପାଇକମାଳ ବ୍ଲକ ଲଉଡମାଲ ନିକଟ ବିଜୁ ଏକ୍ସପ୍ରେସ ୱେରେ ଏକ କେନ୍ଦୁପତ୍ର ବୋଝେଇ ଟ୍ରକ ଓଲଟି ପଡ଼ିଛି। ତେବେ ଟ୍ରକ୍‌ର ଡ୍ରାଇଭର ଓ ହେଲପର ଅଳ୍ପକେ ବର୍ତ୍ତି ଯାଇଥିବା ଜଣାପଡ଼ିଛି। ଶୁକ୍ରବାର ରାତି ୧୦ଟାରେ ନୂଆପଡ଼ା ପଟୁ ଉକ୍ତ କେନ୍ଦୁପତ୍ର ବୋଝେଇ ଟ୍ରକ ପାଇକମାଳ ଅଭିମୁଖେ ଆସୁଥିବାବେଳେ ଏହି ଦୁର୍ଘଟଣା ଘଟିଥିଲା। ବିଜୁ ଏକ୍ସପ୍ରେସ ୱେର ଏହି ଅଂଶରେ ମାଣ୍ଡୋସିଲରୁ ପାଇକମାଳ ଯାଏଁ ରାସ୍ତାର ଅବସ୍ଥାକୁ ନେଇ ଯାତାୟାତ କରୁଥିବା ଗାଡ଼ି ଚାଳକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ରାସ୍ତାର ତୁରନ୍ତ ମରାମତି ପାଇଁ ଦାବି ହେଉଛି।

ଲାୟନ୍ସ କ୍ଲବ୍ ପକ୍ଷରୁ ଚିତ୍ରାଙ୍କନ ପ୍ରତିଯୋଗିତା



ବରଗଡ଼, ୩୧।୧୦(ସମିସ): ଲାୟନ୍ସ କ୍ଲବ୍ ବରଗଡ଼ ପକ୍ଷରୁ ବିଦ୍ୟାସାଗର ଏକାଡେମୀ ପରିସରରେ ମାନବତାରେ ସଦ୍‌ଭାବ ବିଷୟବସ୍ତୁକୁ ନେଇ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିରେ ୫୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପୁରସ୍କାର ବିତରଣୀ ସମାରୋହରେ ଲାୟନ୍ ଅଭୟ କୁମାର ଭୋଇ, ଲାୟନ୍ ବିନୟ ଲାଠ, ଲାୟନ୍ ଲଳିତ ଅଗ୍ରୱାଲ, ଲାୟନ୍ ମନୋଜ ମହାପାତ୍ର, ଲାୟନ୍ ଅମରଜିତ ସିଂହ ଏବଂ ଲାୟନ୍ ପ୍ରଦୀପ ପାୟଲ ଉପସ୍ଥିତ ଥିଲେ। କୃତୀ ପ୍ରତିଯୋଗୀମାନେ ହେଲେ ପ୍ରଥମ ମିନି ପ୍ରଧାନ (ରୋଟାରୀ ସ୍କୁଲ୍), ଦ୍ୱିତୀୟ ଜୟଶ୍ରୀ ମହାପାତ୍ର (ବିଦ୍ୟାସାଗର ଏକାଡେମୀ), ତୃତୀୟ ପି. ପୃଥିବୀ (ବିଦ୍ୟାସାଗର ଏକାଡେମୀ)।

ପାଇକମାଳ ଥାନାରେ ଆମ ପୁଲିସ ସମିତି ବୈଠକ

ପାଇକମାଳ, ୩୧।୧୦(ସମିସ): ପାଇକମାଳ ଥାନା ପରିସରରେ ଆମ ପୁଲିସ ସମିତି କାର୍ଯ୍ୟକ୍ରମ ଥାନା ଅଧିକାରୀ କୈଳାସ ଚନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅଞ୍ଚଳର ଆଇନଶୃଙ୍ଖଳା, ଜନସାଧାରଣଙ୍କ ସୁରକ୍ଷା ଓ ସାମାଜିକ ସଚେତନତା ସମ୍ପର୍କିତ ବିଭିନ୍ନ ବିଷୟରେ ଆଲୋଚନା ହୋଇଥିଲା। ଏଥିରେ ପାଇକମାଳ ଅଞ୍ଚଳର ବହୁ ବୁଦ୍ଧିଜୀବୀ, ସଚେତନ ନାଗରିକ ଓ ବିଭିନ୍ନ ବର୍ଗର ବ୍ୟକ୍ତି ଯୋଗଦେଇଥିଲେ। ଶେଷରେ ଏଏସଆଇ ଶଶିକାନ୍ତ ବାରିକ ଧନ୍ୟବାଦ ଦେଇଥିଲେ। ରାଷ୍ଟ୍ରୀୟ ଏକତା ଦିବସ ମଧ୍ୟ ପାଳନ କରାଯାଇଥିଲା।

ପଞ୍ଚାୟତ ଡିଗ୍ରୀ କଲେଜ

ସୁରକ୍ଷା ପାଇଁ ଏକଜୁଟ ହେଲେ ଛାତ୍ରଛାତ୍ରୀ

ବରଗଡ଼, ୩୧।୧୦(ସମିସ): ପଞ୍ଚାୟତ ଡିଗ୍ରୀ କଲେଜ୍ ନିକଟରେ ନିଜ ସୁରକ୍ଷାକୁ ନେଇ ଏକଜୁଟ ହୋଇଛନ୍ତି କଲେଜ୍‌ର ଛାତ୍ରଛାତ୍ରୀ। କଲେଜ୍ ରାସ୍ତାରେ କିଛି ଅସାମାଜିକ ବ୍ୟକ୍ତିଙ୍କ ଦ୍ୱାରା ଛାତ୍ରଛାତ୍ରୀଙ୍କୁ ଧମକ ଦେବା, ହଇରାଣ କରିବା ଏବଂ ଟଙ୍କା ଆଦାୟ ଭଳି ଅଭିଯୋଗକୁ ନେଇ ସେମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ବିଶେଷକରି କଲେଜ୍‌କୁ ଯିବା ଆସିବା କରୁଥିବା ଛାତ୍ରୀମାନଙ୍କ ସୁରକ୍ଷାକୁ ଗୁରୁତ୍ୱ ଦେଇ ଛାତ୍ରଛାତ୍ରୀ ମାନେ ବରଗଡ଼ ଏସ୍‌ପି ରବୀନ୍ଦ୍ର ନାଥ ଶତପଥୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପଞ୍ଚାୟତ ଡିଗ୍ରୀ କଲେଜ୍ ନିକଟରେ ଏକ ପୁଲିସ୍ ଆଉଟପୋଷ୍ଟ ସ୍ଥାପନ, କଲେଜ୍ ରାସ୍ତାର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ସିସିଟିଭି କ୍ୟାମେରା ସ୍ଥାପନ, କଲେଜ୍ ଚାଲିବା ସମୟରେ ପୁଲିସ୍ ପାଟ୍ରୋଲିଂ ବ୍ୟବସ୍ଥା ପ୍ରମୁଖ ଦାବି ରହିଛି।

ଘେଁସ ଆଞ୍ଚଳିକ ବାରିକ ସମାଜ ପକ୍ଷରୁ ନୂଆଁଖାଇ ଭେଟଘାଟ

ବାରିକ ଭବନ ନିର୍ମାଣ ପାଇଁ ୧୦ ଲକ୍ଷ ଟଙ୍କାର ସହାୟତା ଘୋଷଣା

ମେଲଛାମୁଣ୍ଡା, ୩୧।୧୦ (ସମିସ): ବରଗଡ଼ ଜିଲ୍ଲା ଘେଁସ ଆଞ୍ଚଳିକ ବାରିକ ସମାଜ ପକ୍ଷରୁ ନୂଆଁଖାଇ ଭେଟଘାଟ ଓ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଆଞ୍ଚଳିକ ବାରିକ ସମାଜର ସଭାପତି ପ୍ୟାରିଲାଲ ବାରିକ ଅଧ୍ୟକ୍ଷତା କରିଥିବାବେଳେ ସମ୍ପାଦକ ପରମାନନ୍ଦ ବାରିକ ବାର୍ଷିକ ବିବରଣୀ ପାଠ କରିଥିଲେ। କାର୍ଯ୍ୟକ୍ରମରେ ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବାବେଳେ ଲୋକେଶ୍ୱର ସିଂ ବରିହା, ଜିଲ୍ଲା ସଭାପତି ରୋହିତ ବାରିକ ଓ ରାଜ୍ୟ ଉପସଭାପତି ହୀରାଲାଲ ବେହେରା ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ।

ଏହି ଅବସରରେ ପଶ୍ଚିମ ଓଡ଼ିଶା ବାରିକ ମହାସଂଘର ବୃନ୍ଦାବନ ବାରିକ, ଜିଲ୍ଲା ସମ୍ପାଦକ ଘନଶ୍ୟାମ ବାରିକ, ଜିଲ୍ଲା କାର୍ଯ୍ୟକାରୀ ସଭାପତି ଦୁର୍ଗା ପ୍ରସାଦ ବାରିକ, ଜିଲ୍ଲା ସହସମ୍ପାଦକ ଚିତ୍ତରଞ୍ଜନ ବାରିକ, ବିଜେପୁର ବାରିକ ସମାଜର ସଭାପତି ଜିତ ବାରିକ, ଭଟଲି ବ୍ଲକ ସଭାପତି ପୁରୁଷୋତ୍ତମ ପଶାୟତ, ସମ୍ପାଦକ ଦ୍ରୋଣ ପଶାୟତ, ବିନୋଦ ବାରିକ, ପଙ୍କଜ ପଶାୟତ ତଥା ଜିଲ୍ଲା ଉପଦେଷ୍ଟା ଲାଭ ବାରିକ, ସୁରେଶ ବାରିକ, ରାଜେଶ ବାରିକ ଓ ତୁଳାରାମ ବାରିକଙ୍କ ସମେତ ସମାଜର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ। ଏହି ଅବସରରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଥବଲା। ବିଧାୟକ ଇରାଶିଷ ଆଚାର୍ଯ୍ୟ ଘେଁସଠାରେ ବାରିକ ଭବନ ନିର୍ମାଣ ପାଇଁ ପ୍ରାରମ୍ଭିକ ଭାବେ ୧୦ ଲକ୍ଷ ଟଙ୍କା ପ୍ରଦାନ କରିବାକୁ ଘୋଷଣା କରିଥିଲେ।

ତାଲଶ୍ରୀଗିଡ଼ାରେ ରକ୍ତଦାନ ଶିବିର

ବରଗଡ଼, ୩୧।୧୦(ସମିସ): ବରଗଡ଼ ବ୍ଲକ ଅନ୍ତର୍ଗତ ତାଲଶ୍ରୀଗିଡା ଗ୍ରାମରେ ଜୀବନ ସଂଯୋଗ ଓ ନିଷ୍ଠା ପରିବାରର ମିଳିତ ଆନୁକୂଲ୍ୟରେ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟଠାରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଯୁବ ସରପଞ୍ଚ ରିକନ ସାହୁ ଓ ସମିତିସଭ୍ୟ ରାଧେଶ୍ୟାମ ମହାପାତ୍ର ବରେଣ୍ୟ ଅତିଥି ଭାବରେ ଯୋଗ ଦେଇ ଶିବିରର ଶୁଭାରମ୍ଭ କରିଥିଲେ। ସାତ ଯୋଡା ଦମ୍ପତ୍ତିଙ୍କ ସମେତ ସର୍ବମୋଟ ୬୪ ୟୁନିଟ ରକ୍ତ ବୁର୍ଲା ରକ୍ତ ଭଣ୍ଡାର ଦ୍ୱାରା ସଂଗୃହୀତ ହୋଇଥିଲା। ଶିବିର ଆୟୋଜନ ପାଇଁ ଜୀବନ ସଂଯୋଗ ପରିବାରକୁ ନିଷ୍ଠା ପରିବାର ତରଫରୁ ଏକ ସ୍ମୃତି ଫଳକ ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

କର୍କଟ ରୋଗ ଚିହ୍ନଟ ଓ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

ବରଗଡ଼, ୩୧।୧୦(ସମିସ): ବରଗଡ଼ଠାରେ ଫାଇଟର୍ସ ଗ୍ରୁପ ସହଯୋଗରେ ଶାନ୍ତି ଚାରିଟେବଲ୍ ଟ୍ରଷ୍ଟ ଓ ଭୁବନେଶ୍ୱରସ୍ଥିତ ଉତ୍କଳ ହସ୍ପିଟାଲ ପକ୍ଷରୁ ଏକ ମାଗଣା କର୍କଟ ରୋଗ ଚିହ୍ନଟ ଓ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆୟୋଜିତ ହୋଇଥିଲା। ଉଦ୍‌ଘାଟନୀ ସଭାରେ ବରଗଡ଼ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଉତ୍କଳ ହସ୍ପିଟାଲର ନିର୍ଦ୍ଦେଶକ ଅରୁଣ ମହାନ୍ତି ସଭାପତିତ୍ୱ କରିଥିଲେ।

ମୁଖ୍ୟ ଅତିଥି ଜିଲ୍ଲାପାଳ ଆଦିତ୍ୟ ଗୋୟଲ ନିଜ ଅଭିଭାଷଣରେ କହିଥିଲେ ଯେ, ରାଜ୍ୟର ଅନ୍ୟ ଜିଲ୍ଲା ତୁଳନାରେ ବରଗଡ଼ ଜିଲ୍ଲାରେ ବିଭିନ୍ନ କାରଣରୁ କର୍କଟ ରୋଗୀଙ୍କ ସଂଖ୍ୟା ଅଧିକ ରହିଛି। ତେଣୁ ଫାଇଟର୍ସ ଗ୍ରୁପ ଓ ଜିଲ୍ଲା ପ୍ରଶାସନର ମିଳିତ ଉଦ୍ୟମରେ କର୍କଟ ରୋଗର ପ୍ରାରମ୍ଭିକ ଚିହ୍ନଟ ଓ ସଚେତନତା କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ କରାଯିବ। ଏଥିସହ ବରଗଡ଼ସ୍ଥିତ କର୍କଟ ହସ୍ପିଟାଲକୁ ଯଥାଶୀଘ୍ର କାର୍ଯ୍ୟକ୍ଷମ କରିବାକୁ ପ୍ରଶାସନ ପକ୍ଷରୁ ସରକାରଙ୍କ ସହ ଆଲୋଚନା ଜାରି ରହିଛି ବୋଲି କହିଥିଲେ। ଫାଇଟର୍ସ ଗ୍ରୁପର ସାଧାରଣ ସମ୍ପାଦିକା ଅସୀମା ବିଶୋଇ କର୍କଟ ରୋଗୀ ଓ ଡାକ୍ତରଙ୍କ ମଧ୍ୟରେ ଏକ ସୁଦୃଢ଼ ଓ ବିଶ୍ୱାସଭିତ୍ତିକ ସମ୍ପର୍କ ଗଢ଼ିତୋଳିବା ଉପରେ ଗୁରୁତ୍ୱ ଦେଇଥିଲେ। ମୋଟ ୧୧୦ ଜଣ ରୋଗୀଙ୍କ ମଧ୍ୟରୁ ୨୧ ଜଣଙ୍କୁ କ୍ୟାନ୍‌ସର ପୀଡ଼ିତ ରୂପେ ଚିହ୍ନଟ କରାଯାଇଛି।

ଶିବିରରେ ବିଶେଷଜ୍ଞ ଡାକ୍ତର ଭାବେ ଡା. ଦିଲୀପ କର (କର୍କଟ ରୋଗ ବିଶେଷଜ୍ଞ), ଡା. ପବିତ୍ର ମିଶ୍ର (ମୂତ୍ରରୋଗ ବିଶେଷଜ୍ଞ), ଡା. ବିନୟ ବିନାକର (ହୃଦ୍‌ରୋଗ ବିଶେଷଜ୍ଞ), ଡା. ପ୍ରଦୀପ ସାହୁ (ଅସ୍ଥିଶଲ୍ୟ ବିଶେଷଜ୍ଞ), ଡା. ସୌମ୍ୟରଞ୍ଜନ ପୃଷ୍ଟି ଓ ଡା. ସ୍ମୃତିରଞ୍ଜନ ନାୟକ (ମେଡିସିନ୍ ବିଶେଷଜ୍ଞ) ଯୋଗ ଦେଇ ରୋଗୀମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଶିବିରର ପରିଚାଳନା ଫାଇଟର୍ସ ଗ୍ରୁପ ଟ୍ରଷ୍ଟର ଅଧ୍ୟକ୍ଷ ଅଶ୍ୱିନୀ କୁମାର ଦର୍ଜୀଙ୍କ ତତ୍ତ୍ୱାବଧାନରେ ହୋଇଥିବା ବେଳେ ଗ୍ରୁପର ସଦସ୍ୟା ପ୍ରତିଭା ବାରିକ ସମଗ୍ର କାର୍ଯ୍ୟକ୍ରମର ସଞ୍ଚାଳନ ଓ ସମନ୍ୱୟ ଦାୟିତ୍ୱ ତୁଲାଇଥିଲେ।

ବିଭିନ୍ନ ସ୍ଥାନରେ ଜାତୀୟ ଏକତା ଦିବସ

ବରଗଡ଼ ଟାଉନ୍ ଥାନା

ବରଗଡ଼, ୩୧।୧୦(ସମିସ): ବରଗଡ଼ ଟାଉନ ଥାନା ପକ୍ଷରୁ ଏକତା ଦିବସ ପାଳିତ ହୋଇଯାଇଛି। ଏନେଇ ଏକ ପଦଯାତ୍ରା ଆୟୋଜିତ ହୋଇଥିଲା। ଏଥିରେ ଶତାଧିକ ଛାତ୍ରଛାତ୍ରୀଙ୍କ ସମେତ ବରଗଡ଼ ଟାଉନ ଥାନାର ସମସ୍ତ ପୁଲିସ ଅଧିକାରୀ ଓ କର୍ମଚାରୀ ସାମିଲ ହୋଇଥିଲେ। ଟାଉନ ଥାନା ପରିସରରୁ ଏହି ପଦଯାତ୍ରା ଆରମ୍ଭ ହୋଇ ଗାନ୍ଧୀ ଛକ ଦେଇ ଭଟଲି ଛକରେ ପହଞ୍ଚିଥିଲା। ପରେ ସେଠାରୁ ପୁନର୍ବାର ଟାଉନ ଥାନାକୁ ଫେରିବା ପରେ ପଦଯାତ୍ରାର ସମାପନ ହୋଇଥିଲା।



ଚିନିମହୁଲ ଓଏଭି

ଜମନକିରା, ୩୧।୧୦(ସମିସ): ଜମନକିରା ବ୍ଲକ ଅନ୍ତର୍ଗତ ଚିନିମହୁଲ ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିସରରେ ‘ଜାତୀୟ ଏକତା ଦିବସ’ ପାଳିତ ହୋଇଯାଇଛି। ଏନେଇ ବିଦ୍ୟାଳୟରେ ଏକ ସ୍ୱତନ୍ତ୍ର ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜମନକିରା ଥାନା ଅଧିକାରୀ ରଞ୍ଜନ ନାଗ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ତାଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ, ଛାତ୍ରଛାତ୍ରୀ ତଥା ପୋଲିସ କର୍ମଚାରୀମାନେ ଏକତ୍ରିତ ହୋଇ ଦେଶର ଏକତା ଓ ସଂହତି ବଜାୟ ରଖିବା ନିମନ୍ତେ ସମୂହ ଶପଥ ଗ୍ରହଣ କରିଥିଲେ।

ଝାରବନ୍ଧ ଓ ଜଗଦଳପୁର ଥାନା

ଝାରବନ୍ଧ: ଝାରବନ୍ଧ ଓ ଜଗଦଳପୁର ଥାନା ପକ୍ଷରୁ ଏକତା ଦିବସ ଅବସରରେ ବିଦ୍ୟାଳୟସ୍ତରରେ ସଚେତନତା କାର୍ଯ୍ୟକ୍ରମ, ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ, ଏକତା ଦୌଡ଼ ଏବଂ ଆମ ପୁଲିସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି।

ଜଗଦଳପୁର ଥାନା ଅଧିକାରୀ ଦୀପ୍ତିରଞ୍ଜନ ଦିଗାଲଙ୍କ ତତ୍ତ୍ୱାବଧାନରେ କୁର୍ମା ବିଦ୍ୟାଳୟ ପରିସରରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଏସ୍‌ଆଇ ମଧୁସ୍ମିତା ମିଞ୍ଜ, ଏଏସ୍‌ଆଇ ଶାନ୍ତନୁ କୁମାର ନାୟକ, ଗୌଡ଼ମାଳ ସିଆରସିସି ପୁରନ୍ଦର କୁମ୍ଭାର ଓ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶରତ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ଝାରବନ୍ଧ ଥାନା ଅଧିକାରୀ ସଞ୍ଜୟ କୁମାର ପରିଡ଼ାଙ୍କ ତତ୍ତ୍ୱାବଧାନରେ ବଳିଡିପାସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଜାତୀୟ ଏକତା ଦିବସ ପାଳନ କରାଯାଇଥିଲା। ଏଠାରେ ମଧ୍ୟ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଏଏସ୍‌ଆଇ ବିନାୟକ ସାହୁ, ଗୟାରାମ ଷାଣ୍ଡ, ଇଜାକ ମହମ୍ମଦ ଏବଂ ବିଦ୍ୟାଳୟର ଅଧ୍ୟକ୍ଷ ଜିତେନ୍ଦ୍ର ପ୍ରଧାନଙ୍କ ସମେତ ଅନ୍ୟମାନେ ସାମିଲ ହୋଇଥିଲେ। ଏହା ସହ ଉଭୟ ଥାନା ପକ୍ଷରୁ ଏକତା ଦୌଡ଼ ଆୟୋଜନ କରାଯାଇଥିଲା।

ଦଧିବାମନ ମହାବିଦ୍ୟାଳୟ

ଭଟଲି: ସ୍ଥାନୀୟ ଦଧିବାମନ ମହାବିଦ୍ୟାଳୟ ପରିସରରେ ଅଧ୍ୟକ୍ଷ ସରୋଜ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଯାଇଛି। ଏକାଧାରାରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜନ୍ମବାର୍ଷିକୀ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ତିରୋଧାନ ଦିବସ ପାଳିତ ହୋଇଯାଇଛି। ପ୍ରାରମ୍ଭରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଓ ଶ୍ରୀମତି ଇନ୍ଦିରା ଗାନ୍ଧୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ମଞ୍ଚାସୀନ ପ୍ରାଧ୍ୟାପକ ଡକ୍ଟର ବିରଞ୍ଚି ନାରାୟଣ ସାହୁ, ଅଧ୍ୟାପକ ଡକ୍ଟର ରବିନାରାୟଣ ପଣ୍ଡା, ଅଧ୍ୟାପକ ଆଶିଷ ମହାନ୍ତି ଓ ଅଧ୍ୟାପିକା ରାଜଶ୍ରୀ ନାଥ ଏକତା ଦିବସ ଅବସରରେ ନିଜର ବକ୍ତବ୍ୟ ପ୍ରକାଶ କରିଥିଲେ। ଅଧ୍ୟାପକ ବିରାଟ ପ୍ରଧାନ ସଭା ପରିଚାଳନା କରିଥିବା ବେଳେ ଅଧ୍ୟାପିକା ପ୍ରତିମା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

୬ ଦିନ ହେଲା ଅନ୍ଧାର; ବିଦ୍ୟୁତ୍ କାର୍ଯ୍ୟାଳୟରେ ହୋ ହଲ୍ଲା



ନିଶ୍ଚିନ୍ତକୋଇଲି, ୩୧।୧୦(ସମିସ)

ନିଶ୍ଚିନ୍ତକୋଇଲି ବିଦ୍ୟୁତ ଉପଖଣ୍ଡ ଅଧୀନରେ ଥିବା ଅସୁରେଶ୍ୱର ସେକ୍ସନ ଅନ୍ତର୍ଗତ କେଣ୍ଡାଳ ପଞ୍ଚାୟତ ରାମଚନ୍ଦ୍ରପୁର ପ୍ରଧାନସାହି ୨ ନଂ ୱାର୍ଡରେ ବିଦ୍ୟୁତ ଟ୍ରାନ୍ସଫର୍ମର ପୋଡିଯାଇଥିବା ଯୋଗୁ ଗତ ୬ ଦିନ ହେବ ଅନ୍ଧାର ହୋଇ ରହିଛି। ଫଳରେ ଗ୍ରାହକମାନେ ବିଦ୍ୟୁତ କାର୍ଯ୍ୟାଳୟକୁ ଯାଇ ହୋ ହାଲ୍ଲା କରିଥିଲେ। ନିଶ୍ଚିନ୍ତକୋଇଲି ଆଇଆଇସି ଅନୀତା ସାହୁ, କେଣ୍ଡାଳ ପୂର୍ବତନ ସରପଞ୍ଚ ଅନ୍ନଦା ପ୍ରସାଦ ନାୟକ ଲୋକମାନଙ୍କୁ ବୁଝାସୁଝା କରିଥିଲେ। ଦୀର୍ଘ ଦିନ ହେବ ଏହି ବିଦ୍ୟୁତ ଟ୍ରାନ୍ସଫର୍ମରଟି କୃଷ୍ଣ ପ୍ରଧାନଙ୍କ ନିଜସ୍ୱ ଜାଗା ତାଙ୍କ ଘର ସମ୍ମୁଖରେ ବସାଯାଇଥିଲା। ଏହାକୁ ସ୍ଥାନାନ୍ତରଣ କରିବା ପାଇଁ ସେ ମଧ ବହୁବାର ବିଦ୍ୟୁତ ବିଭାଗକୁ ଅବଗତ ପରେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନଥିଲା। ଘଟଣାସ୍ଥଳରେ ବିଦ୍ୟୁତ ବିଭାଗର କନିଷ୍ଠ ଯନ୍ତ୍ରୀ ସ୍ମୃତିରଂଜନ ସାମନ୍ତରାୟ କୃଷ୍ଣ ପ୍ରଧାନଙ୍କ ପରିବାର ସହିତ ଭଦ୍ରଲୋକମାନଙ୍କ ଉପସ୍ଥିତିରେ ଏକ ଚୁକ୍ତିକରି ୨ ମାସ ଭିତରେ ଟ୍ରାନ୍ସଫର୍ମରକୁ ଅନ୍ୟତ୍ର ସ୍ଥାନାନ୍ତରଣ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ପୋଡିଯାଇଥିବା ଟ୍ରାନ୍ସଫର୍ମରକୁ ପୁନର୍ବାର ଏହିଠାରେ ନୂତନ ଟ୍ରାନ୍ସଫର୍ମର ବସାଯାଇ ବିଦ୍ୟୁତ ସଂଯୋଗ ଦିଆଯିବ ବୋଲି ବିକ୍ଷୋଭକାରୀ ଗ୍ରାହକମାନଙ୍କୁ ପ୍ରତିଶ୍ରୁତି ଦିଆଯିବା ପରେ ଉତ୍ତେଜନା ଶାନ୍ତ ପଡ଼ିଥିଲା।

ସାଲେପୁର ସିଏଚ୍‌ସିରେ ନାହିଁ ଶବ ସଂରକ୍ଷଣ ବ୍ୟବସ୍ଥା



ସାଲେପୁର, ୩୧।୧୦(ସମିସ): ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ସଂରକ୍ଷଣ ରଖିବା ପାଇଁ ଆବଶ୍ୟକୀୟ ଶବଗୃହ ବ୍ୟବସ୍ଥା ନଥିବାରୁ ମୃତକଙ୍କ ପରିବାରବର୍ଗ ବିଭିନ୍ନ ସମୟରେ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି। କୌଣସି ବ୍ୟକ୍ତିଙ୍କର ମୃତ୍ୟୁ ଘଟିଲେ, ମୃତଦେହକୁ ଘଣ୍ଟା ଘଣ୍ଟା ଧରି ସୁରକ୍ଷିତ ଭାବେ ରଖିବା ପାଇଁ ଏଠାରେ କୌଣସି ଉପଯୁକ୍ତ ଗୃହର ବ୍ୟବସ୍ଥା ନାହିଁ। ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ସାଲେପୁର, ମାହାଙ୍ଗା ଓ ନିଶ୍ଚିନ୍ତକୋଇଲି ବ୍ଲକ୍‌ର ବହୁ ଲୋକ ନିର୍ଭରଶୀଳ ଥିବାରୁ ଏହି ସମସ୍ୟା ଗୁରୁତର ରୂପ ନେଇଛି। ଗତକାଲି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଥିଲା। ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ତାଙ୍କୁ ମୃତ ଘୋଷଣା କରିବା ପରେ ଶବ ବ୍ୟବଚ୍ଛେଦ କରିବା ପାଇଁ କୁହାଯାଇଥିଲା। ସନ୍ଧ୍ୟାରେ କଟକ ବଡ଼ ମେଡ଼ିକାଲରେ ମୃତଦେହର ଶବ ବ୍ୟବଚ୍ଛେଦ କରିବା ପାଇଁ ନ ଥିବାରୁ ମୃତଦେହ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରଖାଯିବାକୁ କୁହାଯାଇଥିଲା। ମୃତ ବ୍ୟକ୍ତିଙ୍କ ପରିବାର ଲୋକ ଶବକୁ ରାତିସାରା ସଂରକ୍ଷିତ ରଖିବା ପାଇଁ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ କୌଣସି ଆବଶ୍ୟକୀୟ ଗୃହର ବ୍ୟବସ୍ଥା କରି ନଥିବାରୁ ପରିବାର ଲୋକେ ନାହିଁ ନଥିବା ହଇରାଣ ହୋଇଥିବା ଅଭିଯୋଗ କରିଛନ୍ତି। ଶେଷରେ ଅନ୍ୟ କୌଣସି ଉପାୟ ନପାଇ ମୃତକଙ୍କ ପରିବାର ନିଜ ଘରୁ ବିଦ୍ୟୁତ୍ ବଲ୍‌ବ, ତାର ଏବଂ ମୃତଦେହ ସଂରକ୍ଷଣ ପାଇଁ ଆବଶ୍ୟକ ଶୀତଳୀକରଣ ଯନ୍ତ୍ର ଯୋଗାଡ଼ କରି ଶବ ରଖିଥିବା ଜଣାପଡ଼ିଛି।

ଶନି ମନ୍ଦିରରକୁ ରୁପା ମୁକୁଟ ଚୋରି

ନିଶ୍ଚିନ୍ତକୋଇଲି,୩୧।୧୦(ସମିସ): ନିଶ୍ଚିନ୍ତକୋଇଲି ଥାନା ଡେଲିମାର୍କେଟ ଶ୍ୱେତବଟ ମଠରେଥିବାଶନିମନ୍ଦିରରୁଏକ୪୦୦ଗ୍ରାମଓଜନବିଶିଷ୍ଟରୁପାମୁକୁଟଚୋରିହୋଇଥିବା ନେଇ ମଠର ମହନ୍ତ ନିତ୍ୟାନନ୍ଦ ଦାସ ମହାରାଜ ଥାନାରେ ଅଭିଯୋଗ କରିଛନ୍ତି। ଗତ ବୁଧବାର ରାତିରେ ମହନ୍ତ ଶ୍ରୀ ଦାସ ମଠ ଫାଟକ ତାଲା ପକାଇ ଘରକୁ ଯାଇଥିଲେ। ଗୁରୁବାର ସକାଳେ ଶନିଦେବଙ୍କର ପୂଜାର୍ଚ୍ଚନା କରିବା ପାଇଁ ମଠକୁ ଆସିଲା ବେଳକୁ ଫାଟକର ତାଲା ଭଙ୍ଗାଯାଇଥିବା ଦେଖିଥିଲେ। ଶନିଦେବ ପିନ୍ଧିଥିବା ରୁପା ମୁକୁଟଟି ନଥିଲା। ଚୋରି ହୋଇଥିବା ଉକ୍ତ ସୁନା ମୁକୁଟର ମୂଲ୍ୟ ୮୦ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ହେବ।

ବାଣ ଜବତ; ଜଣେ ଗିରଫ

ତିଗିରିଆ, ୩୧।୧୦ (ସମିସ): ତିଗିରିଆ ଥାନା ପୁରୁଣା ତିଗିରିଆ ଗ୍ରାମରେ ଚଢ଼ଉ କରାଯାଇ ଲକ୍ଷାଧିକ ଟଙ୍କାର ବେଆଇନ ବାଣ ଜବତ କରିବା ସହ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଥାନା ଆଇଆଇସି ରମାକାନ୍ତ ନାୟକ ସୂଚନା ଦେଇଛନ୍ତି। ଅଭିଯୁକ୍ତ ହେଉଛି ପୁରୁଣା ତିଗିରିଆ ଗ୍ରାମର ଚୈତନ୍ୟ ସ୍ୱାଇଁ। ଅଭିଯୁକ୍ତର ଘରୁ ଲକ୍ଷାଧିକ ଟଙ୍କାର ବାଣ ଜବତ ହୋଇଛି। ତିଗିରିଆ ଥାନାରେ ଏନେଇ ଏକ ମାମଲା ରୁଜୁହୋଇ ଅଧିକ ତଦନ୍ତ ଜାରି ରହିଛି।

ସହକାରୀ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ତିଗିରିଆ, ୩୧।୧୦ (ସମିସ): ତିଗିରିଆ ବ୍ଲକ ନୂଆପାଟଣା ପଞ୍ଚାୟତ ପିଏମଶ୍ରୀ ଅର୍ଜୁନ ସୁବୁଦ୍ଧି ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ସୁଶାନ୍ତ କୁମାର ସାହୁଙ୍କୁ ଶନିବାର ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ପ୍ରଧାନଶିକ୍ଷକ ବିଜୟ ଖଟୁଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ବଡମ୍ବା ବ୍ଲକର ଅବସରପ୍ରାପ୍ତ ଶିକ୍ଷାଧିକାରୀ ପ୍ରକାଶଚନ୍ଦ୍ର ମଉଗଜ ସିଂହ, ବ୍ଲକ ସହ ଶିକ୍ଷାଧିକାରୀ ସୌଦାମିନୀ ମିଶ୍ର, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କୁଳମଣି ରାଉତ, ସୁବାସଚନ୍ଦ୍ର ସାହୁ, ହୃଷିକେଶ ବେହେରା, ରବିନାରାୟଣ ସାହୁ, ନବଘନ ମହାରଣା, ସଂସ୍କୃତ ଶିକ୍ଷକ ସଞ୍ଜୟ ଷଡଙ୍ଗୀ, ଅବସରପ୍ରାପ୍ତ ସହ ଶିକ୍ଷାଧିକାରୀ ଅଞ୍ଜନା ମହାପାତ୍ର, ଶିକ୍ଷକ ବିଷ୍ଣୁଚରଣ ସ୍ୱାଇଁ, ସୁଧାକର ସାହୁ, ବିରେନ ପଟ୍ଟନାୟକ, ଦିଲ୍ଲୀପ ଶତପଥୀ, ଅକାରଣ ସାହୁ, ସଚ୍ଚିଦାନନ୍ଦ ଦାସ, ବରିଷ୍ଠ ଶିକ୍ଷୟିତ୍ରୀ ଭାଗ୍ୟଲକ୍ଷ୍ମୀ ସାହୁ, ବିରଞ୍ଚି ପାତ୍ର, ସନାତନ ବେହେରା, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପ୍ରଦୀପ ମଲ୍ଲ ପ୍ରମୁଖ ଯୋଗ ଦେଇଥିଲେ। ସନ୍ଧ୍ୟାରାଣୀ ଦଳେଇ, ପ୍ରିୟଦର୍ଶିନୀ ବେହେରା, ସାଇକ୍ରିଷ୍ଣା ପରିଡା, ଶିକ୍ଷକ ଗଦାଧର ମହାପାତ୍ରଙ୍କ ସମେତ ଅନ୍ୟାନ୍ୟ ଶିକ୍ଷକଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଓ କର୍ମଚାରୀ ସହଯୋଗ କରିଥିଲେ। ବରିଷ୍ଠ ଶିକ୍ଷକ ମାଧବଚନ୍ଦ୍ର ପାତ୍ର ସଂଯୋଜନା କରିଥିଲେ।

ସୁରଭି କାର୍ଯ୍ୟକ୍ରମ ପାଇଁ ଦ୍ୱିତୀୟ ବୈଠକ

ବଡମ୍ବା, ୩୧।୧୦ (ସମିସ): ବଡମ୍ବା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ସହ ଶିକ୍ଷାଧିକାରୀ ଶିବପ୍ରସାଦ ବ୍ରହ୍ମାଙ୍କ ସଭାପତିତ୍ୱରେ ଶିଶୁ ମହୋତ୍ସବ ସୁରଭି ପାଇଁ ୨ୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସହ ଶିକ୍ଷାଧିକାରୀ କୈଳାଶଚନ୍ଦ୍ର ବେହେରାଙ୍କ ସହ ଗୋଷ୍ଠୀ ଶିକ୍ଷାଧିକାରୀ ତ୍ରିଲୋଚନ ଜେନା, ଜିଲ୍ଲା ଓଷ୍ଟା ସଂଘ ସଭାପତି କଳିଙ୍ଗ କେଶରୀ ପ୍ରଧାନ, ଜିଲ୍ଲା ନୂତନ ପେନସନଭୁକ୍ତ ଶିକ୍ଷକ ସଂଘ ଉପସଭାପତି ରମେଶଚନ୍ଦ୍ର ବେହେରା, ବଡମ୍ବା ଓଷ୍ଟା ସଂଘ ସଭାପତି ଶ୍ୟାମବନ୍ଧୁ ବେହୁରା, ସମ୍ପାଦକ ଅଶୋକ ଧଳ, ବ୍ଲକ ପ୍ରାଥମିକ ଶିକ୍ଷକ ଫେଡେରେସନ ସଭାପତି ଚିତ୍ତରଞ୍ଜନ ପ୍ରଧାନ, ଉପସଭାପତି ଶ୍ରୀକାନ୍ତ ମିଶ୍ର, ନୂତନ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ସୁରସୁନ୍ଦର ଶତପଥୀ, ସମ୍ପାଦକ ରାଜେଶ ମହାପାତ୍ର, ବରିଷ୍ଠ ପ୍ରଧାନଶିକ୍ଷକ ସରୋଜ ମିଶ୍ର, ପ୍ରଧାନ ଶିକ୍ଷୟିତ୍ରୀ ସୁଷମା ମଞ୍ଜରୀ ମହାଳିକଙ୍କ ସହ ୧୬ ଟି ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ଅଂଶଗ୍ରହଣ କରିଥିଲେ। ବିଭିନ୍ନ କମିଟି ଗଠନ କରାଯାଇ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ଜଣାଇ ଦିଆଯାଇଛି। ପାଣିପାଗକୁ ଆଖି ଆଗରେ ରଖି ଆସନ୍ତା ନଭେମ୍ବର ପ୍ରଥମ ସପ୍ତାହରେ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ମତ ପ୍ରକାଶ ପାଇଥିଲା।

ନୂଆସାହି ଲକ୍ଷ୍ମୀନାରାୟଣ ମେଢ଼ ଭସାଣିରେ ଉତ୍ତେଜନା

ଚୌଦ୍ୱାର, ୩୧।୧୦ (ସମିସ): ଚୌଦ୍ୱାରର ପ୍ରସିଦ୍ଧ ରୂପଯାତ୍ରାର ଭସାଣି ଶୋଭାଯାତ୍ରା ବେଳେ ଦୁଇ ଗୋଷ୍ଠୀ ମଧ୍ୟରେ ବଚସାରୁ ମାରପିଟ ଘଟି ୪ ଜଣ ଗୁରୁତର ଆହତ ହୋଇଛନ୍ତି। ଚୌଦ୍ୱାର ପୌରପାଳିକାର ୧୭ ନମ୍ବର ୱାର୍ଡ ନୂଆସାହି ଲକ୍ଷ୍ମୀନାରାୟଣ ମେଢ଼ ଭସାଣି ସମୟରେ ଓଟିଏମ୍ ପରିବା ମାର୍କେଟ ନିକଟରେ ଏହି ଘଟଣା ଘଟିଛି। ସୂଚନା ଅନୁଯାୟୀ, ନୂଆସାହି ପୂଜା କମିଟିର ମେଢ଼ ଭସାଣି ଶୋଭାଯାତ୍ରା ଚାଲିଥିବା ବେଳେ କୌଣସି କାରଣକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ପ୍ରଥମେ ବଚସା ହୋଇଥିଲା। ପରେ ଏହା ଉଗ୍ରରୂପ ଧାରଣ କରି ମାରପିଟରେ ପରିଣତ ହୋଇଥିଲା। ଗୋଟିଏ ଗୋଷ୍ଠୀ ଅନ୍ୟ ଗୋଷ୍ଠୀ ଉପରେ ଅତର୍କିତ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଏଥିରେ ଅଶୋକ ବେହେରା, ନାରାୟଣ ଦାସ, ଅଜିତ୍ ଦାସ ଓ ସୁଜିତ୍ ଦାସ ଗୁରୁତର ଆହତ ହୋଇଛନ୍ତି। ଘଟଣା ସମ୍ପର୍କରେ ଚୌଦ୍ୱାର ଥାନାରେ ଏତଲା ଦିଆଯାଇଛି। ଖବର ପାଇ ପୁଲିସ ଆହତମାନଙ୍କୁ ଚିକିତ୍ସା ପାଇଁ ଟାଙ୍ଗୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ଅନ୍ୟପକ୍ଷରେ କେଉଁ କାରଣରୁ ବଚସା ଆରମ୍ଭ ହୋଇଥିଲା ଓ ଆକ୍ରମଣରେ କେଉଁମାନେ ସମ୍ପୃକ୍ତ ଥିଲେ, ସେନେଇ ପୁଲିସ ତଦନ୍ତ ଜାରି ରଖିଛି।

ଚାହାପଡ଼ା ମୌଜାରେ ପୂର୍ଣ୍ଣାଙ୍ଗ ହେଉନି ଚକବନ୍ଦୀ କାର୍ଯ୍ୟ

ସାଲେପୁର,୩୧।୧୦(ସମିସ): ୪୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ହେବ ଚକବନ୍ଦୀ କାର୍ଯ୍ୟ ପୂର୍ଣ୍ଣାଙ୍ଗ ହୋଇ ନଥିବାରୁ ତିନିଟି ଗ୍ରାମର ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି। ସାଲେପୁର ତହସିଲ ଅନ୍ତର୍ଗତ ରାମେଶ୍ୱର ରାଜସ୍ୱ ଅଧିକାରୀଙ୍କ ଅଧୀନସ୍ଥ ଚାହାପଡ଼ା ମୌଜାର ସଂଖମୁହଁ, ସନ୍ୟାସୀ ପାଟଣା ଓ ଚାହାପଡ଼ା ଗ୍ରାମର ଚକବନ୍ଦୀ କାର୍ଯ୍ୟ ପୂର୍ଣ୍ଣାଙ୍ଗ ହୋଇ ନଥିବାରୁ ଏହି ଅଞ୍ଚଳର ଛାତ୍ରଛାତ୍ରୀମାନେ ଉଚ୍ଚଶିକ୍ଷା ଏବଂ ନିଯୁକ୍ତି ପାଇଁ, ଜାତିଗତ ପ୍ରମାଣପତ୍ର ଆୟବ୍ୟୟ ପ୍ରମାଣପତ୍ର ଓ ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ର ପାଇବାପାଇଁ ସମସ୍ୟା ଉପୁଜୁଛି। ସେହିପରି ଖଜଣା, ଜଳକର, ଜମିବାଡି ମାପଚୁପ, ଖରଦୀ ବିକ୍ରି କବଲା ସମସ୍ୟା ହେଉଥିବା ଅଭିଯୋଗ ହେଉଛି। ଏହି ମୌଜାର ଜନସାଧାରଣଙ୍କ ପାଇଁ ଗୁରୁତର ସମସ୍ୟା ହୋଇଥିବାରୁ ଏହାକୁ ତୁରନ୍ତ ସମାଧାନ କରିବା ପାଇଁ ରାମେଶ୍ୱର ଅଞ୍ଚଳର ବିଜେପି ନେତା ଉଲ୍ଲାସ ଜେନା, ଦୁର୍ଯ୍ୟୋଧନ ବେଜ ସାଲେପୁର ତହସିଲଦାରଙ୍କୁ ଲିଖିତ ଜଣାଇଛନ୍ତି।

ଭଚ୍ଛିମୁଣ୍ଡା ରୂପଯାତ୍ରା ଭସାଣି ଉତ୍ସବ



ଟାଙ୍ଗୀ,୩୧।୧୦(ସମିସ): ଟାଙ୍ଗୀ ଚୌଦ୍ୱାର ବ୍ଲକ ଭଚ୍ଛିମୁଣ୍ଡା ଐତିହାସିକ ରୂପ ଯାତ୍ରା ଭସାଣି ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ତେଲିସାହି ଥାନପତି ମା' ଦୁର୍ଗାଙ୍କ ପ୍ରତିମା ହାଟ ପଡ଼ିଆରେ ଅବସ୍ଥାନ କରିବା ପରେ ତ୍ରିନାଥ ଛକ, ଛତ୍ରପଡିଆ, ଶବରସାହି, ଖରିଦାସାହି, ମା' ଅମ୍ବିକାସାହି, ମା' କନକଦେବୀ, ବଡଦୋକାନ, ବାରିକଘର, ବାରିକସାହି, ନୂଆସାହି, ବାଉରିସାହି, ଚଣ୍ଡିଆସାହି, ତୋଟାସାହି, କୃଷ୍ଣମୋହନପୁର, ବ୍ରାହ୍ମଣସାହି, ଗାଁରବା, ବଣିଆସାହି, ହରିଜନ ସାହି, ପରିଡ଼ାସାହି, ପାଟଣାସାହି, ବଡ଼ସାହି, କୁମାରସାହି, ସାରଙ୍ଗାବଜାର, ହରିଜନସାହି-୨ ଆଦି ୨୧ଟି ପ୍ରତିମା ସାମିଲ ହୋଇଥିଲେ। ଶନିବାର ଥାନପତିଙ୍କଠାରୁ ଭୋଗ ଖାଇ ସମସ୍ତ ସାହିର ପ୍ରତିମା ଭସାଣି ସାମିଲ ହୋଇ ବିରୁପା ନଦୀ ନିକଟସ୍ଥ ରାତି ସୁଦ୍ଧା ମେଲଣ ପଡ଼ିଆରେ ଏକତ୍ର ହୋଇ କ୍ରମାନ୍ୱୟରେ ବିସର୍ଜନ ହୋଇଥିବା ଜଣାପଡିଛି। ପୂଜା କମିଟି ସଭାପତି ବୈରାଗୀ ଚରଣ ଦାସ, ସମ୍ପାଦକ କୈଳାସ ସାହୁ, ସ୍ଥାନୀୟ ସରପଞ୍ଚ ତାପସ ସାହୁ, ମାନସ ପୃଷ୍ଟି, ରବିନ୍ଦ୍ର ନାରାୟଣ ସାହୁ ଓ ଦୀପକ ସାହୁଙ୍କ ସମେତ ସମସ୍ତ ପୂଜା ମଣ୍ଡପ ସଦସ୍ୟ ଓ ଗ୍ରାମବାସୀ ସହଯୋଗ କରିଥିଲେ। ଯାତ୍ରାରେ ଲକ୍ଷାଧିକ ଯାତ୍ରୀ ଯୋଗଦେଇ ଯାତ୍ରାକୁ ଉପଭୋଗ କରିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ଟାଙ୍ଗୀ ଥାନା ପକ୍ଷରୁ ଚୌଦ୍ୱାର ଏସଡିପିଓ ଉମାକାନ୍ତ ନାୟକ, ଆଇଆଇସି ବିଲ୍ୱମଙ୍ଗଳ ସେଠୀଙ୍କ ସମେତ ଦୁଇ ପ୍ଲାଟୁନ ଫୋର୍ସ ମୁତୟନ ରହିଥିଲେ।

ବେଲେଶ୍ୱରୀ ପୀଠରେ ମା' ଗଜଲକ୍ଷ୍ମୀଙ୍କ ପୂଜାର୍ଚ୍ଚନା



ନିଶ୍ଚିନ୍ତକୋଇଲି, ୩୧।୧୦(ସମିସ): ନିଶ୍ଚିନ୍ତକୋଇଲି ଏବଂ ଓଥକା ଗ୍ରାମର ଆରାଧ୍ୟ ଦେବୀ ମା' ବେଲେଶ୍ୱରୀଙ୍କ ପୀଠରେ ମା' ଗଜଲକ୍ଷ୍ମୀଙ୍କର ପୂଜାର୍ଚ୍ଚନା ବିଗତ ୭ ଦିନ ଧରିଚାଲି ଶନିବାର ଦିନ ବିସର୍ଜନ ପୂଜା କରାଯାଇଛି। ପଣ୍ଡିତ ସରୋଜ ଷଡ଼ଙ୍ଗୀ ପ୍ରତ୍ୟେକ ଦିନ ମା'ଙ୍କର ଯଥାରୀତି ପୂଜାର୍ଚ୍ଚନା କରୁଥିଲା ବେଳେ ସଂଧ୍ୟାରେ ଭଜନ, ସଂକୀର୍ତ୍ତନ ଅନୁଷ୍ଠିତ ହେଉଛି। ଗତ ରବିବାର ଦିନ ୮ ନଂ କେନାଲରୁ ଜଳ ଉତ୍ତୋଳନ କରାଯାଇ କଳସ ଶୋଭାଯାତ୍ରାରେ ଆସି ପୂଜା ମଣ୍ଡପରେ ସ୍ଥାପନ କରାଯିବା ପରେ ମା'ଙ୍କର ଷୋଡଶ ଉପଚାର ପୂଜାର୍ଚ୍ଚନା କରାଯାଇଥିଲା। କର୍ତ୍ତା ଭାବେ ରାମଚନ୍ଦ୍ର ମହାପାତ୍ର ଓ ତାଙ୍କ ପତ୍ନୀ ଅନୀଷା ମହାପାତ୍ର କାର୍ଯ୍ୟ ତୁଲାଇଛନ୍ତି। ରମେଶଚନ୍ଦ୍ର ରାଉତ, ରବିନ୍ଦ୍ର ବେହେରା, ବିଚିତ୍ରାନନ୍ଦ ପଣ୍ଡା, ଦୀପ୍ତିରଂଜନ ସାହୁ, ଦାମୋଦର ବାରିକ, ଅଶୋକ ମହାପାତ୍ର, ପ୍ରଭାକର ସ୍ୱାଇଁ ପ୍ରମୁଖ ସହଯୋଗ କରୁଛନ୍ତି।

ପକ୍ଷାଘାତ ରୋଗୀଙ୍କୁ ରେସନ ସାମଗ୍ରୀ ସହାୟତା



ନିଶ୍ଚିନ୍ତକୋଇଲି, ୩୧।୧୦(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ସୁକରପଡା ପଞ୍ଚାୟତ ହଳଧରପୁର ଗ୍ରାମର ପ୍ରଦୀପ୍ତ ମଲିକଙ୍କ ପୁଅ ସୁନୁ ମଲିକ(୨୬) ପକ୍ଷାଘାତ ରୋଗରେ ପିଡୀତ ହୋଇ ଚିକିତ୍ସିତ ହେଉଛନ୍ତି। କିଛି ଦିନ ତଳେ ସେ ଗଛରୁ ପଡିଯିବାରୁ ତାଙ୍କ ଅଣ୍ଟାରେ ଶକ୍ତ ଆଘାତ ଲାଗିଥିବା ବେଳେ ଗୋଡ ଦୁଇଟି ଅଚଳ ହୋଇଯାଇଛି। ସେ ପରିବାର ଚଳାଇବା ପାଇଁ ଜଣେ ରୋଜଗାରକ୍ଷମ ବ୍ୟକ୍ତି ଥିବା ବେଳେ ଏବେ ଅକ୍ଷମ ହେବାରୁ ଚଳିବା ପାଇଁ ବହୁ ଅସୁବିଧା ହେଉଛି। ଉକ୍ତ ଖବର ଉତ୍ସାହ ପରିବାରର ପ୍ରତିଷ୍ଠାତା ସଭାପତି ଦେବାଶିଷ ବେଉରା ଜାଣିବା ପରେ ତାଙ୍କୁ ସହାୟତା ଯୋଗାଇ ଦେବା ପାଇଁ ଅନୁଷ୍ଠାନର କର୍ମକର୍ତ୍ତାଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଉତ୍ସାହ ପରିବାରର ପ୍ରକାଶ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଦେବେନ୍ଦ୍ର ଭୂୟାଁ, ସମ୍ବିତ୍ ମଲିକ, ସେକ୍ ଅବିଦ୍, ସେକ୍ ଚାନ୍ଦ, ତ୍ରିନାଥ ଦାସ, କାହ୍ନୁ ମଲିକ, ରୁଦ୍ରପ୍ରକାଶ ଦାସ, ସେକ୍ ପରିବାରବର୍ଗଙ୍କୁ ବିଭିନ୍ନ ରେସନ ସାମଗ୍ରୀ ପ୍ରଦାନ କରିଛନ୍ତି।

ଡ୍ରିମ୍‌ସରେ ରାଷ୍ଟ୍ରୀୟ ଏକତା ଦିବସ



କଟକ,୩୧।୧୦(ସମିସ): ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ପକ୍ଷରୁ ମହାନ ସଂଗ୍ରାମୀ, ରାଷ୍ଟ୍ର ନିର୍ମାତା ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୧ତମ ଜୟନ୍ତୀ ଓ ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଛି। ବିଶ୍ୱବିଦ୍ୟାଳୟ ପରିସରରେ ଥିବା ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦଚନ୍ଦ୍ର ରଥ ଆଭାସୀ ମାଧ୍ୟମରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଅଖଣ୍ଡ ଭାରତ ଗଠନରେ ସର୍ଦ୍ଦାର ପଟେଲଙ୍କ ଅତୁଳନୀୟ ଅବଦାନ ଉପରେ ଆଲୋକପାତ କରିଥିଲେ। ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ପ୍ରଦୀପ୍ତଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ନିର୍ଦ୍ଦେଶକ (ଛାତ୍ର ସଂପର୍କ) ଲୋକନାଥ ବେହେରା, ଅଧ୍ୟାପକ ସେକ୍ ନଜରୁଲ, ଲୋକ ସଂପର୍କ ଅଧିକାରୀ ନିରାକାର ସାହୁଙ୍କ ସମେତ ବିଭିନ୍ନ ଅଧ୍ୟାପକଅଧ୍ୟାପିକା ଓ କର୍ମଚାରୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ରାଷ୍ଟ୍ରୀୟ ଏକତା ଶପଥ ପାଠ କରାଯାଇଥିଲା।

ବେଆଇନ ବାଣ ଗୋଦାମରେ ଚଢ଼ଉ

ତ୍ରିଶୂଳିଆ, ୩୧।୧୦(ସମିସ): କମିସନରେଟ୍ ପୁଲିସର ବାରଙ୍ଗ ଥାନା ପକ୍ଷରୁ ବେଲଗଛିଆ ଗ୍ରାମ ନିକଟରେ ଏକ ଘରେ ଚଢ଼ଉ କରିଯାଇଥିବା ବେଳେ ସେଠାରୁ କିଛି ବିସ୍ଫୋରଣ ବାଣ ଜବତ ହୋଇଛି। ସେହିପରି ନରାଜ ମାର୍ଥାପୁର ରେଳ ଷ୍ଟେସନ ନିକଟସ୍ଥ ଏକ ଘରେ ବିପୁଳ ପରିମାଣର ବେଆଇନ ବାଣ ଗଚ୍ଛିତ ଥିବା ନେଇ ବାରଙ୍ଗ ପୁଲିସକୁ ବିଶେଷ ସୂତ୍ରରୁ ସୂଚନା ପାଇବା ପରେ ବାରଙ୍ଗ ପୁଲିସର ଏକ ଦଳ ଉକ୍ତ ଘରେ ଚଢ଼ଉ କରିଥିଲା। ଏହି ସମୟରେ ଲକ୍ଷାଧିକ ଟଙ୍କାର ବେଆଇନ ବାଣ ଠାବ ହୋଇଛି। ଘଟଣାକୁ ନେଇ ତଦନ୍ତ ଜାରି ରଖିଛି ବାରଙ୍ଗ ଥାନା ପୁଲିସ। ତେବେ ବାଣ ଭଳି ବିସ୍ଫୋରକ ସାମଗ୍ରୀକୁ ଜନବସତି ନିକଟରେ ବେଆଇନ ଭାବେ ଗଚ୍ଛିତ ରଖିବା ଦ୍ୱାରା ଧନଜୀବନ ପ୍ରତି ବିପଦ ସୃଷ୍ଟି ହୋଇପାରେ। ତେଣୁ ଏଭଳି ବେଆଇନ କାରବାର ବିରୋଧରେ ପୁଲିସର କାର୍ଯ୍ୟାନୁଷ୍ଠାନକୁ ସାଧାରଣରେ ଗୁରୁତ୍ୱ ଦିଆଯାଉଛି।



ସିଏସ କଲେଜ କର୍ମଚାରୀଙ୍କୁ ବିଦାୟ ସମ୍ବର୍ଦ୍ଧନା

ତିଗିରିଆ, ୩୧।୧୦ (ସମିସ): ତିଗିରିଆ ବ୍ଲକ ଅନ୍ତର୍ଗତ ନୂଆପାଟଣାସ୍ଥିତ ଚୈତନ୍ୟ ସାହୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କାର୍ଯ୍ୟରତ ଚତୁର୍ଥ ଶ୍ରେଣୀ କର୍ମଚାରୀ ଭରତ କୁମାର ସାହୁଙ୍କୁ ଆଜି ଅବସର କାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଅଧ୍ୟକ୍ଷ ପ୍ରଦୀପ ସାହୁଙ୍କ ଅଧ୍ୟକ୍ଷତା ଓ ପଦାର୍ଥ ବିଜ୍ଞାନ ଅଧ୍ୟାପକ ପଦ୍ମନାଭ ଶତପଥୀଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ରମେଶ ଦାସ, ପ୍ରାକ୍ତନ ଗ୍ରନ୍ଥାଗାରିକ ଅମୂଲ୍ୟରତ୍ନ ସାହୁ, ପ୍ରାକ୍ତନ ଡେମୋନଷ୍ଟ୍ରେଟର ରାଧାକାନ୍ତ ସୁବୁଦ୍ଧି, ବରିଷ୍ଠ ଅଧ୍ୟାପକ ରମେଶଚନ୍ଦ୍ର ଡାଲୁଆ, ପ୍ରାଧ୍ୟାପିକା ସୁଦେଷ୍ଣା ନନ୍ଦ, ଅଧ୍ୟାପକ ସତ୍ୟପୀର ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ।

ରୋଲ ପର୍ଯ୍ୟବେକ୍ଷକଙ୍କ ଦ୍ୱାରା ଏସ୍‌ଆର୍‌ସି କାର୍ଯ୍ୟ ଯାଞ୍ଚ

ତିଗିରିଆ, ୩୧।୧୦ (ସମିସ): ପଞ୍ଚାୟତସ୍ତରୀୟ ନିର୍ବାଚନକୁ ସ୍ୱଚ୍ଛ ଓ ନାଗରିକ କେନ୍ଦ୍ରିକ ଭୋଟର ତାଲିକା ପ୍ରସ୍ତୁତ କରିବା ନିମନ୍ତେ ଉପଜିଲ୍ଲାପାଳ ଅନିମେଷ ପ୍ରଧାନଙ୍କ ଅଧ୍ୟକ୍ଷତା ଏବଂ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଂଗ୍ରାମ କେଶରୀ ଭୋଳଙ୍କ ତତ୍ତ୍ୱବଧାନରେ ବ୍ଲକର ସମସ୍ତ ପଞ୍ଚାୟତରେ ବୁଥସ୍ତରୀୟ ଅଧିକାରୀମାନେ ୱାର୍ଡର ଘରକୁ ଘର ବୁଲି ଯାଞ୍ଚ କାର୍ଯ୍ୟ ଜାରି ରଖିଛନ୍ତି। ରୋଲ ପର୍ଯ୍ୟବେକ୍ଷକ ରୀନା ମହାପାତ୍ରଙ୍କ ନେତୃତ୍ୱରେ ଏକ ତିନିଜଣିଆ ଟିମ ନୋରି ପରବିନ ଓ ପୁଷ୍ପଶ୍ରୀ ସାଣ୍ଡିଲ୍ ପ୍ରମୁଖ ବ୍ଲକର ପାଞ୍ଚଗାଁ ପଞ୍ଚାୟତର ବୁଥ ଅଧିକାରୀ ପ୍ରତାପଚନ୍ଦ୍ର ପ୍ରଧାନ, ନିଜିଗଡ ବୁଥ ଅଧିକାରୀ ମନୋରଂଜନ ପ୍ରଧାନ ଓ ଗୋପା ଦେବୀ ପ୍ରମୁଖ ନୂଆପାଟଣା ପଞ୍ଚାୟତର ବିଭିନ୍ନ ୱାର୍ଡ ବୁଲି ବୁଥସ୍ତରୀୟ ଅଧିକାରୀମାନଙ୍କ ଯାଞ୍ଚ କାର୍ଯ୍ୟର ତଦାରଖ କରିଥିଲେ। ସହକାରୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଯାଜ୍ଞସେନୀ ଗୋଛାୟତ, ବୁଥ ପରିଦର୍ଶକ ଚନ୍ଦ୍ରକାନ୍ତ ମଣି ମିଶ୍ର, ନଳିନୀ ବେହେରା ପ୍ରମୁଖ ସହଯୋଗ କରିଥିଲେ।

ବିଭିନ୍ନ ଥାନା ପୁଲିସ ପକ୍ଷରୁ ଜାତୀୟ ଏକତା ଦିବସ







ସାଲେପୁର,୩୧।୧୦(ସମିସ)

ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୟନ୍ତୀ ତଥା ଜାତୀୟ ଏକତା ଦିବସ ଅବସରରେ ସାଲେପୁର ଆଦର୍ଶ ଥାନା ପକ୍ଷରୁ ଏକ ସାଇକଲ ଶୋଭାଯାତ୍ରା କଲେଜ ନିକଟରୁ ବିଶେଶ୍ୱର ମହାଦେବ ମନ୍ଦିର ପର୍ଯ୍ୟନ୍ତ କରାଯାଇଥିଲା। ସାଲେପୁର କଲେଜର ଏନସିସି ଛାତ୍ରଛାତ୍ରୀ ଓ ସ୍ଥାନୀୟ ଲୋକ ଯୋଗଦେଇଥିଲେ। ସାଲେପୁର ଥାନାଅଧିକାରୀ ମହେଶ୍ୱର ବେହେରାଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହିକାର୍ଯ୍ୟକ୍ରମରେ ସାଲେପୁର ଥାନାର ବହୁ କର୍ମଚାରୀ ଓ ଅଧିକାରୀ ଉପସ୍ଥିତ ଥିଲେ। ସନ୍ଧ୍ୟାରେ ସାଲେପୁର ଥାନାରେ ଏକ ନିଶାମୁକ୍ତ ଓଡିଶା ଅଭିଯାନ ସଚେତନତା କାର୍ଯ୍ୟକ୍ରମରେ ସାଲେପୁର ଏସଡିପିଓ ବିରଞ୍ଚି ନାରାୟଣ ପତି, ସାଲେପୁର ଆଇଆଇସି, ଯପକୁଦ ଫାଣ୍ଡି ଅଧିକାରୀ ଶେଷଦେବ ରାଜଙ୍କ ସମେତ ସାଲେପୁର ଥାନାର ବହୁ କର୍ମଚାରୀ ଉପସ୍ଥିତ ଥିଲେ।

ଟାଙ୍ଗୀ: କଟକ ଜିଲ୍ଲା ଟାଙ୍ଗୀ ଥାନା ପକ୍ଷରୁ ଶନିବାର ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଆଇଆଇସି ବିଲ୍ୱମଙ୍ଗଳ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଟାଙ୍ଗୀ ଅଞ୍ଚଳର ବୁଦ୍ଧିଜୀବୀ, ଯୁବଗୋଷ୍ଠୀ ଓ ବିଭିନ୍ନ ଶିକ୍ଷା ଅନୁଷ୍ଠାନର ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ଟାଙ୍ଗୀ ବଜାର ପଦଯାତ୍ରା କରିଥିଲେ। କାର୍ଯ୍ୟକ୍ରମରେ ସମସ୍ତ ପୋଲିସ କର୍ମଚାରୀ ସହଯୋଗ କରିଥିଲେ।

ଫୁଲନଖରା: କଟକ ସଦର ଥାନା ପରିସରରେ ଜୋନ ଚାରି ଏସିପି ଅମିତାଭ ମହାପାତ୍ର ଓ କଟକ ସଦର ଥାନାଧିକାରୀ ତୁଷାରକାନ୍ତ ସେଠୀ ଲୌହ ମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୀବନ ଆଦର୍ଶ ଓ ଭାରତ ପ୍ରତି ତାଙ୍କର ଅବଦାନ ଉପରେ ଆଲୋକପାତ କରିଥିଲେ। ରାଷ୍ଟ୍ରୀୟ ଏକତା ଦିବସର ପ୍ୟାରେଡ ଓ ପ୍ରଧାନମନ୍ତ୍ରୀଙ୍କ ବାର୍ତ୍ତା ଏଲ୍‌ଇଡି ମାଧ୍ୟମରେ ପ୍ରଦର୍ଶିତ ହୋଇଥିଲା। କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ଇଞ୍ଜିନିୟରିଂ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଥାନା ପୁଲିସ ଅଧିକାରୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


କଟକ ସିଟି



ଜଗତପୁରର ୨ଟି ମସଲା କମ୍ପାନୀରେ ଚଢ଼ଉ

ନକଲି ମସଲା କମ୍ପାନୀ ସିଲ୍; ମାଲିକ ଫେରାର୍





କଟକ,୩୧।୧୦(ସମିସ): ଜଗତପୁର ଥାନାଞ୍ଚଳରେ ଅସାଧୁ ବ୍ୟବସାୟୀଙ୍କ ଦ୍ୱାରା ପ୍ରସ୍ତୁତ ହେଉଥିବା ନକଲି ତଥା ଭେଜାଲ ଖାଦ୍ୟ ସାମଗ୍ରୀ କାରବାର ଉପରେ ପୁଣି ଥରେ ମହାନଗର ନିଗମ ଓ କମିସନରେଟ୍ ପୁଲିସ ଚଢ଼ଉ କରିଛି। ସ୍ଥାନୀୟ ଅଣ୍ଡେଇସାହି ଅଞ୍ଚଳରେ ଚାଲିଥିବା ୨ଟି ନକଲି ମସଲା କାରଖାନା ଉପରେ କମିସନରେଟ୍ ପୁଲିସ, କଟକ ମହାନଗର ନିଗମର ଖାଦ୍ୟ ସୁରକ୍ଷା ବିଭାଗ (ସିଏମ୍‌ସି କେମିଷ୍ଟ ଫୁଡ୍ ସେଫ୍ଟି ସେଲ୍) ଏବଂ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ ମିଳିତ ଚଢ଼ଉ କରାଯାଇଛି। ଚଢ଼ଉ ସମୟରେ ୨ଟି କମ୍ପାନୀର ମାଲିକ ଫେରାର୍ ହୋଇଯାଇଥିବା ସୂଚନା ମିଳିଛି। ଦୀର୍ଘ ୩ ବର୍ଷ ଧରି ବେଆଇନ ଭାବେ ଚାଲିଆସୁଥିବା ଏହି ୨ଟି ବିବାଦୀୟ ପ୍ରତିଷ୍ଠାନକୁ ସମ୍ପୂର୍ଣ୍ଣ ସିଲ୍ କରିଦିଆଯିବା ସହ ବିପୁଳ ପରିମାଣର କେମିକାଲ୍, ଅସ୍ୱାସ୍ଥ୍ୟକର ରଙ୍ଗ ଏବଂ ନକଲି ପ୍ୟାକେଟ୍ ସାମଗ୍ରୀ ଜବତ କରାଯାଇଛି।

ମିଳିଥିବା ସୂଚନା ମୁତାବକ, ଅଣ୍ଡେଇସାହି ଅଞ୍ଚଳରେ ଥିବା ଏହି ୨ଟି ମସଲା କମ୍ପାନୀ ଦୀର୍ଘ ଦିନ ହେବ କୌଣସି ବୈଧ ଲାଇସେନ୍ସ ନଥାଇ ବେଆଇନ ଭାବେ ନିଜର ବ୍ୟବସାୟ ଚଳାଇ ଆସୁଥିଲେ। ସୂଚନା ପାଇବା ପରେ ଖାଦ୍ୟ ସୁରକ୍ଷା ଅଧିକାରୀ ଓ ସ୍ୱାସ୍ଥ୍ୟ ବିଭାଗର ଏକ ପ୍ରତିନିଧି ଦଳ ମିଳିତ ଭାବେ ଉକ୍ତ କାରଖାନାଗୁଡ଼ିକ ଉପରେ ଆଜି ଆକସ୍ମିକ ଚଢ଼ଉ କରିଥିଲେ। ଏହି ସମୟରେ ଅଧିକାରୀମାନେ ଦେଖିବାକୁ ପାଇଥିଲେ ଯେ କାରଖାନା ଗୁଡ଼ିକରେ ପ୍ରସ୍ତୁତ ହେଉଥିବା ମସଲାରେ ଅତ୍ୟନ୍ତ ନିମ୍ନମାନର କଞ୍ଚାମାଲ ସହ କ୍ଷତିକାରକ ରସାୟନ ଓ ରଙ୍ଗ ମିଶାଯାଇ ପ୍ରକ୍ରିୟାକରଣ କରାଯାଉଥିଲା। ଏହାସହିତ ପ୍ରସ୍ତୁତ ହୋଇସାରିଥିବା ପ୍ୟାକେଟ୍‌ଗୁଡ଼ିକରେ ଖାଦ୍ୟ ସୁରକ୍ଷା ଆଇନ ଅନୁଯାୟୀ ରହିବାକୁ ଥିବା ଆବଶ୍ୟକୀୟ ତଥ୍ୟ, ଯେପରିକି ପ୍ରସ୍ତୁତି ତାରିଖ, ମ୍ୟାନୁଫାକ୍ଚରିଂ ଲାଇସେନ୍ସ ନମ୍ବର, ଏକ୍ସପାୟରୀ ଡେଟ୍ କିମ୍ବା ମୌଳିକ ସୂଚନା ଉଲ୍ଲେଖ ନଥିଲା। ଗୁରୁତର ବିଷୟ ହେଉଛି, ଏହି କମ୍ପାନୀଗୁଡ଼ିକ ବହୁ ପରିଚିତ ତଥା ଲୋକପ୍ରିୟ "ଭାରତ ମସଲା' ବ୍ରାଣ୍ଡର ନକଲି ପ୍ୟାକେଟ୍ ତିଆରି କରି ସେଥିରେ ଅସଲି ବ୍ରାଣ୍ଡର ନାମ ଓ ଚିହ୍ନ ଛାପି କାରବାର କରୁଥିଲେ। ଏହାଦ୍ୱାରା ସାଧାରଣ ଗ୍ରାହକମାନେ ଠକାମିର ଶିକାର ହେଉଥିଲେ। ଅନ୍ୟପଟେ "ତ୍ରିବେଣୀ ଏଣ୍ଟରପ୍ରାଇଜେସ' ନାମକ ଅନ୍ୟ ଏକ କମ୍ପାନୀରେ ନକଲି ନୁଡୁଲ୍‌ସ ଏବଂ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ କ୍ଷତିକାରକ ଓ ବିଷାକ୍ତ ମ୍ୟାଗି ପ୍ରସ୍ତୁତ କରାଯାଇ ବାହାରକୁ ଚାଲାଣ କରୁଥିଲା। ଚଢ଼ଉ ପରେ ସୂଚନା ଦେଇ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ନୃପେନ୍ଦ୍ର ଶତପଥୀ କହିଛନ୍ତି ଯେ, ଚଢ଼ଉ କରାଯାଇଥିବା ଏହି ୨ଟି ମସଲା କମ୍ପାନୀର ବ୍ୟବସାୟିକ ଲାଇସେନ୍ସର ଅବଧି ୨୦୨୩ ମସିହାରେ ହିଁ ଶେଷ ହୋଇସାରିଥିଲା। ଲାଇସେନ୍ସ ନବୀକରଣ ନକରି ଏବଂ ଆଇନକୁ ଆଖିଠାର ମାରି ଦୀର୍ଘ ୩ ବର୍ଷ ହେବ ଏହି ଅସାଧୁ ବ୍ୟବସାୟୀମାନେ ଗୁପ୍ତ ଭାବେ ନକଲି କାରଖାନା ଚଳାଇ ଆସୁଥିଲେ। ଗତ ତିନି ବର୍ଷ ଧରି ଏହି ନକଲି କମ୍ପାନୀ ସହର ତଥା ସାରା ରାଜ୍ୟର ବିଭିନ୍ନ ବଜାରକୁ ବିପୁଳ ପରିମାଣର ନକଲି ଓ ଭେଜାଲ ଖାଦ୍ୟ ସାମଗ୍ରୀ ଯୋଗାଣ କରିଆସୁଥିଲା। ଏହି କାରଖାନାରୁ ନକଲି ଲଙ୍କା ଗୁଣ୍ଡ ପ୍ୟାକେଟ୍, ଚିକେନ୍ ମସଲା, ମିଟ୍ ମସଲା, ଡାଲ୍‌ମା ମସଲା, ହଳଦୀ ପାଉଡର, ଧନିଆ ପାଉଡର, ଜିରା ଗୁଣ୍ଡ, ଗରମ ମସଲା ପ୍ୟାକେଟ୍, ମ୍ୟାଗି ଏବଂ ଇପି' ଭଳି ଚର୍ଚ୍ଚିତ ବ୍ରାଣ୍ଡର ଅବିକଳ ନକଲି ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ କରାଯାଇ ରାଜ୍ୟର ବିଭିନ୍ନ ପ୍ରାନ୍ତକୁ ସପ୍ଲାଇ କରାଯାଉଥିଲା।

ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଶତପଥୀ ଆହୁରି ସୂଚନା ଦେଇଛନ୍ତି ଯେ ସାଧାରଣ ଲୋକଙ୍କ ସ୍ୱାସ୍ଥ୍ୟ ସହ ଖେଳୁଥିବା ଏହି ୨ଟି ନକଲି ମସଲା କାରଖାନାକୁ ଆଜି ସମ୍ପୂର୍ଣ୍ଣ ସିଲ୍ କରି ଦିଆଯାଇଛି। କାରଖାନାରୁ ପ୍ରଚୁର ପରିମାଣର ସନ୍ଦିଗ୍ଧ କଞ୍ଚାମାଲ ଓ ଫିନିଶ୍‌ଡ ପ୍ରୋଡକ୍ଟର ନମୁନା (ସାମ୍ପଲ) ସଂଗ୍ରହ କରାଯାଇ ଲାବୋରେଟରୀ ପରୀକ୍ଷା ପାଇଁ ପଠାଯାଇଛି। ଲାବୋରେଟରୀ ରିପୋର୍ଟ ଆସିବା ପରେ ଏହି ବେଆଇନ କାରବାର ପଛରେ ଥିବା ସମ୍ପୃକ୍ତ ବ୍ୟକ୍ତି ଓ ମାଲିକଙ୍କ ବିରୋଧରେ ଖାଦ୍ୟ ସୁରକ୍ଷା ଓ ମାନକ ଆଇନ ଅନୁଯାୟୀ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସୂଚନାଯୋଗ୍ୟ ଯେ, କଟକ ସହରରେ ଗତ କିଛି ବର୍ଷ ହେବ ନକଲି ଗୋଲମରିଚ, ହଳଦୀ, ତେଲ, ଘିଅ, ପନୀର ଓ ଚା' ପତି ଆଦି ପ୍ରସ୍ତୁତ କରୁଥିବା ବହୁ ଭେଜାଲ କାରଖାନା ଉପରେ ଚଢ଼ଉ କରାଯାଇଥିବା ବେଳେ, ଅଣ୍ଡେଇସାହିର ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆଗାମୀ ଦିନରେ ଏହିପରି ଅଭିଯାନ ଆହୁରି କଡ଼ାକଡ଼ି କରାଯିବ ବୋଲି ସ୍ପଷ୍ଟ କରାଯାଇଛି।

- **୩ ବର୍ଷ ଧରି ବିଷାକ୍ତ ମସଲା, ନୁଡୁଲ୍ କାରବାର କରୁଥିଲା କମ୍ପାନୀ**
- **ନା ଥିଲା ବୈଧ ଲାଇସେନ୍ସ ନା ପ୍ୟାକେଟ୍ ଉପରେ କୌଣସି ସୂଚନା**
- **ଭାରତୀ ମସଲା ଓ 'ତ୍ରିବେଣୀ ଏଣ୍ଟରପ୍ରାଇଜେସ' ନାମରେ ନକଲି ବ୍ୟବସାୟ**

ଭସାଣି ବେଳେ ଯୁବକଙ୍କୁ ପୁଲିସ ଅଧିକାରୀଙ୍କ ମାଡ଼ ଘଟଣା

କାର୍ଯ୍ୟାନୁଷ୍ଠାନ ଦାବିରେ ଓଜେସିର ସ୍ମାରକପତ୍ର



କଟକ,୩୧।୧୦(ସମିସ): ଦଶହରା ଭସାଣି ବେଳେ ଦେବୀଗଡ଼ା ନିକଟରେ ବିଡ଼ାନାସୀ ଥାନାଧିକାରୀ ଅସିତ ବଳବନ୍ତରାୟ ଜଣେ ଯୁବକଙ୍କୁ ଚାପୁଡ଼ା ମାରିବା ଘଟଣାକୁ ନେଇ ଭିଡିଓ ଭାଇରାଲ ହେବା ପରେ ଓଡିଶା ଜନତା କଂଗ୍ରେସ ପାର୍ଟି କଟକ ସହର ପକ୍ଷରୁ ପୁଲିସ କମିସନଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସଭାପତି ଗିରିବାଳା ବେହେରାଙ୍କ ନେତୃତ୍ୱରେ ଏକ ପ୍ରତିନିଧିମଣ୍ଡଳୀ ଡିସିପିଙ୍କ ମାଧମରେ ପୁଲିସ କମିଶନରଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସମ୍ପୃକ୍ତ ପୁଲିସ ଅଧିକାରୀଙ୍କ ବିରୋଧରେ ପୂର୍ବରୁ ଗଣେଶ ପୂଜା ସମୟରେ ମଧ ଅନୁରୂପ ଅଭିଯୋଗ ଆସିଥିବା ବେଳେ ତାଙ୍କୁ ତୁରନ୍ତ କଟକରୁ ଅନ୍ୟତ୍ର ବଦଳି କରିବା ସହ ଘଟଣାର ନିରପେକ୍ଷ ଉଚ୍ଚସ୍ତରୀୟ ତଦନ୍ତ କରି ଦୃଢ଼ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଶ୍ରୀମତୀ ବେହେରା ଦାବି କରିଛନ୍ତି। ଓଜେସି ରାଜ୍ୟ ଉପସଭାପତି ନିକୁଞ୍ଜ ପସାୟତ, କେଦାର ପୃଷ୍ଟି, ପୂର୍ବତନ କର୍ପୋରେଟର କାଞ୍ଚନ ଦାସ, ଅଜିତ କୁମାର ବେହେରା, ପ୍ରତାପଚନ୍ଦ୍ର ପରିଡା, ରାକେଶ ମହାରଣା, ଅବଦୁଲ ନସିମ ଓ ସୁରଜିତ ସାହୁ, ଶରତଚନ୍ଦ୍ର ସେଠୀ, ଚନ୍ଦନ ଦାସ, ଅଜୟ ଗୋଛାୟତ, ଦିଲ୍ଲୀପ ମହାନ୍ତି ପ୍ରମୁଖଙ୍କ ସମେତ ବିଡାନାସୀ ପୂଜା କମିଟି ସଂପାଦକ ଶିବେନ୍ଦ୍ର ବେହେରା ଉପସ୍ଥିତ ଥିଲେ।

ଭିଜିଲାନ୍ସ ପକ୍ଷରୁ ଦୁର୍ନୀତି ବିରୋଧୀ ସଚେତନତା ଅଟୋ ରାଲି

କଟକ,୩୧।୧୦(ସମିସ): ଦୁର୍ନୀତି ବିରୋଧରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ କଟକ ଭିଜିଲାନ୍ସ ଡିଭିଜନ ଏବଂ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସବିଆଇ)ର ମିଳିତ ଆନୁକୂଲ୍ୟରେ ଏକ ଅଟୋ ରାଲି ଅନୁଷ୍ଠିତ ହୋଇଯାଇଛି। ଏହି ସଚେତନତା ରାଲିକୁ ଭିଜିଲାନ୍ସ ଆଇଜି ସଞ୍ଜୟ କୁମାର କୌଶଳ ପତାକା ଦେଖାଇ ଉଦଘାଟନ କରିଥିଲେ। କଟକ ଭିଜିଲାନ୍ସ ନିର୍ଦ୍ଦେଶାଳୟରୁ ବାହାରିଥିବା ଏହି ରାଲିରେ ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ଅଟୋ ଅଂଶଗ୍ରହଣ କରିଥିଲେ। ଏସବିଆଇର ଡେପୁଟି ମ୍ୟାନେଜର ବିଜୟ କୁମାର ମହାପାତ୍ର, ଚିଫ୍ ମ୍ୟାନେଜର କାହ୍ନୁଚରଣ ସାହୁ, ଡେପୁଟି ମ୍ୟାନେଜର ନିରଞ୍ଜନ ମହାପାତ୍ର, ସ୍ପେସାଲ୍ ଆସୋସିଏଟ୍ ସଞ୍ଜୟ କୁମାର ଜେନା ଏବଂ ଭିଜିଲାନ୍ସ ସେଲ୍ ଡିଭିଜନର ଏସପି ସୁଶାନ୍ତ ବିଶ୍ୱାଳଙ୍କ ସମେତ ନିର୍ଦ୍ଦେଶାଳୟର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

ପାଚିକା ସହାୟିକାଙ୍କ ସଂଘର ବିକ୍ଷୋଭ

କଟକ,୩୧।୧୦(ସମିସ): ଏଆଇୟୁଟିୟୁସି ସହବନ୍ଧିତ ଓଡିଶା ମିଳିତ ବିଦ୍ୟାଳୟ ପାଚିକା ସହାୟିକା ସଂଘ ପକ୍ଷରୁ ୧୮ ଦଫା ଦାବିରେ କଟକ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ବକେୟ ଦରମାକୁ ଅବିଳମ୍ବେ ପ୍ରଦାନ କରିବା, ମଧ୍ୟାହ୍ନ ଭୋଜନ କାମ ବ୍ୟତୀତ ଅନ୍ୟାନ୍ୟ କାମରେ ପାଚିକାଙ୍କ ନିୟୋଜନ ବନ୍ଦ କରିବା, ପିଲାସଂଖ୍ୟା ଅନୁସାରେ ପାଚିକା ନିଯୁକ୍ତି କରିବା, କାମ କରିବା ଦିନଠାରୁ ପାରିଶ୍ରମିକ ପ୍ରଦାନ କରିବା, ଆବଶ୍ୟକ ଥିବା ସ୍କୁଲରେ ଛଟେଇ ହୋଇଥିବା ପାଚିକାମାନଙ୍କୁ ନିଯୁକ୍ତି ଦେବା, ଲଡୁ ତିଆରି ପାଇଁ ପାଚିକାମାନଙ୍କୁ ପାରିଶ୍ରମିକ ପ୍ରଦାନ କରିବା, ଆକ୍ରୋଶମୂଳକ ଛଟେଇ ବନ୍ଦ କରିବା, ୨୮ ମାସର ବର୍ଦ୍ଧିତ ବକେୟା ପାରିଶ୍ରମିକ ପାଇ ନଥିବା ପାଚିକାଙ୍କୁ ଅବିଳମ୍ବେ ପ୍ରଦାନ କରିବା, ପ୍ରତିମାସ ପ୍ରଥମ ସପ୍ତାହରେ ପାରିଶ୍ରମିକ ପ୍ରଦାନ କରିବା, ବନ୍ଦ ହୋଇଥିବା ସମସ୍ତ ପ୍ରାଥମିକ ବିଦ୍ୟାଳୟକୁ ତୁରନ୍ତ ଖୋଲିବା, ପାଚିକାମାନଙ୍କୁ ସରକାରୀ କର୍ମଚାରୀର ମାନ୍ୟତା ପ୍ରଦାନ କରିବା ସବନିମ୍ନ ମଜୁରୀ ମାସକୁ ୨୮ ହଜାର ଟଙ୍କା ପ୍ରଦାନ କରିବା, ୧୦ ମାସ ପରିବର୍ତ୍ତେ ୧୨ ମାସର ପାରିଶ୍ରମିକ ପ୍ରଦାନ କରିବା, ପାଚିକାମାନଙ୍କୁ ୪ବର୍ଷର ବକେୟା ଶାଢ଼ି ପ୍ରଦାନ କରିବା, ପାଚିକାମାନଙ୍କୁ ଛୁଟି ନେବାର ବ୍ୟବସ୍ଥା କରିବା, ପାଚିକାମାନଙ୍କର ଅବସର ନେବା ବୟସ ୬୫ବର୍ଷ କରିବା ସହିତ ଅବସରକାଳୀନ ସହାୟତା ରାଶି ୫୦ହଜାର ଟଙ୍କା ପ୍ରଦାନ କରିବା, ମଧ୍ୟାହ୍ନଭୋଜନକୁ ଅକ୍ଷୟପାତ୍ର, ନନ୍ଦୀ ଫାଉଣ୍ଡେସନଠାରୁ ଫେରାଇ ଆଣି ସରକାରଙ୍କ ଅଧୀନରେ ରଖିବା, ଶ୍ରମିକ କର୍ମଚାରୀ ବିରୋଧି ଶ୍ରମ କୋଡ୍ ବାତିଲ କରିବା ଆଦି ଦାବି ପ୍ରମୁଖ ଥିଲା। ପାଚିକା ସଂଘ ସଭପତି ଶ୍ରମିକ ନେତା ରାଜକିଶୋର ମଲ୍ଲିକଙ୍କ ସଭାପତିତ୍ୱରେ ଏହି ବିକ୍ଷୋଭରେ ଏସ୍‌ୟୁସିଆଇସି ଜିଲ୍ଲା ସମ୍ପାଦକ ବିଶ୍ୱାବସୁ ଦାସ, ଏଆଇୟୁଟିୟୁସି ଜିଲ୍ଲା ସଭାପତି ଖଗେଶ୍ୱର ସେଠୀ, ପାଚିକା ସଂଘ ସମ୍ପାଦିକା ଇତିଶ୍ରୀ ଜେନା, ପାଭେଲ ପ୍ରିୟଦର୍ଶନ, ସ୍ୱାଧିନୀ ବେହେରା, ଲାବଣ୍ୟ ଦାଶ, ନଜବୁନ ନିସା, ତିଳୋତମା ସ୍ୱାଇଁ, ମିଥି ଦାସ, ଲକ୍ଷ୍ମୀ ସାହୁ, ମିଥିଳା ଦାସ, ଜୋସ୍ନା ସାହୁ, ରତାଞ୍ଜଳି ସେଠୀ ପ୍ରମୁଖ ବକ୍ତବ୍ୟ ରଖିଥିଲେ।

ଜିଲ୍ଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ

କଟକ, ୩୧।୧୦ (ସମିସ): ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଅବସରରେ ଶନିବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷରେ ଏକ ଜିଲ୍ଲାସ୍ତରୀୟ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ କମଳଜିତ ଦାସ ସଭାରେ ଅଧ୍ୟକ୍ଷତା କରି ସଚ୍ଚୋଟତା ଓ ଦୁର୍ନୀତିମୁକ୍ତ ପ୍ରଶାସନିକ ବ୍ୟବସ୍ଥା ସୁନିଶ୍ଚିତ କରିବା ଦିଗରେ ସମସ୍ତେ ସଜାଗ ଓ ସତର୍କ ରହିବାକୁ ଆହ୍ୱାନ ଦେଇଥିଲେ।

ସଭାରେ ମୁଖ୍ୟଅତିଥି ଭାବେ ଦୁର୍ନୀତି ନିବାରଣ ବିଭାଗର ପୂର୍ବତନ ଆରକ୍ଷୀ ଅଧୀକ୍ଷକ ପ୍ରଫୁଲ୍ଲ ମିଶ୍ର, ବର୍ତ୍ତମାନ ଆରକ୍ଷୀ ଅଧୀକ୍ଷକ କେ. ବେଣୁଗୋପାଳ ଆଚାର୍ଯ୍ୟ ଯୋଗ ଦେଇଥିଲେ। ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନର ଅଂଶସ୍ୱରୂପ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅନୁଷ୍ଠିତ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସ୍ୱାଗତିକା ବେହେରା ସଭା ପରିଚାଳନା କରିଥିବାବେଳେ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୋନାଲି କୁଣ୍ଡ ଧନ୍ୟବାଦ ଅର୍ପଣ କରିଥିଲେ। ପୂର୍ବାହ୍ନରେ ଦୁର୍ନୀତି ନିବାରଣ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ଅସିତ ପାଣିଗ୍ରାହୀ ଯୋବ୍ରା ଛକଠାରେ ଏକ ସଚେତନତା ରାଲିର ଶୁଭାରମ୍ଭ କରିଥିଲେ।

ରାଜ୍ୟ ପୁଲିସ ମୁଖ୍ୟାଳୟରେ ରାଷ୍ଟ୍ରୀୟ ଏକତା ଦିବସ ପାଳିତ



କଟକ,୩୧।୧୦(ସମିସ): ଆଜି ପୂର୍ବାହ୍ନରେ ରାଜ୍ୟ ପୁଲିସ ମୁଖ୍ୟାଳୟ ଠାରେ ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୧ତମ ଜୟନ୍ତୀ ଅବସରରେ ରାଷ୍ଟ୍ରୀୟ ଏକତା ଦିବସ ପାଳନ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ଏସ. କେ. ପ୍ରିୟଦର୍ଶୀ ଉପସ୍ଥିତ ରହି ସମସ୍ତ ଅଧିକାରୀ ଓ କର୍ମଚାରୀମାନଙ୍କୁ ଶପଥ ପାଠ କରାଇଥିଲେ। ମୁଖ୍ୟାଳୟର ବରିଷ୍ଠ ପୋଲିସ ଅଧିକାରୀ ଓ କର୍ମଚାରୀମାନେ ଏକତ୍ରିତ ହୋଇ ଦେଶର ଏକତା, ଅଖଣ୍ଡତା ଓ ସୁରକ୍ଷା ରକ୍ଷା ପାଇଁ ଶପଥ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ପ୍ରତୀକ ମହାନ୍ତି, ଆଇଜିପି ଏସ. ପ୍ରବୀଣ କୁମାର, ନୀତି ଶେଖର ଏବଂ ଡିଆଇଜିପି ଯୁଗଳ କିଶୋର କୁମାର ବନୋଥଙ୍କ ସମେତ ରାଜ୍ୟ ପୁଲିସ ମୁଖ୍ୟାଳୟର ବହୁ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

ଚିକିତ୍ସା ବ୍ୟବସ୍ଥା ଥାଇ ବି ମରୁଛନ୍ତି ପ୍ରାଣୀ

ବାରଙ୍ଗ, ୩୧।୧୦ (ସମିସ): ନନ୍ଦନକାନନରେ ପଶୁ ଚିକିତ୍ସକ ଟିମ୍ ଏବଂ ଜନ୍ତୁ ବିଭାଗ ଥାଇ ମଧ କ୍ରମାଗତ ମୃତ୍ୟୁ କାହିଁକି ଥମୁନି? କିଛି ଦିନର ବ୍ୟବଧାନ ପରେ ଶନିବାର ପୁଣି ଗୋଟିଏ ଘଡ଼ିଆଳ ଛୁଆର ମୃତ୍ୟୁ ହୋଇଥିବା ସୂଚନା ମିଳିବା ପରେ ଏହି ପ୍ରଶ୍ନ ଆହୁରି ତୀବ୍ର ହୋଇଛି। ସୂଚନା ଅନୁସାରେ, ଉଦ୍ୟାନରେ ନିୟମିତ ସ୍ୱାସ୍ଥ୍ୟ ଯାଞ୍ଚ, ଟୀକାକରଣ ଏବଂ ଜରୁରୀ ଚିକିତ୍ସା ପାଇଁ ବ୍ୟବସ୍ଥା ଥିବା ଦାବି କରାଯାଏ। ପଶୁ ଡାକ୍ତରଖାନା, ରୋଗ ନିର୍ଣ୍ଣୟ ଲ୍ୟାବ୍, ବିଶେଷଜ୍ଞ ପରାମର୍ଶ ବ୍ୟବସ୍ଥା ମଧ ରହିଥିବା କୁହାଯାଏ। ସରକାରୀ ସ୍ତରରେ ପ୍ରାଣୀ ସୁରକ୍ଷା ପାଇଁ ପ୍ରତିବର୍ଷ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଥିବା ମଧ କୁହାଯାଉଛି। ତେବେ ବିଭିନ୍ନ ମହଲରୁ ଅଭିଯୋଗ ହେଉଛି, କାଗଜପତ୍ରରେ ବ୍ୟବସ୍ଥା ଥିଲେ ବି କ୍ଷେତ୍ର ସ୍ତରରେ ତଦାରଖ ଦୁର୍ବଳ କାହିଁକି ? ଅଭିଯୋଗ ହେଉଛି ଯେ ଜନ୍ତୁ ବିଭାଗର ଖାମ୍‌ଖିଆଲି ମନୋଭାବ ଏବଂ ପ୍ରଶିକ୍ଷଣର ଅଭାବ ଯୋଗୁଁ ଜରୁରୀ ସ୍ଥିତିରେ ତୁରନ୍ତ ପଦକ୍ଷେପ ନିଆଯାଉନି। ପୂର୍ବ ମୃତ କୁମ୍ଭୀର ଛୁଆ, ଲଭ୍ ବାର୍ଡ, ଶାଗୁଣା, କଟନ୍ ଟପ୍ ଟାମାରିନ୍, ରାଟେଲ୍, କଳା ରାଜହଂସର ବ୍ୟବଚ୍ଛେଦ ରିପୋର୍ଟ ଆଜି ଯାଏଁ ସାର୍ବଜନୀନ ହୋଇନାହିଁ। ପ୍ରତିଥର "ରିପୋର୍ଟକୁ ଅପେକ୍ଷା' କୁହାଯାଉଥିଲେ ବି ପରେ ତାହା ସାମ୍ନାକୁ ଆସୁନାହିଁ। ଏହା ସ୍ୱଚ୍ଛତାକୁ ନେଇ ସନ୍ଦେହ ବଢ଼ାଉଛି। ବିଶେଷଜ୍ଞଙ୍କ ମତରେ, ସଙ୍କଟାପନ୍ନ ପ୍ରଜାତି ଘଡ଼ିଆଳ ଛୁଆଙ୍କ ମୃତ୍ୟୁ ହାର କମାଇବା ପାଇଁ ସ୍ୱତନ୍ତ୍ର ପ୍ରୋଟୋକଲ୍ ଆବଶ୍ୟକ। ପଶୁପ୍ରେମୀଙ୍କ ମତରେ, ମୃତ୍ୟୁର ପ୍ରକୃତ କାରଣ ଜାଣିବା ପାଇଁ ଏକ ସ୍ୱଚ୍ଛ ତଦନ୍ତ ବ୍ୟବସ୍ଥା ହେବା ଦରକାର। ଏ ସମ୍ପର୍କରେ ଜନ୍ତୁ ବିଭାଗ ଓ ପଶୁ ଚିକିତ୍ସକ ଟିମ୍‌ଙ୍କ ଯୋଗାଯୋଗ କରାଯାଇଥିଲେ ବି ପ୍ରତିକ୍ରିୟା ମିଳିପାରିନାହିଁ।

ଜିଲ୍ଲା ଜଜ୍ ସମ୍ମିଳନୀରେ ସମନ୍ ମ୍ୟାନେଜମେଣ୍ଟ ସିଷ୍ଟମ ଉଦ୍‌ଘାଟିତ

କଟକ,୩୧।୧୦(ସମିସ): ନ୍ୟାୟ ପ୍ରଦାନ କ୍ଷେତ୍ରରେ ଜିଲ୍ଲା ଜଜ୍‌ମାନଙ୍କର ଗୁରୁତ୍ୱପୂର୍ଣ୍ଣ ଉତ୍ତରଦାୟିତ୍ୱ ରହିଛି। ବିଶେଷକରି ବୈଷୟିକ ଜ୍ଞାନକୌଶଳ ଦିନକୁ ଦିନ ପରିବର୍ତ୍ତନ ହେଉଥିବା



ବେଳେ ଏହା ସହ ତାଳ ଦେଇ ସମସ୍ତଙ୍କ ପାଇଁ ସ୍ୱଚ୍ଛ, ନ୍ୟାୟସଙ୍ଗତ ତଥା ତ୍ୱରିତ ବିଚାର ସୁନିଶ୍ଚିତ କରିବା ପାଇଁ ଆହ୍ୱାନ ଦେଇଛନ୍ତି ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ। ଓଡିଶା ଜୁଡିସିଆଲ ଏକାଡେମି ସମ୍ମିଳନୀ କକ୍ଷଠାରେ ଜିଲ୍ଲା ଜଜ୍ ସମ୍ମିଳନୀ ଓ ସମନ ମ୍ୟାନେଜମେଣ୍ଟ ସିଷ୍ଟମକୁ ଉଦଘାଟନ କରିବା ଅବସରରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଜଷ୍ଟିସ ଟଣ୍ଡନ ଏହା କହିଛନ୍ତି। ବିଚାର ବ୍ୟବସ୍ଥା ପାଇଁ ମାନବସମ୍ବଳ ଓ ଭିତ୍ତିଭୂମି ଗୁରୁତ୍ୱ ବହନ କରୁଥିବା ବେଳେ ବିଭିନ୍ନ ପ୍ରକଳ୍ପ ପାଇଁ ଉଚିତ ସମୟରେ ଅନୁଦାନ ପ୍ରଦାନ କରାଯାଉ ନଥିବା ନେଇ ଜଷ୍ଟିସ ଟଣ୍ଡନ ଚିନ୍ତା ପ୍ରକଟ କରିଛନ୍ତି। ଏହି ଅବସରରେ ସରକାରୀ କର୍ମଚାରୀଙ୍କ ପାଇଁ ସମନ ମ୍ୟାନେଜମେଣ୍ଟ ସିଷ୍ଟମର ଶୁଭାରମ୍ଭ କରିଥିଲେ ମୁଖ୍ୟ ବିଚାରପତି। ଏହି ସମ୍ମିଳନୀରେ ବିଚାରପତି ତଥା ଜିଲ୍ଲା ଜଜ୍ ସମ୍ମିଳନୀ କମିଟିର ସଦସ୍ୟ ଜଷ୍ଟିସ ଚିତ୍ତରଂଜନ ଦାଶ ସ୍ୱାଗତ ଭାଷଣ ପ୍ରଦାନ କରି କହିଥିଲେ ଯେ ବିଚାରବିଭାଗ ଅଧିକାରୀ ମାନେ ସେମାନଙ୍କର ଉତ୍ତରଦାୟିତ୍ୱ ନିର୍ବାହ କରିବା ସହ ତ୍ୱରିତ ନ୍ୟାୟ ପ୍ରଦାନ କରିବାକୁ ଗୁରୁତ୍ୱ ଦିଆଯିବା ଉଚିତ। କମିଟିର ଅନ୍ୟତମ ସଦସ୍ୟ ଜଷ୍ଟିସ ଶଶିକାନ୍ତ ମିଶ୍ର ସମନ ମ୍ୟାନେଜମେଣ୍ଟ ସିଷ୍ଟ ଉପରେ ଆଲୋକପାତ କରିଥିଲେ। ପାଇଲଟ ପ୍ରକଳ୍ପ ଭାବେ ଏହି ବ୍ୟବସ୍ଥା ମାଲକାନାଗିରି, ମୟୂରଭଞ୍ଜ, କଟକ ଓ ବଲାଙ୍ଗୀର ଜିଲ୍ଲାପାଇଁ କାର୍ଯ୍ୟକାରୀ କରାଯାଇଛି। ଜଷ୍ଟିସ ସଂଜୀବ କୁମାର ପାଣିଗ୍ରାହୀ ବିଚାରାଧୀନ ବହୁ ପୁରୁଣା ମାମଲାର ପ୍ରାଥମିକତା ଭିତ୍ତିରେ ଫଇସଲା କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଜଷ୍ଟିସ ସାବିତ୍ରୀ ରଥ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସମ୍ମିଳନୀ ୨ଦିନ ଧରି ଚାଲିବ। ୩୦ଟି ଜିଲ୍ଲାର ଜଜ୍‌ମାନେ ଯୋଗଦେଇଛନ୍ତି।

ଶ୍ରୀଜଗନ୍ନାଥଙ୍କ ନାମକୁ ଫେରିବ ମୂଲ୍ୟବାନ ୨୮ ଏକର ଜମି

କଟକ,୩୧।୧୦(ସମିସ): ପୁରୀ ତହସିଲ ଅନ୍ତର୍ଗତ ଶଙ୍କରପୁର ମୌଜାର ୨୮.୮୪୦ ଏକର ମୂଲ୍ୟବାନ ଜମି ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟି ଖାତାକୁ ଫେରିବ। ରାଜସ୍ୱ ପର୍ଷଦ ଅଧୀନସ୍ଥ ଚକବନ୍ଦି ଆୟୁକ୍ତ ବିବାଦୀୟ ରେକର୍ଡକୁ ରଦ୍ଦ କରି ଏହାକୁ ଶ୍ରୀଜଗନ୍ନାଥ ମହାପ୍ରଭୁ ବିଜେ, ପୁରୀ ମାର୍ଫତ ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟିଙ୍କ ନାମରେ ରେକର୍ଡ କରିବାକୁ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଓମ୍‌କାରେଶ୍ୱର ମନ୍ଦିର ସଂଲଗ୍ନ ଏହି ଜମିର ଆନୁମାନିକ ବଜାର ମୂଲ୍ୟ ୪୫୦ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି। ମାମଲାରୁ ପ୍ରକାଶ ଯେ ଏହି ଜମିକୁ ୧୯୭୨-୭୩ ମସିହାରରେ ଉତ୍ତର ପାର୍ଶ୍ୱ ମଠର ତତ୍କାଳୀନ ମହନ୍ତ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଦାନ କରିଥିଲେ। ଏଥିସହ ମହାପ୍ରଭୁଙ୍କ ନାମରେ ରେକର୍ଡ କରିବାକୁ ସେଟଲମେଣ୍ଟ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଥିଲେ। ତଦନୁଯାୟୀ, ୧୯୭୭ ମସିହାର ସାବକ ରେକର୍ଡରେ ଏହି ଜମି ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ନାମରେ ରେକର୍ଡଭୁକ୍ତ ହୋଇଥିଲା। ଚକବନ୍ଦୀ ପ୍ରକ୍ରିୟାର ପ୍ରାରମ୍ଭିକ ଜମି ରେଜିଷ୍ଟରରେ ମଧ ମହାପ୍ରଭୁଙ୍କ ନାମ ରହିଥିଲା। ୨୦୧୦ ମସିହାରେ ପୁରୀ ଅତିରିକ୍ତ ଉପଜିଲ୍ଲାପାଳଙ୍କ ଏକ ଆଦେଶ ବଳରେ ଏହି ଜମି ମହନ୍ତଙ୍କ ନାମରେ ରେକର୍ଡ ହୋଇଥିଲା। ୨୦୧୩ରେ ମହନ୍ତଙ୍କ ନାମରେ ପଟ୍ଟା ପ୍ରସ୍ତୁତ ହୋଇଥିଲା। ଏହି ଆଦେଶକୁ ଚ୍ୟାଲେଞ୍ଜ କରି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ୨୦୧୬ ମସିହାରେ ଚକବନ୍ଦି ଆୟୁକ୍ତଙ୍କ ନିକଟରେ ମାମଲା ରୁଜୁ କରାଯାଇଥିଲା। ଜମିର ରେକର୍ଡ ପରିବର୍ତ୍ତନ ସମୟରେ ଶ୍ରୀମନ୍ଦିର ପ୍ରଶାସକ ଓ ଦେବୋତ୍ତର ଆୟୁକ୍ତଙ୍କୁ ଆବଶ୍ୟକ ନୋଟିସ୍ ଦିଆଯାଇ ନଥିବା ନେଇ ମାମଲା ଶୁଣାଣି ବେଳେ ସ୍ପଷ୍ଟ ହୋଇଥିଲା। ଏହାକୁ ନ୍ୟାୟ ପ୍ରକ୍ରିୟାର ଉଲ୍ଲଂଘନ ବୋଲି ଆୟୁକ୍ତ ବିବେଚନା କରିଛନ୍ତି। ତେଣୁ ଏହି ଜମି ପୁଣି ଥରେ ମହାପ୍ରଭୁଙ୍କ ନାମକୁ ଫେରାଇ ଆଣିବାକୁ ପୁରୀ ତହସିଲଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ଆଲ୍‌ୱାର ଦାସଙ୍କ ଜୟନ୍ତୀ



କଟକ,୩୧।୧୦(ସମିସ): ସର୍ବଭାରତୀୟ ୱାକର୍ସ କ୍ଲବର ପ୍ରତିଷ୍ଠାତା ସ୍ୱର୍ଗତ ଆଲ୍‌ୱାର ଦାସଙ୍କ ଜୟନ୍ତୀ ଶ୍ରୀରାମଚନ୍ଦ୍ରଭଞ୍ଜ ମେଡିକାଲ କଲେଜ ପରିସର ମଧ୍ୟରେ ଅବସ୍ଥିତ ପ୍ରେକ୍ଷାଳୟରେ ସଭାପତି ପ୍ରଫେସର ଡାକ୍ତର ଜୟନ୍ତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ଉକ୍ତ ଜୟନ୍ତୀ ସଭାରେ ମନୋରଞ୍ଜନ ମହାନ୍ତି, ଶ୍ୟାମସୁନ୍ଦର ସାହୁ, ସମ୍ପାଦକ ପ୍ରିୟରଞ୍ଜନ ମହାପାତ୍ର, ପ୍ରଫୁଲ୍ଲ କୁମାର ସାହୁ, ଗୌତମ କର, ପ୍ରଶାନ୍ତ କୁମାର କାନୁନଗୋ, ଫଣୀନ୍ଦ୍ର କୁମାର ମଲ୍ଲିକ, ଭାବଗ୍ରାହୀ ନାୟକ, ବାବୁଲିଧର ନାୟକ, ବନମାଳି ଶୁକ୍ଳ, ଓଁକାର ରାଉତ, ରାକେଶ ଶତପଥୀ, ପିରପ୍ରସାଦ ଶତପଥୀ, ସଂଜୀବ ପଟ୍ଟନାୟକ, ବିଲକେଶ ପରବିନ, ଉଷା ଅଗ୍ରୱାଲ, ଅମ୍ବିକା ପ୍ରସାଦ ମହାନ୍ତି ସ୍ୱର୍ଗତ ଦାସଙ୍କର ଦେଶଭକ୍ତି, ସାମାଜିକ କାର୍ଯ୍ୟକଳାପ ତଥା ସାହାଯ୍ୟକାରୀ ମନୋବୃତ୍ତି ଦ୍ୱାରା କିପରି ୱାକର୍ସ କ୍ଲବକୁ ଅନ୍ତର୍ଜାତୀୟ ସ୍ତରରେ ପହଞ୍ଚାଇ ପାରିଥିଲେ ସେ ଜୀବନଯାତ୍ରା ସମ୍ବନ୍ଧରେ ଆଲୋକପାତ କରିଥିଲେ। ସରୋଜ କୁମାର ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

କଟକ ମହାନଗର ସାଂଗଠନିକ ଜିଲ୍ଲା ବିଜେଡିର ବୈଠକ

ମହାନଗର ନିଗମ ଭୋଟର ତାଲିକା କାର୍ଯ୍ୟରେ ବିଏଲ୍ଏ ନିଯୁକ୍ତି ନେଇ ଆଲୋଚନା



କଟକ, ୩୧।୧୦ (ସମିସ): କଟକ ମହାନଗର ନିଗମ ଭୋଟର ତାଲିକା କାର୍ଯ୍ୟରେ ବିଏଲ୍ଏ ନିଯୁକ୍ତି ଓ ସମନ୍ୱୟ ନେଇ କଟକ ମହାନଗର ସାଙ୍ଗଠନିକ ଜିଲ୍ଲା ବିଜେଡିର ଗୁରୁତ୍ୱପୂର୍ଣ୍ଣ ବୈଠକ ମେୟର ସୁବାସ ସିଂହଙ୍କ ମାର୍ଗଦର୍ଶନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାନଗର ନିଗମ ଅଞ୍ଚଳର ଭୋଟର ତାଲିକା ସମ୍ବନ୍ଧୀୟ କାର୍ଯ୍ୟ ଏବଂ ବିଏଲ୍ଏ (ବୁଥ୍ ଲେବୁଲ୍ ଏଜେଣ୍ଟ) ନିଯୁକ୍ତି ଓ ସମନ୍ୱୟକୁ ନେଇ ଆଲୋଚନା କରାଯାଇଥିଲା। ବିଜୁ ଜନତା ଦଳର ରାଜ୍ୟ କୋଷାଧ୍ୟକ୍ଷ ତଥା ବରିଷ୍ଠ ନେତା ସୁବାସ ସିଂହଙ୍କ ମାର୍ଗଦର୍ଶନରେ ଅନୁଷ୍ଠିତ ଏହି ବୈଠକରେ ଭୋଟର ତାଲିକାର ସଠିକତା, ବୁଥ୍ ସ୍ତରରେ ସଂଗଠନକୁ ଅଧିକ ସକ୍ରିୟ କରିବା, ବିଏଲଏମାନଙ୍କର ଦାୟିତ୍ୱ ଓ କାର୍ଯ୍ୟ ପରିଚାଳନା ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ବୈଠକରେ କଟକ ମହାନଗର ସଂଗଠନିକ ଜିଲ୍ଲା ସଭାପତି ତଥା ବରିଷ୍ଠ ଆଇନଜୀବୀ ସ୍ୱଦେଶ ଦାସ ସଭାପତିତ୍ୱ କରିଥିଲେ। ଏଥିରେ ବିଜେଡି ରାଜ୍ୟ କୋଷାଧ୍ୟକ୍ଷ ଶ୍ରୀ ସିଂହ, ବିଜୁ ଜନତା ଦଳର ରାଜ୍ୟ ସଂଯୋଜକ ତଥା ସାଧାରଣ ସମ୍ପାଦକ ବିଜୟ ନାୟକ,ଜିଲ୍ଲା ସଭାପତି ପ୍ରଫୁଲ୍ଲ ସିଂହ, ସାଧାରଣ ସମ୍ପାଦକ ପ୍ରଦୀପ୍ତ କିଶୋର ଖୁଣ୍ଟିଆ, ଜିଲ୍ଲା କାର୍ଯ୍ୟକାରୀ ସଭାପତି ଜୟଦେବ ଜେନା, କଟକ ମହାନଗର ନିଗମର ଉପମେୟର ସୁଶ୍ରୀ ଦମୟନ୍ତୀ ମାଝୀ, ନିମେଇ ବିଶ୍ୱାଳଙ୍କ, ଜିଲ୍ଲା ଉପସଭାପତି ବିକାଶ ରଞ୍ଜନ ବେହେରା, ଜିଲ୍ଲା ସାଧାରଣ ସମ୍ପାଦକ ତାପସ ମହାନ୍ତି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରକାଶ ସିଂହ, ରାଜ୍ୟ ସାଧାରଣ ସମ୍ପାଦକ ସକିଲ୍ ଅହମଦ, ସାଧାରଣ ସମ୍ପାଦକ ସୌମିତ୍ର ମିତ୍ର, ଜିଲ୍ଲା ମହିଳା କାର୍ଯକାରୀ ସଭାପତି ,ମିତାଞ୍ଜଳି ଭଞ୍ଜ ସାଧାରଣ ସମ୍ପାଦକ ପ୍ରେମାଂଶୁ ବେହେରା, ଜିଲ୍ଲା ଉପସଭାପତି ଶ୍ରୀ ବିଶ୍ୱନାଥ ଧୀର ଓ ଉପସଭାପତି ଶ୍ରୀ ପ୍ରଦୀପ ରାଉତ, ରାଜ୍ୟ ଯୁବ ଉପସଭାପତି ଜଗନ୍ନାଥ ସ୍ୱାଇଁ, ଜିଲ୍ଲା ଯୁବ ସଭାପତି ସୌମ୍ୟ ଦର୍ଶନ ବେହେରା, ଜିଲ୍ଲା କୋଷାଧ୍ୟକ୍ଷ ଅର୍ଦ୍ଧେନ୍ଦୁ ଶେଖର ମାଝୀ, ସମେତ ବହୁ ଦଳୀୟ ନେତା, କର୍ମକର୍ତ୍ତା ଓ ସଂଗଠନର ପ୍ରତିନିଧି ଯୋଗଦେଇଥିଲେ। ଏହି ବୈଠକରେ ଶ୍ରୀ ସିଂହ ବୁଥ୍ ସ୍ତରରେ ଦଳୀୟ ସଂଗଠନକୁ ଅଧିକ ମଜବୁତ କରିବା ସହ ଭୋଟର ତାଲିକା ସମ୍ବନ୍ଧୀୟ ପ୍ରତ୍ୟେକ କାର୍ଯ୍ୟକୁ ଦାୟିତ୍ୱବାନ ଭାବରେ ସମ୍ପାଦନ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଯୋଗ୍ୟ ଭୋଟରଙ୍କ ନାମ ତାଲିକାରେ ରହିବା, ତ୍ରୁଟି ସମ୍ପର୍କରେ ନିୟମାନୁସାରେ ଅବଗତ କରାଇବା ଏବଂ ନିର୍ବାଚନ ସମ୍ବନ୍ଧୀୟ ନିୟମ ଓ ପ୍ରକ୍ରିୟା ପାଳନ କରିବା ପାଇଁ ଈଖଇଙ୍କୁ ସକ୍ରିୟ ଓ ସଚେତନ ରହିବାକୁ ଆହ୍ୱାନ ଦିଆଯାଇଥିଲା। କଟକ ମହାନଗର ସାଙ୍ଗଠନିକ ଜିଲ୍ଲାରେ ତୃଣମୂଳ ସ୍ତରକୁ ଆହୁରି ସୁଦୃଢ଼ କରିବା, ସମସ୍ତ ନେତା ଓ କର୍ମୀଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବା ଏବଂ ଗଣତାନ୍ତ୍ରିକ ପ୍ରକ୍ରିୟାରେ ସକ୍ରିୟ ଭାଗୀଦାରି ସୁନିଶ୍ଚିତ କରିବା ଉପରେ ବୈଠକରେ ବିଶେଷ ଗୁରୁତ୍ୱ ଆରୋପ କରାଯାଇଥିଲା।

କଣାସ ବଜାରରେ ମା' ଗଜଲକ୍ଷ୍ମୀଙ୍କ ଭସାଣି ଉତ୍ସବ

କଣାସ,୩୧।୧୦(ସମିସ): ଶନିବାର କଣାସ ବଜାରରେ ମା' ଗଜଲକ୍ଷ୍ମୀଙ୍କ ଭସାଣି ଉତ୍ସବ ଧୁମ୍‌ଧାମରେ ପାଳିତ ହୋଇଯାଇଛି। ସନ୍ଧ୍ୟାରେ କଣାସ ବସ୍‌ଷ୍ଟାଣ୍ଡଠାରୁ ମା'ଙ୍କ ଭସାଣି ଶୋଭାଯାତ୍ରା ବାହାରିଥିଲା। ଡିଜେ ଓ ବିଭିନ୍ନ ବାଦ୍ୟଯନ୍ତ୍ରର ତାଳେ ତାଳେ ଶୋଭାଯାତ୍ରା କଣାସ ବଜାର, ବାଲିଘାଇ ବଜାର ଓ ଗୋଲା ବଜାର ଦେଇ ଦୟା ନଦୀ ନିକଟରେ ପହଞ୍ଚିଥିଲା। ଶୋଭାଯାତ୍ରାରେ ଭକ୍ତ ଓ ଶ୍ରଦ୍ଧାଳୁମାନେ ଉତ୍ସାହର ସହ ସାମିଲ୍ ହୋଇଥିବାବେଳେ ଡିଜେ ଓ ବାଜାର ଶବ୍ଦରେ କଣାସ ବଜାର ଉତ୍ସବମୁଖର ହୋଇଉଠିଥିଲା। ପରେ ପାରମ୍ପରିକ ରୀତିନୀତି ଅନୁଯାୟୀ, ଦୟା ନଦୀରେ ମା' ଗଜଲକ୍ଷ୍ମୀଙ୍କ ମୂର୍ତ୍ତି ବିସର୍ଜନ କରାଯାଇଥିଲା।



ତୁଳସୀପୁରରେ ମା' ଗଜଲକ୍ଷ୍ମୀଙ୍କ ଭସାଣି ଉତ୍ସବ

ଚାରିଛକ,୩୧।୧୦(ସମିସ): ଚାରିଛକ ନିକଟସ୍ଥ ତୁଳସୀପୁର ଲକ୍ଷ୍ମୀ ବଜାରରେ ଗତ ୭ ଦିନ ହେବ ପୂଜା ପାଉଥିବା ମା' ଗଜଲକ୍ଷ୍ମୀଙ୍କ ଭସାଣ ଉତ୍ସବ ଶନିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ୭ ଦିନ ଧରି ପଣ୍ଡିତ ଅନ୍ତର୍ଯ୍ୟାମୀ କର ଓ ନିମାଇଁ ଚାରଣ ମିଶ୍ର ଯଥା ରୀତିନୀତି ଅନୁଯାୟୀ ପୂଜାକାର୍ଯ୍ୟ ସମାପନ କରିଥିଲେ। ଏହି ପୂଜା କାର୍ଯ୍ୟରେ କର୍ତ୍ତାଭାବେ ପ୍ରଫୁଲ୍ଲ କର ପ୍ରମୁଖ ଯୋଗଦେଇଥିଲେ। ପୂର୍ଣ୍ଣାହୁତି ପରେ ସମସ୍ତ ବ୍ୟବସାୟୀ ମା'ଙ୍କ ନିକଟରେ ପହଞ୍ଚି ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ। ପରେ ଏକ ସୁସଜ୍ଜିତ ଗାଡ଼ିରେ ମା'ଙ୍କୁ ବସାଇ ଘଣ୍ଟ, ବାଜା, ଆତସବାଜି ଫୁଟାଇ ତୁଳସୀପୁର ବଜାର ସମେତ ବିଭିନ୍ନ ଗ୍ରାମ ପରିକ୍ରମା କରାଇ ନିକଟସ୍ଥ ତେଲେଙ୍ଗା ପୋଖରୀରେ ବିସର୍ଜନ କରା ଯାଇଥିଲା। ବଜାର କମିଟିର ସଭାପତି ରଜନୀକାନ୍ତ ତ୍ରିପାଠୀ, ସମ୍ପାଦକ ପ୍ରଫୁଲ୍ଲ କୁମାର କର, ହୃଦାନନ୍ଦ କର, ରଣଜିତ ସାହୁ, ହରିହର ସାହୁ, ଅନିରୁଦ୍ଧ ତ୍ରିପାଠୀ, କାଳନ୍ଦୀ ବେହେରା, ପ୍ରସନ୍ନ ସାହୁ, ଦ୍ୱିଜବର ସାହୁ, ନିତ୍ୟାନନ୍ଦ ଦାଶଙ୍କ ସମେତ ସମସ୍ତ ବ୍ୟବସାୟୀ ସହଯୋଗ କରିଥିଲେ। ସେହିପରି ଚାରିଛକ ଓରପଟ ବେହେରା ସାହିରେ ୭ ଦିନ ଧରି ପୂଜା ପାଉଥିବା ମା' ଗଜଲକ୍ଷ୍ମୀଙ୍କ ଭସାଣ ଉତ୍ସବ ମୁଖ୍ୟ କର୍ତ୍ତା ପ୍ରଶାନ୍ତ ବେହେରାଙ୍କ ତତ୍ତ୍ୱାବଧାନରେ ସୁସଜ୍ଜିତ ଗାଡ଼ିରେ ମା'ଙ୍କୁ ବସାଇ ଚାରିଛକ ବଜାର ପରିକ୍ରମା କରି ପ୍ରାଚୀନଦୀର ଚନ୍ଦ୍ରମଉଳି ଘାଟରେ ବିସର୍ଜନ କରାଯାଇଛି।



କାଶୀବିଶ୍ୱନାଥ ମନ୍ଦିରରେ ବରିଷ୍ଠ ନାଗରିକ ହଟହଟା

କଣାସ,୩୧।୧୦(ସମିସ): କେନ୍ଦ୍ର ଓ ରାଜ୍ୟ ସରକାର ୬୦ରୁ ୭୫ ବର୍ଷ ବୟସ୍କ ବରିଷ୍ଠ ନାଗରିକଙ୍କୁ ମାଗଣାରେ ଦର୍ଶନ କରିବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରିଚାଲିଥିବା ବେଳେ ସେମାନେ ଠାକୁର ଦର୍ଶନ କରିବାକୁ ଯାଇ କିପରି ହଟହଟା ହେଉଛନ୍ତି ଦେଖିବାକୁ ମିଳିଛି ବନାରସ କାଶୀବିଶ୍ୱନାଥ ମନ୍ଦିରରେ। ଗତ ୨୮ ତାରିଖରେ ପୁରୀ, ଖୋର୍ଦ୍ଧା, ଜଗତସିଂହପୁର, କଟକ, ଢେଙ୍କାନାଳ ଓ କେନ୍ଦ୍ରାପଡ଼ା ଜିଲ୍ଲାର ୮୦୦ରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକଙ୍କୁ ନେଇ ଭୁବନେଶ୍ୱର ରେଳ ଷ୍ଟେସନଠାରୁ ଏକ ସ୍ୱତନ୍ତ୍ର ଟ୍ରେନ୍ ବନାରସ ଓ ଅଯୋଧ୍ୟା ଅଭିମୁଖେ ଯାତ୍ରା କରିଥିଲା। ଟ୍ରେନ୍‌ରେ ଚା', ଜଳଖିଆ ଓ ଖାଦ୍ୟ ଖାଇବା ପାଇଁ ସମସ୍ତ ସୁବିଧା ହୋଇଥିବାବେଳେ ବାରଣାସୀଠାରୁ ବରିଷ୍ଠ ନାଗରିକମାନଙ୍କୁ ନେଇ ୧୮ ଖଣ୍ଡ ବସ ବନାରସ ଅଭିମୁଖେ ଯାତ୍ରା କରିଥିଲା। ବନାରସଠାରେ ବିଭିନ୍ନ ହୋଟେଲରେ ସେମାନଙ୍କୁ ରଖାଯାଇଥିଲା। ୩୦ ତାରିଖ ଅପରାହ୍ଣରେ ହୋଟେଲରୁ ବରିଷ୍ଠ ନାଗରିକଙ୍କୁ ନେଇ ବସ୍ ଯୋଗେ କାଶୀବିଶ୍ୱନାଥ ମନ୍ଦିର ଦର୍ଶନ କରିବା ପାଇଁ ମନ୍ଦିରଠାରୁ ୨ କିମି ଦୂରରେ ବସ୍ ରଖାଯାଇ ବରିଷ୍ଠ ନାଗରିକଙ୍କୁ ଅଟୋ ଯୋଗେ କିଛି ବାଟ ଯିବା ପରେ ଚଲାଇ ଚଲାଇ ମନ୍ଦିର ପର୍ଯ୍ୟନ୍ତ ନିଆଯାଇଥିଲା। ସେଠାରେ ବାବାଙ୍କ ଦର୍ଶନ ପାଇଁ ଦୀର୍ଘ ୧ କିମି ଅଧିକ ବାଟ ଲମ୍ବା ଲାଇନ୍‌ରେ ଧାଡ଼ିରେ ଠିଆହେବାକୁ ପଡ଼ିଥିଲା। ୩ ଘଣ୍ଟା ଧରି ଧାଡ଼ିରେ ଠିଆ ହେବା ପରେ ଠାକୁରଙ୍କ ନିକଟରେ ପହଞ୍ଚିଥିଲେ ମଧ୍ୟ ଭଲଭାବରେ ଦର୍ଶନ କରିପାରି ନ ଥିବାରୁ ବରିଷ୍ଠ ନାଗରିକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।



ଅଁଳାନବମୀ ପୂର୍ବରୁ ଉଚ୍ଛେଦକୁ ଗୁରୁତ୍ୱ

ସାକ୍ଷୀଗୋପାଳ,୩୧।୧୦(ସମିସ):

ଆସନ୍ତା ନଭେମ୍ବର ୧୮ରେ ସାକ୍ଷୀଗୋପାଳ ଠାକୁରଙ୍କ ଅଁଳାନବମୀ ଅବସରରେ ଠାକୁରାଣୀ ଶ୍ରୀଶ୍ରୀ ରାଧାରାଣୀଙ୍କ ପାଦ ଦର୍ଶନ ଓ ୨୧ ତାରିଖରେ ବଡ଼ ଏକାଦଶୀ ଅବସରରେ ସାକ୍ଷୀଗୋପାଳ ଠାକୁରଙ୍କ ଲକ୍ଷ୍ମୀ ନାରାୟଣ ବେଶ ଅନୁଷ୍ଠିତ ହେବ। ଯାତ୍ରାକୁ ଶୃଙ୍ଖଳିତ କରିବା ଓ ଭିଡ଼ ନିୟନ୍ତ୍ରଣ ପାଇଁ ସତ୍ୟବାଦୀ ବଜାରରେ ଜବରଦଖଲ ଉଚ୍ଛେଦ ଚାଲିଛି। ଶନିବାର ସତ୍ୟବାଦୀ ଗସ୍ତରେ ଆସି ବିଧାୟକ ଓମ୍‌ପ୍ରକାଶ ମିଶ୍ର ଅଁଳାନବମୀ ପ୍ରସ୍ତୁତି ସମୀକ୍ଷା କରିବା ସହ ମନ୍ଦିର ନିକଟରେ ରହିଥିବା ଅବଶିଷ୍ଟ ଜବରଦଖଲ ହଟାଇବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ଭକ୍ତଙ୍କ ପାଇଁ ବ୍ୟାରିକେଡ୍ ନିର୍ମାଣ, ପାନୀୟ ଜଳ ଓ ଦର୍ଶନ ବ୍ୟବସ୍ଥାର ସମୀକ୍ଷା କରିଥିଲେ। ବୈଠକରେ ତହସିଲ୍‌ଦାର ତଥା ମନ୍ଦିର ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ପାଣିଗ୍ରାହୀ, ଅତିରିକ୍ତ ତହସିଲ୍‌ଦାର ଓମ୍‌ପ୍ରକାଶ ପରିଡ଼ା, ଥାନା ଅଧିକାରୀ ସୌମ୍ୟରଞ୍ଜନ ମହାଳିକ ଓ ଅତିରିକ୍ତ ନିର୍ବାହୀ ଅଧିକାରୀ ଲଳିତେନ୍ଦୁ ମହାନ୍ତି ଉପସ୍ଥିତ ଥିଲେ। ଇତିମଧ୍ୟରେ ୨୦୦ରୁ ଊର୍ଦ୍ଧ୍ୱ ଦୋକାନର ସମ୍ମୁଖ ଭାଗରୁ ତାଟି, କାଠ, ବାଉଁଶ ଓ ଟିଣ ଆବରଣ ହଟାଯାଇଥିବା ବେଳେ ସାକ୍ଷୀଗୋପାଳ ବସ୍‌ଷ୍ଟାଣ୍ଡ, ସତ୍ୟବାଦୀ ଥାନା



ସମ୍ମୁଖରେ ଓ ସାକ୍ଷୀଗୋପାଳ ବଜାରରୁ ୩୦ରୁ ଊର୍ଦ୍ଧ୍ୱ ଦୋକାନ ସମ୍ପୂର୍ଣ୍ଣ ଭଙ୍ଗାଯାଇଛି। ବଜାରରେ ୨୦୦ରୁ ଅଧିକ ଛୋଟବଡ଼ ବ୍ୟବସାୟୀଙ୍କ ଜୀବିକା ନିର୍ଭର କରୁଥିବାରୁ ବିକଳ୍ପ ଥଇଥାନ ବ୍ୟବସ୍ଥା ନ କରି ଉଚ୍ଛେଦ କରାଯିବାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ନୂତନ ମାର୍କେଟ ନିର୍ମାଣ କରି ବ୍ୟବସାୟୀଙ୍କୁ ସେଠାରେ ଥଇଥାନ କରିବାର ପ୍ରତିଶ୍ରୁତି ବର୍ତ୍ତମାନ ପର୍ଯ୍ୟନ୍ତ ପୂରଣ ହୋଇ ନ ଥିବା ସେମାନେ ଅଭିଯୋଗ କରିଛନ୍ତି।

ବଜାର ବ୍ୟବସାୟୀ ସଂଘ ସଭାପତି ବୀରେନ୍ଦ୍ର ଭୂଷଣ ହୋତା ଓ ସମ୍ପାଦକ ବିଷ୍ଣୁପ୍ରସାଦ ମିଶ୍ରଙ୍କ କହିବାନୁଯାୟୀ, ନିର୍ବାଚନ ସମୟରେ ଓ ପରେ ବିଧାୟକ ବ୍ୟବସାୟୀଙ୍କ ସୁଖଦୁଃଖରେ ରହିବା ସହ ନୂତନ ମାର୍କେଟ ନିର୍ମାଣ କରି ସ୍ଥାୟୀ ଥଇଥାନର ପ୍ରତିଶ୍ରୁତି ଦେଇଥିଲେ। ୩ ବର୍ଷ ବିତିବାକୁ ବସିଥିଲେ ହେଁ ତାହା ପୂରଣ ହୋଇନାହିଁ। ନିକଟରେ ଲଘୁଚାପଜନିତ ଲଗାଣ ବର୍ଷାରେ ବ୍ୟବସାୟୀମାନେ କ୍ଷତି ସହିଥିବାବେଳେ କେତେକ ଦୋକାନ ବନ୍ଦ ହୋଇଯାଇଛି। ଏଭଳି ସ୍ଥିତିରେ ବିକଳ୍ପ ବ୍ୟବସ୍ଥା ନ କରି ଉଚ୍ଛେଦ କରିବା ଦୁର୍ଭାଗ୍ୟଜନକ ବୋଲି ସେ କହିଛନ୍ତି। ରଙ୍ଗଣିସାହିର ବ୍ୟବସାୟୀ ମାଗୁଣି ଜେନାଙ୍କ ଦୋକାନ ସମ୍ପୂର୍ଣ୍ଣ ଭାଙ୍ଗିଯାଇଥିବାରୁ ସେ ଜୀବିକା ହରାଇଛନ୍ତି। ବୟସର ଅପରାହ୍ନରେ ପରିବାର ଚଳାଇବା ନେଇ ସେ ଚିନ୍ତିତ। ବ୍ୟବସାୟୀ ବିଶ୍ୱଜିତ୍ ଶତପଥୀ ଉଚ୍ଛେଦକୁ ସ୍ୱାଗତ କରିଥିଲେ ମଧ୍ୟ ପ୍ରଥମେ ବ୍ୟବସାୟୀଙ୍କ ଥଇଥାନ କରିବା ପରେ ଉଚ୍ଛେଦ କରିବା ଉଚିତ୍ ବୋଲି କହିଛନ୍ତି। ଅନ୍ୟପକ୍ଷରେ ସାକ୍ଷୀଗୋପାଳ ରେଳ ଓଭରବ୍ରିଜ୍ ନିର୍ମାଣ, ମନ୍ଦିର ଓ ବାହ୍ୟ ପରିସରର ଉନ୍ନତୀକରଣ ଭଳି

ବ୍ୟବସାୟୀଙ୍କ ତରଫରୁ ଥଇଥାନ ଦାବି

ଦୀର୍ଘଦିନର ସମସ୍ୟା ଅଧୁରା ରହିଛି। ମନ୍ଦିରକୁ ଆସୁଥିବା ଭକ୍ତଙ୍କ ପାଇଁ ସ୍ଥାୟୀ ଆଶ୍ରୟସ୍ଥଳ, ପର୍ଯ୍ୟାପ୍ତ ଶୌଚାଳୟ ଓ ପାନୀୟ ଜଳର ସୁବିଧା ମଧ୍ୟ ଆବଶ୍ୟକତା ଅନୁଯାୟୀ ନାହିଁ। ମନ୍ଦିର ଓ ବାହାର ପରିସରରେ ଆଲୋକୀକରଣ, ଶୌଚାଳୟ ଓ ପାନୀୟ ଜଳ ବ୍ୟବସ୍ଥାରେ କିଛିଟା ଉନ୍ନତି ହୋଇଥିଲେ ମଧ୍ୟ ଆହୁରି ପଦକ୍ଷେପ ଆବଶ୍ୟକ। ଉଚ୍ଛେଦ ସହ ବ୍ୟବସାୟୀଙ୍କ ଥଇଥାନ, ନୂତନ ମାର୍କେଟ ନିର୍ମାଣ ଓ ଅଞ୍ଚଳର ମୌଳିକ ସମସ୍ୟାର ସମାଧାନ ଦିଗରେ ପ୍ରଶାସନ ଓ ଜନପ୍ରତିନିଧି କେବେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ, ତାହାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି।

ଜାତୀୟ ଏକତା ଦିବସ ଓ ବିଦ୍ୟାଳୟ ପରିଚାଳନା କମିଟି ବୈଠକ

ସାକ୍ଷୀଗୋପାଳ,୩୧।୧୦(ସମିସ): ସତ୍ୟବାଦୀ ଶିକ୍ଷା ମଣ୍ଡଳ ଅନ୍ତର୍ଗତ ବ୍ରାହ୍ମଣପଡ଼ା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଜାତୀୟ ଏକତା ଦିବସ ଓ ସ୍ୱତନ୍ତ୍ର ବିଦ୍ୟାଳୟ ପରିଚାଳନା କମିଟି ବୈଠକ ଉତ୍ସାହ ଓ ଉଦ୍ଦୀପନାର ସହ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଲୌହ ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୧ତମ ଜୟନ୍ତୀ ଅବସରରେ ତାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ସହ ଦେଶର ଅଖଣ୍ଡତା, ଏକତା ଓ ସଂହତି ରକ୍ଷା ଦିଗରେ ତାଙ୍କର ଅବଦାନ ସମ୍ପର୍କରେ ଆଲୋକପାତ କରାଯାଇଥିଲା। ଛାତ୍ରଛାତ୍ରୀଙ୍କୁ ଜାତୀୟ ଏକତା ଓ ଭାଇଚାରାର ମହତ୍ତ୍ୱ ସମ୍ପର୍କରେ ସଚେତନ କରାଯାଇଥିଲା। ଏହି ଅବସରରେ ଆୟୋଜିତ ସ୍ୱତନ୍ତ୍ର ବିଦ୍ୟାଳୟ ପରିଚାଳନା କମିଟିର ବୈଠକରେ ବିଦ୍ୟାଳୟରୁ ଅଧାରୁ ପାଠ ଛାଡ଼ିଥିବା ଛାତ୍ରଛାତ୍ରୀଙ୍କ ସମସ୍ୟା ଓ ସେମାନଙ୍କୁ ପୁନର୍ବାର ଶିକ୍ଷାର ମୁଖ୍ୟସ୍ରୋତକୁ ଫେରାଇ ଆଣିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଥିଲା। ଏଥିସହ ଶିଶୁମାନଙ୍କ ନିୟମିତ ଉପସ୍ଥାନ, ଶିକ୍ଷଣ ଦକ୍ଷତା ଓ ଗୁଣାତ୍ମକ ଶିକ୍ଷାରେ ବିଦ୍ୟାଳୟ ପରିଚାଳନା କମିଟିର ସକ୍ରିୟ ସହଯୋଗ ଉପରେ ଗୁରୁତ୍ୱ ଦିଆଯାଇଥିଲା। ବୈଠକରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ରାଜକିଶୋର ବେହେରା ଅଧ୍ୟକ୍ଷତା କରିଥିବାବେଳେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ରବି ନାରାୟଣ ମହାନ୍ତି ସଂଯୋଜନା କାର୍ଯ୍ୟ ତୁଲାଇଥିଲେ ଏବଂ ସହକାରୀ ଶିକ୍ଷୟିତ୍ରୀ ମାଳବିକା ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

ଓଡ଼ିଆ ବିଶ୍ୱବିଦ୍ୟାଳୟରେ ଦୁର୍ନୀତି ନିବାରଣ ସପ୍ତାହ



ସାକ୍ଷୀଗୋପାଳ,୩୧।୧୦(ସମିସ): ସପ୍ତାହବ୍ୟାପୀ ଦୁର୍ନୀତି ନିବାରଣ ସପ୍ତାହ ପାଳନ ପରିପ୍ରେକ୍ଷୀରେ ଓଡ଼ିଆ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଶନିବାର ଛାତ୍ରଛାତ୍ରୀମାନେ ସାକ୍ଷୀଗୋପାଳ ବଜାର ପରିକ୍ରମା କରିବା ସହ ବିଶ୍ୱବିଦ୍ୟାଳୟ ପାଠଚକ୍ର ପ୍ରକୋଷ୍ଠରେ ଆୟୋଜିତ ସଚେତନତା ସଭାରେ ସମୂହ ସଂକଳ୍ପପାଠ କରିଥିଲେ। କୁଳପତି ପ୍ରଫେସର ଡ. ସତ୍ୟନାରାୟଣ ଆଚାର୍ଯ୍ୟଙ୍କ ନିର୍ଦ୍ଦେଶ କ୍ରମେ ଅନୁଷ୍ଠିତ ଏହି ସଚେତନତା କାର୍ଯ୍ୟକ୍ରମକୁ ବିଶ୍ୱବିଦ୍ୟାଳୟ କୁଳସଚିବ ରଶ୍ମିରେଖା ଦାସ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିତ୍ତ ନିୟନ୍ତ୍ରକ ସଞ୍ଜୀବ କୁମାର ଜେନା, ପରୀକ୍ଷା ନିୟନ୍ତ୍ରକ ଡ. ସନ୍ଦୀପ କୁମାର ଚାନ୍ଦ, ଡ. ଗୋପାଳକୃଷ୍ଣ ଆଚାର୍ଯ୍ୟ ଓ ଡ. ପ୍ରଶାନ୍ତ ମହାରଣା ପ୍ରମୁଖ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରିଥିଲେ। ଛାତ୍ର ସଂସଦ ସଭାପତି ଶୁଭଲକ୍ଷ୍ମୀ ମଲ୍ଲିକଙ୍କ ନେତୃତ୍ୱରେ ଭାଷା ବିଜ୍ଞାନ ଓ ପ୍ରାକୃତିକ ଭାଷା ସଂଶାଧନ ବିଭାଗ, ଭାଷା ଓ ସାହିତ୍ୟ ବିଭାଗ, ଆଞ୍ଚଳିକ ଜନଜାତି ଭାଷା ଓ ଐତିହ୍ୟ ଅଧ୍ୟୟନ ବିଭାଗ ଛାତ୍ରଛାତ୍ରୀମାନେ ଦୁର୍ନୀତି ନିବାରଣ ଆଧାରିତ ସ୍ଲୋଗାନ୍ ଲେଖା ଥିବା ବିଭିନ୍ନ ପ୍ଲାକାର୍ଡ ଧରି ସାକ୍ଷୀଗୋପାଳ ବଜାର ପରିକ୍ରମା କରିଥିଲେ। ଶେଷରେ ଗୋପାଳଜୀଉ ମନ୍ଦିର ସମ୍ମୁଖସ୍ଥ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସମ୍ମୁଖରେ ସମସ୍ତେ ସମବେତ ହୋଇ ଦୁର୍ନୀତି ନିବାରଣ ସମ୍ପର୍କିତ ସ୍ଲୋଗାନ ଦେଇଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ପାଠଚକ୍ର ପ୍ରକୋଷ୍ଠରେ ଆୟୋଜିତ ସଚେତନତା ସଭାରେ ଆଞ୍ଚଳିକ ଜନଜାତି ଭାଷା ଓ ଐତିହ୍ୟ ଅଧ୍ୟୟନ ବିଭାଗ ପରିଦର୍ଶୀ ପ୍ରଫେସର୍ ଡ. ବବ୍ରୁବାହନ ମହାପାତ୍ର ସଭିପତିତ୍ୱ କରିଥିଲେ। ଭାଷା ଓ ସାହିତ୍ୟ ବିଭାଗ ମୁଖ୍ୟ ଡ. ରାଧାଗୋବିନ୍ଦ କୁଇଲା, ଭାଷା ବିଜ୍ଞାନ ଓ ପ୍ରାକୃତିକ ଭାଷା ସଂଶାଧନ ବିଭାଗ ଅଧାପିକା ଡ. ସଙ୍ଗୀତା ଜେନା, ଭାଷା ଓ ସାହିତ୍ୟ ବିଭାଗ ପରିଦର୍ଶୀ ସହଯୋଗୀ ପ୍ରଫେସର୍ ଡ. ବାସନ୍ତୀ ମହାନ୍ତି ପ୍ରମୁଖ ଉଦ୍‌ବୋଧନ ଦେଇ ଭାରତ ଭଳି ଏକ ବିକାଶୋନ୍ମୁଖ ରାଷ୍ଟ୍ରରେ ଦୁର୍ନୀତି ବିକାଶ କ୍ଷେତ୍ରରେ ସବୁଠାରୁ ବଡ଼ ବାଧକ ଏବଂ ଏହାର ମୂଳୋତ୍ପାଟନ ନ ହେଲେ ଦେଶ ପୂର୍ଣ୍ଣ ବିକଶିତ ହୋଇପାରିବ ନାହିଁ ବୋଲି ମତବ୍ୟକ୍ତ ଥିଲେ। ଏଣୁ ଦେଶର ସମସ୍ତ ଛାତ୍ରଛାତ୍ରୀ ଓ ଯୁବଗୋଷ୍ଠୀ ସମ୍ପୂର୍ଣ୍ଣ ଦୁର୍ନୀତିମୁକ୍ତ ଭାରତବର୍ଷ ଗଠନ ଦିଗରେ ପ୍ରତିବଦ୍ଧତାର ସହ କାର୍ଯ୍ୟ କରିବାକୁ ସେମାନେ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଜଣାଇଥିଲେ।

ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



କଣାସ,୩୧।୧୦(ସମିସ): ପୁରୀ ଜିଲ୍ଲା କଣାସ ବ୍ଲକ୍ ଅନ୍ତର୍ଗତ ମନ୍ଦାରବସ୍ତ ସଂଯୁକ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର କୃତୀ ଶିକ୍ଷକ ଜାଗେଶ୍ୱର ସାହୁଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଶନିବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ କାଶୀନାଥ ବେହେରାଙ୍କ ସଭାପତିତ୍ୱ ଓ ବରିଷ୍ଠ ଶିକ୍ଷକ ଧରଣୀଧର ମହାରଣାଙ୍କ ସଂଯୋଜନାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ରୂପେ କଣାସ ବ୍ଲକ୍ ଶିକ୍ଷା ଅଧିକାରୀ ରାମ ଚନ୍ଦ୍ର ବେହେରା, ସମ୍ମାନିତ ଅତିଥି ଭାବରେ ସହ ଶିକ୍ଷା ଅଧିକାରୀ ନାରାୟଣ ପ୍ରଧାନ, ଗୋବର୍ଦ୍ଧନ ବେହେରା, ସିଆରସିସି ମମତା ସାହୁ, ଭୂପତି ଭୂଷଣ ତ୍ରିପାଠୀ, କଣାସ ବ୍ଲକ୍ ଅନ୍ତର୍ଗତ ମନ୍ଦାରବସ୍ତ ଫାଣ୍ଡି ଅଧିକାରୀ ବିଭୂଦତ ଦାଶ, ଶିକ୍ଷକ ନେତା ପ୍ରହଲ୍ଲାଦ ମାନସିଂହ, ସୁଶାନ୍ତ କୁମାର ନରେନ୍ଦ୍ର, ସରପଞ୍ଚ ଶର୍ମିଷ୍ଠା ଛୁଆଲସିଂହ, ଏସ୍‌ଏମ୍‌ସି ସଭାପତି ନିର୍ମଳ ଗଜେନ୍ଦ୍ର ପ୍ରମୁଖ ଯୋଗଦେଇ ଶିକ୍ଷକ ଜାଗେଶ୍ୱର ସାହୁଙ୍କ କର୍ତ୍ତବ୍ୟନିଷ୍ଠା ଓ ଛାତ୍ରବତ୍ସଳତା ସମ୍ପର୍କରେ ଅବତାରଣା କରିଥିଲେ। ବିଦ୍ୟାଳୟ, ଆଞ୍ଚଳିକ ସାଧନ କେନ୍ଦ୍ର, ଛାତ୍ରଛାତ୍ରୀ ତଥା ଶିକ୍ଷକଶିକ୍ଷୟିତ୍ରୀଙ୍କ ପକ୍ଷରୁ ବିଦାୟୀ ଶିକ୍ଷକ ଜାଗେଶ୍ୱର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

● ଅବହେଳିତ ଅବସ୍ଥାରେ ନୟାହାଟ ଫାଣ୍ଡି

ନାହିଁ ଭ୍ୟାନ୍; ଅପରାଧୀଙ୍କୁ ବାଇକ୍‌ରେ ଆଣୁଛି ପୁଲିସ

ନୟାହାଟ,୩୧।୧୦(ସମିସ): ପୁରୀ ଜିଲ୍ଲା ଗୋପ ଥାନା ଅଧୀନରେ ଥିବା ନୟାହାଟ ଫାଣ୍ଡି ଥାନାରେ ପରିଣତ ହେବା କାଗଜ କଲମରେ ସୀମିତ ଥିବାବେଳେ ବର୍ତ୍ତମାନ ନୟାହାଟ ଫାଣ୍ଡିରେ କର୍ମଚାରୀ ଓ ଅଫିସର ଥାଇ ମଧ୍ୟ ଅବହେଳିତ ଅବସ୍ଥାରେ ଥିବାପରି ମନେହେଉଛି। କାରଣ ଏଠାରେ ପୁଲିସ ଭ୍ୟାନ୍ ନ ଥିବାରୁ ଅପରାଧୀମାନଙ୍କୁ ପୁଲିସ ବାଇକ୍‌ରେ ବସାଇ ଆଣୁଥିବା ଦେଖିବାକୁ ମିଳୁଛି। ନୟାହାଟ ଫାଣ୍ଡି ଅଞ୍ଚଳରେ ୭ଟି ପଞ୍ଚାୟତର ୧୦୫ଟି ଗାଁ ଥିବାବେଳେ ନୟାହାଟ ଫାଣ୍ଡିରେ ଆବଶ୍ୟକ କର୍ମଚାରୀ ନାହାନ୍ତି। ୬ ଜଣ ପୁଲିସ କର୍ମଚାରୀ ପରିବର୍ତ୍ତେ ୫ ଜଣ ନିଯୁକ୍ତି ପାଇଛନ୍ତି। ଫାଣ୍ଡିରେ ପୂର୍ବରୁ ଜଣେ ଏଏସ୍‌ଆଇ ଫାଣ୍ଡି ଅଧିକାରୀ ରୂପେ ନିଯୁକ୍ତି ପାଇଥିଲେ। ନୟାହାଟ ଅଞ୍ଚଳରେ ଆଇନଶୃଙ୍ଖଳା ସମ୍ଭାଳିବାରେ ତାଙ୍କପକ୍ଷେ କଷ୍ଟକର ହେବାରୁ ନୟାହାଟ ଅଞ୍ଚଳବାସୀ ପୁରୀ ଏସ୍‌ପି ପ୍ରତୀକ ସିଂହଙ୍କ ନିକଟରେ ଜଣେ ଦକ୍ଷ ଏସ୍‌ଆଇ ନିଯୁକ୍ତି ପାଇଁ ଦାବି କରିଆସୁଥିଲେ। ଏସ୍‌ପି ନୟାହାଟ ଆସି ଆଇନଶୃଙ୍ଖଳା ସମୀକ୍ଷା କରିବା ସହିତ ଏସ୍‌ଆଇ ଶ୍ରୀକାନ୍ତ ସାହୁଙ୍କୁ ନିଯୁକ୍ତି ଦେଇଥିଲେ। ଭ୍ୟାନ୍ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ ହେଁ ଅଦ୍ୟାବଧି ନୟାହାଟ ଫାଣ୍ଡିକୁ ଭ୍ୟାନ୍ ନ ଆସିବା ଫଳରେ ଅପରାଧୀ ଧରିବା ଓ ଗଣ୍ଡଗୋଳ ସ୍ଥାନରେ ପୁଲିସ ପହଞ୍ଚି ବାଇକ୍‌ରେ ଅପରାଧୀମାନଙ୍କୁ ଆଣିବା ନିରାପଦ ମନେହେଉନି। ଯଦି ବାଇକ୍‌ରୁ ଅଭିଯୁକ୍ତ ଖସିଯାଏ, ସେଥିପାଇଁ ଦାୟୀ କିଏ ବୋଲି ପ୍ରଶ୍ନବାଚୀ ସୃଷ୍ଟି କରିଛି। ନୟାହାଟ ବ୍ୟବସାୟୀ ସଙ୍ଘ ସଭାପତି ଫକିର ଚରଣ ବାରିକ, ସମ୍ପାଦକ ସୁବାସ ପାତ୍ର ଓ ମଧୁସୂଦନ ବରିଷ୍ଠ ନାଗରିକ ମଞ୍ଚର ଉପସଭାପତି ସୁରେନ୍ଦ୍ର ମୋହନ ବିଟି, ସମ୍ପାଦକ କୃଷ୍ଣ ଚନ୍ଦ୍ର ବାରିକ ପ୍ରମୁଖ ଭ୍ୟାନ୍ ଯୋଗାଇଦେବା ପାଇଁ ଦାବି କରିଛନ୍ତି।

■ ଠିକା ବିଦ୍ୟୁତ୍ କର୍ମଚାରୀଙ୍କ ସମସ୍ୟା ନେଇ ଥାନାରେ ଅଭିଯୋଗ


ଦାବି ପୂରଣ ନ ହେଲେ ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ




ସାକ୍ଷୀଗୋପାଳ,୩୧।୧୦(ସମିସ): ଠିକା ବିଦ୍ୟୁତ୍ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ଓ ଜୀବନଜୀବିକାର ସୁରକ୍ଷା ଦାବି ନେଇ ଓଡ଼ିଶା ବିଦ୍ୟୁତ୍ ଠିକା କର୍ମଚାରୀ ମିଳିତ ମଞ୍ଚ ପକ୍ଷରୁ ସତ୍ୟବାଦୀ ଥାନା ଆଇଆଇସି ସୌମ୍ୟରଞ୍ଜନ ମହାଳିକଙ୍କୁ ଏକ ଲିଖିତ ଅଭିଯୋଗପତ୍ର ପ୍ରଦାନ କରାଯାଇଛି। ମଞ୍ଚ ପକ୍ଷରୁ ଦିଆଯାଇଥିବା ଚିଠି ଅନୁଯାୟୀ, ସତ୍ୟବାଦୀ ଅଞ୍ଚଳର ଠିକା ବିଦ୍ୟୁତ୍ କର୍ମଚାରୀମାନେ ଦୀର୍ଘ ୧୪ ବର୍ଷ ଧରି ବିଦ୍ୟୁତ୍ ବିଭାଗ ସହ ଜଡ଼ିତ ରହି କାର୍ଯ୍ୟ କରିଆସୁଛନ୍ତି। ୨୦୨୦ ମସିହାରୁ ବିଦ୍ୟୁତ୍ ବିତରଣ ବ୍ୟବସ୍ଥାରେ ଟାଟା ପାୱାର ଆସିବା ପରେ ଠିକାଦାରଙ୍କ ମାଧ୍ୟମରେ କାର୍ଯ୍ୟ କରୁଥିବା କର୍ମଚାରୀମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବା ମଞ୍ଚ ଅଭିଯୋଗ କରିଛି। ଅଭିଯୋଗ ଅନୁସାରେ, ମିଟର ରିଡର୍ ଓ ବିଲ୍ ଆଦାୟ କରୁଥିବା କର୍ମଚାରୀଙ୍କୁ ଉପଯୁକ୍ତ ମଜୁରୀ ପ୍ରଦାନ କରାଯାଉନାହିଁ। ସେହିପରି ପୁରୁଣା କର୍ମଚାରୀଙ୍କୁ କାର୍ଯ୍ୟରୁ ବାଦ୍ ଦେଇ ଏସ୍‌ଏଚ୍‌ଜି ମାଧ୍ୟମରେ ମିଟର ରିଡିଂ ଓ ବିଲ୍ ଆଦାୟ ପାଇଁ ନିଯୁକ୍ତି ଦିଆଯାଉଥିବା ଅଭିଯୋଗ ହୋଇଛି। ବିଦ୍ୟୁତ୍ ରକ୍ଷଣାବେକ୍ଷଣ ଓ ଏମ୍‌ଏମ୍‌ଜି କ୍ଷେତ୍ରରେ ମଧ୍ୟ ପୁରୁଣା କର୍ମଚାରୀଙ୍କୁ ବିନା କାରଣରେ ଛଟେଇ କରି ନୂତନ କର୍ମଚାରୀଙ୍କୁ ନିଯୁକ୍ତି ଦେବାକୁ ପ୍ରୟାସ କରାଯାଉଥିବା ମଞ୍ଚ ଅଭିଯୋଗ କରିଛି। ଏହାଦ୍ୱାରା କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ଓ ଅଶାନ୍ତିର ବାତାବରଣ ସୃଷ୍ଟି ହେଉଥିବା ମଞ୍ଚ ପକ୍ଷରୁ କୁହାଯାଇଛି। ନିଜର ସମସ୍ୟା ସମ୍ପର୍କରେ ରାଜ୍ୟ ସରକାର, ଜିଲ୍ଲାପାଳ, ଶ୍ରମ ଆୟୁକ୍ତ, ଶ୍ରମ ସଚିବ, ବିଦ୍ୟୁତ୍ ସଚିବ, ଶକ୍ତି ମନ୍ତ୍ରୀ ଓ ପୁଲିସ ବିଭାଗର ଉଚ୍ଚ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ସୁଫଳ ମିଳି ନ ଥିବା ଚିଠିରେ ଦର୍ଶାଯାଇଛି। ଠିକା କର୍ମଚାରୀଙ୍କ ଜୀବନଜୀବିକାକୁ ପ୍ରଭାବିତ କରିବା ଭଳି ଅନ୍ୟ କର୍ମଚାରୀଙ୍କୁ ଠିକା କାର୍ଯ୍ୟରେ ନିୟୋଜିତ କରାଗଲେ ଏହାକୁ ରାଜରାସ୍ତାରେ ବିରୋଧ କରାଯିବ ବୋଲି ମଞ୍ଚ ଚେତାବନୀ ଦେଇଛି। ଏହାସହ ଠିକା କର୍ମଚାରୀଙ୍କ ଜୀବନଜୀବିକାର ସୁରକ୍ଷା ସହ ସେମାନଙ୍କ ନ୍ୟାୟିକ ବିରୋଧ ପ୍ରଦର୍ଶନକୁ ସମର୍ଥନ କରିବାକୁ ମଞ୍ଚ ପକ୍ଷରୁ ଥାନା ଅଧିକାରୀଙ୍କୁ ଅନୁରୋଧ କରାଯାଇଛି।

ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୧ତମ ଜୟନ୍ତୀ ଓ ରାଷ୍ଟ୍ରୀୟ ଏକତା ଦିବସ

ଜାତୀୟ ସଂହତି ଓ ଭାଇଚାରାକୁ ସୁଦୃଢ଼ ପାଇଁ ଆହ୍ୱାନ







ପିପିଲି,୩୧।୧୦(ସମିସ):

ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୧ତମ ଜୟନ୍ତୀ ଅବସରରେ ଶନିବାର ସାରା ଦେଶରେ ରାଷ୍ଟ୍ରୀୟ ଏକତା ଦିବସ ପାଳନ କରାଯାଉଛି। ଏହି ଅବସରରେ ପିପିଲି ପୁଲିସ ପକ୍ଷରୁ ଜବାହର ବିଦ୍ୟାପୀଠଠାରୁ ଏକ ବିଶାଳ ପଦଯାତ୍ରା ଆୟୋଜିତ ହୋଇଥିଲା। ପିପିଲି ଥାନା ଅଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀଙ୍କ ନେତୃତ୍ୱରେ ଆୟୋଜିତ ଏହି ପଦଯାତ୍ରାରେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକଙ୍କ ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନର ଶତାଧିକ ଛାତ୍ରଛାତ୍ରୀ, ବୁଦ୍ଧିଜୀବୀ ଓ ବରିଷ୍ଠ ନାଗରିକ ସାମିଲ୍ ହୋଇଥିଲେ। ପିପିଲି ଜବାହର ବିଦ୍ୟାପୀଠରୁ ଏହି ପଦଯାତ୍ରା ବାହାରି ବଜାର ପରିକ୍ରମା କରିବା ପରେ ପିପିଲି ହାଇସ୍କୁଲଠାରେ ପହଞ୍ଚିଥିଲା। ସେଠାରେ ଆୟୋଜିତ ସଭାରେ ବିଧାୟକ ଶ୍ରୀ ପଟ୍ଟନାୟକ ଯୋଗଦେଇ ମହାନ ଜନନାୟକ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୀବନ, ସଂଗ୍ରାମ ଓ ଦେଶ ପ୍ରତି ତାଙ୍କର ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଦେଶର ଏକତା ଓ ଅଖଣ୍ଡତାକୁ ଅକ୍ଷୁଣ୍ଣ ରଖିବା ସହ ଜାତୀୟ ସଂହତି ଓ ଭାଇଚାରାକୁ ସୁଦୃଢ଼ କରିବା ପାଇଁ ବିଧାୟକ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପିପିଲି ଜବାହର ବିଦ୍ୟାପୀଠ, ପିପିଲି ହାଇସ୍କୁଲ, ପିପିଲି କଲେଜ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଓ ଇନିଫୋର୍ସ ଏକାଡେମୀର ଛାତ୍ରଛାତ୍ରୀଙ୍କ ସମେତ ଏନ୍‌ସିସି କ୍ୟାଡେଟ୍ ଓ ପିପିଲି ବରିଷ୍ଠ ନାଗରିକ ମଞ୍ଚର ସଦସ୍ୟମାନେ ଯୋଗଦେଇଥିଲେ। ଏଥିରେ ପିପିଲି ଥାନା ଏସ୍‌ଆଇ ସୁରମା ସ୍ୱାଇଁ, ଏଏସ୍‌ଆଇ ସୁମନ୍ତ କୁମାର ସାହୁଙ୍କ ସମେତ ଥାନାର ଅନ୍ୟ କର୍ମଚାରୀ ଓ ବରିଷ୍ଠ ନାଗରିକ ମଞ୍ଚର ସଭାପତି ପ୍ରଫୁଲ୍ଲ କୁମାର ପଣ୍ଡା ଉପସ୍ଥିତ ଥିଲେ। ରାଷ୍ଟ୍ରୀୟ ଏକତା ଦିବସ ପାଳନ ଅବସରରେ ଆୟୋଜିତ ଏହି ପଦଯାତ୍ରା ମାଧ୍ୟମରେ ଦେଶର ଏକତା, ଅଖଣ୍ଡତା ଓ ଜାତୀୟ ସଂହତିର ବାର୍ତ୍ତା ପ୍ରସାର କରାଯାଇଥିଲା।

କାକଟପୁର

ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ଅବସରରେ ଶନିବାର ସମଗ୍ର ଦେଶରେ ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଥିବାବେଳେ କାକଟପୁର ଥାନା ପକ୍ଷରୁ ମଧ୍ୟ ଏହି ଦିବସ ପାଳନ କରାଯାଇଛି। ଏହି ଉପଲକ୍ଷେ କାକଟପୁର ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ କାକଟପୁର ଥାନା ଆଇଆଇସି ବସନ୍ତ କୁମାର ସାହୁ, ଏସ୍‌ଆଇ ଅମିତ୍ ପାଢ଼ୀ, ଏଏସ୍‌ଆଇ ରମେଶ ଚନ୍ଦ୍ର ନିଶଙ୍କ, ଜହୁର ଖାଁ, କାକଟପୁର ପିଏମ୍‌ଶ୍ରୀ ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀକାନ୍ତ କୁମାର ସ୍ୱାଇଁ, ସହକାରୀ ଶିକ୍ଷକ ପ୍ରତାପ ରାଉତଙ୍କ ସମେତ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଓ ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ଦେଶର ଏକତା, ଅଖଣ୍ଡତା ଓ ସଂହତି ବଜାୟ ରଖିବା ସହ ଜାତୀୟ ଭାବନାକୁ ସୁଦୃଢ଼ କରିବା ଦିଗରେ ସମସ୍ତେ ସଚେତନ ଓ ସଂକଳ୍ପବଦ୍ଧ ହେବାକୁ ଆହ୍ୱାନ ଦିଆଯାଇଥିଲା। ପରେ ପୁଲିସ କର୍ମଚାରୀ, ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ମିଳିତ ଅଂଶଗ୍ରହଣରେ ଏକତାର ବାର୍ତ୍ତା ନେଇ କାକଟପୁର ବଜାର ପରିକ୍ରମା କରାଯାଇଥିଲା।


ବ୍ରହ୍ମଗିରି

ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ଅବସରରେ ଶନିବାର ବ୍ରହ୍ମଗିରି ବ୍ଲକ୍ ଅନ୍ତର୍ଗତ ଗୋପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଜାତୀୟ ଏକତା ଦିବସ ଆୟୋଜିତ ହୋଇଥିଲା। ଏଥିରେ ବିଦ୍ୟାଳୟର ଚେୟାରମ୍ୟାନ୍ ଦିବାକର ସୁଆର ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ଅତିଥି ଭାବେ ବ୍ରହ୍ମଗିରି ଥାନା ଅଧିକାରୀ ବାମଦେବ ସ୍ୱାଇଁ, ମୁଖ୍ୟବକ୍ତା ଭାବେ ରାମାଶଙ୍କର ପାତ୍ର ଯୋଗଦେଇ ଲୌହମାନବଙ୍କ ବ୍ୟକ୍ତିତ୍ୱ ଉପରେ ଆଲୋଚନା କରିଥିଲେ। ଅନ୍ୟ ଅତିଥି ଭାବେ ପୁରୁଷୋତ୍ତମ ପଣ୍ଡା, ପୁଲିସ ଏସ୍‌ଆଇ ସାଗର କୁମାର ନାୟକ, ଏଏସ୍‌ଆଇ ସୁବ୍ରତ କୁମାର ନାୟକ, ଦିବାକର ଦଳାଇ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଧାଂଶୁ ଶେଖର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

ଶ୍ରୀକ୍ଷେତ୍ର ସିଟି

୩୧/୧୦/୨୦୨୬ (ଶନିବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ.୪,୪୩,୧୨୧/- ସୁନା:୦୪.୦୪୦ ଗ୍ରାମ୍ ରୁପା:୨୭.୫୦୦ ଗ୍ରାମ୍





■ ଆଜିଠୁ ସମୁଦ୍ରରେ ମାଛଧରା କଟକଣା

ଅଲିଭରିଡ୍‌ଲେଙ୍କ ସୁରକ୍ଷାକୁ ଗୁରୁତ୍ୱ

ପୁରୀ,୩୧।୧୦(ସମିସ): ପୁରୀ ଜିଲ୍ଲା ଉପକୂଳରେ ଅଲିଭ୍‌ରିଡଲେ କଇଁଛଙ୍କ ପ୍ରଜନନ ପାଇଁ ରବିବାରଠାରୁ ସାମୁଦ୍ରିକ କଟକଣା ଜାରି ହେବ। ବନ ବିଭାଗ ଓ ସାମୁଦ୍ରିକ ମତ୍ସ୍ୟ ବିଭାଗ ପକ୍ଷରୁ ନଭେମ୍ବର ୧ରୁ ଲାଗୁ ହେଉଥିବା ଏହି କଟକଣା ଆସନ୍ତା ମେ' ୩୧ ତାରିଖ ପର୍ଯ୍ୟନ୍ତ ବଳବତ୍ତର ରହିବ। ଓଡ଼ିଶା ମେରାଇନ୍ ଫିସିଙ୍ଗ୍ ରେଗୁଲେସନ ଆକ୍ଟ ବା ଓମ୍‌ଫ୍ରା ଅନୁଯାୟୀ ଏହି କଟକଣା ଲଗାଯିବ। ଫଳରେ ଏହି ସମୟରେ ମତ୍ସ୍ୟଜୀବୀମାନେ ପୁରୀ ଜିଲ୍ଲା ବାଲିହରଚଣ୍ଡୀଠାରୁ ଅସ୍ତରଙ୍ଗ ଦେବୀନାସୀ ପର୍ଯ୍ୟନ୍ତ ପ୍ରାୟ ୮୦ କିମି ଉପକୂଳରୁ ୫ କିଲୋମିଟର ମଧ୍ୟରେ ମୋଟର ଚାଳିତ ଡଙ୍ଗା, ଟ୍ରଲର ମାଛ ମାରିପାରିବେ ନାହିଁ। ଏଥିସହ ଫାଶୀ ଜାଲ ବ୍ୟବହାର ଉପରେ ମଧ୍ୟ କଟକଣା ଲଗାଯିବ। ଦେବୀ ନଦୀ ମୁହାଣର ୨୦ କିଲୋମିଟର ମଧ୍ୟରେ ଟ୍ରଲର ଓ ମୋଟର ଚାଳିତ ଡଙ୍ଗାରେ ମାଛ ଧରିବାକୁ ନିଷେଧ କରାଯିବ। ଅଲିଭରିଡ୍‌ଲେ କଇଁଛଙ୍କ ସୁରକ୍ଷା ଏବଂ ପ୍ରଜନନକୁ ଗୁରୁତ୍ୱ ଦିଆଯାଇ ଏହି କଟକଣା ଲାଗୁ ହେବ। ପ୍ରାୟ ପ୍ରତିବର୍ଷ ନଭେମ୍ବର ଆରମ୍ଭରୁ ଅଲିଭରିଡ୍‌ଲେ ଓଡ଼ିଶା ଉପକୂଳକୁ ଆସିବା ଆରମ୍ଭ କରିଥା'ନ୍ତି। କୂଳରୁ ୫ରୁ ୧୦ କିମି ମଧ୍ୟରେ ଏମାନେ ସମବେତ ହୁଅନ୍ତି ଓ ସେଠାରେ ତାଙ୍କର ମିଳନ ହୁଏ। ଓଡ଼ିଶାର ଗହୀରମଥା ପରେ ପୁରୀ ଜିଲ୍ଲା ଉପକୂଳ ଏମାନଙ୍କ ଅନ୍ୟତମ ପସନ୍ଦର ସ୍ଥାନ ପାଲଟିଥାଏ। ଡିସେମ୍ବରରେ ହଜାର ହଜାର ସଂଖ୍ୟାରେ ଅଲିଭ୍‌ରିଡ୍‌ଲେ ପୁରୀ ଜିଲ୍ଲାର ବାଲିହରଚଣ୍ଡୀଠାରୁ ଦେବୀ ମୁହାଣ ଅଞ୍ଚଳକୁ ଆସିଥା'ନ୍ତି। କିନ୍ତୁ କୋଣାର୍କଠାରୁ ଦେବୀନାସୀ ବେଳାଭୂମି ଅଞ୍ଚଳରେ ଏମାନେ ଅଣ୍ଡା ଦେଇଥା'ନ୍ତି। ଜାନୁଆରୀ ଶେଷ ଆଡ଼କୁ ମାଈ କଇଁଛ କୂଳମୁହାଁ ହୋଇ ଅନ୍ଧାର ରାତିରେ ବେଳାଭୂମିକୁ ଉଠି ଅଣ୍ଡା ଦିଅନ୍ତି। କଇଁଛର ଅଣ୍ଡାଗୁଡ଼ିକ ୪୫ରୁ ୬୦ ଦିନରେ ଛୁଆ ଫୁଟିଥାଏ। ଏଥିପାଇଁ ନିୟୋଜିତ ବନ କର୍ମଚାରୀ ଅଣ୍ଡାଗୁଡ଼ିକ ସଂଗ୍ରହ କରି କୃତ୍ରିମ ହାଚେରୀ ବା ଅସ୍ଥାୟୀ ପ୍ରଜନନ କେନ୍ଦ୍ରରେ ବାଲିରେ ପୋତିଥା'ନ୍ତି। ପ୍ରତିବର୍ଷ ପୁରୀ ଉପକୂଳରେ ପାଖାପାଖି ୧୩ଟି ଜାଗା ବାଲୁଖଣ୍ଡ ରେଞ୍ଜର ନୂଆନଈ, ବେଲେଶ୍ୱର, ବ୍ରହ୍ମଗିରି ରେଞ୍ଜର ହରଚଣ୍ଡୀ ଓ ଚାପମାଣିକ, କୋଣାର୍କ ରେଞ୍ଜର ଚନ୍ଦ୍ରଭାଗା, ଦାଶଧଡ଼ିଆ, କହଁରପୁର ଓ ରାମଚଣ୍ଡୀ, ଅସ୍ତରଙ୍ଗ ରେଞ୍ଜର ଦେବୀନାସୀ, ଜାହାନିଆ, ଡାଲୁଅକଣି, ଗୁଣ୍ଡଳବା ଓ ଗଙ୍ଗାଦେବୀ ମୁହାଣରେ ହାଚେରୀ କରାଯାଇଥାଏ। ଚଳିତବର୍ଷ କେତୋଟି କରାଯିବ ତାହା ସ୍ପଷ୍ଟ ଜଣାପଡ଼ି ନାହିଁ। କଇଁଛଙ୍କ ସୁରକ୍ଷା ପାଇଁ କାମ କରୁଥିବା ସେଭ୍ କୋଷ୍ଟାଲ୍ ଲାଇଫ୍ ସଦସ୍ୟ ସରୋଜ କୁମାର ଜେନା କହିଛନ୍ତି, ରବିବାରଠାରୁ ସମୁଦ୍ରରେ ମାଛଧରା ନେଇ ଯେଉଁ କଟକଣା ଲାଗୁ କରାଯାଉଛି ତାହା ଯେପରି କଡ଼ାକଡ଼ି ଭାବେ କାର୍ଯ୍ୟକାରୀ ହେବ ସେ ଦିଗରେ ସମ୍ପୃକ୍ତ ବିଭାଗ ଏବଂ ସ୍ୱେଚ୍ଛାସେବୀମାନେ ମିଳିମିଶି କାମ କରିବା ଦରକାର। ମୁଖ୍ୟତଃ ବେଳାଭୂମିକୁ ପ୍ଲାଷ୍ଟିକମୁକ୍ତ ଏବଂ ପାଟ୍ରୋଲିଂ ପାଇଁ ଟ୍ରଲର ନିୟୋଜିତ ଲାଗି ସେ ଅନୁରୋଧ କରିଛନ୍ତି।

କ୍ୟାମ୍ପସ୍ ଚୟନରେ ସଫଳ ଛାତ୍ରଛାତ୍ରୀ ସମ୍ବର୍ଦ୍ଧିତ



ପୁରୀ,୩୧।୧୦(ସମିସ): ସ୍ଥାନୀୟ ଅଗ୍ରଣୀ ପ୍ରିୟଙ୍କା ଦେବୀ ନର୍ସିଂ ମହାବିଦ୍ୟାଳୟରେ କଟକର ମଲ୍ଟି ସ୍ପେଶିଆଲିଟି ସନ୍ ହସ୍ପିଟାଲ ପକ୍ଷରୁ ଅନୁଷ୍ଠିତ କ୍ୟାମ୍ପସ୍ ଚୟନରେ ସଫଳ ହୋଇଥିବା ୧୪ ଜଣ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷ ବର୍ଷ ଜିଏନ୍‌ଏମ୍ ଓ ବିଏସ୍‌ସି ନର୍ସିଂ ଛାତ୍ରଛାତ୍ରୀଙ୍କ ଏକ ଚୟନ ପ୍ରକ୍ରିୟା ଗତ ୧୩ ତାରିଖରେ ଅନୁଷ୍ଠିତ ହୋଇଥିଲା। ସେଥିରେ ପ୍ରଥମ ପର୍ଯ୍ୟାୟରେ ଚୟନ ହୋଇଥିବା ଛାତ୍ରଛାତ୍ରୀଙ୍କୁ ତାଲିକାଭୁକ୍ତ ନର୍ସ ଭାବରେ ଯୋଗଦେବାକୁ ଅଫର ଲେଟର ଦିଆଯାଇଥିଲା। ଅଧ୍ୟକ୍ଷା ପାର୍ବତୀ ପରିଡ଼ା ସ୍ୱାଗତ କରିବା ସହ ସଫଳ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜ୍ଞାପନ କରିଥିଲେ। ସନ୍ ହସ୍ପିଟାଲର ପରିଚାଳକ ବିଶ୍ୱଜିତ୍ ସାହୁ ଆଗାମୀ ଦିନରେ ଅଧିକ ଛାତ୍ରଛାତ୍ରୀଙ୍କୁ ସୁଯୋଗ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଅନୁଷ୍ଠାନର ପ୍ରଶାସନିକ ପରାମର୍ଶଦାତା କୁମୁଦଚନ୍ଦ୍ର ଶତପଥୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସମେତ ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକା ଯୋଗଦେଇଥିଲେ।

■ ପୁରୀ ସମୁଦ୍ରରେ ଅଘଟଣ

ରିପ୍ କରେଣ୍ଟରେ ପଡ଼ି ପର୍ଯ୍ୟଟକଙ୍କ ମୃତ୍ୟୁ

ପୁରୀ,୩୧।୧୦(ସମିସ): ଶନିବାର ଅପରାହ୍ଣରେ ପୁରୀ ସମୁଦ୍ରରେ ଘଟିଛି ଏକ ଦୁଃଖଦ ଅଘଟଣ। ସମୁଦ୍ରରେ ସ୍ନାନ କରୁଥିବା ସମୟରେ ରିପ୍ କରେଣ୍ଟରେ ପଡ଼ି ଜଣେ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିଛି। ମୃତକ ହେଉଛନ୍ତି ପଶ୍ଚିମବଙ୍ଗର ୩୪ ବର୍ଷୀୟ ସୁମନ୍ତ ମାଇତି। ସୂଚନା ଅନୁଯାୟୀ, ପଶ୍ଚିମବଙ୍ଗର ରାନମୋହଲ ଅଞ୍ଚଳର ବାସିନ୍ଦା ସୁମନ୍ତ ମାଇତି ପୁରୀ ବୁଲିବା ପାଇଁ ଆସିଥିଲେ। ଶନିବାର ଅପରାହ୍ଣରେ ସେ ହୋଟେଲ ନିୟୁ ସି ହକ୍ ସମ୍ମୁଖ ସମୁଦ୍ରକୂଳର ୧୨ ନମ୍ବର ସେକ୍ଟରରେ ସ୍ନାନ କରୁଥିଲେ। ଏହି ସମୟରେ ହଠାତ୍ ସେ ରିପ୍ କରେଣ୍ଟରେ ପଡ଼ି ସମୁଦ୍ରରେ ବୁଡ଼ିଯାଇଥିଲେ। ଅଘଟଣ ଦେଖି ସେଠାରେ ନିୟୋଜିତ ଲାଇଫଗାର୍ଡମାନେ ତୁରନ୍ତ ଉଦ୍ଧାର ପାଇଁ ଉଦ୍ୟମ କରିଥିଲେ। ଦୀର୍ଘ ଚେଷ୍ଟା ପରେ ଲାଇଫଗାର୍ଡମାନେ ସୁମନ୍ତଙ୍କୁ ସମୁଦ୍ରରୁ ଉଦ୍ଧାର କରିଥିଲେ। ପରେ ତାଙ୍କୁ ତୁରନ୍ତ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ତେବେ ସେଠାରେ ଡାକ୍ତର ପରୀକ୍ଷା କରିବା ପରେ ସୁମନ୍ତଙ୍କୁ ମୃତ ଘୋଷଣା କରିଥିଲେ। ପୁରୀକୁ ବୁଲିବାକୁ ଆସିଥିବା ଜଣେ ପର୍ଯ୍ୟଟକଙ୍କ ଏଭଳି ଅକାଳ ମୃତ୍ୟୁ ଦୁଃଖର ଛାୟା ଖେଳାଇ ଦେଇଛି।

ପରିକ୍ରମା ମାର୍ଗ ପ୍ରତି ଅବହେଳା !

ନାରାୟଣ ହୋଇଯାଉଛି ମହାପ୍ରଭୁଙ୍କ ତୁଳସୀ ଗଛ

ପୁରୀ,୩୧।୧୦(ସମିସ)




● ଅନାବନା ଘାସରେ ଭର୍ତ୍ତି ଉଦ୍ୟାନ
● ପ୍ରକଳ୍ପର ରକ୍ଷଣାବେକ୍ଷଣକୁ ନେଇ ଉଠିଲା ପ୍ରଶ୍ନ

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ପାଇଁ ପୁରୀକୁ ଆସୁଥିବା ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ସୁବିଧା ଓ ସୁଗମ ପରିକ୍ରମାକୁ ଦୃଷ୍ଟିରେ ରଖି ନିର୍ମାଣ କରାଯାଇଥିଲା ଶ୍ରୀମନ୍ଦିର ପରିକ୍ରମା ମାର୍ଗ। ଏହି ପ୍ରକଳ୍ପ ଶ୍ରଦ୍ଧାଳୁଙ୍କ ପାଇଁ ଅନେକ ସୁବିଧା ଆଣିଥିବାବେଳେ ଏବେ ଏହାର ରକ୍ଷଣାବେକ୍ଷଣକୁ ନେଇ ଉଠିଛି ପ୍ରଶ୍ନ। ଉଦ୍ୟାନରେ ଲଗାଯାଇଥିବା ଫୁଲ ଓ ତୁଳସୀ ଗଛ ଶୁଖି ନାରାୟଣ ହୋଇଯାଉଥିବା ବେଳେ ଅନାବନା ଘାସରେ ଭର୍ତ୍ତି ହୋଇପଡ଼ିଛି ଉଦ୍ୟାନ। ସଫେଇ ଓ ଯତ୍ନର ଅଭାବରୁ ପରିକ୍ରମା ମାର୍ଗର ସୌନ୍ଦର୍ଯ୍ୟ ଧୀରେ ଧୀରେ ମଳିନ ପଡୁଥିବା ଅଭିଯୋଗ ହୋଇଛି। କୋଟି କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପର ରକ୍ଷଣାବେକ୍ଷଣ ନେଇ ଏବେ ଦାୟିତ୍ୱବୋଧ ଉପରେ ପ୍ରଶ୍ନ ଉଠିଛି। ଆମ୍ ଆଦ୍‌ମୀ ପାର୍ଟି (ଆପ୍)ର ପୁରୀ ଜିଲ୍ଲା ସଭାପତି ସଞ୍ଜୀବ କୁମାର ମହାନ୍ତି ଶନିବାର ପରିକ୍ରମା ମାର୍ଗ ପରିଦର୍ଶନ କରି ଉଦ୍ୟାନର ଅବହେଳିତ ଅବସ୍ଥା ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ତୁଳସୀ ଭଳି ପବିତ୍ର ଗଛର ଯତ୍ନ ନିଆଯାଉ ନ ଥିବାବେଳେ ଘାସ ଓ ଅନାବନା ଗଛ ବଢ଼ି ବଗିଚାର ରୂପ ବଦଳାଇ ଦେଇଥିବା ସେ ଅଭିଯୋଗ କରିଛନ୍ତି। ଏଥିପ୍ରତି ଶ୍ରୀମନ୍ଦିର ପ୍ରଶାସନ ତୁରନ୍ତ ଦୃଷ୍ଟି ଦେବା ସହ ରକ୍ଷଣାବେକ୍ଷଣ ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ସେ ଦାବି କରିଛନ୍ତି।

ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସୁଥିବା ଭକ୍ତଙ୍କୁ ଆବଶ୍ୟକ ସେବା ଓ ସୁବିଧା ଯୋଗାଇଦେବା ଉଦ୍ଦେଶ୍ୟରେ ବିଜେଡି ସରକାର ସମୟରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ପରିକଳ୍ପନା କରାଯାଇଥିଲା। ବହୁ ବାଧାବିଘ୍ନ ପରେ ନିର୍ମିତ ଏହି ପ୍ରକଳ୍ପ ଏବେ ଶ୍ରଦ୍ଧାଳୁଙ୍କ ପାଇଁ ବେଶ୍ ସହାୟକ ହେଉଛି। ମନ୍ଦିର ଚାରିପାଖରେ ସୁବିଧାରେ ପରିକ୍ରମା କରିବା ସହ ଖୋଲା ସ୍ଥାନରେ ବସି ଭକ୍ତମାନେ ମହାପ୍ରଭୁଙ୍କୁ ନିଜ ମନର କଥା ଜଣାଇପାରୁଛନ୍ତି। ବଡ଼ଦେଉଳ ଚାରିପାଖର ବିଭିନ୍ନ ସ୍ଥାନରୁ ଠିଆ ହୋଇ କିମ୍ବା ବସି ନୀଳଚକ୍ରରେ ବାନା ପରିବର୍ତ୍ତନର ମନୋରମ ଦୃଶ୍ୟ ଉପଭୋଗ କରିବାର ସୁଯୋଗ ମଧ୍ୟ ମିଳୁଛି। ଏଥିସହ ଭକ୍ତଙ୍କ ପାଇଁ ଜୋତା ଓ ମୋବାଇଲ୍ ରଖିବା ଷ୍ଟାଣ୍ଡ, ଶୌଚାଳୟ ଏବଂ ପାନୀୟ ଜଳ ଭଳି ମୌଳିକ ସୁବିଧାର ବ୍ୟବସ୍ଥା କରାଯାଇଛି। ପରିକ୍ରମା ମାର୍ଗକୁ ଆହୁରି ସୁନ୍ଦର ଓ ଆକର୍ଷଣୀୟ କରିବା ପାଇଁ ବିଭିନ୍ନ ପ୍ରକାର ଫୁଲ ଗଛ, ଅନ୍ୟାନ୍ୟ ଚାରା ସହ ମହାପ୍ରଭୁଙ୍କ ପ୍ରିୟ ତୁଳସୀ ଗଛ ଲଗାଯାଇ ବଗିଚା ସୃଷ୍ଟି କରାଯାଇଥିଲା। ଆରମ୍ଭରେ ଏହି ଉଦ୍ୟାନ ପରିକ୍ରମା ମାର୍ଗର ସୌନ୍ଦର୍ଯ୍ୟକୁ ବଢ଼ାଇବା ସହ ଭକ୍ତଙ୍କୁ ଆକର୍ଷିତ କରୁଥିଲା। କିନ୍ତୁ ଏବେ ଏହାର ରକ୍ଷଣାବେକ୍ଷଣକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ସଞ୍ଜୀବଙ୍କ ଅଭିଯୋଗ ଅନୁଯାୟୀ, କୋଟି କୋଟି ଟଙ୍କା ବ୍ୟୟରେ ଏହି ପ୍ରକଳ୍ପ ନିର୍ମାଣ କରାଯାଇଛି। ଏହାକୁ ଆକର୍ଷଣୀୟ କରିବା ପାଇଁ ସୁନ୍ଦର ଉଦ୍ୟାନ ତିଆରି କରାଯାଇ ବିଭିନ୍ନ ପ୍ରକାର ଫୁଲ ଓ ତୁଳସୀ ଚାରା ଲଗାଯାଇଥିଲା। ହେଲେ ଗଛ ଏବେ ନାରାୟଣ ହେବାକୁ ବସିଛି। ବିଶେଷକରି ମହାପ୍ରଭୁଙ୍କ ପୂଜାରେ ଅତ୍ୟନ୍ତ ମହତ୍ତ୍ୱ ରଖୁଥିବା ତୁଳସୀ ଗଛର ଅବସ୍ଥା ଚିନ୍ତାଜନକ ହୋଇପଡ଼ିଛି। ଉପଯୁକ୍ତ ଯତ୍ନ ନିଆଯାଉ ନ ଥିବାରୁ ତୁଳସୀ ଗଛଗୁଡ଼ିକ ଶୁଖି ନାରାୟଣ ହୋଇଯାଉଥିବା ବେଳେ ବଗିଚା ଭିତରେ ଅନାବନା ଘାସ ଓ ଗଛ ବଢ଼ି ଚାଲିଛି। ଏହାଦ୍ୱାରା ଉଦ୍ୟାନର ସୌନ୍ଦର୍ଯ୍ୟ ନଷ୍ଟ ହେବା ସହ ପରିକ୍ରମା ମାର୍ଗର ପରିବେଶ ମଧ୍ୟ ଅବହେଳିତ ଦେଖାଯାଉଛି। ଏହି ଉଦ୍ୟାନର ରକ୍ଷଣାବେକ୍ଷଣ କେଉଁ ସଂସ୍ଥା କିମ୍ବା କମ୍ପାନୀକୁ ଦିଆଯାଇଛି ଏବଂ ସମ୍ପୃକ୍ତ ସଂସ୍ଥା ନିଜ ଦାୟିତ୍ୱ ଠିକ୍ ଭାବେ ତୁଲାଉଛି କି ନାହିଁ, ତାହାର ତଦାରଖ ହେଉଛି କି ନାହିଁ ବୋଲି ସଞ୍ଜୀବ ପ୍ରଶ୍ନ ଉଠାଇଛନ୍ତି। ଏତେ ବଡ଼ ଧାର୍ମିକ ଓ ପର୍ଯ୍ୟଟନସ୍ଥଳୀର ରକ୍ଷଣାବେକ୍ଷଣରେ ଏଭଳି ଅବହେଳା କାହିଁକି ବୋଲି ସେ ମତ ଦେଇଛନ୍ତି। ତାଙ୍କ କହିବା ଅନୁସାରେ, ତୁଳସୀ ଗଛର ଧାର୍ମିକ ମହତ୍ତ୍ୱ ରହିଛି ଏବଂ ଏହା ମହାପ୍ରଭୁଙ୍କ ଅତ୍ୟନ୍ତ ପ୍ରିୟ। ହିନ୍ଦୁତ୍ୱ ଓ ଧାର୍ମିକ ଭାବନାର କଥା କହୁଥିବା ବିଜେପି ସରକାରଙ୍କ ସମୟରେ ପରିକ୍ରମା ମାର୍ଗରେ ତୁଳସୀ ଗଛର ଏଭଳି ଅବସ୍ଥା ଦୁଃଖଦାୟକ। ଏହି ଅବସ୍ଥାର ସୁଧାର ପାଇଁ ଶ୍ରୀମନ୍ଦିର ପ୍ରଶାସନ ତୁରନ୍ତ ପଦକ୍ଷେପ ନେବା ଉଚିତ୍ ବୋଲି ସେ ଦାବି କରିଛନ୍ତି। ସୂଚନାଥାଉ କି, ପରିକ୍ରମା ମାର୍ଗର ରକ୍ଷଣାବେକ୍ଷଣକୁ ନେଇ ପୂର୍ବରୁ ମଧ୍ୟ ଅଭିଯୋଗ ସାମ୍ନାକୁ ଆସିଥିଲା। ପରିସରରେ ଆବର୍ଜନା ଗଦା ହେବା ସହ ଭକ୍ତଙ୍କ ପାଇଁ ପାନୀୟ ଜଳ ଯୋଗାଣ ନିମନ୍ତେ ରହିଥିବା ଷ୍ଟାଣ୍ଡପୋଷ୍ଟ ଭାଙ୍ଗି ଅଚଳ ହୋଇପଡ଼ିଥିବା ଦେଖିବାକୁ ମିଳିଥିଲା। ହେଲେ ବର୍ଷେରୁ ଅଧିକ ସମୟ ଧରି ଷ୍ଟାଣ୍ଡପୋଷ୍ଟ ମରାମତି ହୋଇନାହିଁ। ଏବେ ତୁଳସୀ ଗଛ ନାରାୟଣ ହେବା ଓ ବଗିଚାର ଅବହେଳିତ ଅବସ୍ଥାକୁ ନେଇ ଭକ୍ତଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଉଛି।

ଭାଗବତର ପ୍ରଚାରପ୍ରସାର ସରକାରଙ୍କ ସଂକଳ୍ପ ହେଉ

ପୁରୀ,୩୧।୧୦(ସମିସ): ଓଡ଼ିଶାରେ ଆଧ୍ୟାତ୍ମିକ ଜନଜାଗରଣ ପାଇଁ ସରକାର ଗାଁ ଗାଁରେ ଭାଗବତ ଟୁଙ୍ଗିର ପୁନରୁଦ୍ଧାର ସହ ଭାଗବତର ପ୍ରଚାରପ୍ରସାର ପାଇଁ ସଂକଳ୍ପବଦ୍ଧ ହୁଅନ୍ତୁ ବୋଲି କହିଛନ୍ତି ବିଧାୟକ ସୁନୀଲ ମହାନ୍ତି। ଓଡ଼ିଶା ଯୁବ ଚେତନା ସଂଗଠନ ପକ୍ଷରୁ ହାଡ଼ଗୋଡ଼ିଆ ସାହି, ରାଧାଗୋବିନ୍ଦ ଲେନ୍‌ର ଘରେ ଘରେ ଭାଗବତକୁ ବିଧାୟକ ଶ୍ରୀ ମହାନ୍ତି ଉଦ୍‌ଘାଟନ କରିଥିଲେ। ଏଥିରେ ଭାଗବତ ଭାଷ୍ୟକାର ଡ. ବଦ୍ରି ମିଶ୍ର ଓ ପ୍ରବଚିକା ନିର୍ମଳା ଫତେସିଂହ ଯୋଗଦେଇ ଏକ ଶୃଙ୍ଖଳିତ ସମାଜ ପାଇଁ ଭାଗବତର ଉପାଦେୟତା ଉପରେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ସନ୍ଧ୍ୟାରାଣୀ ମହାନ୍ତି, ଅନୀଲ ମହାନ୍ତି, ପ୍ରଦୀପ ପଟ୍ଟନାୟକ, ଉଷାରାଣୀ ମହାନ୍ତି, ପ୍ରଭାତ ପଟ୍ଟନାୟକ, କଳ୍ପନା ପଟ୍ଟନାୟକ, ଅମୂଲ୍ୟ ପଟ୍ଟନାୟକ, ମନସ୍ୱିନୀ ମହାନ୍ତି, ଅନିଷ ପଟ୍ଟନାୟକ, ପ୍ରିୟମ୍ବଦା ପଟ୍ଟନାୟକ, ମୟଙ୍କ ପଟ୍ଟନାୟକ, ଗୌରବ ପଟ୍ଟନାୟକ, ସୌରଭ ପଟ୍ଟନାୟକ, ସୁଲୋଚନା ମିଶ୍ର, କାଞ୍ଚନ ଦଳାଇ, ମମତା ପଟ୍ଟନାୟକ, ରାଜେନ୍ଦ୍ର ମିଶ୍ର, ରାଜଶ୍ରୀ ମିଶ୍ର, ସୁପ୍ରିୟା ପଟ୍ଟନାୟକ, ପୁଷ୍ପଲତା ନାୟକ, ସନ୍ଧ୍ୟାରାଣୀ ଜେନା, ନିବେଦିତା ସାହୁ, ସଞ୍ଜୁବାଳା ସାହୁ, ପଞ୍ଚାନନ ବେହେରା ଓ ସୁଚିତ୍ରା ମହାନ୍ତି ପ୍ରମୁଖ ଯୋଗଦେଇ ଭାଗବତ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ସୁନନ୍ଦା ପଟ୍ଟନାୟକ ଓ ଉଷାରାଣୀ ମହାନ୍ତି।

ଜୁ ।ଡ୍ଡେ ଉ ଗିରଫ

ପୁରୀ,୩୧।୧୦(ସମିସ): ପୁରୀ ବେଳାଭୂମି ଥାନା ପୁଲିସ ପକ୍ଷରୁ ଜୁଆ ଆଡ୍ଡା ଉପରେ ଚଢ଼ଉ କରାଯାଇ ୨ ଜଣଙ୍କୁ ଗିରଫ କରାଯାଇଛି। ବାଲିନୋଳିଆ ସାହି ନିକଟରେ ତାସ୍ ଖେଳି ଜୁଆ ଚାଲିଥିବା ଖବର ପାଇ ପୁଲିସ ଶନିବାର ସନ୍ଧ୍ୟାରେ ଚଢ଼ଉ କରିଥିଲା। ଗିରଫ ଦୁଇ ଅଭିଯୁକ୍ତ ହେଲେ ହରି ସାହୁ (୫୧) ଓ ରାମଚନ୍ଦ୍ର ନାୟକ। ସେମାନଙ୍କ ନିକଟରୁ ଗୋଟିଏ ପ୍ୟାକେଟ୍ ତାସ୍ ଓ ନଗଦ ୨,୩୮୦ ଟଙ୍କା ଜବତ କରାଯାଇଛି। ଏନେଇ ସି-ବିଚ୍ ଥାନାରେ ମାମଲା ରୁଜୁ ହୋଇଥିବାବେଳେ ଉଭୟଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ପୁଲିସ ପକ୍ଷରୁ ସୂଚନା ମିଳିଛି।

ଜି ।ପାଳଙ୍କ କାର୍ଯ୍ୟାଳୟରେ ରାଷ୍ଟ୍ରୀୟ କତା ଦିବସ



ପୁରୀ,୩୧।୧୦(ସମିସ): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଶନିବାର ଭାରତର ଲୌହ ପୁରୁଷ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ଅବସରରେ 'ରାଷ୍ଟ୍ରୀୟ ଏକତା ଦିବସ' ପାଳିତ ହୋଇଯାଇଛି। ଏହି ଅବସରରେ ଦେଶର ଏକତା, ଅଖଣ୍ଡତା ଏବଂ ସୁରକ୍ଷାକୁ ଅକ୍ଷୁଣ୍ଣ ରଖିବା ପାଇଁ ଏକ ସ୍ୱତନ୍ତ୍ର ଶପଥପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଯୋଗଦେଇ ମହାନ ସ୍ୱାଧୀନତା ସଂଗ୍ରାମୀ ତଥା ଦେଶର ପ୍ରଥମ ଗୃହମନ୍ତ୍ରୀ ସର୍ଦ୍ଦାର ପଟେଲଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି ଅବସରରେ ଉଦ୍‌ବୋଧନ ଦେଇ କହିଥିଲେ ଯେ, ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଅଦମ୍ୟ ସାହସ, ଦୂରଦର୍ଶିତା ଏବଂ ଦୃଢ଼ ନେତୃତ୍ୱ ଯୋଗୁଁ ହିଁ ଦେଶର ଏକୀକରଣ ଏବଂ ଅଖଣ୍ଡତା ସମ୍ଭବ ହୋଇପାରିଥିଲା। ଆଜିର ଏହି ଦିବସ କେବଳ ଏକ ଜୟନ୍ତୀ ନୁହେଁ, ବରଂ ଦେଶର ସଂହତି ଏବଂ ସୁରକ୍ଷା ପାଇଁ ଆମର ପ୍ରତିବଦ୍ଧତାକୁ ପୁନଃପ୍ରକାଶ କରିବାର ଏକ ମହାନ ଅବସର। ଦେଶର ଆଭ୍ୟନ୍ତରୀଣ ସୁରକ୍ଷା ସୁନିଶ୍ଚିତ କରିବା ଏବଂ ଜାତୀୟ ଐକ୍ୟର ବାର୍ତ୍ତାକୁ ପ୍ରତ୍ୟେକ ନାଗରିକଙ୍କ ପାଖରେ ପହଞ୍ଚାଇବା ଆମ ସମସ୍ତଙ୍କ ନୈତିକ ଦାୟିତ୍ୱ ବୋଲି ସେ ମତବ୍ୟକ୍ତ କରିଥିଲେ। ଜିଲ୍ଲାପାଳଙ୍କ ବାର୍ତ୍ତା ପରେ ଏକତା ଶପଥପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାପାଳଙ୍କ ସମେତ ଉପସ୍ଥିତ ସମସ୍ତ ଅଧିକାରୀ ଓ କର୍ମଚାରୀ ରାଷ୍ଟ୍ରର ଏକତା, ଅଖଣ୍ଡତା ଏବଂ ସୁରକ୍ଷାକୁ ବଜାୟ ରଖିବା ପାଇଁ ଦୃଢ଼ ସଂକଳ୍ପ ନେଇ ସତ୍ୟନିଷ୍ଠାର ସହିତ ଶପଥପାଠ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସୁଶାନ୍ତ କୁମାର ପତି, ଭାରପ୍ରାପ୍ତ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଭିଷେକ ବେହେରାଙ୍କ ସମେତ ଜିଲ୍ଲାପାଳ କାର୍ଯ୍ୟାଳୟର ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

'ରନ୍ ଫର୍ ୟୁନିଟି' ମାରାଥନ

ବାଳିକାରେ କୃଷ୍ଣା କାବେରୀ ଓ ବାଳକରେ ଶିବମ୍ ପ୍ରଥମ



ପୁରୀ,୩୧।୧୦(ସମିସ): ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ତଥା ଜାତୀୟ ଏକତା ଦିବସ ଅବସରରେ ଶନିବାର ପୁଲିସ ପକ୍ଷରୁ 'ରନ୍ ଫର୍ ୟୁନିଟି' ଶୀର୍ଷକ ମାରାଥନ ଦୌଡ଼ ଅନୁଷ୍ଠିତ ହୋଇଯାଇଛି। ଏହି ମାରାଥନ୍ ଦିଗବାରେଣୀ ଛକଠାରୁ ଯାତ୍ରିକା ପାର୍କ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟସଭା ସାଂସଦ ଶୁଭାଶିଷ୍ ଖୁଣ୍ଟିଆ, ଏସ୍‌ପି ପ୍ରତୀକ୍ ସିଂ, ପୁରୀ ମହାନଗର ନିଗମ କମିସନର ପ୍ରହ୍ଲାଦ ନାରାୟଣ ଶର୍ମା, ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା ଓ ନୀଳମାଧବ ଭୋଇ, ମହାନଗର ନିଗମ ଯୁଗ୍ମ କମିସନର ଅଭିମନ୍ୟୁ ବେହେରା, କମାଣ୍ଡାଣ୍ଟ ତାପସ ରଞ୍ଜନ ଦାସ, ଉପଜିଲ୍ଲାପାଳ ରାଜକିଶୋର ଜେନାଙ୍କ ସମେତ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଦେବୀଶଙ୍କର ପ୍ରତାପ, ସଚିନ ପଟେଲ, ସୌମ୍ୟରଞ୍ଜନ ମଲ୍ଲିକ, ଉପଆରକ୍ଷୀ ଅଧୀକ୍ଷକ (ସିଟି) ରଶ୍ମି ରଞ୍ଜନ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଏଥିସହ ବରିଷ୍ଠ ସେବାୟତ, ପୁଲିସ ଅଧିକାରୀ ଓ କର୍ମଚାରୀ, ଗଣମାଧ୍ୟମ ପ୍ରତିନିଧି, ସ୍ୱେଚ୍ଛାସେବୀ ଏବଂ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ମାରାଥନରେ ଅଂଶଗ୍ରହଣ କରିଥିଲେ। ଜାତୀୟ ଏକତା, ଅଖଣ୍ଡତା ଓ ସାମାଜିକ ସଂହତିର ବାର୍ତ୍ତାକୁ ଜନସାଧାରଣଙ୍କ ମଧ୍ୟରେ ପହଞ୍ଚାଇବା ସହ ଯୁବପିଢ଼ିଙ୍କ ମଧ୍ୟରେ ଏକତା, ଶୃଙ୍ଖଳା ଓ ଦେଶପ୍ରେମର ଭାବନାକୁ ସୁଦୃଢ଼ କରିବା ଏହି ମାରାଥନର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ମାରାଥନର ବାଳିକା ବିଭାଗରେ କୃଷ୍ଣା କାବେରୀ ପ୍ରଥମ ଓ ରାଜଶ୍ରୀ ନାୟକ ଦ୍ୱିତୀୟ ହୋଇଥିବାବେଳେ ବାଳକ ବିଭାଗରେ ଶିବମ୍ ପ୍ରଧାନ ପ୍ରଥମ ଓ କାର୍ତ୍ତିକ ସ୍ୱାଇଁ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ଶେଷରେ ବିଜୟୀ ପ୍ରତିଯୋଗୀମାନଙ୍କୁ ଟ୍ରଫି ସହ ଅର୍ଥରାଶି ପୁରସ୍କାର ପ୍ରଦାନ କରାଯାଇଥିଲା।

ବିଶ୍ୱମ୍ଭର ବିଦ୍ୟାପୀଠରେ ଗଣତନ୍ତ୍ର ପାଠ

ଜୀବନ୍ତ ହେଲା ବିଧାନସଭାର ଦୃଶ୍ୟ

ପୁରୀ,୩୧।୧୦(ସମିସ)



ପିଏମ୍‌ଶ୍ରୀ ବିଶ୍ୱମ୍ଭର ବିଦ୍ୟାପୀଠ ପକ୍ଷରୁ ବିଦ୍ୟାଳୟ ପରିସରରେ ଏକ ଆକର୍ଷଣୀୟ ବିଦ୍ୟାଳୟସ୍ତରୀୟ ଛାୟା ବିଧାନସଭା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ଶୁଭଶ୍ରୀ ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଧାୟକଙ୍କ ପ୍ରତିନିଧି ଅମୃତ ମିଶ୍ର ମୁଖ୍ୟଅତିଥି ଏବଂ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିଭୂତି ଭୂଷଣ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଏଥିରେ ଛାତ୍ରଛାତ୍ରୀମାନେ ଶାସକ ଓ ବିରୋଧୀ ଦଳର ସଦସ୍ୟ ଭାବେ ବିଧାନସଭାର ବାସ୍ତବ କାର୍ଯ୍ୟଧାରାକୁ ଜୀବନ୍ତ ଭାବେ ଉପସ୍ଥାପନ କରିଥିଲେ। ପ୍ରଶ୍ନକାଳ, ଶୂନ୍ୟକାଳ ଓ ବିଲ୍ ଆଗତ ଭଳି ସଂସଦୀୟ ପ୍ରକ୍ରିୟାରେ ଅଂଶଗ୍ରହଣ କରି ବିରୋଧୀ ଦଳ ପକ୍ଷରୁ ବିଦ୍ୟାଳୟ ଓ ସାମାଜିକ ସମସ୍ୟାଗୁଡ଼ିକୁ ଦୃଢ଼ତାର ସହ ଉତ୍ଥାପନ କରାଯାଇଥିବା ବେଳେ ଶାସକ ଦଳ ପକ୍ଷରୁ ଯୁକ୍ତିଯୁକ୍ତ ଉତ୍ତର ଓ ସମାଧାନର ପ୍ରତିଶ୍ରୁତି ରଖାଯାଇଥିଲା। ଏଥିସହ ପରିବେଶ ସୁରକ୍ଷା, ପ୍ଲାଷ୍ଟିକ୍ ନିୟନ୍ତ୍ରଣ, ଆବର୍ଜନା ପରିଚାଳନା ଓ ଇକୋ କ୍ଲବ୍‌ର ସଶକ୍ତୀକରଣକୁ ନେଇ ବିଲ୍ ଆଗତ ଓ ଆଲୋଚନା କରାଯାଇଥିଲା।

ଏହି ଅଭିନବ ଶିକ୍ଷଣ ପ୍ରୟାସ ମାଧ୍ୟମରେ ଛାତ୍ରଛାତ୍ରୀମାନେ ଗଣତନ୍ତ୍ରର ମୂଲ୍ୟବୋଧ, ସଂସଦୀୟ ପରମ୍ପରା, ଯୁକ୍ତିପୂର୍ଣ୍ଣ ଉପସ୍ଥାପନା ଓ ଆଇନ ପ୍ରଣୟନ ପ୍ରକ୍ରିୟା ସମ୍ପର୍କରେ ପ୍ରତ୍ୟକ୍ଷ ଅନୁଭୂତି ଲାଭ କରିଥିଲେ। ମୁଖ୍ୟଅତିଥି ଓ ମୁଖ୍ୟବକ୍ତା ନିଜ ବକ୍ତବ୍ୟରେ ଏଭଳି କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କ ନେତୃତ୍ୱ, ଆତ୍ମବିଶ୍ୱାସ ଓ ଗଣତାନ୍ତ୍ରିକ ଚେତନାର ବିକାଶରେ ସହାୟକ ହେବ ବୋଲି ମତବ୍ୟକ୍ତ କରିଥିଲେ। ଏଥିରେ ପୁରୀର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ପୁଲିସ ହାଇସ୍କୁଲ ଓ ବଳଗଣ୍ଡି ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ମଧ୍ୟ ନିଜ ନିଜ ଗାଇଡ୍ ଶିକ୍ଷକଙ୍କ ସହ ଯୋଗଦେଇଥିଲେ। ବିଭିନ୍ନ ବିଦ୍ୟାଳୟର ଏହି ସାମୂହିକ ଅଂଶଗ୍ରହଣ କାର୍ଯ୍ୟକ୍ରମକୁ ଆନ୍ତଃବିଦ୍ୟାଳୟସ୍ତରୀୟ ଶିକ୍ଷଣୀୟ ଅନୁଭୂତିର ଏକ ସୁନ୍ଦର ମଞ୍ଚରେ ପରିଣତ କରିଥିଲା। ଶେଷରେ ବିଭିନ୍ନ ବିଭାଗରେ କୃତିତ୍ୱ ଓ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ରଶ୍ମିତା ଦାଶ ମଞ୍ଚ ସଞ୍ଚାଳନ କରିଥିବା ବେଳେ ପ୍ରତାପ କୁମାର ସାହୁ, ଆଶିଷ କୁମାର ଜେନା, ସବ୍ୟସାଚୀ ଦୀକ୍ଷିତ, ଦିବ୍ୟରେଖା ମହାନ୍ତି, ଶୁଭଲକ୍ଷ୍ମୀ ବରାଳ ଓ ଅନିତା ଦାସଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ କାର୍ଯ୍ୟକ୍ରମର ସଫଳ ଆୟୋଜନରେ ସହଯୋଗ କରିଥିଲେ।

ଅନ୍ତର୍ଜାତୀୟ ଶିଶୁ ଶାନ୍ତି ପୁରସ୍କାର ପାଇଁ ଓଡ଼ିଶାର ଆୟୂଷ ମନୋନୀତ

ପୁରୀ,୩୧।୧୦(ସମିସ): ଅନ୍ତର୍ଜାତୀୟ ସ୍ତରରେ ଓଡ଼ିଶା ପାଇଁ ଗୌରବ ଆଣିଛନ୍ତି ଯୁବ କଳାକାର ଆୟୂଷ ମହାପାତ୍ର। ସେ ୨୦୨୬ ମସିହାର ଅନ୍ତର୍ଜାତୀୟ ଶିଶୁ ଶାନ୍ତି ପୁରସ୍କାର ପାଇଁ ନେଦରଲ୍ୟାଣ୍ଡସ୍ଥିତ କିଡ୍ସରାଇଟ୍ସ ପକ୍ଷରୁ ମନୋନୀତ ହୋଇଛନ୍ତି। ଏଥିସହ ସେ ୨୦୨୬ର '୧୮ ଅଣ୍ଡର ୧୮ ଆୱାର୍ଡ' ମଧ୍ୟ ହାସଲ କରିଛନ୍ତି। ଆୟୂଷଙ୍କ 'ପ୍ରୋଜେକ୍ଟ ଇନ୍ଦ୍ରଧନୁ' ମାଧ୍ୟମରେ ଓଡ଼ିଶାର ପାଞ୍ଚଟି ଜିଲ୍ଲାର ୬ ହଜାରରୁ ଅଧିକ ଶିଶୁଙ୍କ ନିକଟରେ କଳା ଓ ସୃଜନଶୀଳ ଶିକ୍ଷା ପହଞ୍ଚିପାରିଛି। ଏହି ପ୍ରକଳ୍ପ ଅଧୀନରେ ୨୦ରୁ ଅଧିକ କର୍ମଶାଳା ଆୟୋଜନ କରାଯାଇଛି। ପ୍ରତ୍ୟେକ ବିଦ୍ୟାଳୟରେ କଳା ଶିକ୍ଷାକୁ ଗୁରୁତ୍ୱ ଦେବା, ପ୍ରଶିକ୍ଷିତ କଳା ଶିକ୍ଷକ ନିଯୁକ୍ତି ଏବଂ ଶିଶୁଙ୍କ ଲୁକ୍କାୟିତ ପ୍ରତିଭାର ବିକାଶ ଏହି ପ୍ରକଳ୍ପର ମୁଖ୍ୟ ଲକ୍ଷ୍ୟ। ଆୟୂଷଙ୍କ ଏହି ଉଦ୍ୟମ ଓଡ଼ିଶାର କଳା ଶିକ୍ଷା ଓ ଶିଶୁଙ୍କ ସୃଜନଶୀଳ ବିକାଶ କ୍ଷେତ୍ରରେ ନୂଆ ଆଶା ସୃଷ୍ଟି କରିଛି।

ରାଷ୍ଟ୍ରୀୟ ଏକତା ଦିବସ ପାଳିତ

ରାଷ୍ଟ୍ର ନିର୍ମାଣରେ ଯୁବଶକ୍ତିର ଭୂମିକା ଗୁରୁତ୍ୱପୂର୍ଣ୍ଣ

ପୁରୀ,୩୧।୧୦(ସମିସ): ଲୌହପୁରୁଷ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୧ତମ ଜୟନ୍ତୀ ଅବସରରେ ସମ୍ପର୍କ ପକ୍ଷରୁ ମାଇଁ ଭାରତ ସହଯୋଗରେ ସୂରଜମଲ୍ଲ ଶାହା ମହାବିଦ୍ୟାଳୟରେ ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଯାଇଛି। 'ଜାତୀୟ ଏକତା, ଅଖଣ୍ଡତା ଓ ରାଷ୍ଟ୍ର ନିର୍ମାଣରେ ଯୁବଶକ୍ତିର ଭୂମିକା' ବିଷୟବସ୍ତୁକୁ ନେଇ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ, ଶିକ୍ଷାବିତ୍ ଓ ଅତିଥିମାନେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଧନୁର୍ଦ୍ଧର ମୁଦୁଲିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ସମ୍ପର୍କର ସାଧାରଣ ସମ୍ପାଦକ ସୌମେନ୍ଦ୍ର ଦାସ ମଞ୍ଚ ସଂଯୋଜନା କରିବା ସହ ନିଜ ବକ୍ତବ୍ୟରେ ସର୍ଦ୍ଦାର ପଟେଲଙ୍କ ଜୀବନୀ ଓ ଦେଶର ଏକୀକରଣରେ ତାଙ୍କ ଅବଦାନକୁ ସ୍ମରଣ କରିଥିଲେ। ଅଧ୍ୟକ୍ଷ ଶ୍ରୀ ମୁଦୁଲି ଜାତୀୟ ଏକତା ଓ ଅଖଣ୍ଡତାର ଗୁରୁତ୍ୱ ଉପରେ ଆଲୋକପାତ କରିବା ସହ ଯୁବପିଢ଼ି ଦେଶର ଭବିଷ୍ୟତ ନିର୍ମାଣରେ ସକ୍ରିୟ ଭୂମିକା ନେବାକୁ ଆହ୍ୱାନ ଦେଇଥିଲେ।

ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ସନ୍ତୋଷ କୁମାର ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗଦେଇ ଜାତୀୟ ଏକତା, ରାଷ୍ଟ୍ର ନିର୍ମାଣ ଓ ଦେଶର ସାମ୍ବିଧାନିକ ମୂଲ୍ୟବୋଧର ସୁରକ୍ଷା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଜିଲ୍ଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ, ଅଧ୍ୟାପିକା ସୁଜାତା ବେହେରା ଅତିଥି ଭାବେ ଯୋଗଦେଇ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୀବନାଦର୍ଶ ଅନୁକରଣ କରିବାକୁ ଛାତ୍ରଛାତ୍ରୀମାନଙ୍କୁ ଆହ୍ୱାନ କରିଥିଲେ। ମୁଖ୍ୟଅତିଥି ଭାବେ ପୁରୀ କୋଣାର୍କ ଉନ୍ନୟନ ପରିଷଦର ସଚିବ ଦିଲ୍ଲୀପ କୁମାର ମହାରଣା ଜାତୀୟ ଏକତା, ସାମାଜିକ ସଦ୍‌ଭାବନା ଓ ରାଷ୍ଟ୍ର ନିର୍ମାଣରେ ଯୁବପିଢ଼ିର ଦାୟିତ୍ୱ ସମ୍ପର୍କରେ ମତ ରଖିଥିଲେ। ପ୍ରାରମ୍ଭରେ ଛାତ୍ରଛାତ୍ରୀମାନେ ରାଷ୍ଟ୍ରୀୟ ଏକତା ଶପଥପାଠ କରିଥିଲେ। ଆଲୋଚନାଚକ୍ର ଶେଷରେ ସୂରଜମଲ୍ଲ ଶାହା ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା, ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ତଥା ସୂରଜ ମଲ୍ଲ ଶାହା ଛାତ୍ର ସଂସଦର ଛାତ୍ରଛାତ୍ରୀ ଏକତା ପଦଯାତ୍ରାରେ ଯାଇଥିଲେ। ଅଧ୍ୟାପକ ଅଜିତ୍ କୁମାର ଦଳାଇ ଅତିଥି ପରିଚୟ ପ୍ରଦାନ କରିବା ସହ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଉପସ୍ଥାପନ କରିଥିଲେ। ଶେଷରେ ଡ. ସୁଦର୍ଶନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ନରେଶ ବେହେରା, ତାପସ ମହାନ୍ତି, ବିଶ୍ୱନାଥ ଦଳେଇ, ସତ୍ୟନାରାୟଣ ଦାସ, ସୌମ୍ୟରଞ୍ଜନ ସାହୁ, ଅଙ୍କିତ୍ ତ୍ରିପାଠୀ, ଶୁଭ୍ର ସ୍ୱରୂପ ମହାପାତ୍ର, ଶୁଭପ୍ରସାଦ ଶର୍ମା, ଓମ୍ ପ୍ରିନ୍ସ ଭୂୟାଁ, ବିଭୁ ପ୍ରସାଦ ସେଠୀ, ରାଜେଶ ନନ୍ଦ, ବାସୁଦେବ ସେନାପତି, ରାକେଶ ସେଠୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ବିଭିନ୍ନ ସ୍ଥାନରେ ରାଷ୍ଟ୍ରୀୟଏକତା ଦିବସ

ଦେଶର ଏକତା, ଅଖଣ୍ଡତା ଓ ସାର୍ବଭୌମତ୍ୱକୁ ବଜାୟ ରଖିବାକୁ ଆହ୍ୱାନ

ଭବାନୀପାଟଣା, ୩୧।୧୦(ସମିସ)





ଶନିବାର ଲକ୍ଷ୍ମୀ ବିକାଶ ଶିକ୍ଷାନୁଷ୍ଠାନ ତରଫରୁ ଜାତୀୟ ଏକତା ଦିବସ ଆୟୋଜିତ ହୋଇଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ରାଲିରେ ବିକାଶ ଆବାସିକ ବିଦ୍ୟାଳୟର ଛାତ୍ରଛାତ୍ରୀ, ଏନ୍‌ସିସି ଦଳ, ଜୁନିଅର ରେଡକ୍ରସ, ଇକୋ-କ୍ଲବ, ବିକାଶ ହାୟର ସେକେଣ୍ଡାରୀ ସ୍କୁଲ, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଏନ୍‌ଏସ୍‌ଏସ୍ କୋ ୟୁନିଟ୍, ବିକାଶ ଡିଗ୍ରୀ କଲେଜ, ବିକାଶ ଡିଗ୍ରୀ ଏନଏସଏସ ୟୁନିଟ୍, ବିବିଏ ବିସିଏ, ବିକାଶ ନର୍ସିଂ, ସତ୍ୟସାଇ ଶିକ୍ଷାନୁଷ୍ଠାନ, ଶାସ୍ତ୍ରୀଜି ଶିକ୍ଷାନୁଷ୍ଠାନ, ଗ୍ରୀନଭ୍ୟାଲି ପବ୍ଲିକ ସ୍କୁଲ ସହ ମାରୱାଡି ଯୁବମଞ୍ଚ, ମାରୱାଡି ଜାଗୃତି ମହିଳା ମଞ୍ଚ, କଳାହାଣ୍ଡି ଦଳିତ ମଞ୍ଚ ସହ କଳାହାଣ୍ଡିର ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ଅଂଶଗ୍ରହଣ କରିଥିଲେ। ମୁଖ୍ୟଅତିଥି ଅତିରିକ୍ତ ଜିଲ୍ଲାପାଳ ତନ୍ମୟ ଦରୁଆନ, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା କ୍ରୀଡ଼ା ଅଧିକାରୀ ସନାତନ ମହାରଣାଙ୍କ ସମେତ ଲକ୍ଷ୍ମୀ ବିକାଶ ଅନୁଷ୍ଠାନର ମୁଖ୍ୟ ଶିକ୍ଷା ଅଧିକାରୀ ଡି. ବିଜୟା, ଡି. ପଦ୍ମିନୀ, ମୁଖ୍ୟ ପ୍ରଶାସକ ଯୁବରାଜ ନାୟକଙ୍କ ସମେତ ସମସ୍ତ ବିଭାଗର ଅଧ୍ୟକ୍ଷ, ଉପାଧ୍ୟକ୍ଷ ମଞ୍ଚାସୀନ ଥିଲେ। ମୁଖ୍ୟଅତିଥି ଶ୍ରୀ ଦରୁଆନ ଦେଶର ଏକତ୍ରିକରଣରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ।

ଭବାନୀପାଟଣା : ସ୍ଥାନୀୟ ସ୍ୱାମୀ ବିବେକାନନ୍ଦ ପବ୍ଲିକ ସ୍କୁଲ ପରିସରରେ ଲୌହ ମାନବ ସର୍ଦ୍ଦାର ଭଲ୍ଲଭ ଭାଇ ପଟେଲ ଜୟନ୍ତୀ ତଥା 'ରାଷ୍ଟ୍ରୀୟ ଏକତା ଦିବସ' ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ସ୍କୁଲର ଅଧ୍ୟକ୍ଷ ତଥା ପ୍ରତିଷ୍ଠାତା ଶିବରାମ ନାୟକ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ସେ ନିଜ ଅଭିଭାଷଣରେ ଦେଶର ଏକତା, ଅଖଣ୍ଡତା ଓ ସାର୍ବଭୌମତ୍ୱକୁ ବଜାୟ ରଖିବା ପାଇଁ ସମସ୍ତଙ୍କୁ ପ୍ରେରିତ କରିଥିଲେ।

ଭବାନୀପାଟଣା : କଳାହାଣ୍ଡି ଜିଲ୍ଲା କୁର୍ମି କ୍ଷତ୍ରୀୟ ଅଞ୍ଚଳ ସଂସ୍ଥା ପକ୍ଷରୁ ଆଜି ଏକ ଶୋଭାଯାତ୍ରା ପୁରୁଣା ପଡ଼ାରୁ ବାହାରି ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ପ୍ରତିମୂର୍ତ୍ତି ପଯର୍ଯ୍ୟନ୍ତ ଯାଇଥିଲା। ଅଞ୍ଚଳ ସଭାପତି ଅଶ୍ୱିନୀ ପ୍ରଧାନ ପୌରୋହିତ୍ୟ କରିଥିବାବେଳେ ଗୁଜରାଟରୁ ଆସିଥିବା ସମାଜସେବୀ ପଙ୍କଜ ସଂଘମ୍ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସ୍ମୃତି ଚାରଣ କରିଥିଲେ। କୁଳାଧିପତି ମହେଶ୍ୱର ପ୍ରଧାନ, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଗଙ୍ଗାଧର ପ୍ରଧାନ, ସିଦ୍ଧାର୍ଥ ନାୟକ, ପ୍ରତାପ ପ୍ରଧାନ, ସନ୍ତୋଷ ପ୍ରଧାନ, ଦୁଃଖିଶ୍ୟାମ ପ୍ରଧାନ, ଅମିତ୍ ନାୟକ, ଶିବରାମ ପ୍ରଧାନ, କୃଷ୍ଣଚନ୍ଦ୍ର ପ୍ରଧାନ, ମଙ୍ଗଲୁ ପ୍ରଧାନ, ପରଖିତ ବିଶ୍ୱାଳ, ଧର୍ମେନ୍ଦ୍ର ପ୍ରଧାନ, ସୁରେନ୍ଦ୍ର ନାୟକ, ସୀତାକାନ୍ତ ପ୍ରଧାନ, ଦେବରାଜ ପ୍ରଧାନ, ନବୀନ ନାୟକ, ମଳୟ ବିହାରୀ ନାୟକ ନାୟକ, ସୁଦାମ ପ୍ରଧାନ, ମହିଳା ସଭାନେତ୍ରୀ ସବିତା ପ୍ରଧାନ, କାଉନସିଲର ରଞ୍ଜୁକ୍ତା ପ୍ରଧାନ, ଶିକ୍ଷୟତ୍ରୀ ସ୍ୱପ୍ନା ପ୍ରଧାନ, ମିନତୀ କୁମାରୀ ପ୍ରଧାନ, ଜୟନ୍ତୀ ନାୟକ, ଜୋସ୍ନା ରାଣୀ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

ଗୋଲାମୁଣ୍ଡା : ରାଷ୍ଟ୍ରୀୟ ଏକତା ଦିବସ ଏବଂ ଓଡ଼ିଶା ନିଶାମୁକ୍ତ ଦିବସ ଉପଲକ୍ଷେ ମହାଲିଙ୍ଗ ଆଞ୍ଚଳିକ ବିଜ୍ଞାନ ମହାବିଦ୍ୟାଳୟ ଓ ସ୍ନାତକ ମହାବିଦ୍ୟାଳୟ ପକ୍ଷରୁ ଏକ ମିନି ମାରାଥନ ଆୟୋଜନ କରାଯାଇଥିଲା। ଏହି ମାରାଥନ ମାଧ୍ୟମରେ ଜାତୀୟ ଏକତା, ଭାଇଚାରା ଓ ନିଶାମୁକ୍ତ ସମାଜ ଗଠନର ବାର୍ତ୍ତା ପ୍ରଚାର କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସ୍ନାତକ ମହାବିଦ୍ୟାଳୟର ଅଧ୍ୟକ୍ଷ ଅଶ୍ୱିନ କୁମାର ବାଗ, ଆଞ୍ଚଳିକ ମହାବିଦ୍ୟାଳୟର ଅଧ୍ୟକ୍ଷ ରଞ୍ଜିତ କୁମାର ସାହୁ ଏବଂ କେଗାଁ ଥାନା ଭାରପ୍ରାପ୍ତ ଅଧିକାରୀ ସଙ୍ଗୀତା ବେକ ପ୍ରମୁଖ ଉପସ୍ଥିତ ରହିଥିଲେ। ଯୁବପିଢ଼ିଙ୍କୁ ନିଶା ସେବନ ଠାରୁ ଦୂରେଇ ରହିବା ସହ ଏକ ସୁସ୍ଥ, ସୁନ୍ଦର ଓ ଶୃଙ୍ଖଳିତ ସମାଜ ଗଠନରେ ସହଯୋଗ କରିବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ।

ଲାଞ୍ଜିଗଡ଼ ଥାନାରେ ରାଷ୍ଟ୍ରୀୟ ଏକତା ଦିବସ ପାଳିତ

ଲାଞ୍ଜିଗଡ଼, ୩୧।୧୦(ସମିସ): ଲାଞ୍ଜିଗଡ଼ ଥାନା ପରିସରରେ ଲୌହ ମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୟନ୍ତୀ ଅବସରରେ ଏକତା ଦିବସ ପାଳିତ ହୋଇଯାଇଛି। ଲାଞ୍ଜିଗଡ଼ ଥାନାଧିକାରୀ ଯଶୋବନ୍ତ ହିଆଲଙ୍କ ନେତୃତ୍ୱରେ ଥାନାର କର୍ମଚାରୀଙ୍କ ସମେତ ନର୍ଲା ଲାଞ୍ଜିଗଡ଼ ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ମାନେ ହାତରେ ଏକତା ଦିବସର ବ୍ୟାନର ଧରି ଲାଞ୍ଜିଗଡ଼ ଆଶ୍ରମପଡ଼ା ଠାରୁ ଥାନା ଯାଏଁ ଏକ ଶୋଭାଯାତ୍ରାରେ ଆସି ଅଞ୍ଚଳବାସୀଙ୍କୁ ଏକତାର ବାର୍ତ୍ତା ଦେଇଥିଲେ। ଏହାପରେ ଥାନା ପରିସରରେ ଲାଞ୍ଜିଗଡ଼ ଅଞ୍ଚଳର କାର୍ତ୍ତିକ ଓଡ଼ିଆ, ଶ୍ରୀମୁଖ ଅଗସ୍ତି, ଉଗ୍ରସେନ ନାଗ ସମେତ ମାନ୍ୟଗଣ୍ୟ ବ୍ୟକ୍ତି ଦେଶ ମାତୃକାର ସେବା କରିବା ପାଇଁ ଶପଥ ପାଠ କରିଥିଲେ। ଲାଞ୍ଜିଗଡ଼ ଥାନା ଏଏସ୍‌ଆଇ ବଳଭଦ୍ର ଗୌଡ଼, ଏଏସ୍‌ଆଇ ନିତିନ ଚତୁରବେଦି, ଏଏସଆଇ ସ୍ୱର୍ଣ୍ଣଲତା ଗମାଙ୍ଗ, ଦିସେମ୍ବର ସାହୁ, ସସ୍ମିତା ସା, ସବିତା ସାହୁ, ପ୍ରତାପ କୁମାର ଭୋଇଙ୍କ ସମେତ ସମସ୍ତ କନେଷ୍ଟବଳ ଓ ଆଇଆରବି ପ୍ରମୁଖ ସହଯୋଗ କରିଥିଲେ। ଥାନାଧିକାରୀ ହିଆଲ ଧନ୍ୟବାଦ ଅର୍ପଣ କରିଥିଲେ।

ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା



କର୍ଲାମୁଣ୍ଡା, ୩୧।୧୦(ସମିସ): କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ରିଷିଡ଼ା ବାପୁଜି ମିନିଷ୍ଟାଡିୟମଠାରେ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ନର୍ଲା ବିଧାୟିକା ମନୋରମା ମହାନ୍ତି, ମୁଖ୍ୟ ବକ୍ତା ଭାବେ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ନିରଦ ଚନ୍ଦ୍ର କହଁର, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା କୁନି ସାହୁ, ଜିଲ୍ଲା ମୁଖ୍ୟ ମତ୍ସ୍ୟ ଅଧିକାରୀ ଜ୍ଞାନରଞ୍ଜନ ସେଠୀ, ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ସନ୍ୟାସୀ ଶତପଥୀ, କର୍ଲାମୁଣ୍ଡା ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. କେଦାର ନାଥ ଖମାରୀ, ବ୍ଲକ ସହକାରୀ ମତ୍ସ୍ୟ ଅଧିକାରୀ ଶକ୍ତିକାନ୍ତ ବେହେରା, ରିଷିଡ଼ା ସରପଞ୍ଚ ସେବତୀ ରଣା, ଜିଲ୍ଲା ପରିଷଦ ସଭ୍ୟ ସୁରେଶ ଚୌଧୁରୀ, ମାଲପଡ଼ା ସରପଞ୍ଚ ବରୁଣ ଛତ୍ରିଆ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ବିଭିନ୍ନ ସରକାରୀ ଯୋଜନାରେ ସାମିଲ ହୋଇ ସଫଳତା ଅର୍ଜନ କରିଥିବା ମହିଳା ଚାଷୀ ବୈଜୟନ୍ତୀ ସାହୁ, ପ୍ରଫୁଲ୍ଲ କୁମାର ସାହୁ, ଦୟା ନିଧି ମାଝୀ, ଦତ୍ତାପ୍ରୟ ନାଏକଙ୍କୁ ସମ୍ମାନିତ କରାଯାଇଥିଲ। କାର୍ଯ୍ୟକ୍ରମରେ ପ୍ରାଣୀ ନିରୀକ୍ଷକ ଶୁଶାନ୍ତ କୁମାର ମିଶ୍ର ସଂଯୋଜନା କରିଥିଲେ ଓ କେଦାର ନାଥ ଖମାରୀ ସ୍ୱାଗତଭାଷଣ ଦେଇଥିବାବେଳେ ବ୍ଲକ ସହକାରୀ ମତ୍ସ ଅଧିକାରୀ ଶକ୍ତିକାନ୍ତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ବ୍ଲକର ବିଭିନ୍ନ ଅଞ୍ଚଳରୁ ମହିଳା ପୁରୁଷ ଚାଷୀମାନେ ଅଂଶଗ୍ରହଣ କରିଥିଲେ।

ଘରେ ପଶି ଛେଳି ଓ ବତକ ଶିକାର କଲା ବାଘ

ନୂଆପଡ଼ା, ୩୧।୧୦(ସମିସ): ନୂଆପଡ଼ା ଓ ଛତିଶଗଡ଼ ଜିଲ୍ଲା ସୀମାନ୍ତବର୍ତ୍ତୀ ଗ୍ରାମାଞ୍ଚଳରେ ଚିତାବାଘର ଆତଙ୍କ କମିବାର ନାଁ ନେଉନାହିଁ। ନିକଟରେ ଛତିଶଗଡ଼ ଜିଲ୍ଲାର ମହାସମୁନ୍ଦ ଜିଲ୍ଲାର ପଣ୍ଡରିପାଣି ଗ୍ରାମର ଲକ୍ଷ୍ମୀନାରାୟଣ ଯାଦବ ଜଙ୍ଗଲକୁ କାଠ ସଂଗ୍ରହ କରିବାକୁ ଯାଇଥିବା ସମୟରେ ଚିତାବାଘ ତାଙ୍କୁ ଆକ୍ରମଣ କରିଥିଲା। ସେହି ଆକ୍ରମଣର କ୍ଷତ ଶୁଖି ନ ଥିବାବେଳେ ପୁଣି ଥରେ ସେହି ଗାଁରେ ଚିତାବାଘ ପଶି ଆସି ବ୍ୟାପକ କ୍ଷୟକ୍ଷତି ଘଟାଇଛି। ଲଗାତାର ଆକ୍ରମଣ ଯୋଗୁଁ ପଣ୍ଡରିପାଣି ସମେତ ସମଗ୍ର ଅଞ୍ଚଳରେ ଭୟ ଓ ଆତଙ୍କର ବାତାବରଣ ସୃଷ୍ଟି ହୋଇଛି। ଶୁକ୍ରବାର ରାତିରେ ଚିତାବାଘ ପଣ୍ଡରିପାଣି ଗ୍ରାମର ଦୁଇଟି ଅଲଗା ଅଲଗା ଘରକୁ ଟାର୍ଗେଟ କରିଥିଲା। ପ୍ରଥମେ ଚୈତରାମ ପାଣ୍ଡେଙ୍କ ଘରେ ପଶି ଏକ ବତକକୁ ମାରି ଖାଇଥିଲା। ଏହାପରେ ପାଖରେ ରହୁଥିବା କୁସନୋ ପାଣ୍ଡେଙ୍କ ବାଡ଼ିରେ ଥିବା ଛେଳି ଗୁହାଳରେ ପଶି ଶିକାର କରିଥିଲା। ଗ୍ରାମବାସୀଙ୍କ କହିବା ଅନୁଯାୟୀ, ଅଞ୍ଚଳରେ ଚିତାବାଘର ଅବାଧ ଚଳପ୍ରଚଳ ଯୋଗୁଁ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ଲାଗି ରହିଛି। ଅକ୍ଟୋବର ୩ ତାରିଖରେ ଲକ୍ଷ୍ମୀନାରାୟଣ ଯାଦବଙ୍କ ଉପରେ ଚିତାବାଘ ଆକ୍ରମଣ କରିଥିଲା। ଏହାର ପରଦିନ ପଡ଼ୋଶୀ ଗାଁ ଝିଟିକିରେ ଗୋଟିଏ ପରିବାରର ୬ ଜଣ ସଦସ୍ୟଙ୍କ ଉପରେ ମଧ୍ୟ ଚିତାବାଘ ଆକ୍ରମଣ କରିଥିଲା।

ଗଞ୍ଜେଇ ଜବତ; ଦୁଇ ଗିରଫ



ନୂଆପଡ଼ା, ୩୧।୧୦(ସମିସ): ନୂଆପଡ଼ା ଜିଲ୍ଲା ସିନାପାଲି ଅବକାରୀ ବିଭାଗ ପାଟ୍ରୋଲିଙ୍ଗ କରୁଥିବାବେଳେ ଗଞ୍ଜେଇ ଜବତ କରିବା ସହ ଦୁଇଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ମଧ୍ୟପ୍ରଦେଶର ବିଦେଶ ପରିହାର ଓ ସୁମିତ ବୋଲି ଜଣାପଡ଼ିଛି। ତାଙ୍କଠାରୁ ୯ କିଲୋ ୫୦୦ ଗ୍ରାମର ଗଞ୍ଜେଇ ଜବତ କରିବା ସହ ସିନାପାଲି ଅବକାରୀ ଥାନାରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି।

କ୍ଲଷ୍ଟରସ୍ତରୀୟ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସଭା

ଗୋଲାମୁଣ୍ଡା, ୩୧।୧୦ (ସମିସ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅଧୀନ ଡୁମେରବାହାଲ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରୁକ୍ମଣୀ ପ୍ରଧାନୀଙ୍କ ଅବସର ଉପଲକ୍ଷେ ବୃନ୍ଦାବାହାଲ କ୍ଲଷ୍ଟରସ୍ତରୀୟ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଶ୍ରୀମତୀ ପ୍ରଧାନୀ ୧ ଜାନୁଆରୀ ୧୯୯୦ରେ ଶିକ୍ଷୟିତ୍ରୀ ଭାବେ ନିଯୁକ୍ତି ପାଇ ୩୧ ଅକ୍ଟୋବର ୨୦୨୬ ପର୍ଯ୍ୟନ୍ତ ଦୀର୍ଘ ୩୬ ବର୍ଷର ଶିକ୍ଷାଦାନ ଜୀବନର ଅବସାନ ଅବସରରେ ଶିକ୍ଷକ, ଛାତ୍ରଛାତ୍ରୀ, ପୁରାତନ ଛାତ୍ର ଓ ଅଞ୍ଚଳବାସୀଙ୍କ ପକ୍ଷରୁ ଭାବପୂର୍ଣ୍ଣ ବିଦାୟ ଦିଆଯାଇଥିଲା। ସିଆରସିସି କ୍ଷୀରାବ୍ଧିତନୟା ମଶ୍ରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ସଭାରେ ବୃନ୍ଦାବାହାଲ କ୍ଲଷ୍ଟରର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ଉପସ୍ଥିତ ରହି ଶ୍ରୀମତୀ ପ୍ରଧାନୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜଣାଇଥିଲେ। ଏହି ଅବସରରେ ଛାତ୍ରଛାତ୍ରୀ ଓ ବିଦ୍ୟାଳୟର କର୍ମଚାରୀ ମାନଙ୍କ ସହ ଏକ ନଗର ପରିକ୍ରମା କରାଯାଇଥିଲା। ଶିକ୍ଷକ ତରଙ୍ଗ ଚଣ୍ଡୀ ସଭା ପରିଚାଳନା କରିଥିଲେ। ନିଜର ନିଆରା ବ୍ୟକ୍ତିତ୍ୱ, ଶିଶୁମାନଙ୍କ ପ୍ରତି ସ୍ନେହ ଓ ଉତ୍ତମ ମାର୍ଗଦର୍ଶନ ପାଇଁ ସେ ସମସ୍ତଙ୍କ ନିକଟରେ ପ୍ରିୟଭାଜନ ହୋଇପାରିଥିଲେ।

ରାଜ୍ୟସ୍ତରୀୟ କ୍ୟାରମ ମହାକୁମ୍ଭ

ଭବାନୀପାଟଣା, ୩୧।୧୦ (ସମିସ): କଳାହାଣ୍ଡି କ୍ୟାରମ ଆସୋସିଏସନ ତରଫରୁ ପ୍ରଥମ ଥର ପାଇଁ ରାଜ୍ୟ ସ୍ତରୀୟ କଳାହାଣ୍ଡି କ୍ୟାରମ କପ୍ ଆୟୋଜନ କରାଯାଉଛି। ଏହି ପ୍ରତିଯୋଗିତା ନଭେମ୍ବର ୧୩ରୁ ୧୫ ପର୍ଯ୍ୟନ୍ତ ଗୋଲାପ ଭବନ, ଭବାନୀପାଟଣାରେ ଅନୁଷ୍ଠିତ ହେବ। ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଶତାଧିକ ଖେଳାଳି ଅଂଶଗ୍ରହଣ କରିବେ ବୋଲି ଆଶା କରାଯାଉଛି। ପଞ୍ଜୀକରଣ ଶୁଳ୍କ ୫୦୦ ଟଙ୍କା ଏବଂ ଶେଷ ତାରିଖ ୮ ନଭେମ୍ବର ୨୦୨୬। ସାମ୍ବାଦିକ ସମ୍ମିଳନୀରେ ଶଶାଙ୍କ ପାତ୍ର, ସୁଶାନ୍ତ ପ୍ରଧାନୀ, ତାରାକାନ୍ତ ନାଗ, ଶିବାନନ୍ଦ ଦାଶ, ସନ୍ତୋଷ ବେହେରା, ନାଗାରଞ୍ଜନ ଗୌର୍ଡ ପ୍ରମୁଖ ଉପସ୍ଥିତ ଥିଲେ।

କଲମପୁର ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି



କଲମପୁର, ୩୧।୧୦(ସମିସ): କଲମପୁର ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଅଧୀନସ୍ଥ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ପି.ଏମ୍.ଶ୍ରୀ ବିଶ୍ୱନାଥ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ମଣ୍ଡଳଠାରେ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ସମାରୋହ ବିଦ୍ୟାଳୟର ଅଧ୍ୟକ୍ଷ ହେମନ୍ତ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ବେଳେ ମୁଖ୍ୟ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ଚିନ୍ତାମଣି ବେହେରା, ସମ୍ମାନିତ ଅତିଥିଭାବେ କଲମପୁର ତହସିଲଦାର ସ୍ମରଣିକା ତୁଲ, ଗୋଷ୍ଠୀ ଶିକ୍ଷା ଅଧିକାରୀ ବାଞ୍ଛାନିଧି ପଣ୍ଡା, ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ କୁଳମଣି ମାଝୀ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଦିଲ୍ଲୀପ କୁମାର ବେହେରା, ପ୍ରଧାନଶିକ୍ଷକ ଅଶ୍ୱିନୀ କୁମାର ମୁଣ୍ଡ, ଭାନୁମତି ମାଝୀ, ଏମ୍.ପି. ପ୍ରତିନିଧି ଅରୁଣ କୁମାର ଜଗରିଆ ଯୋଗଦାନ କରିଥିଲେ। ଏହି ଅବସରରେ ଶିଶୁମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଯଥା ଚିତ୍ରାଙ୍କନ, କୁଇଜ୍, ବିତର୍କ, ପ୍ରବନ୍ଧ, ଶ୍ରୁତଲିଖନ, ସୃଜନଶୀଳ ଲିଖନ, ଗୀତ, ପି.ଏମ୍.ପୋଷଣ ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀ ଶିଶୁମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ସନ୍ତୋଷ କୁମାର ଚୌଧୁରୀ, ନବଘନ ସାହୁ, ଅଧ୍ୟାପକ ଧନଞ୍ଜୟ ପଣ୍ଡା, ଶିକ୍ଷୟିତ୍ରୀ ସରସ୍ୱତୀ ବିଶ୍ୱାଳ, ସାଗରିକା ପଣ୍ଡା ଓ ଅର୍ଚ୍ଚନା ସୁନାନୀ ମଞ୍ଚ ପରିଚାଳନା କରିଥିଲେ।

■ ଜନଶୁଣାଣିରେ ଦୁର୍ବ୍ୟବହାର ଅଭିଯୋଗ

ଜିଲ୍ଲାପାଳଙ୍କୁ ରିପୋର୍ଟ ତଲବ କଲେ ଆୟୋଗ

ଖଡ଼ିଆଳ, ୩୧।୧୦ (ସମିସ): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ସମ୍ମିଳନୀକକ୍ଷରେ ଗତ ମାର୍ଚ୍ଚ ୧୬ ତାରିଖରେ ଅନୁଷ୍ଠିତ ଜନଶୁଣାଣି ପ୍ରକୋଷ୍ଠରେ ଜଣେ ଅଭିଯୋଗକାରୀ ତତ୍କାଳୀନ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଖଡ଼ିଆଳ ପୁଲିସ ଜୋରଜବରଦସ୍ତି ବାହାରକୁ ନେଇଯାଇଥିବା ଅଭିଯୋଗ ଘଟଣାକୁ ନେଇ ରାଜ୍ୟ ମାନବାଧିକାର ଆୟୋଗ ହସ୍ତକ୍ଷେପ କରିଛନ୍ତି। ଏହି ଘଟଣାରେ ନୂଆପଡ଼ା ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟଙ୍କୁ ଅକ୍ଟୋବର ୮ ଚିଠି ନଂ ୪୦୭୭ ରିପୋର୍ଟ ତଲବ କରିଛନ୍ତି ଆୟୋଗ ଓ ଆସନ୍ତା ଡିସେମ୍ବର ୨୮ ତାରିଖ ସୁଦ୍ଧା ଘଟଣା ସମ୍ପର୍କିତ ରିପୋର୍ଟ ଦାଖଲ କରିବାକୁ ଆଦେଶରେ ଉଲ୍ଲେଖ ରହିଛି। ଅଭିଯୋଗ ଅନୁଯାୟୀ, ସତ୍ୟବାନ ଦଣ୍ଡସେନା ୨୦୧୭ ମସିହା ଡିସେମ୍ବର ୫ରୁ ୨୦୨୨ ଅକ୍ଟୋବର ପର୍ଯ୍ୟନ୍ତ ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ଅଧୀନ ମାଣ୍ଡୋସିଲ ପଞ୍ଚାୟତରେ ବିକ୍ରୟ କର୍ତ୍ତା ଭାବେ କାର୍ଯ୍ୟ କରୁଥିଲେ। ତାଙ୍କୁ ସ୍ଥାନୀୟ ସରପଞ୍ଚ କୌଣସି ଲିଖିତ ଆଦେଶ ନ ଦେଇ କାର୍ଯ୍ୟରୁ ବାଦ୍ ଦେଇଥିବା ସେ ଅଭିଯୋଗ କରିଛନ୍ତି। ଏହି ସମସ୍ୟାର ସମାଧାନ ପାଇଁ ସତ୍ୟବାନ ମାର୍ଚ୍ଚ ୧୬ ତାରିଖରେ ଖଡ଼ିଆଳଠାରେ ଅନୁଷ୍ଠିତ ମିଳିତ ଜନଅଭିଯୋଗ ଶୁଣାଣିରେ ତତ୍କାଳୀନ ନୂଆପଡ଼ା ଜିଲ୍ଲାପାଳଙ୍କ ସମ୍ମୁଖରେ ନିଜର ଅଭିଯୋଗ ଉପସ୍ଥାପନ କରିଥିଲେ। ଏହି ସମୟରେ ପୁଲିସ କର୍ମଚାରୀମାନେ ତାଙ୍କୁ ଜୋରଜବରଦସ୍ତି ଅଭିଯୋଗ ପ୍ରକୋଷ୍ଠରୁ ବାହାରକୁ ନେଇଯାଇଥିବା ସେ ଆୟୋଗଙ୍କ ନିକଟରେ ଦାଖଲ ଅଭିଯୋଗରେ ଦର୍ଶାଇଥିଲେ।

କଳାହାଣ୍ଡି ଲେଖିକା ସଂଘର 'ଦୀପାବଳୀ କାବ୍ୟୋତ୍ସବ'

ଭବାନୀପାଟଣା, ୩୧।୧୦(ସମିସ): କଳାହାଣ୍ଡି ଲେଖିକା ସଂଘ ଦୀପାବଳୀ ଆଗମନ ଅବସରରେ ଦୀପାବଳୀ କାବ୍ୟୋତ୍ସବ ମାଧ୍ୟମରେ ଆସନ୍ତା ଦୀପାବଳୀର ଭବ୍ୟ ସ୍ୱାଗତ କରିଛି। ଅତିଥି ଡ. ସୁଜାତା ମୁଣ୍ଡ ମହେଦୟା ଯୁଗେ ଯୁଗେ ଦୀପାବଳୀର ମହତ୍ତ୍ୱପୂର୍ଣ୍ଣ ବିଷୟମାନଙ୍କରେ ଆଲୋକପାତ କରି ଅମାବାସ୍ୟାର ଘନ ଅନ୍ଧକାରରେ ତ୍ରେତୟାରେ ରାବଣ ନିଧନ କରି ପ୍ରତ୍ୟାବର୍ତ୍ତନ କରିଥିବା ଶ୍ରୀରାମ ଲକ୍ଷ୍ମଣ ସାଥେ ସୀତାଦେବୀଙ୍କୁ ଦୀପମାଳ ସଜ୍ଜିତ କରି ସ୍ୱାଗତ ଜଣାଇ ଥିବା ଆଦି ପ୍ରସଙ୍ଗ ସୁନ୍ଦର ଭାବରେ ଉପସ୍ଥାପନା କରିଥିଲେ। ସଭାପତି ସୁଦେଷ୍ଣା ପଣ୍ଡାଙ୍କ ସଭାପତିତ୍ୱରେ ପରିଚାଳନା କରିଥିଲେ ସଂଘର ସମ୍ପାଦିକା କଳ୍ପନା ରଥ। କବି ସ୍ୱର୍ଣ୍ଣକାନ୍ତି ବୈକାରଙ୍କ ସଂଯୋଜନାରେ ୨୮ରୁ ଊର୍ଦ୍ଧ୍ୱ କବି ସ୍ୱରଚିତ କବିତା ପାଠ କରିଥିଲେ। କବି ସଂଯୁକ୍ତା ମୁଣ୍ଡ, ସବିତା ଦାଶ, ପଦ୍ମିନୀ ବେହେରା, ମୀନା ମୁଣ୍ଡ, ଦୀପ୍ତି ମୁଣ୍ଡ, ଅନୀତା ମୁଣ୍ଡ, ପ୍ରେମ ଶୀଳା ବେହେରା, ମଞ୍ଜୁରାଣୀ ରଥ, ଝରଣା ପାଢ଼ୀ, ସୁରମା ବେହେରା, ସସ୍ମିତା ସାହୁ, ତପସ୍ୱିନୀ ପଣ୍ଡା, ରଶ୍ମି ରାଣୀ ରଥ, ମମତା ସାହୁ, ସୁବ୍ରତା ମହାପାତ୍ର, ସବିତା ଶତପଥୀ, ଡ.ସୁଜାତା ମୁଣ୍ଡ, କଳ୍ପନା ରଥ, ନିବେଦିତା ମହାନ୍ତି, ସୁଦେଷ୍ଣା ପଣ୍ଡା, ସୁସ୍ମିତା ମହାପାତ୍ର, ସୁଚିସ୍ମିତା ରଥ, ମନୋରମା ପାତ୍ର, କବିତା ମୁଣ୍ଡ, ମିନତି ପ୍ରଧାନ ପ୍ରମୁଖ କବିତା ପାଠ କରିଥିଲେ। ସମ୍ପାଦିକା କଳ୍ପନା ରଥ ଧନ୍ୟବାଦ ଅର୍ପଣ କରିଥିବାବେଳେ କବି ଦୀପ୍ତି ମୁଣ୍ଡ ଗୁଗଲ ମିଟ ସହାୟତା ଯୋଗାଇଥିଲେ।

ପତୋରା ଅପରଜୋଙ୍କ ପ୍ରକଳ୍ପ ଜଳସ୍ତର କ୍ଷମତା ବୃଦ୍ଧି ଦାବି

ନୂଆପଡ଼ା, ୩୧।୧୦(ସମିସ)



ନୂଆପଡ଼ା ବ୍ଲକ ପତୋରା ଅପରଜୋଙ୍କ ଜଳସେଚନ ପ୍ରକଳ୍ପରେ ଚାଷୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଜଳସ୍ତର ବୃଦ୍ଧି କରିବାକୁ ଦାବି ହୋଇଛି। ଏନେଇ ପତୋରା ଅଞ୍ଚଳର ଚାଷୀ ପ୍ରତିନିଧି ଦଳ ଜିଲ୍ଲାପାଳ ଅନ୍ୟା ଦାସଙ୍କୁ ଭେଟି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଦେଇଛନ୍ତି। ଅପରଜୋଙ୍କ ଜଳସେଚନ ପ୍ରକଳ୍ପରେ ଜଳସଂରକ୍ଷଣ କ୍ଷମତାକୁ ନେଇ ସମସ୍ୟ ରହିଥିବାବେଳେ ଏହି ନଦୀ ବନ୍ଧରେ ଅନୁମୋଦିତ ତଥା ଆବଶ୍ୟକ ଜଳ ସଂରକ୍ଷଣସ୍ତର ହେଉଛି ୩୫୪.୧ମିଟର। ବର୍ତ୍ତମାନ ଆବଶ୍ୟକ ଜଙ୍ଗଲ ବିଭାଗ ଅନୁମତି ମିଳି ନ ଥିବାରୁ ଜଳସଂରକ୍ଷଣସ୍ତର ୩୫୦, ୬ମିଟରରେ ସୀମିତ ରହିଛି। ଫଳରେ ଜଳସେଚନ ପାଇଁ ଉପଲବ୍ଧ ପାଣି ଅଭାବ ଦେଖାଦେଉଛି। ଏହା ଚାଷୀମାନଙ୍କ ମଧ୍ୟରେ ଗଭୀର ଚିନ୍ତାର ବିଷୟ ହୋଇଛି। ବର୍ତ୍ତମାନର ଜଳ ସଂରକ୍ଷଣସ୍ତର ଅନୁସାରେ ୯ହଜାର ୯ଶହ ହେକ୍ଟର ଜମି ଜଳସେଚନ ହେଉଛି। ଏଥିରେ ୨୫ହଜାର କୃଷକ ପରିବାର ଉପକୃତ ହେଉଛନ୍ତି। ଏସବୁ ପରିବାର ସାମାଜିକ, ଆର୍ଥିକ ବିକାଶ, ଜୀବିକା ଓ କୃଷିଗତ ସମୃଦ୍ଧି ମୁଖ୍ୟତଃ ଜଳସେଚନ ପ୍ରକଳ୍ପ ଉପରେ ନିର୍ଭର କରୁଛି। କିନ୍ତୁ ଜଳସେଚନ ପାଇଁ ପାଣି ଯଥେଷ୍ଟ ହେଉନଥିବାରୁ ଚାଷ ପ୍ରଭାବିତ ହେଉଛି। ଜଳ ସଂରକ୍ଷଣ ଅଭାବ କୃଷି ଉତ୍ପାଦନ, ଚାଷୀଙ୍କ ଆୟ ଓ ସାମଗ୍ରୀକ ଗ୍ରାମୀଣ ଅର୍ଥନୀତିରେ ପ୍ରତିକୂଳ ପ୍ରଭାବ ପକାଉଛି। ଜଙ୍ଗଲ ଅନୁମତି ଆଇନଗତ ପରିବେଶ ଓ ବନ୍ୟପ୍ରାଣୀ ସମ୍ବନ୍ଧୀୟ ଅନୁମତି ସର୍ତ୍ତେ ଅଧୀନରେ ବନ୍ଧର ଜଳସଂରକ୍ଷଣ ସ୍ତରକୁ ପୁନର୍ବାର ୩୫୪.୧ମିଟର ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ଦାବି କରିଛନ୍ତି। ଏନେଇ ରାଜ୍ୟ ସରକାରଙ୍କ ଜଳ ସମ୍ପଦ ବିଭାଗ ମୁଖ୍ୟ ଶାସନ ସଚିବ, ନୂଆପଡ଼ା ଜିଲ୍ଲାପାଳ ଓ ପତୋରା ଅପରଜୋଙ୍କ ଜଳସେଚନ ପ୍ରକଳ୍ପ ମୁଖ୍ୟଯନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ବିଜେଡି ରାଜ୍ୟ ସମ୍ପାଦକ ରାଜେଶ ନିଗମ, ଜିଲ୍ଲା ପରିଷଦ ସଭ୍ୟ ଭରତଲାଲ ରାଉତ, ସାହୁ ସମାଜ ଜିଲ୍ଲା ସଭାପତି ଧନୀରାମ ସାହୁ, ବିଜେଡ଼ି ଜିଲ୍ଲା ଉପସଭାପତି ସୁବାସ ପଣ୍ଡା(ଟିଙ୍କୁ), ପ୍ରମୋଦ କିଶୋର ସାହୁ, ଦେବୀପ୍ରସାଦ ମିଶ୍ର, ମନୋଜ ସାହୁ, ରାମଚନ୍ଦ୍ର ସାହୁ, ସଦାନନ୍ଦ ସାହୁ, ଟୁକେଶ୍?ର ଯାଦବ, ନନ୍ଦଲାଲ ରାଉତ, ଗଙ୍ଗୁରାମ ପାଣ୍ଡେ, ଜୟକୁମାର ସାହୁ, ସୀତାରାମ ସାହୁ, ରାମ ସିଂ ମାଝୀ, ଜୟ କୁମାର ସାହୁ, ପ୍ରମୋଦ ସାହୁ, ମନୁଲାଲ ଯାଦବ ପ୍ରମୁଖ ଉପସ୍ଥିତ ଥିଲେ।

ଏକତା ଦିବସ ଉପଲକ୍ଷେ ନିଶାମୁକ୍ତ ଓଡ଼ିଶା ଅଭିଯାନ



କେସିଙ୍ଗା, ୩୧।୧୦(ସମିସ): ଭାରତ ଭଳି ବିବିଧତା ଭରା ଦେଶରେ ଭାଷା, ଧର୍ମ, ଜାତି ନିର୍ବିଶେଷରେ ସମସ୍ତେ ଏକ ବୋଲି ମନେ ପକାଇବା ପାଇଁ ଲୌହପୁରୁଷ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀରେ କଳାହାଣ୍ଡି ଜିଲ୍ଲା କେସିଙ୍ଗା ଆମ ପୁଲିସ ସମିତି ପକ୍ଷରୁ ଶନିବାର ସକାଳୁ ଏକତା ଶପଥ ଓ ଦୌଡ଼ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ କେସିଙ୍ଗା ପୁଲିସ ଷ୍ଟେସନ ପରିସରରେ ଏକ ନିଶାମୁକ୍ତ ଓଡ଼ିଶା ଅଭିଯାନ ସମ୍ପର୍କରେ ଏକ ସଚେତନତା ଅନୁଷ୍ଠିତ ହୋଇଥିଲା। କେସିଙ୍ଗା ଥାନା ଅଧିକାରୀ ଜୀତେନ୍ଦ୍ର ବିଶ୍ୱାଳଙ୍କ ନେତୃତ୍ୱରେ ଅନୁଷ୍ଠିତ ଉକ୍ତ ସଚେତନତା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ କେସିଙ୍ଗା ଏସଡିପିଓ ସନ୍ଦୀପ ମାଝୀ ମୁଖ୍ୟ ଅତିଥି ଭାବରେ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉତ୍କେଲା ଫାଣ୍ଡି ଅଧିକାରୀ ଅନୁପ କୁମାର ଶତପଥୀ, ପରିଡ଼ା ସାର, ମାଝୀ ସାର ପ୍ରମୁଖ ମଞ୍ଚାସିନ ଥିଲେ। ପୁଲିସ ଅଧିକାରୀ ରାହାସ ବିହାରୀ ସା ଧନ୍ୟବାଦ ଦେଇଥିଲେ।

ଗଞ୍ଜାମ ବନ୍ୟା ବିଭୀଷିକା

ଜଳ ନିଷ୍କାସନ ଅବ୍ୟବସ୍ଥାକୁ ନେଇ ଅସନ୍ତୋଷ



ବ୍ରହ୍ମପୁରରେ ସ୍ୱରେଜ୍ ନିର୍ମାଣ, ନାଳ ପୁନରୁଦ୍ଧାର ଓ ଡପଲର ରାଡାର ସଚଳ ଦାବି

ବ୍ରହ୍ମପୁର,୩୧।୧୦(ସମିସ): ବାତ୍ୟା 'ଅର୍ଣ୍ଣବ' ପ୍ରଭାବରେ ପ୍ରବଳ ବର୍ଷା ଓ ବନ୍ୟା ଗଞ୍ଜାମ ଜିଲ୍ଲାରେ ବ୍ୟାପକ କ୍ଷୟକ୍ଷତି ଘଟାଇଛି। ୩୧୮ ପଞ୍ଚାୟତର ୧୦୧୦ ଗ୍ରାମ ଜଳବନ୍ଦୀ ହୋଇଥିବାବେଳେ ଲକ୍ଷାଧିକ ଲୋକ ପ୍ରଭାବିତ ହୋଇଥିବା ମିଳିତ ଗଣସଂଗଠନ ପକ୍ଷରୁ ଅଭିଯୋଗ ହୋଇଛି। ଏଭଳି ବିପର୍ଯ୍ୟୟ ପରେ ଜଳ ନିଷ୍କାସନ ବ୍ୟବସ୍ଥା, ପାଣିପାଗ ପୂର୍ବାନୁମାନ ଓ ପ୍ରଶାସନିକ ପ୍ରସ୍ତୁତିକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ତୀବ୍ର ହୋଇଛି। ବିଭିନ୍ନ ଜଳଭଣ୍ଡାରରୁ ଏକକାଳୀନ ବନ୍ୟାଜଳ ନିଷ୍କାସନ ଓ ଅବିଶ୍ରାନ୍ତ ବର୍ଷା ପରିସ୍ଥିତିକୁ ଅଧିକ ଜଟିଳ କରିଥିବା ସାମ୍ବାଦିକ ସମ୍ମିଳନୀରେ ଗଞ୍ଜାମ ଜିଲ୍ଲା ବିକାଶ ମଞ୍ଚ ଓ ପ୍ରଗତିଶୀଳ ଉତ୍କଳ ସମାଜ ପକ୍ଷରୁ ଅଭିଯୋଗ ହୋଇଛି। ଜଳ ନିଷ୍କାସନ ପୂର୍ବରୁ ଲୋକଙ୍କୁ ଆଗୁଆ ସତର୍କ କରାଯାଇ ନଥିବା ମଧ୍ୟ ପ୍ରଶ୍ନ ଉଠିଛି। ଗୋପାଳପୁରରେ ଥିବା ଡପଲର ରାଡାରର କାର୍ଯ୍ୟକ୍ଷମତା ଓ ପାଣିପାଗ ପୂର୍ବାନୁମାନର ସଠିକତା ନେଇ ମଧ୍ୟ ଅସନ୍ତୋଷ ପ୍ରକାଶ ପାଇଛି। ବ୍ରହ୍ମପୁର ସହରରେ ବାହାନା ଓ ସାପୁଆ ନାଳ ଜବରଦଖଲମୁକ୍ତ କରି ତାଳଦଣ୍ଡା କେନାଲ ଢାଞ୍ଚାରେ ପୁନରୁଦ୍ଧାର କରିବା, ତୁରନ୍ତ ସ୍ୱରେଜ୍ ନିର୍ମାଣ ଏବଂ ବ୍ରହ୍ମପୁର-ଛତ୍ରପୁର-ଗୋପାଳପୁରରେ ଭୂତଳ ବିଦ୍ୟୁତ୍ କେବୁଲ ବିଛାଇବାକୁ ଦାବି ହୋଇଛି। ଏଥିସହ ଆସିକାର ବନ୍ୟା ସମସ୍ୟା ଦୂର ପାଇଁ ଋଷିକୂଲ୍ୟା-ବଡ଼ନଦୀ ସଂଯୋଗୀକରଣ ପ୍ରସ୍ତାବ ମଧ୍ୟ ଉଠିଛି। ବନ୍ୟାରେ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ, ଋଣ ଛାଡ଼ ଓ ଚାଷୀ ପରିବାରର ପିଲାଙ୍କୁ ମାଗଣା ଶିକ୍ଷାଦାନ ସହ ଭବିଷ୍ୟତରେ ଏଭଳି ବିପର୍ଯ୍ୟୟ ରୋକିବାକୁ ମୁଖ୍ୟମନ୍ତ୍ରୀଙ୍କ ତତ୍ତ୍ୱାବଧାନରେ ସମୀକ୍ଷା ବୈଠକ ଡାକିବାକୁ ଗଞ୍ଜାମ ଜିଲ୍ଲା ବିକାଶ ମଞ୍ଚ, ପ୍ରଗତିଶୀଳ ଉତ୍କଳ ସମାଜ, ଓଡ଼ିଶା ଡେଭେଲପମେଣ୍ଟ ଫୋରମ, ଅଭିଭାବକ ମହାସଂଘ, ସ୍ୱାଭିମାନ ଓଡ଼ିଶା ସମେତ ବିଭିନ୍ନ ସଂଗଠନ ଦାବି କରିଛନ୍ତି।

ସାମ୍ବାଦିକ ସମ୍ମିଳନୀରେ ଗଞ୍ଜାମ ଜିଲ୍ଲା ବିକାଶ ମଞ୍ଚର ଆବାହକ ରାଜେନ୍ଦ୍ର ପଣ୍ଡା, ସଂଯୋଜକ ବିନୋଦ ଠାକୁର, ପ୍ରଗତିଶୀଳ ଉତ୍କଳ ସମାଜର ଆବାହକ ତଥା ଆଇନଜୀବୀ ସରୋଜ ରଞ୍ଜନ ପଟ୍ଟନାୟକ, ରାଜ୍ୟ ସମ୍ପାଦକ ମାନସ ରଞ୍ଜନ ପତ୍ର, ଓଡିଶା ଡେଭଲଫମେଣ୍ଟ ଫୋରମର ସଂଯୋଜକ ପ୍ରିତିଶ ପାଣିଗ୍ରାହୀ, ଓଡିଶା ଉପଭୋକ୍ତା ସମବାୟ ମହାସଂଘର ନିର୍ଦ୍ଦେଶକ ରବିନ୍ଦ୍ର କୁମାର ସାମଲ, ରାଜ୍ୟ ଅମଲାସଂଘର ପୂର୍ବତନ ସଭାପତି ସୁରେଶ ଚନ୍ଦ୍ର ତ୍ରିପାଠୀ, ସ୍ୱାଭିମାନ ଓଡ଼ିଶାର କାର୍ଯ୍ୟକର୍ତ୍ତା ତଥା, ଓଡିଶା ଅଭିଭାବକ ମହାସଂଘର ମଧୁସୂଦନ ସାହୁ, ସମାଜସେବୀ ସୂର୍ଯ୍ୟ ନାରାୟଣ ବେହେରା, ମିର୍ଜା ବେଗମ, ସମାଜସେବୀ ସଞ୍ଜୟ କୁମାର ତ୍ରିପାଠୀ ଓ ଡ. ରବିନ୍ଦ୍ର ନାଥ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

■ ବନ୍ୟା ପରେ ବ୍ରହ୍ମପୁରରେ ପାଣି ହାହାକାର !

୩ ଦିନ ହେଲା ଶୁଖିଲା ପାଣି ଟ୍ୟାପ୍; ଟ୍ୟାଙ୍କର ଭରସାରେ ହଜାର ହଜାର ଲୋକ

ବ୍ରହ୍ମପୁର,୩୧।୧୦(ସମିସ): ବନ୍ୟାରେ ଗ୍ରାମାଞ୍ଚଳର ଘରଦ୍ୱାର ବୁଡ଼ିଲା, ଏବେ ପିଇବା ପାଣି ପାଇଁ ତହଳବିକଳ ହୋଉଛନ୍ତି ବ୍ରହ୍ମପୁର ସହର ବାସୀ। ବାତ୍ୟା "ଅର୍ଣ୍ଣବ' ପରବର୍ତ୍ତୀ ବନ୍ୟା ସ୍ଥିତି ସହରରେ ଦ୍ୱିତୀୟ ସଙ୍କଟ ସୃଷ୍ଟି କରିଛି। ତଳିଆ ଅଞ୍ଚଳରେ ବନ୍ୟାଜଳ ହଟିନଥିବାବେଳେ ସହରର ଉପର ଅଞ୍ଚଳରେ ଦେଖାଦେଇଛି ଉତ୍କଟ ପାନୀୟ ଜଳ ସଙ୍କଟ। ଗତ ୩ ଦିନ ହେଲା ଟ୍ୟାପରୁ ପାଣି ଆସୁନଥିବାରୁ ହଜାର ହଜାର ଲୋକଙ୍କ ଦୁର୍ଦ୍ଦଶା ବଢ଼ିଛି। ଶ୍ରୀରାମନଗରର ନିଆରି ସାହି, ମହାରଣା ସାହି, ବସୁମତୀ କଲୋନୀ, ଧାନମେରା ସାହି, ପିଚିପିଚିଆ ନଗର ଓ ହନୁମାନ ବଜାର ସମେତ ବିଭିନ୍ନ ଅଞ୍ଚଳରେ ପାଣି ପାଇଁ ଲୋକେ ନାକେଦମ୍ ହେଉଛନ୍ତି। ବନ୍ୟାରେ ଜଳବନ୍ଦୀ ଲୋକଙ୍କ ଦୁର୍ଦ୍ଦଶା ଗୋଟିଏ ପଟେ ଥିବାବେଳେ ଅନ୍ୟପଟେ ପାନୀୟ ଜଳ



ଅଭାବ ସହରବାସୀଙ୍କ ଚିନ୍ତା ବଢ଼ାଇଛି। ପରିସ୍ଥିତି ସମ୍ଭାଳିବାକୁ ୱାଟକୋ ପକ୍ଷରୁ ଟ୍ୟାଙ୍କର ଯୋଗେ ପାଣି ଯୋଗାଯାଉଛି। କିନ୍ତୁ ଲୋକସଂଖ୍ୟା ଓ ଆବଶ୍ୟକତା ତୁଳନାରେ ଏହା ସମୁଦ୍ରକୁ ଶଙ୍ଖେ ବୋଲି ଅଭିଯୋଗ ହୋଇଛି। ବାଧ୍ୟ ହୋଇ ଲୋକେ କୂଅ ଓ ନଳକୂଅର ପାଣି ବ୍ୟବହାର କରୁଛନ୍ତି। ମାତ୍ର ବନ୍ୟା ପରେ ଏହି ଜଳର ବିଶୁଦ୍ଧତା ନେଇ ଆଶଙ୍କା ରହିଛି। ଏଭଳି ସ୍ଥିତିରେ ଟ୍ୟାଙ୍କର ଯୋଗାଣ ବଢ଼ାଇବା ସହ ପାଇପ୍ ଜଳ ଯୋଗାଣ ତୁରନ୍ତ ସ୍ୱାଭାବିକ କରିବାକୁ ଦାବି ହୋଇଛି। ବନ୍ୟା ପରେ ପାଣି ଘେରରୁ ମୁକୁଳିବା ଆଗରୁ ପିଇବା ପାଣି ପାଇଁ ସଂଘର୍ଷ କରିବାକୁ ପଡୁଥିବାରୁ ପ୍ରଶାସନର ଜରୁରୀକାଳୀନ ଜଳ ଯୋଗାଣ ବ୍ୟବସ୍ଥା ଉପରେ ଏବେ ପ୍ରଶ୍ନ ଉଠିଛି।

ବର୍ଷା ଆଶଙ୍କା: ୩ ଯାଏଁ ଗଞ୍ଜାମରେ ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ

■ ଅଙ୍ଗନବାଡ଼ିଠୁ ବିଶ୍ୱବିଦ୍ୟାଳୟ, ସବୁଠି ଛୁଟି ଘୋଷଣା

ବ୍ରହ୍ମପୁର,୩୧।୧୦(ସମିସ): ବାତ୍ୟା ପରବର୍ତ୍ତୀ ପାଣିପାଗ ଅସ୍ଥିରତା ମଧ୍ୟରେ ପୁଣି ପ୍ରବଳ ବର୍ଷା ଆଶଙ୍କା। ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ଗୁରୁତ୍ୱ ଦେଇ ଜିଲ୍ଲାର ସମସ୍ତ ଶିକ୍ଷାନୁଷ୍ଠାନକୁ ନଭେମ୍ବର ୩ ତାରିଖ ଯାଏଁ ବନ୍ଦ ଘୋଷଣା କରାଯାଇଛି। ଏ ନେଇ ଶନିବାର ଗଞ୍ଜାମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଛି। ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ ପାଣିପାଗ ବୁଲେଟିନ୍ ଅନୁଯାୟୀ, ନଭେମ୍ବର ୨ ଓ ୩ ତାରିଖରେ ଜିଲ୍ଲାରେ ଯଥାକ୍ରମେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ପୂର୍ବାନୁମାନ ରହିଛି। ଏହି ପରିପ୍ରେକ୍ଷୀରେ ଜିଲ୍ଲାର ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ର, ପ୍ରାଥମିକ, ଉଚ୍ଚ ପ୍ରାଥମିକ, ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସମେତ ସମସ୍ତ ଡିଗ୍ରୀ କଲେଜ, ବୈଷୟିକ ଶିକ୍ଷାନୁଷ୍ଠାନ ଏବଂ ବିଶ୍ୱବିଦ୍ୟାଳୟର ବିଭାଗଗୁଡ଼ିକ ନଭେମ୍ବର ୩ ତାରିଖ ଯାଏଁ ବନ୍ଦ ରଖିବାକୁ ନିର୍ଦ୍ଦେଶ ରହିଛି। ଶିକ୍ଷାନୁଷ୍ଠାନର ସମସ୍ତ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ନିୟମିତ ଭାବେ କାର୍ଯ୍ୟରେ ଉପସ୍ଥିତ ରହିବେ। ସେମାନେ ନିଜ ନିଜର ନିର୍ଦ୍ଧାରିତ ଦାୟିତ୍ୱ ତୁଲାଇବେ ନିମନ୍ତେ ନିର୍ଦ୍ଦେଶ ରହିଛି।

ଇଣ୍ଟରନେଟ୍ ତାର ମରାମତି ବେଳେ ଗଛରୁ ପଡ଼ି ଜଣଙ୍କ ମୃତ୍ୟୁ

ବ୍ରହ୍ମପୁର, ୩୧।୧୦(ସମିସ): ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପରିସରରେ ଇଣ୍ଟରନେଟ୍ କେବୁଲ ମରାମତି କରୁଥିବା ବେଳେ ଗଛରୁ ଖସିପଡ଼ି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ମାଣ୍ଡିଆପଲ୍ଲୀ ଗ୍ରାମର କେ. ଗୁଣ୍ଡିଚା ରେଡ୍ଡୀ ଓରଫ୍ ଭି.ଭି. ଗିରି (୫୧)। ଏହି ଘଟଣାକୁ ନେଇ ବିଶ୍ୱବିଦ୍ୟାଳୟ ପରିସରରେ ଶୋକର ଛାୟା ଖେଳିଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଏକ ଘରୋଇ କମ୍ପାନୀ ପକ୍ଷରୁ ଇଣ୍ଟରନେଟ୍ ସେବା ପାଇଁ କେବୁଲ ସଂଯୋଗ କରାଯାଇଥିଲା। ଲଗାଣ ବର୍ଷା ଯୋଗୁଁ ଇଣ୍ଟରନେଟ୍ ସେବାରେ ବ୍ୟାଘାତ ସୃଷ୍ଟି ହୋଇଥିବାରୁ ଶନିବାର ଏହାର ମରାମତି କାର୍ଯ୍ୟ ଚାଲିଥିଲା। ଏଥିପାଇଁ ଗୁଣ୍ଡିଚା ଭଞ୍ଜବିହାର ପରିସରସ୍ଥିତ ପୁରୁଣା ଆନନ୍ଦ ବଜାର ନିକଟରେ ଥିବା ଏକ ଗଛରେ ଚଢ଼ି ଇଣ୍ଟରନେଟ୍ ତାର ସଜାଡୁଥିଲେ। ସମ୍ପୃକ୍ତ ଗଛର ଠିକ୍ ଉପର ଦେଇ ୧୧ କେଭି ବିଦ୍ୟୁତ୍ ତାର ଯାଇଥିବା ବେଳେ କୌଣସି କାରଣବଶତଃ ଗୁଣ୍ଡିଚା ଗଛରୁ ତଳକୁ ଖସିପଡ଼ିଥିଲେ। ଫଳରେ ତାଙ୍କ ମୁଣ୍ଡର ପଛପଟ ଫାଟିଯିବା ସହ ପ୍ରଚୁର ରକ୍ତସ୍ରାବ ହୋଇଥିଲା। ସ୍ଥାନୀୟ ଲୋକେ ଘଟଣା ଦେଖି ତୁରନ୍ତ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଇଥିଲେ। ତେବେ ସେଠାରେ ଚିକିତ୍ସା ସମୟରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣା ସମ୍ପର୍କରେ ମୃତକଙ୍କ ପୁଅ କେ. ଗୋପୀ ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

ଯୁବତୀଙ୍କ ଗର୍ଭପାତ କରାଇବା ସହ ଧମକ ଦେବା ଅଭିଯୋଗରେ ଯୁବକ ଗିରଫ

ବ୍ରହ୍ମପୁର, ୩୧।୧୦(ସମିସ): ବିବାହ ସମେତ ବିଭିନ୍ନ ପ୍ରତିଶ୍ରୁତି ଦେଇ ଜଣେ ଯୁବତୀଙ୍କ ସହ ଶାରୀରିକ ସମ୍ପର୍କ ରଖିବା, ପରେ ଗର୍ଭପାତ କରାଇବା ଓ ବିବାହ କରିବାକୁ ମନା କରି ଧମକ ଦେବା ଅଭିଯୋଗରେ ବୈଦ୍ୟନାଥପୁର ଥାନା ପୁଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ କବିସୂର୍ଯ୍ୟନଗର ଥାନା ଅଞ୍ଚଳର ତପୁ ନାୟକ (୨୨)। ପୁଲିସ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିବା ବେଳେ ପୀଡ଼ିତାଙ୍କ ବୟାନ ରେକର୍ଡ କରିବା ସହ ଡାକ୍ତରୀ ପରୀକ୍ଷା କରାଇଛି। ମିଳିଥିବା ସୂଚନା ଅନୁଯାୟୀ, ବୈଦ୍ୟନାଥପୁର ଥାନା ଅଞ୍ଚଳର ଜଣେ ଯୁବତୀଙ୍କ ସହ ଅଭିଯୁକ୍ତ ତପୁଙ୍କ ସମ୍ପର୍କ ଗଢ଼ିଉଠିଥିଲା। ଅଭିଯୋଗ ଅନୁସାରେ, ତପୁ ଯୁବତୀଙ୍କୁ ବିଭିନ୍ନ ପ୍ରତିଶ୍ରୁତି ଦେଇ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ଫଳରେ ଯୁବତୀ ଜଣକ ଗର୍ଭବତୀ ହୋଇଥିଲେ। ପରବର୍ତ୍ତୀ ସମୟରେ ଅଭିଯୁକ୍ତ ତାଙ୍କର ଗର୍ଭପାତ କରାଇଥିବା ଅଭିଯୋଗ ହୋଇଛି। ଏହାପରେ ଯୁବତୀ ଜଣକ ବିବାହ ପାଇଁ କହିବାରୁ ଅଭିଯୁକ୍ତ ତପୁ ସିଧାସଳଖ ମନା କରିଦେବା ସହ ତାଙ୍କୁ ବିଭିନ୍ନ ପ୍ରକାର ଧମକଚମକ ଦେଇଥିବା ଅଭିଯୋଗ ହୋଇଛି। ଏଥିରେ ଯୁବତୀ ଜଣକ ମାନସିକ ଭାବେ ବିଚଳିତ ହୋଇ ବୈଦ୍ୟନାଥପୁର ଥାନାର ଦ୍ୱାରସ୍ଥ ହୋଇ ନ୍ୟାୟ ପାଇଁ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଗୁରୁତ୍ୱର ସହ ନେଇ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଏହି କ୍ରମରେ ପୀଡ଼ିତାଙ୍କ ବୟାନ ରେକର୍ଡ କରିବା ସହ ତାଙ୍କର ଡାକ୍ତରୀ ପରୀକ୍ଷା କରାଯାଇଥିଲା। ପରେ ପୁଲିସ ଅଭିଯୁକ୍ତ ତପୁ ନାୟକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ଘଟଣାର ଅଧିକ ତଦନ୍ତ ଜାରି ରହିଛି।

ଭିଜିଲାନ୍ସ ପକ୍ଷରୁ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ

ବ୍ରହ୍ମପୁର, ୩୧।୧୦(ସମିସ): ଶନିବାର ବ୍ରହ୍ମପୁର ମହାନଗର ନିଗମ ସମ୍ମିଳନୀ କକ୍ଷରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଦକ୍ଷିଣାଞ୍ଚଳ ଆରକ୍ଷୀ ମହାନିର୍ଦ୍ଦେଶକ(ଆଇଜି) ଜୟ ନାରାୟଣ ପଙ୍କଜ ଯୋଗଦେଇ କହିଥିଲେ ଯେ, ଘରୋଇ କ୍ଷେତ୍ରରେ ସ୍ୱଳ୍ପ ଦରମାରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କ ତୁଳନାରେ ସରକାରୀ କର୍ମଚାରୀମାନେ ଅଧିକ ଦରମା ସହ ବିଭିନ୍ନ ସୁବିଧାସୁଯୋଗ ପାଇବା ସତ୍ତ୍ୱେ ସରକାରୀ କର୍ମଚାରୀଙ୍କ ଦୁର୍ନୀତିରେ ଲିପ୍ତ ହେବା ଅକ୍ଷମଣୀୟ। ମୁଖ୍ୟବକ୍ତା ଭାବେ ଯୋଗଦେଇ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ସ୍ନାତକ ପରିଷଦ ଅଧ୍ୟକ୍ଷା ଉଷାରାଣୀ ରଥ ଯୋଗଦେଇ ସତ୍ୟନିଷ୍ଠା, ସଚ୍ଚୋଟତା ଓ ସମୟାନୁବର୍ତ୍ତିତାକୁ ଗୁରୁତ୍ୱ ଦେବା ସହ କ୍ଷମତାର ଦୁରୁପଯୋଗ ଏବଂ ପକ୍ଷପାତିତାରୁ ଦୂରେଇ ରହି କର୍ତ୍ତବ୍ୟ ସମ୍ପାଦନ କରିବାକୁ ସେ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ବ୍ରହ୍ମପୁର ମହାନଗର ନିଗମ କମିଶନର ସସ୍ୟା ରେଡ୍ଡି କହିଥିଲେ ଯେ, ମଣିଷ ନିଜର ଆବଶ୍ୟକତା ଯେତେ କମାଇବ, ସେତେ ଅଧିକ ମାନସିକ ଶାନ୍ତି ପାଇବ। ଗୋଟିଏ ମିଛକୁ ଲୁଚାଇବା ପାଇଁ ଅନେକ ମିଛର ଆଶ୍ରୟ ନେବାକୁ ପଡ଼ିଥାଏ, ଯାହା ଶେଷରେ ମାନସିକ ଶାନ୍ତିକୁ ବ୍ୟାହତ କରିଥାଏ ବୋଲି ସେ କହିଥିଲେ। ଏହି ଅବସରରେ ବ୍ରହ୍ମପୁର ଏସପି ଅଭିନବ ସୋନକର, ବ୍ରହ୍ମପୁର ଭିଜିଲାନ୍ସ ଏସପି ପ୍ରଦୀପ କୁମାର ପ୍ରଧାନଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଶେଷରେ ବ୍ରହ୍ମପୁର ଭିଜିଲାନ୍ସର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସନ୍ଧ୍ୟାରାଣୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

ମୋଷ୍ଟ ୱାଣ୍ଟେଡ୍ ପ୍ରଦୀପ ସେଠୀଙ୍କ ମୃତ୍ୟୁକୁ ନେଇ ରହସ୍ୟ ଘନୀଭୂତ

ଦୁର୍ଘଟଣା ନା ଯୋଜନାବଦ୍ଧ ହତ୍ୟା?

■ ପରିବାର ଲୋକଙ୍କ ବୟାନକୁ ନେଇ ସନ୍ଦେହ

■ ଭାଇ, ଭଣଜା ଓ ସମ୍ପର୍କୀୟଙ୍କୁ ଅଟକ ରଖି ମାରାଥନ ଜେରା

ବ୍ରହ୍ମପୁର, ୩୧।୧୦(ସମିସ): ବ୍ରହ୍ମପୁର ପୁଲିସ ଜିଲ୍ଲାର ପୁରୁଣା ଅପରାଧୀ ତଥା ମୋଷ୍ଟ ୱାଣ୍ଟେଡ୍ ଭାବେ ପରିଚିତ ପ୍ରଦୀପ ଚନ୍ଦ୍ର ସେଠୀଙ୍କ ମୃତ୍ୟୁକୁ ନେଇ ରହସ୍ୟ ଘନୀଭୂତ ହେବାରେ ଲାଗିଛି। ପ୍ରଦୀପଙ୍କ ମୃତ୍ୟୁ ପ୍ରକୃତରେ ସଡ଼କ ଦୁର୍ଘଟଣା ଯୋଗୁଁ ଘଟିଛି ନା ଏହା ପଛରେ କୌଣସି ଯୋଜନାବଦ୍ଧ ହତ୍ୟାକାଣ୍ଡ ରହିଛି, ତାହାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଘଟଣାର ପ୍ରକୃତ ରହସ୍ୟ ଉନ୍ମୋଚନ ପାଇଁ ବ୍ରହ୍ମପୁର ପୁଲିସ ତଦନ୍ତକୁ ଜୋରଦାର କରିଥିବା ବେଳେ ମୃତକଙ୍କ ଭାଇ ଓ ଭଣଜା ସମେତ କେତେକ ସମ୍ପର୍କୀୟ ଓ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଅଟକ ରଖି ପଚରାଉଚରା କରାଯାଉଥିବା ଏସପି ଅଭିନବ ସୋନକର ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ଗତ ୩୦ ତାରିଖ ରାତି ୮ଟା ୩ ମିନିଟ୍ ସମୟରେ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍ପିଟାଲରେ ଏକ ମୃତଦେହ ଗ୍ରହଣ କରାଯାଇଥିଲା। ପରେ ମୃତ ବ୍ୟକ୍ତି ଜଣକ ବ୍ରହ୍ମପୁର ବଡ଼ ବଜାର ଥାନା ଅନ୍ତର୍ଗତ ଜଗବନ୍ଧୁ ସାହିର ପୁରୁଣା ଅପରାଧୀ ପ୍ରଦୀପ ସେଠୀ ବୋଲି ଚିହ୍ନଟ ହୋଇଥିଲେ। ମେଡିକାଲରୁ ପ୍ରାପ୍ତ ମେଡିକୋ-ଲିଗାଲ କେସ୍ (ଏମ୍‌ଏଲ୍‌ସି) ରିପୋର୍ଟରେ ମୃତକଙ୍କ ସମ୍ପର୍କୀୟଙ୍କ ବୟାନ ଆଧାରରେ ଏହାକୁ କଥିତ ସଡ଼କ ଦୁର୍ଘଟଣାଜନିତ ଘଟଣା ବୋଲି ଦର୍ଶାଯାଇଛି। ଏହି ଏମ୍‌ଏଲ୍‌ସି ଆଧାରରେ ବ୍ରହ୍ମପୁର ଟ୍ରାଫିକ ଥାନାରେ କେସ୍ ନମ୍ବର ୫୭୫/୩୧ ରେ ଏକ ମାମଲା ରୁଜୁ କରାଯାଇଛି। ଅନ୍ୟପକ୍ଷରେ ଶନିବାର ମେଡିକାଲ ଫାଣ୍ଡିରେ ପ୍ରଦୀପଙ୍କ ଭାଇ ଓ ଭଣଜାଙ୍କ ସହ ପୁଲିସର କଥାବାର୍ତ୍ତା ସମୟରେ ଉଭୟଙ୍କ ବୟାନରେ ତାଳମେଳ ରହୁନଥିବା ନେଇ ସୂଚନା ମିଳିଛି। ଏହାପରେ ଘଟଣାକୁ ନେଇ ସନ୍ଦେହ ଆହୁରି ବଢ଼ିଛି। ପ୍ରଦୀପ କେଉଁଠାରେ ଓ କେଉଁ ପରିସ୍ଥିତିରେ ଆହତ ହୋଇଥିଲେ, ଦୁର୍ଘଟଣା ଘଟିଥିଲେ ତାହାର ପ୍ରକୃତ ସ୍ଥାନ କେଉଁଠି ଏବଂ ଘଟଣା ସମୟରେ ତାଙ୍କ ସହ କେଉଁମାନେ ଥିଲେ, ସେସବୁ ପ୍ରଶ୍ନର ଉତ୍ତର ଖୋଜିବାକୁ ପୁଲିସ ଉଦ୍ୟମ କରୁଛି। ଏହି ଘଟଣାରେ ମୃତକଙ୍କ ଭାଇ ଓ ଭଣଜାଙ୍କ ସମେତ ପରିବାରର ଏକାଧିକ ସଦସ୍ୟଙ୍କୁ ବୈଦ୍ୟନାଥପୁର ଥାନାରେ ପଚରାଉଚରା କରାଯାଉଥିବା ଜଣାପଡ଼ିଛି। ଏଥିସହ ଅନ୍ୟ କେତେକ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ମଧ୍ୟ ଅଟକ ରଖାଯାଇଛି। ଏପଟେ ପ୍ରଦୀପଙ୍କ ମୃତଦେହର ଶବ ବ୍ୟବଚ୍ଛେଦ ଏମ୍‌କେସିଜି ମେଡିକାଲ କଲେଜର ଫରେନ୍ସିକ୍ ମେଡିସିନ୍ ଆଣ୍ଡ ଟକ୍ସିକୋଲୋଜି (ଏଫ୍‌ଏମ୍‌ଆଣ୍ଡଟି) ବିଭାଗରେ କରାଯାଇଛି।

ଏମ୍‌କେସିଜିରେ ରାଷ୍ଟ୍ରୀୟ ଏକତା ଦିବସ

ବ୍ରହ୍ମପୁର,୩୧।୧୦(ସମିସ): ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲ ପରିସରରେ ଶନିବାର ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଯାଇଛି। ଏ ଅବସରରେ ମେଡିକାଲ କଲେଜର ସମସ୍ତ କର୍ମଚାରୀ ଉପସ୍ଥିତ ରହି ଦେଶର ଏକତା, ଅଖଣ୍ଡତା ଓ ସୁରକ୍ଷା ବଜାୟରଖିବା ପାଇଁ ଶପଥ ଗ୍ରହଣ କରିଥିଲେ। ଏକତା ଓ ଦେଶର ସାର୍ବଭୌମତ୍ୱ ରକ୍ଷା କରିବା ସହ



ଦେଶର ଆଭ୍ୟନ୍ତରୀଣ ସୁରକ୍ଷା ମଜବୁତ କରିବା ଦିଗରେ ନିଜକୁ ସମର୍ପିତ କରିବାକୁ ଏହି ଅବସରରେ ସମସ୍ତେ ସଂକଳ୍ପ ନେଇଥିଲେ। କାର୍ଯ୍ୟକ୍ରମରେ ଏମକେସିଜି ମେଡ଼ିକାଲ କଲେଜ ଓ ହସ୍ପିଟାଲ ଡ଼ିନ ପ୍ରଫେସର ଡ଼ା. ହରିକ୍ରିଷ୍ଣା ଦଳେଇ, ଅଧୀକ୍ଷକ ପ୍ରଫେସର ଡ଼ା. ସୁଦୀପା ଦାଶ ଓ ରେଜିଷ୍ଟ୍ରାର ଡ. ଶ୍ୱେତ କୁମାର ଦାଶଙ୍କ ସମେତ ବିଭିନ୍ନ ବିଭାଗର ବିଭାଗୀୟ ମୁଖ୍ୟଙ୍କ ସହ କର୍ମଚାରୀମାନେ ଉପସ୍ଥିତ ଥିଲେ।

ଜାତୀୟ ଏକତା ଦିବସରେ ବ୍ରହ୍ମପୁର ପୁଲିସର 'ରନ୍ ଫର୍ ୟୁନିଟି'

ବ୍ରହ୍ମପୁର, ୩୧।୧୦(ସମିସ): ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୧ତମ ଜୟନ୍ତୀ ତଥା ଜାତୀୟ ଏକତା ଦିବସ ଅବସରରେ ବ୍ରହ୍ମପୁର ପୁଲିସ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି ଅବସରରେ ଶନିବାର ସକାଳେ 'ରନ୍ ଫର୍ ୟୁନିଟି-ରନ୍ ଫର୍ ନେସନ୍' ଶୀର୍ଷକ ଏକ ମିନି ମାରାଥନ୍ ଅନୁଷ୍ଠିତ ହୋଇଥିବା ବେଳେ ଅପରାହ୍ନରେ ଆମ୍ବପୁଆ ପୁଲିସ ରିଜର୍ଭ ପଡ଼ିଆରେ ସ୍ୱତନ୍ତ୍ର ପରେଡ୍ ଓ ଏକତା ଦିବସ ସମାରୋହ ଆୟୋଜିତ ହୋଇଥିଲା। ସକାଳ ୬ଟାରେ ବ୍ରହ୍ମପୁର ପୁଲିସ ଜିଲ୍ଲା ମୁଖ୍ୟାଳୟ ସମ୍ମୁଖରୁ ଆୟୋଜିତ ମିନି ମାରାଥନ୍?କୁ ବ୍ରହ୍ମପୁର ଏସ୍?ପି ଅଭିନବ ସୋନକର ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଦୌଡ଼ ୟୁସିପି ଇଞ୍ଜିନିୟରିଂ ସ୍କୁଲ ଖେଳପଡ଼ିଆରେ ଶେଷ ହୋଇଥିଲା। ଜାତୀୟ ଏକତା, ଦେଶପ୍ରେମ ଓ ଭାଇଚାରାର ବାର୍ତ୍ତା ପ୍ରସାର କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ସେହିପରି ଅପରାହ୍ନରେ ଆମ୍ବପୁଆସ୍ଥିତ ପୁଲିସ ରିଜର୍ଭ ପଡ଼ିଆରେ ଆୟୋଜିତ ଜାତୀୟ ଏକତା ଦିବସ ସମାରୋହରେ ଏସ୍?ପି ଅଭିନବ ସୋନକର ଯୋଗଦେଇ ପତାକା ଉତ୍ତୋଳନ କରିବା ସହ ପରେଡ୍‌ର ଅଭିବାଦନ ଗ୍ରହଣ କରିଥିଲେ। ଏହି ଅବସରରେ ସେ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଅବଦାନକୁ ସ୍ମରଣ କରି ଦେଶର ଏକତା ଓ ଅଖଣ୍ଡତା ରକ୍ଷାରେ ତାଙ୍କ ଭୂମିକା ଅତୁଳନୀୟ ବୋଲି କହିଥିଲେ। ଏସ୍?ପି ତାଙ୍କ ଅଭିଭାଷଣରେ କହିଥିଲେ ଯେ, ସ୍ୱାଧୀନତା ପରେ ଦେଶର ବିଭିନ୍ନ ଗଡ଼ଜାତ ରାଜ୍ୟଗୁଡ଼ିକୁ ଏକତ୍ର କରି ଏକ ଶକ୍ତିଶାଳୀ ଓ ଅଖଣ୍ଡ ଭାରତ ଗଠନ କରିବାରେ ସର୍ଦ୍ଦାର ପଟେଲଙ୍କ ଅବଦାନ ଅବିସ୍ମରଣୀୟ। ତାଙ୍କର ଦୃଢ଼ ନେତୃତ୍ୱ, ଦୂରଦୃଷ୍ଟି ଓ ଦେଶପ୍ରେମ ଆଜି ମଧ୍ୟ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇରହିଛି। ଭାରତ ବିଭିନ୍ନ ଭାଷା, ଧର୍ମ, ସଂସ୍କୃତି ଓ ପରମ୍ପରାର ଏକ ସୁନ୍ଦର ସମନ୍ୱୟ। ବିବିଧତା ମଧ୍ୟରେ ଏକତା ହିଁ ଦେଶର ପ୍ରକୃତ ଶକ୍ତି। ଆମେ ଭିନ୍ନ ଭିନ୍ନ ଭାଷା କହୁ, ଭିନ୍ନ ପରମ୍ପରା ପାଳନ କରୁ, କିନ୍ତୁ ସମସ୍ତଙ୍କର ପରିଚୟ ହେଉଛି ଆମେ ଭାରତୀୟ। ଜାତି, ଧର୍ମ ଓ ଭାଷାର ଊର୍ଦ୍ଧ୍ୱରେ ରହି ପରସ୍ପର ପ୍ରତି ସମ୍ମାନ, ସହିଷ୍ଣୁତା ଓ ଭାଇଚାରା ବଜାୟ ରଖିବା ଜାତୀୟ ଏକତାର ମୂଳମନ୍ତ୍ର ବୋଲି ସେ ମତବ୍ୟକ୍ତ କରିଥିଲେ। ବିଶେଷକରି ଦେଶର ଶାନ୍ତି, ସୁରକ୍ଷା ଓ ସାମ୍ପ୍ରଦାୟିକ ସଦ୍‌ଭାବ ବଜାୟ ରଖିବାରେ ପୁଲିସ ବିଭାଗର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା ସେ ଉଲ୍ଲେଖ କରିଥିଲେ। ଦେଶର ଏକତା କେବଳ ଏକ ନାରା ନୁହେଁ, ବରଂ ଏହା ଆମର ଚିନ୍ତାଧାରା, ଆଚରଣ ଓ କାର୍ଯ୍ୟରେ ପ୍ରତିଫଳିତ ହେବା ଆବଶ୍ୟକ ବୋଲି ଏସ୍?ପି ଆହ୍ୱାନ ଦେଇଥିଲେ। ଜାତୀୟ ଏକତା, ଅଖଣ୍ଡତା ଓ ଭାଇଚାରାର ବାର୍ତ୍ତା ସହ ସର୍ଦ୍ଦାର ପଟେଲଙ୍କ ଆଦର୍ଶକୁ ଅନୁସରଣ କରି ଏକ ସୁଦୃଢ଼ ଭାରତ ଗଠନ ପାଇଁ ସମସ୍ତେ ସଂକଳ୍ପବଦ୍ଧ ହେବାକୁ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଆହ୍ୱାନ ଦିଆଯାଇଥିଲା। ଏହି ଅବସରରେ ଅବସର ଗ୍ରହଣ କରିଥିବା କନଷ୍ଟେବଳ ଅନିଲ କୁମାର ମଲ୍ଲିକଙ୍କୁ ଏସ୍‌ପି ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ଉଭୟ କାର୍ଯ୍ୟକ୍ରମରେ ଅତିରିକ୍ତ ଏସ୍‌ପି, ଡିଏସ୍‌ପି, ରିଜର୍ଭ ଇନ୍ସପେକ୍ଟର, ସାର୍ଜେଣ୍ଟଙ୍କ ସମେତ ପୁଲିସ ବିଭାଗର ବହୁ ଅଧିକାରୀ ଓ କର୍ମଚାରୀ ଯୋଗଦେଇଥିଲେ।

ନଦୀକୁ ଲୁଟିଲେ, ବନ୍ୟାରେ ଲୋକେ ଭୋଗିଲେ!

ଋଷିକୂଲ୍ୟାର ରୋଷ ନା ପରିଚାଳନାରେ ତ୍ରୁଟି!

ବ୍ରହ୍ମପୁର,୩୧।୧୦(ସମିସ): ବାତ୍ୟାର ଆଗମନ ନେଇ ସତର୍କ ଥିଲା ପ୍ରଶାସନ। ପାଣିପାଗ ବିଭାଗର ଆଗୁଆ ସୂଚନା ଥିଲା, ପ୍ରସ୍ତୁତି ବୈଠକ ବି ହୋଇଥିଲା। ଉଦ୍ଧାର ଓ ରିଲିଫ୍ ପାଇଁ ବ୍ୟବସ୍ଥା ମଧ୍ୟ କରାଯାଇଥିଲା। ହେଲେ ବାତ୍ୟା ପରବର୍ତ୍ତୀ ବନ୍ୟାରେ ସବୁ ପ୍ରସ୍ତୁତି ଯେପରି

● ନଦୀର ସ୍ୱାସ୍ଥ୍ୟକୁ ଅଣଦେଖା, ଜଳଭଣ୍ଡାର ପରିଚାଳନାରେ ତ୍ରୁଟି
● ପ୍ରାକୃତିକ ବିପର୍ଯ୍ୟୟ ନା ପ୍ରଶାସନିକ ଅବହେଳା?
● ପଦାରେ ପଡ଼ିଲା ଜଳଭଣ୍ଡାର ପରିଚାଳନାର ଦାୟିତ୍ୱହୀନତା

ଧୋଇ ହୋଇଗଲା। ରାସ୍ତାଘାଟଠାରୁ ଚାଷଜମି, ଗାଁଠାରୁ ସହର ସବୁଠି ବନ୍ୟାର ତାଣ୍ଡବ। ଗଞ୍ଜାମର ଜୀବନରେଖା ଋଷିକୂଲ୍ୟା ନଦୀ ଉଛୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଲା। ବାତ୍ୟାଜନିତ ବର୍ଷା ରେକର୍ଡ ଭାଙ୍ଗିଥିବା ବେଳେ ବନ୍ୟା ଜିଲ୍ଲାର ଆର୍ଥିକ ମେରୁଦଣ୍ଡକୁ ଦୋହଲାଇ ଦେଇଛି। ତେବେ ଏହା କେବଳ ପ୍ରକୃତିର କୋପ ନା ପ୍ରଶାସନିକ ଅବହେଳାର ପରିଣାମ? ନଦୀର ଅବ୍ୟବସ୍ଥିତ ପରିଚାଳନା, ଜଳଭଣ୍ଡାରର ରକ୍ଷଣାବେକ୍ଷଣରେ ଅବହେଳା, ଦୁର୍ବଳ ନଦୀବନ୍ଧ ଓ କେନାଲ୍ ବ୍ୟବସ୍ଥା ଏବେ ପ୍ରଶାସନକୁ କାଠଗଡ଼ାରେ ଛିଡ଼ା କରିଛି। ବିପର୍ଯ୍ୟୟ ପରେ କ୍ଷୟକ୍ଷତିର ଆକଳନ ଓ ରିଲିଫ୍ ବଣ୍ଟନ ଯେତିକି ଜରୁରୀ, ବନ୍ୟାର କାରଣ ଖୋଜି ଦାୟିତ୍ୱ ନିର୍ଦ୍ଧାରଣ କରିବା ତା'ଠାରୁ ଅଧିକ ଜରୁରୀ ହୋଇପଡ଼ିଛି। ଋଷିକୂଲ୍ୟା ନଦୀର ଉତ୍ପତ୍ତି ଗଞ୍ଜାମ-କନ୍ଧମାଳ ସୀମାନ୍ତ ଋଷିମାଳ ପର୍ବତମାଳାରୁ। ଏହାର ଜଳପ୍ରବାହ ପଥରେ ଅନେକ ଉପନଦୀ ଓ ଜଳଧାରା ମିଶିଛି। ଗାଜଲବାଡ଼ି ପଞ୍ଚାୟତର ପିପଲପଙ୍କା ନିକଟରେ ଓଡ଼ାଙ୍ଗି ନଦୀ ଋଷିକୂଲ୍ୟାରେ ମିଶିଥିବା ବେଳେ ସୋରଡ଼ା ଅଞ୍ଚଳରେ ପଦ୍ମା ଓ ଜରଉ ନଦୀର ଜଳ ଏଥିରେ ପ୍ରବାହିତ ହୁଏ। ଆସିକା ନିକଟରେ ବଡ଼ନଦୀ ମିଶିଥାଏ। ବାଘୁଆ, ଧନେଇ, ଡହ, ଦଦରା ଓ ଲଣ୍ଡେଇ ଭଳି ଜଳଧାରାର



ପାଣି ବଡ଼ନଦୀକୁ ଆସିଥାଏ। ଏହାପରେ ହିଞ୍ଜିଳିକାଟୁ ନିକଟରେ ଘୋଡ଼ାହାଡ଼ ନଦୀର ଜଳ ଋଷିକୂଲ୍ୟାରେ ମିଶି ଶେଷରେ ଗଞ୍ଜାମ ନିକଟରେ ବଙ୍ଗୋପସାଗରରେ ପଡ଼ିଛି। ଅର୍ଥାତ୍ ଉପରମୁଣ୍ଡରେ ହେଉଥିବା ବର୍ଷାର ପ୍ରଭାବ ତଳମୁଣ୍ଡରେ ଏକାସାଙ୍ଗରେ ପଡ଼ିବାର ଆଶଙ୍କା ସବୁବେଳେ ରହିଛି। ଏଭଳି ଭୌଗୋଳିକ ସ୍ଥିତିକୁ ଦୃଷ୍ଟିରେ ରଖି ନଦୀ ଓ ଜଳଭଣ୍ଡାର ପରିଚାଳନା ହେବା ଆବଶ୍ୟକ। କିନ୍ତୁ ଋଷିକୂଲ୍ୟାର ସ୍ୱାଭାବିକ ଜଳପ୍ରବାହ ପଥକୁ ନେଇ ଦୀର୍ଘଦିନ ଧରି ପ୍ରଶ୍ନ ଉଠୁଛି। ନଦୀଶଯ୍ୟାରେ ଲଟାବୁଦା ଓ ଅନାବଶ୍ୟକ ଜଙ୍ଗଲି ଗଛଲତା ବଢ଼ିବା ଯୋଗୁଁ ଜଳପ୍ରବାହ ବାଧାପ୍ରାପ୍ତ ହେଉଥିବା ଅଭିଯୋଗ ରହିଛି। ନିୟମିତ ସଫେଇ ଓ ରକ୍ଷଣାବେକ୍ଷଣ ନ ହେବା ଏହି ସମସ୍ୟାକୁ ବଢ଼ାଇଛି। ଅନ୍ୟପଟେ ନିର୍ଦ୍ଧାରିତ ବାଲିଘାଟ ବ୍ୟତୀତ ବିଭିନ୍ନ ସ୍ଥାନରେ ବାଲି ଉତ୍ତୋଳନ ହେଉଥିବା ଅଭିଯୋଗ ହୋଇଛି। ନଦୀ ଭିତରକୁ ଭାରୀଯାନ ଯାତାୟାତ କରିବା ଫଳରେ ନଦୀଶଯ୍ୟା ଓ ନଦୀହିଡ଼ର ସ୍ୱାଭାବିକ ସ୍ଥିତି ନଷ୍ଟ ହେଉଛି। ଏହାର ପ୍ରଭାବରେ ନଦୀବନ୍ଧ ଦୁର୍ବଳ ହେବା ସହ ବନ୍ୟାଜଳ ଗାଁ ଓ ଚାଷଜମିକୁ ପ୍ରବେଶ କରିବାର ଆଶଙ୍କା ବଢ଼ିଛି। ବନ୍ୟା ସମୟରେ ଦୁର୍ବଳ ଓ ମୁକୁଳା ନଦୀବନ୍ଧର ବାସ୍ତବ ଚିତ୍ର ସାମ୍ନାକୁ ଆସିଛି। ନଦୀର ଜଳସ୍ତର ବଢ଼ିବା ପରେ ବିଭିନ୍ନ ସ୍ଥାନରେ ବନ୍ଧ ଦେଇ ପାଣି ଗାଁ ଓ ଚାଷଜମିକୁ ପଶିଥିଲା। ଏହା କେବଳ ଅତ୍ୟଧିକ ବର୍ଷାର ପରିଣାମ ନୁହେଁ, ବରଂ ଦୀର୍ଘଦିନର ରକ୍ଷଣାବେକ୍ଷଣ ଅଭାବର ପରିଣାମ ବୋଲି ଅଭିଯୋଗ ହେଉଛି। ଏପରିକି ଋଷିକୂଲ୍ୟାର ବିଭିନ୍ନ ଶାଖା କେନାଲ୍ ଭାଙ୍ଗିଥିବା ବେଳେ ଦୁର୍ବଳ କେନାଲ୍ ଗୁଡ଼ିକର ମରାମତି ହୋଇନଥିବା ଅଭିଯୋଗ ରହିଛି। ଚାଷୀଙ୍କୁ ଜଳସେଚନ ସୁବିଧା ଯୋଗାଇବାରେ ଯେଉଁ କେନାଲଗୁଡ଼ିକ ଗୁରୁତ୍ୱ ବହନ କରୁଛି, ବନ୍ୟା ସମୟରେ ସେହି କେନାଲ୍ ନିଜେ ବିପଦର କାରଣ ପାଲଟିବା ପ୍ରଶାସନିକ ଯୋଜନା ଓ ତଦାରଖକୁ ନେଇ ପ୍ରଶ୍ନ ଉଠାଇଛି। ଜିଲ୍ଲାର ବିଭିନ୍ନ ଜଳଭଣ୍ଡାରର ସ୍ଥିତି ମଧ୍ୟ ଚିନ୍ତାଜନକ। ଦୀର୍ଘଦିନ ଧରି ପଙ୍କ ଉଦ୍ଧାର ଓ ନିୟମିତ ଖନନ ନ ହେବାରୁ ଅନେକ ଜଳଭଣ୍ଡାରର ଜଳଧାରଣ କ୍ଷମତା ହ୍ରାସ ପାଉଥିବା ଅଭିଯୋଗ ହୋଇଛି। ଜଳଭଣ୍ଡାରର ଜଳ ସଂରକ୍ଷଣ କ୍ଷମତା କମିଲେ ଅଧିକ ବର୍ଷା ସମୟରେ ଜଳ ପରିଚାଳନା ଆହୁରି ଜଟିଳ ହୋଇଥାଏ। ଏପରିସ୍ଥଳେ କେଉଁ ଜଳଭଣ୍ଡାରରେ କେତେ ଜଳ ରହିଛି, କେତେ ପାଣି ଛଡ଼ାଯିବ ଓ ତଳମୁଣ୍ଡରେ ତାହାର କି ପ୍ରଭାବ ପଡ଼ିବ, ସେନେଇ ସମନ୍ୱିତ ଯୋଜନା ଜରୁରୀ। କିନ୍ତୁ ବନ୍ୟା ସମୟରେ କେଉଁ ଜଳଭଣ୍ଡାରର ଗେଟ୍ କେତେବେଳେ ଖୋଲାଗଲା, କେତେ ପରିମାଣର ଜଳ ନିଷ୍କାସିତ ହେଲା, ଏନେଇ ସ୍ପଷ୍ଟ ସୂଚନା ନ ମିଳିବା ସ୍ଥାନୀୟ ମହଲରେ ଅସନ୍ତୋଷ ସୃଷ୍ଟି କରିଛି। ଏହି ତଥ୍ୟ ସାର୍ବଜନୀନ ହେବା ଆବଶ୍ୟକ। ଏ ସମ୍ପର୍କରେ ସ୍ତମ୍ଭକାର ଭାଲଚନ୍ଦ୍ର ଷଡ଼ଙ୍ଗୀ ନଦୀ ପରିଚାଳନାକୁ ନେଇ ଗୁରୁତର ଆପତ୍ତି ଉଠାଇଛନ୍ତି। ନଦୀକୁ କେବଳ ରାଜସ୍ୱ ଆଦାୟର ମାଧ୍ୟମ ଭାବେ ନ ଦେଖି ଏହାର ସ୍ୱାସ୍ଥ୍ୟ ଓ ସ୍ୱାଭାବିକ ଜଳ ପ୍ରବାହକୁ ବଞ୍ଚାଇ ରଖିବା ଉପରେ ସରକାର ଗୁରୁତ୍ୱ ଦେବା ଉଚିତ ବୋଲି ସେ ମତ ଦେଇଛନ୍ତି। ନଦୀଶଯ୍ୟାରୁ ଲଟାବୁଦା ସଫା, ଅବୈଧ ବାଲି ଉତ୍ତୋଳନ ନିୟନ୍ତ୍ରଣ, ନଦୀବନ୍ଧ ଓ କେନାଲ୍‌ର ମରାମତି ଏବଂ ଜଳଭଣ୍ଡାରର ପୁନରୁଦ୍ଧାରକୁ ପ୍ରାଥମିକତା ଦିଆଯାଇଥିଲେ ବନ୍ୟାର ପ୍ରଭାବ କମାଯାଇପାରିଥାନ୍ତା ବୋଲି ସେ ଅଭିଯୋଗ କରିଛନ୍ତି। ପ୍ରଶ୍ନ ଉଠୁଛି, ବନ୍ୟା ଆସିବା ପରେ ପ୍ରଶାସନର ତତ୍ପରତା ଦେଖାଇବା ଯଥେଷ୍ଟ କି? ବର୍ଷା ଋତୁ ପୂର୍ବରୁ ନଦୀବନ୍ଧ ଯାଞ୍ଚ, କେନାଲ୍ ମରାମତି, ଜଳଭଣ୍ଡାରର ପଙ୍କ ଉଦ୍ଧାର ଓ ବନ୍ୟାଜଳ ନିଷ୍କାସନର ସମନ୍ୱିତ ଯୋଜନା କାହିଁକି ହୋଇନଥିଲା? ଉପରମୁଣ୍ଡରୁ ତଳମୁଣ୍ଡ ପର୍ଯ୍ୟନ୍ତ ଜଳପ୍ରବାହର ନିରନ୍ତର ନିରୀକ୍ଷଣ କାହିଁକି ସୁନିଶ୍ଚିତ ହୋଇପାରିଲାନି? ବନ୍ୟା କ୍ଷୟକ୍ଷତିର ଆକଳନ ସହ ଏହି ପ୍ରଶ୍ନଗୁଡ଼ିକର ମଧ୍ୟ ନିରପେକ୍ଷ ତଦନ୍ତ ହେବା ଆବଶ୍ୟକ। ପ୍ରାକୃତିକ ବିପର୍ଯ୍ୟୟକୁ ରୋକିବା ସମ୍ଭବ ନ ହୋଇପାରେ, କିନ୍ତୁ ଯୋଜନାବଦ୍ଧ ପ୍ରସ୍ତୁତି ଓ ଦାୟିତ୍ୱପୂର୍ଣ୍ଣ ଜଳ ପରିଚାଳନା ଦ୍ୱାରା କ୍ଷୟକ୍ଷତି ନିଶ୍ଚିତ ଭାବେ କମାଯାଇପାରିବ। ଗଞ୍ଜାମର ଏହି ବନ୍ୟା ପ୍ରଶାସନ ପାଇଁ ଏକ ଚେତାବନୀ। ଏବେ ଆବଶ୍ୟକ କେବଳ ଆଶ୍ୱାସନା ନୁହେଁ, ଦୋଷ ଚିହ୍ନଟ, ଦାୟିତ୍ୱ ନିର୍ଦ୍ଧାରଣ ଓ ସ୍ଥାୟୀ ପ୍ରତିକାର ବୋଲି ବୁଦ୍ଧିଜୀବି ମହଲରେ ମତପ୍ରକାଶ ପାଇଛି।

ଧୂଷୁରୀ ଡାକ୍ତରଖାନାରେ ମହିଳାଙ୍କ ମୃତ୍ୟୁ; ଚିକିତ୍ସାକୁ ନେଇ ପ୍ରଶ୍ନ

ଚିକିତ୍ସାରେ ଅବହେଳା ଅଭିଯୋଗ ଆଣିଲେ ପରିବାର

ବେତାଳିଗାଁ,୩୧।୧୦(ସମିସ)

ଧାମନଗର ବ୍ଲକ୍ ଅନ୍ତର୍ଗତ ଧୂଷୁରୀ ଆଞ୍ଚଳିକ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ଜଣେ ୬୦ ବର୍ଷୀୟା ମହିଳାଙ୍କ ମୃତ୍ୟୁକୁ ନେଇ ଚିକିତ୍ସା ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠିଛି। ଚିକିତ୍ସାରେ ଅବହେଳା ହୋଇଥିବା ନେଇ ମୃତକଙ୍କ ପରିବାର ଲୋକେ ଅଭିଯୋଗ କରିଥିବାବେଳେ ଔଷଧ ଓ ଇଞ୍ଜେକ୍ସନ ଯୋଗାଣକୁ ନେଇ ମଧ୍ୟ ପରିବାର ଓ ଡାକ୍ତରଙ୍କ ମଧ୍ୟରେ ଭିନ୍ନ ମତ ପ୍ରକାଶ ପାଇଛି। ମୃତ ମହିଳା ଜଣକ ହେଲେ ଧାମନଗର ବ୍ଲକ୍ ରାଇପୁର ପଞ୍ଚାୟତ ଅନ୍ତର୍ଗତ ରାଇପୁର ଗ୍ରାମର ନକୁଳ ବିଶ୍ୱାଳଙ୍କ ପତ୍ନୀ ସ୍ୱର୍ଣ୍ଣଲତା ବିଶ୍ୱାଳ (୬୦)।

ପରିବାର ଲୋକଙ୍କ କହିବା ଅନୁଯାୟୀ, ରାତି ପ୍ରାୟ ୪ଟାରେ ସ୍ୱର୍ଣ୍ଣଲତାଙ୍କର ହଠାତ୍ ପେଟ ଓ ଛାତିରେ ଯନ୍ତ୍ରଣା ହୋଇଥିଲା। ତାଙ୍କୁ ତୁରନ୍ତ ଆମ୍ବୁଲାନ୍ସ ଯୋଗେ ଧୂଷୁରୀ ଆଞ୍ଚଳିକ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡ୍ୟୁଟିରେ ଥିବା ଜଣେ ଆୟୁଷ ଡାକ୍ତର ତାଙ୍କର ଚିକିତ୍ସା କରୁଥିବା ସମୟରେ ମହିଳାଙ୍କ ମୃତ୍ୟୁ ହୋଇଥିଲା। ମୃତକଙ୍କ ପୁଅ, ଦିଅର ଓ ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ, ଡ୍ୟୁଟିରେ ଥିବା ଡାକ୍ତର ଶୋଇଥିବାରୁ ତାଙ୍କୁ ବାରମ୍ବାର ଡାକିବାକୁ ପଡ଼ିଥିଲା। ଡାକ୍ତର ଉଠିବା ପରେ ଚିକିତ୍ସା ଆରମ୍ଭ ହେବାରେ ବିଳମ୍ବ ହୋଇଥିବା ସେମାନେ ଅଭିଯୋଗ କରିଛନ୍ତି। ଏହି ବିଳମ୍ବ ଯୋଗୁଁ ମହିଳାଙ୍କ ଜୀବନ ରକ୍ଷା ହୋଇପାରିଲା ନାହିଁ ବୋଲି ପରିବାର ଲୋକେ ଆଶଙ୍କା ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ, ଚିକିତ୍ସା ସମୟରେ ଡାକ୍ତରଖାନାରୁ ଔଷଧ ନ ମିଳିବାରୁ ନିକଟସ୍ଥ ଏକ ଔଷଧ ଦୋକାନରୁ ଔଷଧ ଓ ଇଞ୍ଜେକ୍ସନ କିଣିବାକୁ କୁହାଯାଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଉକ୍ତ ଦୋକାନରୁ ଔଷଧ କିଣାଯିବା ସହ ଦୋକାନୀ ଇଞ୍ଜେକ୍ସନ ଦେଇଥିବା ସେମାନେ କହିଛନ୍ତି। ଏଥିସହ ଔଷଧ ଦୋକାନର ବିଲ୍ ମଧ୍ୟ ଦେଖାଇଛନ୍ତି। କିନ୍ତୁ ଡାକ୍ତରଙ୍କ ପକ୍ଷରୁ ଏହି ଅଭିଯୋଗକୁ ଖଣ୍ଡନ କରାଯାଇଛି।



ଔଷଧ ଓ ଇଞ୍ଜେକ୍ସନକୁ ନେଇ ଡାକ୍ତରଙ୍କ ସହ ଭିନ୍ନ ମତ

ଡାକ୍ତରଙ୍କ କହିବା ଅନୁଯାୟୀ, ଔଷଧ ଡାକ୍ତରଖାନାରୁ ହିଁ ନିଆଯାଇଥିଲା ଏବଂ ଇଞ୍ଜେକ୍ସନ ସେ ନିଜେ ଦେଇଥିଲେ। ଘଟଣାକୁ ନେଇ ଡାକ୍ତରଖାନା ପରିସରରେ ଦୀର୍ଘ ସମୟ ଧରି ଉତ୍ତେଜନା ଲାଗିରହିଥିଲା। ପରିସ୍ଥିତି ଅଧିକ ଉତ୍ତେଜନାପୂର୍ଣ୍ଣ ନ ହେବା ପାଇଁ ଧୂଷୁରୀ ପୁଲିସ ମଧ୍ୟ ସେଠାରେ ଉପସ୍ଥିତ ଥିଲେ। ଖବର ପାଇ ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ମନ୍ମଥ ସାମନ୍ତସିଂହାର ଘଟଣାସ୍ଥଳରେ ପହଞ୍ଚି ପରିବାର ଲୋକଙ୍କୁ ବୁଝାସୁଝା କରିଥିଲେ। ତେବେ ଏହି ଘଟଣା ପରେ ରାତିରେ ଜରୁରୀକାଳୀନ ଚିକିତ୍ସା ବ୍ୟବସ୍ଥା ଏବଂ ଔଷଧ ଯୋଗାଣକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ହଜାର ହଜାର ଲୋକଙ୍କ ଚିକିତ୍ସା ନିମନ୍ତେ ନିର୍ଭରଯୋଗ୍ୟ ଧୂଷୁରୀ ଆଞ୍ଚଳିକ ଡାକ୍ତରଖାନାରେ ରାତି ସମୟରେ ଜରୁରୀକାଳୀନ ଚିକିତ୍ସା ଦାୟିତ୍ୱରେ ଆୟୁଷ ଡାକ୍ତର ରହୁଥିବା ବ୍ୟବସ୍ଥାକୁ ନେଇ ମଧ୍ୟ ଲୋକେ ପ୍ରଶ୍ନ ଉଠାଇଛନ୍ତି। ସରକାରୀ ଡାକ୍ତରଖାନାରେ ମାଗଣା ଔଷଧ ଯୋଗାଣ ବ୍ୟବସ୍ଥା ଥିବା ସତ୍ତ୍ୱେ ରୋଗୀଙ୍କୁ ବାହାରୁ ଔଷଧ କିଣିବାକୁ ପଡୁଥିବା ଅଭିଯୋଗ ଏହି ପ୍ରଶ୍ନକୁ ଆହୁରି ଗୁରୁତ୍ୱ ଦେଇଛି। ତେବେ ସ୍ୱର୍ଣ୍ଣଲତାଙ୍କ ମୃତ୍ୟୁର ପ୍ରକୃତ କାରଣ କ'ଣ ଏବଂ ଚିକିତ୍ସାରେ କୌଣସି ଅବହେଳା ହୋଇଥିଲା କି ନାହିଁ, ତାହାର ନିରପେକ୍ଷ ତଦନ୍ତ ପରେ ସ୍ପଷ୍ଟ ହେବ। ଔଷଧ ଦୋକାନର ବିଲ୍, ଡାକ୍ତରଖାନାର ଔଷଧ ରେକର୍ଡ ଓ ଚିକିତ୍ସା ସମ୍ପର୍କିତ ତଥ୍ୟ ଯାଞ୍ଚ କରି ସତ୍ୟାସତ୍ୟ ସାମ୍ନାକୁ ଆଣିବା ସହ ରାତିର ଜରୁରୀକାଳୀନ ଚିକିତ୍ସା ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ସାଧାରଣରେ ଦାବି ହେଉଛି।

ମହିଳାଙ୍କୁ ଅପହରଣ ଅଭିଯୋଗରେ ବାବା ଥାନାରେ ଅଟକ

ଦୋବଲ,୩୧।୧୦(ସମିସ): ଯାଜପୁର ଜିଲ୍ଲା ରାମବାଗ ଅଞ୍ଚଳର ଜନୈକା ମହିଳାଙ୍କୁ ଧାମନଗର ଥାନା ଦୋବଲ ପଞ୍ଚାୟତର ସାପକାଟିଆ ମଠର ସିପୁନୁ ସାହୁ(ବାବା) ଅପହରଣ କରିବା ଅଭିଯୋଗରେ ଧାମନଗର ପୁଲିସ ଉକ୍ତ ବାବାଙ୍କୁ ଧାମନଗର ଥାନାରେ ଅଟକ ରଖି ପଚରାଉଚରା କରୁଛି।

ପ୍ରାପ୍ତ ସୂଚନା ଅନୁଯାୟୀ, ଅଗଷ୍ଟ ମାସରୁ ମହିଳା ଜଣକ ନିଖୋଜ ଅଛନ୍ତି। ପୂର୍ବରୁ ଏନେଇ ରାମବାଗ ଫାଣ୍ଡିରେ ଏକ ନିଖୋଜ ଏତଲା ଦିଆଯାଇଥିଲା। ତେବେ ପରିବାର ପକ୍ଷରୁ ସନ୍ଦେହ କରାଯାଉଛି ଯେ ସିପୁନୁ ବାବା ଏହି ଘଟଣା ସମ୍ପର୍କରେ ସବୁକିଛି ଜାଣିଛନ୍ତି ଏବଂ ଗତ ୩ ମାସ ଧରି ସେ ନିଜ ମଠ ଛାଡ଼ି ଫେରାର୍ ରହିଥିଲେ। ମାତ୍ର ପରିବାର ଲୋକ ସିପୁନୁ ବାବାଙ୍କ ମଠକୁ ଯାଇଥିବାବେଳେ ସେଠାରେ ବାବାଙ୍କ ସହିତ ସାକ୍ଷାତ୍ ହୋଇଥିଲା। କିନ୍ତୁ ବାବା ସେଠାରୁ ଖସି ପଳାଇବାକୁ ଉଦ୍ୟମ କରିଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ଅନେକ ପଚରାଉଚରା କରାଯାଇଥିଲା। ବାବା ଓ ତାଙ୍କ ସହଯୋଗୀମାନେ ବିଭିନ୍ନ ପ୍ରକାର ହତ୍ୟା ଧମକ ଓ ଭୟଭୀତ କରୁଥିବାରୁ, ଧାମନଗର ପୁଲିସକୁ ଖବର ଦେବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ବାବାଙ୍କୁ ଥାନାକୁ ଆଣି ପଚରାଉଚରା କରୁଛି। ଉକ୍ତ ଘଟଣା ଯାଜପୁର ଜିଲ୍ଲାର ଅପହରଣ କେସ୍ ହୋଇଥିବାରୁ ସମ୍ପୃକ୍ତ ବାବାଙ୍କୁ ଯାଜପୁର ଥାନାକୁ ହସ୍ତାନ୍ତର କରାଯିବ ବୋଲି ଥାନା ଅଧିକାରୀ ଶୁଭ୍ରଜିତ ଦାସ କହିଛନ୍ତି। ପ୍ରକାଶ ଥାଉ କି, ଏହି ବାବାଙ୍କ ଘର ଭଣ୍ଡାରିପୋଖରୀ ଥାନା ଅଙ୍କୁଲିକଣାରେ ସେ ପ୍ରଥମେ ଭଣ୍ଡାରିପୋଖରୀ ବଜାରରେ ଏକ ଗ୍ୟାରେଜ୍‌ରେ କାମ କରୁଥିବାବେଳେ ଅପହରଣ ହୋଇଥିବା ମହିଳାଙ୍କୁ ଅବିବାହିତ ବେଳେ ଭଲ ପାଉଥିଲେ। କିନ୍ତୁ ସେଠାରେ ପ୍ରେମରେ ବିଫଳ ହୋଇ ପରିବାର ଲୋକଙ୍କଠାରୁ ମାଡ଼ ଖାଇ ଫେରାର୍ ହୋଇଥିଲେ। ପରବର୍ତ୍ତୀ ସମୟରେ ସିପୁନୁ ସାହୁ ସାପକାଟିଆ ମଠରେ ବାବା ହୋଇ ରହିଥିଲେ। ପ୍ରତିଶୋଧ ପରାୟଣ ହୋଇ ଉକ୍ତ ବିବାହିତ ମହିଳାଙ୍କୁ ଅପହରଣ କରିଛନ୍ତି ବୋଲି ପରିବାର ଲୋକ ଅଭିଯୋଗ କରିଛନ୍ତି। କିନ୍ତୁ ବାବା ଏହାକୁ ମିଥ୍ୟା ବୋଲି କହିଛନ୍ତି।

ଓଲଙ୍ଗ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ବିଜ୍ଞାନ ପ୍ରଦର୍ଶନୀ



ଭଦ୍ରକ,୩୧।୧୦(ସମିସ): ଓଲଙ୍ଗସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ବିଜ୍ଞାନ ପ୍ରଦର୍ଶନୀ ଶନିବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଷଷ୍ଠରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରସ୍ତୁତ ମୋଟ୍ ୭୨ଟି ବିଜ୍ଞାନ ପ୍ରକଳ୍ପ ଏହି ପ୍ରଦର୍ଶନୀରେ ପ୍ରଦର୍ଶିତ ହୋଇଥିଲା। ପ୍ରକଳ୍ପଗୁଡ଼ିକ ମଧ୍ୟରେ ପରିବେଶ ସୁରକ୍ଷା, ଅକ୍ଷୟ ଶକ୍ତି, ଜଳ ସଂରକ୍ଷଣ, ମହାକାଶ ବିଜ୍ଞାନ, କୃଷି, ପ୍ରଯୁକ୍ତି ବିଦ୍ୟା ଏବଂ ଦୈନନ୍ଦିନ ଜୀବନରେ ବିଜ୍ଞାନର ବ୍ୟବହାର ଭଳି ବିଷୟ ଅନ୍ତର୍ଭୁକ୍ତ ହୋଇଥିଲା। ପ୍ରତ୍ୟେକ ପ୍ରକଳ୍ପ ପଛରେ ପିଲାମାନଙ୍କ କଠିନ ପରିଶ୍ରମ, ଶିକ୍ଷକମାନଙ୍କ ମାର୍ଗଦର୍ଶନ ଓ ବୈଜ୍ଞାନିକ ଚିନ୍ତାଧାରା ସ୍ପଷ୍ଟ ବାରି ହେଉଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ଖଗେଶ୍ୱର ପଣ୍ଡା ଏବଂ ସମ୍ମାନିତ ଅତିଥି ଭାବେ ବ୍ଲକ୍ ବିଜ୍ଞାନ ପର୍ଯ୍ୟବେକ୍ଷକ ବୈକୁଣ୍ଠ ବିଶ୍ୱାଳ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ସେମାନେ ପ୍ରତ୍ୟେକ ପ୍ରକଳ୍ପ ବୁଲି ଦେଖିବା ସହ ପିଲାମାନଙ୍କ ଜିଜ୍ଞାସାର ଉତ୍ତର ଦେଇଥିଲେ। ପ୍ରକଳ୍ପଗୁଡ଼ିକର ନିରପେକ୍ଷ ମୂଲ୍ୟାଙ୍କନ ପାଇଁ ଚାରିଜଣିଆ ବିଚାରକ ମଣ୍ଡଳୀ ଗଠନ କରାଯାଇଥିଲା। ଏଥିରେ ଓଏଭି ଧାମନଗରର ବିଜ୍ଞାନ ଶିକ୍ଷକ ପ୍ରଦୀପ ଜେନା, ଓଏଭି ବନ୍ତର ଜୀବ ବିଜ୍ଞାନ ଶିକ୍ଷକ ଅବିନାଶ ତ୍ରିପାଠୀ, ଓଏଭି ଓଲଙ୍ଗର ପଦାର୍ଥ ବିଜ୍ଞାନ ଶିକ୍ଷକ ଟୁନ୍‌ଟୁନ୍ ଶାହା ଏବଂ ଗଣିତ ଶିକ୍ଷକ ବିନୟ ବିନ୍ଦୁସାଗର ବେହେରା ଉପସ୍ଥିତ ଥିଲେ। କେବଳ ପ୍ରକଳ୍ପ ପ୍ରଦର୍ଶନ ନୁହେଁ, ଏହି ଦିନକୁ ଅଧିକ ରୋଚକ କରିବା ପାଇଁ ଅନ୍ୟାନ୍ୟ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯାଇଥିଲା। ସୁମିତ୍ର ବେହେରାଙ୍କ ଦ୍ୱାରା ଏକ ଜ୍ଞାନବର୍ଦ୍ଧକ ବିଜ୍ଞାନ କୁଇଜ୍ ପ୍ରତିଯୋଗିତା କରାଯାଇଥିଲା ଯେଉଁଥିରେ ଛାତ୍ରଛାତ୍ରୀମାନେ ଉତ୍ସାହର ସହ ଭାଗ ନେଇଥିଲେ। ଏହା ସହ ଶିଖା ସ୍ୱରୂପା ନାୟକ ଓ ବରିଷ୍ଠ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଜ୍ଞାନ ଯାଦୁ ପ୍ରଦର୍ଶନ କରାଯାଇ ବିଜ୍ଞାନର ଚମତ୍କାରିତାକୁ ସରଳ ଭାବେ ବୁଝାଯାଇଥିଲା। ସମଗ୍ର ବିଜ୍ଞାନ ପ୍ରଦର୍ଶନୀକୁ ବିଜ୍ଞାନ ଶିକ୍ଷକ ମନୋରଞ୍ଜନ ବଳ ଅତି ନିଷ୍ଠାର ସହ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମକୁ କାଦମ୍ବରୀ କରଶର୍ମା ସଞ୍ଚାଳନା କରିଥିଲେ।

ଜିଲ୍ଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ବୈଠକ



ଭଦ୍ରକ,୩୧।୧୦(ସମିସ): ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଅବସରରେ ସ୍ଥାନୀୟ ସଂସ୍କୃତି ଭବନଠାରେ ଜିଲ୍ଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ବୈଠକ ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଆରକ୍ଷୀ ଅଧୀକ୍ଷକ ମନୋଜ କୁମାର ରାଉତ ମୁଖ୍ୟଅତିଥି ଭାବେ ଯୋଗଦେଇ ଦୁର୍ନୀତି ରୋକିବାରେ ସମସ୍ତଙ୍କ ସକ୍ରିୟଭୂମିକା ରହିଛି ବୋଲି ଉଲ୍ଲେଖ କରିବା ସହିତ ପ୍ରତ୍ୟେକ ଅଧିକାରୀ, ଜନସାଧାରଣ ଓ ଯୁବପିଢ଼ି ଏଥିପ୍ରତି ଆତ୍ମ ନିୟନ୍ତ୍ରଣ କରି ନିଜ କର୍ତ୍ତବ୍ୟ ସମ୍ପାଦନ କରିବାର ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ। ଏହି ସଭାରେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବିନାରାୟଣ ସାହୁ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସରୋଜ କୁମାର ଦତ୍ତ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଜଗବନ୍ଧୁ ସାହୁ ଉପସ୍ଥିତ ରହି ପ୍ରତ୍ୟେକ କ୍ଷେତ୍ରରେ ସଚ୍ଚୋଟତା ରକ୍ଷା, ସ୍ୱଚ୍ଛତା ସହ ଦାୟିତ୍ୱ ନିର୍ବାହ କରିବା, ଜନସାଧାରଣଙ୍କ ହିତସାଧନ ଲାଗି ସମର୍ପିତ ରହିବା, ଜନସଚେତନତା ହିଁ ସମାଜରେ ଦୁର୍ନୀତିର ମୂଳୋତ୍ପାଟନ କରିବାରେ ସହାୟକ ହେବ ବୋଲି କହିଥିଲେ।

ନିର୍ମାଣାଧୀନ ରାସ୍ତାରେ ଅଘଟଣ; ଅଳ୍ପକେ ବର୍ତ୍ତିଲେ ନାବାଳକ

ଠିକାଦାରଙ୍କ କାର୍ଯ୍ୟଶୈଳୀକୁ ନେଇ ଗ୍ରାମବାସୀ ଅସନ୍ତୁଷ୍ଟ

ଧାମନଗର,୩୧।୧୦(ସମିସ): ଧାମନଗର ବ୍ଲକ୍ ଭଗବାନପୁର ପଞ୍ଚାୟତ ଅଧୀନସ୍ଥ ଅନହରପୁର ରାଜସ୍ୱ ମୌଜାର ତେନ୍ତୁଳିପୋଖରୀ ଗାଁରେ ରାସ୍ତା ନିର୍ମାଣ ଚାଲିଥିବାବେଳେ ଯାତାୟାତ ପାଇଁ କୌଣସି ସୁରକ୍ଷା ବ୍ୟବସ୍ଥା ନ ଥିବାରୁ ଘଟିଛି ଏକ ଅଘଟଣ। ଗ୍ରାମର ପରୀକ୍ଷିତ ଜେନାଙ୍କ ୧୨ବର୍ଷୀୟ ପୁଅ ଜନ୍ମେଜୟ ଜେନା ହଠାତ୍ ଅସୁସ୍ଥ ହୋଇପଡ଼ିବାରୁ ବୁଦ୍ଧିରାମ ଜେନାଙ୍କ ପୁଅ ଧନେଶ୍ୱର ଜେନା ତାଙ୍କୁ ତୁରନ୍ତ ଧାମନଗର ମେଡିକାଲକୁ ନେଇ ଯାଉଥିଲେ। ତେବେ ଗ୍ରାମର ମୁଖ୍ୟ ରାସ୍ତାରେ ବ୍ଲକ୍ ପକ୍ଷରୁ ଅନୁମୋଦିତ କଂକ୍ରିଟ ରାସ୍ତା ନିର୍ମାଣ କାର୍ଯ୍ୟ ଚାଲିଥିବାବେଳେ ରାସ୍ତା ଉପରେ ବାଲି ଓ ଚିପ୍ସ ପଡ଼ି ରହିଥିଲା। ଏଥିଯୋଗୁଁ ଭାରସାମ୍ୟ ହରାଇ ସେମାନେ ନିକଟସ୍ଥ ଜଳାଶୟରେ ପଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ତୁରନ୍ତ ଉଦ୍ଧାର କରି ନାବାଳକଙ୍କୁ ଧାମନଗର ମେଡିକାଲ ପଠାଇଥିଲେ। ନିର୍ମାଣାଧୀନ ରାସ୍ତାରେ ସତର୍କ ସୂଚନାଫଳକ ନ ଥିବାବେଳେ ବ୍ୟାରିକେଡ୍ କିମ୍ବା ବିକଳ୍ପ ଯାତାୟାତ ବ୍ୟବସ୍ଥା ନ କରି ସମ୍ପୂର୍ଣ୍ଣ ରାସ୍ତାକୁ ଅବରୋଧ କରି କାର୍ଯ୍ୟ କରାଯାଉଥିଲା। ଫଳରେ ଏଭଳି ଅଘଟଣ ଘଟିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଲୋକଙ୍କ ସୁରକ୍ଷାକୁ ଅଣଦେଖା କରି କେଉଁ ପରିସ୍ଥିତିରେ ନିର୍ମାଣ କାର୍ଯ୍ୟ ଚାଲିଛି ବୋଲି ସେମାନେ ପ୍ରଶ୍ନ ଉଠାଇଛନ୍ତି।



ସୂଚନାଯୋଗ୍ୟ, "ବିକଶିତ ଗାଁ, ବିକଶିତ ଓଡ଼ିଶା' ଯୋଜନାରେ ୨୦୨୬-୨୭ ଆର୍ଥିକ ବର୍ଷରେ ତେନ୍ତୁଳିପୋଖରୀ ଗ୍ରାମରେ ପକ୍କା ରାସ୍ତା ନିର୍ମାଣ ପାଇଁ ୩ ଲକ୍ଷ ୩ ହଜାର ୬୫୦ ଟଙ୍କା ଅନୁମୋଦନ ହୋଇଛି। ତେବେ ନିର୍ମାଣ କାର୍ଯ୍ୟର ମାନ ଓ ସୁରକ୍ଷା ବ୍ୟବସ୍ଥାକୁ ନେଇ ଏବେ ପ୍ରଶ୍ନ ଉଠିଛି। ଏହି ଘଟଣାରେ ଚୈତନ୍ୟ ଜେନା, ଜୟନ୍ତୀ ଦଳେଇ, ବୁଦ୍ଧିରାମ ଜେନା, ସନାତନ ଦେହୁରୀ ଓ ଗୋଲାପୀ ଜେନାଙ୍କ ସମେତ ଗ୍ରାମବାସୀ ବ୍ଲକ୍ ପ୍ରଶାସନର ହସ୍ତକ୍ଷେପ ଲୋଡ଼ିଛନ୍ତି। ତେବେ ଏହି ଘଟଣାର ଫୋନ୍ ମାଧ୍ୟମରେ ଅଭିଯୋଗ କ୍ରମେ ଉକ୍ତ ପଞ୍ଚାୟତ ଦାୟିତ୍ୱରେ ଥିବା ବ୍ଲକ୍‌ର କନିଷ୍ଠ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ ଘଟଣାସ୍ଥଳରେ ପହଞ୍ଚି ଯଥାଶୀଘ୍ର ସମସ୍ୟାର ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଥିବା ସ୍ଥାନୀୟ ସମିତିସଭ୍ୟ ସୂଚନା ଦେଇଛନ୍ତି।

ଆର୍‌ଆଇଙ୍କୁ ଆକ୍ରମଣ ଘଟଣା | ଥାନାରେ ମାମଲା; ତହସିଲ୍‌ରେ ସମାଧାନ

ଧାମନଗର,୩୧।୧୦(ସମିସ): ଗତ ୨୩ ତାରିଖ ଅପରାହ୍ଣରେ ଧାମନଗର ତହସିଲ୍ ଅଧୀନ ରଇପୁର ଆର୍‌ଆଇ କାର୍ଯ୍ୟାଳୟରେ ଉକ୍ତ ଅଞ୍ଚଳର ବିଦ୍ୟାଧର ରାଉତଙ୍କ ପୁତ୍ର ବସନ୍ତ ରାଉତ ଅଫିସରେ ପହଞ୍ଚି କାର୍ଯ୍ୟରତ ଆର୍‌ଆଇ ଶକ୍ତି ରଞ୍ଜନ ମଲ୍ଲିକଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା, ସରକାରୀ କାଗଜପତ୍ର ଚିରି ନଷ୍ଟ କରିବା ସହ ମରଣାନ୍ତକ ଆକ୍ରମଣ କରିଥିବା ଥାନାରେ ଅଭିଯୋଗ ହୋଇଥିଲା। ଏହି ଘଟଣା ଓ ଅଭିଯୋଗ କ୍ରମେ ଧୂଷୁରୀ ଥାନାରେ ଏକ ମାମଲା ରୁଜୁ ହୋଇଥିଲା। କୌଣସି ଉପାୟ ନ ପାଇ ବାଧ୍ୟ ହୋଇ ବସନ୍ତ ଗତ ୨୯ ତାରିଖରେ କ୍ଷମା ପ୍ରାର୍ଥନାର ଏକ ଲିଖିତ ଅନୁରୋଧ ପତ୍ର ଗାଁର ମୁରବି ଓ କେତେକ ମୁଖିଆଙ୍କ ସହ ଧାମନଗର ତହସିଲଦାର ଜ୍ଞାନରଞ୍ଜନ ସାହୁଙ୍କ ଦ୍ୱାରସ୍ଥ ହୋଇଥିଲା। ଏହି ଅନୁରୋଧକୁ ଭିତ୍ତିକରି ତହସିଲଦାର ଶ୍ରୀ ସାହୁଙ୍କ ନିର୍ଦ୍ଦେଶ କ୍ରମେ ରାଜସ୍ୱ ପରିଦର୍ଶକ ଗିରିଶ ଚନ୍ଦ୍ର ନାୟକ ଓ ଧର୍ମପଦ ସାହୁଙ୍କ ତତ୍ତ୍ୱାବଧାନରେ ତହସିଲ୍ କାର୍ଯ୍ୟାଳୟ ପରିସରରେ ବଡ଼ବାବୁ ତପନ କୁମାର ଜେନା, ବରିଷ୍ଠ କିରାଣି ଅଭିରାମ ବେଉରିଆ, ରାଜସ୍ୱ ସହାୟକ ରାଜେଶ ମାଝୀ, ବାସୁଦେବ ପଣ୍ଡା, ରାଜସ୍ୱ ନିରୀକ୍ଷକ ବିକ୍ରମ ଦାସ, କିଶୋର ଚନ୍ଦ୍ର ମଲ୍ଲିକ, ନୀଳମାଧବ ବାରିକ, ଲଳିତ ବାରିକ, ଅଙ୍କିତ୍ ସୋରେନ, ଶୁଭଶ୍ରୀ ନାୟକ, କନ୍ଦ ମାରାଣ୍ଡି, ଦେବୀପ୍ରସନ୍ନ ବାରିକ, ଦେବାଶିଷ ମହାପାତ୍ରଙ୍କ ସମେତ ସମସ୍ତ ରାଜସ୍ୱ ନିରୀକ୍ଷକଙ୍କ ଉପସ୍ଥିତିରେ ଆର୍‌ଆଇ ଶକ୍ତି ରଞ୍ଜନ ମଲ୍ଲିକ ଏବଂ ଅଭିଯୁକ୍ତ ବସନ୍ତ ରାଉତ ଉଭୟ ପକ୍ଷଙ୍କୁ ନେଇ ବ୍ୟାପକ ଆଲୋଚନା କରି ନିଷ୍ପତ୍ତି ହେଲା ଯେ ସରକାରୀ ଅଫିସରେ ପଶି ଗଣ୍ଡଗୋଳ ଓ ଆକ୍ରମଣ କରିଥିବାରୁ ଦ୍ୱିତୀୟ ପକ୍ଷ ନିଜର ଭୁଲ୍ ସ୍ୱୀକାର କରି ପ୍ରଥମ ପକ୍ଷ ଶକ୍ତି ରଞ୍ଜନ ମଲ୍ଲିକଙ୍କୁ କ୍ଷମା ମାଗିବା ସହ ଭବିଷ୍ୟତରେ ଆଉ କୌଣସି ଗଣ୍ଡଗୋଳ କରିବିନି ବୋଲି ବସନ୍ତ ପ୍ରତିଶ୍ରୁତି ଦେବା ପରେ ସମାଧାନ ହୋଇଥିଲା। ଏହି ଆଲୋଚନା ଓ ସମାଧାନ ପତ୍ର ଥାନାରେ ପ୍ରଦାନ କରାଯିବା ପାଇଁ ନିଷ୍ପତ୍ତି ହୋଇଛି।

ପିଏମ୍ କିଷାନ: ୧.୬୨ ଲକ୍ଷରୁ ଊର୍ଦ୍ଧ୍ୱ ଚାଷୀଙ୍କୁ ୩୨.୫୦ କୋଟି ସହାୟତା

ଭଦ୍ରକ,୩୧।୧୦(ସମିସ): ଭଦ୍ରକ ଜିଲ୍ଲାରେ ଜିଲ୍ଲାସ୍ତରୀୟ ପିଏମ୍ କିଷାନ ଉତ୍ସବ ଜିଲ୍ଲା ସଂସ୍କୃତି ଭବନଠାରେ ଶୁକ୍ରବାର ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ପିଏମ୍ କିଷାନ ଯୋଜନାର ୨୪ତମ କିସ୍ତିର ଅର୍ଥରାଶି ପ୍ରଦାନ ସମ୍ପର୍କିତ ଜାତୀୟସ୍ତରୀୟ କାର୍ଯ୍ୟକ୍ରମର ସିଧାପ୍ରସାରଣ ପ୍ରଦର୍ଶିତ ହୋଇଥିଲା। ପିଏମ୍ କିଷାନ ଯୋଜନାର ୨୪ତମ କିସ୍ତି ଅଧୀନରେ ଭଦ୍ରକ ଜିଲ୍ଲାର ମୋଟ୍ ୧ ଲକ୍ଷ ୬୨ ହଜାର ୫୨୪ ଚାଷୀଙ୍କୁ ପ୍ରତ୍ୟେକଙ୍କ ନିମନ୍ତେ ୨ ହଜାର ଟଙ୍କା ହିସାବରେ ସର୍ବମୋଟ୍ ୩୨ କୋଟି ୫୦ ଲକ୍ଷ ୪୮ ହଜାର ଟଙ୍କାର ଆର୍ଥିକ ସହାୟତା ସିଧାସଳଖ ଡିବିଟି ମାଧ୍ୟମରେ ସେମାନଙ୍କ ବ୍ୟାଙ୍କ ଖାତାକୁ ପ୍ରଦାନ କରାଯାଇଛି। ଏହି ଅର୍ଥରାଶି ଚାଷୀମାନଙ୍କୁ ବିହନ, ସାର, କୀଟନାଶକ ଓ ଅନ୍ୟାନ୍ୟ କୃଷି ସାମଗ୍ରୀ କ୍ରୟ ସହିତ କୃଷି ସମ୍ବନ୍ଧୀୟ ଆବଶ୍ୟକତା ପୂରଣରେ ସହାୟକ ହେବ। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ଶୁଭେନ୍ଦ୍ର ସାମଲ, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଶଶୀଭୂଷଣ ମହାପାତ୍ର, କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ତଥା ମୁଖ୍ୟ ଡ. ସଞ୍ଜୟ କୁମାର, ଜିଲ୍ଲା କୃଷି ଅଧିକାରୀ ପ୍ରୀତିରେଖା ମହାଲିକ ଓ ଯୋଜନା ଅଧିକାରିଣୀ ମୈଥିଳୀ ମିନର୍ଭା ଗିରି ପ୍ରମୁଖ ଯୋଗଦେଇଥିଲେ। ଏଥିସହିତ କୃଷି ବିଭାଗର ବିଭିନ୍ନ ଅଧିକାରୀ, କର୍ମଚାରୀ ଓ ବହୁ ଚାଷୀ ଉପସ୍ଥିତ ଥିଲେ। ସହକାରୀ କୃଷି ନିର୍ଦ୍ଦେଶିକା ଅନୁରାଧା ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଜାତୀୟ ଏକତା ଦିବସ ଶପଥପାଠ



ଭଦ୍ରକ,୩୧।୧୦(ସମିସ): ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଓ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଶନିବାର ଭଦ୍ରକ ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଜାତୀୟ ଏକତା ଦିବସ ଅବସରରେ ରାଷ୍ଟ୍ରୀୟ ଏକତା ଶପଥପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବିନାରାୟଣ ସାହୁ, ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ସରୋଜ କୁମାର ଦତ୍ତ, ସମସ୍ତ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ଅବସରରେ ଦେଶର ଏକତା ଓ ଅଖଣ୍ଡତା ରକ୍ଷା ପାଇଁ ଶପଥ ପାଠ ନେଇଥିଲେ।

ଭଦ୍ରକ ସ୍ୱୟଂଶାସିତ କଲେଜରେ ଦୁର୍ନୀତି ନିବାରଣ ସଚେତନତା



ଭଦ୍ରକ,୩୧।୧୦(ସମିସ): ଭଦ୍ରକ ସ୍ୱୟଂଶାସିତ କଲେଜ ପ୍ରାଙ୍ଗଣରେ ଏନ୍‌ଏସ୍‌ଏସ୍ ଆନୁକୂଲ୍ୟରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ-୨୦୨୬ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଲଳିତ ରଞ୍ଜନ ସାହୁ ସ୍ୱଚ୍ଛତା, ଉତ୍ତରଦାୟିତ୍ୱ, ସଚ୍ଚୋଟତା ଓ ଦୁର୍ନୀତି ନିବାରଣ ସମ୍ପର୍କରେ ଆଲୋକପାତ କରିବା ସହିତ ଛାତ୍ରଛାତ୍ରୀ ଏବଂ ଅଧ୍ୟାପକ-ଅଧ୍ୟାପିକାଙ୍କ ଦ୍ୱାରା ଦୁର୍ନୀତି ନିବାରଣ ସଚେତନତା ଉଦ୍ଦେଶ୍ୟରେ ଏକ ଶପଥପାଠ କରାଇଥିଲେ। ଡ. ରଞ୍ଜନ ବେହେରା, ଡ. ସଞ୍ଜୟ ଦତ୍ତ, ଗିରିଶ ଚନ୍ଦ୍ର ପ୍ରଧାନ ଏବଂ ସଞ୍ଜୁ କଉଶଲ୍ୟା ମଧ୍ୟ ଏହି କାର୍ଯ୍ୟକ୍ରମକୁ ସମର୍ଥନ ଓ ସହଯୋଗ କରିବା ସହ ନିଜ ନିଜର ମୂଲ୍ୟବାନ ମତାମତ ଉପସ୍ଥାପନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଜାତୀୟ ସେବା ଯୋଜନା (ଏନ୍‌ସିସି) କାର୍ଯ୍ୟକ୍ରମ ଅଧିକାରୀ ଡ. ସୁଦର୍ଶନ ଦାସ ସଫଳତାର ସହ ସଂଯୋଜନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଯୋଗଦେଇ କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ। ଭଦ୍ରକ ସ୍ୱୟଂଶାସିତ କଲେଜ ରସାୟନ ବିଜ୍ଞାନ ବିଭାଗର ମୁଖ୍ୟ ଲକ୍ଷ୍ମୀକାନ୍ତ ନାୟକ ଏହି କାର୍ଯ୍ୟକ୍ରମକୁ ଆୟୋଜନ ସହ ଆବଶ୍ୟକୀୟ ସହଯୋଗ କରିଥିଲେ।

ଜଗନ୍ନାଥପୁର ଅଣ୍ଡରପାସ୍ ନିକଟରେ ବାଣ ବିକ୍ରି ନିଷେଧ

ଭଦ୍ରକ,୩୧।୧୦(ସମିସ): ଭଦ୍ରକ ଜିଲ୍ଲାର ଏନ୍‌ଏଚ୍-୧୬ ଅନ୍ତର୍ଗତ ଜଗନ୍ନାଥପୁର ଅଣ୍ଡରପାସ୍ (ସାଳନ୍ଦୀ ନଦୀ ନିକଟ) ଅଞ୍ଚଳରେ ବେଆଇନ ଭାବେ ବାଣ ଦୋକାନ ଖୋଲିବା, ବାଣ ମହଜୁଦ ରଖିବା ଓ ବିକ୍ରି କରିବା ଉପରେ ଭଦ୍ରକ ଉପଜିଲ୍ଲାପାଳ ତଥା ଉପଖଣ୍ଡ ମାଜିଷ୍ଟ୍ରେଟ୍ ସୌରଭ ଚକ୍ରବର୍ତ୍ତୀ ନିଷେଧାଦେଶ ଜାରି କରିଛନ୍ତି। ଏଥିସହିତ ବାଣବିକ୍ରିକିମ୍ବାମହଜୁଦରଖିବାଉଦ୍ଦେଶ୍ୟରେ ଉକ୍ତ ଅଞ୍ଚଳରେ ନିର୍ମାଣ କରାଯାଇଥିବା ସମସ୍ତ ବେଆଇନ ଅସ୍ଥାୟୀ ଷ୍ଟଲ୍, କାଉଣ୍ଟର ଓ ଅନ୍ୟାନ୍ୟ ବ୍ୟବସ୍ଥାକୁ ତୁରନ୍ତ ହଟାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ନିଷେଧାଦେଶ ଉଲ୍ଲଂଘନ କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଭାରତୀୟ ନ୍ୟାୟ ସଂହିତା-୨୦୨୩ର ଧାରା ୨୨୩ ଅନୁଯାୟୀ ଆଇନଗତ ଓ ଦଣ୍ଡନୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉପଜିଲ୍ଲାପାଳ ସ୍ପଷ୍ଟ କରିଛନ୍ତି।

ମା'ଙ୍କ ଆଗମନକୁ ଅପେକ୍ଷା କରିଛନ୍ତି ଶ୍ରଦ୍ଧାଳୁ

ସାଜସଜ୍ଜାରେ ଲାଗିପଡ଼ିଛନ୍ତି ପୂଜା କମିଟି

ଚରମ୍ପା,୩୧।୧୦(ସମିସ): ଭଦ୍ରକର ପ୍ରସିଦ୍ଧ ତଥା ଐତିହାସିକ ମା' ପଥରକାଳୀଙ୍କ ପୂଜାକୁ ନେଇ ଏବେଠାରୁ ଉତ୍ସବମୁଖର ହୋଇଉଠିଛି ପରିବେଶ। ଆସନ୍ତା କାଳୀପୂଜାକୁ ଭବ୍ୟ ଓ ଆକର୍ଷଣୀୟ ଭାବେ ପାଳନ କରିବା ପାଇଁ ପୂଜା କମିଟି ପକ୍ଷରୁ ଜୋରଦାର୍ ପ୍ରସ୍ତୁତି ଚାଲିଛି। ମା'ଙ୍କ ଆଗମନକୁ ଅପେକ୍ଷା କରି ରହିଛନ୍ତି ଶହଶହ ଶ୍ରଦ୍ଧାଳୁ। ପୂଜା ମଣ୍ଡପର ସାଜସଜ୍ଜା, ଆଲୋକୀକରଣ, ଆକର୍ଷଣୀୟ ତୋରଣ ନିର୍ମାଣ ସହ ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟରେ କମିଟିର ସଦସ୍ୟମାନେ ବ୍ୟସ୍ତ ରହିଛନ୍ତି। ମା'ଙ୍କ ପୂଜାକୁ ଶୃଙ୍ଖଳିତ ଓ ଆକର୍ଷଣୀୟ କରିବା ସହ ଶ୍ରଦ୍ଧାଳୁଙ୍କ ଦର୍ଶନ ପାଇଁ ସୁବ୍ୟବସ୍ଥା କରିବା ଉପରେ କମିଟି ପକ୍ଷରୁ ବିଶେଷ ଗୁରୁତ୍ୱ ଦିଆଯାଉଛି। ଭଦ୍ରକର ଏହି ଐତିହାସିକ କାଳୀପୂଜା ସହ ଅଞ୍ଚଳବାସୀଙ୍କ ଗଭୀର ଧାର୍ମିକ ଭାବନା ଓ ଆସ୍ଥା ଜଡ଼ିତ ରହିଛି। ପ୍ରତିବର୍ଷ ମା'ଙ୍କ ଦର୍ଶନ ପାଇଁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ। ଚଳିତ ବର୍ଷ ମଧ୍ୟ ପୂଜାକୁ ନେଇ ଭକ୍ତମାନଙ୍କ ମଧ୍ୟରେ ଉତ୍ସାହ ଓ ଉଦ୍ଦୀପନା ଦେଖିବାକୁ ମିଳୁଛି। ମା' ପଥରକାଳୀଙ୍କ ଆଶୀର୍ବାଦରେ ସମସ୍ତଙ୍କ ଜୀବନ ସୁଖ, ଶାନ୍ତି ଓ ସମୃଦ୍ଧିରେ ଭରିଯାଉ ବୋଲି ପୂଜା କମିଟି ପକ୍ଷରୁ କାମନା କରାଯାଇଛି।





ବିଏନ୍‌ଏମ୍‌ଏ କଲେଜ ଛାତ୍ର ସଂସଦ ନିର୍ବାଚନ ହେର୍‌ଫେର୍; ଅଧ୍ୟକ୍ଷଙ୍କୁ ଓକିଲଙ୍କ ନୋଟିସ

ସନ୍ଧ୍ୟା ୭ରେ ଜିତେଇଥିଲେ; ସକାଳୁ ସକାଳୁ ହରାଇଦେଲେ

ତିହିଡ଼ି,୩୧।୧୦(ସମିସ)

ତିହିଡ଼ି ବିରଞ୍ଚି ନାରାୟଣ ମାଧବାର୍ଜୁନ କଲେଜ ଛାତ୍ର ସଂସଦ ନିର୍ବାଚନକୁ ନେଇ କଲେଜ କର୍ତ୍ତୃପକ୍ଷଙ୍କ ସନ୍ଦେହଜନକ ଭୂମିକା ସାମ୍ନାକୁ ଆସିଛି। ନିର୍ବାଚନ ଅଧିକାରୀ ଓ କଲେଜ ଅଧ୍ୟକ୍ଷ ଏକପାଖିଆ ଭାବେ ଫଳାଫଳ ବଦଳାଇଥିବା ନେଇ ଏବେ ଗାଁଠୁ ସହର ଚର୍ଚ୍ଚା ଜୋର୍ ଧରିଛି। ଏପରିକି ଏହି ବେଆଇନ ପୁନଃଗଣତିକୁ ବିରୋଧ କରି ପରାଜିତ ଉପସଭାପତି ପ୍ରାର୍ଥୀ ଆଇନର ଆଶ୍ରୟ ନେଇ କଲେଜ କର୍ତ୍ତୃପକ୍ଷଙ୍କୁ ଓକିଲ ନୋଟିସ୍ ପଠାଇବା ଘଟଣା ଶିକ୍ଷା ଏବଂ ରାଜନୈତିକ ମହଲରେ କମ୍ପନ ସୃଷ୍ଟି କରିଛି।

ପ୍ରାପ୍ତ ସୂଚନା ମୁତାବକ, ଗତ ୧୫ ତାରିଖରେ ରାଜ୍ୟର ଅନ୍ୟାନ୍ୟ କଲେଜ ସହିତ ଏଠାରେ ମଧ୍ୟ ଛାତ୍ରସଂସଦ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଭୋଟ୍ ଗଣତି ଶେଷ ହେବା ପରେ ଯୁକ୍ତ ୩ ଛାତ୍ର ତଥା ଛାତ୍ର ନେତା ସୁମନ୍ତ କୁମାର ମଲ୍ଲିକଙ୍କୁ ଉପସଭାପତି ଭାବେ ବିଜୟୀ ବୋଲି ସ୍ପଷ୍ଟ ଭାବେ ଘୋଷଣା କରାଯାଇଥିଲା। ମାତ୍ର ଏବିଭିପି ପ୍ରାର୍ଥୀ ପୂଜାରାଣୀ ବିଶ୍ୱାଳଙ୍କ ପରାଜୟକୁ ହଜମ କରି ନ ପାରି କିଛି ପ୍ରଭାବଶାଳୀ ବ୍ୟକ୍ତିଙ୍କ ଚାପରେ କଲେଜ କର୍ତ୍ତୃପକ୍ଷ ହଠାତ୍ ପୁନଃଗଣତିର ନାଟକ ରଚିଥିଲେ ବୋଲି ଅଭିଯୋଗ ହେଉଛି। ଆଇନଜୀବୀ ସୂର୍ଯ୍ୟକାନ୍ତ କୁଅଁରଙ୍କ ଜରିଆରେ ପଠାଯାଇଥିବା ନୋଟିସରେ ସ୍ପଷ୍ଟ କରାଯାଇଛି ଯେ ଏହି ପୁନଃଗଣତି ପ୍ରକ୍ରିୟା ସମ୍ପୂର୍ଣ୍ଣ ବେଆଇନ, ଗଣତନ୍ତ୍ର ବିରୋଧୀ ଏବଂ ତ୍ରୁଟିପୂର୍ଣ୍ଣ ଥିଲା। ସବୁଠାରୁ ଆଶ୍ଚର୍ଯ୍ୟର କଥା ଯେ ବିଜୟୀ ପ୍ରାର୍ଥୀ ସୁମନ୍ତ କୁମାର ମଲ୍ଲିକଙ୍କୁ ଏ ସମ୍ପର୍କରେ କୌଣସି ପୂର୍ବ ସୂଚନା ବା ନୋଟିସ୍ ଦିଆଯାଇ ନ ଥିଲା କିମ୍ବା ପୁନଃଗଣତି ସମୟରେ ତାଙ୍କର କିମ୍ବା ତାଙ୍କ ପ୍ରତିନିଧିଙ୍କର କୌଣସି ଉପସ୍ଥିତି ନ ଥିଲା। ପ୍ରଶାସନିକ କ୍ଷମତାର ଅପବ୍ୟବହାର କରି କେବଳ ଶାସକ ଦଳର ଚାପରେ ଏଭଳି ମନମୁଖି ପଦକ୍ଷେପ ନିଆଯାଇଛି ବୋଲି ବୁଦ୍ଧିଜୀବୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ନୋଟିସରେ ଚେତାବନୀ ଦିଆଯାଇଛି ଯେ, ଆସନ୍ତା ୭ଦିନ ମଧ୍ୟରେ ସୁମନ୍ତ କୁମାର ମଲ୍ଲିକଙ୍କୁ ଯଥାଯଥ ଉପସଭାପତି ଭାବେ ପୁନଃ କାର୍ଯ୍ୟକାରୀ କରା ନ ଗଲେ ମହକିଲ ବାଧ୍ୟ ହୋଇ ଅଦାଲତଙ୍କ ଦ୍ୱାରସ୍ଥ ହେବେ। ପ୍ରକାଶ ଥାଉକି, ଏହି ନିର୍ବାଚନରେ ସୁମନ୍ତ ସିବିଜେଡିର ପ୍ରାର୍ଥୀ ହୋଇଥିବା ବେଳେ ପୂଜାରାଣୀ ଏବିଭିପି ସମର୍ଥିତ ପ୍ରାର୍ଥୀ ଥିଲେ। ମାଛ ମାରିବାକୁ ଯାଇ ହାତ କାଟିବା ପରି କଲେଜ କର୍ତ୍ତୃପକ୍ଷଙ୍କ ଏପରି ମୁଖାଖସା କାର୍ଯ୍ୟକଳାପ ଏବେ ସର୍ବସାଧାରଣରେ ନିନ୍ଦାର ବିଷୟ ପାଲଟିଛି।



ଆବାସ ଯୋଜନାରୁ ବଞ୍ଚିତ ସୌରା ସବରା ଗ୍ରାମର ୬ରୁ ଊର୍ଦ୍ଧ୍ୱ ପରିବାର

ଭଙ୍ଗା ଦଦରା ଘରେ ବାତ୍ୟାର ପାଞ୍ଚ ରାତି କାଟିଲେ ୬ ପରିବାର

ପ୍ରଶାସନର ଦୃଷ୍ଟି ଆଢୁଆଳରେ ଅସହାୟ ଆଦିବାସୀ; ଆବେଦନ ପରେ ବି ମିଳୁନି ଆବାସ





ପାରଳାଖେମୁଣ୍ଡି, ୩୧।୧୦ (ସମିସ) : ସରକାରଙ୍କ ପକ୍ଷରୁ ଗରିବ ଓ ଅସହାୟଙ୍କୁ ପକ୍କା ଘର ଯୋଗାଇଦେବା ପାଇଁ ବିଭିନ୍ନ ଆବାସ ଯୋଜନା ପ୍ରଚଳିତ ଥିବାବେଳେ ଏବେ ବି ଅନେକ ଆଦିବାସୀ ପରିବାର ଏହି ସୁବିଧାରୁ ବଞ୍ଚିତ ହୋଇଥିବାର ଜଣାପଡିଛି । ଏହାର ଏକ ଦୟନୀୟ ଚିତ୍ର ଗଜପତି ଜିଲ୍ଲା ଗୋଷାଣି ବ୍ଲକ ସବରା ପଞ୍ଚାୟତ ଅନ୍ତର୍ଗତ ସୌରା ସବରା ଗ୍ରାମରେ ଦେଖିବାକୁ ମିଳିଛି । ଭଙ୍ଗା ଝାଟିମାଟି ଘର ଓ ଜରାଜୀର୍ଣ୍ଣ ଆଜବେଷ୍ଟସ୍? ଉପରେ ପାଳ, ଛପର, ପଲଥିନ ତଳେ ଜୀବନ ବିତାଉଥିବା ଏହି ପରିବାରଗୁଡ଼ିକ ବାତ୍ୟା 'ଅର୍ଣ୍ଣବ'ର ପ୍ରକୋପ ମଧ୍ୟରେ ଭାଗ୍ୟକୁ ଆଦରି ପାଞ୍ଚ ଦିନ ଓ ପାଞ୍ଚ ରାତି କାଟିଛନ୍ତି । ସୂଚନାନୁଯାୟୀ, ବାତ୍ୟା 'ଅର୍ଣ୍ଣବ' ପ୍ରଭାବରେ ଗୋଷାଣି ବ୍ଲକ୍?ରେ ଲଗାଣ ବର୍ଷା ସାଙ୍ଗକୁ ପବନର ପ୍ରକୋପ ଜାରି ରହିଥିଲା । ଏହି ସମୟରେ ସୌରା ସବରା ଗ୍ରାମର ପ୍ରାୟ ୬ଟି ପରିବାର ନିଜ ନିଜର ଜରାଜୀର୍ଣ୍ଣ ଘରେ ରହିବାକୁ ବାଧ୍ୟ ହୋଇଥିଲେ । ବିଶ୍ୱନାଥ ଶବର (୪୮) ବୃଦ୍ଧା ମାଆଙ୍କ ସମେତ ପାଞ୍ଚଜଣ, ଗଣପତି ଶବର (୬୨) ଦୁଇଜଣ, ମିନୁ ଶବର (୨୭) ସ୍ୱାମୀ ଓ ତିନି ଶିଶୁଙ୍କ ସମେତ ପାଞ୍ଚଜଣ, ଘାସି ଶବର (୫୮) ଦୁଇଜଣ, ବିଶୋଇ ଶବର (୪୨) ପରିବାରର ପାଞ୍ଚଜଣ ଏବଂ ନାଗେଶ ଶବର (୫୨) ପରିବାରର ଛଅଜଣ ସଦସ୍ୟଙ୍କ ସହ ଦୁର୍ଦ୍ଦଶାରେ ଦିନ କାଟିଥିବା କହିଛନ୍ତି । ଘରଗୁଡ଼ିକର ଅବସ୍ଥା ଏତେ ଦୟନୀୟ ଯେ ବର୍ଷା ହେଲେ ଛପର ଦେଇ ପାଣି ସିଧା ଘର ଭିତରେ ପଡୁଛି । ଝାଟିମାଟି କାନ୍ଥ ଓ ଭଙ୍ଗା ଆଜବେଷ୍ଟସ୍? ଛପର ଉପରେ ନିଜ ଉଦ୍ୟମରେ ମାଟି ଲେପିବା ସହ ପଲିଥିନ୍? ଘୋଡ଼ାଇ ରଖିଥିଲେ ମଧ୍ୟ ବର୍ଷାରୁ ରକ୍ଷା ପାଇବା ସମ୍ଭବ ହୋଇନଥିଲା । ଘର ଭିତରେ ଯେଉଁ ସ୍ଥାନରେ ପାଣି ପଡୁନଥିଲା, ସେଠାରେ ଗୋଡ଼ହାତ ଟେକି ବସି ରହିବାକୁ ପଡ଼ିଥିଲା । ଖାଇବା, ପିଇବା ଓ ଶୋଇବାର ସୁବିଧା ନଥିବାରୁ ପାଞ୍ଚ ଦିନ ଓ ପାଞ୍ଚ ରାତି ଭୟ ଓ ଆଶଙ୍କାରେ କଟିଥିବା ସେମାନେ କୋହଭରା କଣ୍ଠରେ ପ୍ରକାଶ କରିଛନ୍ତି । କେବଳ ବାତ୍ୟା 'ଅର୍ଣ୍ଣବ' ନୁହେଁ, ଲଘୁଚାପଜନିତ ବର୍ଷା ହେଉ କିମ୍ବା ଅନ୍ୟ ପ୍ରାକୃତିକ ବିପର୍ଯ୍ୟୟ, ପ୍ରତିଥର ଏଭଳି ଦୁର୍ଦ୍ଦଶା ଭୋଗିବା ସେମାନଙ୍କ ପାଇଁ ନିତିଦିନିଆ ଘଟଣା ପାଲଟିଛି । ଏପରିକି ଗ୍ରାମର ରମେଶ ଶବରଙ୍କ ଝାଟିମାଟି ଘର ବାତ୍ୟାରେ ସମ୍ପୂର୍ଣ୍ଣ ଭାଙ୍ଗିଯାଇଥିବାବେଳେ ବିଶୁ ଶବରଙ୍କ ଗାଈ ଗୁହାଳ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି । ଅନ୍ୟପକ୍ଷରେ, ଆବାସ ଯୋଜନାରେ ଘର ଖଣ୍ଡିଏ ପାଇବା ପାଇଁ ସ୍ଥାନୀୟ ସରପଞ୍ଚଙ୍କଠାରୁ ଆରମ୍ଭ କରି ପ୍ରଶାସନ ନିକଟରେ ବାରମ୍ବାର ଗୁହାରି କରିଥିଲେ ମଧ୍ୟ ଏଯାଏଁ କୌଣସି ସୁଫଳ ମିଳିନଥିବା କହିଛନ୍ତି । ବାତ୍ୟା ସମୟରେ ମଧ୍ୟ ସ୍ଥାନୀୟ ସରପଞ୍ଚ କିମ୍ବା କୌଣସି ପଦାଧିକାରୀ ସେମାନଙ୍କ ଦୁର୍ଦ୍ଦଶା ଦେଖିବାକୁ ଆସିନଥିବା ମଧ୍ୟ ଜଣାଇଛନ୍ତି । ସରକାରୀ ଆବାସ ଯୋଜନାର ଲାଭ ପ୍ରକୃତ ଅସହାୟଙ୍କ ନିକଟରେ ପହଞ୍ଚୁଛି କି ନାହିଁ, ସୌରା ସବରା ଗ୍ରାମର ଏହି ଚିତ୍ର ତାହା ଉପରେ ପ୍ରଶ୍ନ ଉଠାଇଛି । ତୁରନ୍ତ କ୍ଷତିଗ୍ରସ୍ତ ଘରଗୁଡ଼ିକର ସରଜମିନ୍ ତଦନ୍ତ କରି ଯୋଗ୍ୟ ପରିବାରଙ୍କୁ ଆବାସ ଯୋଜନାରେ ସାମିଲ କରିବା ସହ ବିପର୍ଯ୍ୟୟ କ୍ଷୟକ୍ଷତିର ଆକଳନ କରି ସହାୟତା ଯୋଗାଇଦେବାକୁ ଦାବି ହୋଇଛି ।

ଗାମୁଛାରେ ଝୁଲି ପଡ଼ିଲେ ରାଜମିସ୍ତ୍ରି

ବାଲିଗୁଡ଼ା, ୩୧।୧୦(ସମିସ): କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ବିଜ୍ଞାପିତ ଅଞ୍ଚଳର ୧୩ ନମ୍ବର ୱାର୍ଡ ଅନ୍ତର୍ଗତ ଗୁଳିମରା ସାହିରେ ଘଟିଛି ଏକ ଦୁଃଖଦ ଘଟଣା ଦେଖିବାକୁ ମିଳିଛି । ଜଣେ ରାଜମିସ୍ତ୍ରୀଙ୍କ ଅକାଳ ମୃତ୍ୟୁକୁ ନେଇ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ସୂଚନା ଅନୁଯାୟୀ, ଗୁରେଖ ପୂଜାରୀଙ୍କ ପୁଅ ସନ୍ତୋଷ ପୂଜାରୀଙ୍କ ମୃତଦେହ ଏକ ଗଛ ନିକଟରୁ ଉଦ୍ଧାର ହୋଇଛି । ପ୍ରାଥମିକ ସୂଚନା ଅନୁସାରେ, ନିଜ ଗାମୁଛାର କିଛି ଅଂଶ ବ୍ୟବହାର କରି ସେ ଜୀବନ ହାରିଥିବା ଜଣାପଡ଼ିଛି । ତେବେ ଏହି ଘଟଣାର ପ୍ରକୃତ କାରଣ ଏଯାବତ୍ ସ୍ପଷ୍ଟ ହୋଇନାହିଁ । ସନ୍ତୋଷ ଜଣେ ପରିଶ୍ରମୀ ରାଜମିସ୍ତ୍ରୀ ଥିଲେ । ନିଜ ରୋଜଗାରରେ ସେ ପରିବାରର ଭରଣପୋଷଣ କରୁଥିଲେ । ତାଙ୍କ ପରିବାରରେ ସ୍ତ୍ରୀଙ୍କ ସମେତ ଦୁଇ ପୁଅ ଓ ତିନି ଝିଅ ଅଛନ୍ତି । ପରିବାରର ମୁଖ୍ୟ ରୋଜଗାରକ୍ଷମ ବ୍ୟକ୍ତିଙ୍କ ଅକାଳ ବିୟୋଗ ପରେ ଏବେ ସ୍ତ୍ରୀ ଓ ପାଞ୍ଚ ସନ୍ତାନଙ୍କ ଭବିଷ୍ୟତକୁନେଇଚିନ୍ତାବଢ଼ିଛି । ଏହିଦୁଃଖଦଘଟଣାରେପରିବାରବର୍ଗଭାଙ୍ଗିପଡ଼ିଥିବା ବେଳେ ଗୁଳିମରା ସାହିରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି । ଅନ୍ୟପକ୍ଷରେ ବାଲିଗୁଡ଼ା ପୋଲିସର ଘଟଣାର ତଦନ୍ତ କରୁଥିବା ବେଳେ କାରଣ ଅସ୍ପଷ୍ଟ ରହିଛି ।

ଗୋଦାପୁର ଅଙ୍ଗନୱାଡ଼ି କେନ୍ଦ୍ରରୁ ଚୋରି



ବ୍ରାହ୍ମଣୀଗାଁ, ୩୧।୧୦ (ସମିସ) : ଦାରିଙ୍ଗବାଡ଼ି ବ୍ଲକ ସ୍ଥିତ ଗୋଦାପୁର ପଞ୍ଚାୟତ ୫ ନମ୍ବର ଅଙ୍ଗନୱାଡ଼ି କେନ୍ଦ୍ରରୁ ବିଗତ ୨୯ ତାରିଖ ରାତିରେ ତାଲା ଭାଙ୍ଗି କେହି ଦୁର୍ବୃତ୍ତ ବିଭିନ୍ନ ଜିନିଷ ପତ୍ର ଚୋରି କରି ନେଇଯାଇଛନ୍ତି । ସୂଚନା ଅନୁସାରେ କେନ୍ଦ୍ରର ଗ୍ୟାସ୍ ଚୁଲି ସମେତ ୩ଟି ଗ୍ୟାସ୍ ସିଲିଣ୍ଡର୍, ୨୧୦ଟି ଅଣ୍ଡା, ୫୦କେ.ଜି ଚାଉଳ, ୨କେ.ଜି ଡାଲି, ହୋଣ୍ଡା ଚଟୁ, ବାସନକୁସନ, ଗୋଟିଏ ପ୍ଲାଷ୍ଟିକ ଚୌକି, ଅନ୍ୟାନ୍ୟ ଖାଦ୍ୟ ଦ୍ରବ୍ୟ ଇତ୍ୟାଦି ଚୋରି ହୋଇ ଯାଇଛି । ଘଟଣା ସ୍ଥଳରେ ବ୍ରାହ୍ମଣୀଗାଁ ପୋଲିସ୍ ଅନୁସନ୍ଧାନ କାର୍ଯ୍ୟ ଜାରି ରଖିଛନ୍ତି କିନ୍ତୁ ଏ ଯାଏଁ କେହି ଗିରଫ ହୋଇନାହାନ୍ତି । ପ୍ରକାଶ ଥାଉକି ଏହି ଅଞ୍ଚଳରେ ଅଧିକାଂଶ କେନ୍ଦ୍ରରେ ପାଚେରୀ ନଥିବାରୁ କେନ୍ଦ୍ରଗୁଡ଼ିକ ଅଧିକ ଅସୁରକ୍ଷିତ ଜଣା ପଡୁଛନ୍ତି ଓ ଚୋରି ଘଟଣା ଦିନକୁ ଦିନ ବଢ଼ିବାକୁ ଲାଗିଛି । ବିଗତ ୫ ମାସ ପୂର୍ବେ ବ୍ରାହ୍ମଣୀଗାଁ ସହରର ବାସୁଦେବପୁର ଅଙ୍ଗନୱାଡ଼ି କେନ୍ଦ୍ରରୁ ତଦ୍ରୂପ ଏକ ଚୋରି ହୋଇଥିଲା ।

ଫିରିଙ୍ଗିଆରେ ବ୍ଲକ ସ୍ତରୀୟ ସୁରଭି କାର୍ଯ୍ୟକ୍ରମ

ଫିରିଙ୍ଗିଆ, ୩୧/୧୦ (ସମିସ) : କେବଳ ପାଠପଢ଼ା ନୁହେଁ, ନୃତ୍ୟ, ସଙ୍ଗୀତ ଓ ବକ୍ତୃତା ମାଧ୍ୟମରେ ନିଜ ପ୍ରତିଭା ପ୍ରଦର୍ଶନ କରିବାର ସୁଯୋଗ ପାଇଲେ ଫିରିଙ୍ଗିଆ ବ୍ଲକର ୨୨ ଟି କ୍ଲଷ୍ଟର ଛାତ୍ରଛାତ୍ରୀ । କନ୍ଧମାଳ ଜିଲ୍ଲାର ଫିରିଙ୍ଗିଆ ଗୋଷ୍ଠୀ ଶିକ୍ଷା ଅଧିକାରୀ ଙ୍କ କାର୍ଯ୍ୟାଳୟ ପରିସରରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି-୨୦୨୬' ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଫିରିଙ୍ଗିଆ ଥାନା ଅଧିକାରୀ ମୁରଲୀଧର ସାହୁ? ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମ କୁ ଆରମ୍ଭ କରିଥିଲେ କ୍ଷ ସମ୍ମାନୀତ ଅତିଥି ଭାବରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିନୋଦ ବିହାରୀ ଦିଗାଲ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଚୈତନ୍ୟ କହଁର, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସଞ୍ଜୟ କୁମାର ବେହେରା, ସାରଥୀ କହଁର, ପ୍ରମୁଖ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରଧାନ ଶିକ୍ଷୟିତ୍ରୀ କୁମାରୀ ପୁନମ୍, ପ୍ରଧାନ ଶିକ୍ଷକ ଯୋଗେଶ୍ୱର ବେହେରା ଯୋଗଦେଇ ଦେଇ କାର୍ଯ୍ୟକ୍ରମର ଯୋଗ ଦେଇଥିବା ବେଳେ କାର୍ଯ୍ୟକ୍ରମରେ ୨୨ ଜଣ ସିଆରସି ସମେତ ବହୁ ଶିକ୍ଷକ ଓ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମକୁ ବରିଷ୍ଠ ଶିକ୍ଷକ ସିମାଞ୍ଚଳ ମୁଖି ଓ ବିନୋଦ ବିହାରୀ ସାହୁ ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ବ୍ଲକସ୍ତରୀୟ ସୁରଭି ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀ ଆଗାମୀ ଦିନରେ ଅନୁଷ୍ଠିତ ହେବାକୁ ଥିବା ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଭାଗନେବେ ବୋଲି ଫିରିଙ୍ଗିଆ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିନୋଦ ବିହାରୀ ଦିଗାଲ ସୂଚନା ଦେଇଥିଲେ ।

ଜନଶୁଣାଣି ପୋର୍ଟାଲ ଓ ମିଳିତ ଶିବିରରୁ ଆସିଥିବା ଅଭିଯୋଗ ଉପରେ ପ୍ରଶାସନର କାର୍ଯ୍ୟାନୁଷ୍ଠାନ

ଟିକାବାଲି, ୩୧।୧୦(ସମିସ): ଜନସାଧାରଣଙ୍କ ସମସ୍ୟା ଓ ଅଭିଯୋଗର ସ୍ୱଚ୍ଛ ତଥା ଦ୍ରୁତ ସମାଧାନ ଦିଗରେ ଟିକାବାଲି ବ୍ଲକ ପ୍ରଶାସନ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି । ଜନଶୁଣାଣି ଅନଲାଇନ୍ ପୋର୍ଟାଲ ଏବଂ ମିଳିତ ଜନଶୁଣାଣି ଶିବିରରେ ଲୋକଙ୍କ ଦ୍ୱାରା ଦାଖଲ ହୋଇଥିବା ବିଭିନ୍ନ ଅଭିଯୋଗର ତୁରନ୍ତ ତଦନ୍ତ କରାଯାଇ କନ୍ଧମାଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ କମ୍ପ୍ଲାଏନ୍ସ ରିପୋର୍ଟ ପ୍ରଦାନ କରାଯାଇଛି । ବ୍ଲକ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଜନଶୁଣାଣି ଜରିଆରେ ଆସିଥିବା ଆବେଦନଗୁଡ଼ିକୁ ସ୍ଥାନୀୟ ବିଭାଗୀୟ ଅଧିକାରୀମାନଙ୍କ ଦ୍ୱାରା ଅନୁସନ୍ଧାନ କରାଯାଇଥିଲା । ଏହି କ୍ରମରେ ମୋଟ ୧୦ଟି ଅଭିଯୋଗ ପିଟିସନର ପୁଙ୍ଖାନୁପୁଙ୍ଖ ଯାଞ୍ଚ ଶେଷ ହୋଇଥିବାବେଳେ, ଏହାର ଏକ ବିସ୍ତୃତ ରିପୋର୍ଟ ଜିଲ୍ଲାପାଳ ତଥା ଜିଲ୍ଲା ଜନଶୁଣାଣି ପ୍ରକୋଷ୍ଠର ଉପ-ଜିଲ୍ଲାପାଳଙ୍କ ପାଖକୁ ପଠାଯାଇଛି । ପ୍ରକାଶିତ ରିପୋର୍ଟ ଅନୁଯାୟୀ, ଗୁଟିଙ୍ଗିଆ ଓ ଟିକାବାଲି ଅଞ୍ଚଳର କାସମତୀ ପ୍ରଧାନଙ୍କ 'ସୁଭଦ୍ରା ଯୋଜନା' କିସ୍ତି ସମ୍ପର୍କିତ ଆବେଦନକୁ ଯାଞ୍ଚ କରାଯାଇ ମହିଳା ଓ ଶିଶୁ ବିକାଶ ବିଭାଗ ଜରିଆରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ପାଇଁ ଅଗ୍ରସର କରାଯାଇଛି । ସେହିପରି ଜୟଶ୍ରୀ ଶତପଥୀ ଏବଂ ନାରୀ ମାଝୀଙ୍କ ଆବାସ ଯୋଜନା ଆବେଦନର ସ୍ଥିତି ଯାଞ୍ଚ କରାଯାଇ ସେମାନଙ୍କୁ ଯୋଜନାରେ ସାମିଲ କରିବା ପାଇଁ ପ୍ରକ୍ରିୟା ଗ୍ରହଣ କରାଯାଇଛି । ଅନ୍ୟପକ୍ଷରେ, ପିକାରଡ଼ିର ରଞ୍ଜିତ କୁମାର ପ୍ରଧାନଙ୍କ ଉଦ୍ୟାନ କୃଷି ଓ ସୀମା କାମ ସମ୍ବନ୍ଧୀୟ ମାମଲାକୁ ଉପଯୁକ୍ତ ବିଭାଗକୁ ହସ୍ତାନ୍ତର କରାଯାଇଛି । ବ୍ଲକ ପ୍ରଶାସନର ଏହି ତତ୍ପରତା ଯୋଗୁଁ ସାଧାରଣ ଲୋକେ ସରକାରୀ ଯୋଜନାର ସୁଫଳ ପାଇବା କ୍ଷେତ୍ରରେ ଆଶାଜନକ ସଫଳତା ମିଳିବ ବେଳେ ବୁଦ୍ଧିଜୀବୀ ମହଲରେ ପ୍ରଶଂସା କରାଯାଇଛି ।

ପ୍ରଭାବିତ ଅଞ୍ଚଳ ଏବଂ ଲୋକଙ୍କୁ ଭେଟିଲେ ବିଜେଡ଼ି ଟିମ୍



ରାଇକିଆ, ୩୧।୧୦(ସମିସ): ଶନିବାର ରାଇକିଆ ବ୍ଲକ୍ର ମାଣିକେଶ୍ୱର ପଞ୍ଚାୟତ ର ବିଭିନ୍ନ କ୍ଷତିଗ୍ରସ୍ତ ଅଞ୍ଚଳ କୁ ଯାଇ ଲୋକଙ୍କୁ ଭେଟି ଛନ୍ତି କନ୍ଧମାଳ ବିଜେଡି ଜିଲ୍ଲା ସଭାପତି ତଥା ପୂର୍ବତନ ମନ୍ତ୍ରୀ ପଦ୍ମନାଭ ବେହେରା । ମାଣିକେଶ୍ୱର ପଞ୍ଚାୟତର ତିନୋଟି ରିଲିଫ କ୍ୟାମ୍ପରେ ବୁଲି କ୍ଷତି ଗ୍ରସ୍ତଙ୍କୁ ଭେଟି ଆଲୋଚନା କରିବା ସହ ଲୋକଙ୍କ ଅଭିଯୋଗ ମଧ୍ୟ ଶୁଣିଥିଲେ । ବିଶେଷ କରି ଏହି ପରି ବର୍ଷା ପୂର୍ବରୁ କେବେ ହୋଇନଥିବା ବେଳେ ବ୍ୟାପକ କ୍ଷୟ କ୍ଷତି ହୋଇଥିବା ଏବଂ କେତେକ ରିଲିଫ୍ କ୍ୟାମ୍ପ ଅବ୍ୟବସ୍ଥା ଦେଖା ଦେଇଥିବା କହିଛନ୍ତି । ଘର, ଚାଷ ଜମି ନଷ୍ଟ ହୋଇଥିବା ବେଳେ ଗ୍ରାମବାସୀ ମାନେ ସମ୍ପୂର୍ଣ୍ଣ ଭୟଭୀତ ଅଛନ୍ତି । ଅନ୍ୟତ୍ର ସ୍ଥାନାନ୍ତରିତ ପାଇଁ ଦାବି କରୁଛନ୍ତି । ଏ ନେଇ ସେ ବିରୋଧୀ ଦଳ ନେତା ତଥା ରାଜ୍ୟ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ରିପୋର୍ଟ ପ୍ରଦାନ କରିବା ସହ କ୍ଷତିଗ୍ରସ୍ତଙ୍କୁ ଯେପରି ସମସ୍ତ ସୁବିଧା ମିଳି ପାରିବ ସେ ନେଇ ଜିଲାପାଳ ଙ୍କ ସହ ଆଲୋଚନା କରିବେ ବୋଲି କହିଛନ୍ତି । ବିଭିନ୍ନ ଗ୍ରାମ ବୁଲିବା ସମୟ ରେ ପ୍ରଭାବିତ ପରିବାର ଙ୍କୁ ଚୁଡ଼ା, ଗୁଡ, ମହମବତୀ ଭଳି ଅତ୍ୟାବଶ୍ୟକ ସାମଗ୍ରୀ ବଣ୍ଟନ କରିଥିଲେ । ରାଜ୍ୟ ବିଜେଡି ସଂଖ୍ୟାଲଘୁ ସେଲ୍ ଉପସଭାପତି ଜୟାନନ୍ଦ ନାୟକ, ବ୍ଲକ୍ ବିଜେଡି ସଭାପତି ଦେବି ପ୍ରସାଦ ପଣ୍ଡା ଙ୍କ ସମେତ ଦଳୀୟ କର୍ମକର୍ତ୍ତା ସାମିଲ ହୋଇଥିଲେ ।

ଗଜପତି ଜିଲ୍ଲା ପ୍ରଶାସନ ଦ୍ୱାରା ତିନି ଅସହାୟ ଶିଶୁ ଉଦ୍ଧାର



ରାୟଗଡ଼(ଗଜପତି), ୩୧।୧୦(ସମିସ): ବାତ୍ୟା 'ଅର୍ଣ୍ଣବ'ର ପ୍ରକୋପ ଏବଂ ଦାରିଦ୍ର୍ୟର ଦୁର୍ଦ୍ଦଶା ଭିତରେ ସର୍ବସ୍ୱାନ୍ତ ହୋଇପଡ଼ିଥିବା ଗଜପତି ଜିଲ୍ଲା ରାୟଗଡ଼ ବ୍ଲକ ଅନ୍ତର୍ଗତ ଗୋଟେଇ ଗ୍ରାମର ତିନି ଜଣ ଅସହାୟ ଶିଶୁଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି । ମିଳିଥିବା ସୂଚନା ଅନୁଯାୟୀ, ବାତ୍ୟା ପ୍ରଭାବରେ ଉକ୍ତ ଗ୍ରାମର ଏକ ଭଗ୍ନ ଓ ଜର୍ଜର କୁଡ଼ିଆରେ ତିନି ଜଣ ଶିଶୁ ଅତି ଦୟନୀୟ ଅବସ୍ଥାରେ ଦିନ କାଟୁଥିଲେ । ଏହି ଖବର ପାଇ ରାୟଗଡ଼ ବ୍ଲକର ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଣି ବି. କମଳାଙ୍ଗୀ ତୁରନ୍ତ ଜିଲ୍ଲା ପ୍ରଶାସନକୁ ଅବଗତ କରାଇଥିଲେ । ନିର୍ଦ୍ଦେଶକ୍ରମେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ଏବଂ ଚାଇଲ୍ଡ ହେଲ୍ପ ଲାଇନ୍ କର୍ମକର୍ତ୍ତାମାନେ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ । ଉଦ୍ଧାର ହୋଇଥିବା ଶିଶୁମାନଙ୍କ ମଧ୍ୟରେ ୧୨ ଏବଂ ୬ ବର୍ଷର ଦୁଇ ଜଣ ବାଳିକା ତଥା ୧୦ ବର୍ଷର ଜଣେ ବାଳକ ରହିଛନ୍ତି । କିଛି ଦିନ ପୂର୍ବେ ଏମାନଙ୍କ ମା'ଙ୍କର ମୃତ୍ୟୁ ହୋଇସାରିଥିବାବେଳେ ପିତା ମଧ୍ୟ ପରିବାରକୁ ଛାଡ଼ି କେଉଁଆଡ଼େ ଚାଲିଯାଇଛନ୍ତି । ଫଳରେ ସେମାନଙ୍କର ଦେଖାଶୁଣା କରିବାକୁ କେହି ନଥିଲେ । ପରେ ଗ୍ରାମବାସୀଙ୍କ ସହଯୋଗରେ ପ୍ରଶାସନିକ ଟିମ୍ ସେମାନଙ୍କୁ ଉଦ୍ଧାର କରି ଜିଲ୍ଲା ଶିଶୁ କଲ୍ୟାଣ ସମିତି ସମ୍ମୁଖରେ ହାଜର କରାଇଥିଲେ । ଶିଶୁମାନଙ୍କର ଏହି ଦୁର୍ଦ୍ଦଶା ଏବଂ ପରିସ୍ଥିତିକୁ ବିଚାରକୁ ନେଇ ଶିଶୁ କଲ୍ୟାଣ ସମିତି ସେମାନଙ୍କୁ ପାରଳାଖେମୁଣ୍ଡି ସ୍ଥିତ ସରକାରୀ ଶିଶୁ ଯତ୍ନ ଅନୁଷ୍ଠାନ 'ଉତ୍କଳବାଳାଶ୍ରମ'ରେ ଥଇଥାନ କରାଯାଇଛି । ବର୍ତ୍ତମାନ ପ୍ରଶାସନର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସେମାନଙ୍କ ପାଇଁ ରହଣି ମାଗଣା ଖାଦ୍ୟ ଏବଂ ଶିକ୍ଷାର ସମସ୍ତ ବ୍ୟବସ୍ଥା କରାଯାଇଥିବାରୁ ସ୍ଥାନୀୟ ଅଞ୍ଚଳରେ ପ୍ରଶାସନର ଏହି ପଦକ୍ଷେପକୁ ପ୍ରଶଂସା କରାଯାଇଛି ।

ରାଷ୍ଟ୍ରୀୟ ଏକତା ଦିବସରେ ଗଜପତି ପୁଲିସର ଏକତା ଦୌଡ଼



ପାରଳାଖେମୁଣ୍ଡି, ୩୧।୧୦ (ସମିସ) : ରାଷ୍ଟ୍ରୀୟ ଏକତା ଦିବସ ପାଳନ ଅବସରରେ ଆଜି ଗଜପତି ଜିଲ୍ଲାର ପୁଲିସ ପକ୍ଷରୁ ପାରଳାଖେମୁଣ୍ଡି ଠାରେ ଏକ ମାରାଥନ୍ ଦୌଡ଼ ଆୟୋଜିତ ହୋଇଯାଇଛି । ଗଜପତି ଷ୍ଟାଡିୟମ୍‌ଠାରୁ ମହାରାଜା ପ୍ୟାଲେସ ପର୍ଯ୍ୟନ୍ତ ଏହି ଦୌଡ଼ ଅନୁଷ୍ଠିତ ହୋଇଥିଲା । ଆରକ୍ଷୀ ଅଧୀକ୍ଷକ ପ୍ରହ୍ଲାଦ ସହାୟ ମୀନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ପତାକା ଦେଖାଇ ମାରାଥନ୍ ଦୌଡ଼ର ଶୁଭାରମ୍ଭ କରିଥିଲେ । ଏହି ଦୌଡ଼ରେ ଆରକ୍ଷୀ ଅଧୀକ୍ଷକଙ୍କ ସମେତ ବିଭିନ୍ନ ବର୍ଗର ଅଂଶଗ୍ରହଣକାରୀ ଦୌଡି ଜାତୀୟ ଏକତା ଓ ଭାଇଚାରାର ବାର୍ତ୍ତା ପ୍ରଚାର କରିଥିଲେ । ରାଷ୍ଟ୍ରୀୟ ଏକତା ଦିବସ ପାଳନର ଉଦ୍ଦେଶ୍ୟ ହେଉଛି ଦେଶର ଏକତା, ଅଖଣ୍ଡତା ଓ ଭାଇଚାରାର ଭାବନାକୁ ମଜବୁତ କରିବା ପାଇଁ ଆହ୍ୱାନ ଦିଆଯାଇଥିଲା । ସେହିପରି ଆରକ୍ଷୀ ଅଧୀକ୍ଷକ କାର୍ଯ୍ୟାଳୟ ଠାରେ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ଶପଥ ପାଠ କରାଇଥିଲେ । ଏହି ଅବସରରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବିରଞ୍ଚି ବାଗ, ପାରଳାଖେମୁଣ୍ଡି ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ମାଧବାନନ୍ଦ ନାୟକ, ଡିଏସ୍‌ପି ଠାକୁରଦାସ ମୁର୍ମୁ, ଥାନା ଅଧିକାରୀ ପ୍ରଶାନ୍ତ ଭୂପତି ଓ ପୋଲିସ ଆର୍‌ଆଇ ଅଭିରାମ ଖୁଣ୍ଟିଆଙ୍କ ସମେତ ବହୁ ପୁଲିସ ପଦାଧିକାରୀ ଓ କର୍ମଚାରୀମାନେ ଯୋଗଦେଇଥିଲେ ।

ଜିଲ୍ଲା ପ୍ରଶାସନ ପକ୍ଷରୁ ରାଷ୍ଟ୍ରୀୟ ଏକତା ଦିବସ

ପାରଳାଖେମୁଣ୍ଡି, ୩୧।୧୦(ସମିସ) : ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ଜିଲ୍ଲାସ୍ତରୀୟ ଅଧିକାରୀ ଓ କର୍ମଚାରୀମାନଙ୍କୁ ଦେଶର ଏକତା, ଅଖଣ୍ଡତା ଓ ଭାଇଚାରା ବଜାୟ ରଖିବା ପାଇଁ ଶପଥ ପାଠ କରାଇଥିଲେ । ଏହି ଅବସରରେ ଜିଲ୍ଲାପାଳ ଜାତି, ଧର୍ମ ଓ ଭାଷା ଆଧାରରେ ଥିବା ଭେଦଭାବକୁ ଭୁଲି ସମସ୍ତେ ଏକାଠି ହୋଇ ଦେଶର ଏକତା ଓ ଅଖଣ୍ଡତା ରକ୍ଷା କରିବାକୁ ଆହ୍ୱାନ ଦେଇଥିଲେ । ଏଥିସହ ଭାଇଚାରା, ସହଯୋଗ ଓ ଏକତାର ଭାବନାକୁ ଆହୁରି ମଜବୁତ କରିବାକୁ ସେ ଗୁରୁତ୍ୱ ଦେଇଥିଲେ । ରାଷ୍ଟ୍ରୀୟ ଏକତା ଦିବସ ଆମକୁ ଦେଶର ଏକତା ଓ ଅଖଣ୍ଡତାର ମହତ୍ତ୍ୱ ସ୍ମରଣ କରାଇବା ସହ ସମସ୍ତଙ୍କ ମଧ୍ୟରେ ଭାଇଚାରା ଓ ଏକତାର ଭାବନା ବଜାୟ ରଖିବାର ବାର୍ତ୍ତା ଦେଇଥାଏ ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଫାଲଗୁନୀ ମାଝୀ ଓ ମୁନିନ୍ଦ୍ର ହୋନନାଗା, ପାରଳାଖେମୁଣ୍ଡି ଉପଜିଲ୍ଲାପାଳ ସୁଶ୍ରୀ ଭାଗବତ ସାମଲ କଲ୍ୟାଣରାଓ, ଜିଲ୍ଲା ମଙ୍ଗଳ ଅଧିକାରୀ ସଲମାନ ରାଇକାଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ ।

ରାଜସ୍ୱ ମନ୍ତ୍ରୀଙ୍କ ସହ ପାରଳାଖେମୁଣ୍ଡି ବିଧାୟକ ଫୋନ୍ ଯୋଗେ ଆଲୋଚନା

ପାରଳାଖେମୁଣ୍ଡି, ୩୧।୧୦ (ସମିସ) : ପ୍ରକୃତିର ତାଣ୍ଡବରେ ଛାରଖାର ହୋଇପଡ଼ିଛି ଗଜପତି ଜିଲ୍ଲାର ଜନଜୀବନ । ଲଗାଣ ବର୍ଷା ଓ ବନ୍ୟାର ପ୍ରଭାବରେ ଅନେକ ଅଞ୍ଚଳ ଜଳମଗ୍ନ ହୋଇ ରହିଥିବା ବେଳେ ଚାଷୀଙ୍କ ବର୍ଷକର ପରିଶ୍ରମ ଆଜି ପାଣିରେ ମିଶିଯାଇଛି । କେଉଁଠି ଧାନ ଫସଲ ପାଣି ତଳେ ବୁଡ଼ି ରହିଛି ତ ଆଉ କେଉଁଠି ପନିପରିବା ଚାଷ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି । ଏଭଳି ବିପତ୍ତି ସମୟରେ ଚାଷୀ ଓ ବନ୍ୟା ବିପନ୍ନଙ୍କ ଦୁଃଖ, ଦୁର୍ଦ୍ଦଶା ଏବଂ ଜିଲ୍ଲାର ବାସ୍ତବ ପରିସ୍ଥିତିକୁ ରାଜ୍ୟ ସରକାରଙ୍କ ନଜରକୁ ଆଣିଛନ୍ତି ପାରଳାଖେମୁଣ୍ଡି ବିଧାୟକ ଇଂ. ରୂପେଶ କୁମାର ପାଣିଗ୍ରାହୀ । ବିଧାୟକ ଶ୍ରୀ ପାଣିଗ୍ରାହୀ ଚାଷୀମାନଙ୍କ ଉପସ୍ଥିତିରେ ଫୋନ୍ ଯୋଗେ ରାଜସ୍ୱ ମନ୍ତ୍ରୀଙ୍କ ସହ ଆଲୋଚନା କରି ଗଜପତି ଜିଲ୍ଲାର ବନ୍ୟାଜନିତ କ୍ଷୟକ୍ଷତି ଓ ଲୋକଙ୍କ ଦୁରବସ୍ଥା ବିଷୟରେ ବିସ୍ତୃତ ଭାବେ ଅବଗତ କରାଇଥିଲେ । ଆଲୋଚନା ସମୟରେ ବିଧାୟକ ଜଣାଇଥିଲେ ଯେ, ଜିଲ୍ଲାରେ ପ୍ରାୟ ୭୦ ପ୍ରତିଶତ ଫସଲ ନଷ୍ଟ ହୋଇଥିବାରୁ ଚାଷୀମାନେ ଏବେ ଘୋର ଆର୍ଥିକ ସଙ୍କଟର ସମ୍ମୁଖୀନ ହେବାକୁ ଯାଉଛନ୍ତି । ମୁଣ୍ଡର ଝାଳ ତୁଣ୍ଡରେ ମାରି ଯେଉଁ ଚାଷୀ ନିଜ ପରିବାରର ଭବିଷ୍ୟତ ପାଇଁ ଫସଲ ଅମଳ ଆଶାରେ ଥିଲେ, ଆଜି ସେହି ଫସଲ ଜଳମଗ୍ନ ହୋଇ ନଷ୍ଟ ହେବା ତାଙ୍କ ପାଇଁ ଅସହ୍ୟ ଯନ୍ତ୍ରଣା ପାଲଟିଛି । ତେଣୁ କ୍ଷତିଗ୍ରସ୍ତ ଚାଷୀଙ୍କୁ ତୁରନ୍ତ ଚିହ୍ନଟ କରି ଉପଯୁକ୍ତ କ୍ଷତିପୂରଣ ଓ ଆବଶ୍ୟକ ସହାୟତା ଯୋଗାଇଦେବାକୁ ସେ ରାଜସ୍ୱ ମନ୍ତ୍ରୀଙ୍କ ନିକଟରେ ନିବେଦନ କରିଥିଲେ ।

ରିଲିଫ୍ ସାମଗ୍ରୀ ପଠାଇଲା ଗୋଷାଣି ବ୍ଲକ ପ୍ରଶାସନ

ଗୋଷାଣି, ୩୧।୧୦ (ସମିସ) : 'ଅର୍ଣ୍ଣବ' ସାମୁଦ୍ରିକ ଝଡ ପ୍ରଭାବରେ ଉଭୟ ଗଜପତି ଓ ଗଞ୍ଜାମର ବ୍ୟାପକ କ୍ଷୟକ୍ଷତି ଘଟିଛି । ହେଲେ ସର୍ବାଧିକ ଗଞ୍ଜାମ ଜିଲ୍ଲା କ୍ଷତିଗ୍ରସ୍ତ ହୋଇଥିବା ବେଳେ ଆଜିପର୍ଯ୍ୟନ୍ତ ଲୋକେ ଜଳାବନ୍ଦୀ ଅବସ୍ଥାରେ ରହିଥିବାର ଜଣାପଡିଛି । ଯାହାକୁ ଦୃଷ୍ଟିରେ ରଖି ଗଜପତି ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶ କ୍ରମେ ଗୋଷାଣି ବ୍ଲକ ପ୍ରଶାସନ ବ୍ୟାପକ ରିଲିଫ ସାମଗ୍ରୀ ପଠାଯାଇଛି । ରିଲିଫ ସାମଗ୍ର ମଧ୍ୟରେ ୨ହଜାର କୁଇଣ୍ଟାଲ ଚୁଡା, ଗୁଡ଼, ଓଆରଏସ୍ ପ୍ୟାକେଟ୍, କ୍ୟାଣ୍ଡେଲ, ଦିଆସିଲି ଆଦି ଭଳି ନିତ୍ୟ ବ୍ୟବହାର୍ଯ୍ୟ ତଥା ଜରୁରୀ ସାମଗ୍ରୀ ପଠାଯାଇଥିବାର ବିଡିଓ ଗୌରଚନ୍ଦ୍ର ପଟ୍ଟନାୟକ ସୂଚନା ପ୍ରଦାନ କରିଛନ୍ତି ।

ଜିଲ୍ଲାପାଳଙ୍କ ଗୋଷାଣି ବ୍ଲକର କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ

ଅପହଞ୍ଚ ଗଙ୍ଗାବାଡ଼କୁ ବାଇକ୍ ଓ ପାଦରେ ଗଲେ



ପାରଳାଖେମୁଣ୍ଡି, ୩୧।୧୦ (ସମିସ) : ଅର୍ଣ୍ଣବ ବାତ୍ୟା ଗଜପତି ଜିଲ୍ଲାର ଗୋଷାଣି ବ୍ଲକରେ କ୍ଷତି ଘଟାଇଛି । ବିଶେଷ କରି ବ୍ୟାପକ ଧାନଚାଷ ତଥା ଫସଲ ନଷ୍ଟ ହୋଇଛି । ଯାହାକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ବ୍ଲକର ବିଭିନ୍ନ ଗ୍ରାମାଞ୍ଚଳ ଗସ୍ତ କରି ପରିଦର୍ଶନ କରିଛନ୍ତି । ଏହି ବ୍ଲକରେ ବାତ୍ୟା ଓ ପ୍ରବଳ ବର୍ଷା ଯୋଗୁଁ ହୋଇଥିବା ଫସଲ କ୍ଷୟକ୍ଷତିର ଆକଳନ କରାଯାଉଛି । ରାଜସ୍ୱ ବିଭାଗ ପକ୍ଷରୁ କ୍ଷତିଗ୍ରସ୍ତ ଫସଲର ସ୍ଥିତି ଅନୁଧ୍ୟାନ କରି ଆକଳନ କାର୍ଯ୍ୟ ଜାରି ରହିଛି । ଯାହାକୁ ଦେଖିବାପାଇଁ ଖୋଦ ଜିଲ୍ଲାପାଳ ଶରଧାପୁର, ଗଜପତିନଗର, ଉପଲଡା ଆଦି ଗ୍ରାମରେ ପହଞ୍ଚି ବନ୍ୟା ଫଳରେ କ୍ଷୟକ୍ଷତି ହୋଇଥିବା ପରିସ୍ଥିତି ଦେଖିଥିଲେ । ସେହିଭଳି ଗୋଷାଣି ବ୍ଲକର ଦୁର୍ଗମାଞ୍ଚଳ କୁହାଯାଉଥିବା ରମ୍ଭା ପଞ୍ଚାୟତ ଅନ୍ତର୍ଗତ ଗଙ୍ଗାବାଡ ଗ୍ରାମ ପରିଦର୍ଶନ କରିଥିଲେ । ଏହି ଦୁର୍ଗମ ଗ୍ରାମକୁ ଜିଲ୍ଲାପାଳ ଓ ଉପଜିଲ୍ଲାପାଳ କିଛି ବାଟ ମୋଟରସାଇକେଲ ଯୋଗେ ଯାଇ କଦର୍ଯ୍ୟ ହୋଇପଡିଥିବା ରାସ୍ତାରେ ପାଦଚଲାରେ ପହଞ୍ଚି ସେଠାରେ ଉଦ୍ଧାର କାର୍ଯ୍ୟର ତଦାରଖ କରିଥିଲେ ଓ ଲୋକଙ୍କ ସମସ୍ୟା ବିଷୟରେ ଅନୁଧ୍ୟାନ କରିବା ସହ ଆବଶ୍ୟକୀୟ ପଦକ୍ଷେପ ନେବାକୁ ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାପାଳଙ୍କ ଏହି ଗସ୍ତ ସମୟରେ ପାରଳାଖେମୁଣ୍ଡି ଉପଜିଲ୍ଲାପାଳ ସୁଶ୍ରୀ ଭାଗବତ ସାମଲ କଲ୍ୟାଣରାଓ, ତହସିଲଦାର ନାରାୟଣ ବେହେରା, ବିଡିଓ ଗୌରଚନ୍ଦ୍ର ପଟ୍ଟନୟକ ପ୍ରମୁଖଙ୍କ ସମେତ ବିଭିନ୍ନ ବିଭାଗର ବ୍ଲକସ୍ତରୀୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତଥିଲେ ।

ଟିକାବାଲିରେ ଭାଙ୍ଗିଲା ସ୍କୁଲ ପାଚେରି

ଅସୁରକ୍ଷିତ ଆଶ୍ରମ ଅନ୍ତେବାସୀ

ଟିକାବାଲି, ୩୧।୧୦(ସମିସ): ସମୁଦ୍ର ଝଡ଼ 'ଅର୍ଣ୍ଣବ'ର ପ୍ରଭାବରେ କନ୍ଧମାଳ ଜିଲ୍ଲା ଟିକାବାଲି ବ୍ଲକ ଅନ୍ତର୍ଗତ ବୁର୍ବିନାୟୁ ଗ୍ରାମ ପଞ୍ଚାୟତର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପାଚେରୀ ଭାଙ୍ଗିଯାଇଥିବା ନେଇ ସୂଚନା ମିଳିଛି । ଏହି ବିପର୍ଯ୍ୟୟ ଯୋଗୁଁ ସ୍କୁଲ ହଷ୍ଟେଲରେ ରହୁଥିବା ଅନ୍ତେବାସୀମାନେ ବର୍ତ୍ତମାନ ଅସୁରକ୍ଷିତ ଅବସ୍ଥାରେ ରହିଥିବା ଅଭିଭାବକ ଓ ସ୍କୁଲ କମିଟି ପକ୍ଷରୁ ପ୍ରକାଶ କରାଯାଇଛି । ମିଳିଥିବା ସୂଚନା ଅନୁସାରେ, ଗତ ୨୯ ତାରିଖ ରାତ୍ରୀ ସମୟରେ ଏହି ଅଞ୍ଚଳରେ ପ୍ରବଳ ପବନ ସାଙ୍ଗକୁ ଡୁହାକୁ ଡୁହା ବର୍ଷା ହୋଇଥିଲା । ଫଳରେ ସ୍କୁଲ ପାଚେରିକୁ ଲାଗି ରହିଥିବା ଏକ ବିରାଟ ନିମ୍ବ ଗଛ ଉପୁଡ଼ି ପାଚେରୀ ଉପରେ ମାଡ଼ି ବସିଥିଲା । ଏହାର ପ୍ରଭାବରେ ପାଚେରୀର ଗୋଟିଏ କୋଣପଟେ ପାଖାପାଖି ୩୦ ଫୁଟ୍ ପାଚେରି ସମ୍ପୂର୍ଣ୍ଣ ଭାଙ୍ଗି ଧୂଳିସାତ୍ ହୋଇଯାଇଛି । ଘଟଣା ସମ୍ପର୍କରେ ସ୍କୁଲର ପ୍ରଧାନ ଶିକ୍ଷକ ସୁଧାକର ନାୟକ ବିଭାଗୀୟ ଅଧିକାରୀମାନଙ୍କୁ ଅବଗତ କରାଇଥିବା କହିଛନ୍ତି । ମାତ୍ର ଦୁଃଖର ବିଷୟ, ଏପର୍ଯ୍ୟନ୍ତ କୌଣସି ପ୍ରଶାସନିକ ଅଧିକାରୀ କିମ୍ବା କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ସର୍ଜମିନ ନିରୀକ୍ଷଣ କରିନାହାନ୍ତି । ତୁରନ୍ତ ଏହାର ସ୍ଥିତି ଅନୁଧ୍ୟାନ କରାଯାଇ ପାଚେରୀ ପୁନଃ ନିର୍ମାଣ ନକଗଲେ ହଷ୍ଟେଲରେ ରହୁଥିବା ଛାତ୍ରଛାତ୍ରୀଙ୍କୁ ନେଇ ବଡ଼ଧରଣର ବିପଦ ଆଶଙ୍କା ରହିଥିବା ସ୍କୁଲ କମିଟି ଏବଂ ସ୍ଥାନୀୟ ଲୋକେ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି । ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଜରୁରିକାଳୀନ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି ।



ଢେଙ୍କାନାଳରେ ଜାତୀୟ ଏକତା ଦିବସ ପାଳିତ

ଢେଙ୍କାନାଳ,୩୧ ।୧୦(ସମିସ)



ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ଅବସରରେ ଶନିବାର ଢେଙ୍କାନାଳରେ ଜାତୀୟ ଏକତା ଦିବସ ପାଳିତ ହୋଇଛି । ଏହି ଅବସରରେ ସକାଳେ ଅନୁଷ୍ଠିତ ଏକତା ଦୌଡ଼ରେ ୪୦୦ରୁ ଊର୍ଦ୍ଧ୍ୱ ଲୋକ ସାମିଲ ହୋଇଥିଲେ । ସନ୍ଧ୍ୟାରେ ଢେଙ୍କାନାଳ ପୁଲିସ ପକ୍ଷରୁ ପରେଡ୍ ଆୟୋଜିତ ହୋଇଥିଲା । ସକାଳେ ଆର୍ଟ ଆଣ୍ଡ କ୍ରାଫ୍ଟ ସେଣ୍ଟର ଅଡିଟୋରିୟମ୍‌ରେ ଆୟୋଜିତ ସ୍ୱାଗତ ସଭା ପରେ ଢେଙ୍କାନାଳ ଏସ୍‌ପି ଆଜିଙ୍କ୍ୟ ବାବୁରାଓ ମାଣେ, ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀ ଏବଂ ଲଳିତ ମୋହନ ବେହେରା ପତାକା ଦେଖାଇ ଏକତା ଦୌଡ଼ ଶୁଭାରମ୍ଭ କରିଥିଲେ । ସ୍ୱାଗତ ସଭାରେ ଉଦ୍‌ବୋଧନ ଦେଇ ଏସ୍‌ପି ମାଣେ କହିଥିଲେ ଯେ ୨୦୪୭ ସୁଦ୍ଧା ଭାରତକୁ ବିକଶିତ ରାଷ୍ଟ୍ର ଭାବେ ଗଢ଼ିତୋଳିବା ପାଇଁ ଜାତୀୟ ଏକତା ଓ ସଂହତି ଅପରିହାର୍ଯ୍ୟ । ଚଳିତ ବର୍ଷ ଏକତା ଦିବସର ବିଷୟବସ୍ତୁ "ନିଶାମୁକ୍ତ ଭାରତ' ଉପରେ ଗୁରୁତ୍ୱାରୋପ କରି ସେ ଏକ ସୁସ୍ଥ ଓ ସଶକ୍ତ ସମାଜ ଗଠନ ପାଇଁ ନିଶାମୁକ୍ତି ଆନ୍ଦୋଳନରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ସେଠୀ କହିଲେ ଯେ ଦେଶର ପ୍ରଗତି ଆମ ଏକତା ଓ ସାମୂହିକ ଦାୟିତ୍ୱବୋଧ ଉପରେ ନିର୍ଭର କରେ । ବିଶ୍ୱର ବିଭିନ୍ନ ଦେଶରେ ଚାଲିଥିବା ଆନ୍ଦୋଳନ ଓ ବିଶୃଙ୍ଖଳାର ଉଦାହରଣ ଦେଇ ସେ କହିଲେ, ଶତ୍ରୁପକ୍ଷର ପ୍ରରୋଚନା ବା ପ୍ରୋତ୍ସାହନରେ ଏଭଳି ଘଟଣା ଘଟିଲେ ତାହା ଦେଶର ବିକାଶକୁ ବାଧାପ୍ରାପ୍ତ କରିପାରେ । ତେଣୁ ଜାତୀୟ ସ୍ୱାର୍ଥ ଓ ଏକତାକୁ ସର୍ବଦା ପ୍ରାଧାନ୍ୟ ଦେବା ଆବଶ୍ୟକ ବୋଲି ସେ କହିଥିଲେ । ଅତିରିକ୍ତ ଜିଲ୍ଲାପାଳ ବେହେରା ମଧ୍ୟ ଏକ ଶକ୍ତିଶାଳୀ ଓ ବିକଶିତ ରାଷ୍ଟ୍ର ଗଠନ ପାଇଁ ଜାତୀୟ ଏକତାକୁ ସର୍ବୋଚ୍ଚ ପ୍ରାଥମିକତା ଦେବାକୁ ଆହ୍ୱାନ ଦେଇଥିଲେ ।

ସନ୍ଧ୍ୟାରେ ରିଜର୍ଭ ପୁଲିସ ପଡ଼ିଆରେ ଆୟୋଜିତ ପରେଡ୍‌ରେ ଉତ୍ତର-କେନ୍ଦ୍ରାଞ୍ଚଳ ରେଞ୍ଜ ଡିଆଇଜି ଆଶିଷ କୁମାର ସିଂହ ମୁଖ୍ୟଅତିଥି ଭାବେ ଯୋଗଦେଇ ଉପସ୍ଥିତ ଲୋକଙ୍କୁ ଜାତୀୟ ଏକତା ଦିବସର ଶପଥପାଠ କରାଇଥିଲେ । ୨୦୪୭ ସୁଦ୍ଧା ବିକଶିତ ଭାରତର ସ୍ୱପ୍ନ ସାକାର କରିବା ପାଇଁ ଦେଶର ଏକତା, ଅଖଣ୍ଡତା ଓ ସୁରକ୍ଷାକୁ ଯେକୌଣସି ପରିସ୍ଥିତିରେ ଅକ୍ଷୁଣ୍ଣ ରଖିବା ଆବଶ୍ୟକ ବୋଲି ସେ କହିଥିଲେ । ଏହି ଅବସରରେ ବରିଷ୍ଠ ନାଗରିକମାନଙ୍କୁ ବରିଷ୍ଠ ନାଗରିକ ପରିଚୟପତ୍ର ବଣ୍ଟନ କରାଯାଇଥିଲା । ଜିଲ୍ଲାର ବିଭିନ୍ନ ବ୍ଲକ୍‌ରେ ଆୟୋଜିତ ବକ୍ତୃତା, ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତାରେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ଅତିରିକ୍ତ ଏସ୍‌ପି ସୂର୍ଯ୍ୟମଣି ପ୍ରଧାନ, ଇନ୍ଦୁରେଖା ପଶ୍ଚିମକବାଟ, ନିରଞ୍ଜନ ପାଢ଼ୀ, ଢେଙ୍କାନାଳ ସଦର ଏସ୍‌ଡିପିଓ ରମେଶ ଚନ୍ଦ୍ର ଦୋରା, ଏଚ୍‌ଆର୍‌ପିସି ଡିଏସ୍‌ପି ସନ୍ଧ୍ୟାରାଣୀ ବେହେରାଙ୍କ ସମେତ ବହୁ ବରିଷ୍ଠ ପୁଲିସ ଅଧିକାରୀ ଓ ଜନସାଧାରଣ ଉପସ୍ଥିତ ଥିଲେ । ରିଜର୍ଭ ଇନ୍ସପେକ୍ଟର (ହୋମଗାର୍ଡ) ସାଗର ଟପୋ ପରେଡ୍‌ର ନେତୃତ୍ୱ ନେଉଥିବା ବେଳେ ଜ୍ୟୋତିପ୍ରକାଶ ପଟ୍ଟନାୟକ ଦ୍ୱିତୀୟ କମାଣ୍ଡ ଭାବେ ଦାୟିତ୍ୱ ତୁଲାଇଥିଲେ । ସୁରେଶ ଚନ୍ଦ୍ର ପଣ୍ଡା ମଞ୍ଚ ପରିଚାଳନା କରିଥିଲେ ।

ଝରକା କାଟି ଲୁଟିନେଲେ ଦୁର୍ବୃତ୍ତ

କାମାକ୍ଷାନଗର,୩୧ ।୧୦(ସମିସ): ପରିବାର ଲୋକେ ଘରେ ଶୋଇଥିବା ବେଳେ ରାତିରେ ଝରକା କାଟି ଘରେ ପଶିବା ସହ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଓ ନଗଦ ଟଙ୍କା ଲୁଟି ନେଇଛନ୍ତି । ଦୁର୍ବୃତ୍ତ । ସକାଳେ ଉଠିବା ପରେ ସାମ୍ନାକୁ ଚୋରି ଘଟଣା ସାମ୍ନାକୁ ଆସିଛି । କାମାକ୍ଷାନଗର ଥାନା ଅନନ୍ତପୁର ସାହିରେ ଘଟିଛି ଏହି ଘଟଣା । ଗ୍ରାମର



ପ୍ରଦୀପ କୁମାର ମିଶ୍ରଙ୍କ ପରିବାରର ସମସ୍ତ ସଦସ୍ୟ ଗୋଟିଏ ରୁମରେ ଶୋଇଥିବା ବେଳେ ଲୁଟେରାମାନେ ଅନ୍ୟ ଏକ ରୁମର ଝରକା କାଟି ଘର ଭିତରକୁ ପଶିଥିଲେ । ପରେ ଷ୍ଟିଲ ଆଲମିରା ଭାଙ୍ଗି ସୁନା ଅଳଙ୍କାର ଓ ଟଙ୍କା ଲୁଟି ନେଇଥିଲେ । ଏନେଇ ଥାନାରେ ଅଭିଯୋଗ ପରେ ପୁଲିସ ତଦନ୍ତ ଆରମ୍ଭ କରିଛି । ପୂର୍ବରୁ ମଧ୍ୟ କିଛିମାସ ତଳେ ଏଠାରେ ଥିବା ଏକ ମନ୍ଦିରରୁ ଲୁଟ୍ ହୋଇଥିଲା । ତେବେ ଏହି ଘଟଣାରେ ପୁଲିସକୁ କୌଣସି ସୁରାକ ମିଳିପାରି ନାହିଁ । ପୁଲିସ ପାଟ୍ରୋଲିଂ କଡ଼ାକଡ଼ି କରିବାକୁ ଦାବି ହୋଇଛି ।

ମହାବିରୋଡ୍ ଥାନାରେ ଆମ ପୁଲିସ ସମିତି ବୈଠକ

କାମାକ୍ଷାନଗର,୩୧ ।୧୦(ସମିସ): ମହାବିରୋଡ୍ ଥାନା ପରିସରରେ ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ଶନିବାର ନିଶାମୁକ୍ତ ଓଡ଼ିଶା ସଚେତନତା ଓ ଆମ ପୁଲିସ ସମିତି ବୈଠକ ଅନୁଷ୍ଠିତ ହୋଇଛି । ଥାନା ଅଧିକାରୀ କାଶୀନାଥ ହାଁସଦାଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା । ନିଶାଠାରୁ ଦୂରେଇ ରହିବା ପାଇଁ ସଚେତନ କରାଯାଇଥିଲା । ପରେ ଆମ ପୁଲିସ ସମିତି ବୈଠକ ଅନୁଷ୍ଠିତ ହୋଇଥିଲା । ପୁଲିସ ଓ ସାଧାରଣ ଜନତାଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପନ ଉପରେ ଥାନା ଅଧିକାରୀ ହାଁସଦା ଗୁରୁତ୍ୱ ଦେଇଥିଲେ । କାର୍ଯ୍ୟକ୍ରମରେ ପ୍ରକୃତିବନ୍ଧୁ ତଥା କଙ୍କଡ଼ାହାଡ଼ ବ୍ଲକ ସାମ୍ବାଦିକ ସଂଘ ସଭାପତି ରାଜେଶ କୁମାର ଦେହୁରୀ, ମହାବିରୋଡ୍ ମଣ୍ଡଳ ବିଜେପି ସଭାପତି ଜିତେନ୍ଦ୍ର କର, ଦଶୀପୁର ସରପଞ୍ଚ ସୁଧୀର ପାଳ, ଏସ୍‌ଆଇ ଶୈଳବାଳା ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ । ସମାଜସେବୀ ସରୋଜ ବେହେରା, ମହତାବ ସାହୁ, ଟିକମ ହାତୀ, ତ୍ରିନାଥ ସାହୁ, ସମୟ ଜେନା, ବିଜୟ ଦେହୁରୀ, ପ୍ରମୋଦ ସାମଲ, ଚନ୍ଦନ ସାମଲ, ପ୍ରଦୀପ ସାମଲ, ବୃନ୍ଦାବନ ସାହୁ, ଚନ୍ଦ୍ରମଣି ସାହୁ, ସୁଶାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଏଏସ୍‌ଆଇ ସୁରସିଙ୍ଗ ବାର୍ଲା, କନଷ୍ଟେବଳ ରେବତୀ ପାଇକ, ରବୀନ୍ଦ୍ର ମୁଣ୍ଡା, ଅଶ୍ୱିନୀ ସାହୁ ସହଯୋଗ କରିଥିଲେ ।

ଡାକ୍ତରଙ୍କ ଏକାଦଶାହରେ ଯୋଗଦେଲେ ସାଂସଦ

ଢେଙ୍କାନାଳ,୩୧ ।୧୦(ସମିସ): ଢେଙ୍କାନାଳର ବିଶିଷ୍ଟ ଡାକ୍ତରଙ୍କ ଏକାଦଶାହ କାର୍ଯ୍ୟରେ ସାଂସଦ ରୁଦ୍ରନାରାୟଣ ପାଣି ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ସେହିପରି ମିଳିତ ବଜାର ପୂଜା କମିଟି ଦ୍ୱାରା ଆୟୋଜିତ ହୀରକ ଜୟନ୍ତୀ ଉତ୍ସବର ସାଂସ୍କୃତିକ ସନ୍ଧ୍ୟାରେ ଅତିଥି ଭାବେ ଯୋଗଦେଇ ଭାଇଚାରା ତଥା ସଂସ୍କୃତି ସମ୍ପନ୍ନ ଢେଙ୍କାନାଳ ସହରର ଗାଥା ଗୌରବକୁ ମନେପକାଇବା ସହ ଢେଙ୍କାନାଳ ଗଜଲକ୍ଷ୍ମୀ ପୂଜା ଆଜି ସାରା ବିଶ୍ୱରେ ପ୍ରସିଦ୍ଧି ଲାଭ କରିଛି ବୋଲି କହିଥିଲେ । ଏଥିସହ ସେ କାଞ୍ଚନ ବଜାର, ବସଷ୍ଟାଣ୍ଡ, ଜୁବୁଲି ଟାଉନ, ଦେଉଳସାହି, କୈବଲ୍ୟ ବଜାର ଆଦି ପୂଜା ମଣ୍ଡପ ପରିଦର୍ଶନ କରି ମା' ଲକ୍ଷ୍ମୀଙ୍କ ଆଶୀର୍ବାଦ ଭିକ୍ଷା କରିବା ସହ ବିଶ୍ୱବାସୀଙ୍କ ସୁଖସମୃଦ୍ଧି କାମନା କରିଥିଲେ । ହନୁମାନ ବାଟିକାଠାରେ ଢେଙ୍କାନାଳର ବିଶିଷ୍ଟ ବ୍ୟକ୍ତିମାନଙ୍କ ସହ ଜିଲ୍ଲାର ସାମଗ୍ରିକ ବିକାଶ ବାବଦରେ ଆଲୋଚନା କରି ସେମାନଙ୍କ ମତାମତ ଗ୍ରହଣ କରିଥିଲେ । ଏହି ଅବସରରେ ସାଂସଦ ସୁନାମଧନ୍ୟ ଡାକ୍ତର ସ୍ୱର୍ଗତ ନୀଳକଣ୍ଠ ପରିଡ଼ାଙ୍କ ଏକାଦଶାହ କାର୍ଯ୍ୟରେ ଯୋଗଦେଇ ଶୋକବ୍ୟକ୍ତ କରିବାସହ ତାଙ୍କ ପରିବାର ଲୋକଙ୍କୁ ସମବେଦନା ଜଣାଇଥିଲେ । ଦେଉଳସହିସ୍ଥିତ କାର୍ଯ୍ୟାଳୟରେ ଲୋକଙ୍କ ସମସ୍ୟା ଶୁଣିବା ଶହ ସେଗୁଡ଼ିକର ସମାଧାନ ନିମନ୍ତେ ସମ୍ପୃକ୍ତ ଅଧିକାରୀମାନଙ୍କୁ ଫୋନ ଯୋଗେ ନିର୍ଦ୍ଦେଶ ଦେଇଥିଲେ ।



■ ବରିଷ୍ଠ ନାଗରିକଙ୍କୁ ମା' ଲକ୍ଷ୍ମୀଙ୍କ ଦର୍ଶନ କରାଇଲା 'ପିପୁଲ ଫର ସ୍ମାଇଲ'

ବୃଦ୍ଧାଶ୍ରମ ଅନ୍ତେବାସୀଙ୍କ ସହ ପୂଜା ପାଳିଲେ ସ୍ୱେଚ୍ଛାସେବୀ



କାମାକ୍ଷାନଗର,୩୧ ।୧୦(ସମିସ): ସେବା ଓ ମାନବିକତାର ନିଆରା ଉଦାହରଣ ସୃଷ୍ଟି କରିଛି କାମାକ୍ଷାନଗରର ସ୍ୱେଚ୍ଛାସେବୀ ସଂଗଠନ "ପିପୁଲ ଫର ସ୍ମାଇଲ' । ଲକ୍ଷ୍ମୀପୂଜା ଅବସରରେ କାମାକ୍ଷାନଗର ବ୍ଲକ ଜିରିଡ଼ାମାଳିସ୍ଥିତ ବୃଦ୍ଧାଶ୍ରମରେ ରହୁଥିବା ବରିଷ୍ଠ ନାଗରିକମାନଙ୍କୁ ସଂଗଠନ ପକ୍ଷରୁ ମା' ଲକ୍ଷ୍ମୀଙ୍କ ଦର୍ଶନ କରାଯାଇଛି । ସଂଗଠନର ସଦସ୍ୟମାନେ ବୃଦ୍ଧାଶ୍ରମ ଅନ୍ତେବାସୀଙ୍କୁ ମହୁଲପାଳ ଗ୍ରାମକୁ ନେଇ ମା'ଙ୍କ ଦର୍ଶନ କରାଇବା ସହ ସେମାନଙ୍କ ପାଇଁ ଖାଦ୍ୟପେୟ ବ୍ୟବସ୍ଥା କରିଥିଲେ । ଏହି କାର୍ଯ୍ୟକ୍ରମରେ ସଂଗଠନର ଦେବାଶିଷ ବିଶ୍ୱାଳ, ପ୍ରଭାତ ବିଶ୍ୱାଳ, ଦେବଦତ୍ତ ମହାନ୍ତି, ବିଷ୍ଣୁମୋହନ ନାୟକ, କାମାକ୍ଷା ପ୍ରସାଦ, ଶୁଭାଶିଷ ରାଉତ, ସର୍ବେଶ୍ୱର ପାତ୍ର ଓ ରାକେଶ ଦେହୁରୀ ପ୍ରମୁଖ ସାମିଲ ହୋଇଥିଲେ ।

ସ୍କୁଲ ସମୂହ ଭଲିବଲ ଓ ଖୋଖୋ ପ୍ରତିଯୋଗିତା



ଗଁଦିଆ,୩୧ ।୧୦(ସମିସ): ଗଁଦିଆ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ଢେଙ୍କାନାଳ ଜିଲ୍ଲାସ୍ତରୀୟ ସ୍କୁଲ ସମୂହ ଭଲିବଲ୍ ଓ ଖୋଖୋ ପ୍ରତିଯୋଗିତା ପ୍ରଧାନଶିକ୍ଷକ ଅରୁଣ କୁମାର ଓଝାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି । ମୁଖ୍ୟଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ପରେଶ ଚନ୍ଦ୍ର ପାତ୍ର, ବିଶିଷ୍ଟ ଅତିଥି ଭାବେ ପଞ୍ଚସଖା ଶିକ୍ଷାସେତୁ କମିଟି ସଭାପତି ତଥା ପ୍ରାକ୍ତନ ବିଚାରପତି ଭିକାରୀ ଚରଣ ରାଉତ, କପିଳାସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଗୋଲକ ନାୟକ ଯୋଦେଇ କ୍ରୀଡ଼ା ଭାଇଚାରାର ବାର୍ତ୍ତା ପ୍ରଦାନ କରିବା ସହିତ ଶୃଙ୍ଖଳିତ ଜୀବନଯାପନରେ ସହାୟକ ହୁଏ ବୋଲି ମତବ୍ୟକ୍ତ କରିଥିଲେ । ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ସୁଜାତା ପଟ୍ଟନାୟକ ସ୍ୱାଗତ ଅଭିଭାଷଣ ପ୍ରଦାନ କରି କହିଲେ, ଅବିଭକ୍ତ ଢେଙ୍କାନାଳ ଜିଲ୍ଲାର ଛାତ୍ରଛାତ୍ରୀ କ୍ରୀଡ଼ା କ୍ଷେତ୍ରରେ ଅନେକ ସଫଳତା ଆଣିଛନ୍ତି । ଭାଇଚାରା ନେଇ ଖେଳିବା ପାଇଁ ପରାମର୍ଶ ପ୍ରଦାନ କରିଥିଲେ । ସମ୍ମାନିତ ଅତିଥି ଭାବେ ଗଁଦିଆ ଏବିଇଓ କଣ୍ଠ ଦେହୁରୀ, ବିଦ୍ୟାଳୟ ପରିଚାଳନା ପରିଷଦ ସଭାପତି ରାଜେଶ ବାରିକ, ପ୍ରାକ୍ତନ ସଭାପତି ଅମୀୟ ଜେନା, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ହରିହର ସାହୁ, ପରିବେଶବିତ୍ ଉପେନ୍ଦ୍ର ରାଉତ ମଞ୍ଚାସୀନ ଥିଲେ । ଜିରାଳ ସରକାରୀ ଉଚ୍ଚ ବିଦ୍ୟାଳୟର ଶାରୀରିକ ଶିକ୍ଷକ ବିପିନୀ ବିହାରୀ ସାହୁ ମଞ୍ଚ ପରିଚାଳନା କରିଥିଲେ । ଗଁଦିଆ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ ।

ଜାତୀୟସ୍ତରୀୟ ପଲ୍ଲିଶ୍ରୀ ମେଳା

୫ ଦିନରେ ୯୬ ଲକ୍ଷ ୮୩ ହଜାର ଟଙ୍କାର ବିକ୍ରି

ଢେଙ୍କାନାଳ,୩୧ ।୧୦(ସମିସ): ମହିଷାପାଟସ୍ଥିତ ପଲ୍ଲିଶ୍ରୀ ମେଳା ପଡ଼ିଆରେ ଚାଲିଥିବା ଜାତୀୟସ୍ତରୀୟ ପଲ୍ଲିଶ୍ରୀ ମେଳରେ ୫ ଦିନରେ ମୋଟ ୯୬ଲକ୍ଷ ୮୩ ହଜାର ୩ ଶହ ଟଙ୍କାର କାରବାର ହୋଇଥିବା ଜଣାପଡ଼ିଛି । ପ୍ରଥମ ଦିନରେ ୧୪ଲକ୍ଷ ୮୨ ହଜାର ୬ଶହ ଟଙ୍କା, ଦ୍ୱିତୀୟ ଦିନରେ ୯ଲକ୍ଷ ୨୨ ହଜାର, ତୃତୀୟ ଦିନରେ ୪ଲକ୍ଷ ୧୨ ହଜାର ୨ଶହ, ଚତୁର୍ଥ ଦିନ ୨୧ଲକ୍ଷ ୭୮ ହଜାର ୬ଶହ ଏବଂ ୫ମ ଦିନରେ ୪୬ଲକ୍ଷ ୮୭ ହଜାର ୯ଶହ ଟଙ୍କାର ସାମଗ୍ରୀ ବିକ୍ରି ହୋଇଛି । ଏହି ମେଳା ନଭେମ୍ବର ୧ ତାରିଖ ପର୍ଯ୍ୟନ୍ତ ଚାଲିବ । ଓଡ଼ିଶା ଗ୍ରାମୀଣ ଉନ୍ନୟନ ଓ ବିପଣନ ସମିତି (ଓରମାସ୍) ଭୁବନେଶ୍ୱର ଏବଂ ଢେଙ୍କାନାଳ ଜିଲ୍ଲା ପ୍ରଶାସନ ମିଳିତ ଆୟୋଜନରେ ଏହି ମେଳାରେ ପଞ୍ଚାୟତିରାଜ ବିଭାଗ, ହସ୍ତଶିଳ୍ପ ଓ କୁଟୀରଶିଳ୍ପ ବିଭାଗ, ମିଶନଶକ୍ତି ଏବଂ ବୟନଶିଳ୍ପ ବିଭାଗ ସହଯୋଗୀ ଭାବେ ସାମିଲ ହୋଇଛନ୍ତି । ଚଳିତବର୍ଷ ମେଳାରେ ୧୫ ରାଜ୍ୟ, ଓଡ଼ିଶାର ୩୦ ଜିଲ୍ଲା, ୩୫୨ ଗୋଷ୍ଠୀ ଓ ଅନୁଷ୍ଠାନରୁ ମୋଟ ୬୫୮ ଜଣ ଅଂଶଗ୍ରହଣ କରିଛନ୍ତି । ମେଳାରେ ୨୭୫ ବିକ୍ରୟ ଓ ପ୍ରଦର୍ଶନୀ ଷ୍ଟଲ୍, ୨୮ ଖାଦ୍ୟ ଷ୍ଟଲ୍ ଏବଂ ୫ ସୁଭଦ୍ରା ଶକ୍ତି ଫୁଡ୍ ଷ୍ଟଲ୍ ସ୍ଥାନ ପାଇଛି । ଷ୍ଟଲଗୁଡ଼ିକରେ ବିଭିନ୍ନ ରାଜ୍ୟର ପାରମ୍ପରିକ ହସ୍ତତନ୍ତ, ହସ୍ତଶିଳ୍ପ, ଘରୋଇ ଉତ୍ପାଦ, ଖାଦ୍ୟ ସାମଗ୍ରୀ ଓ ଗ୍ରାମୀଣ ଉଦ୍ୟୋଗର ଉତ୍ପାଦ ପ୍ରଦର୍ଶନ ସହ ବିକ୍ରି କରାଯାଉଛି । ତେଲଙ୍ଗାନାର ପଞ୍ଚମପାଲି ହସ୍ତତନ୍ତ, ପଶ୍ଚିମବଙ୍ଗର ବାଉଁଶ ତନ୍ତୁରେ ପ୍ରସ୍ତୁତ ହସ୍ତତନ୍ତ ଓ ଶୁଖିଲା ଫୁଲ, ତାମିଲନାଡୁର ଶାଢ଼ି ଓ ହସ୍ତତନ୍ତ, ମଣିପୁରର ଉଲ୍ ଉତ୍ପାଦ, ଆସାମର ବାଉଁଶ ହସ୍ତଶିଳ୍ପ, କର୍ଣ୍ଣାଟକର ମହୀଶୂର ଚନ୍ଦନ ଧୂପ ଏବଂ ଜମ୍ମୁକଶ୍ମୀରର ହସ୍ତତନ୍ତ ସାମଗ୍ରୀ ରହିଛି ।

ଡିଆଇଜିଙ୍କ ଲକ୍ଷ୍ମୀପୂଜା ମଣ୍ଡପ ପରିଦର୍ଶନ

ଢେଙ୍କାନାଳ,୩୧ ।୧୦(ସମିସ): ଢେଙ୍କାନାଳ ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜା ଅବସରରେ ଉତ୍ତର-କେନ୍ଦ୍ରାଞ୍ଚଳ ଡିଆଇଜି ଆଶିଷ କୁମାର ସିଂ ଏବଂ ଢେଙ୍କାନାଳ ଏସପି ଆଜିଙ୍କ୍ୟ ବାବୁରାଓ ମାଣେ ଖମାରସାହି ପୂଜା ମଣ୍ଡପରେ ମା' ଗଜଲକ୍ଷ୍ମୀଙ୍କୁ ପୂଜାର୍ଚ୍ଚନା କରିଛନ୍ତି । ଶାନ୍ତିଶୃଙ୍ଖଳା ସହ ଢେଙ୍କାନାଳର ବିଶ୍ୱପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜା ସମ୍ପନ୍ନ ପାଇଁ ମା' ଲକ୍ଷ୍ମୀଙ୍କ ପାଖରେ ପ୍ରାର୍ଥନା କରିଛନ୍ତି ।

ଶିଶୁ ଶ୍ରମିକମୁକ୍ତ ସମାଜ ପାଇଁ ୪୪ ଦିନିଆ ସଚେତନତା ଅଭିଯାନ



ଢେଙ୍କାନାଳ,୩୧ ।୧୦(ସମିସ): ଢେଙ୍କାନାଳ ଜିଲ୍ଲାକୁ ଶିଶୁଶ୍ରମିକମୁକ୍ତ କରିବା ପାଇଁ ୪୪ ଦିନିଆ ସଚେତନତା ଅଭିଯାନ ଅନୁଷ୍ଠିତ ହୋଇଛି । ଶିଶୁଶ୍ରମ ପ୍ରଥାର ସମ୍ପୂର୍ଣ୍ଣ ଉଚ୍ଛେଦ ଲକ୍ଷ୍ୟରେ ଜିଲ୍ଲା ଶ୍ରମ ବିଭାଗ ଓ ଜିଲ୍ଲା ପ୍ରଶାସନ ମିଳିତ ଆନୁକୂଲ୍ୟରେ ଏହି ସ୍ୱତନ୍ତ୍ର ସଚେତନତା ଅଭିଯାନ ଚାଲୁ ରହିଛି । ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରୁ ଆରମ୍ଭ ହୋଇଥିବା ଏହି ଅଭିଯାନ ନଭେମ୍ବର ୧୪ ଶିଶୁଦିବସ ପର୍ଯ୍ୟନ୍ତ ଜିଲ୍ଲାର ସମସ୍ତ ପଞ୍ଚାୟତରେ ଚାଲୁ ରହିବ । ଏହି ପରିପ୍ରେକ୍ଷୀରେ ଶନିବାର ପୂର୍ବାହ୍ନରେ ଢେଙ୍କାନାଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସମ୍ମିଳନୀ କକ୍ଷରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଥିଲା । ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀ ବୈଠକରେ ଅଧ୍ୟକ୍ଷତା କରିଥିଲେ । ପ୍ରଭାଗୀୟ ଶ୍ରମ ଆୟୁକ୍ତ ମୋନାଲିସା ନାୟକ, ଶିଶୁ କଲ୍ୟାଣ କମିଟି ଅଧ୍ୟକ୍ଷ ଗୋଲେଖ ବିହାରୀ ପାଣିଗ୍ରାହୀଙ୍କ ସମେତ ଏସ୍‌ପି, ଜନସ୍ୱାସ୍ଥ୍ୟ ଅଧିକାରୀ, ଜିଲ୍ଲା ଶିଶୁ ମଙ୍ଗଳ କମିଟି ସଦସ୍ୟ, ଜିଲ୍ଲା ନିଯୋଜନ ଅଧିକାରୀ, ବ୍ଲକ୍ ଶିକ୍ଷା ଅଧିକାରୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଜିଲ୍ଲା କଲ୍ୟାଣ ଅଧିକାରୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଏବଂ ସହକାରୀ ଶ୍ରମ ଅଧିକାରୀ ପ୍ରମୁଖ ବିଭିନ୍ନ ବିଭାଗର ଅଧିକାରୀ ଯୋଗଦେଇଥିଲେ । ଏଥିସହ ସ୍ୱେଚ୍ଛାସେବୀ ସଂଗଠନ, ଟ୍ରେଡ୍ ୟୁନିୟନ, ଶିଳ୍ପ ଓ ବାଣିଜ୍ୟ ସଂସ୍ଥା, ଷ୍ଟୋନ୍ କ୍ରସର, ଧାନ ମିଲ୍ ମାଲିକ ସଂଘ ଏବଂ ଅନ୍ୟ ଅଂଶୀଦାରମାନେ ଉପସ୍ଥିତ ଥିଲେ । ୧୪ ବର୍ଷରୁ କମ୍ ବୟସ୍କ ଶିଶୁଙ୍କୁ କୌଣସି ଶ୍ରମ କାର୍ଯ୍ୟରେ ନିୟୋଜିତ ନ କରିବା, ୧୪ରୁ ୧୮ ବର୍ଷ ବୟସ୍କ କିଶୋରଙ୍କୁ ବିପଦସଙ୍କୁଳ କାର୍ଯ୍ୟରେ ନିୟୋଜନରୁ ଦୂରେଇ ରଖିବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ଏହି ନିୟମ ଉଲ୍ଲଂଘନ ହେଲେ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ଆଲୋଚନା ହୋଇଥିଲା । ଅଭିଯାନକୁ ତୃଣମୂଳ ସ୍ତରରେ ପହଞ୍ଚାଇବା ପାଇଁ ଜିଲ୍ଲା ଶ୍ରମ ବିଭାଗ ପକ୍ଷରୁ ଏକ ସଚେତନତା ରଥ ଶୁଭାରମ୍ଭ କରାଯାଇଛି । ଏହି ରଥ ଜିଲ୍ଲାର ସମସ୍ତ ବ୍ଲକ୍, ଏନ୍‌ଏସି, ପୌରପାଳିକା ପରିକ୍ରମା କରି ଶିଶୁଶ୍ରମିକ ପ୍ରଥା ବିରୋଧରେ ସଚେତନତା ସୃଷ୍ଟି କରିବା ସହ ପ୍ରଚାରପତ୍ର ବଣ୍ଟନ କରିବ ବୋଲି କୁହାଯାଇଛି । କୌଣସି ସ୍ଥାନରେ ଶିଶୁଶ୍ରମିକ ନିୟୋଜିତ ହୋଇଥିଲେ ତୁରନ୍ତ ଚାଇଲ୍ଡ ହେଲ୍ପଲାଇନ୍ ନମ୍ବର ୧୦୯୮ କିମ୍ବା ନିକଟସ୍ଥ ଶ୍ରମ କାର୍ଯ୍ୟାଳୟରେ ସୂଚନା ଦେବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ନିବେଦନ କରାଯାଇଛି । ଜିଲ୍ଲା ଶ୍ରମ ଅଧିକାରୀ ତପନ କୁମାର ସୂତାର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

ନିଶାମୁକ୍ତ ଭାରତ ଅଭିଯାନ



ଖଜୁରିଆକଟା,୩୧ ।୧୦(ସମିସ): ହିନ୍ଦୋଳ ଉପଖଣ୍ଡ ବାଲିମି ଥାନା ଅଭ୍ୟର୍ଥନା ଗୃହରେ ଥାନାଧିକାରୀ ଚାରୁଲତା ବେହେରାଙ୍କ ଅଧ୍ୟକ୍ଷତାରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ଅବସରରେ ଜାତୀୟ ଏକତା ଦିବସ ପାଳିତ ହୋଇଛି । ଏଥିସହ ନିଶାମୁକ୍ତ ଭାରତ ଅଭିଯାନ ଅନୁଷ୍ଠିତ ହୋଇଛି । ସମାଜକୁ ନିଶାମୁକ୍ତ କରିବା ପାଇଁ ବାଲିମି ଥାନା ଆମ ପୁଲିସ ସମିତିର ସଦସ୍ୟମାନେ ଶପଥପାଠ କରିଥିଲେ । ଥାନାର ସମସ୍ତ କର୍ମଚାରୀ ଓ ସମିତିର ସଦସ୍ୟ ସଦସ୍ୟା ଥାନା ପରିସର ସଫେଇ କରିଥିଲେ । ଏଏସ୍‌ଆଇ ମାମିନା ମିଶ୍ର ଧନ୍ୟବାଦ ଦେଇଥିଲେ ।

ଦୁର୍ଘଟଣାରେ ବାଇକ୍ ଆରୋହୀ ଗୁରୁତର

ଖଜୁରିଆକଟା,୩୧ ।୧୦(ସମିସ): ପୁରୁଣା କଟକ-ସମ୍ବଲପୁର ରାସ୍ତାର ହିନ୍ଦୋଳ ଉପଖଣ୍ଡ ରସୋଳ ବଜାର ନିକଟରେ ଶନିବାର ପୂର୍ବାହ୍ନ ୧୦ଟାରେ ସାଇକଲ ଓ ବାଇକ୍ ଧକ୍କା ହେବାରୁ ବାଇକ୍ ଆରୋହୀ ଗୁରୁତର ଆହତ ହୋଇଛନ୍ତି । ସେ ହେଲେ ରାସୋଳ ଥାନା ନୂଆପାଟଣା ତଳସାହିର ଦଣ୍ଡଧର ସାହୁଙ୍କ ପୁଅ ଶ୍ରୀକାନ୍ତ ସାହୁ (୩୫) । ଶ୍ରୀକାନ୍ତ ବାଇକ୍ ଯୋଗେ ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଏକ ସାଇକଲ ମୁହାଁମୁହିଁ ଧକ୍କା ହୋଇଥିଲେ । ଆମ୍ବୁଲାନ୍ସ ଯୋଗେ ତାଙ୍କୁ ପ୍ରଥମେ ହିନ୍ଦୋଳ ଉପଖଣ୍ଡ ଡାକ୍ତରଖାନା ନିଆଯାଇଥିଲା । ଅବସ୍ଥା ଗୁରୁତର ଥିବାରୁ ଅନୁଗୋଳ ଜିଲ୍ଲା ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି । ଅପରପକ୍ଷରେ ସାଇକଲ ଆରୋହୀ ସମ୍ପୂର୍ଣ୍ଣ ସୁରକ୍ଷିତ ଅଛନ୍ତି ।

■ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'

ଜିଲ୍ଲା ସ୍ତରକୁ ୩୧ ପ୍ରତିଯୋଗୀ ଉନ୍ନୀତ



ଭୁବନ,୩୧ ।୧୦(ସମିସ): ଛାତ୍ରଛାତ୍ରୀଙ୍କ ମଧ୍ୟରେ ଲୁକ୍କାୟିତ ପ୍ରତିଭାର ବିକାଶ ସହ ସୃଜନଶୀଳତା, ସାଂସ୍କୃତିକ ଐତିହ୍ୟ ଓ କଳାକୌଶଳର ପ୍ରଦର୍ଶନ ନିମନ୍ତେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ନୂଆ ଭୁବନ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି । ବିଇଓ ଅକ୍ଷୟିତା ପ୍ରିୟଦର୍ଶିନୀ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ଭୁବନ ପଞ୍ଚାୟତ ସମିତି ଅଧ୍ୟକ୍ଷା ସିପ୍ରା ବରାଳ ମୁଖ୍ୟଅତିଥି, ନଗରପାଳ ଶୁଭେନ୍ଦୁ ସାହୁ ମୁଖ୍ୟବକ୍ତା, ବିଡିଓ ଆୟୁଷୀ ମହାପାତ୍ର ସ୍ୱତନ୍ତ୍ର ଅତିଥି ଏବଂ ମାନିନୀ ସାହୁ ଓ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନରେଶ କୁମାର ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଅପରାହ୍ନରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ସ୍ଥାନୀୟ ବିଧାୟକ ଶତ୍ରୁଘ୍ନ ଜେନା ମୁଖ୍ୟଅତିଥି, ପୂର୍ବତନ ପରିଚାଳନା କମିଟି ସଭାପତି ବିପିନ ବିହାରୀ ସେଠି ମୁଖ୍ୟବକ୍ତା, ଏବିଇଓ ଦୁଷ୍ମନ୍ତ ମିଶ୍ର, ସୁମିତ ପ୍ରଧାନ, ଆଲୁମ୍‌ନି ସଭାପତି ଅମ୍ବୁଜା ସାହୁ, କାଉନସିଲର କୃପାସିନ୍ଧୁ ବେହେରା, ସୁବାସ ମହାରଣା ଓ ନନ୍ଦକିଶୋର ଧୀର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଏଥିରେ ବ୍ଲକର ୧୭ କ୍ଲଷ୍ଟରରୁ ମୋଟ ୪୦୧ ପ୍ରତିଯୋଗୀ ସଙ୍ଗୀତ, ବକ୍ତୃତା, ନୃତ୍ୟ, ଚିତ୍ରକଳା, ପତ୍ରଲିଖନ ଓ କୁଇଜ୍ ଆଦି ବିଭିନ୍ନ ପ୍ରତିଯୋଗିତାରେ ଭାଗନେଇ ପ୍ରତିଭା ପ୍ରଦର୍ଶନ କରିଥିଲେ । ୩୧ ପ୍ରତିଯୋଗୀ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି । ବକ୍ତୃତାରେ ଇପ୍ସିତା ସାହୁ, ପ୍ରବନ୍ଧରେ ଲିସା ମଲ୍ଲିକ, ସଙ୍ଗୀତରେ ଐତିଶ୍ରୀ ବେହେରା ଓ ଚିତ୍ରକଳାରେ ପରସ୍ମିତା ତ୍ରିପାଠୀ ପ୍ରଥମ ସ୍ଥାନ ଅଧିକାର କରି ଜିଲ୍ଲାସ୍ତରୀୟ ପ୍ରତିଯୋଗିତାକୁ ଉନ୍ନୀତ ହୋଇଛନ୍ତି । ଗୁରୁପ୍ରସାଦ ମିଶ୍ର ମଞ୍ଚ ପରିଚାଳନା କରିଥିବା ବେଳେ ପ୍ରଧାନଶିକ୍ଷକ ଖଗେଶ୍ୱର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

୪୨ତମ ପିଙ୍ଗୁଆ କପ୍ କ୍ରିକେଟ

ଜଗତସିଂହପୁରକୁ ହରାଇ ଢେଙ୍କାନାଳ ଚାମ୍ପିଅନ

ଗଁଦିଆ,୩୧ ।୧୦(ସମିସ)



ଗଁଦିଆ ବ୍ଲକ ପିଙ୍ଗୁଆ ପଞ୍ଚାୟତ ହାଇସ୍କୁଲ ଖେଳ ପଡ଼ିଆରେ ଚାଲିଥିବା ୪୨ତମ ପିଙ୍ଗୁଆ କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଛି । ରୋମାଞ୍ଚକର ଫାଇନାଲ ମ୍ୟାଚ୍‌ରେ ଜଗତସିଂହପୁର ଧୋନି ଇଲେଭେନ୍‌କୁ ପରାସ୍ତ କରି ଢେଙ୍କାନାଳ ରୟାନ ଇଲେଭେନ୍ ଚାମ୍ପିଅନ ହୋଇଛି । ଟସ୍ ଜିତି ଢେଙ୍କାନାଳ ଦଳ ପ୍ରଥମେ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା । ଜଗତସିଂହପୁର ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୮ ଓଭରରେ ୭ ୱିକେଟ୍ ହରାଇ ୨୨୫ ରନ୍ ସଂଗ୍ରହ କରିଥିଲା । ଏହାର ଜବାବରେ ଢେଙ୍କାନାଳ ଦଳ ଆକର୍ଷଣୀୟ ବ୍ୟାଟିଂ ପ୍ରଦର୍ଶନ କରି ୧୬.୨ ଓଭରରେ ୬ ୱିକେଟ୍ ହରାଇ ୨୩୦ ରନ୍ ସଂଗ୍ରହ କରି ବିଜୟ ମୁକୁଟ ପିନ୍ଧିଥିଲା ।

ଉଦ୍‌ଯାପନୀ ଉତ୍ସବରେ ସମାଜସେବୀ ରାମଚନ୍ଦ୍ର ପାତ୍ର ମୁଖ୍ୟଅତିଥି, ବୁଦ୍ଧଦେବ ପ୍ରଧାନ ମୁଖ୍ୟବକ୍ତା, ଶିକ୍ଷାବିତ୍ କୈଳାସ ସାହୁ, ସମିତି ସଭ୍ୟ ଶ୍ରୀନିବାସ ସାହୁ, ପୂର୍ବତନ ସରପଞ୍ଚ ସୁଧୀର ସାହୁ, ଦୀପ୍ତିରଞ୍ଜନ ମହାଲିକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଦୀପାଂଶୁ ତ୍ରିପାଠୀ ଓ ବିପ୍ରବର ସେଠୀ ମ୍ୟାଚ୍ ପରିଚାଳନା କରିଥିବା ବେଳେ ପ୍ରମୋଦ କୁମାର ସାହୁ ଧାରାବିବରଣୀ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଗୌରାଙ୍ଗ ବେହେରା ମଞ୍ଚ ପରିଚାଳନା କରିଥିଲେ । ଆୟୋଜକ କମିଟି ସଭାପତି ପୀତବାସ ବାରିକ ଆୟୋଜିତ ସଭାରେ ଅଧ୍ୟକ୍ଷତା କରିଥିବା ବେଳେ ସମ୍ପାଦକ କେଶବ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ । ପୁରସ୍କାର ବିତରଣୀ ଉତ୍ସବରେ ଚନ୍ଦନ ମହାପାତ୍ରଙ୍କୁ ଶୃଙ୍ଖଳାର ଶ୍ରେଷ୍ଠ ଖେଳାଳି ଏବଂ ଗୁଡୁ ନନ୍ଦଙ୍କୁ ଫାଇନାଲ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରାଯାଇଥିଲା ।